ଜାନୁଆରୀ ୨୦୧୯ • ୩୦ ଟଙ୍କା

ଆମ ମାଟିର ସ୍ୱର





New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ଚତୁର୍ଥ ସଂଖ୍ୟା, ଜାନୁଆରୀ, ୨୦୧୯ ■ Vol-1, Issue-4, January, 2019




ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | Er. Rabindra Kumar Jena





ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | Mrs. Subasini Jena

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

■

ଅଳଂକରଣ ବିଭାଗ

- ଚିତ୍ରକଳା : ଡକ୍ଟର ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

ସମ୍ପାଦକୀୟ କାର୍ଯ୍ୟାଳୟ

ସମ୍ପାଦିକା : ରେବତୀ

ଓ.ଟି. ରୋଡ୍, ବାଲେଶ୍ୱର

ପିନ୍- ୭୫୬୦୦୧

ଫୋନ୍ : ୯୪୩୭୦୮୦୦୦୩

୭୦୦୮୮୪୫୯୨୦

Editorial Office

Editor : Rebati Ama Matira Swara

O.T. Road, Balasore

Pin - 756001, Odisha

Phone : 9437080003

7008845920

E-mail : rebati.rebati2018@gmail.com

## ବାଂଲାଦେଶରେ ପ୍ରଶଂସିତ ହେଲା 'ରେବତୀ' : "ଜାତୀୟସ୍ତରର କିଛି ପତ୍ରିକା ସହ ସମକକ୍ଷ", କହିଲେ ବାଂଲାଦେଶୀ ଲେଖକ-ଶିଳ୍ପୀକୁଳ



● ବାଂଲାଦେଶର ବିଶିଷ୍ଟ ଶିଶୁ ସାହିତ୍ୟିକ **ହୁମାୟୂନ୍ କବୀର୍ ଢାଲି** ଏବଂ ସେଠାକାର ବିଖ୍ୟାତ ଚିତ୍ରଶିଳ୍ପୀ **ଧ୍ରୁବ ଏଷ୍**ଙ୍କ ହାତରେ **'ରେବତୀ ଆମ ମାଟିର ସ୍ୱର'** ପତ୍ରିକାଟି ଶୋଭା ପାଉଛି(ଇନ୍‌ସେଟ୍ ଫଟୋ) । ଲେଖକ ତଥା ଅନୁବାଦକ ଅଜିତ୍ ପାତ୍ର 'ରେବତୀ'କୁ ବାଂଲାଦେଶ ପଠାଇବାର ବ୍ୟବସ୍ଥା କରିଥିଲେ । ଧ୍ରୁବ ଏଷ୍ ପତ୍ରିକାଟିରେ ଲେଖା ସହିତ ଫଟୋଗୁଡ଼ିକ ଏତେ ସୁନ୍ଦର ଭାବରେ ସଜଡ଼ା ଯାଇଥିବା ଦେଖି ମୁଗ୍ଧ ହେବା ସହିତ ସମ୍ପାଦନା ମଣ୍ଡଳୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି : "ପଢ଼ି ନପାରିଲେ ମଧ୍ୟ ବାଂଲାଦେଶ ଉପରେ ଭ୍ରମଣ କାହାଣୀ ଛପା ଯାଇଥିବା ଦେଖି ଆନନ୍ଦିତ ହୋଇଛି ।" ସେହିପରି ହୁମାୟୂନ୍ କବୀର୍ ଢାଲି କହିଛନ୍ତି, "ଓଡ଼ିଶା ସହ ମୋର ନିବିଡ଼ ସମ୍ପର୍କ ରହିଛି । ଓଡ଼ିଶାର କିଛି ସୁନାମଧନ୍ୟ ସାହିତ୍ୟିକଙ୍କ ବହି ପ୍ରକାଶ କରିବା ବେଳେ ପଢ଼ିବାର ସୁଯୋଗ ପାଇଛି । ସେସବୁ କୃତି ଆକୃଷ୍ଟ କରିଛି ମଧ୍ୟ । ଓଡ଼ିଶାକୁ କେତେଥର ଯାଇଥିବା ବେଳେ ଆଜି ସେଇ ମୂଳକରୁ ପ୍ରକାଶିତ 'ରେବତୀ' ନାମରେ ଏକ ପତ୍ରିକା ପାଇ ମୁଁ ଯାହା ଦେଖୁଛି, ପ୍ରଚ୍ଛଦ ଠାରୁ ଆରମ୍ଭ କରି ସବୁ ଲେଖା ସହିତ ଫଟୋଚିତ୍ର ସୁନ୍ଦର ଭାବରେ ଖଂଜା ଯାଇ ଲେ-ଆଉଟ୍ କରାଯାଇଛି । 'ବାଂଲାଦେଶ ଭ୍ରମଣକାହାଣୀ' ପଢି ନପାରିଲେ ବି ଫଟୋଚିତ୍ରକୁ ଦେଖି ଜାଣୁଛି ବାଂଲାଦେଶର ବିଶିଷ୍ଟ ସାହିତ୍ୟିକ, ଶିଳ୍ପୀ, ଜନମାନସ, ଇତିହାସ, ଐତିହ୍ୟ, ସାହିତ୍ୟ-ଶିଳ୍ପ-ସଂସ୍କୃତି ସବୁକିଛି ସମନ୍ୱିତ ହୋଇଛି ଲେଖାରେ । ଆମ ଦେଶକଥାକୁ ଓଡ଼ିଶାରେ ତୋଳି ଧରିଥିବା ଏ ପତ୍ରିକା ଦୀର୍ଘଜୀବୀ ହେଉ । ଭ୍ରମଣ କାହାଣୀର ଲେଖକ ବନ୍ଧୁ ଅଜିତ୍ ପାତ୍ରଙ୍କୁ ଧନ୍ୟବାଦ ଓ କୃତଜ୍ଞତା । ମୋ ଜାଣିବାରେ ଓଡ଼ିଶାରୁ କିମ୍ବା ବାହାରୁ ପ୍ରକାଶିତ କିଛି ପତ୍ରିକା ସହ ସମକକ୍ଷ ଏ ପତ୍ରିକାଟି ଉଚ୍ଚମାନର ଓ ଆଗଧାଡ଼ିର ।"

**ହୁମାୟୂନ କବୀର୍ ଢାଲି ଏବଂ ଧ୍ରୁବ ଏଷ୍,** ବାଂଲାଦେଶ

## ପୁରସ୍କାର ସାହିତ୍ୟକୁ ମହାନ କରିନଥାଏ

● ଶେଷ ପୃଷ୍ଠା ଭଲ ଲାଗିଲା । ଭାରତୀୟ ସଂସ୍କୃତି ସହିଷ୍ଣୁତା ଉପରେ ପର୍ଯ୍ୟବସିତ । କିନ୍ତୁ ଏହା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବର୍ଷେ ଦୁଇ ବର୍ଷ ତଳେ ଅସହିଷ୍ଣୁତାକୁ ଆଳ କରି ଚଳଚ୍ଚିତ୍ର ଅଭିନେତା, ସାହିତ୍ୟିକ, ରାଜନେତା ଆଦି ଖ୍ୟାତନାମା ବ୍ୟକ୍ତି, ବ୍ୟବସ୍ଥା ସମୂହକୁ ଦାୟୀ କଲେ, କିଏ କିଏ ବି ପୁରସ୍କାର ଫେରାଇଲେ ।

ଏହି ଅସହିଷ୍ଣୁତାର ଯଥାର୍ଥତା କେତେ ମୁଁ ବୁଝି ପାରେନି । ସାହିତ୍ୟ ଏକ ସର୍ଜନଶୀଳତା । ଏହା ବି ଈଶ୍ୱରଙ୍କ ଦାନ । ସହିଷ୍ଣୁତାକୁ ଭିତ୍ତିକରି ଜଣେ ନିଜ ସର୍ଜନାର ପ୍ରତିଟି ଉତ୍ତରଣରେ କିଛି ଶିଖୁଥାଏ ତ ଆଗକୁ ଯାଉଥାଏ । ସମାଲୋଚନା, ଆଲୋଚନା ଆଦି ଆମକୁ ସଂଶୋଧିତ କରେ । ସମସ୍ତଙ୍କୁ ଗ୍ରହଣ କରିବା, ନିଜର ସୀମାବଧାରଣ ସମ୍ପର୍କରେ ସଚେତନ ହେବା, ଅଖଣ୍ଡ ଧୈର୍ଯ୍ୟ ବହନ କରିବା ଆଦି ଗୁଣ ସାହିତ୍ୟକୁ ମହାନ କରିଥାଏ । ପୁରସ୍କାର ନୁହେଁ କି ପ୍ରଶଂସା ନୁହେଁ । ଅନ୍ତତଃ ଆପଣଙ୍କ ପତ୍ରିକାର ସମ୍ପାଦକୀୟ ମାଧ୍ୟମରେ ସମସ୍ତ ସାହିତ୍ୟିକମାନଙ୍କ ପାଇଁ ଏହା ଏକ ବାର୍ତ୍ତା ହେଉ ।

**କୈଳାସ ମହାରଣା**
ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦

## କେଦାର ମିଶ୍ରଙ୍କ କବିତା ମୁଗ୍ଧ କଲା

● ଆଜି ପାଇଲି ଡିସେମ୍ବର ସଂଖ୍ୟା 'ରେବତୀ' । ପ୍ରଥମଥର ପାଇଁ ଦେଖିଲି 'ରେବତୀ'କୁ ଓ ଚମତ୍କୃତ ହେଲି । ପ୍ରଚ୍ଛଦ ଠୁଁ ଆରମ୍ଭ କରି ଶେଷକଥା:ସାହିତ୍ୟିକ ସହିଷ୍ଣୁତା ପର୍ଯ୍ୟନ୍ତ, ପ୍ରତ୍ୟେକଟି ପୃଷ୍ଠାରେ ଉତ୍ତମ ସମ୍ପାଦନାର ଛାପ ସୁସ୍ପଷ୍ଟ । କବି କେଦାର ମିଶ୍ରଙ୍କ କବିତା 'ଭାତ ବିଷୟରେ ଯେଉଁ କବିତା ଲେଖା ଯାଇପାରିଲା ନାହିଁ' ମୁଗ୍ଧ କଲା । କବିଙ୍କୁ ଅଭିନନ୍ଦନ ଓ ରୁଚିପୂର୍ଣ୍ଣ ଏଇ ପାରିବାରିକ ଫିଚର୍ ପତ୍ରିକା ପାଇଁ ସମ୍ପାଦନା ମଣ୍ଡଳୀଙ୍କୁ ସାଧୁବାଦ ।

**କେ. ଶ୍ୟାମବାବୁ ଦୋରା**
ବ୍ରହ୍ମପୁର

## ଅନୀଲ ପାଢୀଙ୍କ ଗଳ୍ପ ଭଲ ହୋଇଛି

● ଅନୀଲ ବାବୁଙ୍କ ଗଳ୍ପ ଖୁବ୍ ଭଲ ହୋଇଛି । ଏବେକା ସମୟର ବାସ୍ତବ ଚିତ୍ର । ଗଳ୍ପ ପାଇଁ ଅନେକ ଶୁଭେଚ୍ଛା ତାଙ୍କୁ । ନଭେମ୍ବର ସଂଖ୍ୟା 'ରେବତୀ' ଏଯାଏଁ କିଣି ପାରିନି ମୁଁ । ତେଣୁ ପତ୍ରିକା ଆଣିବା ପରେ ଅନ୍ୟ ଲେଖା ଗୁଡ଼ିକ ପଢ଼ିବି ।

**ପ୍ରବୀଣା ମହାନ୍ତି**
ଭୁବନେଶ୍ୱର

## ଶିଶୁସାହିତ୍ୟ ପାଇଁ ପୃଷ୍ଠାଏ ରହୁ

● ମୋର ପ୍ରଣାମ ଜାଣିବେ । 'ରେବତୀ' ପ୍ରକାଶନର ଦୁଇଟି ଯାକ ସଂଖ୍ୟା ଆମୂଳଚୂଳ ପଢ଼ିଲି । କି ଚମତ୍କାର ପରିକଳ୍ପନା ! ବିଶ୍ୱାସ କରିହେଉନି । ସାଧାରଣ ଜନଜୀବନର ଚିତ୍ର ଓ ଚରିତ୍ରକୁ ନେଇ ସମୃଦ୍ଧ ହୋଇଛି ଏ ପତ୍ରିକାଟି । ଏ ମାଟିର କଥାକୁ ଆପଣ ଲେଖକଲେଖିକାଙ୍କ ଲେଖନୀରେ ଯେପରି ଭାବେରେ ଉପସ୍ଥାପିତ କରାଇଛନ୍ତି, ସେଥିପାଇଁ ଆପଣଙ୍କ ଉଦ୍ୟମକୁ ପ୍ରଶଂସା ନକରି ରହି ହେଉନି ।

କଳା ସାହିତ୍ୟ-ଧର୍ମ-ସଂସ୍କୃତି ଓ ପର୍ଯ୍ୟଟନକୁ ନେଇ ବେଶ୍ ସୁଖପାଠ୍ୟ ହୋଇଛି 'ରେବତୀ' । ସବୁଠୁ ବଡ଼ କଥା ହେଉଛି ନୂତନତ୍ୱର ବାସ୍ନାରେ ମହମହ ଗହଗହ ପ୍ରତ୍ୟେକଟି ପୃଷ୍ଠା । ନୂତନ ପିଢ଼ି ମଧ୍ୟ ସେମାନଙ୍କ କରିସ୍ମା ଦେଖାଇବାର ବିରଳ ପ୍ଲାଟ୍‌ଫର୍ମଟିଏ ପାଇ ପାରିଛନ୍ତି । ଲେ-ଆଉଟ୍ ଡିଜାଇନ୍ ଓ ରଂଜନ ସାର୍‌ଙ୍କ ଚିତ୍ରକଳାକୁ ତାରିଫ୍ ନକରି ରହିପାରୁନାହିଁ ।

ସବୁବର୍ଗର ପାଠକ 'ରେବତୀ' ଉପରେ ନିଜର ହକ୍ ଜାହିର୍ କରୁଥିବା ବେଳେ ଶିଶୁମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ସୁତରାଂ ଶିଶୁସାହିତ୍ୟ ପାଇଁ ଅନ୍ତତଃ ଦୁଇଟି ପୃଷ୍ଠା ରଖନ୍ତୁ । ପ୍ରଚ୍ଛଦ କଳା ତ ସଂପୂର୍ଣ୍ଣ ନିଆରା, ଯାହାକି କହିଦେଉଛି ମାଟି-ପାଣି-ପବନର କଥା । ଏପରି ଏକ ସୁନ୍ଦର ପତ୍ରିକାର ପରିକଳ୍ପନା ପାଇଁ ସମ୍ପାଦନା ମଣ୍ଡଳୀକୁ ଏବଂ ମାର୍ଗଦର୍ଶକ ଇଂ ରବୀନ୍ଦ୍ର କୁମାର ଜେନାଙ୍କୁ ଗଭୀର କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ପତ୍ରିକାର ସଫଳତା କାମନା କରୁଛି ।

**ସଂଗ୍ରାମ କେଶରୀ ପୃଷ୍ଟି**
ଶିକ୍ଷକ, କିଶୋର ନଗର ହାଇସ୍କୁଲ,
ରାଜକିଶୋର ନଗର, ଅନୁଗୋଳ

## ଭଲ ଫିଚର୍ ପାଇଁ ମନେ ରହିବ

● ଡିସେମ୍ବର ସଂଖ୍ୟାଟି ଆକର୍ଷଣୀୟ ଓ ମନଛୁଆଁ । ଭାଗିରଥି ଦାସଙ୍କ ବିଷୟରେ ଅନେକ କଥା ଜାଣିବାକୁ ମିଳିଲା । ଏକଦା ଓଡ଼ିଶାର ଘରେ ଘରେ ପରିଚିତ ଔପନ୍ୟାସିକ ଥିଲେ ସେ । ତାଙ୍କ ସଂପର୍କରେ ସବିଶେଷ ତଥ୍ୟ ସମ୍ବଳିତ ଲେଖାଟେ ଦେଇଥିବାରୁ ଧନ୍ୟବାଦ । 'ରେବତୀ' ପ୍ରାୟ ପ୍ରତ୍ୟେକ ବିଭାଗରେ ଖୁବ୍ ଭଲ କିଛି ଫିଚର୍ ଦେଉ ଥିବାରୁ ପତ୍ରିକାଟି ସୁଖପାଠ୍ୟ ହେଉଛି ।

**ହିମାଂଶୁ ଶେଖର ଦାସ**
ବାଲେଶ୍ୱର

## 'ଶେଷକଥା' ଉପାଦେୟ ଲେଖା

● 'ରେବତୀ'ର ଶେଷକଥାରେ ସ୍ଥାନିତ 'ସାହିତ୍ୟିକ ସହିଷ୍ଣୁତା' ଏକ ବିଶେଷ ଉପାଦେୟ ଲେଖା । ବର୍ତ୍ତମାନ ସମାଜରେ ଅସହିଷ୍ଣୁତା ଯେମିତି ସମସ୍ତଙ୍କୁ କବଳିତ କରି ରଖିଛି, କେବଳ ସାହିତ୍ୟ ନୁହେଁ ପ୍ରତ୍ୟେକ କ୍ଷେତ୍ରରେ ଅସହିଷ୍ଣୁତା ଭରିରହିଛି ! ମାତ୍ର ଜଣେ ସାହିତ୍ୟିକ ସାଧାରଣ ମଣିଷ ଠାରୁ କିଛିଟା ସ୍ୱତନ୍ତ୍ର ହୋଇଥିବାରୁ ସାହିତ୍ୟରେ ଏସବୁ ନ ରହିବା ଉଚିତ୍ ।

**ବିରାଜଲକ୍ଷ୍ମୀ ମହାନ୍ତି,**
କଟକ

## ନିଖୁଣ ସଂପାଦନା 'ରେବତୀ'କୁ ଅପ୍ରତିଦ୍ୱନ୍ଦ୍ୱୀ କରିବ

● 'ରେବତୀ'ର ପରିପାଟୀ, ବିଷୟ ଚୟନ, ସମ୍ପାଦନା ବେଶ୍ ନିଖୁଣ ଓ ନିପୁଣ । ଏଥିପାଇଁ ପତ୍ରିକାର ସମ୍ପାଦନାମଣ୍ଡଳୀ ବିଶେଷକରି ସହଯୋଗୀ ସମ୍ପାଦକ ସୁସାହିତ୍ୟିକ କୃଷ୍ଣ କୁମାର ମହାନ୍ତିଙ୍କୁ ମୋର ଧନ୍ୟବାଦ । ପତ୍ରିକାଟି ରୁଚିପୂର୍ଣ୍ଣ ଓ ଅନନ୍ୟ କରି ପ୍ରକାଶ କରିଥିବା ହେତୁ ତାଙ୍କର ନିଷ୍ଠା ଆଉ ଅଭିନିବେଶ ପ୍ରଶଂସାଯୋଗ୍ୟ । ବ୍ୟକ୍ତିଗତ ଭାବେ ମୋତେ ଖୋଜି ଲୋଡ଼ି ମୋ ବହି ସମ୍ପର୍କରେ ଆଗ୍ରହ ପ୍ରକାଶ କରି ପତ୍ରସ୍ଥ କରିଥିବାରୁ ତାଙ୍କୁ, କେ. ଶ୍ୟାମବାବୁ ଦୋରାଙ୍କୁ ଏବଂ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନାଙ୍କୁ ମୁଁ ସାଧୁବାଦ ଜଣାଉଛି । କୃଷ୍ଣ ବାବୁଙ୍କ ଆଗ୍ରହ ଅପ୍ରତିରୋଧ୍ୟ, ଅତୁଳନୀୟ ବି ।

**ବିପିନ୍ ନାୟକ,** ବ୍ରହ୍ମପୁର

## 'ରେବତୀ' ମୋତେ ମୁଗ୍ଧ କରିଛି

● 'ରେବତୀ'ର ଦ୍ୱିତୀୟ ସଂଖ୍ୟା ପଢ଼ିଲି । ଏହା ମୋତେ ମୁଗ୍ଧ ଆଲୋଡ଼ିତ କରିଛି । ସାହିତ୍ୟର ମୁଖଶାଳା ଦେଇ ପ୍ରବେଶ କରି ହେଉଛି ସେଠାକୁ ଯେଉଁଠି ଅଛି ସାରସ୍ୱତ ସର୍ଜ୍ଜନାର ମୂଳପିଣ୍ଡ, ସ୍ରଷ୍ଟାଙ୍କର ବ୍ୟକ୍ତିତ୍ୱ, କଳା, ପରମ୍ପରା, ସ୍ଥାପତ୍ୟ । ଆଶ୍ଚର୍ଯ୍ୟ ହେଲି ସୁମନ, କମଳା ଓ ଚନ୍ଦ୍ରମାଙ୍କୁ ଚିହ୍ନି । ତାଙ୍କର ଅତୁଳନୀୟ ସାମର୍ଥ୍ୟକୁ ପ୍ରଣାମ । ଗପ, କବିତା ସହିତ ଗାଁର ମଧୁର ବାସ, ବ୍ୟକ୍ତିତ୍ୱର ଜୀବନୀ ଭଲ ଲାଗିଲା । 'ରେବତୀ' ନିଜର ଲାଗିଲା, ସେ ଦୀର୍ଘାୟୁ ହେଉ । 'ରେବତୀ' ପରିବାରକୁ ଶୁଭେଚ୍ଛା ଓ କୃତଜ୍ଞତା । ସବୁଥର 'ରେବତୀ'କୁ ନୂଆ ଭାବରେ ଦେଖିବାକୁ ଇଚ୍ଛା ।

**ସୁଚେତା ମିଶ୍ର**
ଲିଡ୍ ବ୍ୟାଙ୍କ୍ ଲେନ୍, ପୁରୀ

## ସାଇତି ରଖିବା ଭଳି ପତ୍ରିକା: 'ରେବତୀ'

● 'ରେବତୀ'ର ଡିସେମ୍ବର ସଂଖ୍ୟା ପାଇଲି ଓ ପଢ଼ିଲି । ଏଥିରେ ମୋ ଦ୍ୱାରା ପ୍ରସ୍ତୁତ କୋରାପୁଟ ମାଟିର ସ୍ୱର 'କଳାକାରର ଗାଁ କୁଟୁଣିପଦର' ପ୍ରକାଶ କରି ଆପଣ ଏ ମାଟି ପ୍ରତି ଆଦର ପ୍ରକଟ କରିଛନ୍ତି । ଓଡ଼ିଶାରେ ପର୍ଯ୍ୟଟନସ୍ଥଳୀ, ବ୍ୟକ୍ତିତ୍ୱ, ନିର୍ଦ୍ଦିଷ୍ଟ ଅଞ୍ଚଳର ଖାଦ୍ୟ, ଗଳ୍ପ, କବିତାରେ ମହମହ ବାସୁଛି 'ରେବତୀ'ର ସମଗ୍ର ଅଞ୍ଚଳ । ରାଜନୀତି ରୁ ରଙ୍ଗତୂଳୀ ପର୍ଯ୍ୟନ୍ତ...ସବୁ ଛିଟାରେ ରଙ୍ଗୀନ ଆମ 'ରେବତୀ' । ସାଇତି ରଖିବା ଭଳି ପତ୍ରିକାଟିଏ । ଅଶେଷ ଧନ୍ୟବାଦ ସମ୍ପାଦକ ମଣ୍ଡଳୀଙ୍କୁ । ବିଶେଷ କରି କୃଷ୍ଣବାବୁଙ୍କ ସାଧୁ ଉଦ୍ୟମ ଓ ଆନ୍ତରିକତା ଲାଗି ଶୁଭେଚ୍ଛା ।

**ମୀନା ସ୍ୱାଇଁ,** କୋରାପୁଟ

## ଏ ସଂଖ୍ୟା ବାଗେଇଛି

● ଏଇ ଏବେ ଏବେ ପୁରୁଣା ବସଷ୍ଟାଣ୍ଡରୁ 'ରେବତୀ' ଖଣ୍ଡେ କିଣି ଆଣିଲି । ଭଲ ଲାଗିଲା । ଯାହା ଆଶା କରୁଥିଲି ସେୟା ହିଁ ହେଲା ଅର୍ଥାତ୍ ପ୍ରଥମ ସଂଖ୍ୟା ଠାରୁ ଦ୍ୱିତୀୟ ସଂଖ୍ୟା ଅନେକ ଦୃଷ୍ଟିରୁ ବାଗେଇଛି । ପ୍ରଚ୍ଛଦରୁ ଶେଷପୃଷ୍ଠା ଯାଏଁ ବାରି ହୋଇ ପଡ଼ୁଛି ଏ ବାଗେଇବାପଣ । ଆଗକୁ 'ରେବତୀ' ଆହୁରି ବାଗେଇଯିବ । ସମ୍ପାଦିକାଙ୍କୁ ଅଜସ୍ର ଶୁଭେଚ୍ଛା ।

**ଅମିତାଭ୍ ଖିଲାର,** ଭଦ୍ରକ




## ଚମତ୍କାର ପ୍ରଚ୍ଛଦପଟ୍ଟ ରେବତୀର

● ଚମତ୍କାର ପ୍ରଚ୍ଛଦପଟ୍ଟ ଓ ଲେଖାର ବିଭାବ ଦୃଷ୍ଟିରୁ ପତ୍ରିକାଟି ଖୁବ୍ ସ୍ୱାଗତ ଯୋଗ୍ୟ ହୋଇଛି । ଏହା ପତ୍ରିକା ଜଗତରେ ଏକ ଆଲୋଡ଼ନ ହେଉ ।

**ପ୍ରିୟଦର୍ଶିନୀ ମହାରଣା,** ବାଲୁଗାଁ, ଖୋର୍ଦ୍ଧା

## ସମସ୍ତ ବିଭାଗ ଅତ୍ୟନ୍ତ ମନଲୋଭା

● 'ରେବତୀ' ପତ୍ରିକା ଆଖିରେ ପଡୁପଡୁ ମନେ ପଡ଼ିଯାଏ ଫକୀରମୋହନ ସେନାପତିଙ୍କର ସେଇ କାଳଜୟୀ ଗଳ୍ପ 'ରେବତୀ' କଥା ।

ଆଜି ପୁଣିଥରେ 'ରେବତୀ' ସ୍ୱୟଂସିଦ୍ଧା ହୋଇ ସେଇ ଫକୀରମୋହନଙ୍କ ମାଟିରୁ ଉଦ୍‌ଭାସିତା

'ରେବତୀ'କୁ ଦେଖି ମୁଗ୍ଧ ହେଲି । ଏଥର କେବଳ ଗୋଟେ ଗଳ୍ପ ନୁହେଁ, ପ୍ରଚ୍ଛଦ ଠାରୁ ଆରମ୍ଭ କରି ସମସ୍ତ ବିଭାଗ ଅତ୍ୟନ୍ତ ମନୋଲୋଭା ଓ ଆକର୍ଷଣୀୟ ତଥା ସମ୍ଭ୍ରାନ୍ତୀୟ ଓ ଉପାଦେୟ ମଧ୍ୟ । ଓଡ଼ିଶାର ପତ୍ରିକା ଜଗତରେ ନିଶ୍ଚୟ ନିଜର ସ୍ୱତନ୍ତ୍ରତା ବଜାୟ ରଖିବ ।

ପରିଚାଳନା ସମ୍ପାଦକ ଶ୍ରୀ କୃଷ୍ଣ କୁମାର ମହାନ୍ତିଙ୍କୁ ଅଶେଷ କୃତଜ୍ଞତା ଓ ବଧେଇ । ତାଙ୍କର କରଣୀରେ ପତ୍ରିକାଟିର ପରିପାଟୀ ଉଜ୍ଜ୍ୱଳ ଦିଶୁଛି । ତାଙ୍କର ଅବଦାନ ନିଶ୍ଚିତ ରୂପେ ଅତୁଳନୀୟ ଏ ପତ୍ରିକା ପାଇଁ । ଯେମିତି 'ରେବତୀ' ଗଳ୍ପଟି ସମସ୍ତଙ୍କ ହୃଦୟରେ ଆଜି ବି ବିରାଜମାନ କରିଛି, ସେମିତି 'ରେବତୀ' ପତ୍ରିକା ଦୀର୍ଘଜୀବୀ ହେଉ । ଗେହ୍ଲୀ ହୋଇ ରହୁ ସମସ୍ତଙ୍କ ହୃଦୟରେ ଓ ସମସ୍ତଙ୍କ ଘରେଘରେ ବଞ୍ଚିରହୁ ରେବତୀ...ବାସ୍ । ଶେଷରେ ସଂପାଦିକା ସୁବାସିନୀ ଜେନାଙ୍କୁ ଏପରି ପ୍ରୟାସ ପାଇଁ ଧନ୍ୟବାଦ ।

**ନର୍ମଦା ନୀଳୋତ୍ପଳା**
ନୂଆବଜାର, ସାଇମନ୍ଦିର ପାଖ, କଟକ-୭୫୩୦୦୪

## ଭଲ ଲାଗିଲା ଶେଷକଥା

● ବହୁତ ଭଲ ରଚନା 'ଶେଷକଥା' । ଏହାର ଆଉ ଗୋଟିଏ ଦିଗ ବି ଏଥିରେ ଆସିବ କି ? ଲେଖକ ଯେତେବେଳେ ରାଜନୀତିର ହାତବାରିସି ହୋଇଯାଏ, ସେତେବେଳେ ସେ ଘୋର ଅସହିଷ୍ଣୁ ହୋଇଯାଇଥାଏ । 'ପୁରସ୍କାର ୱାପ୍‌ସୀ ଗେଙ୍ଗ୍'ରେ ସାମିଲ୍ ହୋଇ ସାହିତ୍ୟ ଅନୁଷ୍ଠାନକୁ ଅସମ୍ମାନିତ କରେ ଓ ସାହିତ୍ୟ ମହଲରେ ନିଜ ସମ୍ମାନ ହରାଇଥାଏ ।

**ରାଧୁ ମିଶ୍ର**
ରାଉରକେଲା

## ଅନେକ ବିଭାଗର ସମାହାର 'ରେବତୀ'

● ସାଧାରଣତଃ କୌଣସି ପତ୍ରିକାରେ ଏତେଗୁଡ଼ିଏ ବିଭାଗ ଦେଖା ଯାଏନାହିଁ । 'ରେବତୀ' ପତ୍ରିକାରେ କିନ୍ତୁ ଏତେ ପ୍ରକାରର ବିଭାଗ ରହିଥିବା କାରଣରୁ ଯେଉଁମାନେ କବିତା, ଗଳ୍ପ, ପ୍ରବନ୍ଧ ଆଦି ଲେଖନ୍ତି ନାହିଁ ସେମିତି ସୁଲେଖକମାନେ ବି 'ରେବତୀ'ରେ ଲେଖି ପାରିବେ । ଏଥିପାଇଁ ସମ୍ପାଦିକା ଏବଂ ସହଯୋଗୀ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଉଛି ।

**ଅଜିତ ପାତ୍ର**
ବାରିପଦା

## ପ୍ରଯତ୍ନଶୀଳତା ଓ ବୌଦ୍ଧିକତାର ପରିଚୟ ପ୍ରଦାନ କରେ ରେବତୀ

● 'ରେବତୀ ଆମ ମାଟିର ସ୍ୱର' ପତ୍ରିକାର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଅନେକ କଷ୍ଟ ସ୍ୱୀକାର କରି ପ୍ରଯତ୍ନଶୀଳତା ଓ ବୌଦ୍ଧିକତାର ପରିଚୟ ପ୍ରଦାନ ପୂର୍ବକ ଏ ସଂଖ୍ୟା ସମ୍ପାଦନା କରିଛନ୍ତି । ତାଙ୍କୁ ସାଧୁବାଦ ଓ ମୋ ପ୍ରୟାସଟିକୁ ସ୍ଥାନ ଦେଇଥିବାରୁ ଆନ୍ତରିକ ଧନ୍ୟବାଦ । 'ରେବତୀ'ର ପୂରା ପରିବାର ଏବଂ ସମ୍ପାଦିକା ସୁବାସିନୀ ଜେନାଙ୍କ ତାଙ୍କର ଏ ଅଭିଯାନ ପାଇଁ କୃତଜ୍ଞତା ଜ୍ଞାପନ କରିବା ମାଡ଼ାମ୍ ସୁବାସିନୀ ଜେନା ପ୍ରକୃତରେ ଜଣେ ଯୋଗ୍ୟ ଓ ପ୍ରକୃଷ୍ଟ ବ୍ୟକ୍ତିଙ୍କୁ ଏ କାର୍ଯ୍ୟ ପାଇଁ ଚୟନ କରିଛନ୍ତି । ତାଙ୍କୁ ସାଦର ପ୍ରଣାମ । 'ରେବତୀ', ଅପୂର୍ବ ସମ୍ପାଦନା ଶୈଳୀ ସତରେ ବିରଳ ।

**ସନ୍ତୋଷ କୁମାର ନାୟକ,** ଆସିଷ୍ଟାଣ୍ଟ ପ୍ରଫେସର୍, କୋରାପୁଟ

# ରେବତୀର ନିୟମାବଳୀ

ଆମ ମାଟିର ସ୍ୱର

- ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହିରଖୁଛି ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ ‘ରେବତୀ’ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପାଇଁ ‘ରେବତୀ’ ପକ୍ଷରୁ ଅନୁରୋଧ କରାଯାଏ । କବି ଓ ଅନୁବାଦକମାନେ ଯେକୌଣସି ଲେଖାକୁ ଓଡ଼ିଆରେ ଅନୁବାଦ କରି ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ‘ରେବତୀ’ ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- ‘ବହି-ବିଚାର’ ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।
- ‘ରୋଷେଇ’, ‘ଘରକରଣା’, ‘ବାଡ଼ିବଗିଚା’ ଓ ‘ସୌନ୍ଦର୍ଯ୍ୟ’ ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- ‘ରେବତୀ’ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ ‘ରେବତୀ’ ଦାୟୀ ରହିବ ନାହିଁ ।
- ‘ରେବତୀ’ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । ‘ରେବତୀ’ ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, ‘ରେବତୀ’, ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧

ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦

ଇ-ମେଲ୍ : rebati.rebati2018@gmail.com

## ସୂ ଚୀ ପ ତ୍ର

୧ମ ବର୍ଷ ୪ର୍ଥ ସଂଖ୍ୟା । ଜାନୁଆରୀ ୨୦୧୯ ।

# ରେବତୀ
ଆମ ମାଟିର ସ୍ୱର





◀ ମନେପଡେ ୬୬
ମାଟିର ନନ୍ଦିନୀ

ଅନୁଶୀଳନ ୧୪
ରାତି ପରି ରେବତୀ

୦୯ ସ୍ଥାନ-କାଳ-ପାତ୍ର ▶
ମଲ୍ଲିକାଶପୁରର ମହକ









ଶିକ୍ଷାୟତନ
▲ ଓଡ଼ିଶାର ଅକ୍ସଫୋର୍ଡ ରେଭେନ୍ସା ୭୮






◀ ମହାରାଷ୍ଟ୍ରିଆନଙ୍କ ଖାଦ୍ୟ ୯୭

ଗୃହିଣୀଙ୍କୁ ଟିପ୍ସ୍ ୯୯
ଗୃହ ସମସ୍ୟା ୯୧
ହସଖୁସିର ପରିବାର


ନୂଆ ବିଭାଗ


ସମ୍ପାଦିକା : **ସୁବାସିନୀ ଜେନା**

Editor : **Subasini Jena**

Published, Owned and edited by :
**Mrs. Subasini Jena**, Mansingh Bazar, Motiganj, Balasore, Pin : 756003, Odisha and Printed on behalf of **Rebati Media House Pvt. Ltd.**, Balasore at Print-Tech Offset Press, Bhubaneswar

ମୂଲ୍ୟ : **୩୦ ଟଙ୍କା ମାତ୍ର** Price : INR **30/-** Only





ଛାୟାଚିତ୍ର ୧୦୦
ସୁନାପୁଅ ସବ୍ୟସାଚୀ ▶

- **ସଂପାଦକୀୟ** : ପରିବାରରେ ନାରୀର ... ସୁବାସିନୀ ଜେନା ୦୮
- **ସ୍ଥାନ-କାଳ-ପାତ୍ର** : ମଲ୍ଲିକାଶପୁରର ମହକ ସୁବାସ ଚନ୍ଦ୍ର ପାତ୍ର ୦୯
- **ଅନୁଶୀଳନ-୧** : ବହୁବିଧ ସମ୍ଭାବନାର... ହରିଶ୍ଚନ୍ଦ୍ର ବେହେରା ୧୪
- **ଅନୁଶୀଳନ-୨** : ଚମ୍ପାଗଛରେ ବସା... କ୍ଷୀରୋଦ ଚନ୍ଦ୍ର ବେହେରା ୧୭
- **ଅନୁଶୀଳନ-୩** : ଫକୀରମୋହନଙ୍କ ବ୍ୟକ୍ତିତ୍ୱ... ଅରବିନ୍ଦ ଗିରି ୨୦
- **ଅନୁଶୀଳନ-୪** : ଫକୀରମୋହନଙ୍କ... ଜୟନ୍ତ କୁମାର ଦାସ ୨୫
- **ସ୍ମରଣୀୟ କାହାଣୀ** : ରେବତୀ ଫକୀରମୋହନ ସେନାପତି ୩୦
- **କଥା-କାହାଣୀ** : ରେବତୀ-ରେବା-ରୁବି ପ୍ରବୀଣା ମହାନ୍ତି ୩୬
- **ପଞ୍ଚତନ୍ତ୍ର କାହାଣୀ** : ଢୋଲ ଭିତରେ ପୋଲ ବିବୁଧରଂଜନ ୪୨
- **ସୁର-ସଂଗୀତ** : ସୁରସଙ୍ଗୀତର ସଂଜସକାଳ ନିମାଇଁ ମହାନ୍ତି ୪୫
- **ପଛ-ଝର୍କା** : ରାଜନୀତିର ରେଖାଚିତ୍ର ନେତାଜୀ ଅଭିନନ୍ଦନ ୪୯
- **କବି-କବିତା** : ସୁନାଝିଅ କିଏ ? ସାବିତ୍ରୀ କବି ୫୪
- **ସମକାଳ କବିତା** : କି'କାଳ ହେଲା ହୃଦାନନ୍ଦ ପାଣିଗ୍ରାହୀ ୫୬
  : ମୟୂରକଣ୍ଠି... ଅଶ୍ୱିନୀ ଦାଶ ୫୬
  : ମୋ' ପ୍ରେମିକାକୁ... ଶଶାଙ୍କ ପ୍ରିୟସଖା ୫୭
  : ପୁନଶ୍ଚ ପୂତନା ସେନାପତି ପ୍ରଦ୍ୟୁମ୍ନକେଶରୀ ୫୭
- **ଦେବାଳୟ** : ରାଉରକେଲା ମାନଚିତ୍ରରେ... ଅଙ୍ଗୁରବାଳା ପରିଡ଼ା ୫୯
- **ମନେପଡ଼େ** : ମାଟିର ମଣିଷ.... କବିତା ବାରିକ ୬୬
- **ଚିତ୍ରଶାଳା** : ଚିତ୍ରଶିଳ୍ପୀ ବିରେନ୍ଦ୍ର ପାଣି ରେବତୀ ମିଡିଆ ୭୩
- **ନଦନଦୀ** : ଆମ କାଂଶବାଂଶ ସସ୍ମିତା ରାଉତ ୭୪
- **ଶିକ୍ଷାୟତନ** : ଓଡ଼ିଶାର ଅକ୍ସଫୋର୍ଡ଼ ରେଭେନ୍ସା ବିଜୟଲକ୍ଷ୍ମୀ ଦାଶ ୭୮
- **ଗୃହ ସମସ୍ୟା** : ହସଖୁସିର ପରିବାର-୨ ହରପ୍ରସନ୍ନ ଦାସ ୯୧
- **ସ୍ୱାସ୍ଥ୍ୟ-ଚର୍ଚ୍ଚା** : ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା ଡା. ସରୋଜିନୀ ଷଡ଼ଙ୍ଗୀ ୯୪
- **ରୋଷେଇଶାଳ**: ମହାରାଷ୍ଟ୍ରିଆନ୍‌ଙ୍କ ଖାଦ୍ୟ ପାରମିତା ଷଡ଼ଙ୍ଗୀ ୯୭
- **ଗୃହିଣୀଙ୍କୁ ଟିପ୍ସ୍**: ଖାଦ୍ୟ ସତେଜ ରଖିବାର... ପ୍ରତ୍ୟାଶା ପ୍ରିୟମ୍ବଦା ୯୯
- **ଛାୟାଚିତ୍ର** : ସୁନାପୁଅ ସବ୍ୟସାଚୀ କୃଷ୍ଣ କୁମାର ମହାନ୍ତି ୧୦୦
- **ମୁଦ୍ରା** : ବିଭୂତି ପଟ୍ଟନାୟକଙ୍କ ସ୍ୱତନ୍ତ୍ର ମୁଦ୍ରା ରଂଜନ ଭଞ୍ଜ ୧୦୫
- **ଶେଷକଥା** : ସାହିତ୍ୟିକ ସମ୍ମାନ ..... କୃଷ୍ଣ କୁମାର ମହାନ୍ତି ୧୦୬


ମଲାଟ ପରିକଳ୍ପନା : **କୃଷ୍ଣ କୁମାର ମହାନ୍ତି** ▶
ମଲାଟ ଫଟୋଗ୍ରାଫି : **ଆଶିଷ କୁମାର ପହି**
ମଲାଟ ମଡେଲ୍ : **ନୀତୁ** ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ୍**
ଶିକ୍ଷା : **ସ୍ନାତକୋତ୍ତର (ଓଡ଼ିଆ)**
ବୃତ୍ତି : **ଅଭିନେତ୍ରୀ** କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : **ଇତିନା**
ଦୃଶ୍ୟାଙ୍କନ : **ସଂଜୟ**
ସ୍ଥାନ : **କଳା ନିର୍ବାଣ କଳା କେନ୍ଦ୍ର, ଭୁବନେଶ୍ୱର**




ମଲାଟ କଥା : ପ୍ରତୀକାତ୍ମକ ଭାବରେ ନାରୀ ହେଉଛି ପ୍ରକୃତି । ପାପୁଲି ହେଉଛି ଭବିତବ୍ୟ । କପାଳ ହେଉଛି ଭାଗ୍ୟ । ମଥାରେ ଲାଲ୍ ଟିପା ନୂଆ ଆଗମନର ସୂଚନା । ଅର୍ଥାତ ନବବର୍ଷର ଆଗମନରେ ନୂତନ ସୂର୍ଯ୍ୟକୁ ଟିପା କରି ପିନ୍ଧୁଛି ନାରୀ, ତା ପାଇଁ ନୁହେଁ, ସମାଜ କଲ୍ୟାଣ ପାଇଁ ।

# ପରିବାରରେ ନାରୀର ଭୂମିକା ଓ ଆମ ଗୃହଲକ୍ଷ୍ମୀମାନେ

ଆମ ପାରିବାରିକ ଭିତ୍ତିଭୂମିରେ ନାରୀର ଆଦର ଓ ସମ୍ମାନ ଅନିବାର୍ଯ୍ୟ ବୋଲି ଆମେ ଜାଣୁ। ଏମିତିରେ ଆମର ମନୀଷୀଗଣ କହିଛନ୍ତି ଯେ, ଯେଉଁଠି ନାରୀର ଆଦର ନାହିଁ, ସମ୍ମାନ ନାହିଁ, ସେଠି ପ୍ରତ୍ୟେକ କାର୍ଯ୍ୟ ନିଷ୍ଫଳ। ଆମର ପ୍ରତ୍ୟେକ ପରିବାରର ମୂଳାଧାର ହେଉଛି ନାରୀ। ନାରୀ ହିଁ ପରିବାରକୁ ସୁନ୍ଦର ଭାବେ ଗଢ଼େ ଓ ପ୍ରତିପାଳନ କରେ। ତେଣୁ ନାରୀର ମର୍ଯ୍ୟାଦା କରିବା ପ୍ରତ୍ୟେକ ପରିବାରର ପ୍ରତିଟି ସଦସ୍ୟଙ୍କର ପ୍ରଥମ କର୍ତ୍ତବ୍ୟ। ଏହା ଆମ ସଂସ୍କୃତିର ଉତ୍ସ। ଆମ ପରମ୍ପରାର ସୂତ୍ର। ସେଇଥିପାଇଁ ତ କୁହାଯାଏ ନାରୀ ହେଉଛି ମାତୃଶକ୍ତି। ମାତୃଶକ୍ତିର ସମ୍ମାନ କରିବା ହେଉଛି ନିଜ 'ବିଶ୍ୱାସ' ପ୍ରତି ବିଶ୍ୱସ୍ତ ରହିବା। ଜୀବନର ଯାତ୍ରାରେ ଆମେ ଯାହାକୁ ଅବଲମ୍ବନ କରିଥାଉଁ, ତାହା ହେଉଛି ଆମର ବିଶ୍ୱାସ। ଏ ଜଗତରେ ମାତୃସ୍ନେହର ବିକଳ୍ପ ନାହିଁ। ପାରିବାରିକ ପରମ୍ପରାରେ ମାତୃଶକ୍ତି ପଶ୍ଚାତ୍‌ରେ ଅଛି ପ୍ରଗାଢ଼ ବିଶ୍ୱାସ। ସେଇ ବିଶ୍ୱାସର ମୂଳଦୁଆ ଉପରେ ଆମ ପରିବାରର ମହାଦ୍ରୁମ ଠିଆ ହୋଇଥାଏ। ବଡ଼ ପରିବାର ହେଉ କି ଛୋଟ ପରିବାର, ପ୍ରତ୍ୟେକଟି କ୍ଷେତ୍ରରେ ପରିବାରର ମୂଳପିଣ୍ଡ ହେଉଛି ନାରୀ ବା ଅନ୍ୟ ଅର୍ଥରେ କହିଲେ ମାତୃଶକ୍ତି। ଘରକୁ ସ୍ୱର୍ଗ କରିପାରେ ସେ ଯେମିତି, ନର୍କ ବି କରିପାରେ। ସୃଷ୍ଟି ବି ତା'ରି ହାତରେ, ବିନାଶ ବି। ନାରୀ କେବଳ ଗୃହିଣୀ ନୁହେଁ, ଗୃହଲକ୍ଷ୍ମୀ ବି। ଅଥଚ ସମୟର ପ୍ରଗତି ପଥରେ ନାରୀ ଅଧିକରୁ ଅଧିକ ଶିକ୍ଷିତା ହେବା ପରେ ମଧ୍ୟ ପାରିବାରିକ ଦୃଢ଼ତା ଦୁର୍ବଳ କାହିଁକି ? ଏ ପ୍ରଶ୍ନ ଉପରେ ସବୁ ମାତୃଜାତିର ଧ୍ୟାନ କେନ୍ଦ୍ରିତ ହେବାର ଅବସର ଆସି ଯାଇଛି।

ଭାରତୀୟ ନାରୀର ଆଦର୍ଶ ହେଉଛି ପାରିବାରିକ ଏକତାକୁ ବଜାୟ ରଖିବା। ଅର୍ଥାତ୍ ନିଜ ପରିବାରର ସୁଖ, ଶାନ୍ତି, ଐକ୍ୟକୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିବା। ଏ ପ୍ରକାର ଏକ 'ଶକ୍ତି' ବା 'ଗୁଣ' ଈଶ୍ୱରଦତ୍ତ। ଏ ଶକ୍ତି ପୁରୁଷ ପାଖରେ ନଥାଏ। ସୁତରାଂ ନାରୀଟେ ପରିବାରରେ ମାଆର ଭୂମିକା ନିଭେଇବା ବେଳେ ନିଜର ଏହି ଐଶ୍ୱରୀୟ ଶକ୍ତିର ପ୍ରଭାବରେ ସାରା ପରିବାରକୁ ଏକ ଆଦର୍ଶ ପରିବାର ଭାବେ ଗଢ଼ି ତୋଳି ପାରିଲେ, ପ୍ରକାରାନ୍ତରରେ ଆମେ ଏକ ସୁସ୍ଥ ସମାଜ ପାଇପାରିବା।

ସଂଯୁକ୍ତ ପରିବାର ଆଉ ନାହିଁ କହିଲେ ଚଳେ। ମାଆ, ବାପା ଓ ଗୋଟିଏ କି ଦୁଇଟି ସନ୍ତାନ ଭିତରେ ସୀମିତ ହୋଇଯାଇଛି ଆଜିର ପରିବାର। ନାରୀର ଭୂମିକା ମଧ୍ୟ ତଦନୁସାରେ ବଦଳି ଯାଇଛି। ନାରୀ ଉଚ୍ଚଶିକ୍ଷିତା ହୋଇଛି। ଘର ଛାଡ଼ି ଚାକିରି କରିବାକୁ ବାହାରିଛି। ନିଜ ଇଚ୍ଛାରେ ବଞ୍ଚିବାର ସ୍ୱାଧୀନତା ବି ସେ ପାଇଛି। ତଥାପି କାହିଁକି ପାରିବାରିକ ଶାନ୍ତି ଓ ସହାବସ୍ଥାନ କ୍ଷେତ୍ରରେ ଆଜି ବି ନାରୀଟେ ବିଫଳ- ଏହାର କୌଣସି ସଠିକ୍ ଉତ୍ତର ଆମ ପାଖରେ ଅଛି କି ? କାହିଁକି ନାରୀଟେ ସର୍ବଗୁଣ ସମ୍ପନ୍ନା ହୋଇ ମଧ୍ୟ ନିଜ ପରିବାର ଗଠନରେ ନୟାନ୍ତ ହୋଇପଡୁଛି ? କାହିଁକି ତା' ଭିତରେ ନାହିଁ ପରିବାରକୁ ନେଇ ସଂବେଗ ବା ସଂବେଦନା ? କାହିଁକି ପାରିବାରିକ ବିଶୃଙ୍ଖଳା ବଢି ଚାଲିଛି ?

ଗୋଟିଏ ପରିବାରରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। କର୍ମଜୀବୀ ହୋଇଥିଲେ ମଧ୍ୟ ଅଫିସ୍‌ରୁ ଫେରି ତାକୁ ଘରେ କାମ କରିବାକୁ ପଡ଼ିଥାଏ। ଅଫିସ୍ ଯିବା ପୂର୍ବରୁ ମଧ୍ୟ ତାକୁ ସବୁ ଘରକାମ ଠିକ୍‌ଠାକ୍ କରି ଦେଇ ଯିବାକୁ ପଡ଼େ। ଘରର ଏ ଯାବତୀୟ କାର୍ଯ୍ୟ ଓ ଦାୟିତ୍ୱ ପୁରୁଷଟି କେବେ ବି ଅନାୟାସରେ ନିଏ ନାହିଁ। ନିଏ ନାହିଁ ବୋଲି ହିଁ ଆରମ୍ଭ ହୁଏ ଅଶାନ୍ତି।

**ଦୃଶ୍ୟ ନମ୍ବର ଏକ:** ସହରରେ ରହନ୍ତି ଅମୂଲ୍ୟ ବାବୁ, ତାଙ୍କ ପତ୍ନୀ ସୌଦାମିନୀ ଏବଂ ସେମାନଙ୍କର ନଅଦଶ ବର୍ଷର ପୁଅ ଓ ଝିଅ। ଅମୂଲ୍ୟ ବାବୁ ଓ ସୌଦାମିନୀ ଦୁହେଁ ଚାକିରି କରନ୍ତି। ସକାଳ ଦଶଟା ସୁଦ୍ଧା ରୋଷେଇବାସ ସାରିବାକୁ ପଡ଼େ ସୌଦାମିନୀଙ୍କୁ। ରୋଷେଇ ସାରି ସମସ୍ତଙ୍କୁ ଖାଇବାକୁ ପରଷିବା ପରେ ନିଜେ ପ୍ରସ୍ତୁତ ହୁଅନ୍ତି ସେ ଅଫିସ୍ ପାଇଁ। ଏକ ପ୍ରକାର ଦୌଡ଼ା ଦୌଡ଼ି କରି ସେ ଘର ଭିତରେ ନିଜକୁ ପ୍ରସ୍ତୁତ କରନ୍ତି ଓ ଅଫିସ୍ ବାହାରି ଯାଆନ୍ତି। ସନ୍ଧ୍ୟାରେ ଅଫିସ୍‌ରୁ ଏକ ସମୟରେ ଫେରନ୍ତି ସ୍ୱାମୀ ସ୍ତ୍ରୀ ଦୁହେଁ। ଅମୂଲ୍ୟ ବାବୁ ଫ୍ରେସ୍ ହୋଇ ଚାହା କପେ ଓ ପକୁଡ଼ିର ବରାଦ କରନ୍ତି। କିନ୍ତୁ ଭୁଲି ଯାଆନ୍ତି ଯେ ଘରେ ସୌଦାମିନୀ ମଧ୍ୟ ଫ୍ରେସ୍ ହେବେ, ସେ ମଧ୍ୟ ଚା'କପେ କି କିଛି ଟିକିଏ ଖାଇବାକୁ ମନ କରୁଥିବେ ! ତାଙ୍କୁ କିଏ କରିଦେବ ? ଅଥଚ ସୌଦାମିନୀ ନିଜ ଘରକୁ ସଜାଡ଼ି ନିଅନ୍ତି ଇଚ୍ଛାଅନିଚ୍ଛାମାନଙ୍କୁ ନିଜ ଭିତରେ ଚାପିରଖି। ମନ ଭିତରର ଅଶାନ୍ତି କେବେ କେବେ ବାହାରିପଡ଼େ ତ ଝଗଡ଼ା ହୁଏ। ଏ ଝଗଡ଼ାର ପ୍ରଭାବ ପଡ଼େ ପିଲାଙ୍କ ଉପରେ। ପରିବାରଟି ଠିକ୍‌ଠାକ୍‌ରେ ନଥାଏ।

**ଦୃଶ୍ୟ ନମ୍ବର ଦୁଇ:** ଜଗଦୀଶ ସାର୍ ଓ ସୁଚିତ୍ରା ମାଡାମ୍ ଉଭୟେ ଲେଖାଲେଖି କରନ୍ତି। ଉଭୟ ମଧ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର୍। ଜଣେ ଝିଅ ବାହା ହୋଇ ବିଦେଶ୍‌ରେ। ଉଭୟ ଏକତ୍ର ୟୁନିଭର୍ସିଟି ଯାଆନ୍ତି, ଏକତ୍ର ଫେରନ୍ତି ଘରକୁ। କେବେ କେବେ ଜଗଦୀଶ ସାର୍ ଯଦି କୌଣସି ନୂଆ ନଭେଲ୍ ଲେଖାରେ ବ୍ୟସ୍ତ ଥାଆନ୍ତି ତ ସୁଚିତ୍ରା ମାଡାମ୍ ତାଙ୍କୁ ଡିଷ୍ଟର୍ବ କରନ୍ତି ନାହିଁ। ସେହିପରି ସୁଚିତ୍ରା ମାଡାମ୍ ଯଦି ଗପ ଲେଖିବାକୁ ବସିଯାନ୍ତି କେବେ, ଜଗଦୀଶ ସାର୍ ଘଣ୍ଟାକୁ ଘଣ୍ଟା ଦୁଇ କପ୍ କରି କଫି ବନାନ୍ତି ନିଜେ ଓ ସୁଚିତ୍ରା ମାଡାମ୍‌ଙ୍କ ଲେଖା ଟେବୁଲ୍ ଉପରେ ଥୋଇ ଆସନ୍ତି। ଜଗଦୀଶ ସାର୍ ବେଶ୍ ଜାଣନ୍ତି, ତାଙ୍କ ସ୍ତ୍ରୀ ଗପ ଲେଖୁଥିବା ବେଳେ ବାରମ୍ବାର କଫି ପିଇବାକୁ ଭଲପାଆନ୍ତି। ଏ ଦମ୍ପତ୍ତି ପରସ୍ପରକୁ ଏପରି ବୁଝନ୍ତି ଯେ, ଏମାନଙ୍କ ପାରିବାରିକ ଜୀବନକୁ ଲକ୍ଷ୍ୟ କଲେ ଖୁସିରେ ମନ ପୂରି ଉଠେ।

କହିବାର କଥା ହେଲା, ପରିବାରକୁ ନିଜର କର୍ତ୍ତବ୍ୟନିଷ୍ଠାରେ ସଜାଡ଼ି ନେଇ ଗଢ଼ି ତୋଳୁଥିବା ସେଇ ନାରୀଟି ପ୍ରତି ପରିବାରର ଅନ୍ୟ ସଦସ୍ୟସଦସ୍ୟାମାନେ 'ଆହା' ପଦେ ନ କହିଲେ ମଧ୍ୟ ଠିକ୍‌ରେ ବୁଝିଲେ, ପରିବାରଟି ହସଖୁସିରେ ଭରିଯିବ। ନୂଆବର୍ଷର ଆଗମନରେ ଆଶା କରିବି ପ୍ରତି ପରିବାରରେ ହସଖୁସି ଭରିଯାଉ। ଏହା ସହିତ ଆପଣମାନଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଉଛି।

କଥା ସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମ ଏଇ ଜାନୁଆରୀରେ ପଡୁଥିବାରୁ ଚଳିତ ସଂଖ୍ୟାଟି ଫକୀରମୋହନ ସଂରଚନାରେ ସମୃଦ୍ଧ ହୋଇଛି। ମୁଁ ଆଶା କରିବି ଆପଣମାନଙ୍କୁ ଏହା ଭଲ ଲାଗିବ ଏବଂ ପୂର୍ବପରି ଆପଣମାନେ ଆମକୁ ଆଦର ଓ ଶ୍ରଦ୍ଧା କରିବେ।



ସମ୍ପାଦିକା

ସ୍ଥାନ-କାଳ-ପାତ୍ର

# ମାନଚିତ୍ରର ମୁହଁ ମଲ୍ଲିକାଶପୁର



ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ନିବେଦନ କରୁଛନ୍ତି ବିଖ୍ୟାତ ଲେଖକ ମନୋଜ ଦାସ

ଫଟୋ : ସୁବାସ ଚନ୍ଦ୍ର ପାତ୍ର

# ମଲ୍ଲିକାଶପୁରର ମହକ



**ଡକ୍ଟର ସୁବାସ ଚନ୍ଦ୍ର ପାତ୍ର**
ପୂର୍ବତନ ଅଧ୍ୟକ୍ଷ, ଜେଲ୍ ରୋଡ୍, ବାଲେଶ୍ୱର
ଫୋନ : ୯୪୩୭୩୭୬୨୧୯
e-mail : subashbls56@gmail.com

ଫଟୋ ସୌଜନ୍ୟ : କୃଷ୍ଣ କୁମାର ମହାନ୍ତି

ମଲ୍ଲିକାଶପୁର ବାଲେଶ୍ୱର ଜିଲ୍ଲାର ଖାଲି ଏକ ଭୌଗୋଳିକ ସ୍ଥାନ ନୁହେଁ; ତା'ର ପ୍ରତ୍ୟେକ ଧୂଳିକଣାରେ ଓଡ଼ିଶାର ଇତିହାସ, କଳା, ସଂସ୍କୃତି ଲିପିବଦ୍ଧ ହୋଇଥିବାରୁ ଏହା ସଂସ୍କୃତିଶୀଳ ସବୁ ଓଡ଼ିଆଙ୍କ ପଇଁ ଏକ ସାରସ୍ୱତ ପର୍ଯ୍ୟଟନ କ୍ଷେତ୍ର । ଏ କ୍ଷେତ୍ରର ମହକର କେନ୍ଦ୍ରବିନ୍ଦୁ ଲଣ୍ଡା ଗୋସାଇଁ ମଠ ନୁହେଁ ବରଂ ଜଣେ ଧର୍ମ ନିରପେକ୍ଷ ଡେଙ୍ଗା ମଣିଷ ଯାହାଙ୍କ ବର୍ତ୍ତମାନରେ ଅବା ଅବର୍ତ୍ତମାନରେ ଯିଏ ବି ଏଠିକି ଆସିଛନ୍ତି ଅନୁଭବ କରିଛନ୍ତି ସତରେ ମଣିଷଟି କେଡ଼େ ଡେଙ୍ଗା, କେଡ଼େ ଅନତିକ୍ରମ୍ୟ !

ସେ ଡେଙ୍ଗା ମଣିଷ ହେଉଛନ୍ତି ଫକୀରମୋହନ । ଆଠ, ତେର ଓ ପନ୍ଦର ନମ୍ବର ଭଳି ବାଲେଶ୍ୱର ମ୍ୟୁନିସିପାଲିଟିର ୩ଟି ୱାର୍ଡ଼ର ଅଂଶବିଶେଷକୁ ନେଇ ଗଢ଼ା ଆଜିର ମଲ୍ଲିକାଶପୁର, ୧୭୭ ଏକର ୬୩୨ ଡେସିମିଲ ଜାଗା ଉପରେ ପ୍ରତିଷ୍ଠିତ ହୋଇଥିଲାବେଳେ ଫକୀରମୋହଙ୍କ ସମୟରେ ଏହାର ଚିତ୍ର ଥିଲା ଭିନ୍ନ । ଫକୀରମୋହନ ନିଜେ ଲେଖିଛନ୍ତ. 'ବାଲେଶ୍ୱର ସହରର ମଲ୍ଲିକାଶପୁର ନାମକ ଗ୍ରାମରେ ମୋହର ଜନ୍ମ ।' ମାତ୍ର ୨୬ଏକର ୩୫ ଡିସିମିଲକୁ ନେଇ ଫକୀରମୋହନଙ୍କ ମଲ୍ଲିକାଶପୁର ସୀମିତ ହୋଇଥିଲା ଯେତେବେଳେ କି ତାଙ୍କ ପ୍ରିୟସ୍ଥାନ 'ଶାନ୍ତିକାନନ' ଥିଲା ଚନ୍ଦ୍ରାଗଡ଼ି ମୌଜାରେ । ବାଲେଶ୍ୱର ସହରର ସେତେବେଳେ ଜନସଂଖ୍ୟା ଥିଲା ଏକୋଇଶ ହଜାର ଯାହା ବର୍ତ୍ତମାନ ପାଖାପାଖି ଦୁଇ ଲକ୍ଷ । ଚାଷଜମି ପରିବେଷ୍ଟିତ ମଲ୍ଲିକାଶପୁର ଫକୀରମୋହନଙ୍କ ପାଇଁ ଯେମିତି ଗାଁ ଥିଲା ସମଗ୍ର ବାଲେଶ୍ୱର ସେ ସମୟର ସାହେବମାନଙ୍କ ପାଇଁ ଥିଲା ଗୋଟିଏ ଗାଁ ('Oh! Balasore-that small, sullen, sleepy, swampy and silent hamlet- ସେହି କ୍ଷୁଦ୍ର, ବିଷାଦୀୟ, ନିଦ୍ରାଳୁ, ସନ୍ତସନ୍ତିଆ ଓ ନିଶବ୍ଦ ପଲ୍ଲୀ')-ଡ. ମନ୍ମଥ ନାଥ ଦାସ, ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ) । ଫକୀରମୋହନଙ୍କ ପାଇଁ ଗାଁ ଓ ସହର ନେଇ ଦ୍ୱନ୍ଦ ନଥିଲା । ବରଂ ସେହି ବିଷର୍ଣ୍ଣ, ସନ୍ତସନ୍ତିଆ ସ୍ଥାନର ମାଧୁରୀ ତାଙ୍କୁ ଆଜୀବନ ଆଚ୍ଛନ୍ନ କରିଥିଲା ଏବଂ ସେହି ଗାଁରେ ହିଁ ସେ ଶେଷନିଶ୍ୱାସ ତ୍ୟାଗର ଇଚ୍ଛା ପୋଷଣ କରିଥିଲେ:

ଗ୍ରାମ ପୋଖରୀରେ ଫୁଟେ ଯେଉଁ କଇଁଫୁଲ
ନ ଦେଖିଲି କାହିଁ ସେହି ଫୁଲ ସମତୁଲ ।
X X X
ସେ ଗ୍ରାମର ଦାଣ୍ଡେ ଅଛି ଯେଉଁ ବାଲିଧୂଳି,
ପିଲାଖେଳ ବେଳେ ହେଉଥିଲି ଦେହରେ ବୋଳି ।
ସେହି ଧୂଳି ସେହି ବାଲି ପଡ଼ୁ ମୋ ଦେହରେ,
ଏହିପରି କେତେଥର ଭାଳେ ମୁଁ ମନରେ ।
X X X
ସେ ଗ୍ରାମରେ ପଶୁପକ୍ଷୀ ରହିଛନ୍ତି ଯେତେ,
ବିଚାରେଁ ମନରେ ଅବା ଖୋଜୁଛନ୍ତି ମୋତେ ।
ସେ ଗ୍ରାମର ବରଷା, ଗ୍ରୀଷ୍ମ, ସେ ଗ୍ରାମର ଶୀତ,
ନ ପାଇଲି କାହିଁ, ତାହା ମାଧୁରୀ କିଞ୍ଚିତ ।
କରନ୍ତୁ ପଛକେ ସେହିଁ ଗ୍ରାମଲୋକେ କଳି,
ନ ପାଇଲି ସଙ୍ଗସୁଖ ତାହାଠାରୁ ବଳି ।
ଯାଇଛି ସେ ଗ୍ରାମେ ଭାସି ମୋ ହୃଦୟଧନ,
ତଥାପି ସେ ସ୍ଥାନେ ଯିବାପାଇଁ ଥାଏ ମନ ।
ମୋ କାନକୁ ଶୁଭେ ତାହା ନାମ ସୁମଧୁର,
ସେ କ୍ଷୁଦ୍ର ଗ୍ରାମର ନାମ **ମଲ୍ଲିକାଶପୁର** ।
ବିଧବଶେ ମୁଁ ବିଦେଶ କରୁଛି ଭ୍ରମଣ,
ନିରବି କି ସେ ଗ୍ରାମରେ ଅନ୍ତିମ ଜୀବନ ?
ଅଭିଳାଷ ଯହିଁ ତହିଁ ଯାଏ ନିତ୍ୟଧାମେ,
ଶେଷ ଅସ୍ଥି ଖଣ୍ଡ ହେବ ସମାଧି ସେ ଗ୍ରାମେ ।

ଯେଉଁ ମଲ୍ଲିକାଶପୁରରେ ଫକୀରମୋହନ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ବ୍ୟାକୁଳ, ସେହି ଗାଁ ତାଙ୍କ ପାଇଁ କମ ଯନ୍ତ୍ରଣାର ସାକ୍ଷୀ ମଧ୍ୟ ନୁହେଁ । ଶେଷାବସ୍ଥାରେ ତା' ମହକରେ ନିଜେ ଆତ୍ମହରା ହୋଇଥିଲାବେଳେ ବାଲ୍ୟକାଳରେ ସେହି ମହକ ଚାବୁକ ରୂପରେ ତାଙ୍କ ପିଠିକୁ ସ୍ପର୍ଶ କରିଛି । ବଡ଼ବାପା, ବଡ଼ମା'ଙ୍କ ଅତ୍ୟାଚାରର ସାକ୍ଷୀ ମଧ୍ୟ ସେହି ମଲ୍ଲିକାଶପୁର ।

"ମୋ'ର ବଡ଼ବାପା ପୁରୁଷୋତ୍ତମ ସେନାପତି ମୋ ପ୍ରତି ବଡ଼ ନିଷ୍ଠୁର ଥିଲେ । ମାସ ଶେଷରେ ଅବଧାନ ଦରମା ମାଗିବାକୁ ଗଲେ ବଡ଼ବାପା କହନ୍ତି, "ତୁମ୍ଭେ ତ ଫକୀରକୁ ପାଠ ପଢ଼ାଉ ନାହଁ, ଦରମା ମାଗୁଛ କ'ଣ ?" ଅବଧାନ ଜବାବ ଦିଅନ୍ତି, "ମୁଁ ତ ଦିନ ରାତି ତାହାକୁ ପାଖରେ ବସାଉଛି, ଦଣ୍ଡେ ହେଲେ ଖେଳିବାକୁ, ବୁଲିବାକୁ ଛାଡୁନାହିଁ ।" ବଡ଼ବାପା କହନ୍ତି, "କାହିଁ ତା ପିଠିରେ ତ ଚିହ୍ନ ନାହିଁ ।" ଅବଧାନେ ବଡ଼ବାପାଙ୍କ ମନକଥା ଭଲକରି ବୁଝିଥିଲେ । ଚାହାଳିରେ ମୁଁ ବସିଥିଲି, ଅକାରଣ ବେତଟା ମୋ ପିଠିରେ ଦଶ ବାର ପାହାର ବାଡ଼ାଇଗଲେ । ମାଡ଼ର ଶବ୍ଦ ଓ ମୋହର ଚିତ୍କାର ଶୁଣି ବଡ଼ବାପା ଓ ବଡ଼ମା' ଭାରି ଖୁସି । **XXX** ପ୍ରତ୍ୟେକଥର ଅବଧାନଙ୍କ ଦରମା ଦେବାବେଳେ ଏହିପରି ଅଭିନୟ ହୋଇଥାଏ । (ଆତ୍ମଚରିତ, ପୃ-୧୧)

ମହକ କାହା ଜୀବନରେ ଚାବୁକ ରୂପରେ ଆତ୍ମପ୍ରକାଶ କରି ପରେ ସେ ବ୍ୟକ୍ତିଙ୍କୁ 'ସେନାପତି' ହେବାକୁ ପ୍ରେରଣା ଦେଇଥିଲାବେଳେ, ଏହି ମହକ କାହାପାଇଁ ପୁଣି ବେଦନାର କାରଣ ସାଜି ସୃଜନକ୍ରିୟା ମାଧ୍ୟମରେ ମୁକ୍ତିଲାଭ ପରେ ପୁଣି ପ୍ରତିଷ୍ଠାର



▲ମଲ୍ଲିକାଶପୁରସ୍ଥିତ ଫକୀରମୋହନ ସେନାପତି ରହୁଥିବା ଘର : ଅଧୁନା ଏଠାରେ ଓଡ଼ିଶା ସରକାରଙ୍କ ଜିଲ୍ଲା ପାଠାଗାର ଚାଲିଛି




▲ମଲ୍ଲିକାଶପୁରସ୍ଥିତ ଫକୀରମୋହନ ସେନାପତିଙ୍କ ସାଧନା ପୀଠ 'ଶାନ୍ତିକାନନ' : ଏଇଠି ସେ ବସି ରାଶି ରାଶି ଲେଖା ରଚନା କରିଛନ୍ତି



▲ମଲ୍ଲିକାଶପୁରସ୍ଥିତ ସଂଗ୍ରହାଳୟରେ ଫକୀରମୋହନ ସେନାପତି ବ୍ୟବହାର କରୁଥିବା କାଠ ଚୌକିଟି ଏବେ ବି ସଂରକ୍ଷିତ

ମାର୍ଗ ଦେଖାଇଛି । ସାରସ୍ୱତ ସାଧକ ମନୋଜ ଦାସ ୧୯୪୮ ମସିହାରେ ଅଗ୍ରଜ ଡ. ମନ୍ମଥ ନାଥ ଦାସଙ୍କ ସହ ଫକୀରମୋହନଙ୍କ ଘରେ ଭଡ଼ାରେ ରହିଲେ । ୧୯୧୮ରେ ବିଦାୟ ନେଇଥିବା ଫକୀରମୋହନଙ୍କ ଶାରିରୀକ ମହକ ହୁଏତ ନିଜ ବାସଗୃହ, 'ଶାନ୍ତିକାନନ', ମଲ୍ଲିକାଶପୁରରୁ ବିଦାୟ ନେଇଥିଲା । କିନ୍ତୁ ସେ ବିଦାୟ ଯେଉଁ ଅବ୍ୟବସ୍ଥା, ଯେଉଁ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥିଲା ତାହା ବାଳକ ମନୋଜ ଦାସଙ୍କୁ ଆନ୍ଦୋଳିତ କରି ସୃଜନର ମାଧ୍ୟମ ପାଲଟିଥିଲା। ଫକୀରମୋହନଙ୍କ 'ଶାନ୍ତିକାନନ'ର ଛିନ୍ନରୂପକୁ ଦେଖି ଷୋହଳ ବର୍ଷ ବୟରେ ଲିଖିତ ତାଙ୍କର 'ବିପ୍ଳବୀ ଫକୀରମୋହନ' ପୁସ୍ତିକାରେ ସେ ଲେଖିଛନ୍ତି:

× × × ×

ମୁଗ୍ଧ ମାନସେ କଳ୍ପିଥିଲ ଯେ ସୁନାର ଭବିଷ୍ୟତ
ବାସ୍ତବରୂପ ପାଇଛି କି ତାହା, ତୁମେ ତ ଦେଖିଛ କବି
ତୁମେ ତ ଦେଖୁଛ ହାତଗଢ଼ା ତୁମ 'ଶାନ୍ତିକାନନ' ଛବି
ଶାନ୍ତି ତୁମର ଆଶ୍ରମ ସେହି ଶାନ୍ତିର ଏକ ଧରା
ଆଜି ସେ ତ ହାୟ ମରୁଭୂମିସମ ତ୍ୟକ୍ତ, ପତିତ ଚରା
କ୍ଷମାକର ତୁମେ କ୍ଷମାକର ଏହି ଅଜ୍ଞାନ ଜାତି ପାଇଁ
ଜୀବନେ ତୁମକୁ ଦେଇନାହିଁ କିଛି, ଦେଇବି ପାରିବ ନାହିଁ ।

'ଶାନ୍ତିକାନନ'ର କରୁଣ ରୂପ ଓ ଫକୀରମୋହନଙ୍କ ନିଜ ଘରର ଦୟନୀୟସ୍ଥିତି ଓଡ଼ିଶାର ଏହି ବରପୁତ୍ର ଭ୍ରାତୃଦ୍ୱୟଙ୍କୁ ସେହି ମହକରୁ ବଞ୍ଚିତ କରିନାହିଁ । ଏହି ଚିତ୍ର ଦୁଇଜଣଙ୍କୁ ବ୍ୟଥିତ କରିଛି, ଅନୁପ୍ରାଣିତ ବି କରିଛି । ଡ. ମନ୍ମଥ ନାଥ ଦାସ ସେହି ପ୍ରଭାବରେ, ତାଙ୍କର ବାଲେଶ୍ୱର ରହଣି ଭିତରେ ଲେଖିଥିଲେ ତିନିଖଣ୍ଡ ପୁସ୍ତକ- 'କଳିଙ୍ଗ ଇତିହାସ', 'ଯୁଗେ ଯୁଗେ ଉତ୍କଳୀୟ ଧର୍ମ ଓ ସଭ୍ୟତା' ଏବଂ 'ଭାରତ ସମ୍ବିଧାନର ସାରାଂଶ' । କିନ୍ତୁ ଜଣେ ଉଦାର ଜ୍ୟେଷ୍ଠଭ୍ରାତା ରୂପେ ମଲ୍ଲିକାଶପୁର ମହକର ସ୍ୱାଦ ସାନଭାଇ ମନୋଜ ହିଁ ପାଇଥିଲେ ବୋଲି ଉଲ୍ଲେଖ କରିଛନ୍ତି ।

"ବାସ୍ତବ ପକ୍ଷେ, ବ୍ୟାସକବିଙ୍କ ଆଶୀଷ ପଡ଼ିଥିଲା ମୋ ସାନଭାଇ ମନୋଜ ଉପରେ । ସେ ଫକୀରମୋହନ କୋଠାରେ ରହି ପଢ଼ିବା ଆଶାରେ ଅନ୍ୟ ଗୋଟିଏ ହାଇସ୍କୁଲ ଛାଡ଼ି ବାଲେଶ୍ୱର ଜିଲ୍ଲାସ୍କୁଲରେ ଭର୍ତ୍ତି ହେଲା । ନବମ ଶ୍ରେଣୀରେ ପଢ଼ିବା ସମୟରୁ ତା'ର ଲେଖନୀ ଚାଳନା ଦେଖି କେହି କେହି ବିସ୍ମିତ ହେଲେ । ସେହି ସମୟରେ ସେ ଲେଖିଥିଲା ତାହାର ପ୍ରଥମ ଦୁଇଟି ପୁସ୍ତିକା "ବିପ୍ଳବୀ ଫକୀରମୋହନ" ଓ "ଶତାବ୍ଦୀର ଆର୍ତ୍ତନାଦ" । ଭବିଷ୍ୟତରେ ମନୋଜର ବିଭିନ୍ନ ଲେଖାରେ ଗୋଟିଏ କଥା ସୂଚିତ ହୋଇଛି, ବ୍ୟାସକବିଙ୍କ ବାସସ୍ଥାନର ପ୍ରଭାବ ଓ ପ୍ରେରଣା ତାଙ୍କର ସେହି ଅଳ୍ପ ବୟସରୁ ମାନସିକ ସ୍ତରରେ ପ୍ରତିଫଳିତ ହୋଇଥିଲା । X X X ସୃଜନଶୀଳ କବି ଓ କଥାକାର ହେବାପାଇଁ ମନୋଜର ପ୍ରତିଭା ସେହି ଫକୀରମୋହନ କୋଠାରେ ଥିବା ସମୟରୁ ଅଙ୍କୁରିତ ହୋଇଥିଲା ।" **(ଡ. ମନ୍ମଥ ନାଥ ଦାସ, 'ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ')** ମନୋଜ ଦାସ ମଧ୍ୟ ସେହି କଥା କହନ୍ତି, "ଏହି ବାଲେଶ୍ୱର ମାଟିରେ ପ୍ରଥମେ ଯେଉଁଦିନ ପାଦଦେଲି ସେଦିନ ଜାଣି ନଥିଲି ଯେ ମୁଁ ଯେଉଁ ଘରେ ରହିବାକୁ ଯାଉଛି, ତାହା ଓଡ଼ିଆ ସାହିତ୍ୟର ମହାନ ସାହିତ୍ୟିକ ଓ ମୋର ପ୍ରିୟ ଲେଖକ ଫକୀରମୋହନଙ୍କ ବାସଗୃହ । ସେହି ଘରେ ରହି ମୁଁ ଫକୀରମୋହନଙ୍କ ସତ୍ତା ଅନୁଭବ କଲି ଏବଂ ତାହାହିଁ ମୋତେ ଲେଖକ ହେବାର ପ୍ରଚୁର ପ୍ରେରଣା ଦେଇଛି ।" **(ମନୋଜାୟନ, ପୃ-୨୩)**

ମଲ୍ଲିକାଶପୁର ମହକରେ ଆକର୍ଷିତ ହୋଇ ମହୁମାଛି ପରି ଖାଲି ମନୋଜ ଦାସ ଛୁଟି ଆସି ନଥିଲେ; ସମକାଳରେ ଧାଇଁ ଆସିଛନ୍ତି ଡ. ମଣିନ୍ଦ୍ର ମେହେର ନିଜର ବ୍ୟକ୍ତିଗତ ସାଂସ୍କୃତିକ ତୃଷ୍ଣା ନିବାରଣ ସହିତ ନିଜର ପ୍ରପିତାମହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସହ ଫକୀରମୋହନଙ୍କ ଅନ୍ତରଙ୍ଗ ସାରସ୍ୱତ ଆଳାପର

କିଛି ଆଭାସ ଏହି ମଲ୍ଲିକାଶପୁରରୁ ଆଘ୍ରାଣ କରିବାପାଇଁ । ଗଙ୍ଗାଧର ଛାଡ଼ି ଯାଇଥିବା କମ୍ବଳଟିକୁ ଫକୀରମୋହନ କିପରି ପଠାଇବାକୁ ବ୍ୟସ୍ତବିବ୍ରତ ହେଉଥିଲେ ସେ ସ୍ମୃତି ପଖାଳିବା ସହିତ ଫକୀରମୋହନଙ୍କ ବାସଗୃହ ଓ ଶାନ୍ତିକାନନର ମାଟି ମୁଣ୍ଡରେ ବୋଳି, ଶାନ୍ତିକାନନସ୍ଥ ବିଭିନ୍ନ ବୃକ୍ଷଲତା ଦେହରେ କରସ୍ପର୍ଶ କରି ସେ ଅନୁଭବ କରୁଥିଲେ ସେ ଦୁଇ ସାରସ୍ୱତ ଆତ୍ମାଙ୍କର ଅପୂର୍ବ ମିଳନର ଅଦୃଶ୍ୟ ଭାବରାଜିକୁ । ଠିକ୍ ସେହିପରି ଭାବରେ ବାଳୁତ ବୟସରେ ବିହ୍ୱଳିତ ହେବାକୁ ଆସିଥିଲେ ଡ. ମାୟାଧର ମାନସିଂହ । ପ୍ରାଥମିକ ସ୍କୁଲର ଛାତ୍ର ଥିଲାବେଳେ ସହପାଠୀମାନଙ୍କ ସହ ପୁରୀରୁ କଲିକତା ପରିଭ୍ରମଣରେ ଗଲାବେଳେ ତତ୍ତ୍ୱାବଧାନକାରୀ ଶିକ୍ଷକଙ୍କ ପରାମର୍ଶକ୍ରମେ ଏହି ବାଳୁତଦଳ ବାଲେଶ୍ୱର ଷ୍ଟେସନରେ ଓହ୍ଲେଇଥିଲେ ଫକୀରମୋହନଙ୍କୁ ଭେଟିବାକୁ । 'ସରସ୍ୱତୀ ଫକୀରମୋହନ' ପୁସ୍ତକରେ ଡ. ସିଂହ ଲେଖିଛନ୍ତି କିପରି ଫକୀରମୋହନ ସେହି 'କୁନିରାଜା'ମାନଙ୍କୁ ଦେଖି ଆତ୍ମହରା ହୋଇ ପଡ଼ିଥିଲେ ଏବଂ 'ସେନାପତି' ନିଜେ 'ରାଜା' ମାନଙ୍କୁ ଆତିଥ୍ୟ ଦେବାକୁ ବ୍ୟଗ୍ର ହୋଇପଡ଼ିଥିଲେ । ବ୍ୟକ୍ତିଗତ ସହାୟକଙ୍କୁ ପଠାଇ ଗାଁରୁ ବିଶୁଦ୍ଧ ଗାଈ ଘିଅ ଏବଂ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରି ଏହି 'ବାଳରାଜା' ମାନଙ୍କୁ ରାଜକୀୟ ଅଭ୍ୟର୍ଥନା ପ୍ରଦାନ କରିଥିଲେ । ଡ. ସିଂହଙ୍କ ଆଖି କିନ୍ତୁ ନିବିଷ୍ଟ ଥିଲା ସେନାପତିଙ୍କ ବ୍ୟକ୍ତିତ୍ୱ, ବ୍ୟବହାର ଏବଂ ବାସଗୃହ ଉପରେ । ତାଙ୍କ ମତରେ ଫକୀରମୋହନଙ୍କ ଆତିଥ୍ୟ ଥିଲା ଏକ ବିଶାଳ, ବଦାନ୍ୟ ହୃଦୟର ପ୍ରକାଶ ଯାହାକୁ ନେଇ ସେ ତାଙ୍କ ସୃଷ୍ଟିସମ୍ଭାର ରଚନା କରିଥିଲେ । ତାଙ୍କୁ ସବୁଠୁ ବେଶି ମୁଗ୍ଧ କରିଥିଲା ଫକୀରମୋହନଙ୍କ ଘରର ଲମ୍ବା ଲମ୍ବା କବାଟ ଓ ଝରକା । ସେ ହୃଦବୋଧ କରିଥିଲେ ଏହି ଝରକାମୟ ଘର ଥିଲା ତାଙ୍କ ମାନସିକ ଆବାସ । ସୃଷ୍ଟିର ସଫଳତା ନିର୍ଭର କରେ ସ୍ରଷ୍ଟାମନର ବାତାୟନଗୁଡ଼ିକ କେତେ ମୁକ୍ତ, କେତେ ବିଶାଳ । ଡ. ମାନସିଂହ ଉପଲବ୍ଧି କରିଛନ୍ତି ଏହି ବିଶାଳ ଝରକା ଓ କବାଟମାନ ଏବଂ ଘରର ଆଗ ଓ ପଛର ଖୋଲା ପ୍ରାଙ୍ଗଣ ତାଙ୍କ ସୃଜନ ପୃଥିବୀକୁ, ତାଙ୍କ ମାନସ ରାଇଜକୁ ଅଧିକ ଉନ୍ମୁକ୍ତ ଓ ବ୍ୟାପକ କରି ଭଲ ମନ୍ଦ ନିର୍ବିଶେଷରେ ଅସରନ୍ତି ଚରିତ୍ର, ଘଟଣାବଳୀ ଓ ଗୁଣାବଳୀର ଆଧାର କରି ତୋଳିଛି । ନିଜ ଜୀବନ ଦର୍ଶନରେ ମଧ୍ୟ ସେହି ବାତାୟନ ସବୁ ମନର ଝରକା ସବୁକୁ ଖୋଲି ପୃଥିବୀର ବିଭିନ୍ନ ଧର୍ମ, ଦର୍ଶନ, ବିଶ୍ୱାସକୁ ପ୍ରବେଶ କରେଇବାରେ ସମର୍ଥ ହୋଇଛି ଯାହାର ପ୍ରତିଫଳନ ତାଙ୍କ ଦ୍ୱାରା ନିର୍ମିତ ଏବଂ ଶାନ୍ତିକାନନରେ ସ୍ଥାପିତ ସର୍ବଧର୍ମ ସମନ୍ୱୟ ସ୍ତମ୍ଭ ସୂଚିତ କରେ ।

ମଲ୍ଲିକାଶପୁରର ମହକ ସୁଦୂରପ୍ରସାରୀ । ଦୂର, ନିକଟ ସଭିଏଁ ଏକାକାର ଥିଲେ । ୧୯୧୬ରେ ଆସିଥିଲେ ଗୋପବନ୍ଧୁ, ଦୁଇଦିନ ଥିଲେ ଫକୀରମୋହନଙ୍କ ସହିତ । ଆଉ ଏକ ସଙ୍ଗରେ ରହିଥିଲେ ପଲ୍ଲୀକବି ନନ୍ଦକିଶୋର ବଳ ।

"ମୁଁ ଏକାକୀ ଥିବା ସମୟରେ କବି ନନ୍ଦକିଶୋର ବଳ ବାଲେଶ୍ୱର ଜିଲ୍ଲାସ୍କୁଲର ହେଡମାଷ୍ଟର ନିଯୁକ୍ତ ହୋଇ ଆସିଲେ । ଦୁଇଜଣ ଏକ ସଙ୍ଗରେ ବାସ କରିବାକୁ ଲାଗିଲୁଁ । ଗ୍ରୀଷ୍ମକାଳରେ ଘର ଅଗଣାରେ ଯୋଡ଼ିଏ ଆରାମକୁରୁଚି ପକାଇ ସନ୍ଧ୍ୟାଠାରୁ ରାତି ୯-୧୦ ଘଣ୍ଟା ପର୍ଯ୍ୟନ୍ତ ଗଳ୍ପ କରୁଁ । ଗଳ୍ପର ଅଧିକାଂଶ ଉତ୍କଳ ସାହିତ୍ୟ ବିଷୟରେ । ଆମ୍ଭେମାନେ ଏକସଙ୍ଗରେ ଥିବା ସମୟରେ ଅନେକ ଗଳ୍ପ ଓ କବିତା ରଚନା କରିଅଛୁଁ । କିଛିକାଳ ମୋ ସହିତ ରହି ନନ୍ଦକିଶୋର ବାବୁ ଅନ୍ୟତ୍ର ଚାଲିଗଲେ । ସେ ପ୍ରକାର ପବିତ୍ର ସୁଖମୟ ନୈଶମିଳନ ମୋ ଅଦୃଷ୍ଟରେ ଆଉ ଘଟିବ ନାହିଁ ।" (ଆତ୍ମଚରିତ-ପୃ୨୪୧)

ଆଉ ଅନ୍ୟ ମହକଗ୍ରାହୀ ବ୍ୟକ୍ତିମାନେ ଥିଲେ ରାଜା ବୈକୁଣ୍ଠନାଥ ଦେ ଏବଂ ତାଙ୍କର ଉତ୍ତରାଧିକାରୀ ମନ୍ମଥ ନାଥ ଦେବ, ମୌଲବୀ କାବ୍ୟରତ୍ନ ଅସରଫ୍ ଅଲ୍ଲୀ ଓ ପ୍ରସିଦ୍ଧ ଲେଖକ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ ବାଣୀଭୂଷଣ । ତେବେ ରାଜା ବୈକୁଣ୍ଠନାଥ ଦେବ ଖାଲ ମହକ ଗ୍ରହଣ କରୁନଥିଲେ ସେ ଅନ୍ୟ ସହ ସୁଖମୟ ମହକ ବିତରଣ ମଧ୍ୟ କରୁଥିଲେ ।

"ଫକୀରମୋହନ ବାବୁ, ମୁଁ କଲିକତା ଯାଉଛି, ବାହୁଡ଼ି ଅଇଲେ ଦେଖା ହେବ ।" ହାୟ ! ବାଲେଶ୍ୱର ପକ୍ଷରେ କି ଦୁର୍ଭାଗ୍ୟର ବିଷୟ ! ମହାରାଜାଙ୍କୁ ଆଉ ବାହୁଡ଼ିବାକୁ ହେଲା ନାହିଁ । ମୁଁ ରୋଗଶଯ୍ୟାରେ ପଡ଼ି ତାଙ୍କର ମୃତ୍ୟୁ ସମ୍ବାଦ ଶୁଣିଲି । ମହାରାଜାଙ୍କ ପରି ପରୋପକାରୀ ଲୋକ ଅତି ଅଳ୍ପ ଦେଖିଛି । ମୋ ପ୍ରତି କୌଣସି ବିପତ୍‌ପାତ ବା ପୀଡ଼ା ସମ୍ବାଦ ଶୁଣିବାମାତ୍ରେ ସେ ମୋ ପାଖକୁ ଧାଇଁ ଆସୁଥିଲେ । କେବଳ ମୋ କଥା ବୋଲି ନୁହେଁ, ସହର ମଧ୍ୟରେ କୌଣସି ଭଦ୍ରଲୋକର ସମ୍ବାଦ ଶୁଣିବା ମାତ୍ରେ ସେ ତାହା ପାଖକୁ ଧାଇଁଯାଇ ତାହାର ଉପକାର କରିବାକୁ ପ୍ରସ୍ତୁତ ହେଉଥିଲେ । ବାଲେଶ୍ୱରରେ ଶିକ୍ଷାବିସ୍ତାର, ଉତ୍କଳ ଭାଷାର ଉନ୍ନତିସାଧନ ଏବଂ ସାଧାରଣ ହିତଜନକ କାର୍ଯ୍ୟରେ ମହାରାଜ ଅଗ୍ରଣୀ ଥିଲେ ।" (ଆତ୍ମଚରିତ-ପୃ୨୪୨)

ମଲ୍ଲିକାଶପୁରର ମହକ ମୁଖ୍ୟତଃ ଫକୀରମୋହନକୈନ୍ଦ୍ରିକ । ମହକ ବେଳେବେଳେ ହୋଇଥାଏ କସ୍ତୁରୀମୃଗ ପରି । ସେ ନିଜେ ଜାଣିପାରେନି ତାର ପ୍ରଭାବ । ଅବଶ୍ୟ ଫକୀରମୋହନଙ୍କ ସେ 'ଅଜ୍ଞତା' ଥିଲା କି ନାହିଁ ଜଣାନାହିଁ । ତଥାପି ନିଜର ପ୍ରତିମୂର୍ତ୍ତି ନିଜେ ଗଢ଼ି ନିଜ ସ୍ମୃତିମନ୍ଦିରରେ ଅବସ୍ଥାପିତ କରେଇ ସେ ଅନ୍ତତଃ ଜଣାଇବାକୁ ଚାହୁଥିଲେ ସେ ହଜିଯିବା ବ୍ୟକ୍ତି ନୁହନ୍ତି । ଏ ମହକ ନଥିଲା ଦୀପତଳ ଅନ୍ଧାର ଭଳି । ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ସେହି ମଲ୍ଲିକାଶପୁରର ମହକ ଥିଲେ କିଛି ବ୍ୟକ୍ତି ଭିନ୍ନ ରୂପରେ, ଭିନ୍ନ ରାସ୍ତାରେ । ସ୍ୱାଧୀନତା ସଂଗ୍ରାମୀ ଭୈରବଚନ୍ଦ୍ର ମହାପାତ୍ର, ଆଇନ ବିଶାରଦ ଅଚ୍ୟୁତାନନ୍ଦ ଦାସ ଓ ପରବର୍ତ୍ତୀ ସମୟର ନୀତିନିଷ୍ଠ ରାଜନେତା ମହେଶ୍ୱର ବାଗ ସେ ପ୍ରଭାବର ପ୍ରତ୍ୟକ୍ଷ ବା ପରୋକ୍ଷ ସୃଷ୍ଟି । ତିନିପିଢ଼ି-ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଓ ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ବାଲେଶ୍ୱର ପୌରପାଳ ପଦବୀ ମଣ୍ଡନ ପଛରେ ସେହି ମହକର ପ୍ରଭାବ ଅନୁଭୂତ ହୁଏ । ଖାଲି ମନୋଜ ଦାସ ନୁହନ୍ତି ସେ ମହକର ଆଘ୍ରାଣରୁ ବିକଶିତ ହୁଅନ୍ତି ବ୍ରଜନାଥ ରଥ, ଚନ୍ଦ୍ରକୁମାର ମହାନ୍ତି, କହ୍ନେଇଲାଲ ଦାସ, କୁଞ୍ଜ ରାୟ ଓ ବସନ୍ତ ଶତପଥୀ ପ୍ରମୁଖ । ପ୍ରଫେସର କୁଞ୍ଜବିହାରୀ ଦାସ, ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି, ପ୍ରଫେସର ତ୍ରିଲୋଚନ ମିଶ୍ର ପ୍ରମୁଖ ଏ ପ୍ରଭାବକୃତ ଜଣେ ଜଣେ ବିକଶିତ ପ୍ରତିଭା ।

ପ୍ରସଙ୍ଗତଃ ପ୍ରଣିଧାନଯୋଗ୍ୟ ମହକର ଉତ୍ସ ଫକୀରମୋହନଙ୍କ ଏହା ପ୍ରତି ଦୃଷ୍ଟିଭଙ୍ଗୀ । ବାଲ୍ୟାବସ୍ଥାରେ ବଡ଼ବାପା, ବଡ଼ ମା'ଙ୍କ ଅତ୍ୟାଚାର ହେଉ ଅବା ଓଡ଼ିଆ ଭାଷାବିରୋଧୀ ଶକ୍ତିମାନଙ୍କ ଚକ୍ରାନ୍ତ ଅବା ନିର୍ଯ୍ୟାତନା ହେଉ ସେ କେବେ ବି ନିଜ ଉପରେ ଆତ୍ମବିଶ୍ୱାସ ହରାଇ ନାହାନ୍ତି ବରଂ ଏହି ଅତ୍ୟାଚାର ଓ ନିର୍ଯ୍ୟାତନା ପ୍ରକାରାନ୍ତରେ ତାଙ୍କୁ ଅଧିକ କ୍ରିୟାଶୀଳ କରିଛି, ସର୍ଜନଶୀଳ କରିଛି । ସେ ଦୃଷ୍ଟିରୁ ବିଚାରକଲେ ପ୍ରଥମାବସ୍ଥାରେ ଆତ୍ମ-ମହକର ଏକ ସର୍ଜ୍ଜନାତ୍ମକ ଗୁଣ (କ୍ରିଏଟିଭ କ୍ୱାଲିଟି) ଥିଲାବେଳେ ଜୀବନର ଶେଷ ଅବସ୍ଥାରେ ତାହା ଭିନ୍ନ ଏକ ଅବସ୍ଥାକୁ ଉତ୍ତରିତ ହୋଇ ଏକ ଉପଶମକାରୀ ଉପାଦାନ (କ୍ୟୁରେଟିଭ ଇଲିମେଣ୍ଟ)ରେ ପରିଣତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜୀବନର ଶେଷ ପର୍ଯ୍ୟାୟରେ ନିତାନ୍ତ ନିସଙ୍ଗ ଜୀବନଯାପନ କରୁଥିବା ଫକୀରମୋହନ ପୃଷ୍ଟବ୍ରଣ, ରାସାୟନିକ ଅମ୍ଳର ଭୁଲ ପ୍ରୟୋଗ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟାଧିରେ ପୀଡ଼ିତ ହୋଇ କଷ୍ଟ ପାଉଥିବା ସତ୍ତ୍ୱେ ନିଜ ମହକ, ନିଜ ପ୍ରତିଭା ସମ୍ବନ୍ଧରେ ସନ୍ଦିହାନ ହୋଇ ନ ଥିଲେ । ବରଂ ପଲ୍ଲୀକବି ନନ୍ଦକିଶୋର ବଳ ଅବା ଉତ୍କଳମଣି ଗୋପବନ୍ଧୁ ଅବା ସ୍ୱଭାବ କବି ଗଙ୍ଗାଧରଙ୍କ ସାନିଧ୍ୟ ଲାଭ ଜନିତ ସାରସ୍ୱତ ଲାଭ ତାଙ୍କୁ ସାହିତ୍ୟମନସ୍କ କରି ରଖିଛି ଏବଂ ଏହି ବ୍ୟାଧି, ଏହି ପୀଡ଼ା ତାଙ୍କ ସର୍ଜ୍ଜନାଶକ୍ତିକୁ ଅଧିକ ତୀବ୍ର କରି ବିଡ଼ମ୍ବନା କ୍ରମେ ରୋଗ ହିଁ ଉପଚାରର ଭୂମିକା ନିର୍ବାହ କରିଛି ।

ମଲ୍ଲିକାଶପୁରର ମହକ ଅନେକ ପ୍ରତିଭାଙ୍କୁ ସୃଷ୍ଟି କରିଛି, ଅନେକଙ୍କୁ ସମୃଦ୍ଧ କରିଛି, ଅନେକଙ୍କୁ ଆକୃଷ୍ଟ କରିବା ସହିତ ଅସଂଖ୍ୟ ଓଡ଼ିଶାବାସୀଙ୍କୁ ଭାଷା, ସାହିତ୍ୟ

ଓ ସଂସ୍କୃତିମନସ୍କ କରିଛି । ନିକଟରୁ ମହକକୁ ଆତ୍ମାରେ ବୋଳି ହେବା ପାଇଁ ଯେଉଁମାନେ ଆସିଛନ୍ତି-ସେ ହୋଇପାରନ୍ତି ମନୋଜ ଦାସ, ପ୍ରତିଭା ରାୟ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଶାନ୍ତନୁ ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ, ରାମଚନ୍ଦ୍ର ବେହେରା, ଜନ୍ ବୋଲଟନ ଅବା ସେଣ୍ଟ ପିଅର । ସମସ୍ତେ ଫେରିଯାଇଛନ୍ତି ବହୁତ ନମ୍ର ହୋଇ କାରଣ ସେମାନେ ଅନୁଭବ କରିଛନ୍ତି ସେମାନେ ଫକୀରମୋହନଙ୍କଠୁ ବହୁତ ଉଚ୍ଚଶିକ୍ଷିତ ହୋଇ ବି ଫକୀରମୋହନ ସେମାନଙ୍କଠୁ 'ଉଚ୍ଚତର' ଦେଖାଯାଆନ୍ତି । ଏମାନଙ୍କ ମଧ୍ୟରୁ ଅନେକ ହୁଏତ ନିଶ୍ଚିତ ନୁହନ୍ତି ମଲ୍ଲିକାଶପୁରର ମହକ ପରି ସେମାନଙ୍କ ସୃଷ୍ଟିର ମହକ କାଳଜୟୀ ହେବ କି ନାହିଁ, ଦୀର୍ଘଦିନ ଆଘ୍ରାଣଯୋଗ୍ୟ ହୋଇ ରହିବ କି ନାହିଁ ।

ନମ୍ର କୃତଜ୍ଞତା ପ୍ରସଙ୍ଗରେ ମନେ ପଡ଼ନ୍ତି ସାରସ୍ୱତ ସାଧକ ମନୋଜ ଦାସ । ୨୦୦୭ ଜାନୁୟାରୀ ୬ରେ ଫକୀରମୋହନ କଲେଜ ପୁରାତନ ଛାତ୍ରସଂସଦର ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସିଥିଲେ ଶ୍ରୀଯୁକ୍ତ ଦାସ । ହଠାତ୍ ରାତିରେ କହିଲେ, "ମୁଁ କାଲି ସକାଳେ ଶାନ୍ତିକାନନ ଯିବି, ଫକୀରମୋହନଙ୍କୁ ପ୍ରଣାମ କରିବାକୁ ।" ସାଧାରଣତଃ ବିନା କାର୍ଯ୍ୟକ୍ରମରେ ଅନ୍ୟତ୍ର କୁଆଡ଼େ ଯାଉ ନଥିବା ଶ୍ରୀଯୁକ୍ତ ଦାସଙ୍କ ଏ ଆଗ୍ରହ ମୋତେ ଚକିତ କରିଥିଲା । ସକାଳ ୯ଟା ପାଖାପାଖି ସେ ଶାନ୍ତିକାନନର ପହଞ୍ଚି ଫକୀରମୋହନଙ୍କ ସମ୍ମୁଖରେ ତାଙ୍କ ଶ୍ରଦ୍ଧା ନିବେଦନ କରି ବିଦାୟ ନେଲେ । ଠିକ୍ ସେହିପରି ଭାବରେ ୨୦୧୩ ଏପ୍ରିଲରେ ଫକୀରମୋହନ କଲେଜ ଲାଇବ୍ରେରୀର 'ଐତିହ୍ୟ ପ୍ରକୋଷ୍ଠ' ଉନ୍ମୋଚନ ଅବସରରେ ନୂତନଭାବରେ ସ୍ଥାପିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଆଗରେ ସେ ଆତ୍ମବିଭୋର ହୋଇଯାଇଥିଲେ । ଜଣେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକଙ୍କ ତାଙ୍କ ଆଦ୍ୟଜୀବନର 'ମହକିତ ପ୍ରଭାବ' ପ୍ରତି ଏ ପ୍ରକାର ନମନୀୟ ମନୋଭାବ କ୍ୱଚିତ ଦେଖାଯାଏ ।

ମହକର ବୈଶିଷ୍ଟ, ଏହା ଅନ୍ୟକୁ ଉଲ୍ଲସିତ କରେ, 'ଆଲୋକିତ' କରେ । 'ମଲ୍ଲିକାଶପୁରର ମହକ' ଆଜି ତା'ର ଅନୁପସ୍ଥିତିରେ ଏକ ଶହ ବର୍ଷ ସେହି ଦାୟିତ୍ୱ ନିର୍ବାହ କରିଛି ସୂର୍ଯ୍ୟ ଭଳି । ଯେହେତୁ ଏ ଉତ୍ସର ଭଣ୍ଡାର ଅମାପ, କାଳକାଳକୁ ଏହା ଘ୍ରାଣାର୍ତ୍ତ ସାରସ୍ୱତପ୍ରେମୀମାନଙ୍କୁ 'ଉଦ୍‌ବୁଦ୍ଧ' କରୁଥିବ ।



▲ବାଲେଶ୍ୱର ସହରର କେନ୍ଦ୍ର ସ୍ଥଳରେ ମଲ୍ଲିକାଶପୁର

## ବହି ବିଚାର




- ପୁସ୍ତକର ନାମ: **ବିଚିତ୍ର ବର୍ଣ୍ଣର ଆକାଶ**
- ଲେଖକଙ୍କ ନାମ : **ଶୁଭ ନାରାୟଣ ସ୍ୱାଇଁ**
- ପ୍ରକାଶକଙ୍କ ନାମ : **ଟାଇମ୍ ପାସ୍, ଭୁବନେଶ୍ୱର**
- ମୂଲ୍ୟ : **୧୨୫/-**, ପୃଷ୍ଠା : ୧୨୮

ଓଡ଼ିଆ ସାହିତ୍ୟରେ କ୍ଷୁଦ୍ର ଉପନ୍ୟାସର ସଂଖ୍ୟା କମି ଆସୁଥିବା ବେଳେ ଏ ଦିଗ ପ୍ରତି ସମକାଳ ଯୁବଲେଖକମାନେ ଯେ ବେଶ୍ ଅଙ୍ଗୀକାରବଦ୍ଧ ତା'ର ଏକ ପ୍ରମାଣ ଆମ ହାତରେ ଲାଗିଛି । ଶୁଭ ନାରାୟଣ ସ୍ୱାଇଁଙ୍କ ଗୋଟେ ଉପନ୍ୟାସର ନାମ 'ବିଚିତ୍ର ବର୍ଣ୍ଣର ଆକାଶ' । ଏହା ଆମର ହସ୍ତଗତ ହୋଇଛି । ଏ ଉପନ୍ୟାସ ପଢ଼ିବା ପରେ ଲାଗିବ ନାହିଁ ଯେ ଓଡ଼ିଆ ଉପନ୍ୟାସ ଜଗତ ସଙ୍କଟରେ ଅଛି । ନିଛକ ବାସ୍ତବଧର୍ମୀ କାହାଣୀର ଚରିତ୍ର ଏ ଉପନ୍ୟାସର ଶୈଳୀ ହିଁ ପାଠକଙ୍କୁ ବାଟ କଢ଼େଇ ନେବ । ଉପନ୍ୟାସର କେନ୍ଦ୍ର ଚରିତ୍ରଟି ହେଲା 'ରଶ୍ମିତା' । ଶୁଣନ୍ତୁ ରଶ୍ମିତାର ଏକ ପାରିବାରିକ ସଂଳାପ : "ଡାଲ୍‌ମାରେ ଲୁଣ ଠିକ୍ ହୋଇଛି ତ ? ଆଚ୍ଛା କହିଲନି ତ ବଡ଼ିଚୁରାଟା କେମିତି ଲାଗୁଛି ।" ଏ କଥା ପଚାରୁଛି ରଶ୍ମିତା । ରଶ୍ମିତା ହେଉଛି ଗାଁ ମଝିରେ ଥିବା ପୋଖରୀର ତୁଠ ପଥର ପରି । ତା'ଉପରେ କେହି ଲୁଗା ଚୋଉଛି, ଗୋଡ଼ ଘଷିମାଜି ହେଉଛି । କିନ୍ତୁ କେହି କେବେ ତା' କଥା ବୁଝନ୍ତି ନାହିଁ । ଏ ଉପନ୍ୟାସରେ ରଶ୍ମିତା ବି ସେଇ ତୁଠ ପଥର ପରି ଏକ ଜୀବନ ଜିଉଁଛି । ତା'ର ବି ଯେ ଏକମନ ଅଛି ସେକଥା କେହି ଭାବନ୍ତି ନାହିଁ । ସେ ବି କିଛି ଲୋଡ଼େ, ସେ ବି କିଛି କହିବାକୁ ଚାହେଁ- ଏକଥା କେହି କେବେ ବୁଝନ୍ତି ନାହିଁ । ଏପରି ନାରୀ ଚରିତ୍ର ଆମ ସମାଜରେ ଅନେକ ଅଛନ୍ତି । ତା' ଭିତରୁ ଔପନ୍ୟାସିକ ରଶ୍ମିତାକୁ ତୋଳି ଆଣି ଗଢ଼ିଛନ୍ତି ତାଙ୍କ ଉପନ୍ୟାସର ଛାଞ୍ଚ । ଜୀବନ ଯନ୍ତ୍ରଣା ଓ ସଂଘର୍ଷର ଜୀବନ୍ତ ବର୍ଣ୍ଣନା ଏ ଉପନ୍ୟାସର ସମ୍ପଦ । ଉପନ୍ୟାସକୁ ଶେଷ କରିଛନ୍ତି ଲେଖକ, ରଶ୍ମିତାକୁ ରୋଷେଇ ଘରୁ ଆଣି ଶେଯରେ ଶୁଆଇବା ବେଳେ ତା' ଆଖିରେ ଆଗାମୀ କାଲିର ସକାଳକୁ ପ୍ରତିବିମ୍ବିତ କରେଇଛନ୍ତି: ସେ ସକାଳ ବି ସେମିତି ଏକ ଘଷରା ସକାଳ ହେବ । ଉପନ୍ୟାସଟି ପାଠକମାନଙ୍କୁ ଆଲୋଡ଼ିତ କରିବା ସହ ବାନ୍ଧି ରଖିବ ।

ଅନୁଶୀଳନ - ୧

# ରାତି ପରି ରେବତୀ



# ବହୁବିଧ ସମ୍ଭାବନାର କାଳୋତ୍ତୀର୍ଣ୍ଣ କ୍ଲାସିକ୍ : ରେବତୀ




ଡକ୍ଟର ହରିଶ୍ଚନ୍ଦ୍ର ବେହେରା

କଲ୍ୟାଣନଗର, ବାଲେଶ୍ୱର-୧

ଫୋନ:୯୪୩୭୮୧୩୭୦୮


ଏବେବି ଅନେକେ ପ୍ରଶ୍ନ କରନ୍ତି, ଫକୀରମୋହନ କାହିଁକି ରେବତୀକୁ ମାରିଦେଲେ ! ତାଙ୍କ ଜୀବଦ୍ଦଶାରେ ହୁଏତ କେହି କେହି ଏ ପ୍ରଶ୍ନ ବି ପଚାରିଥିବେ । ପରିପୂର୍ଣ୍ଣ ହସିଲା ସଂସାରଟେ ଗଳ୍ପର ପରିଣତି ବେଳକୁ କାହିଁକି ଶୂନ୍‌ଶାନ୍ ଶ୍ମଶାନ ଭୂଇଁଟେ ପାଲଟିଗଲା ! ଏହାକୁ ପାଠକ ଅନ୍ତର ଭିତରେ ଗ୍ରହଣ କରିବାକୁ କଷ୍ଟ ପାଇଥିବେ, ଦୀର୍ଘଶ୍ୱାସଟେ ପକେଇ ନିୟତି ବା ଗଳ୍ପ ସ୍ରଷ୍ଟାଙ୍କୁ ମନେମନେ ଗାଳି ଦେଇଥିବେ । ଯଶସ୍ୱୀ ଗାଳ୍ପିକ ମନୋଜ ଦାସଙ୍କ ଭାଷାରେ, "ରେବତୀ ଭଳି କ୍ଲାସିକ୍ ଗଳ୍ପ ବିଶ୍ୱସାହିତ୍ୟରେ ବିରଳ ।" ଏହି ବିରଳତା ପଛରେ ଯେଉଁ କାରଣଟି କ୍ରିୟାଶୀଳ, ତାହା ହେଉଛି ଗଳ୍ପଟିର ଟ୍ରାଜିକ୍ ଧର୍ମିତା ଓ ଉଜ୍ଜ୍ୱଳ କଳାତ୍ମକତା । ଏହି ଟ୍ରାଜିକ୍‌ଧର୍ମୀ ନହୋଇଥିଲେ ତାହା ତାଙ୍କ 'ବଗୁଲାବଗୁଲି' କିମ୍ବା 'ସୁନାବୋହୂ' ପରି ମିଳନଧର୍ମୀ ସାଧାରଣ ଗଳ୍ପଟିଏ ହୋଇଥାନ୍ତା, ସନ୍ଦେହ ନାହିଁ ।

ଗ୍ରୀକ୍, ରୋମାନ୍ ବା ସେକ୍‌ପିୟରଙ୍କ ଟ୍ରାଜେଡି ନାଟକ ସାରା ବିଶ୍ୱକୁ ଯେତେ ଆଲୋଡ଼ିତ କରିଛି, ତାଙ୍କ କମେଡ଼ି ଗୁଡ଼ିକ ଆଲୋଡିତ କରିପାରି ନାହିଁ । ଓଡ଼ିଆ ପ୍ରତ୍ନ-ଆଧୁନିକ କାବ୍ୟସାହିତ୍ୟରେ ଏଇ ଟ୍ରାଜିକ୍ ଚେତନା ଆଣି ରାଧାନାଥ ରାୟ ନୂଆ ପରମ୍ପରାଟିଏ ସୃଷ୍ଟି କଲେ ଓଡ଼ିଶା ମାଟିରେ । ତାଙ୍କ 'କେଦାରଗୌରୀ' (୧୮୮୫), 'ଚନ୍ଦ୍ରଭାଗା' (୧୮୮୬), 'ନନ୍ଦିକେଶ୍ୱରୀ' (୧୮୮୭), 'ଉଷା' (୧୮୮୮), 'ପାର୍ବତୀ' (୧୮୮୯) କାବ୍ୟ ଯେତେ ପ୍ରଭାବଶାଳୀ ହେଲା, 'ଯଯାତିକେଶରୀ' କି 'ଉର୍ବଶୀ' ସେ ପ୍ରକାର ହେଲା ନାହିଁ ।

ଫକୀରମୋହନ ଏ ସତ୍ୟକୁ ନିରବରେ ଲକ୍ଷ୍ୟ କରିଛନ୍ତି ଏବଂ ଓଡ଼ିଆ କଥାସାହିତ୍ୟରେ ଟ୍ରାଜେଡ଼ିଚେତନା ପ୍ରୟୋଗର ପ୍ରୟାସ କରିଛନ୍ତି । ଏଇ ପ୍ରୟାସର ସଫଳ ପ୍ରତିଶ୍ରୁତି ହେଉଛି 'ରେବତୀ', 'ରାଣ୍ଡିପୁଅ ଅନନ୍ତା' ଗଳ୍ପ ଏବଂ 'ଛମାଣ ଆଠଗୁଣ୍ଠ' ଓ 'ପ୍ରାୟଶ୍ଚିତ' ଉପନ୍ୟାସ । 'ରେବତୀ' (୧୮୯୮) ରଚନାବେଳକୁ ରାଧାନାଥଙ୍କ ସମସ୍ତ କାବ୍ୟ ପ୍ରକାଶ ଲାଭ କରି ସାରିଥିଲା ଏବଂ ପ୍ରତିକ୍ରିୟାତ୍ମକ ଆଲୋଡ଼ନ ଭୀଷଣ ଭାବେ ପତ୍ରପତ୍ରିକାରେ ପ୍ରତିଫଳିତ ହେଉଥିଲା । ରାଧାନାଥଙ୍କ ଟ୍ରାଜିକ୍ ଚରିତ୍ରମାନେ ଗ୍ରୀକ୍, ରୋମାନ୍ ତଥା ଅନ୍ୟାନ୍ୟ ପାଶ୍ଚାତ୍ୟ କାବ୍ୟ ନାଟକ ଛାଞ୍ଚରେ ପରିକଳ୍ପିତ ହୋଇଥିବା ବେଳେ ଫକୀରମୋହନ ନିଜ ମାଟି ତଥା ଅନ୍ତରଙ୍ଗ ପରିବେଶରୁ ଖାଣ୍ଟି ଓଡ଼ିଆ ଚରିତ୍ରଙ୍କୁ ଆଣି ସାମାଜିକ ଟ୍ରାଜେଡି (Social Tragedy) ଧର୍ମୀ କଥାଶିଳ୍ପ ସର୍ଜନ କରିଛନ୍ତି ।

'ରେବତୀ' ଗଳ୍ପର ମୁଖ୍ୟକଥା, ଊନବିଂଶ ଶତାବ୍ଦୀର ଓଡ଼ିଶାର ସମାଜ-ଜୀବନରେ ନାରୀ ଶିକ୍ଷା ପ୍ରତି ଥିବା ମନୋଭାବର ପରିବର୍ତ୍ତନ ଲାଗି କଳାତ୍ମକ ପ୍ରୟାସ । କଟକ ଜିଲ୍ଲାର ନିପଟ ମଫସଲ ଗାଁଟିଏ ହରିପୁର । ସେଇ ଗାଁରେ ଜମିଦାର କରଣ ଶ୍ୟାମବନ୍ଧୁ ମହାନ୍ତିଙ୍କ ଘର । ଘରେ ଚାରିପ୍ରାଣୀ କୁଟୁମ୍ବ- ବୁଢ଼ୀମା', ଶ୍ୟାମବନ୍ଧୁ ଓ ତାଙ୍କ ସ୍ତ୍ରୀ ଏବଂ ଦଶ ବର୍ଷର ଝିଅ ରେବତୀ । ଶ୍ୟାମବନ୍ଧୁ ସଞ୍ଜବେଳେ କାଠ ରୁଖାଟି ଉପରେ ବଇଠାଟାଏ ଥୋଇଦେଇ ଭାଗବତ ପଢୁଥିବା ବେଳେ ରେବତୀ ପାଖରେ ବସି ଶୁଣୁଥାଏ । ବାପ ପାଖରୁ ଭଜନ ଶୁଣି ଶୁଣି ନିଜେ ଭଜନ ଗାଏ, ତା' ପିଲା ମୁହଁକୁ ଭଜନ ଗୁଡ଼ିକ ଖୁବ୍ ମାନେ ।

ଦୁଇ ବର୍ଷ ହେବ ଏଇ ପାଟପୁର ଗାଁରେ ଅପର୍ ପ୍ରାଇମେରୀ ସ୍କୁଲ୍‌ଟିଏ ଖୋଲିଛି । ଜଣେ ମାତ୍ର ସରକାରୀ ଶିକ୍ଷକ, ନାଁ ବାସୁଦେବ । ବୟସ ଅନ୍ଦାଜ କୋଡ଼ିଏ ହେବ । ପିଲାଟି ଦିନରୁ ବାସୁ ମା' ବାପା ଛେଉଣ୍ଡ । ମାମୁଘରେ ରହି ମଣିଷ ହେଇଛି । ଖୁବ୍ ଶାନ୍ତ ସୁଧାର ଚରିତ୍ରଟିଏ । ସରକାରୀ ଦରମା ୪ଟଙ୍କା, ପୁଣି ପ୍ରତି ପିଲା ଅଣାଏ ଲେଖା ଦରମା ଦିଅନ୍ତି । ପୂନେଇ ପର୍ବରେ ଶ୍ୟାମବନ୍ଧୁ ବାସୁଙ୍କୁ ଘରକୁ ନିମନ୍ତ୍ରଣ କରନ୍ତି, ଏମିତି ଯିବା ଆସିବାରେ ଏ ଘର ସହ ମାୟା ଲାଗି ଗଲାଣି । ପ୍ରତି ସଞ୍ଜରେ ଏବେ ବାସୁ ଶ୍ୟାମବନ୍ଧୁ ପାଖରେ ବସି ପୁରାଣ ଶୁଣନ୍ତି, ଦୁଃଖ ସୁଖ ହୁଅନ୍ତି । ଦୂରରୁ ବାସୁ ଆସୁଥିବାର ଦେଖିଲେ 'ବାସୁଭାଇ ଅଇଲେ । ବାସୁଭାଇ ଅଇଲେ' କହି ଆନନ୍ଦରେ ନାଚେ ରେବତୀ । କେବେକେବେ ବାସୁର ଅନୁରୋଧରେ ସେ ଭଜନ ଗାଇ ବାସୁକୁ ଶୁଣାଏ ।

କଟକ ସହରରେ ଝିଅ ସ୍କୁଲ୍‌ଟିଏ ଖୋଲା ହେବା କଥା ବାସୁ ପାଖରୁ ଶୁଣିବା ପରେ ଶ୍ୟାମବନ୍ଧୁ ରେବତୀର ପାଠପଢ଼ା କଥା ଚିନ୍ତା କରନ୍ତି । ଏନେଇ ବାସୁ ସହ ଆଲୋଚନା କରୁଥିବା ବେଳେ ରେବତୀ ଏକଥା ଶୁଣି ଘରଭିତରକୁ ଧାଇଁଯାଇ ମା' ଆଉ ଜେଜୀମା'ଙ୍କୁ ଆନନ୍ଦରେ କହିଛି 'ମୁଁ ପାଠ ପଢ଼ିବି' । ମା' ହସି ହସି କହିଲେ, "ହଉ ପଢ଼ିବୁ ।" ଜେଜୀ ରାଗି ଯାଇ କହିଲେ, "ପାଠ କ'ଣ ଲୋ ! ମାଇକିନିଆ ଝିଅଟାର ପାଠ କ'ଣ ? ରନ୍ଧାବଢ଼ା ଶିଖ୍, ପିଠାପଣା କରି ଶିଖ୍, ଝୋଟିଦିଆ ଶିଖ୍, ଦହିମୁହାଁ ଶିଖ୍, ପାଠ କ'ଣ ?" ପୁଅ ଆଉ ନାତୁଣୀଙ୍କୁ ଖାଇବାକୁ ଦେବା ବେଳେ ବୁଢ଼ୀ ପୁଅକୁ ପଚାରିଛି, "ହଁରେ ଶ୍ୟାମ ! ରେବତୀ ପାଠ ପଢ଼ିବ- ପାଠ କ'ଣରେ ? ତିରିଲା ଝିଅର ପାଠପଢ଼ା କଣ ?" ଶ୍ୟାମବନ୍ଧୁ କହିଲେ, "ହଉ, କହୁଛି ତ ପଢୁ ।"

ତା'ପରଦିନ ଠୁ ବାସୁ ଆସି ରେବତୀକୁ ପାଠ ପଢେଇ ଦେଇଯାଏ । ଦୁଇବର୍ଷ ଭିତରେ ରେବ ମଧୁରାଓଙ୍କ ଛାନ୍ଦମାଳା ଅନର୍ଗଳ ପଢ଼ି ପକାଏ । ଜେଜୀ ମନେମନେ ବିରକ୍ତ ହେଉଥିଲେ ବି କେବେ ପାଠପଢ଼ାରେ ବାଧା ଦେଇନି, ବରଂ ବାସୁ ସହ ରେବତୀର ବିବାହ ପ୍ରସଙ୍ଗରେ ଶ୍ୟାମବନ୍ଧୁ ମା' ସହ ଆଲୋଚନା ବେଳେ ଏକା ଜାତିର ହୋଇଥିବାରୁ ବିବାହ ଲାଗି ରାଜି ହୋଇଛି । ତେବେ ବୁଢ଼ୀର ଇଚ୍ଛା, ଯେହେତୁ ରେବତୀର କେହି ଭାଇ ନାହିଁ, ତେଣୁ ବାସୁ ଘରଜୁଆଁଇ ହୋଇ ରହିବ ତ ! ବାସୁ ପିଲାଦିନରୁ ମା' ବାପ ଛେଉଣ୍ଡ ହୋଇଥିବାରୁ ଅସମ୍ମତ ହେବାର କୌଣସି କାରଣ ନାହିଁ ବୋଲି ଶ୍ୟାମବନ୍ଧୁ କହିବା ପରେ ବୁଢ଼ୀ ଖୁସି ହେଇଛି ।

ଗଳ୍ପଟିର ଦ୍ୱିତୀୟାର୍ଦ୍ଧରେ ସବୁକିଛି କଳ୍ପନାଜଳ୍ପନା ଧୂଳିସାତ୍ ହୋଇଛି । ଅଚାନକ ହଇଜା (ବାଡ଼ି)ରେ ଆକ୍ରାନ୍ତ ହୋଇ ଶ୍ୟାମବନ୍ଧୁ ଆଖି ବୁଜିବା ଆଗରୁ ବାସୁ ମୁହଁକୁ ଚାହିଁ ଖନେଇ ଖନେଇ କହିଛନ୍ତି- "ବାଁ-ସୁଁ-ଏଁ-ବଁ-ଆଁ-ପି-ଲା ।" ଅର୍ଥାତ୍ ମୁଁ ଚାଲିଲି, ରେବ ଲଗିଲା । ଶ୍ମଶାନ ଜୁଇ ନ ଲିଭିବା ଆଗରୁ ଠିକ୍ ତା' ପରଦିନ ସେଇ ହଇଜାରେ ରେବତୀର ମା' ମଧ୍ୟ ଆଖି ବୁଜିଛନ୍ତି । ଜମିଦାର ଘର ପିଆଦା ଆସି ରଣ ଅନାଦାୟେ ଦୋହଳଗାଈ ବାନ୍ଧିନେଲା । ରେବତୀ କୁଲକ୍ଷଣୀ, ସେ ପାଠ ପଢ଼ିବାରୁ ପୁଅ ମଲା । ବୋହୂ ମଲା, ହଳିଆ ଛାଡ଼ିଗଲା, ବଳଦ ବିକାଗଲା,

ଜମିଦାରଙ୍କ ପିଆଦା ଗାଈ ବାନ୍ଧି ଘେନିଗଲା । ଏ ଧାରଣା ବୁଢ଼ୀ ଭିତରେ ବଳବତ୍ତର ହୋଇଛି । ଏପରିକି ବୁଢ଼ୀ ଆଖିକୁ ଯେ ଦିଶୁନାହିଁ, ତା'ର କାରଣ ମଧ୍ୟ ରେବତୀର ପାଠପଢ଼ା । ଏଇ ଅସହାୟ ପରିବାରର ଶେଷ ଆଶାବାଡ଼ି ଖଣ୍ଡିକ ମଧ୍ୟ ଅଦୃଷ୍ଟର ଚକ୍ରାନ୍ତରେ ଭାଙ୍ଗି ଯାଇଛି । ଶ୍ୟାମବନ୍ଧୁ ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁର ପାଞ୍ଚମାସ ପରେ ଡେପୁଟୀ ଇନ୍‌ସ୍‌ପେକ୍ଟରଙ୍କ ଡାକରା ପାଇ ବାସୁ ସ୍କୁଲ୍ ପିଲାଙ୍କୁ ନେଇ ୫ଦିନ ଲାଗି ହରିପୁର ଯାଇଛି । ଆବଶ୍ୟକୀୟ ଘରଖର୍ଚ୍ଚ ଦେଇ ବୁଢ଼ୀ ପାଖରୁ ବିଦାୟ ନେଲାବେଳେ ବୁଢ଼ୀ କହିଛି– "ବାପା, ଖରାରେ ବୁଲିବୁ ନାହିଁ, ଦେହପା'କୁ ଚାହିଁବୁ, ବେଳରେ ଦି'ଟା ତୁଣ୍ଡରେ ଦେବୁ ।" ରେବତୀ ଏକ ଧ୍ୟାନରେ ବାସୁକୁ ଚାହିଁଥାଏ, ଆଜିକା ଚାହାଣି ଅନ୍ୟରକମ ।



ପାଞ୍ଚଦିନ ପରେ ହରିପୁରରୁ ଫେରିବା ବେଳେ ବାସୁ ମଧ୍ୟ ହଇଜାରେ ଆକ୍ରାନ୍ତ ହୋଇ ଆଖି ବୁଜିଛି । ବୁଢ଼ୀ ଏ ଖବର ପାଇ ଏକ ପ୍ରକାର ବାୟାଣୀ ହୋଇ ଯାଇଛି । କାନ୍ଦି କାନ୍ଦି କହିଛି– "ଆହା ବାପା, ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରେଇଲୁରେ ।" ଅର୍ଥାତ୍ ସେ ଦୁର୍ବୁଦ୍ଧି କରି ରେବତୀକୁ ପାଠ ପଢ଼େଇବାରୁ ଏ ଦଶା ହେଲା ।

ଏ ଘଟଣା ପର ଠାରୁ ରେବତୀ ବିଛଣା ଧରିଛି । ଖିଆ ନାହିଁ ପିଆ ନାହିଁ । ଆଖି ବୁଜି ପଡ଼ି ରହିଛି । ଦେହରେ ଭୀଷଣ ଜ୍ୱର । ଏ ଜ୍ୱର ପାଇଁ ବି ବୁଢ଼ୀ ରେବତୀର ପାଠପଢ଼ାକୁ ଦାୟୀ କରିଛି– "ଯାହା ଆପଣା କିଆ, ତହିଁକି ଇଲାଜ କିଆ ।" ଏବେ ଖାଲି ଗାଳି– "ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୁଲି ।"

୬ ଦିନ ପରେ କବିରାଜ ନାଡ଼ି ପରୀକ୍ଷା କରି ଏହା ସନ୍ନିପାତର ଲକ୍ଷଣ ବୋଲି କହିଛି । ନାତୁଣୀକୁ ଟିକେ ପଥ୍ୟ ରାନ୍ଧି ଦେବାକୁ ଘରେ ଖୁଦ ମୁଠେ ବି ନାହିଁ । ବାସୁ ଯାହା ଦେଇ ଯାଇଥିଲା ବୁଢ଼ୀ ତାକୁ ଦଶ ଦିନ ଚଳେଇଲାଣି । ହରିସାହୁ ମହାଜନ ଠାରେ କଣା ପିତ୍ତଳ ଡାଲଟେ ବନ୍ଧାରଖି ଚାରିମାଣ ଚାଉଳ, ଅଧମାଣେ ଡାଲି, କିଛି ଲୁଣ ଆଣିଛି । ଏଣେ ରେବତୀର ସନ୍ନିପାତ ବଢ଼ି ଯାଇଛି । ବାଡିପଟ ପିଣ୍ଡାରେ ବସି ସଞ୍ଜ ଆକାଶକୁ ଚାହିଁ ରହିଛି ରେବତୀ । ଶାନ୍ତିଦାୟିନୀ ମା'ଙ୍କର ଅଭୟା ମୂର୍ତ୍ତିଟିଏ ସ୍ନେହରେ କୋଳେଇ ନେବାକୁ ଯେମିତି ହାତ ଠାରି ଡାକିଛି । ଶେଷରେ ଦୁଇଥର ମା' ମା' ଡାକି ସେଇ ପିଣ୍ଡାରେ ଟଳି ପଡ଼ିଛି ସେ । ବୁଢ଼ୀ ଫେରିବା ବେଳକୁ ସବୁ ସରି ଯାଇଥିଲା । "କୁଆଡ଼େ ଗଲୁ ଲୋ ନିଆଁ ଚୁଲି"... ଡାକ ଛାଡ଼ି ବାଡ଼ି ପିଣ୍ଡା ପାଖକୁ ଯାଇ ରେବତୀ ନାକରେ ହାତ ଦେଇ ଉତ୍କଟ ଚିତ୍କାରଟେ ଛାଡ଼ି ସେଇଠି ଦୁଲ୍‌ଦାଲ୍ ପଡ଼ି ଯାଇଛି ବୁଢ଼ୀ । ପଡ଼ୋଶୀ ମାନେ ରାତି ପହରକ ସମୟରେ ଶେଷ ଶବ୍ଦ ଶୁଣିଥିଲେ– "ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୁଲି ।" କି କରୁଣ ଏ ପରିଣତି !

ପାଠକ ମନରେ ସ୍ୱତଃ ପ୍ରଶ୍ନ ଆସେ– ଟିରିଲା ଝିଅ ପାଠ ପଢ଼ିଲେ ନାନା ଅଘଟଣ ଘଟିବ ଯାହା ବୁଢ଼ୀ ଆଶଙ୍କା କରୁଥିଲା, ତାହାହିଁ ସବୁ ଘଟିଗଲା । ତେବେ ଫକୀରମୋହନଙ୍କ ଶିଳ୍ପୀପ୍ରାଣ କ'ଣ ଏଇ ରକ୍ଷଣଶୀଳ ମନୋଭାବକୁ ସମର୍ଥନ କରୁଥିଲା ? ଉତ୍ତରରେ କୁହାଯାଇ ପାରେ– ନା । ବୁଢ଼ୀର ଅହେତୁକ ଆଶଙ୍କାର ବାସ୍ତବ ପ୍ରତିଫଳନ କେବଳ ଏକ 'କାକତାଳୀୟ ସଂଯୋଗ ମାତ୍ର' । ଫକୀରମୋହନ ନାରୀଶିକ୍ଷାର କେବେ ବିରୋଧୀ ନଥିଲେ । ନାନା ସାମାଜିକ ବିରୋଧ ସତ୍ତ୍ୱେ ସେ ବାରବାଟୀରେ ଝିଅ ସ୍କୁଲ୍‌ଟିଏ ନିଜସ୍ୱ ଉଦ୍ୟମରେ ଖୋଲିଥିଲେ । ଏ ନେଇ ରାଜା ବୈକୁଣ୍ଠନାଥ ଦେଙ୍କ ବାପା ଶ୍ୟାମାନନ୍ଦ ଦେ ଯେଉଁ ଭର୍ତ୍ସନା କରିଥିଲେ, ତା'ର ଏକ ଦୃଷ୍ଟାନ୍ତ ତାଙ୍କ ଆତ୍ମଜୀବନୀରୁ ଦେଖନ୍ତୁ–

ରାଜା– 'ତୁମେ ପରା ଗୋଟିଏ ମାଇପୀ ସ୍କୁଲ୍ ବସାଇଛ ?

ଫ.ମୋ.– ଆଜ୍ଞା, ଆଜ୍ଞା ।

ରାଜା– ଶୀଘ୍ର ଓଠାଓ, ଉଠାଓ ।

ଫ.ମୋ.– ଆଜ୍ଞା, କାରଣ କ'ଣ ?

ରାଜା– ସବୁ ଟିର୍ଲା ଦୁଶ୍ଚରିତ୍ରା ହୋଇଯିବେ ।

ଫ.ମୋ.– ଆଜ୍ଞା, ପାଠପଢ଼ିଲେ ସିନା ସଚ୍ଚରିତ୍ରା ହୁଅନ୍ତି ।

ରାଜା– ନାହିଁ ନାହିଁ, ପ୍ରଣୟୀ ଲୋକକୁ ଗୋପନରେ ଚିଠି ଲେଖିବେ ।

ଫ.ମୋ.– ଆଜ୍ଞା, ରାମାୟଣ ଭାଗବତ ବି ପଢ଼ିବେ ।

ରାଜାସାହେବ ଦକ୍ଷିଣ ହସ୍ତଟି ଧନୁକାକାର କରି ଭୟଙ୍କର ରୂପେ ମୁଣ୍ଡ ଝୁଙ୍କାଇ କହିଲେ– କେଭେ ନା । ଉଠାଅ ସ୍କୁଲ, ଉଠାଓ ସ୍କୁଲ, ଉଠାଓ ।

**(ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ / ଡ. ଶ୍ରୀନବାସ ମିଶ୍ର– ପୃ.୧୬୬)**

ଫକୀରମୋହନ ରାଜାଙ୍କ କଥା ନମାନି ସ୍କୁଲ୍ ଚଳେଇଥିଲେ । ଗଳ୍ପଟିରେ ଚରିତ୍ରମାନେ ନ ମରି ଯଦି ବଞ୍ଚିଥାନ୍ତେ, ତେବେ ବାସୁ ସହ ରେବତୀର ବିବାହ ହୋଇଥାନ୍ତା ଏବଂ ବାସୁ ଶ୍ୟାମ ବନ୍ଧୁଙ୍କ ଘରେ ଘରଜୁଆଁଇ ହୋଇ ରହିଥାନ୍ତା । କମେଡ଼ିଧର୍ମୀ ଗପଟିଏ ହୋଇଥାନ୍ତା ନିଶ୍ଚୟ । ତେବେ ପାଠକ କ'ଣ ବିଶ୍ୱବିରଳ କ୍ଲାସିକ୍ ଗଳ୍ପଟିଏ ପାଇଥାନ୍ତା ? ଫକୀରମୋହନଙ୍କ ଶିଳ୍ପୀ ପ୍ରାଣ ଚାହିଁଛି, ଗଳ୍ପଟିରେ ଟ୍ରାଜିକ୍ ଇଫେକ୍ଟ ଦେଇ ପାଠକ ପ୍ରାଣରେ ଅସରନ୍ତି କାରୁଣ୍ୟ ଓ ସମ୍ବେଦନା ସୃଷ୍ଟି କରିବାକୁ । ପି. ବି. ଶେଲିଙ୍କ ଭାଷାରେ– "Our sweetest songs are those that till of the saddest thoughts"

'ରେବତୀ' ଗଳ୍ପଟିରେ ଯେଉଁ ଟ୍ରାଜେଡ଼ି ଆସିଛି, ତାହା ଗ୍ରୀକ୍, ରୋମାନ୍ ଟ୍ରାଜେଡି ପରି ନିୟତି କର୍ତ୍ତୃକ ଅହେତୁକ । ଏ ଟ୍ରାଜେଡ଼ି ପାଠକକୁ କନ୍ଦାଏ । ଆଖିରୁ ଲୁହ ଓଟାରେ । ମନୋଜ ଦାସଙ୍କ 'ଲକ୍ଷ୍ମୀର ଅଭିସାର' ଗପଟି ପଢ଼ି ମହାପାତ୍ର ନୀଳମଣି ସାହୁଙ୍କ ପରି ଗାଳ୍ପିକ କାନ୍ଦି ପକେଇ ମନୋଜଙ୍କୁ ପଚାରିଥିଲେ, "କାହିଁକି ସେଇ ଚିକିଝିଅ ଲକ୍ଷ୍ମୀକୁ ମାରି ଦେଲ ?" ଖାଲି, ଏଇ ଗପ ନୁହେଁ, ମନୋଜଙ୍କ 'ଘୁଡ଼ି', 'ଯାଯାବର ପୁତ୍ରସ୍ୟ କାହାଣୀ' କିମ୍ବା 'ଧୂମ୍ରାଭ ଦିଗନ୍ତ' ପରି ଟ୍ରାଜେଡିଧର୍ମୀ ଗଳ୍ପ ପାଠ କଲେ କେଉଁ ପାଠକ ବା ନକାନ୍ଦିବ ! ଏଇ କାନ୍ଦିବା ହିଁ ତ କାଳୋତ୍ତୀର୍ଣ୍ଣ କରିଦିଏ ସ୍ରଷ୍ଟାର ସୃଷ୍ଟିକୁ । କି ଚମତ୍କାର ପ୍ରେମର ପୂର୍ବାନୁରାଗ । କବାଟ ଫାଙ୍କରେ ରେବତୀ ଘଣ୍ଟା ଘଣ୍ଟା ଚାହିଁ ରହିଥାଏ ବାସୁର ଆସିବାକୁ । ଆସିବା ମାତ୍ରେ ଲାଜରେ ଜଡ଼ସଡ଼ ହୋଇ ଘରକୋଣରେ ଲୁଚିଯାଏ । ପ୍ରେମାନୁରାଗର କୋମଳ କଳିକାଟି କେଉଁ ଅଦୃଷ୍ଟର ଚକ୍ରାନ୍ତରେ ଅକାଳରେ ଝରି ପଡ଼ିଲା । ବାସୁ ସହ ମିଳିତ ହୋଇଥିଲେ ଏଇ ପ୍ରେମାନୁରାଗ କ'ଣ ଚିରନ୍ତନ ଆବେଦନଟିଏ ସୃଷ୍ଟି କରିଥାନ୍ତା ? ଏଇଠି କବି ରମାକାନ୍ତ ରଥଙ୍କ କେଇପଦ କଥାକୁ ଲକ୍ଷ୍ୟ କରାଯାଉ– "ପ୍ରେମାସ୍ପଦ ସହ ମିଳନ ଘଟିଲା ପରେ ପ୍ରେମର ଆଉ କିଛି ଲକ୍ଷ୍ୟ ଅବଶିଷ୍ଟ ରହେନାହିଁ । ସୁତରାଂ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆକୁଳତା ଅନୁଭୂତ ହୁଏ ନାହିଁ । ଏମାନଙ୍କ ତୁଳନାରେ ପ୍ରେମାସ୍ପଦ ବ୍ୟକ୍ତି ଠାରୁ ଦୂରରେ ରହୁଥିବା, ଏପରିକି ଦିନକୁ ଦିନ ଦୂରତର ହେଉଥିବା ବ୍ୟକ୍ତିର ଜୀବନରେ ପ୍ରେମର ତାତ୍ପର୍ଯ୍ୟ ବହୁତ ବେଶି, ଏତେ ବେଶି ଯେ, ତାକୁ ତା'ର ଜୀବନର ସର୍ବଶ୍ରେଷ୍ଠ ଉପାଦାନ କୁହା ଯାଇପାରେ ।" **('ଶ୍ରୀରାଧା'ର ପୃଷ୍ଠବନ୍ଧ)**

ଏଇ ଗଳ୍ପରେ ଊନବିଂଶ ଶତାବ୍ଦୀର ନାରୀଶିକ୍ଷାର ସାମାଜିକ ସ୍ଥିତାବସ୍ଥାର କଥା କୁହାଯାଇଛି । ଫକୀରମୋହନ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ– ଏଇ ତିନି ପିଢ଼ିର ମନୋଭାବକୁ ପ୍ରକାଶ କରିଛନ୍ତି ରେବତୀରେ । ଜେଜୀମା' ଅତୀତ, ରେବତୀର ମା' ବର୍ତ୍ତମାନ ଓ ରେବତୀ ଭବିଷ୍ୟତ । ଜେଜୀମା' ରକ୍ଷଣଶୀଳତାର ପ୍ରତୀକ, ରେବତୀର ମା' ଅତୀତ ଓ ଭବିଷ୍ୟତର ସମନ୍ୱୟ ସେତୁ (ରେବତୀ ବାହାରକୁ ନଯାଇ ଘରେ ପଢୁ), ଏବଂ ରେବତୀ ପାଠପଢ଼ି ନୂଆ ଆଲୋକ ଦେଖିବାର ଆବେଗାତ୍ମକ ଭବିଷ୍ୟତ ।

ଗପଟି ପାଠକ ଭିତରେ ବହୁବିଧ ବ୍ୟାଖ୍ୟା (Multiplicity of interpretation) କରିବାର ଦ୍ୱାର (Openended)କୁ ଖୋଲା ରଖିଛି । ଫକୀରମୋହନଙ୍କ 'ରେବତୀ' ପରେ ୫୦ରୁ ଊର୍ଦ୍ଧ୍ୱ 'ରେବତୀ' ଶୀର୍ଷକ ଗଳ୍ପ ଲେଖା ସରିଛି । ମାତ୍ର ସେଗୁଡ଼ିକ ଫକୀରମୋହନଙ୍କ 'ରେବତୀ'ର ପାଦକୁ ମଧ୍ୟ ସ୍ପର୍ଶ କରିପାରି ନାହିଁ ।

ଅନୁଶୀଳନ - ୧

# ଚମ୍ପା-ଚରିତ



# ଚମ୍ପାଗଛରେ ବସା ବାନ୍ଧିଥିବା ତମ୍ପସାପର କାହାଣୀ



**କ୍ଷୀରୋଦ ଚନ୍ଦ୍ର ବେହେରା**

ବି-୩୦୩, ଆକାଶଦୀପ ଆପାର୍ଟମେଣ୍ଟ,
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨
ଫୋନ୍ : ୯୪୩୯୨୦୩୯୨୪

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

ମୁଁ ଚମ୍ପା, ନାରୀଟିଏ, ନଦୀଟିଏ ।
କୁଳୁକୁଳୁ ହୋଇ ବହିଯିବା ମୋର କାମ ।
ଦୁଇ କୂଳକୁ ଦେହରେ ବୋହି ଦାହ ହେବା ମୋ କାମ ।
କିନ୍ତୁ ସତରେ କଣ ମୁଁ ମୋ ଜୀବଦ୍ଦଶାରେ ତାହା କରିପାରିଛି ?
ମୋ ବିଫଳତା ପଛର କାରଣ କଣ ?
ମୋ ଉଚ୍ଚାଭିଳାଷ ନା ପୁରୁଷର ଷଡ଼ଯନ୍ତ୍ର ?
ମୁଁ ନିଜକୁ ଭଲ ଭାବରେ ଜାଣେ, ମୁଁ ଅପ୍ରତିହତ, ମୁଁ ହରକଳା ।
ଏ ବସୁଧାରେ ଏମିତି ଶକ୍ତି ନାହିଁ, ଯେ ମୋତେ ପରାସ୍ତ କରିବ ।
ବିଚକ୍ଷଣ ମୋ ବୁଦ୍ଧି ।
ଯେଉଁଠି ପୁରୁଷ ପରାସ୍ତ ହୁଏ, ମୁଁ ସେଠାରେ ବିଜୟର ଟୀକା ପିନ୍ଧେ ।

ଅନେକେ ଭାବନ୍ତି ମୁଁ ମଙ୍ଗରାଜର କ୍ରୀଡ଼ନକ, କିନ୍ତୁ ମୁଁ ଜାଣେ ସେ ମୋର କ୍ରୀତଦାସ । ବିରାଟ ଷଡ଼ଯନ୍ତ୍ରର ସେ ଏକ ସୈନିକ ମାତ୍ର ।

ରାମଚନ୍ଦ୍ର ମୋତେ ଆଣିଥିଲେ ତାଙ୍କ ସ୍ୱାଭାବିକ ଉତ୍ତେଜନାକୁ ପ୍ରଶମିତ କରିବା ନିମନ୍ତେ । ପୁରୁଷପଣିଆର ପରୀକ୍ଷାଗାର । ମାତ୍ର ମୁଁ ଚମ୍ପା, ଏକ ନାରୀ । ଭିନ୍ନ ଧାତୁରେ ଗଢ଼ା । ମୋର ନଥିଲା ଦେହ ପ୍ରତି ଆଗ୍ରହ । ନଥିଲା ଦେହର ଦହନରେ ନିଜକୁ ଅଧିକ ପୋଡ଼ିବାର ଆଗ୍ରହ । ଏଣୁ ସାଆନ୍ତାଣୀ, ରାତି ହେଲାଣି, ଶୋଇପଡ଼ କହି ରାମଚନ୍ଦ୍ରକୁ ଶୋଇବା ପାଇଁ ତାଗିଦ୍ କରୁଥିବା ବେଳେ ମୋ ଭିତରେ ବିଷାକ୍ତ ତମ୍ପସାପ ଭିଡ଼ିମୋଡ଼ି ହେଉଥିଲା ଚୋଟ ମାରିବା ପାଇଁ । ସାଆନ୍ତାଣୀଙ୍କୁ ଥିଲା ମୋର ପ୍ରଥମ ଚୋଟ । ସମ୍ମୋହନରେ ମୋହାବିଷ୍ଟ ହୋଇଯାଇଥିବା ମୋର ପରମ ପ୍ରେମିକ ରାମଚନ୍ଦ୍ର ସେଦିନ ସାଆନ୍ତାଣୀକୁ କହିଥିଲା, "ଆଚ୍ଛା ମୁଁ ଯାଉଛି, ତୁମ୍ଭେ ବାହାରକୁ ଯାଅ । ଆପଣମାନେ ଯାହାକୁ ଦେବୀ, ଯାହାକୁ ସାଆନ୍ତାଣୀ କହୁଥିଲେ, ପ୍ରଥମେ ତାକୁ ମୁଁ କରିଥିଲି କ୍ଷମତାଚ୍ୟୁତ । ଆଉ ମୁଁ ହେଲି କ୍ଷମତା-କେନ୍ଦ୍ର ।

ଅପ୍ରତିଦ୍ୱନ୍ଦ୍ୱୀ କ୍ଷମତା-କେନ୍ଦ୍ର ।

ଭଗବାନ ଓ ସାରିଆ, ତାଙ୍କର ଛମାଣ ଆଠଗୁଣ୍ଠ, ମୋତେ କେତେ ରାତ୍ରୀ ବିନିଦ୍ର ରଖିଛି ମୁଁ ଜାଣେନି । ପବନରେ ଲହଡ଼ି ଭାଙ୍ଗିଥିବା ହଳଦୀ ରଙ୍ଗର ପାଚିଲା ଧାନକ୍ଷେତ ଦେଖିଲେ ମୋ ଦେହରେ ବହିଯାଏ ଗରମ ପବନ । ଧାନକ୍ଷେତରୁ ଯାଉଥିବା ସୁନାରଫସଲ ଭଗିଆର ଘରକୁ କରିଥିଲା ଲକ୍ଷ୍ମୀନିବାସ । ଆମ ଜମିଦାରୀକୁ ତାର ନୀରବ ଆହ୍ୱାନକୁ ମୁଁ କେମିତି ବା ସହ୍ୟ କରିଥାନ୍ତି ! ନାରୀର ସମସ୍ତ ପରିଚୟ ତା'ସ୍ୱାମୀ । ଭଗିଆର ଆସନ୍ନ ମୃତ୍ୟୁର ଭୟ ପ୍ରଦାନ କରି, ମୁଁ ଅକ୍ଳେଶରେ ନେଇ ଆସିଥିଲି ଛ'ମାଣ ଆଠଗୁଣ୍ଠ ।

ମୋ ପାରିବା ପଣିଆରେ ତଥାପି ସନ୍ଦେହ ରଖିଥିଲେ, ମୋ ଖାଉନ୍ଦ ରାମଚନ୍ଦ୍ର । ବାଘସିଂହ ବଂଶର ଆଭିଜାତ୍ୟ ତାଙ୍କୁ ଦେଉଥିଲା ଅସହ୍ୟ କଷ୍ଟ । ବାଘସିଂହ ବଂଶର ଠେଙ୍ଗାକୁ ରାମଚନ୍ଦ୍ରର ଅପର୍ଯ୍ୟାପ୍ତ ଭୟ । ଗୋଟିଏ ରୌଦ୍ର ଅପରାହ୍ନରେ ଅଧଘଣ୍ଟାର ନାଟକ ଧ୍ୱଂସ କରି ଦେଇଥିଲା ବାଘସିଂହ ବଂଶର ଔଦ୍ଧତ୍ୟ । ଟାଙ୍ଗୀମାଉସୀ ହୋଇ ମୁଁ ଯେଉଁ ଅଭିନୟ କରିଥିଲି, ସେପରି ନାଟକ ମାନବଜାତିର ଇତିହାସରେ ନା ରଚିତ ହୋଇଛି, ନା କେବେ ହେବ । ସେହିଦିନ ଠାରୁ ନାରୀ ଅବଳା ହୋଇପାରେ, ମାତ୍ର ଚମ୍ପା ଯେ ଅବଳା ନୁହେଁ, ଯେକୌଣସି ପୁରୁଷକୁ ପରାସ୍ତ କରିପାରେ, ତାହା ପ୍ରମାଣ କରିବାର ଆଉ ଆବଶ୍ୟକତା ନଥିଲା । ଆଖି ପାଉଥିବା ସମସ୍ତ ଭୂଖଣ୍ଡର ମୁଁ ଥିଲି ଏକମାତ୍ର ରାଜରାଜେଶ୍ୱରୀ ସାଆନ୍ତାଣୀ ।

ଆପଣମାନେ ପଚାରି ପାରନ୍ତି, ମୁଁ ନାରୀଟିଏ, ରାକ୍ଷସକୁ ପୋଷିଲି କାହିଁକି ? ନାରୀଟିଏ ହୋଇ ଗୋଟିଏ ସବୁଜ ସୁନ୍ଦର ପୃଥିବୀରେ ଧ୍ୱଂସ ଲୀଳା ରଚିଲି କାହିଁକି ?

ସୁନ୍ଦରୀ ନାରୀଟିଏ ହୋଇ ସଂସାର ରଚିଲିନି କିଆଁ ?

ଚମ୍ପା ନାମରେ ତମ୍ପଟିଏ ହେଲି କିଆଁ ?

ସେଥିପାଇଁ ତ ପ୍ରଥମେ ମୁଁ ଅତୀତ ଓ ଐତିହ୍ୟ ହୀନ । ମୋର ପରିବାର ନାହିଁ, ନାହିଁ ସାମାଜିକ ପରିଚୟ ଓ ସୁରକ୍ଷା । ଦେହ ବିକି ବଂଚିବାର ମଧ୍ୟ ମୋର ଲୋଭ ନାହିଁ । ବେଳେବେଳେ ମୁଁ ଭାବେ ମୁଁ ବୋଧେ ପୃଥିବୀର ଏକମାତ୍ର ନାରୀ, ଯାହାର ଦେହରେ ଜରାୟୁ ନାହିଁ । ନାରୀର ଉତ୍ତେଜନା, ଶିହରଣ, ଭଲପାଇବା- କାହିଁ କେବେ ବି ତ ମୋ ଦେହରେ ଘଟି ନାହିଁ । ବସନ୍ତ, ମଳୟ, ପୁଲକ, ରୋମାଞ୍ଚ, ସ୍ୱେଦ, ବେପଥୁ- ଏମାନେ କେବେ ବି ତ ମୋତେ ଅଥୟ କରିନାହାନ୍ତି । କେବେ ବି ତ ମୋ ସ୍ୱପ୍ନରେ ନା ଆସିଛନ୍ତି ସ୍ୱାମୀ ଅଥବା ସନ୍ତାନ ? ଏବଂ ଏଥିନିମିତ୍ତ ମୁଁ କେବେବି ହୋଇନି ବ୍ୟଥିତ ।

ଗୋଟିଏ ହାଡୀର ଦେହ ନେଇ ନାରୀଟିଏ କିପରି ବଞ୍ଚେ ? ଜାଣିଛନ୍ତି ସେ ଦହନ । ମୋ ଚାଲିକୁ ଘୋଡ଼ା ଚାଲି କହିବା ପଶ୍ଚାତ୍‌ରେ ଥିବା ରହସ୍ୟକୁ କେବେ କଣ କରିଛନ୍ତି ଉଦ୍‌ଘାଟନ ?

ଏକ ରାକ୍ଷସର ଦେହ ମଧ୍ୟରେ କେମିତି ଆପଣ ଖୋଜିଛନ୍ତି ନାରୀର ଉଷ୍ମ ଓ ସ୍ନିଗ୍ଧ ପରଶ ?

ମୁଁ ଯଦି ଗୋରୀ ତନ୍ୱୀଟିଏ ହୋଇଥାନ୍ତି ତେବେ ରାମଚନ୍ଦ୍ର ମଙ୍ଗରାଜର ରକ୍ଷିତା ହୋଇଥାନ୍ତି । ପ୍ରତ୍ୟେକ ରାତ୍ରୀରେ ତା ଦେହର କଷଣ ସହି ସହି ଅହଲ୍ୟା ହୋଇଥାନ୍ତି । ମୋ ତୃପ୍ତି, ମୋ ପ୍ରୀତି ମୋ ପାଖରେ, ପୁରୁଷର କ୍ରୀଡ଼ନକ ହୋଇ ତା ଦେହର

ତାତି ଖସାଇବାରେ ବିତିଥାନ୍ତା ମୋର ଇହକାଳ ।

ସାଧୁଜନେ !

ସେପରି ନାରୀ ହେବା ଅପେକ୍ଷା ଚମ୍ପା ନାମ୍ନୀ ତମ୍ପ ସାପଟିଏ ହେବା ଶ୍ରେୟସ୍କର ।

ପୁରୁଷର ପାରିବାପଣକୁ ନେଇ ମୁଁ ସବୁଦିନେ ଏକ ଆହ୍ୱାନ ।

ମୁଁ ଅସୁନ୍ଦରୀ- ଦେହରେ, ମନରେ ।

ପୁରୁଷର ସମସ୍ତ ଆବର୍ଜନାରେ ମୋ ଦେହ କଦାକାର ।

ଏପରିକି ଭାବନା ଓ ବର୍ଣ୍ଣନାରେ ବି ।

ଅର୍ଦ୍ଧବକ୍ଷ ଉଲ୍ଲଙ୍ଗିନୀ, ମୁରୁକି ହାସିନୀ
ବସ୍ତ୍ରଶୂନ୍ୟା, ରିକ୍ତ ହସ୍ତା, ତୁରଙ୍ଗ ଗାମିନୀ,
ମାର୍ଜରନୟନା, ତାମ୍ରକେଶା, ଅଷ୍ଟାଭିଡ଼ା
ସ୍ୱାଧୀନଭର୍ତ୍ତୃକା, ପାଂଚଜଣ ଆଗେ ଛିଡ଼ା
ପରପୁରୁଷକୁ ଧରି ନର୍ତ୍ତକୀ ସୁନ୍ଦରୀ
ଆହା, ଆହା ଅପରୂପ ସ୍ୱର୍ଗ ବିଦ୍ୟାଧରୀ ।

ମୋର ଆଉଗୋଟିଏ ମନମୋହିନୀ ରୂପ ଦେଖନ୍ତୁ:

"ବୋହୂମାଉସୀ ମୁଣ୍ଡରେ ମା ମଙ୍ଗଳା ପରି ମୁଣ୍ଡାଏ ସିନ୍ଦୂର, ଆଖିରେ କଜ୍ଜଳ, ନାକରେ ଗୁଣା, ତା ଉପରେ ନାଟ ମୟୂର, ବାଁ ପୁଡ଼ାରେ ବସଣୀ, ଦୁଇ କାନରେ ବଡ଼ ବଡ଼ ଦୁଇଟା କାପ, ବେକରେ ଚାପସରୀ, ତା ତଳେ ପାଟ ସୂତାରେ ଗୁନ୍ଥା ମାଳେ କୁରୁ ଜାତକ, ବାହୁରେ ବିଜ, ହାତରେ ପଇଂଚି, ତାହା ଉପରେ କଟା, ତାହା ଉପରେ ଚୁଡ଼ି, ହାତ ପାଂଚ ଆଙ୍ଗୁଳିରେ ରୁପାଚାପ ମୁଦି ସାତଗୋଟା, ଗୋଡ଼ରେ ଚବିଶପଳ ଓଜନରେ ଦୁଇଟା କଂସାବାଙ୍କ, ଗୋଡ଼ ଦଶ ଆଙ୍ଗୁଳିରେ ଝୁଣ୍ଟିଆ । ମୁଣ୍ଡରେ ଦଶ-ବାର କେରା ପାଟଥୋପରେ ବିଶାଳ ଜୁଡ଼ା, ତାହା ଉପରେ ତିନିଟା ବେଙ୍ଗପାଟିଆରେ ତିନିକେରା ଶିକୁଳିଲଗା ଗୋଜି-କାଠି ଖୋସା, କୁମ୍ଭକର୍ଣ୍ଣୀ ଧଡ଼ି ଷୋଳହାତୀ ବରମପୁରୀ ପାଟଶାଢ଼ୀ ପିନ୍ଧା, ଗାଲରେ ଗାଲେ ପାନ ।" ଏବେ କିଛି ବୁଝିଲେ ତ ?

ଏ ମୋର ରାଜରାଣୀ ବେଶ ।

ଏ ବେଶରେ ମୁଁ କେବେ କଣ ଅସୁନ୍ଦରୀ ଦେଖା ଯାଇଥିବି ?

ଏଇଠି ମୋର ଆପଣମାନଙ୍କୁ ଛୋଟ ପ୍ରଶ୍ନଟିଏ । ନାରୀ କଣ ସବୁଦିନେ ପୁରୁଷର ମନୋରଂଜନ ସାମଗ୍ରୀ ? ନାରୀ କଣ କଣ୍ଢେଇଟି, ପୁରୁଷର ଇଚ୍ଛା ପୂର୍ତ୍ତିର ?

କ୍ଷମା କରିବେ ମୁଁ ସେ ନାରୀ ନୁହେଁ । ମୁଁ ସେ ନଦୀ ନୁହେଁ, କଳକଳ ଛଳଛଳ ବହିଯିବା ପାଇଁ ।

ଏଣୁ କଦାକାରକୁ ମୁଁ ଭଲପାଏ । ମୁଁ ଗଭୀର ଭାବରେ ଭଲପାଏ ନାରୀର ପାରିବାପଣକୁ । ପୁରୁଷର ସାମ୍ରାଜ୍ୟକୁ ଧ୍ୱଂସ କରି ମୁଁ ଗଢ଼େ ନାରୀର ସାମ୍ରାଜ୍ୟ ।

ସେଥିପାଇଁ ତ ଆପଣମାନେ ମୋତେ ମଲା ପରେ ଉଲଗ୍ନ କରି ଶୁଆଇ ଦେଲେ । ତିନିଦିନ ମୋ ଶବକୁ ପକାଇ ରଖିଲେ ନଦୀକୂଳରେ । ଛାଡ଼ିଦେଲେ ଶାଗୁଣା ଓ ବିଲୁଆମାନଙ୍କ ଖାଦ୍ୟ ହେବା ପାଇଁ । ମନ ମେଣ୍ଟିଲାନି ସେଥିରେ । କାଟି ଦେଲେ ମୋର ନଳୀଗୋଡ଼ । ଫିଙ୍ଗିଦେଲେ ମୋ ମୃତ ଶରୀରକୁ କୁମ୍ଭୀର ମୁହଁକୁ । ଆପଣ କଣ ସତରେ ଭାବି ନେଇଥିଲେ ଗୋଟିଏ ଭଣ୍ଡାରୀର ସ୍ତ୍ରୀ ହୋଇ ମୁଁ ବଂଚିଥାନ୍ତି ଏକ ନାରୀର ଜୀବନ ? ପ୍ରତାପୀ ରାମଚନ୍ଦ୍ରକୁ ଯେ ନିଜ ପଣତ କାନିରେ ବାନ୍ଧି ରଖିଥିଲା, ସେ କେମିତି ହୋଇପାରିଥାନ୍ତା ଗୋବିନ୍ଦ ଭଣ୍ଡାରୀର ସ୍ତ୍ରୀ । କଟକ ପହଂଚିଥିଲେ ମୁଁ ହୋଇଥାନ୍ତି କ୍ଷମତାକେନ୍ଦ୍ର । ମୋ ଚାରିପଟେ ଘୁରି ବୁଲୁଥାନ୍ତା ସମଗ୍ର ପୃଥିବୀ । ଗୋବିନ୍ଦା ତାହା କରାଇ ଦେଲା ନାହିଁ । ତେବେ ମୋତେ ପ୍ରେତିନୀ କରି କାଳକାଳକୁ ସେ ବରଗଛରେ ବାନ୍ଧିଦେବା କେତେ ନ୍ୟାୟ ସଙ୍ଗତ ? ଜୀବନକାଳ ମଧ୍ୟରେ ମୁଁ ତ ପାଇ ନାହିଁ ସ୍ନେହ ଓ ପ୍ରେମ, ମଲା ପରେ ବି ମୋ ଶବକୁ ଅତ୍ୟାଚାର କରିବା କେତେ ନ୍ୟାୟସଙ୍ଗତ ?


## 'ରେବତୀ'ର ବିତରକ ଓ ବିକ୍ରେତା



**ଏ.କେ. ନାୟକ ବୁକ୍‌ଷ୍ଟୋର**
ପୁରୁଣା ବସ୍‌ଷ୍ଟାଣ୍ଡ,
ଭୁବନେଶ୍ୱର



**ନଲେଜ୍ କର୍ଣ୍ଣର**
ବସ୍‌ଷ୍ଟାଣ୍ଡ୍
ସହଦେବଖୁଣ୍ଟା
ବାଲେଶ୍ୱର



**ନାରାୟଣୀ ବୁକ୍‌ଷ୍ଟୋର**
ପୁରୁଣା ବସ୍‌ଷ୍ଟାଣ୍ଡ
ଭୁବନେଶ୍ୱର



**ସଞ୍ଜୟ ବୁକ୍ ଷ୍ଟୋର**
ବଟେରୀ ବଜାର,
କଲେଜ ରୋଡ୍
ଭଦ୍ରକ

| ମାଧବ ବୁକ୍ ଷ୍ଟୋର | ତପନ ବୁକ୍ ଷ୍ଟୋର | ବୀଣାପାଣି ପୁସ୍ତକ ଭଣ୍ଡାର | ଜ୍ଞାନପୀଠ ବୁକ୍ ଷ୍ଟୋର | ପଣ୍ଡା ବୁକ୍ ଷ୍ଟୋର |
|---|---|---|---|---|
| ଭରତିଆ ଟାୱାର, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ସାମ୍ନା, କଟକ | ପୁରୁଣା ବସ୍‌ଷ୍ଟାଣ୍ଡ ଭୁବନେଶ୍ୱର | ଷ୍ଟେସନ୍ ବଜାର ବାଲେଶ୍ୱର | ବସ୍‌ଷ୍ଟାଣ୍ଡ୍ ବାରିପଦା | ବସ୍‌ଷ୍ଟାଣ୍ଡ୍ ସମ୍ବଲପୁର |


ସୃଜନର ସେନାପତି

# ଫକୀରମୋହନଙ୍କ ବ୍ୟକ୍ତିତ୍ୱର ବିବିଧତା



ଡକ୍ଟର ଅରବିନ୍ଦ ଗିରି

ସୁଏଲପୁର, ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୧
ଫୋନ : ୬୩୭୧୩୮୬୧୮୧

**ଜନ୍ମଭୂମି ଓ ମାତୃଭାଷାର ଦୁର୍ଦ୍ଦିନ କାଳରେ ଫକୀରମୋହନ ସେନାପତି କେବଳ ଚନ୍ଦ୍ରମା ପାଲଟି ନଥିଲେ କି ସେନାପତି ସାଜି ନଥିଲେ, ବରଂ ଓଡ଼ିଆ ଜାତିର ସର୍ବାଙ୍ଗୀନ ବିକାଶ ପାଇଁ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନାକୁ କର୍ତ୍ତବ୍ୟ ମଣିଥିଲେ ।**

ବ୍ୟକ୍ତିତ୍ୱ ହେଉଛି ବ୍ୟକ୍ତିର ସର୍ବଶ୍ରେଷ୍ଠ ପରିଚୟ । ସ୍ୱାଭିମାନ ହେଉଛି ବ୍ୟକ୍ତିତ୍ୱର ବିଭୂଷଣ । ଏହା ମଧ୍ୟ ଈଶ୍ୱରଦତ୍ତ, ପ୍ରାରବ୍ଧ । ବହୁ ନିଷ୍ଠା, ସତର୍କତା, ସଂଯମତା ଓ କର୍ମ ତପସ୍ୟାରେ ଏହାକୁ ରକ୍ଷା କରିବାକୁ ପଡ଼େ । ଜୀବନରେ ଥରେ ବ୍ୟକ୍ତିତ୍ୱର ଜଳାଞ୍ଜଳି ଘଟିଲେ ଜୀବନର ମହତ୍ତ୍ୱ ନଷ୍ଟ ହୋଇଯାଏ । ଘାତ ସଂଘାତମୟ ଜୀବନ ସଂଗ୍ରାମର ସାମାଜିକ ପ୍ରତିକୂଳତାକୁ ବରାବର ସାମ୍ନା କରିବାକୁ ପଡ଼େ ଏବଂ ବହୁ କଷ୍ଟଦଗ୍ଧ ସିଦ୍ଧ ତପସ୍ୱୀ ସଦୃଶ ବିଜୟୀ ହୁଏ । କିନ୍ତୁ କୌଣସି ସ୍ୱାର୍ଥ ଜନିତ ପରିସ୍ଥିତିରେ ନିଜ ବ୍ୟକ୍ତିତ୍ୱର ଯେଭଳି ମର୍ଯ୍ୟାଦାହାନୀ ନଘଟେ । ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ସମୂହ ବା ଜାତୀୟ ସ୍ୱାର୍ଥରକ୍ଷା ପ୍ରତି ସର୍ବଦା ଧ୍ୟାନ ଦେବା କର୍ତ୍ତବ୍ୟ ପାଲଟି ଯାଏ ।

ଫକୀରମୋହନ ଥିଲେ ଏହିଭଳି ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଯେତେବେଳେ ଉତ୍କଳ ଜାତୀୟ ଜୀବନ ବିପନ୍ନ, ଏହାର ସାମାଜିକ, ରାଜନୀତିକ, ଅର୍ଥନୀତିକ ସ୍ଥିତିହୀନ ଅବସ୍ଥା ସହିତ କ୍ରମାଗତ, ବାଧା, ବାତ୍ୟା, ମରୁଡ଼ି ଓ ମହାମାରୀରେ ଏ ଜାତି ପୀଡ଼ିତ, ସେହିଭଳି ଏକ ସଂକଟମୟ ସମୟରେ ପିତା ଲକ୍ଷ୍ମଣ ସେନାପତି ଓ ମାତା ତୁଳସୀ ଦେଈଙ୍କ କୋଳମଣ୍ଡନ କରିଥିଲେ ଦ୍ୱିତୀୟ ସନ୍ତାନ ଭାବରେ ବାଲେଶ୍ୱରର ମଲ୍ଲିକାଶପୁର ଗ୍ରାମରେ । ଜନ୍ମର ବର୍ଷେ ଆଠମାସ ମଧ୍ୟରେ ତାଙ୍କ ପିତା ଓ ମାତାଙ୍କର ବିୟୋଗ ଘଟେ । ବାପ ମାଆ ଛେଉଣ୍ଡ ଅସହାୟ ଶିଶୁଟିର ଏକମାତ୍ର ଆଶ୍ରୟସ୍ଥଳୀ ପାଲଟିଯାନ୍ତି ତାଙ୍କ ବିଧବା ବୁଢ଼ୀମା କୋଚିଳା ଦେଈ । ଏକେତ ରୁଗ୍ଣା, ଅସହାୟ ଶିଶୁଟିକୁ ଦୁନିଆ ଆଗରେ ବଞ୍ଚାଇ  ରଖିବା ପାଇଁ ଶଙ୍କାଗ୍ରସ୍ତା ବୁଢ଼ୀମା ତାକୁ  ସୁନହଟର ଭୂଜାଖିଆ ପୀରବାବାଙ୍କୁ ଟେକି ଦେଇ ବ୍ରଜମୋହନରୁ ଫକୀରମୋହନ ନାମ ପରିବର୍ତ୍ତନ କରାଇ ଦେଲେ । ଚାହାଳି ଶିକ୍ଷାରେ କଟକ ଜିଲ୍ଲାର ବୈଷ୍ଣବ ମହାନ୍ତି ଅବଧାନ ତାଙ୍କ ବଡ଼ ବାପା ପୁରୁଷୋତ୍ତମ ସେନାପତିଙ୍କ ମନ ନେବା ପାଇଁ ବିନା ଦୋଷରେ ମାଡ଼ ଦେବା ଉଭୟ ବଡ଼ବାପା ଓ ନିଷ୍ଠୁରା ବଡ଼ମାଆଙ୍କ ପାଇଁ ଖୁସିର କାରଣ ହୋଇଥିଲା ବେଳେ ଠାକୁମାଆଙ୍କ ମନରେ ଦୁଃଖ ଦେଇଥିଲା । ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ବଡ଼ ବାପାଙ୍କ ବିନାନୁମତିରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ହେତୁ ବଡ଼ବାପାଙ୍କ ଅସହଯୋଗୀ ଓ ନିଷ୍ଠୁରା ବଡ଼ମାଆଙ୍କ ଅସହିଷ୍ଣୁତା କାରଣ ଯୋଗୁଁ ଶ୍ରେଣୀରେ ପ୍ରଥମ ହୋଇଥିଲେ ବି ସ୍କୁଲ୍ ଦରମା ଚାରିଅଣା ପଇସା ନଦେଇ ପାରିବାରୁ ସବୁଦିନ ପାଇଁ ପାଠପଢ଼ା ବନ୍ଦ ହୋଇଯିବା କିଶୋର ଫକୀରମୋହନଙ୍କ ପାଇଁ ଥିଲା ଭାଗ୍ୟର ବିରାଟ ବିଡ଼ମ୍ବନା । ଅଥଚ ଉକ୍ତ ସ୍କୁଲ୍‌ର ଜଣେ ମେଧାବୀ ଛାତ୍ର ଭାବରେ ମାସିକ ଅଢ଼େଇ ଟଙ୍କା ଦରମାରେ ତୃତୀୟ ଶିକ୍ଷକ ଭାବରେ ନିଯୁକ୍ତି ଖବର କୋଚିଳାଦେଈଙ୍କୁ ଯେତିକି ଆତ୍ମସନ୍ତୋଷ ଦେଇଥିଲା ତା'ଠାରୁ ବରଂ ଅଧିକ ଆଶା, ଆଶ୍ୱାସନା ଓ ଆତ୍ମବିଶ୍ୱାସର ସୃଷ୍ଟି ହୋଇଥିଲା ଫକୀରମୋହନଙ୍କ ମନରେ । ସେ ସଂକଳ୍ପନିଷ୍ଠ ହୋଇ ଘରୋଇ ଭାବରେ ମିଡିଲ୍ ଭର୍ଣ୍ଣାକ୍ୟୁଲର୍ ପାସ୍ କଲେ ଏବଂ ବଙ୍ଗୋତ୍କଳ ବିଦ୍ୟାଳୟରେ ତାଙ୍କର ଦରମା ଦଶ ଟଙ୍କାକୁ ବୃଦ୍ଧି ଘଟିଲା ।

୧୮୬୪ରେ ଫକୀରମୋହନ ବାଲେଶ୍ୱର ମିଶନ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ହେଲେ । ସେତେବେଳକୁ ତାଙ୍କର ଏକୋଇଶ ବର୍ଷ ବୟସ । ତାରୁଣ୍ୟର ଅସୀମ ଉଦ୍ଦୀପନା ଓ ସ୍ୱପ୍ନ ବିଭୋରତା ମଧ୍ୟରେ ସେ ଉତ୍କଳର ଅତୀତ ଓ ବର୍ତ୍ତମାନକୁ ଗଭୀର ଭାବରେ ନିରୀକ୍ଷଣ କରୁଥାନ୍ତି । ଯେଉଁ ଜାତି ଦିନେ ରଣନିପୁଣ, ପରାକ୍ରମଶାଳୀ ଦିଗ୍‌ବିଜୟୀ ହୋଇ ନିଜର ସାମ୍ରାଜ୍ୟ ଆଗଙ୍ଗା ଗୋଦାବରୀ ବିସ୍ତୃତ କରିଥିଲା ଏବଂ ଯାହାର ରଣତରି ସାତସମୁଦ୍ର ଆରପାରି ଜାଭା, ବାଲି, ବର୍ଣ୍ଣିଓ, ସିଂହଳ, ଇଣ୍ଡୋନେସିଆ ଦ୍ୱୀପମାନଙ୍କରେ ବେପାର ବାଣିଜ୍ୟ କରି ଧନଧାନ୍ୟରେ ଉତ୍କଳକୁ ବିଭବଶାଳୀ କରିଥିଲା, ଯାହାର କଳା ଭାସ୍କର୍ଯ୍ୟ ବିମଣ୍ଡିତ କୋଣାର୍କ, ପୁରୀ, ଲିଙ୍ଗରାଜ, ରାଜରାଣୀ ମନ୍ଦିରର କାରୁକାର୍ଯ୍ୟ ବିଶ୍ୱକୁ ଚମତ୍କୃତ କରିଥିଲା, ସେ ଜାତି ମୋଗଲ, ମରହଟ୍ଟା, ଇଂରେଜ ଶାସନାଧୀନ ହୋଇ ଦୁଇ ଶହ ବର୍ଷର ପରାଧୀନତା ମଧ୍ୟରେ ଆଜି ପଙ୍ଗୁ, ଅଥର୍ବ ହୋଇଯିବା ଏବଂ ତାର ପୂର୍ବ ଉଦ୍ଦାମତା ପରିବର୍ତ୍ତେ ଆଜି ସ୍ଥାଣୁ ଜଡ଼ ପାଲଟି ଯିବା ଅବସ୍ଥା ଫକୀରମୋହନଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରିଥିଲା । ଏଥିସହିତ ସ୍ୱୀୟ ମାତୃଭୂମିର ବିଚ୍ଛିନ୍ନ ଏବଂ ମାତୃଭାଷାର ବିପନ୍ନ ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ଏ ଜାତିର ଭାଗ୍ୟାକାଶରୁ ଦୁର୍ଦ୍ଦିନର କଳାବାଦଲ କିପରି ସବୁଦିନ ପାଇଁ ଅପସରି ଯିବ, ତା'ର ସୁଚିନ୍ତିତ ଉପାୟ ନିରୂପଣ କରୁଥିଲେ ।

ଫକୀରମୋହନ ଥିଲେ ପ୍ରଥମ ବ୍ୟକ୍ତି ଯେ, ଉତ୍କଳ ଓ ଜାତୀୟ ଜୀବନର ବିକାଶ ଓ ସମାଜ ସେବାକୁ ଏକତ୍ର ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିଲେ । ମିସନ୍ ସ୍କୁଲ୍‌ରେ ଶିକ୍ଷକତା  ବେଳେ ନିଜର ବିଚକ୍ଷଣ ବୁଦ୍ଧି ଓ ଧୀମତ୍ତାର ପରିଚୟ ଦେଇ ବାଲେଶ୍ୱର ଜିଲ୍ଲାର ତତ୍କାଳୀନ ଭାରପ୍ରାପ୍ତ କଲେକ୍ଟର ଆର.ଏଚ୍. ପଶି ଓ ଜଏଣ୍ଟ୍ ମାଜିଷ୍ଟ୍ରେଟ୍ ମେୟର୍ସ ସାହେବଙ୍କ ପ୍ରୀତିଭାଜନ ହୋଇପାରିଥିଲେ ଏବଂ ଉଭୟଙ୍କୁ ବଙ୍ଗଳା ଶିକ୍ଷାଦାନ କରୁଥିଲେ । ମାତ୍ର ମିସନ୍ ସ୍କୁଲ୍‌ର ସମ୍ପାଦକ ରେଭରେଣ୍ଡ୍ ଏ. ମିଲର୍ ସାହେବଙ୍କ ହିନ୍ଦୁଧର୍ମ ବିଦ୍ୱେଷୀ ମନୋଭାବ ଏବଂ ଓଡ଼ିଆ ଭାଷାର ବିକୃତ ଅନୁବାଦରେ ଅତିଷ୍ଠ ହୋଇ ମିସନ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ପଦ ତ୍ୟାଗ କରିଥିଲେ । ଜଣେ ସ୍ୱାଭିମାନୀ ଜାତୀୟ ଭାବାପନ୍ନ ଶିକ୍ଷକ ଭାବରେ ନିଜ ଧର୍ମ ଓ ଭାଷାର ଅମର୍ଯ୍ୟାଦାକୁ ସେ କେବେ ବରଦାସ୍ତ କରିପାରି ନଥିଲେ । ଫଳରେ ବାଲେଶ୍ୱର ମିସନ୍‌ରୁ ମିଲର୍ ସାହେବଙ୍କ ବିଦାୟ ଘଟିଥିଲା । ତାଙ୍କ ସ୍ଥାନରେ ରେଭେରେଣ୍ଡ୍ ଇ.ସି.ବି. ହାଲମ୍ ସାହେବ ମିସନ୍ ମୁଖ୍ୟ ଭାବରେ ଯୋଗ ଦିଅନ୍ତି । ମିସନ୍ ସ୍କୁଲ୍ ସମ୍ପାଦକ ଥିବା ଫକୀରମୋହନଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିବାକୁ ସେ ଅନୁରୋଧ କରିବା ଫଳରେ ଫକୀରମୋହନ ପୁନଃ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ ଯାହା ବାଲେଶ୍ୱର ବଙ୍ଗୀୟ ଅମଲାଙ୍କ ମଧ୍ୟରେ ସେତେବେଳେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା । ମିସନ୍ ସ୍କୁଲ୍‌ରେ ଥିବାବେଳେ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଓ ମାଜିଷ୍ଟ୍ରେଟ୍ ଜନ୍ ବୀମ୍‌ସ୍‌ଙ୍କ ସହିତ ହାଲମ୍ ସାହେବଙ୍କ ସହାୟତାରେ ପରିଚୟ ଘଟିଥିଲା । ସମଗ୍ର ଓଡ଼ିଶାରେ ମିସନ୍ ସ୍କୁଲର ସର୍ବୋତ୍ତମ ପରୀକ୍ଷା ଫଳ ହୋଇଥିବାରୁ ଫକୀରମୋହନଙ୍କ ଦରମା ପଚିଶ ଟଙ୍କାକୁ ବୃଦ୍ଧି କରା ଯାଇଥିଲା । ବୀମ୍‌ସ ସାହେବ ଭଲଭାବରେ ହୃଦ୍‌ବୋଧ କରିଥିଲେ ଫକୀରମୋହନ ଜଣେ ଓଡ଼ିଆ, ବଙ୍ଗଳା, ପାର୍ସି ଆଦି ଭାଷାର ବିଜ୍ଞ ପଣ୍ଡିତ ତଥା ଶିକ୍ଷାଦାନ କ୍ଷେତ୍ରରେ ଯୋଗ୍ୟତମ ବ୍ୟକ୍ତି । ତାଙ୍କ ଲିଖିତ ତୁଳନାତ୍ମକ ବ୍ୟାକରଣ ପୁସ୍ତକରେ ସେ ଫକୀରମୋହନଙ୍କୁ ଜଣେ ଓଡ଼ିଆ ଓ ବଙ୍ଗଳା ଭାଷାର ପରାମର୍ଶଦାତା ରୂପେ ଗ୍ରହଣ କରିଥିଲେ । ଏହି ସୂତ୍ରରେ ଜନ୍ ବୀମ୍‌ସ୍‌ଙ୍କ ସହିତ ଫକୀରମୋହନଙ୍କର ସାରସ୍ୱତ ବନ୍ଧୁତା ସୃଷ୍ଟି ହୋଇ ଓଡ଼ିଆ ଭାଷା ସହିତ୍ୟ ତଥା ଓଡ଼ିଆ ଜାତୀୟ ଜୀବନର ବିକାଶ କ୍ଷେତ୍ରରେ ଅଶେଷ ସହାୟକ ହୋଇଥିଲା ।

ଫକୀରମୋହନ କେବଳ ମିସନ୍ ସ୍କୁଲ୍‌ର କର୍ମସମ୍ପାଦନା ମଧ୍ୟରେ ଆବଦ୍ଧ ନଥିଲେ । ଏହି ସମୟରେ ସେ 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସମାଜ' (୧୮୬୬) ଗଠନ କରି ଓଡ଼ିଆ ଭାଷାର ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ପରେ ପିଏମ୍ ସେନାପତି ଏଣ୍ଡ୍‌କୋ ଉତ୍କଳ ପ୍ରେସ୍ ପ୍ରତିଷ୍ଠା କରି 'ବୋଧଦାୟିନୀ' ଓ 'ସମ୍ବାଦ ବାହିକା' ପତ୍ରିକା ପ୍ରକାଶ କରିଥିଲେ । 'ବୋଧଦାୟିନୀ'ରେ ସାହିତ୍ୟ ଅଂଶ ଏବଂ 'ସମ୍ବାଦବାହିକା'ରେ  ସମ୍ବାଦଧର୍ମୀ ବିଷୟ ପ୍ରକାଶ ପାଉଥିଲା । ଏଥିପୂର୍ବରୁ ଫକୀରମୋହନ ବଙ୍ଗଳା 'ସୋମପ୍ରକାଶ' ସମ୍ବାଦପତ୍ରରେ ବାଲେଶ୍ୱରର ବିବିଧ ସମସ୍ୟାଧର୍ମୀ ବେନାମୀ ଲେଖାମାନ ଲେଖୁଥିଲେ । ଏହି ସମୟରେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ'ଙ୍କ ପୃଷ୍ଠପୋଷକତାରେ ରେମୁଣାରେ 'ବଙ୍ଗୋତ୍କଳ ବିଦ୍ୟାଳୟ' ପ୍ରତିଷ୍ଠା କ୍ଷେତ୍ରରେ ଫକୀରମୋହନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଫକୀରମୋହନ  ବାଲେଶ୍ୱରରେ ମଧ୍ୟ ଏକ 'ବାଳିକା ବିଦ୍ୟାଳୟ' ସ୍ଥାପନ କରିଥିଲେ । ତାଙ୍କର ବଡ଼ଝିଅ 'ମହିଳାମଣି' ଉକ୍ତ ସ୍କୁଲ୍‌ର ପ୍ରଥମ ଛାତ୍ରୀ ଥିଲେ । ଅବଶ୍ୟ ପୂର୍ବରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ କଟକରୁ 'ଉତ୍କଳ ଦୀପିକା' (୧୮୬୬) ପ୍ରକାଶ ପାଇଥିଲା । ନଅଙ୍କ ଦୁର୍ଭିକ୍ଷର 'ବାସ୍ତବ ଚିତ୍ର' ଓଡ଼ିଆ ଭାଷାର ପ୍ରାଚୀନ ପୁସ୍ତକ ସମ୍ବନ୍ଧୀୟ ଆଲୋଚନା ମାନ ପ୍ରକାଶ ପାଉଥିଲା ବେଳେ 'ବୋଧଦାୟିନୀ'ରେ ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ଏହାର ବହୁଳ ବ୍ୟବହାର ସମ୍ବନ୍ଧୀୟ ଲେଖାମାନ ପ୍ରକାଶ କରୁଥିଲେ । ଏହି ସମୟରେ ବାଲେଶ୍ୱରରେ ଲୁଗା ସିଲେଇ ମେସିନ୍ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ।

ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ର ସଂସ୍କୃତ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଲିଖିତ 'ଉଡ଼ିଆ ସ୍ୱତନ୍ତ୍ର ଭାଷା  ନହେ' ପୁସ୍ତିକା ହିଁ ବାଲେଶ୍ୱରରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସୂତ୍ରପାତ ପ୍ରଥମେ କରିଥିଲା । ଫକୀରମୋହନ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସେନାପତି ସାଜି । ସେ ସମୟରେ ବାଲେଶ୍ୱର କଚେରୀରେ ଏବଂ ଓଡ଼ିଶାର ସ୍କୁଲମାନଙ୍କରେ ବଙ୍ଗଳା ଭାଷା ପ୍ରଚଳିତ ଥିଲା । ଓଡ଼ିଆ ଛାତ୍ରମାନେ ବଙ୍ଗଳା ପଢ଼ିବାକୁ ବାଧ୍ୟ ହେଉଥିଲେ । ଫକୀରମୋହନ 'ସମ୍ବାଦ ବାହିକା'ରେ ଓଡ଼ିଆ ଭାଷା ସମ୍ବନ୍ଧୀୟ ଅନେକ ଲେଖା ପ୍ରକାଶ କରି ଜନ ସଚେତନତା ସୃଷ୍ଟି କରିଥିଲେ । 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସମାଜ'ର ଅଂଶୀଦାର  ରାଜା ବୈକୁଣ୍ଠନାଥ ଦେ, ଭୋଳାନାଥ ସାମନ୍ତରାୟ, ରାଧାନାଥ ରାୟ, ଜୟକୃଷ୍ଣ ଚୌଧୁରୀ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଏବଂ ନିତ୍ୟାନନ୍ଦ ସେନାପତି ଫକୀରମୋହନଙ୍କୁ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ ।

କଲେକ୍ଟର ଜନ୍ ବୀମ୍‌ସଙ୍କ ପ୍ରାଚୀନ ଓଡ଼ିଆ ଭାଷା ସମ୍ବନ୍ଧୀୟ ପାଣ୍ଡିତ୍ୟପୂର୍ଣ୍ଣ ସୁପାରିଶ୍ ଏବଂ ତତ୍କାଳୀନ କମିସନର୍ ରେଭେନ୍ସା ସାହେବଙ୍କ ଅନୁକୂଳ ମନ୍ତବ୍ୟ ଫଳରେ ଓଡ଼ିଆ ଭାଷା ମୃତ୍ୟୁ ମୁଖରୁ ବର୍ତ୍ତିପାରିବା ସହିତ ଓଡ଼ିଶାର ସମୂହ ସ୍କୁଲମାନଙ୍କରେ

▼ ବାଲେଶ୍ୱରସ୍ଥିତ ଭୁଜାଖିଆ ପୀରବାବାଙ୍କ ଆସ୍ଥାନ : ଯେଉଁଠାରେ ପିଲାଦିନେ ଫକୀରମୋହନଙ୍କୁ ଦାନ କରାଯାଇଥିଲା



ତଥା କଚେରୀମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ ସମ୍ଭବ ହେଲା । ଏଥିପାଇଁ ଫକୀରମୋହନଙ୍କ ବିଚକ୍ଷଣ ବୁଦ୍ଧି ଓ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ଇଂରେଜ ସାହେବମାନଙ୍କ ପ୍ରିୟପାତ୍ର କରିବା ସହିତ ସେ ସମଗ୍ର ଉତ୍କଳବାସୀଙ୍କର ଆଦର ଓ ସମ୍ମାନାସ୍ପଦ ହୋଇ ପାରିଥିଲେ ।

ଫକୀରମୋହନ ମିସନ୍ ସ୍କୁଲରେ ଶିକ୍ଷକତା ସହିତ ଓଡ଼ିଆ ପାଠ୍ୟ ପୁସ୍ତକରେ ଅଭାବ ଅନୁଭବ କରି ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ବ୍ରତୀ ହୋଇଥିଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ରଚିତ 'ଜୀବନ ଚରିତ'ର ଓଡ଼ିଆ ଅନୁବାଦ, ଭାରତବର୍ଷର ଇତିହାସ (୧ମ ଓ ୨ୟଖଣ୍ଡ), ସରଳ ଉତ୍କଳ ବ୍ୟାକରଣ, ଅଙ୍କମାଳା ଆଦି ପାଠ୍ୟ ପୁସ୍ତକ ରଚନା କରିଥିଲେ ଏବଂ ଓଡ଼ିଶା ସ୍କୁଲ ସମୂହର ପାଠ୍ୟପୁସ୍ତକ ଭାବରେ ନିର୍ବାଚିତ ହୋଇଥିଲା । ଫକୀରମୋହନ କାମ୍ବେଲଙ୍କ ନୂତନ ଶିକ୍ଷାନୀତି ଅନୁସାରେ ଗଠିତ ବାଲେଶ୍ୱର ଶିକ୍ଷା କମିଟିର ସଭ୍ୟ (୧୮୭୨) ରୂପେ ମନୋନୀତ ହୋଇଥିଲେ ।




▲ବାଲେଶ୍ୱର ମିଶନ୍ ସ୍କୁଲ

ଫକୀରମୋହନ ଜନ୍ ବୀମ୍ସ ସାହେବଙ୍କ ସୁପାରିଶ୍ କ୍ରମେ ନୀଳଗିରି ଷ୍ଟେଟର ଦେବାନ ଭାବରେ ନିଯୁକ୍ତି ପାଇଥିଲେ । ନୀଳଗିରିରେ ତାଙ୍କ ରହଣିକାଳ ମଧ୍ୟରେ ବହୁବିଧ ଉନ୍ନତି ମୂଳକ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ନୀଳଗିରି ଶେରଗଡ଼ ରାସ୍ତା ନିର୍ମାଣ, ନିର୍ମଳା ହାଟବସାଇବା ବ୍ରାହ୍ମଣ ପିଲାମାନଙ୍କ ଶିକ୍ଷା ପାଇଁ ସଂସ୍କୃତ ଟୋଲ ଖୋଲିବା, ନୀଳଗିରିରେ ଚାହାଚାଷ କରିବା ଆଦି ଯାହାର ଦୃଷ୍ଟାନ୍ତ । ଏହାପରେ ସେ ଡୋମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା, କେଉଁଝର ଆଦି ଗଡ଼ଜାତ ଷ୍ଟେଟ୍‌ମାନଙ୍କରେ ଦେବାନ, ଆସିଷ୍ଟାଣ୍ଡ ମେନେଜର, ମେନେଜର ପଦବୀରେ ରହି ଗଡ଼ଜାତ ରାଜ୍ୟମାନଙ୍କର ବିବିଧ ସମସ୍ୟାର ସମାଧାନ ତଥା ଜନମଙ୍ଗଳକର କାର୍ଯ୍ୟ ସମ୍ପାଦନ କରିଥିଲେ । ସେତେବେଳେର ଦେବାନ ବା ମେନେଜର ପଦ ଆଜିର ଜିଲ୍ଲା ମାଜିଷ୍ଟ୍ରେଟ୍ ବା କଲେକ୍ଟର ପଦ ସହିତ ସମାନ ଥିଲା । ଫକୀରମୋହନ ନୀଳଗିରି ପରେ ଡୋମପଡ଼ାର ଦେବାନ ଭାବରେ ଯୋଗ ଦେଇଥିଲେ । ସେତେବେଳେ ଡୋମପଡ଼ାର ରାଜା ଥିଲେ ରଘୁନାଥ ମାନସିଂହ ଭ୍ରମରବର ରାୟ । ତାଙ୍କର ଅତ୍ୟଧିକ ଖଜଣାବୃଦ୍ଧି ଯୋଗୁଁ ପ୍ରଜାବିଦ୍ରୋହ ଦୀର୍ଘ ପାଞ୍ଚବର୍ଷ ହେବ ଲାଗିରହିଥିଲା । ଫକୀରମୋହନ ଦେୱାନ ହୋଇଯିବା ଫଳରେ ନିଜର ବିଚକ୍ଷଣ ବୃଦ୍ଧି ବଳରେ ସେମଳିଆ ସର୍ଦ୍ଦାରମାନଙ୍କୁ ବୁଝାଇ ଚତୁରତାର ସହିତ ପ୍ରଜାମେଳିକୁ ଦମନ କରି ବକେୟା କର ଆଦାୟ କରି ରାଜାଙ୍କର ତଥା ବୀମସ୍ ସାହେବଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ରାଜା ପ୍ରୀତ ହୋଇ ତାଙ୍କୁ ନେପାଳୀ ଭୋଜାଲି, ରୂପାର ଦୁଆତ ସହିତ ପାଞ୍ଚହଜାର ଟଙ୍କା ଉପହାର ଦେଇଥିଲେ । ଡୋମପଡ଼ାରୁ ଫେରି ବାଲେଶ୍ୱରରେ ଜାତୀୟ ପରିଷଦ 'National Society' ଗଠନ କରିଥିଲେ । ରାଜା ଶ୍ୟାମାନନ୍ଦ ଥିଲେ ପ୍ରଥମ ସଭାପତି, ହରିଶ୍ଚନ୍ଦ୍ର ସରକାର ଥିଲେ ପ୍ରଥମ ସମ୍ପାଦକ ଏବଂ ଫକୀରମୋହନ ଥିଲେ ପ୍ରଥମେ ସହ ସମ୍ପାଦକ ଏବଂ ପରେ ସମ୍ପାଦକ ଦାୟିତ୍ୱ ବହନ କରିଥିଲେ । ବାଲେଶ୍ୱରରେ ଟାଉନହଲ ପ୍ରତିଷ୍ଠା, ବିଧବା ବିବାହ ପ୍ରଚଳନ, ଦାତବ୍ୟ କବିରାଜି ଚିକିତ୍ସାକେନ୍ଦ୍ର ପ୍ରତିଷ୍ଠା, ବାଲେଶ୍ୱର ତନ୍ତି ମାନଙ୍କ ଦ୍ୱାରା ଉନ୍ନତ ମାନର ବସ୍ତ୍ର ପ୍ରସ୍ତୁତ, ବିଚ୍ଛିନ୍ନ ଓଡ଼ିଶାର ରାଜନୀତିକ ଏକତ୍ରୀକରଣ, ଲୁଣ ପୋକ୍ତାନ କରିବାର ଅଧିକାର ପାଇଁ ଭାରତ ସଚିବ ଇ.ଏସ୍.ମଣ୍ଟେଗୁଙ୍କ ନିକଟକୁ ସ୍ମାରକପତ୍ର ପ୍ରଦାନ, ମାନ୍ଦ୍ରାଜ ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସକୁ ପ୍ରତିନିଧି ପ୍ରେରଣ, ବେଙ୍ଗଲ ବ୍ୟବସ୍ଥାପକ ସଭାର ସର୍ବପ୍ରଥମ ଓଡ଼ିଶାର ପ୍ରତିନିଧି ବୈକୁଣ୍ଠନାଥ ଦେଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଆଦି ବିବିଧ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲା । ୧୮୯୮ ମସିହାରେ ବମ୍ବେ ଠାରେ ଅନୁଷ୍ଠିତ ପଞ୍ଚମ ଜାତୀୟ କଂଗ୍ରେସ ଅଧିବେଶନରେ ଓଡ଼ିଶାର ଏକମାତ୍ର ପ୍ରତିନିଧି ଭାବରେ କଲିକତା ନେଇ ବମ୍ବେଯାତ୍ରା କରିଥିଲେ । ପରବର୍ଷ ଡିସେମ୍ବର ସେହି ମାସରେ କଲିକତାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସରେ ଷଷ୍ଠ ଅଧିବେଶନରେ ବାଲେଶ୍ୱର National Society ପ୍ରତିନିଧି ଭାବରେ ଯୋଗଦାନ ମଧ୍ୟ କରିଥିଲେ ।

୧୮୯୮ ମସିହାରେ ବାଲେଶ୍ୱର ନେସ୍‌ନାଲ୍ ସୋସାଇଟିର ପ୍ରତିନିଧି ଭାବରେ ଅକ୍ଟୋବର ମାସରେ ମାନ୍ଦ୍ରାଜ ଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନରେ ଯୋଗଦାନ ଏବଂ ଜାତୀୟ ନେତା ବାଳଗଙ୍ଗାଧର ତିଳକଙ୍କ ସହିତ ସାକ୍ଷାତ । ଏଥିସହିତ ବାଲେଶ୍ୱର ବ୍ରାହ୍ମ ସମାଜର ବାଲେଶ୍ୱର ଶାଖା ପ୍ରତିନିଧି ଭାବରେ ମାନ୍ଦ୍ରାଜ ଠାରେ ଅନୁଷ୍ଠିତ ଏକେଶ୍ୱରବାଦୀ ମହାସଭାରେ ମଧ୍ୟ ଯୋଗଦାନ କରିଥିଲେ । ଡୋମପଡ଼ା ପରେ ଢେଙ୍କାନାଳରେ ଆସିଷ୍ଟାଣ୍ଡ ମେନେଜର ଭାବରେ ନିଯୁକ୍ତି ପାଇଥିଲେ । ସେଠାରେ ତାଙ୍କର ପ୍ରଥମ ପୁତ୍ର ମନୋମୋହନଙ୍କ ଜନ୍ମ ଏବଂ ଛଅମାସ ମଧ୍ୟରେ ମୃତ୍ୟୁ ପତ୍ନୀ କୃଷ୍ଣାକୁମାରୀଙ୍କୁ ଅଶେଷ ଦୁଃଖ ଦେଇଥିଲା । ପୁତ୍ର ଶୋକଦୂର କରିବା ପାଇଁ ମୂଳ ବାଲ୍ମୀକି ରାମାୟଣ ଅନୁବାଦ କରି ପତ୍ନୀଙ୍କୁ ଶୁଣାଇଥିଲେ । ରାମାୟଣରେ ବାଳକାଣ୍ଡଟି ସମ୍ପୂର୍ଣ୍ଣ ଅନୁବାଦ କରି ଜନ୍ ବୀମ୍ସ୍‌ଙ୍କୁ ଉତ୍ସର୍ଗ କରିଥିଲେ । ଢେଙ୍କାନାଳ ହିତୈଷିଣୀ ସମାଜର ବାର୍ଷିକ ଅଧିବେଶନରେ ଫକୀରମୋହନଙ୍କ ବକ୍ତୃତା ପ୍ରଦାନ । ଢେଙ୍କାନାଳ ରାଜ କର୍ମଚାରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି । ଫକୀରମୋହନ ଅଯଥା ଦୋଷାରୋପର ଶିକାର ଏବଂ ଶରୀର ଅସୁସ୍ଥତା ପାଇଁ କର୍ମତ୍ୟାଗ । ପରେ ଦଶପଲ୍ଲାର ଦେୱାନ ଭାବରେ ନିଯୁକ୍ତି ପାଇଲେ ପ୍ରଜାମାନଙ୍କ ସହଯୋଗରେ ମଜାଣିଆ ସ୍ଥାନରେ ବନ୍ଧ ନିର୍ମାଣ, ଅନୁଗୁଳରେ ଥିବା ସୀମାବିବାଦର ସମାଧାନ କରିଥିଲେ । ତା'ପରେ ପାଲଲହଡ଼ା ଷ୍ଟେଟ୍‌ର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଓ ମୁନସଫ୍ କ୍ଷମତା ସହ ଦେୱାନ ପଦରେ ନିଯୁକ୍ତି ପାଇଥିଲେ । ମାତ୍ର ରାଜା ଦେବାନ୍‌ଙ୍କୁ କୌଣସି କର୍ମ ଦେବାପାଇଁ ଅନିଚ୍ଛୁକ ଥିବାରୁ ପାଞ୍ଚମାସ ମଧ୍ୟରେ କର୍ମତ୍ୟାଗ ଏବଂ କେଉଁଝର ଷ୍ଟେଟର ମେନେଜର ପଦରେ ନିଯୁକ୍ତି କିନ୍ତୁ ଆନନ୍ଦପୁରରେ ଅବସ୍ଥାପିତ ହେଲେ । ଆନନ୍ଦପୁରରେ ଫକୀରମୋହନଙ୍କ ଉଦ୍ୟମରେ କେଉଁଝର ରାଜାଙ୍କ ଦ୍ୱାରା ଏକ ପ୍ରେସ୍ ସ୍ଥାପନ କରାଯାଇଥିଲା । ଛୋଟନାଗପୁର ଓ କେଉଁଝର ମଧ୍ୟରେ ଲାଗି ରହିଥିବା ବହୁଦିନର ସୀମାବିବାଦକୁ ସେ ସମାଧାନ କରିଥିଲେ । ଓଡ଼ିଶାର କରଜ ମାମଲା ସହ ଭାରତ ସରକାରଙ୍କର ସମ୍ବନ୍ଧରେ ପରିସର ନେଇ ହାଇକୋର୍ଟରେ ଚାଲିଥିବା ବିବାଦ ଫକୀରମୋହନଙ୍କ ପରିଚାଳନାର ଦକ୍ଷତା ପାଇଁ ମୋକଦ୍ଦମାରେ ଜୟଯୁକ୍ତ ହେବାରୁ ରାଜା ତାଙ୍କ ଦରମା ଟ୧୨୦ଙ୍କାକୁ ବୃଦ୍ଧି କରିଦେଇଥିଲେ । ଫକୀରମୋହନ ପରାମର୍ଶକୁ ଉପେକ୍ଷା କରି ଆସିଷ୍ଟାଣ୍ଟ ମେନେଜର ବିଚିତ୍ରାନନ୍ଦ ଦାସଙ୍କ ପରାମର୍ଶରେ ପରିଚାଳିତ ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜଦେବ ଚିରସ୍ରୋତା ମାଛକାନ୍ଦଣା ଜୋରରୁ ବେଠିରେ ମାହାର ଖନନ ଦ୍ୱାରା ବିଚିତ୍ରାନନ୍ଦ ଦାସଙ୍କ ଅତ୍ୟାଚାରରେ ଭୂୟାଁ କୋହ୍ଲ ଜନଜାତିର ପ୍ରଜାମାନଙ୍କ ମଧ୍ୟରେ ରାଜାଙ୍କ ବିରୋଧରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏହି ମେଳିର ନେତୃତ୍ୱ ନେଇଥିଲେ କର୍ମଚ୍ୟୁତ ସର୍ଭେୟର ରାଣୀଙ୍କ ଧର୍ମରପୁତ୍ର ଧରଣୀଧର ନାୟକ । ପ୍ରଜା ବିଦ୍ରୋହ ଅସମ୍ଭାଳ ହେବାରୁ ରାଜା ଧନୁର୍ଜ୍ଜୟ କେଉଁଝରରୁ ଆନନ୍ଦପୁର ଆସି ଫକୀରମାହନଙ୍କ ସହଯୋଗରେ ଉଭୟେ ଟୟନବୀ ସାହେବଙ୍କୁ କଟକରେ ସାକ୍ଷାତ କରି ମେଳିଦମନର ସହଯୋଗ ଚାହିଁଥିଲେ । ଫକୀରମୋହନ ପାଇକ ଓ ହାତୀ ସହିତ ଆନନ୍ଦପୁରରୁ କେଉଁଝର ଫେରିବା ପଥରେ ବିପୁଳ ପରିମାଣରେ ମେଳିଆମାନଙ୍କୁ ଦେଖି ବିନା ଯୁଦ୍ଧରେ ଆତ୍ମସମର୍ପଣ କରିଛନ୍ତି । ଫକୀରମୋହନଙ୍କ ବିଚକ୍ଷଣ କୁଟନୀତି ସମ୍ପନ୍ନ ବୁଦ୍ଧିବଳରେ ସର୍ଦ୍ଦାର ଧରଣୀଧର ଓ ତାଙ୍କ ସହଯୋଗୀମାନେ ବନ୍ଦୀ ହୋଇ ଜେଲଦଣ୍ଡ ଭୋଗ କରିଥିଲେ । ପରେ ରାଜାଙ୍କ ସହିତ ଫକୀରମୋହନଙ୍କର ଭୁଲ ବୁଝାମଣା ସୃଷ୍ଟି ହୋଇଥିଲା । ଫକୀରମୋହନ ଭଦ୍ରକରେ ବଙ୍ଗଳାର ଲେଫଟ୍‌ନାଣ୍ଟ ଗଭର୍ଣ୍ଣର

ଚାର୍ଲସ ଆଲପ୍ରେଡ଼ ଇଲିଅଟଙ୍କୁ ସାକ୍ଷାତ କରିବା ଅବସରରେ ବହୁ ପ୍ରଜାଙ୍କ ଦ୍ୱାରା ଧନୁର୍ଜୟଙ୍କ କୁଶାସନ ପ୍ରସଙ୍ଗ ଉତ୍ଥାପନ । ଫକୀରମୋହନ ହାତୀ ପିଠିରେ ବସି ଭଦ୍ରକରୁ ଆନନ୍ଦପୁର ପ୍ରତ୍ୟାବର୍ତ୍ତନ କାଳରେ ଉତ୍କଳର ବରପୁତ୍ରମାନଙ୍କର ଜୀବନ ବା ଭକ୍ତକୁ ଆଧାର କରି 'ଉତ୍କଳ ଭ୍ରମଣ' ପହିଲା ଗସ୍ତ ପୁସ୍ତିକା ଲେଖି ଆନନ୍ଦପୁରରେ ପହଞ୍ଚି ପ୍ରେସ୍‌ରେ ଛପାଇଥିଲେ । ତାହାଥିଲା ସମଗ୍ର ଉତ୍କଳର ପ୍ରଥମ ପୂଜ୍ୟପୂଜାର ଆଦ୍ୟ ଓଁକାର, ତା'ପୂର୍ବରୁ ତାଙ୍କ ଅନୁଦିତ 'ରାମାୟଣର ଅଯୋଧ୍ୟାକାଣ୍ଡ', 'ଆରଣ୍ୟକାଣ୍ଡ', 'କିଷ୍କିନ୍ଧ୍ୟାକାଣ୍ଡ', 'ସୁନ୍ଦରାକାଣ୍ଡ', 'ମହାଭାରତର ଆଦିପର୍ବ', 'ସଭାପର୍ବ', 'ଶ୍ରୀମଦ୍ ଭଗବତ୍ ଗୀତା'ର ଉତ୍କଳ ପଦ୍ୟାନୁବାଦ ପ୍ରକାଶିତ ହୋଇ ସାରିଥିଲା ।

ଡ଼ୋମପଡ଼ାରେ ଦ୍ୱିତୀୟଥର ଦେୱାନ୍ କାର୍ଯ୍ୟ (୧୮୯୪) ବେଳେ ତାଙ୍କର ପ୍ରାଣପ୍ରିୟା କୃଷ୍ଣାକୁମାରୀଙ୍କ ବିୟୋଗ ଘଟିଥିଲା । ତାଙ୍କ ପତ୍ନୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ ଏକ କୂପ ଖନନ କରିଥିଲେ । ଏହି ସମୟରେ ତାଙ୍କର 'ପ୍ରାର୍ଥନା', 'ପୁଷ୍ପମାଳା', 'ଉପହାର' ଆଦି କବିତା ଗ୍ରନ୍ଥ ପ୍ରକାଶ ପାଇଥିଲା । ଏହାପରେ ସେ କେନ୍ଦ୍ରାପଡ଼ାର ଜମିଦାରୀ ମେନେଜର ପଦବୀରେ ନିଯୁକ୍ତି ପାଇଥିଲେ । ମାତ୍ର ୧୦ମାସ ମଧ୍ୟରେ ପଦବୀରୁ ଇସ୍ତଫା ଦେଇ କଟକରେ ସ୍ଥାୟୀ ଭାବରେ ରହିଲେ ଏବଂ ସାରସ୍ୱତ ସାଧନାରେ ନିମଗ୍ନ ହେଲେ ।

'ଉତ୍କଳ ସାହିତ୍ୟ' ପ୍ରେସ୍ ପ୍ରତିଷ୍ଠା କ୍ଷେତ୍ରରେ ଫକୀରମୋହନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ବିଶ୍ୱନାଥ କର ଥିଲେ ଉକ୍ତ ପତ୍ରିକାର ସମ୍ପାଦକ । 'ଉତ୍କଳ ସାହିତ୍ୟ' ପତ୍ରିକାରେ ତାଙ୍କର ଧାରାବାହିକ ଲେଖାସବୁ ପ୍ରକାଶ ପାଇଥିଲା । 'ରେବତୀ' ଗଳ୍ପ, 'ଛଅମାଣ ଆଠଗୁଣ୍ଠ', 'ଲଛମା' ଉପନ୍ୟାସ, ଖିଳ ହରିବଂଶ ଓ ପରବର୍ତ୍ତୀ ବାଲେଶ୍ୱରରେ ଅବସ୍ଥାନ (୧୯୦୫) କାଳରେ ବହୁ ଗଳ୍ପ, କବିତା, ପ୍ରବନ୍ଧ ଓ ଉପନ୍ୟାସ ମଧ୍ୟ ପ୍ରକାଶ ପାଇଥିଲା ।

କଟକ ନର୍ମାଲ ଟ୍ରେନିଂ ସ୍କୁଲକୁ କେନ୍ଦ୍ର କରି ଗଢ଼ି ଉଠିଥିବା 'ଆଲୋଚନା ସଭା' ପରବର୍ତ୍ତୀ କାଳରେ 'ଉତ୍କଳ ସାହିତ୍ୟ ସମାଜ'(୧୯୦୩) ପ୍ରତିଷ୍ଠା ପଛରେ ତାଙ୍କର ଅଶେଷ ଭୂମିକା ଥିଲା । ଉକ୍ତ ଅନୁଷ୍ଠାନରେ ପ୍ରଥମେ କାର୍ଯ୍ୟକାରୀ ସଭାପତି ଓ ପରେ ୧୯୧୪ରୁ ୧୯୧୮ ମସିହା ପର୍ଯ୍ୟନ୍ତ ସଭାପତି ଭାବରେ ମନୋନୀତ ହୋଇଥିଲେ । ୧୯୦୪ରେ 'ଉତ୍କଳ ସାହିତ୍ୟ ସମାଜ'ର ଦ୍ୱିତୀୟ ବାର୍ଷିକ ଅଧିବେଶନରେ ସେ ଅଭ୍ୟର୍ଥନା କମିଟିର ସଭାପତି କାର୍ଯ୍ୟ ନିର୍ବାହ କରିଥିଲେ । 'ଉତ୍କଳ ସାହିତ୍ୟ ସମାଜ'ରେ ସ୍ଥାୟୀ ଗୃହ, ପୁସ୍ତକାଗାର, ପ୍ରାଚୀନ ଓ ଆଧୁନିକ ପୁସ୍ତକ, ପତ୍ରପତ୍ରିକା ତଥା ପୋଥିପତ୍ର ସଂଗ୍ରହ କ୍ଷେତ୍ରରେ ବିହିତ ପଦକ୍ଷେପ ଗ୍ରହଣ କରିଥିଲେ ।

୧୯୦୩ରେ 'ଗଞ୍ଜାମ ଜାତୀୟ ସମ୍ମିଳନୀ' ଯୋଗ ଦେବା ପାଇଁ ମଧୁସୂଦନ ଦାସ, ବିଶ୍ୱନାଥ କର, ରାଜା ବୈକୁଣ୍ଠ ନାଥ ଦେଙ୍କ ସହିତ ସେ ବ୍ରହ୍ମପୁର ଯାତ୍ରା କରିଥିଲେ । ଜୟପୁର ଯୁବରାଜ ବିକ୍ରମ ଦେବ ବର୍ମାଙ୍କ ଆମନ୍ତ୍ରଣ କ୍ରମେ ୱାଲଟିୟାର ଦର୍ଶନ କରିଥିଲେ । ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀ (୧୯୦୩) ସହିତ ତାଙ୍କର ଆଜୀବନ ସମ୍ପର୍କ ଥିଲା । ଉକ୍ତ ସମ୍ମିଳନୀର ପ୍ରଥମ ଅଧିବେଶନ କଟକ ଇଦ୍‌ଗା ପଡ଼ିଆରେ ଡିସେମ୍ବର ମାସ ଶେଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦାନ କରି ତିନୋଟି ସ୍ଥାୟୀ କମିଟିର ସଭ୍ୟ ରୂପେ ମନୋନୀତ ହୋଇଥିଲେ । ୧୯୦୬ରେ ବାଲେଶ୍ୱର ଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ତୃତୀୟ ବାର୍ଷିକ ଅଧିବେଶନରେ ଫକୀରମୋହନ ଅଭ୍ୟର୍ଥନା ସମିତିର ଅନ୍ୟତମ ସଦସ୍ୟ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୧୨ରେ ରାଧାନାଥଙ୍କ ଶ୍ରାଦ୍ଧ ସଭାରେ ଫକୀରମୋହନଙ୍କ ଆବେଗପୂର୍ଣ୍ଣ ବକ୍ତୃତା ପ୍ରଦାନ ଏବଂ ୧୯୧୩ରେ ମଧୁସୂଦନ ଦାସ ଭାରତର କେନ୍ଦ୍ର ପ୍ରତିନିଧି ସଭାକୁ ମନୋନୀତ ହୋଇଥିବାରୁ ବାଲେଶ୍ୱର ଏକ ସାଧାରଣ ସଭା ଆୟୋଜନ ଏବଂ ଫକୀରମୋହନଙ୍କ ବକ୍ତବ୍ୟ ପ୍ରଦାନ, ଚଳିତ ବର୍ଷ ଡିସେମ୍ବର ମାସରେ ରାଜା ବୈକୁଣ୍ଠ ନାଥ ଦେଙ୍କ ଶୋକ ସଭାରେ ଯୋଗଦାନ ଏବଂ ଜାତୀୟ ଜୀବନରେ ତାଙ୍କର ଭୂମିକା ବିଷୟରେ ଅଲୋକପାତ । ୧୯୧୬ ମସିହାରେ ବାମଣ୍ଡାର ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ କନ୍ୟା ସୁରତ ରଙ୍ଗିଣୀଙ୍କ ବିବାହ ଉତ୍ସବରେ ଯୋଗଦାନ ଏବଂ 'ସୁର ତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା ଫକୀରମୋହନଙ୍କୁ 'ସରସ୍ୱତୀ' ଉପାଧି ପ୍ରଦାନ । ୧୯୧୭ରେ କଲିକତା ପ୍ରବାସୀ ଓଡ଼ିଆ ଗ୍ରାଜୁଏଟ୍‌ମାନଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ କଲିକତା ଯାତ୍ରା ଏବଂ ସମ୍ବର୍ଦ୍ଧନା ଗ୍ରହଣ । ପଣ୍ଡିତ ଗୋପବନ୍ଧୁ ବିହାର ଓଡ଼ିଶା ବିଧାନ ପରିଷଦର ଶୀତକାଳୀନ ଅଧିବେଶନରେ ଯୋଗଦେଇ ଫେରିବା ଅବସରରେ ଫକୀରମାହନଙ୍କ ଗୃହରେ ଦୁଇଦିନ ଅବସ୍ଥାନ ଏବଂ ସତ୍ୟବାଦୀ ବନ ବିଦ୍ୟାଳୟ ପରିଦର୍ଶନ ପାଇଁ ଆମନ୍ତ୍ରଣ । ମାର୍ଚ୍ଚ ମାସରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ଫକୀରମୋହନଙ୍କୁ 'କବିଶେଖର' ଉପାଧି ପ୍ରଦାନ । ୧୯୧୮ ମାର୍ଚ୍ଚ ୩୦ ଓ ୩୧ ତାରିଖରେ କଟକ ଇଦ୍‌ଗା ପଡ଼ିଆରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ତ୍ରୟୋଦଶ ଅଧିବେଶନରେ ସଭାପତି ଆସନ ଅଳଙ୍କୃତ ପାଇଁ ମଧୁସୂଦନ ଦାସଙ୍କ ଆମନ୍ତ୍ରଣ । ଭଗ୍ନ ସ୍ୱାସ୍ଥ୍ୟ ଓ ଶରୀରରେ ଜାତୀୟ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମ୍ମିଳନୀରେ ଯୋଗଦାନ ଓ କାର୍ଯ୍ୟ ସମ୍ପାଦନ । ମେ ମାସରେ ବଡ଼ଖେମଣ୍ଡି ରାଜଜେମାଙ୍କ ବିବାହ ଉତ୍ସବରେ ଯୋଗଦେବା ପାଇଁ ଦକ୍ଷିଣ ଓଡ଼ିଶା ଗସ୍ତ ଓ ମହେନ୍ଦ୍ରଗିରି ଦର୍ଶନ । ଭୀଷଣ ଶାରୀରିକ ଅସୁସ୍ଥତାରେ ମେ ୨୮ ତାରିଖ ବାଲେଶ୍ୱର ପ୍ରତ୍ୟାବର୍ତ୍ତନ ଏବଂ ଉଦର ପୀଡ଼ାରେ ଶଯ୍ୟାଶାୟୀ । ଡାକ୍ତରମାନଙ୍କ ସମସ୍ତ ଚିକିତ୍ସା ସତ୍ତ୍ୱେ ଜୁନ୍ ୧୪ ତାରିଖ ଶୁକ୍ରବାର, ରଜସଂକ୍ରାନ୍ତିରେ ତାଙ୍କର ମହାପ୍ରୟାଣ ଘଟିଥିଲା ।

ଫକୀରମୋହନଙ୍କ ସମଗ୍ର ଜୀବନକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ହୁଏ ଯେ, କର୍ମ, ସାହିତ୍ୟ ସାଧନା ଓ ସମାଜସେବାକୁ ସମାନ୍ତରାଳ ଭାବରେ ଗ୍ରହଣ କରିଥିଲେ । କିନ୍ତୁ ଜାତୀୟ ଜୀବନର ବିକାଶ ପାଇଁ ପ୍ରତ୍ୟେକଟି କାର୍ଯ୍ୟକୁ ସେ ସମାନ ପ୍ରାଧାନ୍ୟ ଦେଇଥିଲେ । କିନ୍ତୁ କୌଣସି ପରିସ୍ଥିତିରେ ନିଜର ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦେଇ ନଥିଲେ । ଯେଉଁଠି ବ୍ୟକ୍ତିତ୍ୱ ପ୍ରତି, କର୍ତ୍ତବ୍ୟନିଷ୍ଠା ପ୍ରତି ସନ୍ଦେହ ଆସିଛି ବା ଆଞ୍ଚ ଆସିଛି, ସେ ତତ୍‌କ୍ଷଣାତ୍ ସେ କର୍ମକୁ ତ୍ୟାଗ କରିବାର ନିଷ୍ପତ୍ତି ଗ୍ରହଣ କରିଥିଲେ । କୌଣସି ପରିସ୍ଥିତିରେ ସ୍ୱୀୟ ବ୍ୟକ୍ତିତ୍ୱର ଅବମାନନା କରିବାକୁ ଦେଇନଥିଲେ । ଏକଥା ସତ୍ୟ ଫକୀରମୋହନଙ୍କ ସମଗ୍ର ଜୀବନର ଘଟଣାବଳିକୁ ଅନୁଧ୍ୟାନ ନକଲେ ତାଙ୍କ ବ୍ୟକ୍ତିତ୍ୱକୁ ପରଖିବା ବା ଆକଳନ କରିବା କେବେ ସମ୍ଭବ ନୁହେଁ । ବାଲେଶ୍ୱର ରହଣି କାଳ ମଧ୍ୟରେ ଉପନିଷଦ ଅନୁବାଦ, ବୌଦ୍ଧ ଅବତାର କାବ୍ୟ, ଅବସରବାସରେ, ପୂଜାଫୁଲ, ଧୂଳି, ପ୍ରାର୍ଥନା (ସଂଗୀତ), ଛାନ୍ଦୋଗ୍ୟ ଉପନିଷଦ (ଅନୁବାଦ) ମାମୁଁ, ପ୍ରାୟଶ୍ଚିତ, ଲଛମା ଉପନ୍ୟାସ, ରାଣ୍ଡିପୁଅ ଅନନ୍ତା, ଗଳ୍ପସ୍ୱଳ୍ପ, ବ୍ରାହ୍ମଣାନାଂ ସନ୍ଧ୍ୟା ପଦ୍ଧତି, ସମବାୟ ତା ସମିତି ପ୍ରସଙ୍ଗ ରଚନାରେ ତାଙ୍କର ନିଷ୍ଠାପର ସାରସ୍ୱତ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ ।

ଫକୀରମୋହନ ଥିଲେ ଏକାଧାରରେ କୃତି ଶିକ୍ଷକ, ପାଠ୍ୟପୁସ୍ତକ ରଚୟିତା, ସାମ୍ବାଦିକ, ପତ୍ରିକା ସମ୍ପାଦକ, ପ୍ରଶାସକ, ସମାଜସେବୀ ତଥା ସାହିତ୍ୟ ସ୍ରଷ୍ଟା । ତାଙ୍କ ଭଳି ଜଣେ ବିଚକ୍ଷଣ ଧୀସମ୍ପନ୍ନ ବ୍ୟକ୍ତିତ୍ୱ ହିଁ ତାଙ୍କ ବହୁମୁଖୀ ଜୀବନର ପରିଚୟ । ସେଥିଲେ ଏ ଜାତି ପାଇଁ ଅନେକ କ୍ଷେତ୍ରରେ ପ୍ରଥମ ଆଦର୍ଶ । ପ୍ରଥମ ଶିକ୍ଷକତା, ପ୍ରଥମ ପାଠ୍ୟ ପୁସ୍ତକ ରଚୟିତା ('ଜୀବନ ଚରିତ', ଅନୁବାଦ-୧୮୬୮), ପ୍ରଥମ ବୟାକରଣ, ପ୍ରଥମ ଇତିହାସ ପ୍ରଣେତା, ପ୍ରଥମ ସାମ୍ବାଦିକ, ପ୍ରଥମ ପ୍ରଶାସକ (ଦେୱାନ୍), ପ୍ରଥମ କଥାକାର, ପ୍ରଥମ ରମ୍ୟରଚନାକାର, ପ୍ରଥମ ଆତ୍ମଜୀବନୀ ଲେଖକ ଏବଂ ପୂଜ୍ୟପୂଜାର ଆଦ୍ୟ ପ୍ରବର୍ତ୍ତକ (ଉତ୍କଳ ଭ୍ରମଣ) । ନାରୀ କବି ବିଦ୍ୟୁତ୍ ପ୍ରଭାଙ୍କ ଭାଷାରେ- "ଘୋର ତିମିରିତ ଉଆଁସି ତିଥିରେ ଜାଳି ଚନ୍ଦ୍ରମାବତୀ / ବାସ୍ତବରେ ତୁମେ ବୋଲାଇ ଅଛ ଏ ଜାତିର ସେନାପତି ।"

ଜନ୍ମଭୂମି ଓ ମାତୃଭାଷାର ଦୁର୍ଦ୍ଦିନ କାଳରେ ସେ କେବଳ ଚନ୍ଦ୍ରମା ପାଳଟି ନଥିଲେ କି ସେନାପତି ସାଜି ନଥିଲେ ବରଂ ଓଡ଼ିଆ ଜାତିର ସର୍ବାଙ୍ଗୀନ ବିକାଶ ପାଇଁ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନାକୁ କର୍ତ୍ତବ୍ୟ ମଣିଥିଲେ ।

ଅନୁଶୀଳନ -୪

# ବ୍ୟାସକବିଙ୍କ ବ୍ୟାସାର୍ଦ୍ଧ



# ଫକୀରମୋହନଙ୍କ କବିଦୃଷ୍ଟି : ଏକ ଆକଳନ



**ଡକ୍ଟର ଜୟନ୍ତ କୁମାର ଦାସ**

ସହାୟକ ପ୍ରଫେସର୍, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ଫୋନ : ୯୫୫୬୫୯୭୭୭୩

ଆଧୁନିକ ଓଡିଆ ସାହିତ୍ୟର ଦିଗ୍‌ଦର୍ଶକ ସେନାପତି ଫକୀରମୋହନ । ଜୀବନର ପ୍ରତି ମୁହୂର୍ତରେ ପ୍ରତିକୂଳତା ସହ ସାମ୍ନାସାମ୍ନି ହୋଇଛନ୍ତି ସେ । ବାଲ୍ୟଜୀବନ ଥିଲା ତାଂକର ଦୁଃଖମୟ, ଛାତ୍ର ଜୀବନ ଅସହାୟ, କିଶୋର ଜୀବନ ସଂଘର୍ଷମୟ ଓ ପରିଣତି ବୟସର ଜୀବନ ଥିଲା ଦୁର୍ବିସହ । ବଡବାପାଙ୍କ ରାଗ, ଦ୍ୱେଷ ଓ ଅଭିଶାପ ତାଂକ ପାଇଁ ହେଲା ଆଶୀର୍ବାଦ । ପାଠପଢା ଆରମ୍ଭରୁ ପ୍ରତିକୂଳତା ପାଇଁ ଅସମାପ୍ତ ରହିଗଲା ତାଂକର ବିଧିବଦ୍ଧ ଶିକ୍ଷା; ମାତ୍ର ଏଇଠୁ ଜୀବନର ଗତିପଥରେ ଆସିଲା ନୂତନ ମୋଡ । ବନ୍ଦରରେ ଅଝାଳ ସିଲେଇ କାର୍ଯ୍ୟରୁ ଆରମ୍ଭ ହେଲା କର୍ମମୟ ଜୀବନ । ତାପରେ ସ୍କୁଲ ଶିକ୍ଷକ, ସାମୟିକ ପାଠପଢା ଓ ଅଳ୍ପ ବୟସରୁ ବୈବାହିକ ଜୀବନର ଅୟମାରମ୍ଭ । ପୁଣି ମୁହାଁମୁହିଁ ହେଲେ ଜୀବନର ବଡ ଦୁର୍ବିପାକ ସହ । ଦୁଃଖପୂର୍ଣ୍ଣ ଥିଲା ତାଂକର ପ୍ରଥମ ବୈବାହିକ ଜୀବନ । ପ୍ରଥମ ପତ୍ନୀଙ୍କ ବିୟୋଗ ହେଲା । ଏହା ପରଠାରୁ ଜୀବନରେ ଆସିଲା ସାମାନ୍ୟ ପରିବର୍ତନ । ସୁଖର ବାର୍ତା ନେଇ ତାଂକ ଜୀବନ ପରିଧି ମଧ୍ୟକୁ ଆସିଲେ ପ୍ରାଣର ପ୍ରତିମା କୃଷ୍ଣାକୁମାରୀ । ଏହି ଦ୍ୱିତୀୟ ବିବାହ ତାଂକ ଜୀବନର ନୂତନତା ସୃଷ୍ଟି କଲା, ଆଶାର ସଂଚାର କରାଇଲା, ଖୁସିର ବାର୍ତା ବହନ କଲା । ଦାଂପତ୍ୟ ଜୀବନ ହେଲା ପବିତ୍ର ଓ ସ୍ତ୍ରୀ ହେଲେ ପ୍ରେରଣାର ଉତ୍ସ । ସ୍କୁଲ ଶିକ୍ଷକରୁ ହେଲେ ଭାଷା ସୁରକ୍ଷା ଆନ୍ଦୋଳନର ସାରଥୀ, ଓଡିଶାର ସ୍କୁଲ୍ ଶିକ୍ଷାର ଆଦ୍ୟ ଉଦ୍ୟକ୍ତା, ପାଠ୍ୟ ପୁସ୍ତକର ରଚୟିତା ଏବଂ ବିଭିନ୍ନ ଗଡଜାତ ଅଂଚଳର ପ୍ରଶାସକ । ସଂପର୍କରେ ଆସିଲେ ସାରା ଓଡିଶାର ଲୋକଜୀବନ ସହିତ, ଓଡିଶାର ଭୌଗୋଳିକ ପରିବେଶ ସହିତ, ସାଂସ୍କୃତିକ ଇତିହାସ ସହିତ । ନିଜର ଅନ୍ତର୍ଦୃଷ୍ଟିରେ ସେ ସବୁର ଅନୁଧ୍ୟାନ କଲେ । ଏହା ସହ ନିଜ ଜୀବନର ବହୁ ଉତ୍‌ଥାନ-ପତନ, ଅନୁଭୂତି-ଅଭିଜ୍ଞତା ତାଂକ ସାହିତ୍ୟକୁ ଦେଲା ଅନନ୍ୟତାର ସ୍ପର୍ଶ । ପ୍ରଥମ ପତ୍ନୀ ବିୟୋଗ ଓ ପୁତ୍ର ବିୟୋଗ, ପ୍ରିୟତମା ପତ୍ନୀ କୃଷ୍ଣାକୁମାରୀଙ୍କ ମୃତ୍ୟୁ, କେଉଁଝର ବିଦ୍ରୋହ ସମୟରେ ଜୀବନ ମରଣ ସମସ୍ୟା, ପୁତ୍ର ମୋହିନୀମୋହନଙ୍କ ସହ ମନୋମାଳିନ୍ୟ, ବୃଦ୍ଧାବସ୍ଥାରେ ନିଃସଂଗତାବୋଧ ତାଂକ ଶିଳ୍ପୀପ୍ରାଣକୁ କରିଥିଲା ଉଦ୍‌ବେଳନ; ଯାହା ଓଡିଆ ସାହିତ୍ୟ ପାଇଁ ଥିଲା ଏକ ଶୁଭସମୟ । ବ୍ୟକ୍ତିଗତ ଭାବେ ଦୁଃଖଦ ଜୀବନ ଅତିବାହିତ କରୁଥିଲେ ହେଁ, ଓଡିଆ ସାହିତ୍ୟ ଏକ ସୁଖଦ ମୁହୂର୍ତ ଆଡକୁ ଅଗ୍ରସର ହେଉଥିଲା । ଏହିପରି ପରିସ୍ଥିତିରେ ଗଳ୍ପ-ଉପନ୍ୟାସ-କାବ୍ୟ-କବିତା ରଚନା କରି ଆଧୁନିକ ଓଡିଆ ସାହିତ୍ୟର ଶ୍ରୀବୃଦ୍ଧିରେ ସହାୟକ ହେଲେ ।

ବର୍ତମାନ ପ୍ରଶ୍ନ ଆସିପାରେ, ଫକୀରମୋହନଙ୍କ ଲେଖାର ବ୍ୟାଖ୍ୟାରେ ବା ଆଲୋଚନା କରିବାରେ ତାଂକ ଜୀବନୀର ଆବଶ୍ୟକତା କଣ ? କାରଣ ପ୍ରତ୍ୟେକ ଲେଖକର ଲେଖାରେ ସେହି ଲେଖକର ଅନୁଭୂତି ଓ ଅଭିଜ୍ଞତା ହିଁ ଗୁରୁତ୍ୱ ପାଇଥାଏ । ଯେଉଁ ଲେଖକର ଅନ୍ତର୍ଦୃଷ୍ଟି ଓ ଦୂରଦୃଷ୍ଟି ଯେତେ ପ୍ରସାରିତ ବା ଅଧିକ ସେହି ଲେଖକର କୃତି ସେତେ ବଳିଷ୍ଠ, ହୃଦୟସ୍ପର୍ଶୀ, ପାଠକପ୍ରିୟ ଓ ସାର୍ବକାଳୀକ । ଏ କଥାକୁ ଫକୀରମୋହନ ମଧ୍ୟ ସ୍ୱୀକାର କରିଛନ୍ତି ତାଂକ 'ନନାଙ୍କ ପାଞ୍ଜି'ରେ: "କୌଣସି ଗ୍ରନ୍ଥ ପଢିବା ପୂର୍ବେ ଗ୍ରନ୍ଥକର୍ତାଙ୍କ ବିଷୟରେ ଜାଣିବା ଉଚିତ୍ । ସତକଥା ତ, ଅଜଣା ଲୋକକଥା ଶୁଣିବାକୁ କ୍ୟାଁ ଭଲଲାଗିବ ?" **(ଫକୀରମୋହନ ଗ୍ରନ୍ଥାବଳୀ, ୨ୟ ଭାଗ, ୨ୟ ସଂକଳନ, ପୃଷ୍ଠା-୬୬୭)** ସେଥିପାଇଁ ଅଧିକାଂଶ ଲେଖା, ଯେ ସେନାପତିଙ୍କ ଅନୁଭୂତି ଓ ଅଭିଜ୍ଞତାର ଫଳ ତାହା ସ୍ପଷ୍ଟ ଜାଣିହୁଏ ।

ସୁପ୍ତ ଅବସ୍ଥାରେ ଥିବା ଫକୀରମୋହନଂକ ପ୍ରତିଭାକୁ ଜାଗ୍ରତ କରାଇଥିଲେ ବାଗ୍ମୀ ବିଶ୍ୱନାଥ କର । ଏ ସଂପର୍କରେ ମାୟାଧର ମାନସିଂହ, 'ସରସ୍ୱତୀ ଫକୀରମୋହନ'ରେ ପ୍ରକାଶ କରିଛନ୍ତି, "ଯେତେବେଳେ ସେ ପତ୍ନୀ-ସନ୍ତାନ-ଜ୍ଞାତି-ପରିଜନ-ପରିତ୍ୟକ୍ତ ନିଃସଂଗ ଅସହାୟ ସେତିକିବେଳେ ଉତ୍କଳ ସାହିତ୍ୟର ସଂପାଦକ ବିଶ୍ୱନାଥ କରଂକର ତାଙ୍କ ନିକଟକୁ ବାରମ୍ବାର ଲେଖାଦେବା ପାଇଁ ଅନୁରୋଧରୁ ହିଁ ନିଦ୍ରୋତ୍‌ଥିତ ହୋଇ ଉଠିଥିଲା ଏକ ସେଯାବତ୍ ପ୍ରସୁପ୍ତ-ପ୍ରତିଭା-ଦୈତ୍ୟ, ଯାହାର ସ୍ଥିତି ନେଇ ସ୍ୱୟଂ ଫକୀରମୋହନ ହିଁ ପୂର୍ବେ କେବେହେଲେ ଆଦୌ ସଚେତନ ନଥିଲେ ।" **(ପୃଷ୍ଠା-୨୩୦)** ଏହାପର ଠାରୁ ତାଙ୍କ ପ୍ରତିଭାର ହୋମାଗ୍ନି ପ୍ରଜ୍ଜ୍ୱଳିତ ହୋଇଉଠିଲା । ଓଡିଆ ସାହିତ୍ୟର ସବୁ ବିଭାଗ ହେଲା ଋଦ୍ଧିମନ୍ତ ।

କଥାକାର (ଗଳ୍ପ/ଉପନ୍ୟାସ ଲେଖକ) ହିସାବରେ ସେ ଯେଉଁ ପ୍ରସିଦ୍ଧି ଅର୍ଜନ କରିଛନ୍ତି, କବି ହିସାବରେ ମଧ୍ୟ ପାଇଛନ୍ତି ସମପରିମାଣରେ ପାଠକୀୟ ଆଦୃତି । କାବ୍ୟପାଠର ଉଦ୍ଦେଶ୍ୟ ସଂପର୍କରେ ଫକୀରମୋହନ ଗ୍ରନ୍ଥାବଳୀ ୨ୟ ଖଣ୍ଡରେ ଲେଖିଛନ୍ତି- "କାବ୍ୟପାଠର ଉଦ୍ଦେଶ୍ୟ କେବଳ ଆମୋଦ ସମ୍ଭୋଗ ନୁହେଁ । ଆମୋଦ, ସମ୍ଭୋଗ ଓ ଇନ୍ଦ୍ରିୟତା ଗୌଣ, ଉପଦେଶ ମୁଖ୍ୟ ଉଦ୍ଦେଶ୍ୟ । କାବ୍ୟ ଜନସମାଜର ଗୁରୁ ଓ ଉପଦେଷ୍ଟା ।" **(ପୃଷ୍ଠା-୭୧୨)** ଫକୀରମୋହନଙ୍କ କବିତାରେ ଉପଦେଶ ଓ ସମାଜ ପାଇଁ ବାର୍ତା ଥିଲେ ହେଁ, ତାଂକର କବିତାଗୁଡିକ ମୁଖ୍ୟତଃ ନିଜ ମାନସିକ ଶାନ୍ତି ପାଇଁ ଲିଖିତ । ତାଂକ କବିତାରେ ନିରାଡମ୍ବର ପ୍ରକାଶଭଙ୍ଗୀ ପରିଲକ୍ଷିତ ହୁଏ; ମାତ୍ର ତା ସତ୍ତ୍ୱେ ଶ୍ରେଷ୍ଠ ଓ ସାର୍ଥକ କବିତାର ଉପାଦାନ ଲକ୍ଷ୍ୟ କରାଯାଇପାରେ । ଫକୀରମୋହନଙ୍କ ସମୟରେ ରାଧାନାଥାଙ୍କ ପ୍ରଭୁତ୍ୱ, ଶ୍ରେଷ୍ଠତ୍ୱ ଓ ପ୍ରତିଷ୍ଠା କବିତା କ୍ଷେତ୍ରରେ ଥିଲା, ଏହା ନିଃସଂଦେହରେ କୁହାଯାଇପାରେ । ସେହି ସମୟରେ ଅର୍ଥାତ୍ ଊନବିଂଶ ଶତକର ଶେଷ ପାଦରେ ଫକୀରମୋହନ ଜଣେ କବି ହିସାବରେ ନିଜକୁ

ପ୍ରତିଷ୍ଠିତ କରାଇ ସାରିଥିଲେ । ତେଣୁ ଫକୀରମୋହନ ଯେ ଆଧୁନିକତାର ଆଦି ପ୍ରବର୍ତ୍ତକ ଏହା ସ୍ୱୀକାର କରିବାରେ ଅସୁବିଧା ନାହିଁ । ସେହି ସମୟରେ ରୀତିଯୁଗୀୟ କାବ୍ୟାଦର୍ଶରୁ ଆମେ ମୁକୁଳି ପାରିନଥିବାରୁ କବି ଭାବରେ ଫକୀରମୋହନଙ୍କ ଠାରୁ ରାଧାନାଥ ଥିଲେ ଅତି ଉଚ୍ଚରେ । ରାଧାନାଥ ଆଧୁନିକ ଓଡିଆ ସାହିତ୍ୟର ପ୍ରବର୍ତ୍ତକ ରୂପେ ପ୍ରତିଷ୍ଠିତ ହୋଇ ପାରିଥିଲେ । ତେଣୁ ଫକୀରମୋହନଙ୍କ କାବ୍ୟ କବିତା ଓଡିଆ ସାହିତ୍ୟରେ ଯଥାର୍ଥ ସ୍ୱୀକୃତି ଲାଭ କରିପାରିନାହିଁ । ଏହାର ଅନ୍ୟ ଏକ କାରଣ ହେଲା ସମାଲୋଚକମାନେ ଫକୀରମୋହନଙ୍କ ଗଳ୍ପ ଓ ଉପନ୍ୟାସ ଉପରେ କେବଳ ଦୃଷ୍ଟିପାତ କଲେ । ଫଳରେ କବି ଫକୀରମୋହନ ଅବହେଳିତ ହୋଇଗଲେ ଅନ୍ୟମାନଂକ ତୁଳନାରେ ।

ଫକୀରମୋହନଙ୍କ ସର୍ବଶ୍ରେଷ୍ଠ କୃତୀ 'ଛମାଣ ଆଠଗୁଣ୍ଠ' ଉପନ୍ୟାସର ଅନ୍ତତଃ କୋଡିଏ ବର୍ଷ ପୂର୍ବରୁ ସେ ପଦ୍ୟରଚନା ଆରମ୍ଭ କରିଥିଲେ ବୋଲି ତାଂକ ଆତ୍ମଚରିତରେ ସେ ସ୍ୱୀକାର କରିଛନ୍ତି । "ଢେଙ୍କାନାଳରେ ଥିବା ସମୟରେ ମୋର ଜ୍ୟେଷ୍ଠ ପୁତ୍ରଟି ମରିଯିବାରୁ ମୋର ସ୍ତ୍ରୀକୁ ସାନ୍ତ୍ୱନା ଦେବା ପାଇଁ ରାମାୟଣ ମହାଭାରତ ଅନୁବାଦ ଆରମ୍ଭ କଲି । ମୋର ଦ୍ୱିତୀୟ ପୁତ୍ରର ଜନ୍ମ ବର୍ଷରେ ଅର୍ଥାତ୍ ୧୮୮୧ ମସିହାରେ ମୁଁ ମହାଭାରତ ଅନୁବାଦ ଆରମ୍ଭ କରେ ।" ସେ ଥିଲେ ସମାଜ ଓ ସମୟ ସଚେତନ ଶିଳ୍ପୀ । ତାଂକର ଲେଖାରେ ସମାଜର ପ୍ରାଣସତ୍ତା ପରିଲକ୍ଷିତ । ଓଡିଶା ପ୍ରତି, ଓଡିଶାର ସାଧାରଣ ଜନତା ପ୍ରତି ସଦାସର୍ବଦା ସଶ୍ରଦ୍ଧ ଫକୀରମୋହନଙ୍କ ପାଖରେ ଆମେ ଜଣେ ମହାନ ସ୍ରଷ୍ଟାର ଦରଦୀ ହୃଦୟର ସ୍ୱର୍ଶ ଅନୁଭବ କରୁ । କାବ୍ୟ କବିତାରେ ପରିପକ୍ୱତା ସତ୍ୱେ କଥାସାହିତ୍ୟ ପ୍ରତି ଆକର୍ଷିତ ହେବାର କାରଣ ସଂପର୍କରେ ସେ କହନ୍ତି- ୧) ଜନସାଧାରଣଙ୍କ ମଧ୍ୟରେ ଓଡିଆ ଭାଷା ସାହିତ୍ୟର ବହୁଳ ପ୍ରଚାର ସଂଗେସଂଗେ ଶିକ୍ଷିତ ସଂପ୍ରଦାୟକୁ ଓଡିଆ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ଓ ୨) ଓଡିଆ ସାହିତ୍ୟରେ ଉପନ୍ୟାସ ରଚନା ପାଇଁ ପଥିକୃତ ଭାବେ କାର୍ଯ୍ୟ କରିବା । 'ଉତ୍କଳ ସାହିତ୍ୟ ସମାଜ'ରେ ତାଂକ ଏକ ଭାଷଣକୁ ଉଲ୍ଲେଖ କରା ଯାଇପାରେ- "ଏଥକୁ ନିଃସଂଦେହ ରୂପେ ବୋଲା ଯାଇପାରେ, ଜାତି ସାଧାରଣ ମଧ୍ୟରେ ମାତୃଭାଷା ପ୍ରଚାର କରିବା ଆବଶ୍ୟକ ହେଲେ ଉପନ୍ୟାସ, ନାଟକ, ସଂଗୀତ, ଏହି ତିନି ଶ୍ରେଣୀର ଗ୍ରନ୍ଥର ବହୁଳ ପ୍ରସାର ଆବଶ୍ୟକ । **X X X** ସମୟ ସମୟରେ ଲୋକସାଧାରଣରେ ନାଟକ ବା ଉପନ୍ୟାସ ଅସୀମ ଶକ୍ତି ପ୍ରକାଶ କରିଥାଏ । **X X X** କେହି ବା ମନରେ କହିବେ ମୁଁ ଦୁଇଖଣ୍ଡ ସାମାନ୍ୟ ଉପନ୍ୟାସ ଲେଖିଅଛି ବୋଲି ଉପନ୍ୟାସର ଏତେ ପ୍ରଶଂସା କଲି; କିନ୍ତୁ ମୋ ନିଜ ପକ୍ଷରୁ କୈଫିୟତ୍ ଏହି ଯେ, ଗୋଟିଏ ନିବିଡ ଜଙ୍ଗଲରେ ବାଟ ନଥିଲେ କୁଲୀ ଶ୍ରେଣୀର ଲୋକ ଜଙ୍ଗଲ କାଟି ବାଟର ଛାଂଚ କରିଦେଲା ଉତ୍ତାରେ ଜ୍ଞାନବନ୍ତ ଇଞ୍ଜିନିୟରମାନେ ଆସି ସୁନ୍ଦର ସଡକ ପ୍ରସ୍ତୁତ କରିଥାନ୍ତି । ଅତଃପର ଶିକ୍ଷିତ ଲୋକମାନେ ଭଲ ଉପନ୍ୟାସ ଲେଖିବେ; ସେଥିପାଇଁ ମୁଁ ଗୋଟିଏ ଛାଂଚ କରିଯାଉଛି ।" **(ଫକୀରମୋହନ ଗ୍ରନ୍ଥାବଳୀ- ପ୍ରବନ୍ଧ, ପୃଷ୍ଠା-୧୧୦୮-୧୧୦୯)**

କଥାସାହିତ୍ୟ ଥିଲା ଫକୀରମୋହନଙ୍କ ପୂର୍ବ ପ୍ରସ୍ତୁତିର ଫଳଶ୍ରୁତି । ମାତ୍ର କବିତା ପାଇଁ ତାଂକର ନଥିଲା କୌଣସି ପ୍ରସ୍ତୁତି । ତାଂକ ଚାରିପାଖରେ ସେ ଯାହା ଦେଖୁଥିଲେ, ସତ୍ୟ ଘଟଣା ବୋଲି ଯାହା ହୃଦୟଙ୍ଗମ କରୁଥିଲେ, ତାକୁ ସେ ହାସ୍ୟ ବ୍ୟଙ୍ଗ ମାଧ୍ୟମରେ ପ୍ରକାଶ କରୁଥିଲେ । ନିଜେ ମାନସିକ ଶାନ୍ତି ଅନୁଭବ କରୁଥିଲେ । ତାଂକ କବିତା ସଂପର୍କରେ ସେ ନିଜେ ମୂଲ୍ୟାୟନ କରି କହନ୍ତି-

"ନ ଲୋଡିବ ମୋ ଗୀତରୁ ଭାବର ଗାମ୍ଭୀର୍ଯ୍ୟ
ଛନ୍ଦବନ୍ଧ, ତାନ ମାନ, ପଦର ମାଧୁର୍ଯ୍ୟ ।
ଗୀତ ଗାଇବାରେ ଯାର ହୋଇଛି ଅଭ୍ୟାସ
ଗାଇବ ସେ, କରୁପଛେ ଲୋକ ଉପହାସ ।
ମୋ ବିଶ୍ୱାସ ଜଗତର କବି ସର୍ବଲୋକ
କେହି ବା ବିଶେଷ, କେହି ଅଳପ ମାତ୍ରକ ।
ଗାୟକ ପ୍ରଶଂସା ଲୋଡେ ଅବଶ୍ୟ ଲୋକରେ,
ମାତ୍ର ତାହା ଘଟେ କେତେ ଲୋକ ଅଦୃଷ୍ଟରେ ?
ଇଚ୍ଛା କି ମୋ ନୁହେଁ ଲୋଭ କରିବା କବିତ୍ୱ ?
ମାତ୍ରକ ମୁଁ ଜାଣେ ଏହା ବିଭୁଦତ୍ତ ବିତ୍ତ ।"

**(ଫକୀରମୋହନ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃଷ୍ଠା-୪୫୭)**

ନିଜର ମାନସିକ ଶାନ୍ତି, ନିଜ ଚିତ୍ତର ପ୍ରଫୁଲ୍ଲତା ପାଇଁ ନିଜର ବିଭିନ୍ନ ଅଭିଜ୍ଞତା, ଅନୁଭୂତି, ଆବେଗ ଓ ଚିନ୍ତା ପ୍ରକାଶ କରିବା ପାଇଁ ସେ କବିତା ରଚନା କରୁଥିଲେ । ତାଂକ କବିତା ରଚନା ସଂପର୍କରେ 'ଆତ୍ମଚରିତ'ରେ ସେ ଲେଖିଛନ୍ତି- "ତାଙ୍କର ମୃତ୍ୟୁ ପରେ ମୋ ମନର ବ୍ୟାକୁଳତା ନିବାରଣ ନିମନ୍ତେ ମୁଁ କବିତା ଲେଖେଁ । ମୋର ଅଧିକାଂଶ କବିତା ଦାରୁଣ ପୀଡା, ବିପଦ ଓ ମନର ଅସ୍ଥିରତା ସମୟର ଲେଖା ।" ତେଣୁ ଫକୀରମୋହନଙ୍କ ଅଧିକାଂଶ କବିତାର ଭାଷାଶୈଳୀରେ ସ୍ୱତଃସ୍ଫୂର୍ତ୍ତତା ପରିଲକ୍ଷିତ ହୁଏ । ଗଭୀର ଆବେଗ ଓ ଆନ୍ତରିକତା ଯୋଗୁଁ ତାଂକ କବିତାଗୁଡିକ ହୋଇପାରିଛି ମର୍ମସ୍ପର୍ଶୀ । ତାଂକ କବିତାରେ ଭାବୁକତା ଓ ଦାର୍ଶନିକତା ସହିତ ନିଃସଂଗ ଜୀବନର ସ୍ୱର ଶୁଣାଯାଏ । ବାର୍ଦ୍ଧକ୍ୟ ଓ ନିଃସଂଗ ଜୀବନର ଯନ୍ତ୍ରଣା ହେତୁ ଅବସନ୍ନ ଲାଗିଲେ ସେଥିରୁ ଶାନ୍ତି ଓ ଧୈର୍ଯ୍ୟଲାଭ ନିମନ୍ତେ କବିତା ଲେଖୁଥିଲେ । ତେଣୁ ଫକୀରମୋହନଙ୍କ କବିତା ନିଃସଂଗ ଆତ୍ମାର କରୁଣ ଅଭିବ୍ୟକ୍ତି । ତାଂକ ପତ୍ନୀ ଦେହାତୀତ ସୌନ୍ଦର୍ଯ୍ୟର ମୂର୍ତ୍ତିମତୀ ଦେବୀ ଭାବେ ଉଭା ହୋଇଛନ୍ତି । ପ୍ରାଣପ୍ରିୟା ପତ୍ନୀଙ୍କୁ ସ୍ୱର୍ଗୀୟ, ଅନିର୍ବଚନୀୟ ସୁଷମାରେ ମହିମାନ୍ୱିତ କରାଇଛନ୍ତି ସେ । ଆଦର୍ଶ ଦାମ୍ପତ୍ୟ ଜୀବନ ଓ ପ୍ରେମର ଶାନ୍ତି, ସଂଯତ ଓ ସମାହିତ ରୂପ ତାଂକ କବିତାରେ ପରିଦୃଷ୍ଟ ହୁଏ । ତାଂକ ପ୍ରେମ ଦେହାତୀତ । ସ୍ୱର୍ଗବାସିନୀ ପତ୍ନୀଙ୍କ ସ୍ମୃତିକୁ ସମ୍ବଳ କରି ତାକୁ ରୂପାୟନ କରିଛନ୍ତି କବିତାରେ । ପତ୍ନୀଙ୍କ ରୂପ ଧ୍ୟାନ ସୂକ୍ଷ୍ମ ଓ ବ୍ୟଞ୍ଜନାଧର୍ମୀ ହୋଇଛି ।

"ସେ କି ଥିଲା ମୋର ତପସ୍ୟାର ଫଳ ଆନନ୍ଦ ଉତ୍ସବ ସିନ୍ଧୁ,
ସେ କି ଥିଲା ମୋର ହୃଦୟ ଆକାଶ ଶାରଦ ପୂର୍ଣ୍ଣିମା ଇନ୍ଦୁ ।
ସେ କି ଥିଲା ମୋର ସନ୍ତାପ ହାରିଣୀ ମୃତ୍ୟୁ ସଂଜିବନୀ ଗୀତି,
ଜୀବନ ସଂଗୀତେ ଥିଲା କି ମୂର୍ଚ୍ଛନା ଜୀବନ ଚରିତେ ନୀତି ।"

**(ଫକୀରମୋହନ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃଷ୍ଠା-୪୨)**

ପ୍ରାଣପ୍ରିୟା ପତ୍ନୀ ବିୟୋଗରେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାଂକ କବିପ୍ରାଣରୁ ଝରି ପଡିଛି ପ୍ରେମ / ବିରହ କବିତାମାନ । ପତ୍ନୀଙ୍କ ସହ ଆତ୍ମ ସମର୍ପଣ ଓ ଭାବ ବିନିମୟର ଜୀବନ ଯେତେବେଳେ ପୂର୍ଣ୍ଣଚ୍ଛେଦ ପଡିଛି ସେ ବ୍ୟଥିତ ହୋଇଛନ୍ତି ଏବଂ ବେଦନାର ତପ୍ତ ଅଶ୍ରୁ ଢାଳି ତର୍ପଣ କରିଛନ୍ତି ।

"ଅନ୍ଧାର ଆଲୁଅ ମୋର ଶାରଦ ଚନ୍ଦ୍ରିକା / ନନ୍ଦନର ପାରିଜାତ ବାସନ୍ତୀ ମଲ୍ଲିକା ।
ମୋ ବାଜେଣୀ ବୀଣା ତାନ ପବନେ ମିଶାଇ / ହସିହସି ଗଲା ମୋତେ କନ୍ଦାଇ କନ୍ଦାଇ ।
ଜୀବନ ପ୍ରଭାତେ ମୋର ବିଭାଷ ରାଗିଣୀ / ଦାରୁଣ ନିଦାଘେ ପୂଣ୍ୟତୋୟା ତରଙ୍ଗିଣୀ ।
ଦରିଦ୍ର ପରଶମଣି କେ ନେଲା ଛଡାଇ / ହସିହସି ଗଲା ମୋତେ କନ୍ଦାଇ କନ୍ଦାଇ ।"

**(ହସିହସି ଗଲା ମୋତେ କନ୍ଦାଇ କନ୍ଦାଇ)**

ପତ୍ନୀଙ୍କ ପ୍ରତି ଫକୀରମୋହନଙ୍କ ଉତ୍ସର୍ଗ, ସ୍ୱର୍ଗୀୟ ପ୍ରେମ, ଦେହାତୀତ ଆକର୍ଷଣ ଉତ୍ସର୍ଗ ପତ୍ର, ପୁଷ୍ପମାଳା, ଉପହାର ଇତ୍ୟାଦି କବିତାରେ ଲକ୍ଷ୍ୟ କରାଯାଏ । ପତ୍ନୀଙ୍କ ପାଇଁ ଓ ମାନସିକ ଶାନ୍ତି ପାଇଁ କବିତା ଲେଖୁଥିଲେ ବୋଲି ସେ ସ୍ୱୀକାର କରିଥିଲେ ବି ସମାଜ ଓ ମାଟିର ମଣିଷର ଦୁଃଖ-କଷ୍ଟକୁ ସେ କବିତାରେ ରୂପ ଦେବାକୁ ଭୁଲିନାହାନ୍ତି । ସେ ଜଣେ ସମାଜ ସଚେତକ ଶିଳ୍ପୀ । କଥାସାହିତ୍ୟରେ ଯେ, ସାମାଜିକ ଦୋଷ ଦୁର୍ବଳତାକୁ ଗୁରୁତ୍ୱ ଦେଇଛନ୍ତି ତାହା ନୁହେଁ; ତାଂକ ପଦ୍ୟସାହିତ୍ୟରେ ଏହା ଖୁବ୍ ଶାଣିତ ରୂପେ ଦେଖିବାକୁ ମିଳେ । ସମାଜ ଜୀବନକୁ ମାର୍ଜିତ, ସୁନ୍ଦର ,ସରସ, କୁସଂସ୍କାର ମୁକ୍ତ ସର୍ବୋପରି ଶୋଷଣ ରହିତ କରିବା ଉଦ୍ଦେଶ୍ୟରେ ସେ କବିତା ରଚନା କରିଛନ୍ତି । ସମାଜ ଜୀବନର ବିଭିନ୍ନ ଚିତ୍ର ତାଂକର 'ବିଧବାର ଅଭିଶାପ', 'ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ', 'ଉତ୍କଳ କୃଷକ', 'ରାମରଥ କଥା', 'ଭଣ୍ଡ

ସନ୍ନ୍ୟାସୀ’, ‘ଉତ୍କଳ ଜନନୀର ଆହ୍ୱାନ’, ‘ମୁଁ ହାଟବାହୁଡା’, ‘ଛିନ୍ନଭିନ୍ନ ଜନ୍ମଭୂମି’, ‘ଉତ୍କଳ ଭୂମି’ ଇତ୍ୟାଦି କବିତାରେ ପ୍ରତିଫଳିତ ହୋଇଛି । ସମାଜ ସୁଧାରକ ହିସାବରେ ସମାଜରେ ଘଟୁଥିବା ବିଭିନ୍ନ ସମସ୍ୟାକୁ ସେ ବ୍ୟଙ୍ଗ ବିଦ୍ରୂପାତ୍ମକ ଭାବେ ତାଂକ କବିତାରେ ପ୍ରକାଶ କରିଛନ୍ତି । ଉତ୍କଳ-କୃଷକର ଦୁର୍ଦ୍ଦଶାକୁ ଦେଖି ଫକୀରମୋହନ (ପ୍ରଜାସ୍ୱତ୍ୱ ଆଇନ ବିରୋଧରେ) ଲେଖିଛନ୍ତି-

"ଖଳାମୁଣ୍ଡେ ଆସି ଜଗି ବସିଥାଏ ସାହୁ, / ଘେନିଯାଏ ଅଧେ, ମୂଳ କଳନ୍ତର ଆଉ । / ପାଂଚପଣୁଁ ଅଧିକରେ ଯାଏ ରାଜ କରେ, / ବଳକା ମୁଠାକ ମାତ୍ର ପଶେ ଅସି ଘରେ । / ××× ସବୁଦିନେ ଟାଣଟୁଣ ଘରେ ନାହିଁ ଭାତ, / ଜମି ଖଣ୍ଡେ ବିକିବାକୁ ବଢେଇଲା ହାତ ।/ଗଲା ଅଙ୍କ ପୁଅବାହା ବିକିଥିଲା ମାଣେ, /ବାପ ଶୁଦ୍ଧିବେଳେ କେତେ ବିକିଲା କେଜାଣେ ? / ବାକି ଖଣ୍ଡକରେ ହେଲା ଭାରୀ ଟାଣଟୁଣ, / ମାଘ ଫଗୁଣରେ ଆଉ ନାହିଁ ଲେମ୍ବୁଲୁଣ । / ଭାଗରେ ଲଗାଇଦେଲା ଜମା ଦେଢମାଣ, / ହଡା ହଳକର ହାଲ ଏଥୁଁ ସବୁ ଜାଣ । / ବାହାରିଲା ଘର ଛାଡି ଲାଗିବାକୁ ମୂଲ / ଜୟ ! ଜୟ ! ପ୍ରଜାସ୍ୱତ୍ୱ ହରିହରି ବୋଲ ।"

କଥାସାହିତ୍ୟ ପରି ତାଂକ ପଦ୍ୟସାହିତ୍ୟରେ ସମାଜ ଜୀବନର ଚିତ୍ର ପ୍ରକାଶିତ । କୃଷକ ସମାଜ ଓଡିଶାର ଅର୍ଥନୈତିକ ଜୀବନର ମେରୁଦଣ୍ଡ । ମାତ୍ର, ତାର ଦୁର୍ଦ୍ଦଶା, ଅସହାୟତା ଓ ଶୋଷଣର ଚିତ୍ର ‘ଉତ୍କଳ କୃଷକ’ କବିତାରେ ସୁନ୍ଦର ଭାବେ ବ୍ୟକ୍ତ କରିଛନ୍ତି ଫକୀରମୋହନ । ସେହିପରି ‘ଭଣ୍ଡ ସନ୍ନ୍ୟାସୀ’ କବିତାରେ ଛଦ୍ମବେଶରେ ଶଠ ଓ ଭଣ୍ଡ ସନ୍ନ୍ୟାସୀମାନେ କିପରି ସରଳ ଓ ନିରୀହ ପଲ୍ଲୀ ଜନତାଙ୍କୁ ଶୋଷଣ କରୁଥିଲେ ତାହା ଦର୍ଶାଇଛନ୍ତି । ତାଂକ କବିତାରେ ପାରଂପରିକ ସମାଜ ଓ ନୂତନ ସମାଜ ଜୀବନର ବିବିଧ ଦିଗ ପ୍ରତିଫଳିତ । ସମକାଳୀନ ଓଡିଶାର ଯେଉଁ ସଂସ୍କାର ଆନ୍ଦୋଳନ ଦେଖା ଦେଇଥିଲା, ତାର ଆଦର୍ଶ ଫକୀରମୋହନଙ୍କ କବିତାରେ ଅଭିବ୍ୟକ୍ତି ଲାଭ କରିଛି । ହିନ୍ଦୁ ସମାଜରେ ଚିର ନିଷ୍ପେଷିତା ବିଧବାର ବୈଧବ୍ୟ ଜର୍ଜରିତ ଜୀବନର ବ୍ୟର୍ଥତା ପ୍ରତି ସମ୍ବେଦନଶୀଳ ଫକୀରମୋହନ ବିଧବା ବିବାହର ସପକ୍ଷରେ ଲେଖିଛନ୍ତି କବିତା ଓ ତା ମାଧ୍ୟମରେ ସମାଜର ବଡ ପଣ୍ଡାମାନଂକ ଉଦ୍ଦେଶ୍ୟରେ ଅଭିଶାପ, ବ୍ୟଙ୍ଗ-ବିଦ୍ରୂପ କରିଛନ୍ତି ‘ବିଧବାର ଅଭିଶାପ’, ‘ରାମରଥ କଥା’, ‘ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ’ ଇତ୍ୟାଦି କବିତାରେ ।

"ଶାସନରେ ଯେତେ ବ୍ରାହ୍ମଣ ଅଛନ୍ତି / କରିବା ଗୋଟିଏ ସଭା,
ରାଣ୍ଡ ଝିଅ ବୋହୂ ବେଶ୍ୟା ହୋଇଯାନ୍ତୁ / ତାହାଙ୍କୁ ନଦେବା ବିଭା ।"

**(ରାମରଥ କଥା)**

"ରଥେ ତ ଧଇଲେ ବରଷକେ ଯମଦାଣ୍ଡ / ନଅ ବରଷରେ ଚନ୍ଦ୍ରପ୍ରଭା ହେଲା ରାଣ୍ଡ । / ଆଜିଠାରୁ ସେ ବିଧବା କରିବ ହବିଷ୍ୟ / ନଖାଇବ ଭଲଭଲ ଦ୍ରବ୍ୟ ବା ଆମିଷ । / ନ ପିନ୍ଧିବ ଭଲଲୁଗା, ନ ଖାଇବ ପାନ / ଏହିପରି ଅଛି ପରା ଶାସ୍ତ୍ରରେ ବିଧାନ ।" **(ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ)**

ସେହିପରି ଭ୍ରୂଣହତ୍ୟାକୁ ବିରୋଧ କରି ଲେଖିଛନ୍ତି-

"ଭ୍ରୂଣହତ୍ୟା ପାପପଙ୍କେ ଅତ୍ୟାଚାର ଢାଳି / କେତେ ନିଷ୍କଳଙ୍କ କୂଳେ ଲଗାଉଛ କାଳି । / କେତେ ବାଳିକାର ନାଶି ଇହ ପରକାଳ, / ବଢାଉଛ ଦିନୁଦିନ ଜଗତେ ଜଞ୍ଜାଳ ।" **(ବିଧବାର ଅଭିଶାପ)**

ଆହୁରି ମଧ୍ୟ ବେଶ୍ୟା-ଗଣିକା ସୃଷ୍ଟି ପାଇଁ ସମାଜକୁ ଦାୟୀ କରିଛନ୍ତି-

"ପଡିଲୁ ଶୈଶବେ ଯେତେବେଳେ ବେଶ୍ୟା ହସ୍ତେ / ଅବଶ୍ୟ ତ ଦେଖୁଥିଲେ ସମାଜେ ସମସ୍ତେ । / ଛଡାଇ ତ ଆଣିଥିଲେ ତାହା ହସ୍ତେ ତୋତେ, / ନିଶ୍ଚୟ ନିଶ୍ଚୟ ରହିଥାନ୍ତୁ ଧର୍ମପଥେ । / ଦେଖୁ ଦେଖୁ ଆତ୍ମାଟିଏ ପଡିଲା ନରକେ / ଜଳଜଳ ଚାହିଁଥିଲେ ସମାଜର ଲୋକେ ।" **(ବାର ବିଳାସିନୀ ପ୍ରତି)**

ରୀତିଯୁଗୀୟ ଆଳଙ୍କାରିକତା ଓ କଳ୍ପନା ପରିହାର କରି ସର୍ବପ୍ରଥମେ ଫକୀରମୋହନ କବିତାରେ ସମାଜର ଅତ୍ୟାଚାର, ଅବିଚାର, କୁସଂସ୍କାର ବିରୁଦ୍ଧରେ ସ୍ୱର ଉଠେଇଲେ । ବେଶ୍ୟାମାନଂକ ପ୍ରତି ଘୃଣାଭାବ ଥିଲେ ହେଁ ସମାଜକୁ ଏଥିପାଇଁ ଦାୟୀ କରିଛନ୍ତି । ସେହିପରି ଊନବିଂଶ ଶତକର ଶେଷ ଓ ବିଂଶ ଶତକର ଆରମ୍ଭରେ ବିଧବା ବିବାହ ସପକ୍ଷରେ ଲେଖିବା ତାଂକ ଦୁଃସାହସିକତାର ପରିଚୟ ଦିଏ । ‘ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ’ରେ ବୃଦ୍ଧ ବିଶୁରଥ କନ୍ୟାପଣ ଟଙ୍କା ଦେଇ ଆଠବର୍ଷର ଚନ୍ଦ୍ରପ୍ରଭାକୁ ବିବାହ କରିଛି । ନଅବର୍ଷରେ ସେ ବିଧବା ହୋଇ ନିଜର ହେତୁ ଉଦୟ ହେବା ପୂର୍ବରୁ ସାମାଜିକ ନୀତିନିୟମ ଦ୍ୱାରା ସେ ଜୋର ଜବରଦସ୍ତ ବାନ୍ଧି ହୋଇଯାଇଛି । ରକ୍ଷଣଶୀଳତାର ପ୍ରଚଣ୍ଡତାରେ ଆମ ସମାଜ ରୁନ୍ଧି ହୋଇଯିବା ଫଳରେ ଝିଅ-ବୋହୂମାନେ ଶ୍ୱାସରୁଦ୍ଧକର ପରିବେଶରେ ଜୀବନ ବିତେଇବାକୁ ବାଧ୍ୟ ହେଉଛନ୍ତି ଯାହାର ପ୍ରଚଣ୍ଡ ବିରୋଧ କରିଛନ୍ତି ଫକୀରମୋହନ । ଯେଉଁ ସମାଜ ବିଧବାମାନଂକୁ ବେଶ୍ୟା ହୋଇଯିବା ସହିପାରେ, ଅଥଚ ବିଧବା ବିବାହକୁ ସମର୍ଥନ କରିପାରିନାହିଁ; ସେହି ସମାଜର ଘୃଣ୍ୟ ମନୋଭାବର ଚିତ୍ରକୁ ସେ ବିଦ୍ରୂପାତ୍ମକ ଭାବେ ବର୍ଣ୍ଣନା କରିଛନ୍ତି ‘ରାମରଥ କଥା’ରେ ।

ଜୀବନର ଅପରାହ୍ଣରେ ଫକୀରମୋହନଙ୍କ ଜୀବନ ଯେତେବେଳେ ବିପୁଳ ଅନୁଭୂତିରେ ପୂର୍ଣ୍ଣ ‘ଉତ୍କଳ ଭ୍ରମଣଂ’ ଓ ‘ମୁଁ ହାଟବାହୁଡା’ ପରି ସୃଷ୍ଟି ସମାଜ ଜୀବନର ଯଥାର୍ଥତାକୁ ସୂଚେଇ ଦେଇଛି । ଏଥିରେ ସମାଜର ଭଲ ଓ ଖରାପ ଦୁଇଟି ଦିଗକୁ ଉଖାରି ଦେଖିଛନ୍ତି ଓ ଦେଖେଇଛନ୍ତି ସେନାପତି ଫକୀରମୋହନ । ଆମ ସମାଜର ରୀତି-ନୀତି, ବ୍ୟବସ୍ଥା, ଗଢି ଉଠିଥିବା ନୂତନ ବୁଦ୍ଧିଜୀବୀ ସଂପ୍ରଦାୟ, ବିଦେଶୀ ଦ୍ରବ୍ୟର ଆଦର ଓ ସ୍ୱଦେଶୀ ପ୍ରତି ବୀତସ୍ପୃହ ମନୋଭାବକୁ ବ୍ୟଙ୍ଗ କରିଛନ୍ତି ସେ ।

- "ବେଭାର ଦେଖୁଛି ଯେ ଲୋକଙ୍କର / ଦେଶୀ ଜିନିଷରେ ନାହିଁ ଆଦର ।"

‘ଉତ୍କଳ ଭ୍ରମଣଂ’ ଆଧୁନିକ ଓଡିଆ ପଦ୍ୟ ସାହିତ୍ୟର ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ଏହା ଓଡିଆ ସାହିତ୍ୟର ସର୍ବପ୍ରଥମ ସାଟାୟାର୍ ବା ବ୍ୟଙ୍ଗକବିତା । ରାଧାନାଥଂକ ଦରବାରର ଯଥେଷ୍ଟ ପୂର୍ବରୁ ଏହା ଲିଖିତ ଓ ପ୍ରକାଶିତ । କେଉଁଝରର ଦେବାନ ଥିବା ସମୟରେ ହାତୀ ପିଠିରେ ବସି ଭଦ୍ରକରୁ ଆନନ୍ଦପୁର ଫେରିବା ପଥରେ ୧୯୮୨ରେ ‘ଉତ୍କଳ ଭ୍ରମଣଂ’ ରଚନା ହୋଇଥିଲା । ତାଂକ ଆତ୍ମଚରିତରେ ଲେଖିଛନ୍ତି- "ଭଦ୍ରକରୁ ଆନନ୍ଦପୁର ବାହୁଡି ଆସୁଥାଏ × × × ହଠାତ୍ ମୋ ମନରେ ଉଦୟ ହେଲା ବର୍ତମାନ ଉତ୍କଳରେ ଯେତେ ସାହିତ୍ୟିକ ଏବଂ ପ୍ରଧାନ ଲୋକ ଅଛନ୍ତି, ସେମାନଂକ ନାମ ସାହିତ୍ୟ ମଧ୍ୟରେ ଲିଖିତ ରହିବା ଉଚିତ୍ । × × × ହାତୀ ଉପରେ ବସିଥାଏ । ପକେଟରୁ ପକେଟ ବହି ଓ ପେନ୍‌ସିଲ୍ ବାହାର କରି ପଦ୍ୟ ଲେଖିବାକୁ ଆରଂଭ କଲି । ଆନନ୍ଦପୁରରେ ପହଂଚିବା ସମୟରେ ଅଧାଅଧି ଲେଖା ହୋଇ ଯାଇଥିଲା । ସେଠାରୁ ହାତୀରୁ ଓହ୍ଲାଇବା ମାତ୍ରେ କଂପୋଜିଟର୍‌କୁ ଡାକି କଂପୋଜ୍ କରିବାକୁ ଦେଲି । କିଛିକ୍ଷଣ ବିଶ୍ରାମ କରି ପୁଣି ଲେଖିବାକୁ ଆରଂଭ କଲି । ଖଣ୍ଡିଏ ଖଣ୍ଡିଏ କାଗଜରେ ଲେଖା ହୋଇଯିବା ମାତ୍ରେ ଅକ୍ଷରଯୋଜନ ନିମନ୍ତେ କଂପୋଜିଟର୍ ତାହା ଘେନି ଯାଉଥାଏ । × × × ଦ୍ୱିତୀୟ ଦିନ ସଂଧ୍ୟା ସରିକି ପୁସ୍ତକ ଛାପା ସମାପ୍ତ ହୋଇଗଲା ।"

ଏଥିରୁ କବିଙ୍କ ପାଣ୍ଡିତ୍ୟର ସୂଚନା ମିଳେ । ଦୁଇଦିନରେ ଗୋଟିଏ କାବ୍ୟ ରଚନା କରିବା ଏକ ଦୁସାଧ୍ୟ ବ୍ୟାପାର, ଯାହା ଫକୀରମୋହନ ହିଁ ସଂପନ୍ନ କରିପାରିଛନ୍ତି । ସମକାଳୀନ ଓଡିଶାର ଚିତ୍ର ଏଥିରେ ପ୍ରତିଫଳିତ । ବାଗ୍‌ଦେବୀ ସାରଳାଙ୍କ ଠାରୁ ଆରଂଭ କରି ସମସ୍ତ କବି, ଶାସନକର୍ତା, ଓକିଲ, ରାଜା-ଜମିଦାର, ଶିକ୍ଷିତ ସମାଜ ସମସ୍ତେ ଫକୀରମୋହନଙ୍କ ପ୍ରଚଣ୍ଡ ବିଦ୍ରୂପର ଶିକାର ହୋଇଛନ୍ତି । ଏଥିରେ ରାଜନୀତିକ ଉତ୍କଳର ବିକଳାଙ୍ଗ ରୂପର କରୁଣ ଚିତ୍ର ସ୍ଥାନ ପାଇଛି । ଆମ ସମାଜ-ସଂସ୍କୃତି-ସାହିତ୍ୟର କଲ୍ୟାଣକାରୀ ବ୍ୟକ୍ତିମାନଂକୁ ଏବଂ ବୈଦେଶିକୀମାନଂକୁ ଯେଉଁମାନେ ଦେଶ ଓ ଜାତିର ହିତ ସାଧିତ ହୋଇଛି, ସେମାନଂକୁ ସେ ପ୍ରଶଂସା କରିବାକୁ ଭୁଲିନାହାନ୍ତି ।

ଋଷିପ୍ରାଣ ମଧୁସୂଦନଙ୍କୁ ରସିକତା କରି ଲେଖିଛନ୍ତି-

"ଓଜନରେ ହେବ ମଧୁ ଅଢାଇ ପଶୁରି,
କିପରି ରହିଛି ଏତେ ଗୁଣ ପେଟେ ଭରି ।"

ଇଂରାଜୀ ଶିକ୍ଷିତ ଯୁବଗୋଷ୍ଠୀ ପ୍ରତି-

"ନିର୍ଦ୍ଧୁମ ଖରାରେ ପିନ୍ଧି ବିଲାତର କୋଟ୍,
ଫିଙ୍ଗି ଦେଇ ଛେନା ବଡା ଖାଅ ବିସ୍‌କୋଟ ।"

ପୁରୀ ମହନ୍ତମାନଂକ ପାଇଁ-

"ଏ ସ୍ଥାନରେ ବଡଲୋକ ଅଟନ୍ତି ମହନ୍ତ
ଧର୍ମବୀର, କର୍ମବୀର, ଯେହ୍ନେ ହନୁମନ୍ତ ।"

ମିଶନାରୀମାନଂକୁ ପ୍ରଶଂସା-

"ଆଗେ ଆଗେ ଆସୁଥିଲେ ଯେତେ ମିଶନାରୀ
ସେହିସବୁ ସାହେବଙ୍କୁ ପୂଜା କରେଁ ଭାରି ।
ପ୍ରଥମରେ ପଢାଇଲେ ଇସ୍କୁଲିଆ ପାଠ,
ପ୍ରଥମରେ ଦେଖାଇଲେ ଛାପାଖାନା ବାଟ ।"

ଓଡିଆ ଭାଷା ବିରୋଧରେ ଉଡବର୍ଣ୍ଣ ସାହେବଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ତାଂକୁ ବ୍ୟଙ୍ଗ କରିଛନ୍ତି-

"ଯାହା କରିଗଲେ ଉଡବର୍ଣ୍ଣ ସାହେବ,/ ରକ୍ତ-ଅକ୍ଷରରେ ଇତିହାସେ ଲେଖା ହେବ । / ଚାରିଆଡେ ତାଂକ ଯଶ ହେଉଛି ବିକାଶ; / ଓଡିଆମାନଂକୁ କିନ୍ତୁ କଲେ ସର୍ବନାଶ ।"

ଉପରୋକ୍ତ ପଙ୍କ୍ତିରୁ ସଂସ୍କାରଧର୍ମୀ ଫକୀରମୋହନଙ୍କ ନିର୍ଭୀକତା ଭାଷାଦ୍ରୋହୀ ଶାସକ, ପୁରୀ ମନ୍ଦିରର ମହନ୍ତ, ନବ୍ୟଶିକ୍ଷିତ ଗୋଷ୍ଠୀକୁ ଯେ ଜର୍ଜରିତ କରିଛି ତାର ପ୍ରମାଣ ମିଳେ । ଏହିପରି ଦୁଃସାହସିକ ବ୍ୟକ୍ତିତ୍ୱର ପରିଚୟ କ୍ୱଚିତ୍ ମିଳିଥାଏ । ଅବିଚାର ବିରୁଦ୍ଧରେ ସମାଜକୁ ସଚେତନ ଓ ଜାଗ୍ରତ କରିବା ପାଇଁ କବି ଓ କାବ୍ୟର ଏକ ଅଲଂଘନୀୟ ଦାୟିତ୍ୱ ରହିଅଛି, ଯାହା ଫକୀରମୋହନଙ୍କ ଠାରେ ପ୍ରମାଣିତ । ଏଥିପାଇଁ ଏହା ଏକ ସାର୍ଥକ ଓ ରସୋତ୍ତୀର୍ଣ୍ଣ ସାଟାୟାର୍‌ରେ ପରିଣତ ହୋଇପାରିଛି ।

ପ୍ରତ୍ୟେକ କବିର ଓ କବିତାର ସାମାଜିକ ଦାୟବଦ୍ଧତାକୁ ଗୁରୁତ୍ୱ ଦେଇଛନ୍ତି ସେ । ମାତ୍ର ଜଣେ ସ୍ୱାମୀର ଦାୟବଦ୍ଧତା ପାଇଁ ସେ କବି ଭାବରେ ପରିଚିତି ଲାଭ କଲେ । ପୁତ୍ରଶୋକାତୁରା ସ୍ତ୍ରୀଙ୍କ ରାମାୟଣ ଶ୍ରବଣବାସନା ଓ ମାନସିକ ସ୍ଥିରତା ଆଣିବା ପାଇଁ 'ବାଲ୍ମୀକି ରାମାୟଣ'ର ଓଡିଆ ଅନୁବାଦ କଲେ, ଯାହା ଫକୀରମୋହନଙ୍କ ପ୍ରଥମ ପଦ୍ୟାତ୍ମକ ରଚନା (୧୮୮୦) । ସାରଳାଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତର ଅନୁବାଦ ତୁଳନାରେ ଫକୀରମୋହନଙ୍କ ଅନୁବାଦ ନ୍ୟୁନ ହେଲେ ହେଁ ତାଂକ ସମକାଳରେ ଓଡିଆ ଭାଷାର ଓ ଓଡିଆ ଜାତିର ଏକ ସଂଘର୍ଷମୟ ସମୟରେ ପୁରାଣର ଅନୁବାଦ କରିବାର ପଦକ୍ଷେପ ନେବା ନିଶ୍ଚୟ ଏକ ଦୃଢ ମାନସିକତାର ପରିଚୟ ଦିଏ । ମାତ୍ର, ବାସ୍ତବଧର୍ମିତା ଓ ସମାଜ ଉପଯୋଗୀ ଆଭିମୁଖ୍ୟ ଯୋଗୁଁ ତାଂକ କଥାସାହିତ୍ୟ ଓ କାବ୍ୟସାହିତ୍ୟ ଯେପରି ସଫଳତା ପାଇପାରିଥିଲା, ତାଂକ ଅନୁବାଦ ସାହିତ୍ୟ ସେହି ପରିମାଣରେ ନିରାଶ କରିଥିଲା । ଓଡିଆ ସାହିତ୍ୟ ଓ ସଂସ୍କୃତିକୁ, ସଂସ୍କୃତ ପ୍ରଭାବରୁ ମୁକ୍ତିଦେବା ଉଦ୍ଦେଶ୍ୟରେ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ ଯେପରି ମୂଳ ଲେଖାରେ ବହୁ ପରିବର୍ତ୍ତନ ଆଣି ସେଥିରେ ଆଂଚଳିକତା, ଓଡିଶାର ପାଣି ପବନ ଓ ଓଡିଶାର ଆଧ୍ୟାତ୍ମିକ ଚିନ୍ତା-ଚେତନାର ସମ୍ମିଶ୍ରଣ କରାଇ ନିଜ ନିଜର ଅନନ୍ୟ ସାଧାରଣ କବିତ୍ୱର ସ୍ପର୍ଶ ଦେଇ, 'ମହାଭାରତ', 'ରାମାୟଣ' ଓ 'ଭାଗବତ'କୁ ସଫଳତାର ଶୀର୍ଷରେ ପହଂଚାଇବା ସହିତ ଓଡିଶାବାସୀଙ୍କ ପ୍ରାଣ ସ୍ପନ୍ଦନରେ ପରିଣତ କରାଇ ପାରିଥିଲେ; ଫକୀରମୋହନଙ୍କ ଅନୁବାଦ ସେପରି ନଥିଲା । ତାଙ୍କ ଅନୁବାଦରେ ଯୁଗୀୟ ଆଦର୍ଶ ବା ସ୍ୱକୀୟତା ନଥିଲା । ତାହା ଥିଲା ସଂସ୍କୃତର ଆକ୍ଷରିକ ଅନୁବାଦ ।

'ଉପନିଷଦ' ହିନ୍ଦୁ ଆଧ୍ୟାତ୍ମିକ ଭାବନାର ଶ୍ରେଷ୍ଠ ସଂପଦ । ବେଦର ମାତ୍ରାଧିକ କବିତ୍ୱ ପରିବର୍ତ୍ତେ ସାଧାରଣ ମଣିଷର ଜୀବନ ଜିଜ୍ଞାସା, ପାରଂପରିକ ଆଚାର ପରିବର୍ତ୍ତେ ଉର୍ଜସ୍ୱଳ ବିଚାର, ଐକ୍ୟବଦ୍ଧ ଜୀବନ ସଂଧାନ ଉପନିଷଦକୁ ଶ୍ରେଷ୍ଠ ଆଧ୍ୟାତ୍ମିକ ସାହିତ୍ୟରେ ସମ୍ମାନ ଦେଇଛି । ଫକୀରମୋହନ ଏହା ମାଧ୍ୟମରେ ହିନ୍ଦୁ ଜାତିକୁ ମାର୍ଜିତ, ଶୃଂଖଳିତ ହେବାର ମାର୍ଗ ପ୍ରଦର୍ଶନ ପାଇଁ ଏହାର ଅନୁବାଦ କରିଛନ୍ତି । ଏ ସଂପର୍କରେ ଫକୀରମୋହନ କହନ୍ତି- "ପୃଥିବୀର ସର୍ବଶ୍ରେଷ୍ଠ ସର୍ବବାଦୀ-ସମ୍ମତ ବେଦବିହିତ ପରଂବ୍ରହ୍ମଙ୍କ ଉପାସନା ପ୍ରଣାଳୀ ବିସ୍ମୃତ ହେବା ହିନ୍ଦୁ ଜାତିର ପତନର ମୂଳ କାରଣ ଅଟେ । ଏହି ଜାତି ଯେ ପର୍ଯ୍ୟନ୍ତ ସେହି ନିତ୍ୟସତ୍ୟ ବେଦବିହିତ ବିଶୁଦ୍ଧ ଉପାସନା ପ୍ରଣାଳୀ ଅବଲମ୍ବନ ନ କରିଅଛନ୍ତି, ସେ ପର୍ଯ୍ୟନ୍ତ ଏହି ଜାତିର ପ୍ରକୃତ ଉନ୍ନତି ଆଶା କରିବା ବିଡ଼ମ୍ବନା ମାତ୍ର ।" ଅନୁବାଦରେ ଫକୀରମୋହନଙ୍କ ମୌଳିକତା ପରିଲକ୍ଷିତ ନ ହେଲେ ବି ତାଂକର ପାଣ୍ଡିତ୍ୟ ଓ ବହୁପାଠଦର୍ଶିତାର ପ୍ରମାଣ ଏସବୁରୁ ମିଳିଥାଏ ।

ପରିଣତ ବୟସରେ ଆଧ୍ୟାତ୍ମିକ ଆନନ୍ଦର ପରିପୂର୍ଣ୍ଣତା ଲାଭ ପାଇଁ ଫକୀରମୋହନ 'ବୌଦ୍ଧାବତାର' କାବ୍ୟ ରଚନା କରିଛନ୍ତି । ପରମ କାରୁଣିକ ଭଗବାନ ବୁଦ୍ଧଙ୍କ ଜୀବନୀକୁ ନେଇ ମାତ୍ର ୪୨ ଦିନ ମଧ୍ୟରେ ସେ ରଚନା କରିଥିଲେ ଏହି କାବ୍ୟ । ବୁଦ୍ଧ ଚରିତ ଅବଲମ୍ବନରେ ଲିଖିତ ଏହି କାବ୍ୟ ଓଡିଆ ସାହିତ୍ୟରେ ସର୍ବପ୍ରଥମ ଉଦ୍ୟମ । ବାସ୍ତବରେ ଓଡିଶା ହେଉଛି ବୌଦ୍ଧଧର୍ମର ଲୀଳାଭୂମି । ଏହି କାବ୍ୟରେ ବୌଦ୍ଧଧର୍ମର ଆରମ୍ଭ ସହ ଆଚାର ଓ ବ୍ୟଭିଚାର ମଧ୍ୟରେ ତାର ବିଲୟ, ପୁଣି ଜଗନ୍ନାଥଙ୍କ ଠାରେ ବୈଦିକ ହିନ୍ଦୁଧର୍ମ ମଧ୍ୟରେ ନିମଜ୍ଜନ ପର୍ଯ୍ୟନ୍ତ ବିବର୍ତ୍ତନର ଯେଉଁ ସ୍ତର ଦେଇ ବୌଦ୍ଧଧର୍ମ ଗତିକରିଛି ତାହାକୁ ସୁନ୍ଦର ଭାବେ ଦର୍ଶାଇଛନ୍ତି ସେନାପତି ଫକୀରମୋହନ । ଓଡିଆ ସାହିତ୍ୟ, ସଂସ୍କୃତି ଓ ଓଡିଶାର ଆଧ୍ୟାତ୍ମିକ ଭାବନାରେ ବୌଦ୍ଧଧର୍ମ, ତାର ଦର୍ଶନ ଓ ତାର ବିବର୍ତ୍ତନର ସ୍ୱରୂପକୁ 'ବୌଦ୍ଧାବତାର' କାବ୍ୟରେ ଲକ୍ଷ୍ୟ କରାଯାଏ । ଏହା ସହିତ ତାଂକର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ଦିବ୍ୟ-ପୁରୁଷ, ପରମ କାରୁଣିକ ଭଗବାନ ବୁଦ୍ଧଙ୍କ ଜୀବନୀ ପଢି ତାଂକ ମହତ୍ ଚରିତ୍ର ସଂପର୍କରେ ଜାଣିବେ ଓ ଏହା ଦ୍ୱାରା ପ୍ରଭାବିତ ହୋଇ ଲୋକମାନେ ଶାନ୍ତିମୟ ଜୀବନଯାପନ କରିବାକୁ ପ୍ରେରଣା ପାଇବେ । ତେଣୁ ଫକୀରମୋହନ ପାଠକମାନଂକ ଉଦ୍ଦେଶ୍ୟରେ ଲେଖିଛନ୍ତି-

"ଏ ମହାପୁରାଣ ପ୍ରତିଦିନ ନିୟମରେ / ଅଧ୍ୟୟନ କରୁଥିବ ପବିତ୍ର ମନରେ । ଅଧ୍ୟୟନ କର ଗ୍ରନ୍ଥଭାବ ହୃଦଙ୍ଗମ / ନ ହୁଅ ଶର୍କରାବାହୀ ବଳୀବର୍ଦ୍ଦ ସମ । ନ କର ସମୟ ନାଶ ଅଳୀକ କାର୍ଯ୍ୟରେ / ଭାବି ଦଶା ଭାବି ଚଳ ସୁନୀତି ମାର୍ଗରେ ।"

ବିଭିନ୍ନ ସମୟରେ ଫକୀରମୋହନ ଦାରୁଣ ଦୁଃଖ, ଯନ୍ତ୍ରଣା ଓ ନିଃସଂଗତା ସହ ସାମ୍ନାସାମ୍ନି ହେବା ଫଳରେ ବେଳେବେଳେ ଈଶ୍ୱରଙ୍କ ଉପରେ ସନ୍ଦେହ ପ୍ରକାଶ କରିଥିଲେ ହେଁ, ସେ ଥିଲେ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ । ଭଗବାନଂକ ବିଚାର ଉପରେ ତାଂକର ଥିଲା ଗଭୀର ଆସ୍ଥା । ଭଗବାନଂକ ଉପସ୍ଥିତି ସେ ନିଜ ହୃଦୟରେ ଅନୁଭବିଛନ୍ତି । ନିଜର ସମସ୍ତ ସାଂସାରିକ ଦୁଃଖ ଯନ୍ତ୍ରଣା ସତ୍ୱେ ଅମୃତର ସନ୍ତାନ ପାଇଛନ୍ତି ଓ ସେଠାରେ ଶାନ୍ତିର ବିଶ୍ରାମ କରିବାର ସ୍ୱପ୍ନ ଦେଖିଛନ୍ତି ।

"ଏକ ମାତ୍ରକ ଜ୍ୟୋତିଷ୍ମାନ ବ୍ୟାପି ଅଛନ୍ତି ସର୍ବସ୍ଥାନ
ତାହାଙ୍କୁ ସମ୍ମୁଖରେ ଦେଖୁଛି ଆନନ୍ଦରେ / ସେହି ମୋ ଅନ୍ତର ବିଶ୍ରାମ ।"

**(ଫକୀରମୋହନ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃଷ୍ଠା- ୪୨୯)**

ଫକୀରମୋହନଙ୍କ କଥାସାହିତ୍ୟରେ ଯେପରି ଉତ୍କଳୀୟ ସମାଜ ଜୀବନର ଦୁଇ ଶହ ବର୍ଷର ଇତିହାସ ରୂପାୟିତ ହୋଇଛି; ତାଂକ କବିତାରେ ତାହା ପରିଲକ୍ଷିତ ହୋଇନାହିଁ । ସମାଜ ସଚେତନତା ସହିତ ଓଡିଶାର ସାମାଜିକ ଜୀବନର ଇତିହାସକୁ ଅତି ନିଖୁଣ ଭାବରେ କଥାସାହିତ୍ୟରେ ରୂପ ଦେଇଛନ୍ତି ସେ । ମାତ୍ର କବିତା ତାଂକ ହୃଦୟର ଝଙ୍କାର । ତେଣୁ ତାଂକ କବିତାରେ ସାମାଜିକ ପ୍ରତିବଦ୍ଧତା ସହ ନିଜର ମାନସିକ ଆଶ୍ୱାସନା ଓ ଶାନ୍ତିକୁ ସେ ଗୁରୁତ୍ୱ ଦେଇଛନ୍ତି । ବେଦନା ଓ ଏକାକୀତ୍ୱ ହିଁ ତାଂକ ଅଧିକାଂଶ କବିତାର ପ୍ରାଣ । ଏହାକୁ ସ୍ୱୀକାର କରି କବି ଲେଖିଛନ୍ତି- "ଚିରଦିନ ଏକାକୀ ରହିବା ମୋ ଭାଗ୍ୟଲିପିରେ ଲେଖାଅଛି । ବାଲ୍ୟକାଳରୁ ପିତୃ-ମାତୃହୀନ ଥିଲି । ଯୌବନରେ ପତ୍ନୀ-ବିରହିତ ହୋଇ ଦୂର ଦେଶରେ ଥିଲି । ଏବେ ବାର୍ଦ୍ଧକ୍ୟରେ ସନ୍ତାନ ଠାରୁ ବିଛିନ୍ନ ହୋଇ ନିର୍ଜନ ବାସ କରୁଛି । ଏକାକୀ ଚିନ୍ତା କରିବାକୁ ଯଥେଷ୍ଟ ସମୟ ପାଏ ।" **(ଫକୀରମୋହନ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃଷ୍ଠା-୧୯)** ତେଣୁ ତାଂକ ଅଧିକାଂଶ କବିତା ନିଃସଂଗ ଆତ୍ମାର କରୁଣ ଅଭିବ୍ୟକ୍ତି । ଏହା ସହ ସଂସ୍କାରୀ ଫକୀରମୋହନଙ୍କ କବିତାରେ ସଂସ୍କାର ଆନ୍ଦୋଳନର ଆଦର୍ଶ ପ୍ରତିଫଳିତ । ସେହି ସମୟର ସାମାଜିକ ପୃଷ୍ଠଭୂମି ସହିତ ସମକାଳୀନ ପ୍ରାଣ ସ୍ପନ୍ଦନର ଅନ୍ୱେଷାକୁ ଉପଲବ୍ଧି କରିହୁଏ ତାଂକ କବିତାରେ । ଜୀବନ ପ୍ରତି ସମ୍ମାନ, ମନୁଷ୍ୟ ପ୍ରତି ସହାନୁଭୂତି ଓ ସାର୍ବଜନୀନ ବିଶ୍ୱପ୍ରୀତି ତାଂକ କବିତାକୁ ସୁସମୃଦ୍ଧ କରି ଗଢି ତୋଳିଛି ।

ସ୍ମରଣୀୟ କାହାଣୀ

# ରେବତୀ



# ରେବତୀ



କଥାସମ୍ରାଟ
ଫକୀରମୋହନ ସେନାପତି

ଚିତ୍ର : ଶିବଶଙ୍କର ଦାସ

"ଲୋ ରେବ୍‌ତୀ- ଲୋ ରେବୀ- ଲୋ ନିଆଁ, ଲୋ ଚୁଲୀ ।''

କଟକ ଜିଲ୍ଲାର ହରିହରପୁର ପ୍ରଗନା ମଧ୍ୟରେ ଗୋଟିଏ ମଫସଲ ଗ୍ରାମ, ନାମ ପାଟପୁର । ଗ୍ରାମ ମୁଣ୍ଡାମୁଣ୍ଡିରେ ଗୋଟିଏ ଘର । ଆଗିଲି ପିଛିଲି ଚାରି ବଖରା, ଖଞ୍ଜା ପାଟୀରୀଚାଳିଆରେ ଢେଙ୍କିଶାଳ, ଅଗଣା ମଧ୍ୟରେ କୂଅ, ଆଗକୁ ଦାଣ୍ଡ ଦୁଆର, ପଛକୁ ବାଡ଼ି ଦୁଆର, ଦାଣ୍ଡ ଦୁଆର ମେଲାଘରେ ଦାଣ୍ଡଲୋକେ ବସାଉଠା କରନ୍ତି, ପ୍ରଜାମାନେ ଖଜଣା ଦେବାକୁ ଆସି ଏହିଠାରେ ବସନ୍ତି । ଶ୍ୟାମବନ୍ଧୁ ମହାନ୍ତି ଜମିଦାର ତରଫରୁ ଗ୍ରାମର କରଣ, ମାସକୁ ଦରମା ଦୁଇଟଙ୍କା, ଦରମା ଛାଡ଼ି ପାଉତି ବିଶୋଧନୀ ବାହ୍ୱା ଲହଣା ଇତ୍ୟାଦିରୁ ଦୁଇପଇସା ହାତପୈଠ ହୁଏ । ସବୁ ମିଶାଇଲେ ମାସକୁ ଚାରିଟଙ୍କାରୁ ଊଣା ହେବନାହିଁ, ସଂସାର ଏକରକମ ଚଳେ; ଏକରକମ କିଆଁ ? ବୋଇଲେ ଭଲ ଚଳେ । ଏଇଟା ହେଲା ନାହିଁ, ସେଟା ଘରେନାହିଁ, ଏପରି କଥା ଘରର କାହାରି ମୁହଁରେ ଶୁଣାଯାଏ ନାହିଁ । ବାଡ଼ିରେ ଶାଗମାଗ ଛାଡ଼ି ସଜନା ଦୁଇଗଛ । ଘରେ ଲଗାପଡ଼ିଆ ବରଷବିଆଣୀ ଗାଇ ଦୁଇଟା ବନ୍ଧ, ଦୁଧ ଟିକିଏ, ଘୋଳ ମନ୍ଦାଏ ହାଣ୍ଡିତଳେ ଲାଗିଥାଏ । ବୁଢ଼ୀ ଚକ୍ଷୁ ମିଶାଇ ଘଷି ତାଡ଼ିଦିଏ, କାଠ କିଣା ବାଧେ ନାହିଁ । ଜମିଦାର ସାଢ଼େ ତିନିମାଣ ଜମି ଚଷିବାକୁ ଦେଇଅଛନ୍ତି, ଧାନ ବଳେ ନାହିଁ କି କମେ ନାହିଁ । ଶ୍ୟାମବନ୍ଧୁଟି ବଡ଼ ସିଧା ସଳଖ ଲୋକ, ପ୍ରଜାମାନେ ମାନନ୍ତି, ସୁଖ ପାଆନ୍ତି । ବାପରେ ଧନରେ କହି ଦୁଆର ଦୁଆର ବୁଲି ଖଜଣା ଅସୁଲ କରେ, କାହାରି ଠାରୁ ଅନ୍ୟାୟରେ ପଇସାଟିଏ ନିଏନାହିଁ । ପ୍ରଜାମାନେ ଖଜଣା ଦେଇ ପାଉତୀ ମାଗନ୍ତି ନାହିଁ, ସେ ଚାରିଆଙ୍ଗୁଳି ତାଳପତ୍ରରେ ଖଣ୍ଡେ ପାଉତି ଲେଖି ବେଳେବେଳେ ଚାଳରେ ଗୁଞ୍ଜି ଦେଇଯାଏ । ଜମିଦାର ପିଆଦା ଆସିଲେ ଗାଁକୁ ଛାଡ଼େ ନାହିଁ, ଆପେ ହାତ ଓଠ ଧରି ଧୁଆଁଖିଆ ଦୁଇପଇସା ଦେଇ ବିଦାକରେ । ଶ୍ୟାମବନ୍ଧୁ ଘରେ ଖାଇବାକୁ କୁଟୁମ୍ବ ଚାରିଜଣ । ଆପେ ଦୁଇପରାଣି, ମାଆ ବୁଢ଼ୀ, ଦଶ ବରଷର ଗୋଟିଏ ଝିଅ । ଝିଅଟିର ନାମ ରେବତୀ । ଶ୍ୟାମବନ୍ଧୁ ସଞ୍ଜବେଳେ ପିଣ୍ଡାରେ ବସି 'କୃପାସିନ୍ଧୁ ବଦନ' ଗାଏ, ଆଉ ଆଉ ଭଜନ ଗାଏ, କେବେ କେବେ କାଠ ଦୀପରୁଖାଟି ଉପରେ ବଇଠାଟିଏ ଥୋଇ ଭାଗବତ ପଢ଼େ, ରେବତୀ ପାଖରେ ବସି ଶୁଣୁଥାଏ । ସେ ମୁହେଁ ମୁହେଁ ଢେର ଭଜନ ଶିଖିଗଲାଣି । ତା' ପିଲା ମୁହଁକୁ ଭଜନ ଗୁଡ଼ିକ ଖୁବ୍ ମାନେ । ସଞ୍ଜବେଳେ ବାପା ପାଖରେ ବସି ଭଜନ ଗାଇଲେ ଗାଁର କୌଣସି କୌଣସି ଲୋକ ଆସି ଶୁଣନ୍ତି । ରେବତୀ ବାପା ପାଖରୁ ଗୋଟିଏ ଭଜନ ଶୁଖିଥିଲା, ସେଇଟି ଗାଇଲେ ଶ୍ୟାମବନ୍ଧୁ ବଡ଼ ଖୁସିହୁଏ । ପ୍ରତିଦିନ ଝିଅକୁ ଗାଇବାକୁ କହେ, ରେବତୀ ଗାଏ-

କାହାଗେ କରିବି ଗୁହାରି ।
ତୁମ୍ଭେ ନ ଚାହିଁଲେ ନାଥ ଗରିବ ଯିବ ସରି ।
କର ବା ନ କର ତ୍ରାଣ ପାଦେ ସମର୍ପିଛି ପ୍ରାଣ
ହୃଦେ ଅଛି ତବ ନାମ ଧରି ।
ତୁମ ବିନା ତ୍ରିଜଗତ ଶୂନ୍ୟ ହେ ହରି ।
ଶୀତଳ କର ଜୀବନ ପ୍ରେମାମୃତ ଦାନ କରି ।

ଦୁଇବରଷ ତଳେ ସ୍କୁଲ ଡେଃ ଇନ୍‌ସ୍ପେକ୍ଟର ମଫସଲ ଗସ୍ତକୁ ଯିବା ସମୟରେ ପାଟପୁରରେ ରାତିଏ ରହି ଯାଇଥିଲେ । ଗ୍ରାମର ମୁଖିଆ ମୁଖିଆ ଚାରି ପାଞ୍ଚଜଣ ଲୋକ କୁହାପୋଚା କରିବାରୁ ଡିପୋଟି ବାବୁ ଓଡ଼ିଶା ବିଭାଗର ଇନ୍‌ସ୍ପେକ୍ଟରଙ୍କ ଠାରୁ ରିପୋର୍ଟ କରି ଗୋଟିଏ ଅପରପ୍ରାଇମେରୀ ସ୍କୁଲ ବସାଇ ଦେଇଅଛନ୍ତି । ଶିକ୍ଷକ ବେତନ ମାସକୁ ଚାରିଟଙ୍କା, ଏହି ଚାରିଟଙ୍କା ସରକାରରୁ ମିଳେ । ଏହାଛଡ଼ା ପ୍ରତି ପିଲା ମାସକୁ ଅଣାଏ ଲେଖାଏଁ ଦିଅନ୍ତି । ଶିକ୍ଷକଟି କଟକ ନର୍ମାଲସ୍କୁଲର ଅବଧାନ ବିଭାଗର ଉତ୍ତୀର୍ଣ୍ଣଛାତ୍ର ନାମ ବାସୁଦେବ । ନାମଟି ଯେପରି ବାସୁଦେବ, ମନୁଷ୍ୟଟା ମଧ୍ୟ ସେହିପରି





ବାସୁଦେବ । ଟୋକାଟାର ଭିତର ବାହାର ସବୁ ସୁନ୍ଦର, ଗାଁ ମଝିରେ ଚାଲିଯିବା ବେଳେ ମୁଣ୍ଡ ଟେକି କାହାକୁ ଚାହେଁନାହିଁ । ବୟସ ଅନ୍ଦାଜ କୋଡ଼ିଏ । ସୁନ୍ଦର ରୂପ ଯେମନ୍ତ ଗୋଟିଏ ଚାଉଳରେ ଗଢ଼ା । ପିଲାଦିନେ ପିହୁଡ଼ା ରୋଗ ହୋଇଥିଲା, ତା ମା' ମୁଣ୍ଡରେ ତତଲା ବୋତଲ ମୁହଁ ଚିହ୍ନ ଦେଇଥିଲା, ସେ ଚିହ୍ନ ଆଜିଯାଏ ଅଛି, ବରଂ ସେ ଚିହ୍ନ ତାକୁ ମାନେ । ବାସୁଦେବ ପିଲାକାଳରୁ ମା' ବାପ ଛେଉଣ୍ଡ, ମାମୁଘରେ ରହି ମଣିଷ ହୋଇଅଛି । ବାସୁଦେବ ଜାତିରେ କରଣ, ଶ୍ୟାମବନ୍ଧୁ ମଧ୍ୟ କରଣ । କେବେ ପୂନେଇ ଗୁରୁବାରରେ ଘରେ ପିଠାଟା ପଣାଟା ହେଲେ ଶ୍ୟାମବନ୍ଧୁ ପାଠଶାଳାକୁ ଯାଇ କହି ଆସେ– ବାପା ବାସୁ, ସଞ୍ଜବେଳେ ଟିକିଏ ଆମ ଘରକୁ ଯିବ, ତୁମ ମାଉସୀ ଡାକିଅଛନ୍ତି । ଏହିପରି ଯିବା ଆସିବାରେ ସେମାନଙ୍କ ମଧ୍ୟରେ ମାୟା ଲାଗିଗଲାଣି । ରେବତୀମା' ବାସୁକୁ ଦେଖିଲେ କହେ, ଆହା ମା' ଛେଉଣ୍ଡଟି, କଣ ଖାଏ– କିଏ ତା' ଖାଇବା ଦେଖୁଛି । ବାସୁ ପ୍ରତିଦିନ ସଞ୍ଜବେଳେ ଯାଇ ଶ୍ୟାମବନ୍ଧୁ ପାଖରେ ଘଣ୍ଟାଏ ଘଣ୍ଟାଏ ବସିଆସେ । ବାସୁକୁ ଦୂରରୁ ଦେଖିଲେ ବାସୁଭାଇ ଅଇଲେ ବାସୁଭାଇ ଅଇଲେ ବୋଲି ରେବତୀ ପାଟି କରି ବାପକୁ କହେ । ରେବତୀ ସଞ୍ଜ ବେଳେ ବାପ ପାଖରେ ବସି ପ୍ରତିଦିନ ପଠିତ ପୁରାଣ ଭଜନଗୁଡ଼ିକ ବାସୁକୁ ଶୁଣାଏ । ବାସୁକୁ ସେହି ଗୀତ ନୂଆ ନୂଆ ପରି ଲାଗେ । ଦିନେ ଏ କଥା ସେ କଥା ପଡୁ ପଡୁ ଶ୍ୟାମବନ୍ଧୁ ଶୁଣିଲେ କଟକରେ ଗୋଟିଏ ଝିଅ ସ୍କୁଲ ଅଛି, ସେଠାରେ ଝିଅମାନେ ପଢ଼ନ୍ତି, ଲେଖା ସିଆଁ ଶିଖନ୍ତି । ସେହିଦିନ ଠାରୁ ରେବତୀକୁ ପାଠ ପଢ଼ାଇବାକୁ ଶ୍ୟାମବନ୍ଧୁର ମନ ହେଲା ଏବଂ ଆପଣା ମନର କଥା ବାସୁଦେବକୁ କହିଲା । ବାସୁ ଶ୍ୟାମବନ୍ଧୁକୁ ପିତୃତୁଲ୍ୟ, ମାନେ, କହିଲା– ଆଜ୍ଞା ମୁଁ ସେ କଥାଟି କହିବି କହିବି ବୋଲି ହେଉଥିଲି । ଦୁଇଜଣ ପରାମର୍ଶରେ ରେବତୀକୁ ପାଠ ପଢ଼ାଇବାର ସ୍ଥିର ହେଲା । ରେବତୀ ପାଖରେ ବସି ଶୁଣୁଥିଲା, ଦୁଇ ଡିଆଁରେ ଘର ଭିତରକୁ ଯାଇ ମା'କୁ ଆଉ ଜେଜୀକୁ, ମୁଁ ପାଠ ପଢ଼ିବି, ମୁଁ ପାଠ ପଢ଼ିବି ଖବର ଦେଲା । ମା' କହିଲେ, ହଉ ହଉ ପଢ଼ିବୁ । ଜେଜୀ କହିଲେ ପାଠ କଣ ଲୋ, ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢ଼ା ଶିଖ, ପିଠାପଣା କରିବା ଶିଖ, ଝୋଟିଦିଆ ଶିଖ, ଦହିମୁହାଁ ଶିଖ, ପାଠ କଣ ?

ରାତିରେ ଶ୍ୟାମବନ୍ଧୁ ପିଣ୍ଡାରେ ଖଣ୍ଡେ ଆମ୍ବକାଠ ପିଢ଼ା ଉପରେ ବସି ଭାତ ଖାଉଅଛନ୍ତି, ରେବତୀ ସାଙ୍ଗରେ ବସି ଖାଉଅଛି । ବୁଢ଼ୀ ଆଗରେ ବସି– ଭାତ ପୁଞ୍ଜାଏ ଆଣ, ଡାଲିପାଣି ଟିକିଏ ପକେଇ ଯା', ଲୁଣ ଟିକିଏ ଦେ, ଇତ୍ୟାଦି କଥା ବୋହୂ ପ୍ରତି ଆଦେଶ କରୁଅଛନ୍ତି । କଥାରେ କଥାରେ ବୁଢ଼ୀ କହିବସିଲେ, ହଁରେ– ଶ୍ୟାମ– ରେବୀ ପାଠ ପଢ଼ିବ– ପାଠ କଣରେ, ତିରିଲା ଝିଅର ପାଠପଢ଼ା କଣ ? ଶ୍ୟାମବନ୍ଧୁ କହିଲେ, ହେଉ, କହୁଛି ତ ପଢୁ । ଝଙ୍କଡ଼ ପଟ୍ଟନାୟକ ଘର ଝିଅମାନେ ଯେ ଭାଗବତ ବୋଲି ପାରନ୍ତି, ବୈଦେହୀଶ ବିଳାସ ଛାନ୍ଦ ଗାଆନ୍ତି । ରେବତୀ ଭାରି ଖପା ହୋଇଯାଇ ଜେଜୀକୁ ଗାଳି ଦେଇ କହିଲା, ଯା'ଲୋ ବୁଢ଼ୀ ଡୁଗୁରିଟା । ତାହା ବାଦ ଅଳିକରି ବାପାକୁ କହିଲା, ନାଁ ବାଁପାଁ– ନାଁ ବାଁପାଁ ମୁଁ ପାଁଠ ପଁଢ଼ିବିଁ । ଶ୍ୟାମବନ୍ଧୁ କହିଲେ, ହଁ–ହଁ– ତୁ ପଢ଼ିବୁ । ସେଦିନ କଥା ଏତିକି ।

ତହିଁ ଆରଦିନ ଓପରଓଳି ବାସୁଦେବ ସୀତାନାଥବାବୁଙ୍କ ପ୍ରଥମ ପାଠ ଖଣ୍ଡିଏ ନେଇ ରେବତୀକୁ ଦେବାରୁ ସେ ବଡ଼ ଖୁସି ହୋଇ ବାପା ପାଖରେ ବସି କିତାପର ମୂଳ ପୁଡ଼ା ଠାରୁ ଶେଷ ପୁଡ଼ାଯାଏଁ ଓଲଟାଇ ଓଲଟାଇ ଦେଖିଲା । ସେଥିରେ ହାତୀ ଘୋଡ଼ା ଗୋରୁ



ବାପା ଆଗରେ ବାସୁଭାଇ ପଢ଼ାଇ ଦେଲେ କିପରି ତାକୁ ଗୋଟାଏ ଲାଜମାଡ଼େ, ଅକାରଣ ସକାରଣ ସବୁବେଳେ ହସମାଡ଼େ, ମୁଣ୍ଡ ତଳକୁ ପୋତି ଦେଇ ଦୁଇଓଠ ବୁଜି ହସ ଲୁଚାଏ । ଏଣିକି ବାସୁ ପଢ଼େଇ ଦେଲେ କେତେବେଳେ ତୁନି ତୁନି ପଢ଼େ, କେତେବେଳେ ହୁଁ ହୁଁ କରେ, ପଢ଼ା ସରିଲେ ପାଟି ବୁଜି ହସିହସି ଘରକୁ ପଳେଇଯାଏ । ପ୍ରତିଦିନ ସଞ୍ଜବେଳେ ଦାଣ୍ଡ ଦୁଆର କବାଟକୁ ଧରି କାହାକୁ ଚାହିଁଥାଏ, ବାସୁ ଆସିଲେ ଘରକୁ ପଳାଏ, ପାଞ୍ଚ ଡାକରେ ବାହାରେ ନାହିଁ । ଏଣିକି ରେବତୀ ଦାଣ୍ଡକୁ ବାହାରିଲେ ବୁଢ଼ୀ ଖପାହୁଏ ।



ଇତ୍ୟାଦିର ଛବି ଦେଖି ଭାରି ଖୁସି ହୋଇଗଲା । ରଜାମାନେ ହାତୀ ଘୋଡ଼ା ବାନ୍ଧି ଖୁସି ହୁଅନ୍ତି, କେହି ହାତୀ ଘୋଡ଼ା ଚଢ଼ି ଖୁସିହୁଏ, ଆମ୍ଭ ରେବତୀ ଛବିଟା ଦେଖି ଖୁସି । ରେବୀ ଧାଇଁ ଯାଇ ମା'କୁ କିତାପର ଛବିସବୁ ଦେଖେଇଲା, ତାହାବାଦ ଜେଜୀକୁ ଦେଖାଇଲା । ଜେଜୀ କିଞ୍ଚିତ ବିରକ୍ତ ହୋଇ କହିଲା, ହୁଁ-ଯା-ଯା । ରେବୀ ତାହାକୁ ଦୂରଦୂର ଗାଳିଦେଇ ଫେରି ଆସିଲା ।

ଆଜି ଦିନଟି ଭଲ-ଶ୍ରୀପଞ୍ଚମୀ । ରେବୀ ସଖାଳୁ ବୁଢ଼ପାରି ଗାଧୋଇ ନୂଆଲୁଗା ଖଣ୍ଡିଏ ପିନ୍ଧି ଘର ବାହାର ହେଉଅଛି, ବାସୁଭାଇ ଆସିଲେ କିତାପ ପଢ଼ାଇ ଦେବେ । ବୁଢ଼ୀ ଭୟରେ ବିଦ୍ୟାରମ୍ଭର ଆୟୋଜନ କିଛି ହୋଇନାହିଁ । ବେଳ ଛ'ଘଡ଼ି ସମୟରେ ବାସୁ ଯାଇ ପଢ଼େଇ ଦେଲା, ସ୍ୱରେ-ଅ, ସ୍ୱରେ-ଆ, ହ୍ରସ୍ୱ-ଇ, ଦୀର୍ଘ-ଈ, ହ୍ରସ୍ୱ-ଉ, ଦୀର୍ଘ-ଊ ଇତ୍ୟାଦି । ପ୍ରତିଦିନ ପଢ଼ା ଚାଲିଲା, ପ୍ରତିଦିନ ସନ୍ଧ୍ୟା ସମୟରେ ବାସୁ ଯାଇ ପଢ଼େଇଦିଏ । ଦୁଇବରଷ ମଧ୍ୟରେ ରେବତୀ ଢେର ପଢ଼ିଗଲାଣି । ମଧୁ ରାଓଙ୍କ ଛାନ୍ଦମାଳା ପଢ଼ିଯିବା ବେଳେ ମୁହଁରେ ବାଟୁଳି ବାଜେନାହିଁ ।

ଦିନେ ରାତିରେ ଶ୍ୟାମବନ୍ଧୁ ବସି ଭାତ ଖାଇବା ବେଳେ ମା-ପୁଅ ଦୁଇଜଣ କଥାବାର୍ତ୍ତା ହେଲେ । ପୂର୍ବେ ବୋଧକରୁଁ କିଛି କଥା ହୋଇଥିଲା, ଆଜି ସେହି କଥାର ଉପସଂହାର ।

ଶ୍ୟାମବନ୍ଧୁ-କି ମା, ଭଲ ହେବ ନାହିଁ କି ?

ବୁଢ଼ୀ- ହଁ ଭଲ ତ ହେବ, ଜାତି କଥାଟା ବୁଝିଛୁ ନା ?

ଶ୍ୟାମବନ୍ଧୁ- ମୁଁ ଆଜିଯାଏ ଆଉ କଣ ବୁଝୁଥିଲି ? ଭଲ କରଣ, ଗରିବ ପୁଅ ହେଲେ କଣ ହେବ, ଜାତି ଭଲ ।

ବୁଢ଼ୀ- ଧନ ଦଉଲତ ନାହିଁ ବିଚାର ।

ଜାତି କଥାଟା ଆଗେ ପଚାର ।

- ଘରେ ରହିବ ତ ?

ଶ୍ୟାମବନ୍ଧୁ- ଘରେ ନରହି ଆଉ କୁଆଡ଼େ ଯିବ ? ହଜାର ହେଲେ ମାମୁ ମାଇଁ ନା ଆଉ କଣ ?

ରେବତୀ ପାଖରେ ବସି ଭାତ ଖାଉଥିଲା, ଏହି କଥାର ଅର୍ଥ ସେ କଣ ବୁଝିଲା ସେ ଜାଣେ, ମାତ୍ର ସେହିଦିନ ଠାରୁ ତାହାର ଭାବ ଅନ୍ୟରକମ ଦେଖୁଅଛୁଁ । ବାପା ଆଗରେ ବାସୁଭାଇ ପଢ଼ାଇ ଦେଲେ କିପରି ତାକୁ ଗୋଟାଏ ଲାଜମାଡ଼େ, ଅକାରଣ ସକାରଣ ସବୁବେଳେ ହସମାଡ଼େ, ମୁଣ୍ଡ ତଳକୁ ପୋତି ଦେଇ ଦୁଇଓଠ ବୁଜି ହସ ଲୁଚାଏ । ଏଣିକି ବାସୁ ପଢ଼େଇ ଦେଲେ କେତେବେଳେ ତୁନି ତୁନି ପଢ଼େ, କେତେବେଳେ ହୁଁ ହୁଁ କରେ, ପଢ଼ା ସରିଲେ ପାଟି ବୁଜି ହସିହସି ଘରକୁ ପଳେଇଯାଏ । ପ୍ରତିଦିନ ସଞ୍ଜବେଳେ ଦାଣ୍ଡ ଦୁଆର କବାଟକୁ ଧରି କାହାକୁ ଚାହିଁଥାଏ, ବାସୁ ଆସିଲେ ଘରକୁ ପଳାଏ, ପାଞ୍ଚ ଡାକରେ ବାହାରେ ନାହିଁ । ଏଣିକି ରେବତୀ ଦାଣ୍ଡକୁ ବାହାରିଲେ ବୁଢ଼ୀ ଖପାହୁଏ ।

ଦେଖୁ ଦେଖୁ ପଞ୍ଚମୀକୁ ପଞ୍ଚମୀ ଦୁଇବରଷ ହୋଇଗଲାଣି । ବିଧାତାଙ୍କର ବିଧାନ, କାହାରି ଦିନ ସମାନ ଭାବରେ ଯିବନାହିଁ । ଫଗୁଣମାସିଆ ଦିନ, କାହିଁ କିଛି ନାହିଁ, ଅଚାନକ କାହୁଁ



ମାଡ଼ିଆସିଲା-ସଖାଳେ ଗ୍ରାମରେ ଶୁଣାଗଲା ଗୁମାସ୍ତା ଶ୍ୟାମବନ୍ଧୁ ମହାନ୍ତିଙ୍କୁ ବୁଢ଼ୀ ଧରିଅଛି । ମଫସଲ ଗାଁରେ ବାଡ଼ି ପଡ଼ିଲେ ତାଟି କବାଟ ପଡ଼ିଯାଏ । ବାଡ଼ିବୁଢ଼ୀ ଯେମନ୍ତ ଟୋକେଇଟିଏ କାଖେଇ ଦାଣ୍ଡରେ ମନୁଷ୍ୟ ଗୋଟାଉଅଛି । ଏହିପରି ସମସ୍ତେ ଜ୍ଞାନ କରନ୍ତି । ଦୁଆରକୁ କାହାରି ଆସିବାର ନାହିଁ । ମାଇକିନିଆ ଦୁଇଟା କଣ କରିବେ ? ପିଲାଟା ଡକା ପକାଇ ଘର ବାହାର ହେଉଅଛି । ବାସୁଦେବ ଶୁଣି ସ୍କୁଲ ଛାଡ଼ି ଧାଇଁଲା । ଡରନାହିଁ, ଭୟ ନାହିଁ, ଆପଣା ଶରୀର ପ୍ରତି ଭାବନା ନାହିଁ, ଶ୍ୟାମବନ୍ଧୁ ପାଖରେ ବସି ଗୋଡ଼ରେ ହାତ ବୁଲାଉଥାଏ ପାଣି ଟୋପାଏ ଟୋପାଏ ମୁହଁରେ ଦେଉଥାଏ । ବେଳ ତିନିପ୍ରହର ସମୟରେ ଶ୍ୟାମବନ୍ଧୁ ବାସୁ ମୁହଁକୁ ଚାହିଁ ଖନେଇ ଖନେଇ କହିଲା, ବାଁସୁଁ-ଏଁ-ବଁ ଆଁ- ଗଁଲା । ବାସୁ ଭୋ ଭୋ କରି ଡକା ପଡ଼ିଲା, ଘରେ ଚହଳ ପଡ଼ିଗଲା । ରେବତୀ ଭୂଇଁରେ ପଡ଼ି ଗଡ଼ୁଥାଏ, ଗ୍ରାମର ଲୋକେ ଶୁଣି କହିଲେ, ହୋଇଗଲା ପରା, ଦେଖ-ଦେଖ-ଦେଖ, ସଞ୍ଜବେଳକୁ କିଛି ନାହିଁ । କଣ କରିବେ- ବାସୁଦେବଟା କାଲିକା ପିଲା ଆଉ ଦୁଇଟା ଭୁଆସୁଣୀ । ଗ୍ରାମର ବନା ସେଠି ଧୋବା ଜଣେ ଜାଣିବା ଶୁଣିବା ଲୋକ, ତା ଦିହକରେ ପାଞ୍ଚଶ କି ଷାଠିଏ ପାର କଲାଣି । କାଲି ହେଲେ ଯିବାକୁ ହେବ, ଆଜି ହେଲେ ଯିବାକୁ ହେବ । ଲୁଗାପଟା ଦି'ଖଣ୍ଡ ମଧ୍ୟ ମିଳିବାର ଭରସା । ଗାମୁଛାଟାଏ ଅଣ୍ଟାରେ ଭିଡ଼ିଦେଇ କୁରାଡ଼ୀଧାଏ କାନ୍ଧରେ ପକାଇ ହାଜର ହୋଇଗଲା । ଗ୍ରାମରେ କରଣ ସେହି ଘରକ । ଶାଶୁ ବୋହୂ, ବାସୁଦେବ, ତିନିଜଣ ଧରାଧରି କରି କର୍ମ ଚଳାଇଲେ । ସେ ସମୟର କଥାଗୁଡ଼ାକ ଲେଖିବାକୁ ଆମ୍ଭେମାନେ ନିତାନ୍ତ ଅକ୍ଷମ । ଶ୍ମଶାନରୁ ଫେରି ଆସିବାକୁ କୁଆଁତରା ଉଇଁଲାଣି । ଘରେ ପଶିବା ମାତ୍ରକେ ରେବତୀ ମା' ପୋଖରୀପାଣି ଗଲା । ଦେଖ ଦେଖ, ଦିନ ଦି'ପ୍ରହର ବେଳେ ଗ୍ରାମରେ ହାଟହେଲା, ରେବତୀ ମା' ନାହିଁ ।

ଦିନ ଚାଲିଯାଏ, କାହାରି ଲାଗି ଦିନ ବସିରହେ ନାହିଁ । କାହାରି ପାଲକୀ ଉପରେ ପାଟଛତା, କାହାରି ବେଡ଼ି ଉପରେ କୋରଡ଼ା । ମାତ୍ର ଦିନ ଯାଉଅଛି ସମସ୍ତଙ୍କର, ଯିବ ସମସ୍ତଙ୍କର । ଦେଖୁଁ ଦେଖୁଁ ତିନିମାସ କଟିଗଲାଣି, ଶ୍ୟାମବନ୍ଧୁ ଘରେ ଦୁଇଗୋଟି ଗାଈଥିଲେ, ତହବିଲ ବାକୀ ଟଙ୍କା ସକାଶେ ଜମିଦାରଘର ଲୋକେ ଆସି ବାନ୍ଧି ଘେନିଗଲେ । ଆମ୍ଭେମାନେ ଜାଣୁ, ଜମିଦାରଘର ଟଙ୍କାକୁ ଶ୍ୟାମବନ୍ଧୁ ଶିବ ନିର୍ମାଲ୍ୟ ପରି ଜ୍ଞାନ କରେ, ଟଙ୍କାଟିଏ ଅସୁଲ ହେଲେ ଜମିଦାର କଚେରୀରେ ପୈଠ ନକରିବା ଯାଏ ତାହାର ନିଦ ଥାଏ ନାହିଁ । ମାତ୍ର ତାହା ଉପରେ ଟଙ୍କା ଥାଉ ବା ନଥାଉ, ଗାଈ ଦିଓଟି ଦୁଧିଆଳୀ, ଏକଥା ପୂର୍ବରୁ ଜମିଦାରଙ୍କୁ ଜଣାଥିଲା । ଏହାଛଡ଼ା ଜମିଦାର ଚଷିବାକୁ ଯେ ତିନିମାଣ ଜମି ଦେଇଥିଲେ, ତାହା ଛଡ଼େଇ ନେଲେଣି, ହଳିଆଟା ବା ଘରେ ଆଉ କିଆଁ ରହିବ ? ଦୋଳପୂର୍ଣ୍ଣିମା ଦିନ ସେ ଛାଡ଼ିଗଲା । ବଳଦ ଦୁଇଟା ସାଢ଼େ ସତର ଟଙ୍କାରେ ବିକା ଯାଇଥିଲା, ଦୁଇଜଣଙ୍କ କ୍ରିୟାରେ ଖରଚ ଯାଇ ଯାହା

ଦେହରେ ହାତ ଦେଇ ବୁଢ଼ୀ ପ୍ରଥମେ ଚମକି ପଡ଼ିଲା, ଆଉଥରେ ଭଲ କରି ଗୋଡ଼ଠାରୁ ମୁଣ୍ଡଯାଏ ହାତ ବୁଲାଇଲା, ନାକରେ ହାତଦେଇ ଗୋଟାଏ ଉତ୍କଟ ଶବ୍ଦ କଲା, ସାଙ୍ଗେ ସାଙ୍ଗେ ପିଣ୍ଡା ତଳେ ଦୁଲ୍‌ଦାଲ ଶବ୍ଦ । ଶ୍ୟାମବନ୍ଧୁ ମହାନ୍ତି ଘରର କୌଣସି ପ୍ରାଣୀକୁ ଜଗତରେ ଆଉ କେହି ଦେଖିନାହାନ୍ତି । ପଡ଼ୋଶୀମାନେ ରାତି ପହରକ ସମୟରେ ଶେଷ ଶବ୍ଦ ଶୁଣିଥିଲେ । ଲୋ ରେବ୍‌ତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ ।''

ବଳିଥିଲା ସଟାବଟା କରି ମାସେ ଚଳିଲା । ଆଜି ଡାଳଟା, କାଲି ପିତଳଟା ବିକ୍ରିବଟା ବନ୍ଧା ଛନ୍ଦାରେ ଆଉ ମାସେ ଗଲା ।

ବାସୁ ଦୁଇଓଳି ଦୁଆରକୁ ଆସେ, ରାତି ଘଡ଼ିଏ ଯାଏ ଥାଏ, ଆଈ ନାତୁଣୀ ଶୋଇବାକୁ ଗଲେ ବସାକୁ ଯାଏ । ବାସୁ କିଛି ଟଙ୍କା ପଇସା ଦେଲେ ଆଈ ବା ନାତୁଣୀ କେହି ନିଅନ୍ତି ନାହିଁ । ବଳେଇ ବଳେଇ କିଛି ଦେଲେ ତାହା ଠଣାରେ ପଡ଼ିଥାଏ, ବାସୁ ଜାଣିପାରି ଆଉ କିଛି ଦିଏନାହିଁ । ବୁଢ଼ୀ ପାଖରୁ ଗୋଟାଏ ଦୁଇଟା ପଇସା ନେଇ ସଉଦା କିଣିଦିଏ, ସେହି ଦୁଇପଇସାର ସଉଦାରେ ଆଠଦିନ ଚଳିଯାଏ । ଘରର ଚାଳ ଉଡ଼ିଗଲାଣି, ଛାଉଣି ଦରକାର, ବାସୁ ଦୁଇଟଙ୍କାର ନଡ଼ା କିଣି ବାଡ଼ିରେ ଗଦେଇଅଛି, ଶରଣ ଦେବାରୁ ଛପର ବନ୍ଦି ହୋଇପାରି ନାହିଁ ।

ବୁଢ଼ୀ ଏବେ ଆଉ ଦିନରାତି ବସି କାନ୍ଦେ ନାହିଁ । କେବଳ ସଞ୍ଜହେଲେ ବସି କାନ୍ଦେ । କାନ୍ଦି ତଳେ ପଡ଼ିଯାଏ, ସେହିଠାରେ ରାତି କାଟେ, ରେବତୀ ଧକେଇ ଧକେଇ ପାଖରେ ପଡ଼ିଯାଏ । ବୁଢ଼ୀ ଆଖିକି ଏବେ ଭଲ ହୋଇ ଦିଶୁନାହିଁ, ବାୟାଣୀ ପରି ହୋଇଗଲାଣି, ଏବେ ସେ କାନ୍ଦିବାର ଊଣା କରି ରେବତୀକୁ ଗାଳି ଦେବାକୁ ଆରମ୍ଭ କରିଅଛି । ଏତେ ଯେ ଦୁଃଖ, ଏତେ ଯେ ଦୁର୍ଦ୍ଦଶା, ସବୁର ମୂଳକାରଣ ରେବତୀ, ଏହା ସେ ମନମଧ୍ୟରେ ସ୍ଥିର ସିଦ୍ଧାନ୍ତ କରି ସାରିଲାଣି । ରେବତୀ ପାଠ ପଢ଼ିବାରୁ ପୁଅ ମଲା, ବୋହୂମଲା, ହଳିଆ ଛାଡ଼ିଗଲା, ବଳଦ ବିକାଗଲା ଜମିଦାରଘର ଗାଈ ବାନ୍ଧି ଘେନିଗଲା । ରେବତୀ କୁଲକ୍ଷଣୀ, ରେବତୀ କୁଢ଼ଙ୍ଗୀ, ରେବତୀ ଲକ୍ଷ୍ମୀଛାଡ଼ୀ । ବୁଢ଼ୀ ଆଖିକୁ ଯେ ଦିଶୁନାହିଁ, ତାହାର କାରଣ ରେବତୀର ପାଠପଢ଼ା । ବୁଢ଼ୀ ଗାଳି ଦେବାବେଳେ ରେବତୀ ଆଖିରୁଦୁଇଧାରା ବହି ଯାଉଥାଏ, ଡରେ ବୁଢ଼ୀ ପାଖରେ ଛିଡ଼ା ହୋଇ ପାରେନାହିଁ । ବାଡ଼ିଦୁଆରେ ନୋହିଲେ ଘରକଣରେ ମୁହଁ ଘୋଡ଼ାଇ କାଠଟି ପରି ବସିଥାଏ । ବାସୁ ମଧ୍ୟ ଦୋଷୀ, କାରଣ ରେବତୀ ତ ଏତେ ଦିନ ଯାଏ ପଢୁ ନଥିଲା, ସେହି ଆସି ସିନା ପଢ଼ାଇ ଦେଲା ! ମାତ୍ର ବୁଢ଼ୀ ବାସୁକୁ କିଛି କହିପାରେ ନାହିଁ, ବାସୁ ନ ହେଲେ ଘର ଦଣ୍ଡେ ଅଚଳ, ପୁଣି ଜମିଦାରଘର ଲଟ ଛିଡି ନାହିଁ । ଜମିଦାରଲୋକ ଆସି ଆଜି ଏ ହିସାବଟା, କାଲି ସେ ହିସାବଟା ମାଗେ, ବାସୁ ନହେଲେ ପାଞ୍ଜିବିଡ଼ାରୁ ପଢ଼ି ପତର କାଢ଼ିଦେବ କିଏ ? ତଥାପି ବାସୁ ନଥିବା ବେଳେ ସେ ସହଜ କଥାରେ କେବେ କେବେ ଆପଣା ମନ୍ତବ୍ୟ ପ୍ରକାଶ କରିଥାଏ ।

ରେବତୀ ଆଉ ଏଣିକି ପିଲା ନୁହେଁ, ତାହା ପାଟି ଆଉ କେହି ଶୁଣିନାହିଁ, ବାପା ମା ଗଲାଦିନୁ ତାକୁ ଦାଣ୍ଡ ଦୁଆରେ ଆଉ କେହି ଦେଖିନାହିଁ । କେତେଦିନ ଯାଏ ଭୋ ଭୋ କରି ଡକା ପଡୁଥିଲା, ଏବେ ଆଉ ପାଟି କରି କାନ୍ଦେ ନାହିଁ, ମାତ୍ର ଦିବାରାତ୍ର ଆଉ ଆଖିରୁ ପାଣି ଶୁଖିବାକୁ ନାହିଁ । ତାହାର କ୍ଷୁଦ୍ରପ୍ରାଣ-ତହିଁରୁ ଅତିକ୍ଷୁଦ୍ର ମନଟି ଏକାବେଳକେ ଭାଙ୍ଗିଯାଇଅଛି । ତା’ ପକ୍ଷରେ ବର୍ତ୍ତମାନର ଦିନରାତି ସମାନ । ସୂର୍ଯ୍ୟରେ ଆଲୁଅ ନାହିଁ, ରାତିରେ ଅନ୍ଧାର ନାହିଁ, ସମସ୍ତ ଜଗତ୍ ଶୂନ୍ୟ । କେବଳ ପିତାମାତାଙ୍କ ମୂର୍ତ୍ତି ହୃଦୟ ପୂର୍ଣ୍ଣ କରିଅଛି । ମା ଏହିଠାରେ ବସିଅଛନ୍ତି, ବପା ଚାଲି ଯାଉଅଛନ୍ତି, ତାହା ଆଖିରେ କେବଳ ଏହି ଦୁଇଟା ଦିଶୁଅଛି । ବାପା ମା ମରି ଯାଇଅଛନ୍ତି, ଆଉ ସେମାନେ ଆସିବେ ନାହିଁ, ଏ କଥା ସେ ବିଶ୍ୱାସ କରିପାରୁନାହିଁ । ପେଟରେ ଭୋକ ନାହିଁ, ଆଖିରେ ନିଦ ନାହିଁ, ଦିବାନିଶି ଅନୁକ୍ଷଣ ପିତାମାତା ଧ୍ୟାନ । ଜେଜୀମା ଡରରେ ଖାଇବାକୁ ବସେ । ଭୂଇଁରୁ ପ୍ରାୟ ଉଠେନାହିଁ । ଦେହରେ ହାଡ଼ ଚମ ଦୁଇଖଣ୍ଡ ଅଛି, କେବଳ ବାସୁଦେବ ଘରକୁ ଆସିଲେ ଉଠି ବସେ, ବଡ଼ବଡ଼ ଆଖି ଦୁଇଟାରେ ଜଳଜଳ କରି ବାସୁକୁ ଚାହିଁଥାଏ, ବାସୁ ଅନାଇଲେ ସାନ ନିଃଶ୍ୱାସଟିଏ ପକାଇ ମୁଣ୍ଡ ପୋତିଦିଏ । ବାସୁ ପାଖରେ ଥିବାଯାଏ ତାହାକୁ ଚାହିଁ ରହିଥାଏ । ସେତେବେଳେ ତାହାର ଆଉ କିଛି ଜ୍ଞାନ ନଥାଏ- ଆଖିରେ ବାସୁଦେବ, ଚିନ୍ତା ବାସୁଦେବ, ସମସ୍ତ ହୃଦୟଟା ବାସୁଦେବମୟ ।

ଶ୍ୟାମବନ୍ଧୁ ମରିବାର ଆଜିକୁ ହାତକ ଗଣତିରେ ପାଞ୍ଚମାସ । ଜ୍ୟୋଷ୍ଠମାସିଆ ଦିନ, ଠିକ୍ ଦିନ ଦୁଇପ୍ରହର ବେଳେ ବାସୁ ଦୁଆରେ ଡାକିଲା । ଏତେବେଳେ ସେ କୌଣସି ଦିନ ଆସେନାହିଁ । ବୁଢ଼ୀ କୁଣ୍ଟେଇ ୨ ଯାଇ ଦୁଆର ଫିଟାଇ ଦେଲା । ବାସୁ କହିଲା- ଜେଜୀମା (ବାସୁ ବୁଢ଼ୀକୁ ଜେଜୀମା ବୋଲି ବରାବର ଡାକେ) ଡିପୋଟି ଇନ୍‌ସ୍ପେକ୍ଟର ହରିହରପୁର ଥାନାରେ ବସି ପାଠଶାଳା ପିଲାମାନଙ୍କୁ ପାଠ ପଚାରିବେ, ସବୁ ସ୍କୁଲର



ପିଲାମାନେ ଯିବେ, ମୋ ପାଖକୁ ଚିଠି ଆସିଅଛି, ମୁଁ ପିଲାମାନଙ୍କୁ ନେଇ କାଲି ସାକଳେ ଯିବି, ପାଞ୍ଚଦିନ ଲାଗିବ ରେବତୀ କବାଟ କଣରେ ଛିଡ଼ା ହୋଇ ଶୁଣୁଥିଲା, ଲଠ କରି ବସି ପଡ଼ିଲା, ଭାଗ୍ୟେ କବାଟ ଧରିଥିଲା, ନଚେତ୍ ବୋଧହୁଏ ପଡ଼ିଯାଇଥାନ୍ତା । ବାସୁ ପାଞ୍ଚଦିନ ସକାଶେ ଚାଉଳ, ଲୁଣ, ତେଲ, ବାଇଗଣ କିଣି ଆଣି ଅଗଣାରେ ତୋଇ ଦେଇ ବୁଢ଼ୀକୁ ଜୁହାରଟାଏ ହୋଇ ଶନିବାର ମୁହଁସଞ୍ଜବେଳେ ବାହାରିଲା । ବୁଢ଼ୀ କହିଲା- ବାପା, ଖରାରେ ବୁଲିବୁ ନାହିଁ, ଦେହପାକୁ ଚାହିଁବୁ, ବେଳରେ ଦିଟା ମୁହଁରେ ଦେବୁ; ଏହା କହି ନିଃଶ୍ୱାସଟାଏ ପକାଇଲା ।

ରେବତୀ ଏକ ଧ୍ୟାନରେ ବାସୁକୁ ଚାହିଁଥାଏ, ଆଜିକା ଚାହାଣି ଅନ୍ୟ ରକମ । ଆଗେ ବାସୁ ଚାହିଁଲେ ମୁଣ୍ଡ ତଳକୁ ପୋତି ଦେଉଥିଲା, ଆଜି ସେ ଭାବ ନାହିଁ, ଏକ ଧ୍ୟାନରେ ବାସୁକୁ ଚାହିଁ ରହିଅଛି । ବାସୁର ମଧ୍ୟ ଆଜି ଆଗକା ଚାହାଣି ନୁହେଁ । ଆଗେ ବାସୁର ଯେମନ୍ତ ଖୁବ୍ ଇଚ୍ଛା ରେବତୀକୁ ଭଲ କରି ଦେଖିବ, କିନ୍ତୁ ଅନାଇ ପାରେ ନାହିଁ । ଆଜି ଚାରି ଚକ୍ଷୁର ମିଳନ, ଆଖି ଫେରାଇବାକୁ କାହାରି ଆୟଉ ନାହିଁ ।

ବାସୁ ଚାଲିଗଲାଣି, ଆଉ ଦିନ ନାହିଁ, ଘର ବାହାର ଅନ୍ଧାର ପୂରି ଗଲାଣି, ରେବତୀ ଯେପରି ଚାହିଁଥିଲା ସେହିପରି ଚାହିଁଅଛି । ବୁଢ଼ୀ ଡାକିବାରୁ ତାହାର ଚେତନା ହେଲା, ଘର ବାହାର ସମସ୍ତ ଅନ୍ଧକାରମୟ ।

ରେବତୀ ବସି ଦିନ ଗଣୁଅଛି, ଆଜି ଛ’ଦିନ । ବାପ ମା’ ଗଲାଦିନୁ ଦାଣ୍ଡଦୁଆର ଦେଖି ନଥିଲା, ଆଜି ସକାଳୁ ଦାଣ୍ଡଦୁଆରେ ଦୁଇଥର ମୁହଁ ମାରି ଗଲାଣି । ବେଳ ଅନ୍ଦାଜ ଛ’ଘଡ଼ି, ହରିହରପୁରରୁ ସ୍କୁଲ୍ ପିଲାମାନେ ଫେରି ଆସିବା ମାତ୍ରେ ଗାଁ ଲୋକେ ବୋଲାବୋଲି ହେଲେ- ହରିହରପୁରରୁ ଫେରି ଆସିବା ସମୟରେ ଗୋପାଳପୁରର ବରଗଛ ମୂଳରେ ପଣ୍ଡିତଙ୍କୁ ବାଡ଼ି ଧରିଲା, ଚାରିଥର ପୋଖରୀପାଣି ହେଲା, ଅଧରାତି ବେଳେ ଚାଲିଗଲେ । ଗ୍ରାମଲୋକମାନେ ହାୟ ହାୟ କଲେ, ପୁଅଝିଅ ମା ମାଇକିନିଆମାନେ ପାଟି କରି କାନ୍ଦି ପକାଇଲେ । କେହି କହିଲା- ଆହା କି ରୂପରେ, କେହି କହିଲା- କି ଧୀରରେ, କେହି କହିଲା- ଦାଣ୍ଡରେ ଚାଲିଯାଉଥିବ ଯେ ମାଛିଟିକି ମର କହିବ ନାହିଁ ।

ରେବତୀ ଶୁଣିଲା, ବୁଢ଼ୀ ଶୁଣିଲା । ବୁଢ଼ୀ କାନ୍ଦି କାନ୍ଦି ତାହା କଣ୍ଠ ରୁନ୍ଧି ହୋଇଗଲା, ଆଉ କାନ୍ଦି ପାରିଲା ନାହିଁ । ଶେଷରେ- ଆହା ବାପ, ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରେଇଲୁରେ । ଅର୍ଥାତ୍ ସେ ଦୁର୍ବୁଦ୍ଧି କରି ରେବତୀକୁ ପାଠ ପଢ଼େଇବାରୁ ମରିଗଲା, ନଚେତ୍ କେଭେ ମରି ନଥାନ୍ତା । ଶୁଣିଲାବେଳୁ ରେବତୀ ଘରେ ଯାଇ ପଡ଼ିଅଛି- ସୋର ଶବ୍ଦ ନାହିଁ । ସେଦିନଟା ଗଲା, ତହିଁ ଆରଦିନ ସକାଳେ ବୁଢ଼ୀ ରେବତୀକୁ ପାଖରେ ନ ଦେଖି ପାଟିକରି ଡାକିଲା- ଲୋ ରେବତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ । ବୁଢ଼ୀ ବାୟାଣୀ

ପରି ହୋଇଗଲାଣି, କାନ୍ଦ ବୋବାଳି ନାହିଁ, କେବଳ ରାଗରେ ଦିନରାତି ରେବତୀକୁ ଗାଳି । ପଡ଼ିଶା ଲୋକେ, ଦାଣ୍ଡ ଗଲାବେଳେ ଯେତେବେଳେ ଇଚ୍ଛା ସେତେବେଳେ ଶୁଣୁ ଅଛନ୍ତି "ଲୋ ରେବ୍ତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ ।'' ବୁଢ଼ୀ ଆଖିକି ଦିଶୁନାହିଁ, ଅଣ୍ଡାଳି ଅଣ୍ଡାଳି ଯାଇ ରେବତୀକୁ ପାଇଲା, ଡାକିଲା, ଜବାବ ନପାଇ ତା ଦେହରେ ହାତ ବୁଲାଇ ଦେଖିଲା, ଭାରି ଜ୍ୱର, ଦେହରୁ ନିଆଁ ବାହାରୁଅଛି, ଜ୍ଞାନ ନାହିଁ । ବୁଢ଼ୀ ଢେର ବେଳଯାଏ ବସି କଣ ପାଞ୍ଚିଲା । କଣ କରିବ, କାହାକୁ ଡାକିବ, ମନ ମଧ୍ୟରେ ଜଗତ୍ ସଂସାର ଖୋଜିଲା, ପାଖରେ କାହାକୁ ଦେଖିଲା ନାହିଁ । କିଛି ସ୍ଥିର କରି ନପାରି ଖପା ହୋଇ କହିଲା, "ଯାହା ଆପଣା କିଆ, ତହିଁକି ଇଲାକ୍ କିଆ'' ଅର୍ଥାତ୍ ତୁ ପାଠ ପଢ଼ିବାରୁ ଜ୍ୱର ହେଲା, ମୁଁ କଣ କରିବି ?

ଦିନେ ଗଲା, ଦୁଇଦିନ ଗଲା, ତିନିଦିନ ଗଲା, ଚାରିଦିନ ଗଲା, ପାଞ୍ଚଦିନ ମଧ୍ୟ ଗଲା, ରେବତୀ ମାଟିରେ ଲାଗିଯାଇ ପଡ଼ିଅଛି, ଆଖି ଫିଟାଉ ନାହିଁ, ଡାକିଲେ ଉତ୍ତର ନାହିଁ, ଉଁଚୁଁ ହେବାକୁ ମଧ୍ୟ ନାହିଁ । ଆଜି ଛ'ଦିନ, ରେବତୀ ସକାଳୁ ଦୁଇଚାରିଥର ପାଟି କଲାଣି, ବୁଢ଼ୀ ପାଟି ଶୁଣି ପାଖକୁ ଗଲା, ଦେହରେ ହାତ ବୁଲାଇ ଦେଖିଲା ଗୋଡ଼ ହାତ ଶୀତଳ, ଡାକିଲେ ହୁଁ ହୁଁ ଜବାବ ଦେଲା । କଟମଟ କରି ମୁହଁକୁ ଚାହୁଁଅଛି, କିଛି ନ ପଚାରିଲେ ମଧ୍ୟ କେତେ କଥା କହି ପକାଉଅଛି । କୌଣସି କବିରାଜ ଦେଖିଲେ "ତୃଷ୍ଣା ଦାହଃ ପ୍ରଳାପଶ୍ଚ'' ଇତ୍ୟାଦି ଶ୍ଲୋକ ପଢ଼ି କହନ୍ତେ, "ସନ୍ନିପାତସ୍ୟ ଲକ୍ଷଣଂ ।'' ମାତ୍ର ବୁଢ଼ୀ କିଛି ଖୁସି ହେଲା; ଦେହରେ ତାତି ନାହିଁ, କଥା କହୁ ନଥିଲା, ପାଟି ଫିଟାଇଲାଣି, ଚାହୁଁ ନଥିଲା, ଆଖି ଫିଟାଇଲାଣି, ପାଣି ପିଇବାକୁ ମାଗିଲାଣି, ଛ'ଦିନ ହେଲା ଜିଭରେ ପାଣିଟୋପାଏ ବାକି ନାହିଁ, ଚାରିଟା ପଥି ପେଟରେ ପଡ଼ିଲେ ଝିଅଠଟା ଉଠି ବସିବ । ତୁ ଶୋଇଥା, ମୁଁ ଚାରିଟା ପଥି ରାନ୍ଧି ଆଣେ, ଏହା କହି ବୁଢ଼ୀ ବାହାରକୁ ବାହାରି ଆସିଲା । ପଥି ରାନ୍ଧିବ କ'ଣ ? ଘରେ ପାଛିଆ କୁଣ୍ଡେଇ, ହାଣ୍ଡି ଆଟିକା, ସବୁ ଖୋଜିଲା, ମୁଠାଏ ଚାଉଳ ନାହିଁ । ନିଃଶ୍ୱାସଟାଏ ପକେଇ ଘଡ଼ିଏ ବସିଲା । ବାସୁ ପାଞ୍ଚଦିନକୁ ଚାଉଳ ଡାଲି କିଣିଦେଇ ଯାଇଥିଲା, ସେଥିରେ ଦଶଦିନ କିଆଁ ଚଳିଗଲା, ବୁଢ଼ୀର ଦୃଷ୍ଟିଶକ୍ତି ଥିଲେ ବୁଝି ପାରିଥାନ୍ତା । ବସି ବିଚାର କଲେ ବୁଦ୍ଧିଦିଶେ । ଘରେ କଂସାବାସନ କିଛି ନାହିଁ, ହାତରେ ଗୋଟାଏ କଣା ଢାଳ ପଡ଼ିଲା, ସେହିଟା ଧରି ହରିସା ଦୋକାନକୁ ବାହାରିଲା ।

ହରିସା ଘର ଗ୍ରାମ ମଝିରେ, ତାହାର ରୀତିମତ ଦୋକାନ ନାହିଁ., ଚାଉଳ ଡାଲି ଲୁଣ ତେଲ ରଖିଥାଏ, କୌଣସି ଦିନ ବିଦେଶୀ ଲୋକ ପହଞ୍ଚିଗଲେ କିଣନ୍ତି– କେବେହେଲେ ଗ୍ରାମଲୋକଙ୍କର କିଛି ଦରକାର ହେଲେ କିଣନ୍ତି । ବୁଢ଼ୀ ଢାଳଟା ଧରି ହରିସା ଦୁଆରେ ପହଞ୍ଚିଲା । ହରିସା ବୁଢ଼ୀ ହାତରେ ଢାଳଟି ଦେଖି ଅର୍ଥଟା ବେଶ୍ ବୁଝିଗଲା । ବୁଢ଼ୀ ଆପଣାର ଅଭିପ୍ରାୟ ଜଣାଇବାରୁ ହରି ଢାଳଟା ହାତରେ ଧରି ଚାରିପାଖ ଦେଖି କହିଲା– ନାହିଁ ନାହିଁ, ମୋ ଘରେ ଚାଉଳ ନାହିଁ, ଆଉ ଏହି କଣାଢ଼ାଳଟା ରଖି କିଏ ଚାଉଳ ଦେବ ? ହରି ଘରେ ଯେ ଚାଉଳ ନଥିଲା ତାହା ନୁହେଁ, ଦେବାକୁ ମଧ୍ୟ ଇଚ୍ଛା, ତେବେ ଶସ୍ତାରେ ନେବାର କଥା । ଚାଉଳ ନଥିବାର ଶୁଣି ବୁଢ଼ୀ ମୁଣ୍ଡରେ ତ ବଜ୍ର ପଡ଼ିଲା । କ'ଣ କରିବ, ଝିଅଟା ଜ୍ୱରରୁ ଉଠିଛି, ତା ମୁହଁରେ କଣ ଦେବ ? ଘଡ଼ିଏ ବସିଗଲା । ବେଳ ବୁଡ଼ି ଆସିଲାଣି, ଯାଏଁ ଝିଅଟା କଣ କରୁଛି ଦେଖେଁ, ଢାଳଟି ଧରି ଉଠୁଛି, ହରି କହିଲଶ, ଦିଅ ଦିଅ ଢାଳଟା ଦିଅ, ଦେଖେଁ ଘରେ କଣ ଅଛି । ହରି ଢାଳଟା ରଖି ଚାରିମାଣ ଚାଉଳ ଅଧମାଣେ ଜାଇ, କିଛି ଲୁଣ ଦେଲା । ବୁଢ଼ୀ ଚାରି ଛ'ଜାଗାରେ ବସି ଉଠି ଘରେ ଆସି ପହଞ୍ଚିଲା । ଏ ପର୍ଯ୍ୟନ୍ତ ବୁଢ଼ୀ ଦାନ୍ତରେ ଦାନ୍ତକାଠି ବାଜିନାହିଁ, ଦେହ ମନର କଷ୍ଟକଥା କଣ କହିବୁଁ ? ଘରେ ପହଞ୍ଚୁ ରେବତୀକୁ ଡାକିଲା, ତାହାର ବିଶ୍ୱାସ ରେବତୀ ଭଲ ହୋଇଗଲାଣି, ପାଣି କାଢ଼ି ଦେବ, ସେ ଭାତ ରାନ୍ଧିବ । ରେବତୀ ଜବାବ ନ ଦେବାରୁ ସେ ଭାରି ଖପା ହୋଇ ଯାଇ ଡାକିଲା, ଲୋ ରେବତୀ ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ ! ଜବାବ ନାହିଁ ।

ଏଣେ ରେବତୀର ସନ୍ନିପାତ ରୋଗ କ୍ରମଶଃ ବଢ଼ୁଅଛି, ଭୟାନକ ଯନ୍ତ୍ରଣା, ଦେହରୁ ନିଆଁ ବାହାରୁଅଛି, ଜିଭ ଶୁଖିଗଲାଣି, ଭୟଙ୍କର ପିପାସା, ଜିଭଟା ଯେମନ୍ତ ଭିତରକୁ ଚାଲି ଯାଉଅଛି । ଥଣ୍ଡା ଜାଗାକୁ ଯିବାର ଇଚ୍ଛା, ଘରଯାକ ଗଡ଼ି ଗଡ଼ି ବାହାରକୁ ଆସିଲା, ସୁଖ ଲାଗିଲା ନାହିଁ । ବାଡ଼ିଦୁଆରକୁ ଯାଇ

▼ପେଣ୍ଟିଂ କ୍ରେଡିଟ୍ : ବଳରାମ ରଣସିଂହ



ପିଣ୍ଡାରେ ବସିଲା । ଦିନ ଶେଷ ହୋଇଆସିଲାଣି, ଖୁବ୍ ପବନ ବହୁଅଛି, ବାଡ଼କୁ ଆଉଜି ବସିଲା । ବାଡ଼ିଯାକ ଅନାଇଲା, ଏହି ବାପା ଗଲା ବରଷ କଦଳୀ ଲଗାଇଥିଲେ, ଭଣ୍ଡା ବାହାରିଲାଣି, ଦୁଇବରଷ ତଳେ ମା' ଗୋଟିଏ ପିଜୁଳି ଗଛ ବାଡ଼ିରେ ରୋଇଥିଲେ ରେବତୀ ଧାଇଁ ଧାଇଁ କୂଅରୁ ପାଣି ନେଇ ସେ ଗଛରେ ଦେଇଥିଲା, ସେ ଗଛ କେଡ଼େଟିଏ ହେଲାଣି, ଫୁଲ ଧରିଲାଣି । ସେ ଗଛ ଦେଖି ମା' ମନରେ ପଡ଼ିଲେ, ବୁଦ୍ଧି ସ୍ଥିର ନାହିଁ, ମନ ଚଞ୍ଚଳ, ଲଗାଲଗି କିଛି କଥା ମନେପଡୁନାହିଁ, ମାତ୍ର ମାତାର ଆନନ୍ଦମୟୀ ମୂର୍ତ୍ତି ଆଉ ମନକୁ ଛାଡୁ ନାହିଁ । ସଞ୍ଜ ଗଡ଼ିଗଲାଣି, ଗଛ ମୂଳରୁ ଡାଳ ଉଢ଼ାଳରୁ ଅନ୍ଧକାର ଗୁଡ଼ାକ ବାହାରି ବାଡ଼ି ପୂରି ଗଲାଣି, ଆଉ କିଛି ଦିଶୁନାହିଁ । ଆକାଶକୁ ଚାହିଁଲା, ପହରିକିଆ ତାରାଟିରୁ ଧକ ଧକ ହୋଇ କିରଣ ବାହାରୁଅଛି । ଏକଧ୍ୟାନରେ ରେବତୀ ସେହି ତାରାକୁ ଚାହିଁଅଛି, ଆଖିରେ ଆଉ ପଲକ ପଡୁନାହିଁ । ତାରାର ଆକାର କ୍ରମଶଃ ବଢ଼ି ଯାଉଅଛି, ଚକ୍ର ପରି ଆକାର ହୋଇ ଗଲାଣି, ଆହୁରି ବୃଦ୍ଧି, କ୍ରମଶଃ ବୃଦ୍ଧି, କ୍ରମଶଃ ଉଜ୍ୱଳ । ଆହା ! ଏ କି ମୂର୍ତ୍ତି ତାରା ମଧ୍ୟରେ ? ଶାନ୍ତିଦାୟିନୀ ପ୍ରେମମୟୀ ଆନନ୍ଦମୟୀ ମାତାଙ୍କର ଅଭୟା ମୂର୍ତ୍ତି ବସି ସ୍ନେହରେ କୋଳକୁ ନେବା ସକାଶେ ଡାକୁଅଛନ୍ତି । ମା' ଦୁଇଗୋଟି କିରଣ–ହସ୍ତ ବଢ଼ାଇ ଦେଲେ, ସେହି କିରଣ ଦିଓଟି ଆସି ଚକ୍ଷୁ ସ୍ୱର୍ଶ କରି ହୃଦୟରେ ପ୍ରବେଶ କଲା । ସେହି ଅନ୍ଧକାର ମଧ୍ୟରେ ଆଉ କୌଣସି ଶବ୍ଦ ନାହିଁ, କେବଳ ନିଃଶ୍ୱାସ ଶବ୍ଦ, ସେ ଶବ୍ଦ କ୍ରମଶଃ ପ୍ରବଳ–ଖୁବ୍ ଦୀର୍ଘଶ୍ୱାସ– ଶେଷରେ ମା–ମା ଦୁଇଥର ଅସ୍ପଷ୍ଟ ଶବ୍ଦ ଶୁଭିଲା । ବାଡ଼ି ନିସ୍ତବ୍ଧ, ନିରବ ।

ଏଣେ ବୁଢ଼ୀ ଘୁଷୁରି ଘୁଷୁରି ଯାଇ ରେବତୀ ଶୋଇବା ଜାଗା ଦେଖିଲା, କେହି ନାହିଁ, ଘରଯାକ, ବାହାର ଅଗଣା, ଢେଙ୍କିତଳ, ଢେଙ୍କିଲାଞ୍ଜି, କାହିଁନାହିଁ । ମନେ କଲା ଜ୍ୱର ଭଲ ହୋଇଗଲାଣି, ବାଡ଼ିରେ ବୁଲୁଅଛି । ସେହିଡାକ–ଲୋ ରେବ୍ତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ ? ବାଡ଼ିଦୁଆରକୁ ଗଲା, ଅଣ୍ଡାଳି ଅଣ୍ଡାଳି ପିଣ୍ଡାକୁ ଉଠିଲା, ପିଣ୍ଡାଟି ଭୂମିଠାରୁ ଦୁଇହାତ ଉଚ୍ଚ, ହାତେ ଚଉଡ଼ା ।

ମଲା, ତୁ ଏଇଠି ବସିଛୁ ? ଦେହରେ ହାତ ଦେଇ ବୁଢ଼ୀ ପ୍ରଥମେ ଚମକି ପଡ଼ିଲା, ଆଉଥରେ ଭଲ କରି ଗୋଡ଼ଠାରୁ ମୁଣ୍ଡଯାଏ ହାତ ବୁଲାଇଲା, ନାକରେ ହାତଦେଇ ଗୋଟାଏ ଉତ୍କଟ ଶବ୍ଦ କଲା, ସାଙ୍ଗେ ସାଙ୍ଗେ ପିଣ୍ଡା ତଳେ ଦୁଲ୍‌ଦାଲ ଶବ୍ଦ ।

ଶ୍ୟାମବନ୍ଧୁ ମହାନ୍ତି ଘରର କୌଣସି ପ୍ରାଣୀକୁ ଜଗତରେ ଆଉ କେହି ଦେଖିନାହାନ୍ତି । ପଡ଼ୋଶୀମାନେ ରାତି ପହରକ ସମୟରେ ଶେଷ ଶବ୍ଦ ଶୁଣିଥିଲେ ।

ଲୋ ରେବ୍ତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ ।''

# ରେବତୀ-ରେବା-ରୁବି




ଚିତ୍ର : ଶିବଶଂକର ଦାସ



## ପ୍ରବୀଣା ମହାନ୍ତି

**୩୦୫, ଲୋମାନୀ ଭିଲ୍ଲା, ଗୋଠପାଟଣା,**
**ମଳିପଡ଼ା, ଭୁବନେଶ୍ୱର-୭୫୧୦୨୯**
**ଫୋନ୍: ୯୯୩୭୩୬୭୨୪୮**

ମୋ ସହିତ ତାଙ୍କର ଯେତେବେଳେ ଦେଖା ହୋଇଥିଲା, ସେତେବେଳକୁ ସେ ପୂରାପୂରି 'ରୁବି ମିଶ୍ର' ହୋଇ ସାରିଥିଲେ । ତାଙ୍କୁ ଦେଖି ମୁଁ ବିସ୍ମୟରେ ହତବାକ୍ ହୋଇଯାଇଥିଲି । ରୁବି ମାଉସୀ କି ସୁନ୍ଦର ସତେ ! ଗୋରା ଗୋରା ମୁହଁଟା ତାଙ୍କର ମାର୍ବଲ ଭଳି ଚିକ୍‌କଣ । ପାନପତ୍ର ପରି ମୁହଁଟିରେ କଳା ଭଅଁର ପରି ଦୁଇଟି ବଡ଼ବଡ଼ ଆଖି, ତା' ସାଙ୍ଗକୁ ଧନୁ ଭଳି ବଙ୍କା ଭ୍ରୂ । ଓଠ ଯେମିତି ଲାଲ୍ ଟୁକ୍‌ଟୁକ୍ ଗୋଲାପ ପାଖୁଡ଼ା । ତାଙ୍କର ହସ, ତାଙ୍କର ଚାଲି, ତାଙ୍କ ମୁଣ୍ଡର ବିରାଟକାୟ ଖୋସା, ତାଙ୍କର ବିଚିତ୍ର ବର୍ଣ୍ଣର ଶାଢ଼ି ସମ୍ଭାର- ସବୁକିଛି ମୋତେ ମୁଗ୍ଧ କରେ । ମନେମନେ କହେ, "ରୁବି ମାଉସୀ, ତୁମେ ଅନନ୍ୟା, ତୁମେ ସତରେ ଅତୁଳନୀୟା ।"

ସ୍କୁଲରେ ପଢ଼ିବା ବେଳେ ସବୁ ଅନାତ୍ମୀୟା ବିବାହିତା ମହିଳାଙ୍କୁ 'ମାଉସୀ' ଡାକିବାର ଅଭ୍ୟାସ ଥିଲା ମୋର । ସେଇ ସୂତ୍ରରେ ମୁଁ ତାଙ୍କୁ 'ରୁବି ମାଉସୀ' ବୋଲି ଡାକିଥିଲି । କିନ୍ତୁ ପ୍ରଥମେ ପ୍ରଥମେ ଏଇ ସମ୍ବୋଧନରେ ସେ ଅସନ୍ତୁଷ୍ଟ ହେଲା ଭଳି ଜଣା ପଡୁଥିଲେ, ଯେମିତି ଇଚ୍ଛା କରି ମୁଁ ତାଙ୍କୁ ବୟସ୍କା ବୋଲି ପ୍ରତିପାଦିତ କରୁଛି । କିନ୍ତୁ ତାଙ୍କର ଅସନ୍ତୋଷ ହୃଦୟଙ୍ଗମ କରିବାର ବୟସ ମୋର ହୋଇନଥିଲା । ମୋର ସରଳ, ନିଷ୍କପଟ ମନ ନେଇଁ ଅସୀମ ଶ୍ରଦ୍ଧା କରୁଥିଲି ତାଙ୍କୁ । ବଦଳି ହୋଇ ଏ ସହରକୁ ଆସିବା ପରେ ଆମରି ଘର ପାଖରେ ଘର ଭଡ଼ା ନେଇ ରହୁଥିଲେ ସେମାନେ । ଯେଉଁଦିନ ତାଙ୍କର ଜିନିଷପତ୍ର ବୋଝେଇ ଟ୍ରକ୍ ଆସି ଆମ ଘର ସାମ୍ନା ରାସ୍ତାରେ ଠିଆ ହେଲା, କଲୋନୀର ଅନ୍ୟସବୁ ଅନୁସନ୍ଧିତ୍ସୁ ପିଲାଙ୍କ ସହ ମୁଁ ବି କୌତୁହଳରେ ଧାଇଁ ଯାଇଥିଲି । ଗଡ଼୍‌ରେଜ୍ ଆଲ୍‌ମିରା, ସୋଫାସେଟ୍, ଡ୍ରେସିଂ ଟେବୁଲ୍, ପଲଙ୍କ, ଫ୍ରିଜ୍ ଇତ୍ୟାଦି ବୁହା ହୋଇ ଘର ଭିତରକୁ ଯିବାବେଳେ ମୋ ସାଙ୍ଗ ଟିକୁନ୍ ଫିସ୍ ଫିସ୍ କିନା ମୋତେ କହିଥିଲା, "ଏମାନେ ଭାରି ବଡ଼ଲୋକ, ନୁହେଁରେ ?" ମୁଁ କିଛି କହି ନଥିଲି । ଚୁପ୍‌ଚାପ୍ ଠିଆ ହୋଇ ଦେଖୁଥିଲି । ସେ ଘରର ନୂଆ ବାସିନ୍ଦାମାନଙ୍କୁ ନେଇ ଅନେକ କିଛି କଳ୍ପନାଜଳ୍ପନା କରି ଯାଉଥିଲି ମନେମନେ । କେମିତି ଲୋକ ଏମାନେ ? ତାଙ୍କର କ'ଣ ମୋ ବୟସର ପିଲା ଥିବେ ? ଥିଲେ ବି କ'ଣ ଆମ ସାଙ୍ଗରେ ଖେଳିବାକୁ ଆସିବେ ? ସେଇ ଘରେ ଆଗରୁ ଯିଏ ଥିଲେ, ତାଙ୍କର ଦୁଇଟା ବିରାଟ ଆଲ୍‌ସେସିଆନ୍ କୁକୁର ଥିଲେ । ସେ ଦୁଇଟାଙ୍କୁ ଦେଖିଲେ ମୋ ଦେହରୁ ତିନିପା ରକ୍ତ ଶୁଖିଯାଏ । ସେଇଥିପାଇଁ ମୁଁ କେବେ ବି ତାଙ୍କ ଗେଟ୍ ଭିତରକୁ ପଶିବାକୁ ସାହସ କରିନଥିଲି । ୟା'ଙ୍କର ବି କ'ଣ କୁକୁର ଥିବ ?

ଜିନିଷପତ୍ର ଓହ୍ଲାଇ ଦେଇ ଟ୍ରକ୍‌ଟା ଚାଲିଯିବା ପରେ ତାଙ୍କ ଲୋକମାନେ ଜିନିଷ ସବୁ ବୁହାବୁହି କରି ଭିତରକୁ ନେଉଥିଲେ । ସନ୍ଧ୍ୟା ହୋଇ ଯାଇଥିଲା । ଅଗତ୍ୟା ମୋତେ ଘରକୁ ଆସିବାକୁ ହେଲା । ଗୋଡ଼ ହାତ ଧୋଇ ପ୍ରାର୍ଥନା କରି ପାଠ ପଢ଼ିବାକୁ ବସିବାକୁ ହେବ । ପଢ଼ା ସରିଲା ବେଳକୁ ରାତି ହୋଇଯାଇଥିଲା । ଖାଇ ଦେଇ ଶୋଇ ଯାଇଥିଲି ।

ତା'ପରଦିନ ସ୍କୁଲ୍ ଗଲାବେଳକୁ ଦେଖିଲି ଆମ ସାମ୍ନା ଘରର ନୂଆ ଭଡ଼ାଟିଆଙ୍କର ଝର୍କା ଓ କବାଟରେ ସୁନ୍ଦର ସୁନ୍ଦର ଛିଟ ପର୍ଦ୍ଦା ଲାଗି ଯାଇଛି । ସେ ଘରର ନୂଆ ବାସିନ୍ଦାମାନଙ୍କ ମଧ୍ୟରୁ କାହାକୁ ବି ଦେଖିବାକୁ ପାଇଲି ନାହିଁ । ସ୍କୁଲ୍‌ରୁ ଫେରିଲା ବେଳକୁ କିନ୍ତୁ ତାଙ୍କ ଛାତ ଉପରକୁ ଅନାଇ ଦେଇ ଆଉ ଆଖି ଫେରାଇ ପାରିଲି ନାହିଁ । କମନୀୟ ସନ୍ଧ୍ୟାର ସୁନେଲୀ ଆଭାରେ ଅପରୂପ ସୌନ୍ଦର୍ଯ୍ୟର ପ୍ରତିମାଟିଏ ଭଳି ଠିଆ ହୋଇଥିଲେ ଜଣେ ତରୁଣୀ । ହଁ- ତରୁଣୀ ବୋଲି ହିଁ ପ୍ରଥମେ ଭାବିଥିଲି ତାଙ୍କୁ । ପରେ ଜାଣିବାକୁ ପାଇଥିଲି- ସେ ଦୁଇଟି ସନ୍ତାନର ଜନନୀ । ଦୁଇଟି ଯାକ ପୁଅ ହଷ୍ଟେଲ୍‌ରେ ରହି ପାଠ ପଢୁଛନ୍ତି । ଛୁଟିଫୁଟି ହେଲେ କେବେ କେବେ ଘରକୁ ଆସନ୍ତି । ଆଉ ତରୁଣୀ ବୋଲି ଯାହାଙ୍କୁ ଭାବିଥିଲି, ତାଙ୍କୁ ଚାଳିଶି ବର୍ଷରୁ କମ୍ ହେବ ନାହିଁ ।

କୌତୁହଳ ମୋର ପ୍ରଚୁର । କିନ୍ତୁ ଏତେ ଚୋରମୁହାଁ ପିଲା ମୁଁ ଯେ ମୋର କୌତୁହଳକୁ ଚରିତାର୍ଥ କରିବା ପାଇଁ କାହାକୁ କିଛି ସୁଦ୍ଧା ପଚାରି ପାରେନାହିଁ । ଖୁବ୍ ଗୋପନରେ, ଖୁବ୍ ସାବଧାନ ଭାବରେ ସବୁକିଛି ପର୍ଯ୍ୟବେକ୍ଷଣ କରେ । ସେଇ ନୂଆଲୋକମାନଙ୍କ ସମ୍ବନ୍ଧରେ ମୋର କୌତୁହଳ କ୍ରମେ ବଢ଼ି ଚାଲିଥାଏ । ଦୂରରୁ ସେମାନଙ୍କ ଘରର ସବୁକିଛି ମୋତେ ଆଶ୍ଚର୍ଯ୍ୟଜନକ ଭାବରେ ସୁନ୍ଦର ଲାଗେ । ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ ସେମାନେ ସ୍ୱାମୀ ସ୍ତ୍ରୀ ଦି'ଜଣ ସ୍କୁଟର୍‌ରେ ବସି କୁଆଡ଼େ ବୁଲିଯାଆନ୍ତି । ଚାରିଟା ବେଳୁ ଭଦ୍ର ମହିଳା ତାଙ୍କର ପ୍ରସାଧନ ପର୍ବ ଶେଷ କରି ବାରଣ୍ଡାରେ ବସି ଉଲ୍ ବୁଣୁଥାନ୍ତି । ତାଙ୍କ ସ୍ୱାମୀ ଅଫିସ୍‌ରୁ ଫେରିବା ମାତ୍ରେ ଧଡ଼ପଡ଼ ହୋଇ ଉଠି ଯାଆନ୍ତି ଭିତରକୁ । ଅଧଘଣ୍ଟା ଭିତରେ ଦୁହେଁ ବାହାରି ପଡ଼ନ୍ତି ବୁଲିବାକୁ । ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ଯୋଡ଼ି ଖୁବ୍ ଚମତ୍କାର ସତରେ । କିନ୍ତୁ ସ୍ତ୍ରୀଙ୍କ ତୁଳନାରେ ଭଦ୍ରଲୋକ ଜଣକ କେମିତି ମାନ୍ଦା ମାନ୍ଦା ଲାଗନ୍ତି । ଆଦୌ ସ୍ମାର୍ଟ ଲାଗେନି ତାଙ୍କୁ । ଭଦ୍ର ମହିଳାଙ୍କ ସୁନ୍ଦର କେଶବିନ୍ୟାସ, ଓଠରେ ଗାଢ଼ ରଙ୍ଗର ଲିପ୍‌ଷ୍ଟିକ୍, ହାତରେ ଭ୍ୟାନିଟ୍ ବ୍ୟାଗ୍, ପାଦରେ ଉଚ୍ଚା ଉଚ୍ଚା ହିଲ୍ ବାଲା ଜୋତା, କି ସୁନ୍ଦର ଢଙ୍ଗରେ ଶାଢ଼ି ପିନ୍ଧନ୍ତି ସେ, କି ଅଦ୍ଭୁତ ଡିଜାଇନ୍‌ର ବ୍ଲାଉଜ ସବୁ ତାଙ୍କର ! ଗୋରା ଗୋରା ପିଠିଟା ପ୍ରାୟ ତିନିଭାଗ ଫୁଙ୍ଗୁଳା- ତଥାପି ସେ ଯାହାବି ପିନ୍ଧନ୍ତି,ତାଙ୍କୁ ଖୁବ୍ ମାନେ । ନିଜକୁ ଆକର୍ଷଣୀୟ ଭାବରେ ସଜେଇ ଜାଣନ୍ତି ସେ । ଆଉ ତାଙ୍କର ସ୍ୱାମୀ ଭଦ୍ରଲୋକ ଜଣକ ଗୌରକାନ୍ତି, ସ୍ୱାସ୍ଥ୍ୟବାନ, ସୁଦୀର୍ଘ ଶରୀର ହୋଇ ମଧ୍ୟ

**କାହାଣୀ ପଛର କାହାଣୀ**

**ଏଇ କାହାଣୀ ପଛରେ ଅନେକ କାହାଣୀର ଭଗ୍ନାଂଶ ରହିଛି । ଭିନ୍ନ ଭିନ୍ନ ସ୍ତରରୁ ଉପଲବ୍ଧି ଆସି ଏକାକାର ହୋଇଛନ୍ତି କାହାଣୀରେ ରୂପାୟିତ ହେବା ପାଇଁ । ବାଲ୍ୟ ତଥା କୈଶୋରର ସହଜ, ସରଳ, ସୁକୁମାର ଦିନମାନଙ୍କରେ ରଜାପୁଅ, ରଜାଝିଅ ତଥା ପରୀମାନଙ୍କର ସ୍ୱପ୍ନମୟ ଜଗତରୁ ସଦ୍ୟ ବାହାରି ଆସିବା ପରେ ବାସ୍ତବ ଜୀବନରେ ଭେଟ ହୋଇଯାଏ ଜଣେ ଅତ୍ୟନ୍ତ ରୂପବତୀ ନାରୀ ସହ । ସୁନ୍ଦର ମୁହଁ ପିଲାମାନଙ୍କୁ ଖୁବ୍ ଆକର୍ଷିତ କରେ । ସମ୍ମୋହିତ ପ୍ରାୟେ ସେଇ ରୂପର ମାୟାରେ ଆକର୍ଷିତ ହୋଇ ତା'ର ଆଖପାଖରେ ରହିବାକୁ ପସନ୍ଦ କରେ । କିନ୍ତୁ ସେଇ ମୁଗ୍ଧତାର ସମ୍ମୋହନ ଦିନେ ବାସ୍ତବତାର ଆଘାତରେ ଭାଙ୍ଗିଯାଏ । ଅନେକ କଥା ବୁଝି ପାରିବାର ସାମର୍ଥ୍ୟ ନଥିଲେ ମଧ୍ୟ ଯେତିକି ବୋଧଗମ୍ୟ ହୁଏ- ସେତିକିରେ ସରଳ, ସୁକୁମାର ହୃଦୟଟି କାକୁସ୍ଥ ହୋଇଯାଏ । ଏ କାହାଣୀ ଲେଖିବା ପଛରେ ଅନେକ ରେବତୀଙ୍କର ରୂପାନ୍ତରିତ ହେବାର ପ୍ରତ୍ୟକ୍ଷଦର୍ଶୀ ଅନୁଭବ ରହିଛି- ଯୋଉମାନେ 'ରେବତୀ'ରୁ 'ରୁବି' ହୋଇ ସାରିଛନ୍ତି ।**

ପ୍ରବୀଣା ମହାନ୍ତି



ଅନେକ ଦିନ ପର୍ଯ୍ୟନ୍ତ ମନଟା ମୋର ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ମୋ ପାଇଁ ବୋଧଗମ୍ୟ ହୋଇ ପାରିନଥିବା କେତେଗୁଡ଼ାଏ ଶବ୍ଦ ଓ ବାକ୍ୟ ମୋତେ ଖୁବ୍ ବିବ୍ରତ କରୁଥିଲା । ରୁବି ମାଉସୀ ଓ ହେମକାନ୍ତ ମଉସା ଅଯାଚିତ ଭାବରେ ମୋତେ ଯେଉଁଭଳି ସ୍ନେହ, ଶ୍ରଦ୍ଧା ଦେଉଥିଲେ, ସ୍ନେହରେ ସେମାନଙ୍କର କୌଣସି ସ୍ୱାର୍ଥ ଥିବା ଭଳି ମୋର ମନେ ହେଉ ନଥିଲା । କିନ୍ତୁ ପରସ୍ପର ମଧ୍ୟରେ ଆକ୍ଷେପ, ପ୍ରତି ଆକ୍ଷେପ କରିବା ସମୟରେ ସେମାନେ ଯାହାସବୁ କହିଥିଲେ- ସେମାନଙ୍କର ଚରିତ୍ର ଏବଂ ବ୍ୟକ୍ତିଗତ ଜୀବନର ଅନ୍ଧକାର ଦିଗ ମୋତେ ଖୁବ୍ ବେଶି ବିଚଳିତ କରିଥିଲା ।

କେମିତି ଗୋଟାଏ ଦୈନ୍ୟ ଥାଏ ତାଙ୍କର ବ୍ୟକ୍ତିତ୍ୱରେ । ସ୍ତ୍ରୀଙ୍କର ମହାରାଣୀ ବ୍ୟକ୍ତିତ୍ୱ ନିକଟରେ ସତେ ଯେମିତି ସେ ଜଣେ କୃପାପ୍ରାର୍ଥୀ ଦୀନହୀନ ପ୍ରଜା !

ସେମାନଙ୍କ ସହ ଆଳାପ କରିବାକୁ ଖୁବ୍ ଉତ୍ସୁକ ହୋଇ ପଡ଼ିଥିଲି ମୁଁ । ସେଇ ସୁଯୋଗ ମଧ୍ୟ ମିଳିଗଲା ମୋତେ । ମୋର ଜନ୍ମଦିନ ପାଖେଇ ଆସିଥିଲା । ମଧ୍ୟବିତ୍ତ ପରିବାରର ମଧ୍ୟମ ସନ୍ତାନର ଜନ୍ମଦିନ । ସେ କିଛି ଜାକଜମକର ବ୍ୟାପାର ନୁହେଁ । ତେବେ ମଝିଆଁ ହେଲେ ବି ମୋ ବାପା ବୋଉ ମୋତେ କେବେ ଅବହେଳାର ପାତ୍ର ମନେ କରନ୍ତି ନାହିଁ । ଆମ ଘରେ ଆମର ସବୁ ଭାଇ ଭଉଣୀଙ୍କର ଜନ୍ମଦିନ ସାଧାରଣ ଭାବରେ ହେଲେ ମଧ୍ୟ ପାଳନ କରାଯାଏ । ସକାଳେ ଚକୁଳି ପିଠା, କ୍ଷୀରି ହୋଇ ଷଷ୍ଠୀ ଦେବୀଙ୍କର ପୂଜା ହୁଏ । ନୂଆ ଜାମା, ପ୍ୟାଣ୍ଟ ପିନ୍ଧି, ଚନ୍ଦନ ଲଗାଇ ପିଢ଼ା ଉପରେ ବସିବାକୁ ହୁଏ । ବୋଉ ଦୁବ, ଅରୁଆ ଚାଉଳ, ଧୂପ, ଦୀପରେ ବନ୍ଦେଇ ଦିଏ । ହୁଳହୁଳି ପଡ଼େ, ଶଙ୍ଖ ବାଜେ । ଏଥରକ କିନ୍ତୁ ମୋତେ ଭାରି ଲାଜ ମାଡୁଥିଲା ଚନ୍ଦନ ଲଗାଇ ପିଢ଼ାରେ ବସି ବନ୍ଦାଇ ହେବାକୁ । କିନ୍ତୁ ମନାକଲେ ବୋଉ ମନଦୁଃଖ କରିବ । ଆଉ ମୋ ବଡ଼ଭଉଣୀ ସାନିଅପା ଚୋ' କିନା ଚଟକଣାଟେ ପକାଇ ଦେବ । ଜନ୍ମଦିନ ଫନ୍ମଦିନ କିଛି ମାନିବନି । ଭାରି ଚଣ୍ଡୀଟେ ସିଏ । ମୁଁ ପୁଅ ହୋଇ ଯେତିକି ଶାନ୍ତ, ଯେତିକି ଲାଜକୁଳା, ସେ ଝିଅ ହୋଇ ସେତିକି ଦୁଷ୍ଟ, ଉଦଣ୍ଡୀ ଆଉ ଚଣ୍ଡୀ । କଥା କଥାକେ ହାତ ଉଠାଇ ଦେବ । ବୋଉ ସମୟ ସମୟରେ ହସି ହସିକା କହେ, "ସାନି, ମୁନାକୁ ଭଗବାନ ଗଢ଼ିଲା ବେଳେ ଓଲଟା କରି ଦେଇଛନ୍ତି । ସାନିଟା ନିର୍ଘାତ୍ ପୁଅ ହେଉ ହେଉ ଝିଅ ହୋଇଯାଇଛି । ମୁନା ମୋର ଯଦି ଝିଅଟିଏ ହୋଇଥାଆନ୍ତା"- ବୋଉର କଥା ନସରୁଣୁ ସାନି ଅପା ଖତେଇ ହୋଇ କହେ, "ତୋତେ ଭାରି ଭଲ ଲାଗି ଥାଆନ୍ତା । ତୋର ମନ ମୁତାବକ କରି ତାକୁ ଗଢ଼ିଥାଆନ୍ତୁ ।"

ମୋ ଜନ୍ମଦିନ ପାଇଁ ମୋର ଦୁଇଜଣ ମାତ୍ର ସାଙ୍ଗଙ୍କୁ ଡାକିଥିଲି । ମୋର ବେଶି ସାଙ୍ଗ ନାହାନ୍ତି । ଲାଜକୁଳା ସ୍ୱଭାବ ଯୋଗୁଁ ସହଜରେ ଲୋକଙ୍କ ସହିତ ମିଶି ପାରେନା ମୁଁ । ମୋ ବୟସର ଦୁଷ୍ଟ, ଦୁର୍ଦ୍ଦାନ୍ତ ପିଲାଙ୍କର ପାଖ ମାଡ଼େନି । ମାରପିଟ୍, କଳିଝଗଡ଼ା ଆଦୌ ସହିପାରେନି । ଶାନ୍ତିପ୍ରିୟ ମନଟା ମୋର ଏକାନ୍ତରେ ରହିବାକୁ ଭଲପାଏ । ମୋର ସ୍ୱଭାବ ସହିତ ଖାପ୍ ଖାଇବା ଭଳି ଅଳ୍ପ କେତେଜଣ ମାତ୍ର ବନ୍ଧୁ ମୋର ଅଛନ୍ତି । ତାଙ୍କୁ ହିଁ ଡାକିଥିଲି ମୋ ଜନ୍ମଦିନକୁ । ମୋ ବୋଉ ଡାକିଥିଲା ଆମର ପଡ଼ୋଶୀ କେତେଜଣଙ୍କୁ । ଯେଉଁମାନଙ୍କ ସହିତ ଆମର ଯିବା ଆସିବା ଓ ପିଠାପଣା, ତରକାରୀ ପତ୍ର ଦିଆନିଆର ସମ୍ପର୍କ ରହିଛି । ଖୁବ୍ ସଂକୋଚର ସହିତ ବୋଉ ପାଖରେ ମୋର ଅର୍ଜି ପେଶ୍ କରିଥିଲି: "ବୋଉ ସେମାନଙ୍କୁ ଡାକିବା ?" ବୋଉ ପଚାରିଥିଲା, "କେଉଁମାନଙ୍କୁ ?" ମୁଁ କହିଥିଲି, "ଏଇ ଆମ ସାମ୍ନା ଘରକୁ ଯୋଉମାନେ ନୂଆ ଆସିଛନ୍ତି ।" ମୋର ଇଚ୍ଛା ଦେଖି ବୋଉ କହିଥିଲା, "ମୁଁ ତ ଚିହ୍ନେନି ତାଙ୍କୁ, ଏଯାଏ ପରିଚୟ ହୋଇନି । ତୁ ଯଦି ଚାହୁଁଛୁ, ତୁ ନିଜେ ଯାଇ କହିଆ ।"

ଅଚିହ୍ନା ଲୋକଙ୍କ ସହିତ ଆଳାପ କରିବା ମୋ ଭଳିଆ ଲାଜକୁଳା ପିଲା ପାଇଁ କି ଯେ ଦୁଃସାଧ୍ୟ ବ୍ୟାପାର, ସେ କଥା ବୋଉକୁ ଅଜଣା ନୁହେଁ । କିନ୍ତୁ ତା'ର ଇଚ୍ଛା, ମୁଁ କେମିତି ଟିକେ ସ୍ମାର୍ଟ ହୁଏ । ପୁଅ ପିଲାଙ୍କୁ ଲାଜକୁଳା ସ୍ୱଭାବ ମାନେ ନାହିଁ ଜମା । ମୁଁ ବି ମନରୁ ଦ୍ୱିଧା ସଂକୋଚ ସବୁ କାଟିବାକୁ ଚେଷ୍ଟା କରିକରି ତାଙ୍କ ଗେଟ୍ ଖୋଲି ଭିତରେ ପଶିଲି । ଦାଣ୍ଡ କବାଟଟା ଖୋଲା ଥିଲା । ପବନର ଆଘାତରେ ହାଲ୍କା ଛିଟର ସୁନ୍ଦର ପରଦାଟି ଧୀରେ ଧୀରେ ହଲୁଥିଲା । କଲିଂବେଲ୍ ଟିପିଲି । ସକାଳ ନଅଟା ସମୟ । ସେଦିନ ରବିବାର- ଛୁଟିଦିନ । ଭଦ୍ରଲୋକ ଘରେ ଥିଲେ । ଖିଅର ହେବା ପାଖରୁ ଚାଲି ଆସିଲେ କି କ'ଣ- ଗାଲରେ ଫେଣ ଲାଗିଥିଲା । ପର୍ଦ୍ଦା ଆଡ଼େଇ କହିଲେ, "କିଏ ?"

"ମୁଁ ମୁନା- ଆମ ଘର ଏଇ ସେ ପାଖରେ ।" ମୁଁ କହିଲି ।

"କଣ ଦରକାର ?" ଭଦ୍ରଲୋକ ପଚାରିଲେ । ଏଭଳି ଏକ ପ୍ରଶ୍ନରେ ସଂକୁଚିତ ହୋଇ ପଡ଼ିଲି ମୁଁ । କିନ୍ତୁ କିଛି ତ କହିବାକୁ ହେବ । ତରବରରେ କହି ପକେଇଲି, "ଆଜି ସନ୍ଧ୍ୟାରେ ଆପଣମାନେ ଆମ ଘରକୁ ଆସିବେ ।"

"ଆଜି ସନ୍ଧ୍ୟାରେ ? କ'ଣ ପାଇଁ କୁହ ତ ?"

"ଆଜି ମୋର ଜନ୍ମଦିନ ।"

"ଓହୋ- ଭାରି ଖୁସିର କଥା । ହାପି ବାର୍ଥ ଡେ । କିନ୍ତୁ ଆଜି ସନ୍ଧ୍ୟାରେ... ।" ଭଦ୍ରଲୋକ କିଛି ଚିନ୍ତାକଲା ଭଳି ମନେହେଲେ । ତା'ପରେ ପାଟିକରି ଡାକିଲେ, "ରୁବି ରୁବି ଟିକେ ଆସ ତ ଇଆଡ଼େ ।" ତା'ପରେ ମୋତେ ଚାହିଁ କହିଲେ, "ମୁନା, ଏଇ ନାଁ ତ ତୁମର ? ଏଇ ଘରେ ଆସି ବସ । ମୁଁ ଆସୁଛି ସାଙ୍ଗେ ସାଙ୍ଗେ ।" ପର୍ଦ୍ଦା ଆଡ଼େଇ ଯୋଉ ଘର ଭିତରକୁ ଆସିଲି, ସେଇଟା ତାଙ୍କର



ଡ୍ରଇଂରୁମ୍ । ମୋତେ ସେଇଠି ବସିବାକୁ କହି ଭଦ୍ରଲୋକ ଭିତରକୁ ଚାଲିଗଲେ । ଖୁବ୍ ଆଶ୍ୱସ୍ତି ଲାଗୁଥିଲା ମୋତେ । ସୋଫାରେ ବସି ଚାରିଆଡ଼କୁ ଆଖି ବୁଲାଇ ଆଣିଲି । ସୁନ୍ଦର ଭାବରେ ସୁସଜ୍ଜିତ ଡ୍ରଇଂରୁମ୍‌ଟି । ସୋଫା ଗୁଡ଼ିକ ବେଶ୍ ଆରାମଦାୟକ । ସେଣ୍ଟର୍ ଟେବୁଲ୍‌ରେ ହାତବୁଣା ଲେସ୍‌ର ଟେବୁଲ୍ କ୍ଲଥ୍ । ଫୁଲଦାନୀରେ କିଛି ପ୍ଲାଷ୍ଟିକ୍ ଫୁଲ । ମୋତେ ପ୍ଲାଷ୍ଟିକ୍ ଫୁଲ ମୋଟେ ଭଲ ଲାଗେନାହିଁ । ଫୁଲଦାନୀରେ ସତେଜ ଫୁଲପତ୍ର ଭଲ ଲାଗେ । କାନ୍ଥରେ ଗୋଟାଏ ଦୁର୍ବୋଧ୍ୟ ଅୟେଲ୍ ପେଣ୍ଟିଂ । ଅଦ୍ଭୁତ ସବୁ ରଙ୍ଗର ସମାବେଶ ସେଥିରେ– କ'ଣ ଅଙ୍କା ହୋଇଛି ଅନେକ ସମୟ ଦେଖିବା ପରେ ବି ଜାଣି ପାରିଲିନି । ବିଭିନ୍ନ ଡିଜାଇନ୍‌ର କାଠର ସେଲ୍‌ଫ୍‌ମାନଙ୍କରେ ସଜା ହୋଇ ରହିଛି ସୁନ୍ଦର ସୁନ୍ଦର କଣ୍ଢେଇ । ଶିଙ୍ଗ, ଲାଖ, ଶଙ୍ଖ, ଶାମୁକା, ଚିନାମାଟି, ପ୍ଲାଷ୍ଟିକ୍, ରବରର ବିଭିନ୍ନ ପ୍ରକାର କଣ୍ଢେଇ । ବାଘ, ସିଂହ, ହାତୀ, ଘୋଡ଼ା, ହରିଣ, ଠେକୁଆ ଇତ୍ୟାଦି ଗୋଟିଏ ଥାକରେ, ବଗ, ଶୁଆ, ହଂସ, ମୟୂର, ମାଛରଙ୍କା, ପେଚା ଇତ୍ୟାଦି ଆଉ ଗୋଟିଏ ଥାକରେ । ଆଉ ଗୋଟେ ପାଖରେ ଧାଡ଼ି ବାନ୍ଧି ଠିଆ ହୋଇଛନ୍ତି ମଣିପୁରୀ ନୃତ୍ୟଶିଳ୍ପୀ, କଥକ ନୃତ୍ୟଶିଳ୍ପୀ, ବରକନ୍ୟା, ରାଜାରାଣୀ, ବୁଢ଼ାବୁଢ଼ୀ, ଜୋକର, ପରୀ, ଏମିତି ଅନେକ ସୁନ୍ଦର ସୁନ୍ଦର କଣ୍ଢେଇ । ମୋତେ କଣ୍ଢେଇ ଦେଖିବାକୁ ଖୁବ୍ ଭଲଲାଗେ । ସାନିଅପାଟା ବି ଭାରି କଣ୍ଢେଇଲୋଭୀ । ଦଶରା, ବାଲିଯାତ୍ରାକୁ କଟକ ଯାଇ ବର୍ଷକୁ ବର୍ଷ ତା ଯାତ୍ରା ଖର୍ଚ୍ଚ ପଇସାରେ ଗୁଡ଼ାଏ ଲେଖାଏଁ କଣ୍ଢେଇ କିଣି ଆଣେ । କିନ୍ତୁ ସାନ ଭାଇ ଭଉଣୀଙ୍କ ଉତ୍‌ପାତରେ କେଇଟା ଦିନରେ ସେଗୁଡ଼ା ସବୁ ବିକଳାଙ୍ଗ ହୋଇ



ଖତଗଦାରେ ପଡ଼ନ୍ତି । ସାନିଅପା ଏଇ କଣ୍ଢେଇଗୁଡ଼ା ଦେଖିଲେ ଟେରୀ ହୋଇଯିବ । କାନ୍ଥକୁ ଲାଗି ଦି'ଟା ଆଲମାରୀ । କ'ଣ ଅଛି ସେଥିରେ ? ବହି ? ବହି ଲୋଭ ମୋର ପ୍ରଚଣ୍ଡ । ବହି ପଢ଼ିବା ମୋର ନିଶା ଭଳି । କି ବହି ସବୁ ଅଛି ଦେଖିବାକୁ ଉଠିବି ବୋଲି ଭାବୁଛି– ସେ ଭଦ୍ରଲୋକ ଆସି ପହଞ୍ଚିଗଲେ । ପଛରେ ତାଙ୍କର ସ୍ତ୍ରୀ । ଡ୍ରଇଂରୁମ୍‌ରେ ସଜା ହୋଇ ରହିଥିବା କଣ୍ଢେଇଟିଏର ମୁହଁ ଭଳି ଦିଶୁଥିଲା ତାଙ୍କ ମୁହଁ । ମୁଁ ତାଙ୍କର ସୁନ୍ଦର ମୁହଁଟିକୁ ବୋକାଙ୍କ ଭଳି ଚାହିଁ ରହିଲି । ତା'ପରେ ମନେ ପଡ଼ିଗଲା ନମସ୍କାର କରିବାକୁ । ଭଦ୍ରବ୍ୟକ୍ତି ତାଙ୍କର କ୍ଷୌର କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବାକୁ ଚାଲିଗଲେ । ଭଦ୍ର ମହିଳା ମୋ ପାଖରେ ବସି ପଡ଼ିଲେ ସ୍ମିତହାସ ସହ । ସୁନ୍ଦର ଏକ ବାସ୍ନାରେ ମୋର ପ୍ରାଣେନ୍ଦ୍ରିୟ ଯେମିତି କୃତାର୍ଥ ହୋଇଗଲା । ମୋତେ ସେ ଖୁଣ୍ଟିବାଣ୍ଟି ପଚାରିଲେ ଆମ ଘରକଥା । ବାପା କ'ଣ କରନ୍ତି, ଭାଇ ଭଉଣୀ କେତେଜଣ, ନିଜ ଘର ନା ଭଡ଼ାଘର, ଏମିତି ଅନେକ କଥା । ତା'ପରେ କ୍ଷୋଭ ପ୍ରକାଶ କଲେ, ସେଦିନରୁ ଆସିଲେଣି, ଅଥଚ ପଡ଼ୋଶୀମାନଙ୍କ ସହ ପରିଚୟ ହୋଇପାରି ନାହିଁ ବୋଲି । ମୋ ଜନ୍ମଦିନ ଉପଲକ୍ଷ୍ୟେ ଆମ ଘରକୁ ଯାଇ ପରିଚିତ ହେବାର ସମ୍ଭାବନାରେ ଭାରି ଖୁସି ହୋଇଗଲେ । ସନ୍ଧ୍ୟାବେଳର ସିନେମା ପ୍ରୋଗ୍ରାମ୍ ବାତିଲ୍ କରି ସେମାନେ ଆମ ଘରକୁ ଯିବେ ବୋଲି କହିଲେ ।

ମୁଁ ଯିବାକୁ ଉଠିବାରୁ ସେ ହଠାତ୍ ଭିତରକୁ ଯାଇ ଗୋଟିଏ ପ୍ଲେଟ୍‌ରେ ଦୁଇଟି ମିଠା ନେଇ ଆସିଲେ, ଗୋଟେ କାଚ ଗ୍ଲାସ୍‌ରେ ଗିଲାସେ ଥଣ୍ଡାପାଣି । ଆଉ କାହାଘରେ କିଛି ଖାଇବାରେ ମୋର ଭୀଷଣ ଲାଜ । ସେ ଜୋର୍ କରି ମୋ ପାଟିରେ ଗୋଟେ ରସଗୋଲା ପୂରାଇ ଦେଲେ । ପାଟିଟା ମୋର ପୂରା ଥଣ୍ଡା ହୋଇଗଲା । ବାଧ୍ୟ ହୋଇ ରସଗୋଲା ଦୁଇଟି ଖାଇବାକୁ ପଡ଼ିଲା । ମୋତେ ତାଙ୍କ ଘର ଖୁବ୍ ଭଲ ଲାଗିଥିଲା । ଘରକୁ ଫେରି ଗଡ଼ ଜିତିଲା ପରି ବୋଉକୁ କହିଥିଲି, "ଜାଣିଚୁ ବୋଉ, ସେମାନେ ତାଙ୍କର ସିନେମା ପ୍ରୋଗ୍ରାମ୍ ବାତିଲ୍ କରି ମୋ ଜନ୍ମଦିନକୁ ଆସିବେ ବୋଲି କହିଲେ । ରୁବି ମାଉସୀ ବହୁତ ଭଲ, ମଉସା ବି । କେତେ କଥା ହେଲେ ମୋ ସାଙ୍ଗରେ । ମାଉସୀ ମୋତେ ମିଠା ଖାଇବାକୁ ଦେଲେ, ଥଣ୍ଡା ଥଣ୍ଡା ମିଠା ।"

"ଆହା, ଭାରି ଭି.ଆଇ.ପି.ଟା ତ– ତୋ ପାଇଁ ତାଙ୍କର ସିନେମା ପ୍ରୋଗ୍ରାମ୍ ବାତିଲ୍ କରିଦେଲେ ।" ସାନି ଅପା ମୋତେ ଛିଗୁଲେଇ କି କହିଲା ।

"ସବୁବେଳେ ତା' ସାଙ୍ଗରେ ଲାଗୁ କାହିଁକି ଶୁଣେ ?" ସାନି ଅପାକୁ ବିରକ୍ତ ହେଲା ବୋଉ । ତା'ପରେ ମୋତେ ଚାହିଁ କହିଲା, "ଥଣ୍ଡା ମିଠା କ'ଣ କିରେ ? ଆଇସ୍‌କ୍ରିମ୍ ?"

"ନା– ଆଇସ୍‌କ୍ରିମ୍ ନୁହେଁ, ରସଗୋଲା । ଫ୍ରିଜ୍‌ରେ ରଖିଥିଲେ ତ– ସେଥିପାଇଁ ଥଣ୍ଡା ଲାଗୁଥିଲା । ଯୋଉ ପ୍ଲେଟ୍‌ରେ ମୋତେ ରସଗୋଲା ଦେଲେ– କି ସୁନ୍ଦର ହୋଇଥିଲା ସେଇଟା ! ପାଣି ଗ୍ଲାସ୍‌ଟା ବି ଏତେ ବଢ଼ିଆ ଦିଶୁଥିଲା" – ମୋତେ କୁହାଇ ନଦେଇ ବୋଉ କହିଲା, "ହଇରେ, ଥଣ୍ଡା ଜନିଷ ତୋ ଦିହରେ ଯାଏନି ପରା ! ଦେଲେ ବୋଲି ଖାଇଦେଲୁ ?" "କିଛି ହେବନି– ତୁ ଖାଲି ମିଛରେ ଡରୁଛୁ ।" ମୁଁ କହିଲି ଦୃଢ଼ କଣ୍ଠରେ । ରୁବି ମାଉସୀ ଏତେ ସ୍ନେହରେ ମୋତେ ଖୁଆଇ ଦେଲେ । ମୁଁ ମନା କରିଥାଆନ୍ତି କେମିତି ?

"ହଉ– ସେମାନେ ତୋତେ ଥଣ୍ଡା ମିଠା ଖାଇବାକୁ ଦେଲେ, ମୁଁ ସେମାନଙ୍କୁ ଗରମ ପିଠା ଦେବି ।" ବୋଉ ହସିହସି କହିଥିଲା ।

ମୋ ଜନ୍ମଦିନ ସନ୍ଧ୍ୟାବେଳେ ରୁବି ମାଉସୀ ଓ ହେମକାନ୍ତ ମଉସା ଆସିଥିଲେ ଆମ ଘରକୁ । ମୋତେ ଗୋଟେ ବଢ଼ିଆ ଗପ ବହି ଉପହାର ଦେଇଥିଲେ । ବହିଟି ଦେଖି ମୁଁ ଏତେ ଖୁସି ହୋଇଯାଇଥିଲି ଯେ ସମସ୍ତଙ୍କର ଗପସପ, ଖିଆପିଆ ଭିତରେ ବହିଟିରୁ ଅଧେ ପଢ଼ି ପକେଇଥିଲି । କେମିତି ସେମାନେ ମୋ ମନକଥା ଜାଣି ବହିଟିଏ ଦେଲେ କେଜାଣି ! ଆଉ ଯୋଉମାନେ ଆସିଥିଲେ– ସେମାନେ ଟିଫିନ୍ ବକ୍ସ, ପାଣିବୋତଲ, କଲମ, ପେନ୍‌ସିଲ୍ ବକ୍ସ ଏମିତି କ'ଣ ସବୁ ଉପହାର ଦେଇଥିଲେ । ଆଉ କେହି ବହି ଦେଇ ନଥିଲେ । ରୁବି ମାଉସୀ ସେଦିନ ନୀଳ ରଙ୍ଗର ବନାରସୀ ଶାଢ଼ିଟିଏ ପିନ୍ଧିଥିଲେ । ଝଲମଲ ରଙ୍ଗର ଶାଢ଼ି ସବୁ ତାଙ୍କର ପସନ୍ଦ । କାନରେ ପଥରବସା କାନଫୁଲ ଓ ବେକରେ ଆଖିଦୃଶିଆ ସୁନାହାରଟିଏ ପିନ୍ଧିଥିଲେ । ସବୁ ସ୍ତ୍ରୀଲୋକଙ୍କ ଭିତରେ ବାରି ହୋଇ ଦିଶୁଥିଲେ ସେ । ତାଙ୍କ ଭଳି ସୁନ୍ଦରୀ ମହିଳା ଆଉ କେହି ନଥିଲେ ଆମ କଲୋନୀରେ କି ମୋର ଚିହ୍ନା ଜଣା ପରିସରରେ । ତାଙ୍କୁ ଅତିଥି ଭାବରେ ପାଇ ମୋର ନିରାଡ଼ମ୍ବର ଜନ୍ମଦିନଟି ଯେମିତି ଧନ୍ୟ ହୋଇ ଯାଇଥିଲା । ତାଙ୍କ ଆଗରେ ମୋ ବୋଉ ତଥା ପଡ଼ିଶା ଘରର ଅନ୍ୟ ମହିଳାମାନେ ଅତି ସାଧାରଣ ଲାଗୁଥିଲେ । ବୋଉକୁ ତ କହିକହି ତା'ର ଝାଳଝାଳୁଆ ଶାଢ଼ିଟା ବଦଳେଇଲା ବି ନାହିଁ । କହିଲା, "ମୁଁ ଯଦି ସଜବାଜ ହୋଇ ବସିବି ତ ଏପଟେ ସମସ୍ତଙ୍କର ଖାଇବା ବ୍ୟବସ୍ଥା ବୁଝିବ କିଏ ?" ବୋଉ ଆମର ସେମିତି । କେବେ ବି ଟିକେ ଭଲଶାଢ଼ି ପିନ୍ଧି ସଫା ସୁତୁରା ହୋଇ ରହିବାର ତାକୁ କେହି ଦେଖିବେନି । ଚବିଶ୍ ଘଣ୍ଟା ସେ କିଛି ନା କିଛି କାମରେ ଲାଗି ରହିଥିବ । ଛାଡ଼– ତାକୁ କହିକି କିଛି ଲାଭ ନାହିଁ ।

ହେମକାନ୍ତ ମଉସା ଖୁବ୍ ଅମାୟିକ ଲୋକ । ବାପାଙ୍କ ପାଖରେ ବସି ସାଧାରଣ ସାମାଜିକ ସମସ୍ୟା ଠାରୁ ରାଜନୀତି ଯାଏ ଆଲୋଚନା ଜମେଇ ଥାଆନ୍ତି । ଏତେ ଗହଳି ଭିତରେ ବି ମୋର ବହିପଢ଼ା ନିଶା ଦେଖି ରୁବି ମାଉସୀ ଆଶ୍ଚର୍ଯ୍ୟ ହୋଇଗଲେ । ବହିକୁ ମୁଁ ଏତେ ଭଲପାଏ ଜାଣି କହିଲେ, ତାଙ୍କ ଘରେ ଅନେକ ଗପବହି

ଅଛି– ମୋର ଯେତେବେଳେ ଇଚ୍ଛା ହେବ, ଯାଇ ପଢ଼ି ପାରିବି ।

ବହିର ପ୍ରଲୋଭନରେ ମୁଁ କ୍ରମେ ତାଙ୍କ ଘର ସହିତ ଘନିଷ୍ଠ ହୋଇଉଠିଲି । ମୋତେ ସମୟ ମିଳିବା ମାତ୍ରେ ତାଙ୍କ ଘରକୁ ଚାଲିଯାଏ । ତାଙ୍କ ଡ୍ରଇଂରୁମ୍‌ରେ ବସି ବହି ପଢ଼େ । ଆଲ୍‌ମିରା ଖୋଲି ମନକୁ ମନ ବହି ବାଛି ପଢ଼ିବାର ଅଧିକାର ମୋତେ ମିଳି ଯାଇଥିଲା । ମୁଁ ବହି ପଢ଼ିଲା ବେଳେ ରୁବି ମାଉସୀ କେବେ କେବେ ବିସ୍କୁଟ୍, କେକ୍, ମିଠା, ଆପେଲ୍ ଇତ୍ୟାଦି ଦିଅନ୍ତି ଖାଇବାକୁ । ପ୍ରଥମେ ପ୍ରଥମେ ସଂକୋଚ ଲାଗୁଥିଲେ ବି ଧୀରେ ଧୀରେ ମୁଁ ସେଥିରୁ ମୁକ୍ତ ହେଇଗଲି । ବହି ପଢ଼ିବା ବେଳେ ମୁଁ ଏମିତି ନିମଗ୍ନ ହୋଇଯାଏ ଯେ ସମୟ ଜଣାପଡ଼େନି ମୋତେ । ଭୁଲିଯାଏ ସେଇଟା ମୋ ନିଜ ଘର ନୁହେଁ । ଭାବି ପାରେନି ଯେ ଅନ୍ୟ କାହାଘରେ ଏତେ ସମୟ ବସି ରହିଲେ ହୁଏତ ସେମାନଙ୍କର କିଛି ଅସୁବିଧା ହେଉଥିବ । ଭଦ୍ରାମିରେ ସେମାନେ କିଛି କହିପାରୁ ନଥିବେ । ଏସବୁ କଥା ମୋ ମୁଣ୍ଡରେ ପଶୁ ନଥିଲା । କାରଣ ରୁବି ମାଉସୀ ଓ ହେମକାନ୍ତ ମଉସା ମୋତେ କହିଥିଲେ, ଯେହେତୁ ତାଙ୍କ ପିଲାମାନେ ଘରଠୁ ଦୂରରେ ରହୁଛନ୍ତି । ମୋତେ ଦେଖିଲେ ସେମାନଙ୍କୁ ଭଲ ଲାଗୁଛି । ମୋର ଯେତେବେଳେ ମନ ହେବ ତାଙ୍କ ଘରକୁ ଆସିପାରିବି ଓ ଯେତେ ସମୟ ବସି ବହି ପଢ଼ିପାରିବି– ସେମାନଙ୍କୁ ଖୁସି ଲାଗିବ । ବୋଉ କେବେ କେବେ ବିରକ୍ତ ହେଉଥିଲା, "କାହିଁକି ତାଙ୍କ ଘରକୁ ଏତେ ଯାଉଛୁ ? ବହି ପଢ଼ିବା କଥା ଯଦି ଘରକୁ ଆଣି ପଢୁନୁ! ନା– ଘରକୁ ସେମାନେ ବହି ଆଣିବାକୁ ମନା କରିଛନ୍ତି ?"

"ମନା କରିବେ କାହିଁକି ? ତାଙ୍କ ଘରର ଶାନ୍ତ, ନିରୋଳା ପରିବେଶରେ ବହି ପଢ଼ିବାକୁ ଭଲଲାଗେ । ଆମ ଘରେ ତ ସବୁବେଳେ ହୋହୋ– ଘୋଘୋ ।" ମନେମନେ କହେ ମୁଁ ଏକଥା ବୋଉକୁ କହିଲେ ସେ ମନଦୁଃଖ କରିବ । ଆମର ତ ଗହଳି ଘର, ବଡ଼ ପରିବାର । ସବୁବେଳେ ଲୋକଙ୍କର ଯିବା ଆସିବା ଲାଗି ରହିଥାଏ । ତାଙ୍କ ଘରେ ପୁଅ ହୋଇ ରହି ଯାଉନୁ ।" ସାନି ଅପା ମୋତେ ଚିଡ଼ାଏ ।

"କାହିଁକି, ତାଙ୍କର କଣ ପୁଅଝିଅ ନାହାନ୍ତି କି ? ସେମାନେ ହଷ୍ଟେଲ୍‌ରେ ରହି ପଢୁଛନ୍ତି ବୋଲି ଆଉ କାହାକୁ କାହିଁକି ପୁଅ କରିବେ ସେମାନେ ?" ମୁଁ କହେ । "ହଁଅ– ନିଜ ପିଲାଙ୍କୁ ହଷ୍ଟେଲ୍ ପଠେଇ ଦେଇ ପର ପିଲାଙ୍କ ପ୍ରତି ସ୍ନେହ ଉଛୁଳୁଛି ।" ସାନି ଅପା ଆକ୍ଷେପ କରେ ସେମାନଙ୍କୁ ।

"ତୁ ଯାଉନୁ ତାଙ୍କ ଘରକୁ । ତୋତେ ବି ବହୁତ ଗେହ୍ଲା କରିବେ । ସେମାନେ ବହୁତ ସ୍ନେହୀ ।" ମୁଁ କହିଥିଲି ସାନି ଅପାକୁ ।

ମୋର ଦରକାର ନାହିଁ ଆଉ କାହାର ସ୍ନେହ– ମୋ ବାପା, ବୋଉଙ୍କ ସ୍ନେହ ମୋ ପାଇଁ ଯଥେଷ୍ଟ । ତୋର ସିନା ନିଅଣ୍ଟ ପଡୁଛି ବୋଲି ତୁ ଧାଉଁଛୁ ତାଙ୍କ ଘରକୁ ।"

"ବୋଉ ଦେଖିଲୁ ଅପା ମୋ ସାଙ୍ଗେ ପୁଣି ଲାଗୁଛି । ଘରେ ତ ଶାନ୍ତିରେ ଟିକେ ମୋତେ ପାଠ ପଢ଼ିବାକୁ ଦଉନୁ । ଆଉ କୋଉଠି ଯାଇ ପଢ଼ିଲେ ତୋ ଦେହରେ ଯାଉନି କାହିଁକି ?"

"ଆହା– ଗପବହି ପଢ଼ି ତ ସ୍ୱର୍ଗକୁ ଯିବୁ ତୁ ! ପାଠ ବହିରେ ହେଲେ ଏତିକି ମନ ଲଗାନ୍ତୁତ ।" ସାନି ଅପା କହିଲା ।

"ପାଠବହି ବାଦ୍ ବି କେତେ କଥା ଜାଣିବାକୁ ଥାଏ ଆମର ଶିଖିବାକୁ ଥାଏ । ମୋତେ ଭଲ ଲାଗେ ନୂଆ ନୂଆ କଥା ଜାଣିବାକୁ । ପରୀକ୍ଷାରେ ମୋର କଣ ଖରାପ ହୁଏ କେବେ ?" ସାନିଅପା ଏଥର ଚୁପ୍ ରହିଲା । ସିଏ ଯେତେ ଘୋସାଘୋସି କଲେବି ପରୀକ୍ଷାରେ ଏତେ ଭଲ କରେନି କେବେ । ମୁଁ ତ ସବୁବେଳେ କ୍ଲାସ୍‌ରେ ଫାଷ୍ଟ ହୁଏ । ନିଜ ପାଠ ନିଜେ କରେ । ଟିଉସନ୍ ବି ହୁଏ ନାହିଁ । ସେଥିପାଇଁ ପାଠପଢ଼ା ନେଇ ମୋତେ କେହି କେବେ ତାଗିଦ୍ କରନ୍ତି ନାହିଁ ।

ବାର୍ଷିକ ପରୀକ୍ଷା ପାଖ ହୋଇ ଆସୁଥିଲା । ପାଠପଢ଼ାର ବୋଝ ବହୁତ୍ ଥିଲା । ତା ସତ୍ତ୍ୱେ ସମୟ ସୁବିଧା ପାଇଲା ମାତ୍ରେ ରୁବି ମାଉସୀଙ୍କ ଘରକୁ ଚାଲି ଯାଉଥିଲି । କିନ୍ତୁ କ୍ରମେ ଗୋଟାଏ ଅସ୍ୱସ୍ତିଭାବ ଅନିଚ୍ଛାକୃତ ଭାବରେ ମୋ ଭିତରକୁ ସଞ୍ଚରି ଆସୁଥିଲା । ବହି ଭିତରେ ବୁଡ଼ି ଯାଇଥିବା ବେଳେ ବି ମୁଁ ଅନୁଭବ କରୁଥିଲି ବାହାରେ ମୁଁ ଯେତିକି ଦେଖୁଛି– ତା'ଠୁଁ ଅଲଗା କିଛି ଘଟୁଛି ଅନ୍ତରାଳରେ । ବାହାରକୁ ଅତି ମାତ୍ରାରେ ସୁଖୀ ଦମ୍ପତି ବୋଲି ପ୍ରଦର୍ଶିତ କରୁଥିଲେ ବି ରୁବି ମାଉସୀ ଓ ହେମକାନ୍ତ ମଉସା ବୋଧେ ପ୍ରକୃତରେ ସୁଖୀ ନୁହଁନ୍ତି । ସେମାନଙ୍କର ଖାପଛଡ଼ା କଥାବାର୍ତ୍ତା, ଚାପି ରଖିଥିବା ବିରକ୍ତି, ପରସ୍ପର ପ୍ରତି ଆକ୍ଷେପ– ଏସବୁ କଥା ମୋ ଭିତରେ ଅସ୍ୱସ୍ତି ଭାବ ସୃଷ୍ଟି କରୁଥିଲା । ରୁବି ମାଉସୀ ଏତେ ସୁନ୍ଦରୀ, ଶିକ୍ଷିତା, ଆଧୁନିକା, ରୁଚି ସମ୍ପନ୍ନା, ତା ସତ୍ତ୍ୱେ ମଉସା କାହିଁକି ତେବେ ଅସନ୍ତୁଷ୍ଟ ତାଙ୍କ ଉପରେ ? ମଉସା ବି ବେଶ୍ ସୁଦର୍ଶନ ପୁରୁଷ, ଭଦ୍ର, ବିନୟୀ ଏବଂ ଅନୁଗତ ସ୍ୱାମୀ ମଧ୍ୟ । କାହିଁକି ତେବେ ରୁବି ମାଉସୀ ଅସୁଖୀ ହେଉଛନ୍ତି ? ମୋର କୌତୁହଳୀ ମନଟା ଏହାର ରହସ୍ୟ ଭେଦ କରିବା ପାଇଁ ଖୁବ୍ ଉଦ୍‌ଗ୍ରୀବ୍ ହୋଇ ଉଠିଲା ।

ସେଦିନ ଘର ଭିତରକୁ ପଶି ଯାଉ ଯାଉ କାନରେ ବାଜିଲା ରୁବି ମାଉସୀଙ୍କର ଉତ୍ତପ୍ତ କଣ୍ଠସ୍ୱର । ସବୁବେଳେ ମିଠା ହସଟିଏ ଓଠରେ ଖଞ୍ଜି ରଖିଥିବା ଏବଂ ଅତ୍ୟନ୍ତ ମଧୁର ସ୍ୱରରେ କଥା ହେଉଥିବା ରୁବି ମାଉସୀଙ୍କର ଏଭଳି କଥାବାର୍ତ୍ତା ମୋ ପାଇଁ ଅଚିହ୍ନା ଥିଲା । "ଦେଇ ପାରିବନି ତ ମୋତେ ବାହା ହେଉଥିଲ କାହିଁକି ? ମୋ ପାଇଁ କେତେ ଭଲ ଭଲ ପ୍ରସ୍ତାବ ଆସୁଥିଲା । ତୁମେ ହିଁ ମୋ ଜୀବନକୁ ବରବାଦ୍ କରିଦେଲ । ହଜାରେ ମିଛ କଥା କହି– ମିଛ ପ୍ରତିଶ୍ରୁତି ଦେଇ ମୋତେ ବାହା ହୋଇପଡ଼ିଲ । ସେଇ ପ୍ରତିଶ୍ରୁତିରୁ ଗୋଟାଏ ଭଲା ପୂରଣ କରିଥାଆନ୍ତ ! କ'ଣ ନା ତୋତେ ରାଣୀ କରି ରଖିବି ! ରାଣୀ ନା ଚାକରାଣୀ !"

"ବେଶି ବଢ଼ି ବଢ଼ି କଥା କହିଲଣି ! ଯୋଉ ଝିଅକୁ ମୁଁ ବାହା ହେବାକୁ ପାଗଳ ହୋଇଯାଇଥିଲି ସିଏ ତୁମେ ବୋଲି ବିଶ୍ୱାସ କରି ପାରୁନି । ଗୋଟେ ସହଜ, ସରଳ, ଗାଉଁଲୀ, ଅଧାପାଠୋଇ ଝିଅ ରେବତୀକୁ ବାହା ହୋଇଥିଲି ମୁଁ । ତା'ର ସରଳତା ହିଁ ମୋ ପାଇଁ ଆକର୍ଷଣର କାରଣ ଥିଲା । ଆଜିର ଏଇ ରୁବି ମିଶ୍ର ପାଖରେ ରେବତୀର ଛାଇ ଟିକକ ବି ନାହିଁ । ତୁମର ଏଇ ରଙ୍ଗକରା ମୁହଁକୁ ଦେଖିଲେ ମୋର ଘୃଣା ଆସୁଛି । ମଣିଷ ପୁଣି ଏତେ ବଦଳି ଯାଆନ୍ତି । ଯୋଉ ରେବତୀକୁ କାଚଚୁଡ଼ି ମୁଠାଏ ଆଣି ଦେଲେ ଖୁସିରେ ଉଛୁଳି ଉଠୁଥିଲା– ସେ ଏବେ ଡାଇମଣ୍ଡ ନେକ୍‌ଲେସ୍ ପାଇଁ ଅଡ଼ି ବସିଛି । ମୁଁ ତ ଭାବି ପାରୁନି ।"

"ରେ–ବ–ତୀ ! ଛି ଛି– କେତେଥର ତୁମକୁ ମନା କରିଛି– ସେଇ କଦର୍ଯ୍ୟ ନାଁଟା ମୋ ଆଗରେ ଧରିବ ନାହିଁ ବୋଲି । ହଁ– ରେବତୀ ମରିଯାଇଛି । ମୋ ବାଘାବୋଉଙ୍କର ଆଦରର ରେବା ବି ମରିଯାଇଛି ତୁମ ଯୋଗୁଁ । ମରିଯାଇ ସେ 'ରୁବି ମିଶ୍ର' ହୋଇ ଯାଇଛି । ରେବତୀ ଯଦି ରୁବି ହୋଇ ନଥାନ୍ତା– ତୁମର ସ୍ଥିତି ଆଜି କୋଉଠି ଥାଆନ୍ତା ବୁଝି ପାରୁଛ ? ଯୋଉତ ଚାକିରି ! ଯୋଉ ଦରମା ! ଏଇ ଆଣ୍ଠୁ ଚଉଡ଼ା କୋଉଠୁ ଆଉ ବାହାରନ୍ତା !"

"ଆଣ୍ଠୁ ଚଉଡ଼ାରେ ରହିବାକୁ ମୁଁ ଚାହିଁ ନଥିଲି– ତମେଇ ମୋତେ ବାଧ୍ୟ କରି ଏଭଳି ଅବସ୍ଥାକୁ ନେଇ ଆସିଛ । ତୁମର ଏ ମୁଖା ଭଳି ଚିତ୍ରକରା ମୁହଁଟାକୁ ଦେଖିଲେ ମୋର ଘୃଣା ଆସିଯାଏ । ପ୍ଲିଜ୍ ରେବା– ମୁହଁଟାକୁ ମୁହଁ ଭଳି ରହିବାକୁ ଦିଅ– 'ମୁଖା' କରିଦିଅ ନାହିଁ । ବୟସ ତ କମ୍ ହୋଇନାହିଁ । ଏବେ ଟିକେ ସୁଧୁରି ଯାଅ । ବଣ, ଜଙ୍ଗଲ, ମଫସଲ ବୁଲିବୁଲି କ୍ଳାନ୍ତ ହୋଇ ପଡ଼ିଲିଣି । ଅନେକ ଚେଷ୍ଟା କରି କ୍ୟାପିଟାଲ୍‌କୁ ଏଥର ଆସିଛି । ଟିକେ ଶାନ୍ତିରେ ରହିବାକୁ ଦିଅ । ଏଠି ତ ଆଉ ଉପୁରି ରୋଜଗାର ନାହିଁ । ତଥାପି ମୋର ଯେତିକି ଦରମା ସହଜ ସରଳ ଭାବରେ ଚଳିବାକୁ ଯଥେଷ୍ଟ । ପୁଅ ଝିଅ ଦୁହିଁଙ୍କୁ ପାଖକୁ ଆଣିବା । ବୋଉ, ବାପାଙ୍କର ବି ବୟସ ହେଲାଣି । ସେମାନଙ୍କୁ ଗାଆଁରୁ ନେଇ ଆସିବା । ସମସ୍ତେ ଏକାଠି ରହିବା । ଦେଖିବ– କେତେ ଭଲ ଲାଗିବ– ଆନନ୍ଦ ଲାଗିବ ।" ମଉସାଙ୍କ କଣ୍ଠସ୍ୱର କଠିନରୁ ଧୀରେ ଧୀରେ କୋମଳ ହୋଇ ଆସୁଥିଲା । କିନ୍ତୁ ଚିହିଁକି ଉଠିଲେ ରୁବି ମାଉସୀ: "କ'ଣ କହିଲ ? ମଣ୍ଟୁ, ମିକି, ବାପା, ବୋଉ ସମସ୍ତଙ୍କୁ ଆଣି ରଖିବ ଏଇଠି ? ଚଳେଇ ପାରିବ ? ନିଜେ ଚଳିବା ମୁସ୍କିଲ୍ ହୋଇ ପଡୁଛି । ଏତେ ଲୋକଙ୍କୁ ଚଳେଇବାର ସାମର୍ଥ୍ୟ ଅଛି ?"

"ମୋ ଠାରୁ ଅଳ୍ପ ଟଙ୍କା ରୋଜଗାର କରି ଆହୁରି ବଡ଼ ପରିବାରକୁ ଶାନ୍ତିରେ ଚଳାଉଛନ୍ତି ଲୋକେ । ତୁମ ଚାହିଦାଗୁଡ଼ା ଟିକେ କମ୍ କରିଦିଅ । ସବୁ ଠିକ୍ ହୋଇଯିବ ।"

"ଓହୋରେ– ଭାରି ଚାହିଦା ପୂରଣ କରି ପକଉଛନ୍ତି ଇଏ ମୋର ? କ'ଣ ଏମିତି ମୋ ପାଇଁ କରି ପକାଇଛ ଶୁଣେ ?" ରୁବି ମାଉସୀଙ୍କ କଣ୍ଠରେ ବ୍ୟଙ୍ଗ ।

"ତୁମ ଚାହିଦା ପୂରଣ କରିବା ପାଇଁ ଲୋକ ତ ଚାହିଁ ବସିଛନ୍ତି ରେବା । ତୁମେ ଟିକେ ହସିଦେଇ କୃପା କଟାକ୍ଷ ପାତ କଲେ ସେମାନେ କୃତାର୍ଥ ହୋଇ ତୁମର ସବୁ ଚାହିଦା ପୂରଣ କରିଦେବେ ।"

"ସଟ୍ ଅପ୍, ନିଜ ସ୍ତ୍ରୀକୁ ବି ସମ୍ମାନ ଦେଇ କଥା କହିବା ଶିଖ ।" ରୁବି ମାଉସୀ ଚିତ୍କାର କରି କହିଲେ ।

"ସମ୍ମାନ ! ସେ ଜିନିଷ ଆଉ ତୁମ ପାଖରେ ଅଛି ବୋଲି ତୁମେ ଭାବୁଛ ? ଦୟାକରି ମୋର ସ୍ତ୍ରୀ ବୋଲି ତୁମର ପରିଚୟ ଦେଉଛ । ସେତିକି କ'ଣ ଯଥେଷ୍ଟ ନୁହେଁ ? ନିଜର କାମନା, ବାସନା ଚରିତାର୍ଥ କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ କ'ଣ ଆଉ କିଛି ବାକି ରଖିଛ ତୁମେ ? ଛି ଛି ଛି ଯଥେଷ୍ଟ ସହିଲିଣି । ଆଉ ନୁହେଁ । ଯା'ପରେ ବି ଯଦି ତୁମେ ଏ ଧନ୍ଦା ନଛାଡ଼ ତୁମକୁ ଡିଭୋର୍ସ କରିବାକୁ ବାଧ୍ୟ ହେବି ।"

"ବେଶ୍, ସେଇଆ କର । ମୁଁ ବି ତୁମଠୁ ମୁକ୍ତି ଚାହେଁ । କିନ୍ତୁ ମନେ ରଖିଥିବ, ତୁମର ଏଇ କେଇଟା ଟଙ୍କାର ଚାକିରି ମୋ ଦୟାର ଦାନ । ମୋ ଦେହର ବିନିମୟରେ ତୁମକୁ ମୁଁ ଏ ଚାକିରି ଫେରାଇ ଦେଇଛି । ତୁମର ସସ୍‌ପେଣ୍ଡ୍ ହେବା କଥା ଭୁଲି ନଥିବ, ଆଉ ଛୋଟରାୟ ସାହେବଙ୍କୁ ବି ଭୁଲି ନଥିବ ।"

"ରୂପଜୀବୀମାନେ ଦେହର ବିନିମୟରେ ସବୁକିଛି କରିପାରନ୍ତି ।"

"ୟୁ ବ୍ରୁଟ୍...." ରୁବି ମାଉସୀଙ୍କର କ୍ରୁଦ୍ଧ କଣ୍ଠର ଗର୍ଜନରେ ମୁଁ ଥରି ଉଠିଥିଲି । ଦୌଡ଼ି ଚାଲି ଆସୁ ଆସୁ ଦୁମ୍‌ଦାମ୍, ଧଡ଼୍‌ଧାଡ଼୍ ଶବ୍ଦ ଗୁଡ଼ାକ ମୋ କାନରେ ଆସି ବାଡ଼େଇ ହେଉଥିଲା । ହେ ଭଗବାନ୍– ଏଇ ତା'ହେଲେ ସେମାନଙ୍କ ଅସଲ ଚେହେରା ! ଛି– ମୁଁ ଆଉ ସେମାନଙ୍କ ଘରକୁ ଯିବି ନାହିଁ । ସେମାନଙ୍କର କଥାବାର୍ତ୍ତାରୁ ମୁଁ ବୁଝି ପାରୁଥିଲି ଏଯାବତ୍ ମୁଁ ସେମାନଙ୍କୁ ଯାହା ଭାବି ଆସିଥିଲି, ସେମାନେ ସେଭଳି ନୁହଁନ୍ତି । ସେମାନେ ବହୁତ ଖରାପ ଲୋକ । ଏମିତି ଖରାପ ଲୋକଙ୍କ ସହିତ ସମ୍ପର୍କ ରଖିବା ଉଚିତ୍ ନୁହେଁ ।

ତା'ପରଦିନ କିନ୍ତୁ ତାଙ୍କ ଘରକୁ ଯାଇଥିଲି ବାଧ୍ୟ ହୋଇ । ସେମାନଙ୍କର କେତେଖଣ୍ଡ ବହି ରହି ଯାଇଥିଲା ମୋ ପାଖରେ । ସେଗୁଡ଼ା ଫେରାଇ ଦେଇ ନଆସିବା ପର୍ଯ୍ୟନ୍ତ ମୋତେ ଶାନ୍ତି ଲାଗୁ ନଥିଲା । ଶେଷଥର ପାଇଁ ଯିବି ବୋଲି ଭାବିଲି । ଦାଣ୍ଡ କବାଟ ବନ୍ଦ ଥିଲା । କଲିଂ ବେଲ୍ ବଜେଇବାରୁ ରୁବି ମାଉସୀ ଆସି କବାଟ ଖୋଲିଲେ ବାଥ୍‌ରୁମ୍‌ରୁ ସିଧା ଆସିଛନ୍ତି ସେ । ଲୁଗାଟା ଯେମିତି ସେମିତି ଗୁଡ଼ା ହୋଇଛି ଦେହରେ । ତାଙ୍କୁ ଚାହିଁବାକୁ ଲାଜ ମାଡ଼ିଲା ମୋତେ । ଚାହିଁ ଦେଇ କିନ୍ତୁ ଅବାକ ହୋଇଗଲି । ଇଏ କ'ଣ ରୁବି ମାଉସୀ । ପ୍ରସାଧନ ହୀନ ମୁହଁଟା ତାଙ୍କର ସତରେ କେତେ କଦର୍ଯ୍ୟ ! ଓଠଟା କଳା– ମୁହଁସାରା ଏତେ ଦାଗ ! ଆଖି ଦୁଇଟା ଏତେ ନିଷ୍ପ୍ରଭ ! ଭ୍ରୂ ବୋଲି ତ କିଛି ନାହିଁ ତାଙ୍କର । ତାଙ୍କ ମୁହଁର ରଙ୍ଗ ସବୁ ଧୋଇ ଯାଇଥିଲା ଗାଧୋଇବା ଘରେ । ଆଉ ମୋ ଆଖିରୁ କେବଳ ନୁହେଁ– ମୋ ମନରୁ ବି ତାଙ୍କ ପ୍ରତି ଥିବା ଶ୍ରଦ୍ଧା, ସମ୍ମାନ ଓ ଭଲ ପାଇବାର ରଙ୍ଗସବୁ ପୋଛି ହୋଇ ଯାଇଥିଲା ଗତକାଲିର ଘଟଣା ପରେ । ରୁବି ମାଉସୀ ବ୍ୟସ୍ତ ହୋଇ କହିଲେ, "ତୁମେ ବସ ମୁନା, ମୁଁ ଅସୁଛି ସାଙ୍ଗେ ସାଙ୍ଗେ ।" ମୁଁ ବହିଗୁଡ଼ା ତାଙ୍କ ହାତକୁ ବଢ଼େଇ ଦେଇ କହିଥିଲି, "ବହିଗୁଡ଼ା ରଖନ୍ତୁ । ମୋର ପଢ଼ା ଅଛି । ମୁଁ ଯାଉଛି ।" ସେ କିଛି କହିବା ଆଗରୁ ମୁଁ ତରତର ହୋଇ ଚାଲି ଆସିଥିଲି ।

ତା'ପରେ ଆଉ ତାଙ୍କ ଘରକୁ ଯାଇନି ମୁଁ । ସେମାନେ ବି ଖୋଜ୍ ନେଇ ନାହାନ୍ତି । ବୋଉ ଖାଲି ଦିନେ ପଚାରୁଥିଲା, "ହଇରେ ମୁନା, ରୁବି ମାଉସୀ ଘରକୁ ତୁ ଆଉ ଯାଇନୁ କିରେ ?" ମୁଁ ଖାଲି ମୁଣ୍ଡ ହଲାଇ ମନା କରିଥିଲି । ବୋଉ ପଚାରିଲା, "କ'ଣ କହିଲେ କି ?"

"କ'ଣଟା କହିବେ ? ପରୀକ୍ଷା ପାଖ ହେଲାଣି, ପଢ଼ିବିନି କି ?" କହିଲି ମୁଁ ।

ଅନେକ ଦିନ ପର୍ଯ୍ୟନ୍ତ ମନଟା ମୋର ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ମୋ ପାଇଁ ବୋଧଗମ୍ୟ ହୋଇ ପାରିନଥିବା କେତେଗୁଡ଼ାଏ ଶବ୍ଦ ଓ ବାକ୍ୟ ମୋତେ ଖୁବ୍ ବିବ୍ରତ କରୁଥିଲା । ରୁବି ମାଉସୀ ଓ ହେମକାନ୍ତ ମଉସା ଅଯାଚିତ ଭାବରେ ମୋତେ ଯେଉଁଭଳି ସ୍ନେହ, ଶ୍ରଦ୍ଧା ଦେଉଥିଲେ, ସେଥିରେ ସେମାନଙ୍କର କୌଣସି ସ୍ୱାର୍ଥ ଥିବା ଭଳି ମୋର ମନେ ହେଉ ନଥିଲା । କିନ୍ତୁ ପରସ୍ପର ମଧ୍ୟରେ ଆକ୍ଷେପ, ପ୍ରତି ଆକ୍ଷେପ କରିବା ସମୟରେ ସେମାନେ ଯାହାସବୁ କହିଥିଲେ– ସେମାନଙ୍କର ଚରିତ୍ର ଏବଂ ବ୍ୟକ୍ତିଗତ ଜୀବନର ଅନ୍ଧକାର ଦିଗ ମୋତେ ଖୁବ୍ ବେଶି ବିଚଳିତ କରିଥିଲା । ମୋର ସରଳ, ନିଷ୍କପଟ ହୃଦୟଟି ଆହତ ହୋଇଥିଲା ମଣିଷ ଚିହ୍ନିବାରେ ଏଭଳି ଭୁଲ୍ କରିଥିବାରୁ । ନିଜକୁ ତଥା ନିଜର ପରିସରଟିକୁ ଏତେ ଚମତ୍କାର ଭାବରେ ସଜେଇ ପାରୁଥିବା ମଣିଷମାନେ ନିଜ ସମ୍ପର୍କମାନଙ୍କୁ ସଜାଡ଼ି ସାଇତି ରଖିବାରେ ଏଭଳି ବିଫଳ କାହିଁକି ?



ମୋର ପରୀକ୍ଷା ଚାଲିଥାଏ ବୋଲି ତରତର ହୋଇ ସ୍କୁଲ୍ ଯାଉଥିଲି । ହେମକାନ୍ତ ମଉସାଙ୍କ ସହିତ ଦେଖା ହୋଇଗଲା । ତାଙ୍କ ଘର ଆଗରେ ଟ୍ରକ୍ ଠିଆ ହୋଇଥିଲା । ଜିନିଷପତ୍ର ଲଦା ହେଉଥିଲା ଟ୍ରକ୍‌ରେ । ହେମକାନ୍ତ ମଉସା ମୋ ପାଖକୁ ଆସି କହିଲେ, "ତୁ ତ ଆଉ ଆସିଲୁନି ଆମ ଘର ଆଡ଼େ ! ପରୀକ୍ଷା ପାଇଁ ବହୁତ ବ୍ୟସ୍ତ ନା ? ଭଲ ଭଲ । ଆମେ ଆଜି ଚାଲି ଯାଉଛୁ । ମୋର ବଦଳି ହୋଇଛି । କେତେବେଳେ ଫେରିବୁ ତୁ ?"

"ସାଢ଼େ ଚାରିଟାରେ ।" ମୁଁ କହିଥିଲି ।

"ହଉ, ପରୀକ୍ଷା ପାଇଁ ବହୁତ ଶୁଭେଚ୍ଛା । ଭଲ କର ପରୀକ୍ଷାରେ । ତୁ ଆସିଲା ବେଳକୁ କିନ୍ତୁ ଆମେ ଚାଲି ଯାଇଥିବୁ ।" ମଉସାଙ୍କ କଣ୍ଠ ବିଷର୍ଣ୍ଣ ଶୁଭୁଥିଲା । ମୁଁ ତାଙ୍କୁ ପ୍ରଣାମ କଲି । ସେ ମୋ ମୁଣ୍ଡରେ ହାତ ବୁଲେଇ କହିଲେ, "ତୋ ପାଇଁ କେତେଗୁଡ଼ାଏ ବହି ମୁଁ ରଖିଥିଲି ପ୍ୟାକେଟ୍ କରି । ତୁମ ଘରେ ଦେଇଦେବି । ତୋର ପରୀକ୍ଷା ପରେ ପଢ଼ିବୁ ।"

କେଜାଣି କାହିଁକି ମୋ ଆଖିରେ ଲୁହ ଚାଲି ଆସିଲା ତାଙ୍କର ସ୍ନେହଭରା ସ୍ପର୍ଶରେ । ଜୋର୍‌ରେ ଜୋର୍‌ରେ ପାଦ ପକେଇ ଚାଲିଆସିଲି ତାଙ୍କ ପାଖରୁ ।

ସ୍କୁଲ୍‌ରୁ ଫେରିଲା ବେଳକୁ ରୁବି ମାଉସୀ ଓ ହେମକାନ୍ତ ମଉସାଙ୍କର ଶୂନ୍ୟଘରଟା ହାହାକାର କରି ଠିଆ ହୋଇଥିଲା । ଗେଟ୍‌ଟା ଠିଆମେଲା । ଛାତ ଉପରକୁ ଦୃଷ୍ଟି ଚାଲିଗଲା । କଳ୍ପନା ଚକ୍ଷୁରେ ଦେଖୁଥିଲି କମନୀୟ ସନ୍ଧ୍ୟାର ସୁନେଲୀ ଆଭାରେ ଝକ୍ ଝକ୍ କରୁଥିବା ସୌନ୍ଦର୍ଯ୍ୟର ପ୍ରତିମାଟିଏ । କିନ୍ତୁ ସବୁ ମିଛ– ପ୍ରତିମା ମିଛ– ସୌନ୍ଦର୍ଯ୍ୟ ମିଛ– ସବୁ ମିଛ । ମନଟା କେମିତି ବିଷର୍ଣ୍ଣତାରେ ଭାରି ଲାଗୁଥିଲା । କ୍ଲାନ୍ତ ପଦକ୍ଷେପରେ ଆମ ଘର ଆଡ଼େ ଆଗେଇଲି । ବୋଉ ମୋତେ ଅପେକ୍ଷା କରି ବାରନ୍ଦାରେ ଠିଆ ହୋଇଥିଲା ।


Sanjay

# ।। ୨ ।।

# ଢୋଲ ଭିତରେ ପୋଲ



**ଡକ୍ଟର ବିବୁଧରଂଜନ**

ତଳମାଳି ସାହି, ପୁରୀ

ଫୋନ : ୯୯୩୭୬୪୯୮୯୪

**ବିଶ୍ୱସାହିତ୍ୟରେ ‘ପଞ୍ଚତନ୍ତ୍ର’ର ସ୍ଥାନ ସ୍ୱତନ୍ତ୍ର । ପଶୁପକ୍ଷୀଙ୍କୁ ମୁଖ୍ୟତଃ ଚରିତ୍ର ଭାବେ ନେଇ ଏହିସବୁ ଗଳ୍ପ ରଚନାର କଳା, ନୈପୁଣ୍ୟ ଅନନ୍ୟ ଓ ଅନୁପମ । ଗଳ୍ପ ଗୁଡ଼ିକ ସାଧାରଣତଃ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ - ଏପରି ଏକ ଭ୍ରମସୃଷ୍ଟି କରୁଥିଲେ ମଧ ବସ୍ତୁତଃ ଏଗୁଡ଼ିକ ସମାଜର ସବୁ ବର୍ଗର ମଣିଷ ପାଇଁ ଅଭିପ୍ରେତ । ପିଲାଠାରୁ ବୁଢ଼ାଙ୍କ ଯାଏଁ ପ୍ରତ୍ୟେକଙ୍କ ପାଇଁ ଗଳ୍ପ ଗୁଡ଼ିକ ଅତ୍ୟନ୍ତ ରସାଳ ଏବଂ ମନୋରଞ୍ଜକ । ଗୋଟିଏ ଗଳ୍ପ ପଢ଼ି ସାରିବା ପରେ - ଏହାର ପରବର୍ତ୍ତୀ ଗଳ୍ପ ପଢ଼ିବା ପାଇଁ ପାଠକ ମନରେ ସ୍ୱତଃ ଉଦ୍ରେକ ହୋଇଥାଏ ଉତ୍କଣ୍ଠା ଓ ଉତ୍ସାହ । ପ୍ରଥମ ଗଳ୍ପ ଠାରୁ ଆରମ୍ଭ କରି ଶେଷ ଗଳ୍ପ ଯାଏଁ ପ୍ରତିଟି ଗଳ୍ପ ଅନ୍ୟଗଳ୍ପ ସହ ଅନୁବନ୍ଧିତ । ପରିବାର, ସମାଜ ଓ ରାଷ୍ଟ୍ରର ସବୁ ବର୍ଗର ଲୋକଙ୍କ ପାଇଁ ମନଛୁଆଁ କାହାଣୀ ଛଳରେ ‘ପଞ୍ଚତନ୍ତ୍ର’ ସଜାଇ ରଖିଛି ଗଭୀର ଜୀବନଦର୍ଶନ ଓ ନୀତିକଥାର ନାନ୍ଦିକ ଐଶ୍ୱର୍ଯ୍ୟ । ଅନେକ ବର୍ଷ ତଳର କଥା । ଦକ୍ଷିଣ ଭାରତବର୍ଷରେ ମହିଳାରୋପ୍ୟ ନାମରେ ଗୋଟିଏ ରାଜ୍ୟ ଥିଲା । ସେଠାରେ ଅମରଶକ୍ତି ନାମରେ ଜଣେ ମହାଦାନୀ, ପ୍ରତାପୀ ରାଜା ରାଜୁତି କରୁଥିଲେ । ରାଜାଙ୍କ ପାଖରେ ଥିଲା ଅମାପ ଧନ ସଂପତ୍ତି । କିନ୍ତୁ ରାଜାଙ୍କର ପୁଅମାନେ ଥିଲେ ବିଲ୍‌କୁଲ ମୂର୍ଖ ଆଉ ବୋକା । ତିନି ରାଜପୁତ୍ରଙ୍କର ନାମ ଥିଲା - ବହୁଶକ୍ତି, ଉଗ୍ରଶକ୍ତି, ଅନନ୍ତଶକ୍ତି । ସେମାନେ କେବଳ ମୂର୍ଖ ନଥିଲେ- ଥିଲେ ଖୁବ୍ ଅବାଧ ଆଉ ଉଚ୍ଛୃଙ୍ଖଳ । ସେମାନଙ୍କୁ ଉଚିତ୍ ଶିକ୍ଷା ଦେବା ପାଇଁ ରାଜା ବିଷ୍ଣୁ ଶର୍ମାଙ୍କୁ ଦାୟିତ୍ୱ ଦେଇଥିଲେ । ମୂର୍ଖ, ଅବାଧ ରାଜପୁତ୍ର ମାନଙ୍କୁ ଶିକ୍ଷିତ କରାଇବା ଏବଂ ବିଶେଷ କରି ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିଷ୍ଣୁଶର୍ମା ଅନେକ ଗୁଡ଼ିଏ ଗଳ୍ପ କେବଳ କହିଥିଲେ । ସେହିସବୁ ଗଳ୍ପ ମାଧ୍ୟମରେ ରାଜପୁତ୍ର ମାନେ ମାତ୍ର ଛ ମାସ ଭିତରେ ରାଜନୀତି ଏବଂ ବ୍ୟବହାର ନୀତି ଶିକ୍ଷା ପାଇ ପୁରାପୁରି ଶିକ୍ଷିତ ହୋଇ ଯାଇ ପାରିଥିଲେ । ବିଷ୍ଣୁଶର୍ମା କହିଥିବା ସେହିସବୁ ଗଳ୍ପ ସଂଗ୍ରହର ନାମ ‘ପଞ୍ଚତନ୍ତ୍ର’ ଅଟେ । ସମସ୍ତ ଗଳ୍ପକୁ ମିତ୍ରଭେଦ, ମିତ୍ରପ୍ରାପ୍ତି, କାକୋଲୁକୀୟ, ଲବ୍ଧପ୍ରଣାଶ ଓ ଅପରୀକ୍ଷିତ କାରକ ଭଳି ପାଞ୍ଚ ପ୍ରକାରରେ ବିଭାଜନ କରାଯାଇଥିବା ହେତୁ ଏହାକୁ ପଞ୍ଚତନ୍ତ୍ର କୁହାଯାଏ । ବିଷ୍ଣୁଶର୍ମା ବିରଚିତ ସେଇ କାହାଣୀମାଳାର ପୁନର୍କଥନ ଆମେ ଏଠାରେ ନିୟମିତ ପ୍ରକାଶ କରୁଛୁ ।**

ଥରେ ଗୋମାୟୁ ନାମରେ ଗୋଟିଏ ବିଲୁଆ ଭୋକ ଶୋଷରେ ଜଙ୍ଗଲ ଭିତରେ ଘୁରି ବୁଲୁଥିଲା । ବୁଲୁ ବୁଲୁ ସେ ଆସି ଏକ ଯୁଦ୍ଧଭୂମି ପାଖରେ ପହଞ୍ଚିଗଲା । ସେଠାରେ ଦୁଇ ଦଳ ସୈନ୍ୟ ମଧ୍ୟରେ ଯୁଦ୍ଧ ହୋଇ ଶେଷ ହୋଇ ଯାଇଥିଲା । ହେଲେ ଗୋଟିଏ ଢୋଲ ତଥାପି ସେଠାରେ ପଡ଼ି ରହିଥାଏ । ଢୋଲ ଦେହରେ ପାଖ ଗଛର ଡାଳସବୁ ପବନରେ ହଲି ମାଡ଼ ହେଉଥାଏ । ଆଉ ସେହି ମାଡ଼ରେ ଢୋଲ ଦେହରୁ ପ୍ରଚଣ୍ଡ ଶବ୍ଦ ବାହାରୁ ଥାଏ ।

ଢୋଲର ଶବ୍ଦ ଶୁଣି ବିଲୁଆ ଗୋମାୟୁ ଖୁବ୍ ଡରିଗଲା । ସେ ମନେ ମନେ ଭାବିବାକୁ ଲାଗିଲା ଏହି ଭୟାନକ ପାଟି କରୁଥିବା ପଶୁଟି ମୋତେ ଦେଖିନେବା ପୂର୍ବରୁ ମୁଁ ଏଠାରୁ ପଳାଇବା ଉଚିତ୍ ହେବ । କିନ୍ତୁ ପର ମୁହୂର୍ତ୍ତରେ ତାର ମନେ ପଡ଼ିଗଲା ଯେ ଭୟ କିମ୍ବା ଆନନ୍ଦର ଉଦ୍‌ବେଗରେ ହଠାତ୍ କୌଣସି କାର୍ଯ୍ୟ କରିବା ଆଦୌ ଠିକ୍ ହୋଇ ନଥାଏ । ପ୍ରଥମେ ଭୟର କାରଣ ଖୋଜି ବାହାର କରିବା ଦରକାର । ଏହା ଭାବି ବିଲୁଆ ସେହି ଦିଗକୁ ଚାଲିବା ଆରମ୍ଭ କଲା ଯେଉଁ ଦିଗରୁ ସେହି ଭୟାନକ ଶବ୍ଦ ଆସୁଥିଲା । ପାଖରେ ପହଞ୍ଚି ବିଲୁଆ ସେହି ପରିତ୍ୟକ୍ତ ଢୋଲକୁ ଦେଖିଲା । ଢୋଲ ଉପରେ ପାଖ ଗଛର ଡାଳ ସେଇମିତି ପବନରେ ବାଜି ଶବ୍ଦ କରୁଥାଏ । ବିଲୁଆ ବଡ଼ ସାହସ କରି ନିଜେ ତା ହାତରେ ଢୋଲକୁ ମାରିବାକୁ ଲାଗିଲା । ଢୋଲ ଆହୁରି ଜୋରରେ ବାଜିବାକୁ ଲାଗିଲା ।

ବିଲୁଆ ଭାବିଲା, ଏ ପଶୁତ ଖୁବ୍ ସିଧାସାଦା ମାଲୁମ ହେଉଛି । ସେହି ଢୋଲ ବାଜାଟିକୁ ସେତେବେଳ ଯାଏଁ ବିଲୁଆ ଏକ ପଶୁ ବୋଲି ଧରି ନେଇଥାଏ । ବିଲୁଆ ଦେଖିଲା ଏହି ନୂଆ ପଶୁର ଶରୀର ଖୁବ୍ ବଡ଼ । ମାଂସାଳ ମଧ । ଏହାକୁ ମାରି ଖାଇଲେ ବହୁତ ଦିନର

ଭୋକ ଶୋଷ ମେଣ୍ଟିଯିବ । ସହଜେତ ବିଲୁଆ ବଡ଼ ଭୋକିଲା ଥିଲା । ଏହା ଭାବି ବିଲୁଆ ଢୋଲ ଉପରର ଚମଡ଼ାକୁ ତା ଦାନ୍ତରେ କାମୁଡ଼ି ଛିଡ଼ାଇବାକୁ ଚେଷ୍ଟା କଲା । ଚମଡ଼ା ବହୁତ ଟାଣ ଥିଲା । ବିଲୁଆର ଦୁଇଟା ଦାନ୍ତ ଭାଙ୍ଗି ଗଳି ପଡ଼ିଲା । ବହୁତ ଚେଷ୍ଟା ପରେ ବଡ଼ କଷ୍ଟରେ ଢୋଲ ଉପରେ କଣା ହେଲା । ସେହି କଣାକୁ ଆହୁରି ବଡ଼କରି ଗୋମାୟୁ ବିଲୁଆ ଯେତେବେଳେ ଢୋଲ ଭିତରେ ପଶିଗଲା ତାକୁ ବଡ଼ ନିରାଶ ହେବାକୁ ପଡ଼ିଲା । ସେ ଯାହା ଭାବିଥିଲା ଯେ ଏହି ନୂଆ ପଶୁ ଦେହରେ ବହୁତ ମାଂସ, ରକ୍ତ, ଚର୍ବି ରହିଥିବ ତାହା ଆଦୌ ନଥିଲା । ବରଂ ଢୋଲ ଭିତରେ ବିଲ୍‌କୁଲ୍ ଫମ୍ପା ଥିଲା ।



ଏହି କାହାଣୀ ଶୁଣାଇ ବିଲୁଆ ଦମନକ ସିଂହ ପିଙ୍ଗଳକ କୁ କହିଲା ମହାରାଜ୍, ସେହି ସକାଶେ ମୁଁ କହୁଛି କେବଳ ମାତ୍ର ଶବ୍ଦ ଶୁଣି ଡରିଯିବା ଉଚିତ୍ ନୁହେଁ । ପିଙ୍ଗଳକ କହିଲା - ଏ ଜଙ୍ଗଲର ସମସ୍ତ ପଶୁ ସେହି ନଦୀ କୂଳରୁ ଭାସି ଆସୁଥିବା ସ୍ୱରକୁ ଶୁଣି ଏ ଜଙ୍ଗଲ ତ୍ୟାଗ କରି ଅନ୍ୟତ୍ର ଚାଲି ଯିବାକୁ ଚିନ୍ତା କରୁଛନ୍ତି । ମୁଁ ଏମାନଙ୍କୁ କ'ଣ କହି ବୁଝାଇବି ? ଏକଥା ଶୁଣି ଦମନକ କହିଲା ଏଥିରେ ସେମାନଙ୍କର କ'ଣ ଦୋଷ ? ଭୃତ୍ୟ ତ ସବୁବେଳେ ମାଲିକକୁ ଅନୁକରଣ କରିଥାଏ । ଯେପରି ମାଲିକ କହିବ ସେପରି ତାର ଚାକର ମାନେ ହେବେ । ଏହାହିଁ ସଂସାରର ରୀତି । ଆପଣ ଆଉ କିଛି ସମୟ ଧୈର୍ଯ୍ୟ ଧରି ବସନ୍ତୁ । ମୁଁ ଖୁବ୍‌ଶୀଘ୍ର ଯାଇ ସେ ଶବ୍ଦ ସଂପର୍କରେ ସବୁକିଛି ବୁଝାବୁଝି କରି ଫେରି ଆସିବି । ଭୟ ପାଇ ଯାଇଥିବା ସିଂହ ପିଙ୍ଗଳକ କହିଲା - ଦମନକ, ଯାଅ, ଯାଇକରି ଭଲ ଭାବରେ ନଦୀ କୂଳରୁ ଆସୁଥିବା ସେହି ବିଚିତ୍ର ଶବ୍ଦର କାରଣ ଖୋଜି ବାହାର କର । ତୁମର ଯାତ୍ରା କଲ୍ୟାଣକାରୀ ହେଉ ଏହାହିଁ ମୋର ଆଶୀର୍ବାଦ ।

ଦମନକ ଚାଲିଯିବା ପରେ ସିଂହ ପିଙ୍ଗଳକ ମନେ ମନେ ଭାବିଲା - ଏ ବିଲୁଆକୁ ବିଶ୍ୱାସ କରି ମୁଁ ମୋ ମନର ଦୁର୍ବଳତାକୁ ତା ଆଗରେ ପ୍ରକାଶ କରିଦେବା ଠିକ୍ ହେଲା ନାହିଁ । ଯଦି ସେ ଅପର ଶତ୍ରୁ ପଟରେ ମିଶିଯାଇ ମୋ ଉପରେ ଆକ୍ରମଣ କରି ବସେ ତେବେ ତ କଥା ସରିଲା । ମୋର ଦମନକକୁ ବିଶ୍ୱାସ କରିବାର ନଥିଲା । ଅତୀତରେ ମୁଁ ଏହାକୁ ମୋ ରାଜସଭାରୁ ବିତାଡ଼ିତ କରି ଦେଇଥିଲି । ଦମନକର ପିତା ଏକଦା ମୋର ପ୍ରଧାନମନ୍ତ୍ରୀ ଥିଲା । ମନେ ରଖିବାର କଥା ଯେ ଥରେ ସମ୍ମାନିତ ହୋଇ ପରେ ଅପମାନିତ ହୋଇଥିବା ସେବକ କେବେବି ବିଶ୍ୱାସର ପାତ୍ର ହୋଇ ନଥାନ୍ତି । ସେମାନେ ସର୍ବଦା ନିଜ ଅପମାନର ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁ ଥାଆନ୍ତି । ନା - ଆଉ ଏଠାରେ ନ ରହି କୌଣସି ଏକ ଅନ୍ୟ ସ୍ଥାନରେ ରହି ଦମନକ ବିଲୁଆର ଫେରିବା ବାଟକୁ ଅପେକ୍ଷା କରିବାକୁ ପଡ଼ିବ । ଏହା ଭାବି ସିଂହ ସେଠାରୁ ଚାଲିଗଲା ।

ଦମନକ ବିଲୁଆ ନଦୀର ଅପର ପାର୍ଶ୍ୱରୁ ଭାସି ଆସୁଥିବା ବଳଦ ସଂଜୀବକର ହମ୍ବାରଡ଼ିକୁ ଅନୁସରଣ କରି ଯେତେବେଳେ ତା ପାଖରେ ପହଞ୍ଚି ଦେଖିଲା ଯେ - ନା, ଏହା କୌଣସି ଭୟଙ୍କର ପଶୁ ନୁହେଁ ବରଂ ଏକ ସାଦାସିଧା ବଳଦ, ବିଲୁଆ ଖୁବ୍ ଖୁସୀ ହୋଇଗଲା । ବିଲୁଆ ଭାବିଲା - ମୁଁ ଏଥରକ କୁଟନୀତି ପ୍ରୟୋଗ କରି ସିଂହକୁ ମୋ ବଶରେ ରଖି ପାରିବି । ଚିନ୍ତାଗ୍ରସ୍ତ ରାଜା ହିଁ ମନ୍ତ୍ରୀର ବଶରେ ରହି ଥାଆନ୍ତି । ବଳଦ ସଂଜୀବକକୁ ଦେଖି ସାରିଲା ପରେ ବିଲୁଆ ସିଂହ ପାଖକୁ ଫେରି ଆସିଲା । ଦୂରରୁ ବିଲୁଆକୁ ଏକୁଟିଆ ଆସୁଥିବାର ଦେଖି ସିଂହ ଦେହରେ ପ୍ରାଣ ପଶିଲା । ସିଂହ ପିଙ୍ଗଳକ ବିଲୁଆ ଦମନକ କୁ ପଚାରିଲା - କିରେ - ନଦୀ ସେପଟର ସେହି ଅଦ୍‌ଭୁତ ଜନ୍ତୁକୁ ତୁ ଦେଖିଲୁ ? ବିଲୁଆ ନତମସ୍ତକ ହୋଇ କହିଲା - ସ୍ୱାମୀ, ଆପଣଙ୍କ ଦୟାରୁ ଦେଖିକରି ଆସିଛି । ସିଂହ କହିଲା - ତୁ ସତକଥା କହୁଛୁତ ? ଚତୁର ବିଲୁଆ କହିଲା - ସ୍ୱାମୀଙ୍କ ସାମ୍ନାରେ ମୁଁ ଅସତ୍ୟ କହି ପାରିବି ନାହିଁ ।

ସିଂହ ପିଙ୍ଗଳକ - ହଁ, ଏହା ଅବଶ୍ୟ ସମ୍ଭବ ଯେ ତୁ ତାକୁ ଦେଖିଥିବୁ । ଏଥିରେ ଆଶ୍ଚର୍ଯ୍ୟ ହେବାର ମଧ୍ୟ କିଛି ନାହିଁ ଯେ - ସେହି ନୂଆ ଜନ୍ତୁ ତୋତେ ପ୍ରାଣରେ ମାରି ଦେଇ ନାହିଁ । ମହାନ୍ ବ୍ୟକ୍ତି ମହାନ୍ ଶତ୍ରୁ ଉପରେ ହିଁ ନିଜର ପରାକ୍ରମ ଦେଖେଇ ଥାଆନ୍ତି । ଦିନହୀନ ଦୁର୍ବଳ ମଣିଷ ଉପରେ ନୁହେଁ । ତୋଫାନରେ ବଡ଼ ବଡ଼ ବୃକ୍ଷ ମାନେ ହିଁ ଟଳି ପଡ଼ିଥାଆନ୍ତି । ଘାସ ଫାସ ନୁହେଁ ।

ଦମନକ ବିଲୁଆ - ମହାରାଜ୍, ମୁଁ ତ ନିଶ୍ଚୟ ଦିନହୀନ ପଶୁଟିଏ । କିନ୍ତୁ ଆପଣ ଯଦି ଆଜ୍ଞା ଦେବେ ତେବେ ସେହି ନୂତନ ଜନ୍ତୁ ଯାହାକୁ ଆପଣ ଡରୁଛନ୍ତି ତାକୁ ଏ ଅଧମ ଆପଣଙ୍କର ସେବକ କରିଦେଇ ପାରିବ ।

ପିଙ୍ଗଳକ ସିଂହ ଲମ୍ବ ଏକ ନିଃଶ୍ୱାସ ନେଇ ପଚାରିଲା ଏହା କିପରି ସମ୍ଭବ ହେବ ? ଦମନକ ବିଲୁଆ କହିଲା - ବୁଦ୍ଧିର ବଳରେ ସବୁକିଛି ହୋଇପାରେ ସ୍ୱାମୀ । ଯେଉଁ କାର୍ଯ୍ୟକୁ ବଡ଼ ବଡ଼ ହତିଆର କରିପାରେ ନାହିଁ ସେହି କାମକୁ ଛୋଟିଆ ବୁଦ୍ଧି କରି ଦେଇ ପାରେ । ବିଲୁଆର କଥାରେ ଅତ୍ୟନ୍ତ ପ୍ରୀତ ହୋଇ ସିଂହ କହିଲା - ଯଦି ତୋରି କଥା ଠିକ୍ ତେବେ ମୁଁ ତୋତେ ଆଜି ଏହିକ୍ଷଣରୁ ମୋର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଲି । ଆଜି ଠାରୁ ମୋ ରାଜ୍ୟରେ କାହାରିକୁ ପୁରସ୍କାର ଦେବା କିମ୍ବା ଦଣ୍ଡ ଦେବା ଏ ଦୁଇଟି ଯାକ କାର୍ଯ୍ୟ ପ୍ରଧାନମନ୍ତ୍ରୀ ଭାବରେ ତୋ ଅଧୀନରେ ରହିଲା ।

ଦମନକ ବିଲୁଆ ଆନନ୍ଦରେ ସିଂହ ମହାରାଜାଙ୍କୁ ପ୍ରଣାମ କଲା । *(ପୁଣି ଆରଥରକୁ)*

ସ୍ମୃତି-ସଂଗୀତ

# ମୟୂରଭଞ୍ଜର ମୂର୍ଚ୍ଛନା



# ସୁରସଙ୍ଗୀତର ସଂଜସକାଳ

# ରାଧାକୃଷ୍ଣ ଭଞ୍ଜ



**ନିମାଇଁ ମହାନ୍ତି**

ପୁରୁଣାହାଟସାହି, ବାରିପଦା-୭୫୭୦୦୧
ଫୋନ-୯୪୩୭୩-୭୯୯୮୪

ଫଟୋ ସୌଜନ୍ୟ : ଦୀପକ ଭଞ୍ଜ

**ସ୍ୱର ଓ ତାଳରେ ପକ୍କା ସେ । ରାଧାକୃଷ୍ଣ ଭଞ୍ଜ ତାଙ୍କ ନାମ । ସଙ୍ଗୀତରେ ଝଲସେ ତାଙ୍କର ଶାସ୍ତ୍ରୀୟ ସଂସ୍ପର୍ଶ । ବାଲ୍ୟକାଳରୁ ମୟୂରଭଞ୍ଜର ଆଦିବାସୀମାନଙ୍କ ସହ ମିଶି ସେ ବିଭିନ୍ନ ଆଦିବାସୀ ସଂପ୍ରଦାୟର ଗୀତ ଓ ଝୁମରକୁ କରିଛନ୍ତି ଆୟତ୍ତ । ପୁଣି ନିଜେ ଜଣେ ଛଉ ନାଟୁଆ । ଶାସ୍ତ୍ରୀୟ ରାଗରାଗିଣୀ ସହିତ ଆଦିବାସୀ ସଙ୍ଗୀତ ଓ ଝୁମର୍ ତଥା ଛଉ ନାଚର ସ୍ୱର-ତାଳ ତାଙ୍କ ସ୍ୱର ଭିତରେ ଗୁମ୍ଫିତ ହୋଇ ଅଭୂତପୂର୍ବ ଲାଗେ । ଠିକ୍ ଗୋଲାପ ଫୁଲର ସ୍ତବକ ସାଥିରେ ବଣ ଫୁଲ ଖଞ୍ଜା ହୋଇଥିବା ପୁଷ୍ପଗୁଚ୍ଛ ପରି ।**

ସୋସିଆଲ୍ ସାଇଟ୍‌ରେ ଗୋଟିଏ ସଙ୍ଗୀତର ଭିଡ଼ିଓ ଭାଇରାଲ୍ ହୋଇଥିଲା । କେବଳ ଓଡ଼ିଶାରେ ନୁହେଁ, ଦିଲ୍ଲୀ, ଗୁଜରାଟ୍, କୋଲ୍‌କାତା- ସହର ଠାରୁ ଆରମ୍ଭ କରି ମହାନଗର ଯାଏଁ ସବୁଠି ଚର୍ଚ୍ଚା ଥିଲା ସେ ସଙ୍ଗୀତର । ଗାୟକ ଥିଲେ ସ୍ୱର୍ଗତଃ ରାଧାକୃଷ୍ଣ ଭଞ୍ଜ । ତାଙ୍କ ଦୁଇ ପାର୍ଶ୍ୱରେ ଠିଆ ହୋଇଥିଲେ ଓଡ଼ିଆ ସଙ୍ଗୀତ ଜଗତର ଦୁଇ ମଉଡ଼ମଣି : ଅକ୍ଷୟ ମହାନ୍ତି ଓ ପ୍ରଫୁଲ୍ଲ କର । ଗୀତଟକୁ ଏ ଲେଖକ ରଚନା କରିଥିଲେ । ଓଡ଼ିଆ ଚଳଚ୍ଚିତ୍ର 'ସାଗରଗଙ୍ଗା'ର ତାହା ଥିଲା ଗୋଟିଏ ଲୋକପ୍ରିୟ ଗୀତ : 'ଚନ୍ଦ୍ରମା ଆଗୋ ଚନ୍ଦ୍ରମା, ତୁମେ ମେଘ ତଳେ ଲୁଚି ଯାଅନା ।' ଗାଇବା ମଝିରେ ଲାଇନ୍ ମନେ ନପଡ଼ିବାରୁ ରାଧାକୃଷ୍ଣ ଭଞ୍ଜ ମୋ ନାମ ଧରି ବଡ଼ ପାଟିରେ ଡାକିଲେ । ଦିନଟି ଥିଲା ରାଧାକୃଷ୍ଣ ଭଞ୍ଜ ସଙ୍ଗୀତ ସନ୍ଧ୍ୟା, ୧୮ ମେ, ୨୦୦୨ ।

ସେତେବେଳକୁ ରାଧାକୃଷ୍ଣ ଭଞ୍ଜଙ୍କୁ କର୍କଟ ରୋଗ କାବୁ କରି ସାରିଥାଏ । ତାଙ୍କ ସମ୍ବର୍ଦ୍ଧନା ଉପଲକ୍ଷେ ଓଡ଼ିଆ ଚଳଚ୍ଚିତ୍ରର ନାୟକ ଓ ଗାୟକମାନେ ବିନା ପାରିଶ୍ରମିକରେ ଯୋଗ ଦେଇଥିଲେ । ଶେଷ ଗୀତଟି ଗାଇଥିଲେ ନିଜେ ରାଧାକୃଷ୍ଣ ଭଞ୍ଜ । ରୋଗାକ୍ରାନ୍ତ ଅବସ୍ଥାରେ ସେ ଯେମିତି ଗାଇଥିଲେ ଶ୍ରୋତାମଣ୍ଡଳି ସ୍ତବ୍ଧ ହୋଇ ଯାଇଥିଲେ । ମନେ ହେଲା ବାର୍ଦ୍ଧକ୍ୟ କି ଦୂରାରୋଗ୍ୟ ତାଙ୍କ କଣ୍ଠକୁ କବଳିତ କରି ପାରିନି । ସମୟ ଅଟକାଇ ପାରିନି ତାଙ୍କୁ ଗୋଟିଏ ବିନ୍ଦୁରେ । ସୃଜନଶୀଳତାରେ ପ୍ରଖର, ଛଳଛଳ ଆବେଗରେ ସେ ଥିଲେ ସତେ ଅବା କଳକଳ ଝରଣାଟେ !

ଠିକ୍ ବର୍ଷେ ଚାରିଦିନ ପରେ, ୨୨ ମଇ ୨୦୦୩ରେ ରାଧାକୃଷ୍ଣ ଭଞ୍ଜଙ୍କ ବିୟୋଗ ଘଟିଲା । ଅନ୍ତ ହେଲା ଓଡ଼ିଆ ସଙ୍ଗୀତର ଅର୍ଦ୍ଧଶତାବ୍ଦୀର ଇତିହାସ । ଚଳଚ୍ଚିତ୍ର ସଂଗୀତ ଜଗତରେ ମୋ ସହ ତାଙ୍କର ଦୁଇ ଦଶନ୍ଧି ବ୍ୟାପି ମଧୁଚନ୍ଦ୍ରିକାର ପଡ଼ିଲା ପୂର୍ଣ୍ଣଚ୍ଛେଦ ।

ପର ଦିନ ସମ୍ବାଦପତ୍ରର ସମ୍ପାଦକୀୟରେ ଶୀର୍ଷକ ଆସିଲା: ଯୋଡ଼ି ଭାଙ୍ଗିଗଲା । ୧୯୮୧ କି ୮୨ ହେବ, ରାଧାକୃଷ୍ଣ ଭଞ୍ଜଙ୍କ ସହିତ ଯୋଡ଼ି ବନିଥିଲା ମୋର । କଲେଜ୍ ମାଗାଜିନ୍‌ରେ ମୋର ଗୋଟିଏ କବିତା ପଢ଼ି ସେ କହିଥିଲେ, "ଏଣିକି ଗୀତ ଲେଖ୍ ।" ମୁଁ ଗୀତ-ସଙ୍ଗୀତର ଧାର୍ ଧାରୁ ନଥାଏ । ଏକେତ ରାଧାକୃଷ୍ଣ ଭଞ୍ଜ ପିତୃତୁଲ୍ୟ ଗୁରୁଜନ । ମୁଁ ବୟସରେ ଅନେକ ସାନ । ତେଣୁ ତାଙ୍କୁ 'ବାବା' ବୋଲି ସମ୍ବୋଧନ କରେ । ମାତ୍ର ବାପ-ପୁଅର ବ୍ୟବଧାନ କେତେବେଳେ ସାଙ୍ଗ, ସଖାରେ ସଂକୁଚିତ ହୋଇଗଲା ମୁଁ ଜାଣି ପାରିଲିନି । ତାଙ୍କର ନଛୋଡ଼ବନ୍ଧା ପଣରେ ମୁଁ କବିତା ଛାଡ଼ି ଗୀତଲେଖା ଆରମ୍ଭ କଲି । ଧିରେ ଧିରେ ସଙ୍ଗୀତ ଉପରେ ମୋର ଜ୍ଞାନ ବି ବଢ଼ିଲା । ଏମିତି ସମୟ ଆସିଲା ମୋତେ ଛାଡ଼ି ତାଙ୍କର ସ୍ୱର ସର୍ଜନା ଆଉ ହେଲା ନାହିଁ । ଅବଶ୍ୟ ପୂର୍ବରୁ ବରିଷ୍ଠ ଗୀତିକାର ସ୍ୱର୍ଗତଃ ଜୀବନାନନ୍ଦ ପାଣି, ସ୍ୱର୍ଗତଃ ଗୁରୁକୃଷ୍ଣ ଗୋସ୍ୱାମୀ, ସ୍ୱର୍ଗତଃ ଶିବବ୍ରତ ଦାସ, ସ୍ୱର୍ଗତଃ ଜୀତେନ୍ ପଟ୍ଟନାୟକ ଏସବୁ ସ୍ୱର୍ଗତଃମାନଙ୍କୁ ନେଇ ସେ ଓଡ଼ିଆ ସଙ୍ଗୀତର ତାଜ୍ ଗଢ଼ିଥିଲେ । ସବାଶେଷକୁ ଚୁଳି ମାରିବା ବୋଧେ ମୋ କପାଳରେ ଥିଲା । ଏତେ ଆତ୍ମୀୟତା, କୋଳାକୋଳି, ଘେନାଘେନି ଭାବ ବଢ଼ିଗଲା ଯେ, ପ୍ରତିଦିନ ତାଙ୍କ ସହିତ ମୋର ଦେଖା ହେଉଥିଲା । ତାଙ୍କ ଭାଷାରେ ମୁଁ ଥିଲି ତାଙ୍କ ସାଙ୍ଗ । ସାଙ୍ଗ ପାଖରେ ସାଙ୍ଗ ଯେମିତି ଜୀବନର ସବୁ କୁହା ଓ ଅକୁହା କଥା ଗପେ, ସେ ମୋ ପାଖରେ ସବୁକଥା ଖୋଲି କହୁଥିଲେ । ଥଟ୍ଟାମଜା, ରସିକତା ଭିତରେ ମୁଁ କିଛି କହିଦେଲେ, ସେ ହସିହସି କହୁଥିଲେ : "ବାପା ସବୁ ମନେ ରଖିଥା, ମୁଁ ଗଲାପରେ ଲେଖିବୁ ।" କିନ୍ତୁ ସ୍ମୃତିର ବାକ୍ସରେ ଏତେ କଥା ଭରିଯାଇଛି ଯେ ଆଜି ସବୁକଥା ଲେଖିବା କଣ ସମ୍ଭବ !

ପାଠପଢ଼ା ପଞ୍ଚମ ଶ୍ରେଣୀ ଯାଏଁ, ଲଙ୍ଗଳା ଅବସ୍ଥାରେ ଛଉ ନାଚିଲେ । ବାପା ଥିଲେ ତାଙ୍କର ବିଶ୍ୱେଶ୍ୱର ଭଞ୍ଜ, ରାଜ ଦରବାରର ପ୍ରସିଦ୍ଧ ଛଉ ନାଟୁଆ । ବଡ଼ଭାଇ ଚନ୍ଦ୍ରଶେଖର ଭଞ୍ଜ ମଧ୍ୟ ଦରବାର ସମୟର ବିଶିଷ୍ଟ ଛଉ ନାଟୁଆ । ଏକ ନାଟୁଆ ପରିବାରରେ ଜନ୍ମ ନେଇ ରାଧାକୃଷ୍ଣ ରକ୍ତରେ ଆଣିଥିଲେ କଳାର କଣିକା । ହେଲେ ନାଚରୁ ତାଙ୍କ ମଙ୍ଗ ମୋଡ଼ିଗଲା ସଙ୍ଗୀତ ଆଡ଼କୁ । ପାଠ ପଢ଼ାରେ ପଡ଼ିଲା ଡୋରି । ଏକ ଛିନ୍ନଛଡ଼ା ଯାଯାବର କିଶୋର ଘରୁ ବାହାରିଗଲା ସଙ୍ଗୀତର ସନ୍ଧାନରେ । କାଳିବାବୁଙ୍କ ଓଡ଼ିଶା ଥିଏଟର୍ସ, ଅନ୍ନପୂର୍ଣ୍ଣା ଗ୍ରୁପ୍, ନିଉ ଓଡ଼ିଶା ଥିଏଟର୍ସ, କଳାହାଣ୍ଡି ଆଦଲ୍ ଖାଁ ଥିଏଟର୍ସ, ଭଦ୍ରକ ମଓ୍ୱା ଯାତ୍ରା ଦଳରେ ଯୋଗ ଦେଇ ସେ ନାଚ ଆଉ

## ଇତିହାସର ଆଲ୍‌ବମ୍‌ରୁ



▲ ସୃଜନର ମଧୁଲଗ୍ନରେ : ନିମାଇଁ ମହାନ୍ତି ଓ ରାଧାକୃଷ୍ଣ ଭଞ୍ଜ



▲ ସଂଗୀତ ସୁଧାକର ବାଳକୃଷ୍ଣ (ମଝି)ଙ୍କ ସହିତ ରାଧାକୃଷ୍ଣ (ବାମ), ସବା ଡାହାଣରେ ପଦ୍ମଶ୍ରୀ ସୁନନ୍ଦା ପଟ୍ଟନାୟକ, ବାଳକୃଷ୍ଣଙ୍କ ପଛରେ ବେହେଲା ସହ ପଣ୍ଡିତ ଭୁବନେଶ୍ୱର ମିଶ୍ର (୧୯୪୮, ଆକାଶବାଣୀ କଟକ)




▲ 'ଅଭିମାନ' ଚଳଚ୍ଚିତ୍ରର ଗୀତ ରେକର୍ଡିଂ ଅବକାଶରେ ଉଷା ମଙ୍ଗେସ୍‌କରଙ୍କ ସହ ରାଧାକୃଷ୍ଣ ଭଞ୍ଜ

ଗୀତ ମାଷ୍ଟର୍ ଭାବରେ କାର୍ଯ୍ୟ କରିବାକୁ ଲାଗିଲେ । ଶେଷରେ ପୁଣି ଆସିଲେ ଘରକୁ, ଜନ୍ମଭୂମି ବାରିପଦାକୁ । ରୋଜ୍‌ଗାର ପାଇଁ ଗୋଟେ ସାଇକଲ୍ ଦୋକାନରେ କାମ କଲେ । ଜଣେ ହିତୈଷୀ ତାଙ୍କୁ ଦେଖିଲେ ଓ କହିଲେ : "ଏ କଣ କରୁଛୁ, ତୋ ମ୍ୟୁଜିକ୍ ସାର୍ଟିଫିକେଟ୍ ସବୁ ଆଣ୍ ।"

୧୯୪୫ ମସିହା । ସେ କାଳରେ କଟକ ଆକାଶବାଣୀର ପ୍ରତିଷ୍ଠା ହୋଇ ନଥାଏ । କଲିକତା ରେଡ଼ିଓରୁ ଓଡ଼ିଆ ସଙ୍ଗୀତ ପ୍ରସାରିତ ହେଉଥାଏ । ଭଦ୍ରଲୋକ କଲିକତା ଆକାଶବାଣୀକୁ ଆବେଦନ କଲେ । ଅଡିସନ୍ ଦବା ପାଇଁ ପତ୍ର ଆସିଲା । ହେଲେ କଲିକତା ଯିବା ପାଇଁ ଟଙ୍କା ଆସିବ କୁଆଡ଼ୁ ? କିଛି ଧନାଢ୍ୟ ବ୍ୟକ୍ତିମାନଙ୍କ ଘରୁ ଚାନ୍ଦା ମାଗି ମାଗି ୧୬ଟଙ୍କା ଯୋଗାଡ଼ ହେଲା ।

ରାଧାକୃଷ୍ଣ ପ୍ରଥମଥର ପାଇଁ କଲିକତା ରେଡ଼ିଓରୁ ଓଡ଼ିଆ ଗୀତ ଗାଇଲେ । ୧୯୪୮ ମସିହାରେ କଟକ ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠା ହେଲା । ସେବେଠାରୁ ସେ ଧାରାବାହିକ ଭାବେ କଟକ ରେଡ଼ିଓରୁ ଗୀତ ଗାଇବାକୁ ଲାଗିଲେ । କଟକ କେନ୍ଦ୍ରରେ ଷ୍ଟାଫ୍ ଆର୍ଟିଷ୍ଟ ଭାବରେ ଚାକିରି ମଧ୍ୟ ପାଇଗଲେ । ଆଧୁନିକ ଓ ପଲ୍ଲୀସ୍ୱର ଗୀତ କରି ନବାଗତମାନଙ୍କୁ ଶିଖେଇ ରେଡ଼ିଓରେ ପ୍ରସାର କରିବା ଥିଲା ତାଙ୍କ କାମ ।

୧୯୫୨-୫୩ ବେଳକୁ ଓଡ଼ିଶାରେ ଆଧୁନିକ ଗୀତର ସ୍ୱରକାର ଭାବରେ ବେଶ୍ ପ୍ରତିଷ୍ଠା ପାଇ ସାରିଲେଣି ରାଧାକୃଷ୍ଣ ଭଞ୍ଜ । ସେ କାଳରେ ସଙ୍ଗୀତର ଭୀଷ୍ମ ପିତାମହ ବାଳକୃଷ୍ଣ ଦାଶଙ୍କ ଯୁଗ । ଭଜନ, ଜଣାଣ, ଛାନ୍ଦ, ଚମ୍ପୂ, ଓଡ଼ିଶୀର ଯୁଗ । ଓଡ଼ିଆ ଆଧୁନିକ ଗୀତର କିଛି ନିର୍ଦ୍ଦିଷ୍ଟ ରୂପରେଖ ତିଆରି ହୋଇନଥାଏ । ଯାହା କିଛି ଆଧୁନିକ ଗୀତ ସ୍ୱର ହେଉଥିଲା ସେସବୁ ବଙ୍ଗୀୟ ଗୀତର ପ୍ରଭାବରେ । ରାଧାକୃଷ୍ଣ ଆରମ୍ଭ କଲେ ନିଜସ୍ୱ ଶୈଳୀରେ ନିରୁତା ଓଡ଼ିଆ ଗୀତ : "ସମୟ ସାଗର ତୀରେ ତୋଳିଛି ଯେତେ ମୁଁ ବାଲୁକାର ଘର ଭାଙ୍ଗିଛି ତା ବାରେ ବାରେ ।" ଅବା "ବନେ ନୁହେଁ ମନ ବନେ, ଶାଖାରେ ପଳାଶର ବହ୍ନି ଜାଳନା"... ପରି ଅନେକ ଗୀତ । ଓଡ଼ିଆ ଆଧୁନିକ ଗୀତର ଯେଉଁମାନେ ରାହା ଖୋଜୁଥିଲେ, ରାଧାକୃଷ୍ଣଙ୍କ ସଙ୍ଗୀତ ସେମାନଙ୍କ ପାଇଁ ଫିଟେଇଲା ନୂଆ ବାଟ ।

ପଛରେ ଆସିଲେ ଶାନ୍ତନୁ ମହାପାତ୍ର ଓ ଅକ୍ଷୟ ମହାନ୍ତି । ଅକ୍ଷୟ ମହାନ୍ତି ଆସିବା ପରେ ଓଡ଼ିଆ ଆଧୁନିକ ଗୀତର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା । ହେଲେ ଅକ୍ଷୟ ମହାନ୍ତିଙ୍କ ଜୀବନରେ ରାଧାକୃଷ୍ଣ ଭଞ୍ଜଙ୍କ ପ୍ରଭାବ ସେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ଅକ୍ଷୟ ମହାନ୍ତିଙ୍କ ନିଜ ଭାଷାରେ, "ରାଧାକୃଷ୍ଣ ଭଞ୍ଜ ଆମର ନିନିଭାଇ । ଆମେ ଯୁବକ ଥିଲା ବେଳେ ସେ ଆମର ବହୁ ପ୍ରିୟ ଥିଲେ । ଆଧୁନିକ ସଙ୍ଗୀତରେ ନୂତନତ୍ୱ ଆଣିବାରେ ତାଙ୍କର ପ୍ରଥମ ପଦକ୍ଷେପ ଆମର ପଥପ୍ରଦର୍ଶନ କରିଥିଲା । ମୁଁ ତାଙ୍କର ଜଣେ ଜବରଦସ୍ତ ଫ୍ୟାନ୍ । ତାଙ୍କ ମୁହଁରୁ ପରିଷ୍କାର ଶବ୍ଦ ଉଚ୍ଚାରଣ କରିବା ମୁଁ ଶିଖିଚି ।" (ଅଭିନନ୍ଦନିକା-୧୮-୨-୨୦୦୨)

ରାଧାକୃଷ୍ଣଙ୍କ ସଙ୍ଗୀତ ଜୀବନ କେବଳ ନାଟକୀୟ ନଥିଲା, ଥିଲା ଘଟଣାବହୁଳ ମଧ୍ୟ । ବାରିପଦାର ଶାସ୍ତ୍ରୀୟ ଗୁରୁ ସୀତାଂଶୁ ନନ୍ଦୀ ଥିଲେ ତାଙ୍କର ପ୍ରଥମ ଗୁରୁ । ପୁଣି ତାଙ୍କ ପାଇଁ ଦ୍ୱିତୀୟ ଗୁରୁ ବି ଆସିଗଲେ । ପାନ ଦୋକାନ ଆଡ୍ଡା ଠାରୁ ସଙ୍ଗୀତ ମଞ୍ଚ ସବୁଠି ରାଧାକୃଷ୍ଣ ଗୀତ ଗାଉଥାନ୍ତି । ଥରେ ଶିଳ୍ପ ନଗରୀ 'ଟାଟା' ଠାରେ ଗୋଟେ ଓଡ଼ିଆ ପ୍ରୋଗ୍ରାମ୍‌ରେ ଗୀତ ଗାଉଥାନ୍ତି । ବୟସରେ ତରୁଣ । ପ୍ରଚୁର କରତାଳି ପାଇବା ପରେ ଆତ୍ମ ସନ୍ତୋଷରେ ଫୁଲି ଉଠି ମଞ୍ଚତଳେ ବସିଥିବା ଜଣେ ସନ୍ନ୍ୟାସୀଙ୍କୁ ଗୀତ କେମିତି ଲାଗିଲା ବୋଲି ପଚାରିଦେଲେ । "ସୁର୍‌କା କୋଇ ଜ୍ଞାନ୍ ନେହିଁ, ବଡ଼୍ ଗବେୟା ଆ ଗୟା'- ମୃଦୁ ଭର୍ତ୍ସନା କଲେ ସନ୍ନ୍ୟାସୀ ଜଣକ । ରାଧାକୃଷ୍ଣଙ୍କ ଅଭିମାନ ପାଣିଫୋଟକା ପରି ମିଳେଇ ଗଲା । ସେ ଅତି ବିନମ୍ରତାର ସହ ସନ୍ନ୍ୟାସୀଙ୍କୁ 'ସ୍ୱରଶିକ୍ଷା ଦେବେ କି' ବୋଲି ଅନୁରୋଧ କଲେ । ରାଧାକୃଷ୍ଣଙ୍କ ଘର, ଠିକଣା ଆଦି ସନ୍ନ୍ୟାସୀ ଲେଖିନେଲେ । କହିଲେ- "ମୋତେ ପ୍ରତିଦିନ ଟଙ୍କାଏ ଲେଖା ଦେବାକୁ ହବ । ମୁଁ କାହାରି ଘରେ ଭୋଜନ କରେନା । ଟଙ୍କାକରେ ମୁଁ ଅଟା, ଘିଅ, ଡାଲି, ପରିବାପତ୍ର ସବୁ କିଣି ନିଜେ ରାନ୍ଧି ଖାଇବି ।" ରାଧାକୃଷ୍ଣ ତତ୍‌କ୍ଷଣାତ୍ ରାଜି ହୋଇଗଲେ ।

ମାତ୍ର ସମୟର ପ୍ରବାହରେ ସେ ଏକଥା ଭୁଲି ଗଲେ । ଦିନେ ହଠାତ୍ ସନ୍ନ୍ୟାସୀ ଜଣକ ରାଧାକୃଷ୍ଣଙ୍କ ଘରେ ହାଜର । ସେଇଠି ରହି ସନ୍ନ୍ୟାସୀ ଗୁରୁ ତାଙ୍କୁ ସଙ୍ଗୀତ

ସହିତ ସ୍ୱର ବିଜ୍ଞାନ ଶିକ୍ଷା ଦେଲେ । ସେହି ସନ୍ନ୍ୟାସୀଙ୍କ ନାମ ଥିଲା ସ୍ୱାମୀ ନାରାୟଣ ଦାସଜୀ । ସେ ଥିଲେ ଭାରତର ବିଖ୍ୟାତ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ବିନାୟକ ରାଓ ପଟ୍ଟବର୍ଦ୍ଧନଙ୍କ ସତୀର୍ଥ । ପରେ ସନ୍ନ୍ୟାସ ଦୀକ୍ଷା ନେଇ ପରିବ୍ରାଜକ ଭାବେ ଜୀବନ ବିତାଉଥିଲେ ଓ ସଙ୍ଗୀତର ମଧ୍ୟ ପ୍ରସାର କରୁଥିଲେ ।

ରାଧାକୃଷ୍ଣ ଭଞ୍ଜ ସ୍ୱର ଓ ତାଳ ବିଦ୍ୟାରେ ପକ୍କା ହୋଇଗଲେ । ତାଙ୍କ ସଙ୍ଗୀତରେ ଝଲସି ଉଠିଲା ଶାସ୍ତ୍ରୀୟ ସଙ୍ଗୀତର ସ୍ୱର । ବାଲ୍ୟକାଳରୁ ମୟୂରଭଞ୍ଜର ଆଦିବାସୀମାନଙ୍କ ସହ ମିଶି ସେ ବିଭିନ୍ନ ଆଦିବାସୀ ସଂପ୍ରଦାୟର ଗୀତ ଓ ଝୁମରକୁ ଆୟତ୍ତ କରି ସାରିଥିଲେ । ପୁଣି ନିଜେ ଜଣେ ଛଉ ନାଚୁଆ । ଶାସ୍ତ୍ରୀୟ ରାଗରାଗିଣୀ ସହିତ ଆଦିବାସୀ ସଙ୍ଗୀତ ଓ ଝୁମର୍ ତଥା ଛଉ ନାଚର ସ୍ୱର-ତାଳ ତାଙ୍କ ସ୍ୱର ଭିତରେ ଗୁମ୍ଫିତ ହୋଇଗଲା । ଗୋଲାପ ଫୁଲର ସ୍ତବକ ସାଥିରେ ବଣ ଫୁଲ ଖଞ୍ଜା ହୋଇଥିବା ପୁଷ୍ପଗୁଚ୍ଛ ପରି ।

'ଅଭିମାନ'ର ଲୋକପ୍ରିୟ ଗୀତ 'ଭସାମେଘ ମୁଁ ଯେ ଭାସିଯାଏ ଦୂରେ'ର ଅନ୍ତରାରେ ସାନ୍ତାଳ ଗୀତଟିଏ ସେ ଏତେ ସୁନ୍ଦର ଖଞ୍ଜି ଦେଇଛନ୍ତି, ତାର ତୁଳନା ନାହିଁ । ସେହିପରି 'ସାଗର ଗଙ୍ଗା' ଚଳଚ୍ଚିତ୍ରରେ ଟାଇଟଲ୍ ଗୀତରେ 'ଭୁମିଜ' ସମ୍ପ୍ରଦାୟର ଗୀତ ଓ 'ଆମ୍ବ ଫଳେ ଝଙ୍କା ଝଙ୍କା, ତେନ୍ତୁଲ୍ ଫଳେ ବଙ୍କା' ପରି ପୂର୍ଣ୍ଣାଙ୍ଗ ଝୁମର୍‌ଟିଏ ସେ ସ୍ୱରାରୋପିତ କରିଛନ୍ତି । 'ଅଭିମାନ' ଚଳଚ୍ଚିତ୍ରର 'ଚୁପି ଚୁପି ଗୋରୀ କାନେ କହିଯାଏ ମହୁରୀ' ଗୀତଟିର ମ୍ୟୁଜିକ୍ ସଂପୂର୍ଣ୍ଣ ଛଉ ନାଚର ସଙ୍ଗୀତ ଓ ତାଳ ଉପରେ ପର୍ଯ୍ୟବେଶିତ । 'ମାନିନୀ' ଚଳଚ୍ଚିତ୍ରରେ 'ମନ ମୋର ଏକ କାଗଜର ନାଆ' + 'କିଏ ପୋଛିବ ମା ଆଖିର ଲୁହ' ଓ 'ସହର ଜଳୁଚି' ଚଳଚ୍ଚିତ୍ର ପରି ଅନେକ ଚଳଚ୍ଚିତ୍ର ସଙ୍ଗୀତରେ ସେ ଝୁମର୍‌ର ପ୍ରୟୋଗ କରିଛନ୍ତି । ଆଜିକାଲି ସଙ୍ଗୀତର ଚାହିଦା ବଢ଼ିଛି । ମାତ୍ର ରାଧାକୃଷ୍ଣ ଭଞ୍ଜ ବହୁ ପୂର୍ବରୁ ଓଡ଼ିଆ ଗୀତରେ ଆଦିବାସୀ ସ୍ୱରର ଫ୍ୟୁଜନ୍ ସୃଷ୍ଟି କରିଥିଲେ ।

ସଙ୍ଗୀତର ପୀଠ କଟକ ଛାଡ଼ି ସେ ବାରିପଦା ଫେରି ଆସି ନଥିଲେ ହୁଏତ ଅନେକ ବେଶୀ ଓଡ଼ିଆ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ପାଇ ପାରିଥାନ୍ତେ । ତଥାପି ଯେତିକି ଚଳଚ୍ଚିତ୍ରରେ ସେ ସ୍ୱର ଦେଇଛନ୍ତି, ସେଗୁଡ଼ିକ ଗୋଟିଏ ଗୋଟିଏ ମାଇଲଖୁଣ୍ଟ । ନିଜସ୍ୱ ମୌଳିକ ଗରିମାରେ ଉଦ୍‌ଭାସିତ । ଶହ ଶହ ଗୀତର ସ୍ୱର ଏଯାଏଁ ଲୋକଲୋଚନକୁ ଆସି ପାରିନି । ସେଗୁଡ଼ିକ ରେକର୍ଡ଼ ହୋଇ ରହିଥିଲେ ଓଡ଼ିଆ ସଙ୍ଗୀତ ଜଗତର ନିଶ୍ଚୟ ଶ୍ରୀବୃଦ୍ଧି କରିଥାନ୍ତା । ରାଧାକୃଷ୍ଣ ଭଞ୍ଜ ଥିଲେ ଜଣେ ରସିକ, ମେଜାଜୀ ମଣିଷ । ଜୀବନକୁ ସେ ପୂର୍ଣ୍ଣରୂପେ ଉପଭୋଗ କରିବାକୁ ଚାହୁଁଥିଲେ । ମାତ୍ର କର୍କଟ ରୋଗରେ ସେ ଆକ୍ରାନ୍ତ ହେଲେ । ମୁଁ ତାଙ୍କ ସ୍ୱଭାବ ଜାଣି ଏ ରୋଗ ବିଷୟରେ ତାଙ୍କୁ ଜଣାଇବା ପାଇଁ ବାରଣ କରିଥିଲି । ଠିକ୍ ଏହି ସମୟରେ କଟକ ରେଡ଼ିଓରୁ ତାଙ୍କୁ ଗୀତ ଗାଇବା ପାଇଁ ଆମନ୍ତ୍ରଣ ହେଲା । ମୁଁ ତାଙ୍କ ପାଇଁ ଦୁଇଟି ନୂଆ ଗୀତ ଲେଖିଦେଲି । ମୁଁ ଜାଣିଥିଲି ସେ ଏ ପୃଥିବୀରେ ଆଉ ଅଳ୍ପ ଦିନର ଅତିଥି । ତେଣୁ ତାଙ୍କ ଜୀବନକୁ ଆଧାର କରି ଗୀତଟିଏ ଲେଖିଥିଲି: "ମୟୂରପଙ୍ଖୀ ଏଇ ମନ ମୋର ।" ସେ ରେଡ଼ିଓରେ ଗାଇବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ପ୍ରାତଃ ଭ୍ରମଣ ବେଳେ ସେ ବାଟରେ କିଛି ଲୋକଙ୍କୁ ଗୀତଟି ଶୁଣାଉଥାନ୍ତି । ହଠାତ୍ ଦିନେ ତଳେ ପଡ଼ିଗଲେ ଓ ଡାକ୍ତରଖାନା ବୁହା ହୋଇ ଆସିଲେ । ତାଙ୍କୁ ଦେଖିବାକୁ ଆସୁଥିବା ଆଗନ୍ତୁକମାନଙ୍କୁ ମଧ୍ୟ ଶଯ୍ୟାରେ ଶୋଇ ଗୀତଟି ଶୁଣାଉଥାନ୍ତି । ଡାକ୍ତରଙ୍କ ବାରଣ ସତ୍ତ୍ୱେ । ସଙ୍ଗୀତକୁ ନିବିଡ଼ ଭଲ ପାଉଥିବା ଶିଳ୍ପୀଟିଏ ଥିଲେ ସେ । ମୋତେ କହିଲେ, Station Director ଙ୍କୁ କହି ପ୍ରୋଗ୍ରାମ୍‌ଟା ଘୁଞ୍ଚାଇ ଦିଅ । ସେଇଆ କରାଗଲା । ମାତ୍ର ସେ ଆଉ କଟକ ଯାଇ ଗୀତ ଗାଇବାକୁ ସକ୍ଷମ ହେଲେନି । ତାଙ୍କର ଶେଷ ଗୀତଟି ନୈବେଦ୍ୟ ରୂପେ ଅର୍ପଣ ହୋଇ ପାରିନଥିଲା । ଗୀତର ଶେଷ ପଦ ଥିଲା-

"ହୁଏତ ଏମିତି ଦିନ କେବେ ଆସିପାରେ / ନଥିବି ମୁଁ ଏଠି ଆଉ ତୁମ ଗହଣରେ / ଘେରିବ ଶିଉଳି ଲତା ପଥର ଘାଟରେ / ଜମିଥିବ ଧୂଳି ଖାଲି ଏଇ ତାନ୍‌ପୁରାରେ / ପବନରେ ଭାସୁଥିବ / ମୋ ହଜିଲା ସ୍ୱର ।"

ରାଧାକୃଷ୍ଣଙ୍କର ଲଳିତ ସ୍ୱରର ମୂର୍ଚ୍ଛନା ଆଜିବି ପବନରେ ଭାସି ବୁଲୁଚି, ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁ ଛୁଇଁ । ଅପାଶୋରା ସେ ସ୍ୱର ।



▲ ରେକର୍ଡିଂ ଷ୍ଟୁଡିଓରେ ରାଧାକୃଷ୍ଣ-ନିମାଇଁ ଯୋଡ଼ି

## ରାଧାକୃଷ୍ଣ ଭଞ୍ଜ ଗାଇଥିବା ଗୀତ

- ଭସାମେଘ ମୁଁ ଯେ ଭାସିଯାଏ ଦୂରେ
  ଚଳଚ୍ଚିତ୍ର : ଅଭିମାନ, କଣ୍ଠ : ରାଧାକୃଷ୍ଣ-ସରୋଜ
  ରଚନା : ଶିବବ୍ରତ ଦାସ, କଣ୍ଠ : ଅକ୍ଷୟ ମହାନ୍ତି
- ଚୁପିଚୁପି ଚୋରୀ କାନେ କହିଯାଏ ମହୁରୀ
  ଚଳଚ୍ଚିତ୍ର : ଅଭିମାନ, ରଚନା : ଜୀତେନ ପଟ୍ଟନାୟକ
  କଣ୍ଠ : ଉଷା ମଙ୍ଗେସକର
- ମୁଁ ପରଦେଶୀ ଚଢ଼େଇ
  ଚଳଚ୍ଚିତ୍ର : ମାନିନୀ, ରଚନା : ନିଜାମ
  କଣ୍ଠ : ମହମ୍ମଦ ଅଜିଜ୍
- ସହରର ବତୀ ସବୁ ଲିଭିଗଲା ପରେ
  ତୁମକୁ ଲେଖୁଚି ଚିଠି ଜହ୍ନ ଆଲୁଅରେ
  ଚଳଚ୍ଚିତ୍ର : ସାଗର ଗଙ୍ଗା
  ରଚନା : ନିମାଇଁ ମହାନ୍ତି, କଣ୍ଠ : ଅଭିଜିତ (ମୁମ୍ବାଇ)
- ଚନ୍ଦ୍ରମା ଆଗୋ ଚନ୍ଦ୍ରମା ତୁମେ ମେଘ ତଳେ ଲୁଚି ଯାଅନା
  ରଚନା : ନିମାଇଁ ମହାନ୍ତି, କଣ୍ଠ : ଅଭିଜିତ(ମୁମ୍ବାଇ)
- ଆମ୍ବ ଫଳେ ଝଙ୍କା ଝଙ୍କା ତେନ୍ତୁଲ୍ ଫଳେ ବାଙ୍କି ଓ
  ବାରିପଦାରହାଟେ ତୋକେ କିଣିଦେବି ଶଙ୍ଖା
  ରଚନା : ନିମାଇଁ ମହାନ୍ତି, କଣ୍ଠ : ଦିଲ୍ ରାଜ କୌର
- ମେଘ ନୁହେଁ ତୁମେ ପ୍ରେମିକା
  ଚଳଚ୍ଚିତ୍ର : କିଏ ପୋଛିବ ମା ଆଖିର ଲୁହ
  ରଚନା : ନିମାଇଁ ମହାନ୍ତି, କଣ୍ଠ : ସୁରେଶ ୱାଡେକର
- ଏଇ ରାତିରେ କଳା ଅନ୍ଧାରେ
  ସହରଟା ପଡ଼ିଚି ଘୁମେଇ, କୁହୁଡ଼ିର ଚାଦର
  ଚଳଚ୍ଚିତ୍ର : ସହର ଜଳୁଚି, ରଚନା :ନିମାଇଁ ମହାନ୍ତି
  କଣ୍ଠ : ଅଭିଜିତ

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



|| ଭାଗ-୪ ||

# କାଳିଆ ଓ କଳାପାହାଡ଼




**ନେତାଜୀ ଅଭିନନ୍ଦନ**

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍


■

କଳା ଓ ପାହାଡ଼, ଦୁଇଟି ଓଡ଼ିଆ ଶବ୍ଦକୁ ନେଇ କଳାପାହାଡ଼ । କୌଣସିମତେ ଏହା ମୁସଲ୍‌ମାନ୍ ନାମ ନୁହେଁ । ଏବେ ବି ଖୋର୍ଦ୍ଧା ଅଞ୍ଚଳର ତାପଙ୍ଗ ଗ୍ରାମରେ କଳାପାହାଡ଼ ଉପାଧିଧାରୀ ଏକ ମୁସଲ୍‌ମାନ୍ ପରିବାର ଥିବାବେଳେ ଜଙ୍କିଆ ପାଖ ବାଲିଗାଡ଼ିଆ ଗ୍ରାମରେ କଳାପାହାଡ଼ ଉପାଧିଧାରୀ ଏକ ହିନ୍ଦୁ ପରିବାର ଏବଂ ଛଣଗିରି ଗ୍ରାମରେ କଳାପାହାଡ଼ ସଂଜ୍ଞାଧାରୀ ମୁସଲ୍‌ମାନ୍ ପରିବାର ମଧ୍ୟ ଥିବାର ଜଣାଯାଏ ।

■

ସବୁ ସେଇ କାଳିଆ ।
କାଳିଆ ହିଁ ରାଷ୍ଟ୍ର, କାଳିଆ ହିଁ ରାଜା, କାଳିଆ ହିଁ ଦେବତା, କାଳିଆ ହିଁ ମୁରବି ।
କାଳିଆ ତା'ର ବଡ଼ ବଡ଼ ଚକାଆଖିରେ ସବୁ ଦେଖୁଛି, ସବୁ ଜାଣୁଛି ।
କାଳିଆ ହିଁ ଆମକୁ ଘଣ୍ଟ ଘୋଡ଼େଇ ରଖିଛି ।
କାଳିଆ ଅଛି ତ ସବୁ ଅଛି ।
କାଳିଆ ହିଁ ସବୁ କିଛି ।
ଆମେ, ଆଉ ଆମ କାଳିଆ । କାଳିଆକୁ ନେଇ ଆମ ସୃଷ୍ଟି, ସ୍ଥିତି ଓ ବିଲୟ ।
କାଳିଆ ହିଁ ଉତ୍କଳ ସାମ୍ରାଜ୍ୟର ସର୍ବମାନ୍ୟ ଅଧୀଶ୍ୱର ।

ଶତ୍ରୁ ନିପାତ ପାଇଁ କାଳିଆ-ବଳିଆ ଦି' ଭାଇ କଳା ଧଳା ଘୋଡ଼ାରେ ରାଉତ ସାଜି କେମିତି ଯୁଦ୍ଧଭୂଇଁରେ ଲଢ଼ିଥିଲେ, ସେ କଥା କ'ଣ କାହାକୁ ଅଛପା ?

ପଚାର ମାଣିକ ଗଉଡୁଣୀକୁ । ସେ କହିବ ସେ ଦି' ଭାଇଙ୍କ କଥା ।

କାଳିଆ ଥାଉ ଥାଉ, କିଏ ଆମକୁ ଆଡ଼ଆଖିରେ ଅନେଇବ । କାହାର ସାହସ ଅଛି, କାଳିଆ-ରାଇଜକୁ ଅକ୍ତିଆର କରି ସିଂହାସନରେ ବସିବ ।

କାଳିଆକୁ ନେଇ ଆମେ ।
ଆମକୁ ନେଇ କାଳିଆ ।
ହେ ମହାପ୍ରଭୁ ! ମୁଣ୍ଡ କୋଡୁଛୁ ତମ ଆଗରେ ।
ଆମକୁ ଏଇମିତି ଘଣ୍ଟ ଘୋଡ଼େଇ ରଖିଥାଅ ।
ଆମକୁ ଏଇମିତି ଆଶ୍ରା ଦେଇଥାଅ ନୀଳଚକ୍ର ତଳେ ।
ପତିତପାବନ ବାନା ଏଇମିତି ଉଡୁଥାଉ ଫରଫର ହୋଇ ଅନନ୍ତକାଳ ଯାଏଁ ।
ହେ ମହାପ୍ରଭୁ ! ତମେ ଅଛ ତ, ଆମେ ଅଛୁ ।
ତମେ ନାହଁ ତ, କିଛି ବି ନାହିଁ ।
ତମେ ଥାଅ ଆମ ସହ । ତମେ ଥାଅ ଆମ ପାଇଁ ।

× × × × × × × × × ×

ଓଡ଼ିଆଙ୍କର ସବୁକିଛି କାଳିଆ ।
କାଳିଆକୁ ନେଇ ସେମାନଙ୍କ ସାମ୍ରାଜ୍ୟ, ସେମାନଙ୍କ ଦର୍ପ ।
କାଳିଆ ହିଁ ପହିଲା ଓ ଶେଷ ଶତ୍ରୁ ।
କାଳିଆକୁ ମାଟିରେ ମିଶାଇଦେଲେ, ଓଡ଼ିଆଏ ବି ମାଟିରେ ମିଶିଯିବେ ।
ମାଟିରେ ମିଶିଯିବ ସେମାନଙ୍କ ରାଜ୍ୟ, ସେମାନଙ୍କ ରେରେକାର ।
କାଳିଆ, ଆଉ ତା' ମନ୍ଦିରକୁ ଛାରଖାର କରିବାକୁ ପଡ଼ିବ ।
କ'ଣଟା କି ସେ ? କଳାରଙ୍ଗର କାଠଗଡ଼ଟେ ତ । ପୋଡ଼ିଦେଲେ ପାଉଁଶ ହେଇଯିବ । ଚିହ୍ନବର୍ଣ୍ଣ ବି ରହିବନି ।
କାଳିଆ ନ ରହିଲେ, ଓଡ଼ିଆଏ ଆମ ପାଦତଳେ ପଡ଼ିବେ । ଭୂଇଁ ଚାଟିବେ ।
ଓଡ଼ିଶା ହେବ ଆମର ।
ପାଦତଳୁ ମାଟି ଖସୁଥିଲା । ସୁଅକୁ କାତ ପାଉନଥିଲା ।
ମୁକୁନ୍ଦଦେବ ଚାହିଁ ରହିଥିଲେ ନିଶୁନ୍ ରାତିର ଆକାଶ ଆଡ଼େ ।
ଜହ୍ନ ନଥିଲା, କି ତାରାମାନେ ବି ଦିଶୁନଥିଲେ ।
କଳାବାଦଲ ଘନେଇ ଆସୁଥିଲା ।
ବାଦଲ ଉହାଡ଼ରେ ନୀଳଚକ୍ର ବି ଭଲ କି ଦିଶୁନଥିଲା ।
ଆକବରଙ୍କ ନେତୃତ୍ୱରେ ମୋଗଲ ମାଡ଼ି ଚାଲିଥିଲେ । ଆଉ ତେଣେ ଆଫଗାନ ।
ଦିଲ୍ଲୀରେ ମୋଗଲ ଶାସନ, ରାଜ୍ୟମାନଙ୍କରେ ଆଫଗାନୀ ଶାସନ ।
କିଏ ହେବ ଭାରତବର୍ଷର ଶାସକ; ପ୍ରଭୁତ୍ୱ ଓ ଆଧିପତ୍ୟର ଏ ଲଢ଼େଇ ।
ଘମାଘୋଟ ଲଢ଼େଇ । ଯୁଦ୍ଧରେ ରକ୍ତରଞ୍ଜିତ ପାନିପଥ ।

୧୫୫୬ରେ ଦ୍ୱିତୀୟ ପାନିପଥ ଯୁଦ୍ଧରେ ମୋଗଲଙ୍କ ହାତରେ ପରାଜିତ ହେବା ପରେ ଆଫଗାନଙ୍କ ଶକ୍ତି ସୀମିତ ରହିଲା ବଙ୍ଗଳାରେ । ତେଣିକି ସେମାନେ ଆଖି ପକେଇଲେ ଓଡ଼ିଶା ଉପରେ ।


ଉତ୍କର୍ଷ ଆମ ମାଟିର ସ୍ୱର

ବଙ୍ଗର ଶାସକ ସୁଲେମାନ କରରାନୀ ୧୫୬୮ରେ ଓଡ଼ିଶା ଅଧିକାର କଲେ । ରାଜ୍ୟ ଶାସନ ପାଇଁ ସେ ଖାନ୍ ଜାହାନ୍ ଲୋଦୀଙ୍କୁ କଟକର ଗଭର୍ଣ୍ଣର ପଦରେ ବସେଇଲେ ।

୧୫୬୮ରେ ଓଡ଼ିଶା ବିରୋଧରେ ବଙ୍ଗର ଆକ୍ରମଣ ଓ ବିଜୟ କେବଳ ମାତ୍ର ସାମାଜ୍ୟ ବିସ୍ତାର ପାଇଁ ଉଦ୍ଦିଷ୍ଟ ନଥିଲା, ଏ ଥିଲା ଓଡ଼ିଆ ଜାତିର ପରିଚୟକୁ ଅସ୍ତମିତ କରିଦେବା ପାଇଁ ସବୁଠୁ ପ୍ରଚଣ୍ଡ ଓ ସଂଗଠିତ ଉଦ୍ୟମ । ଏ ବି ଥିଲା ଧର୍ମ-ଧର୍ମ ଭିତରେ ଲଢ଼େଇ । କେବଳ ଗୋଟିଏ ଶାସକ ଆସିନଥିଲା ଆଉ ଜଣେ ଶାସକଙ୍କ ବିରୁଦ୍ଧରେ ଯୁଦ୍ଧ ଲଢ଼ିବା ପାଇଁ । ସତେ ଅବା ଗୋଟେ ଧର୍ମ ଆସିଥିଲା ଘୋଡ଼ାରେ ସବାର ହୋଇ, ଆଉ ଗୋଟେ ଧର୍ମକୁ ପଦାନତ କରିବା ପାଇଁ । ଜଗନ୍ନାଥ-ଜାତି ଭାବେ ପରିଚିତ, ଜଗନ୍ନାଥଙ୍କ ପ୍ରତି ସର୍ବାନ୍ତକରଣରେ ସମର୍ପିତ ଓଡ଼ିଆଙ୍କ ଅସ୍ତିତ୍ୱକୁ ନିଶ୍ଚିହ୍ନ କରିଦେବା  ପାଇଁ ।

ଆଉ ଏ ଅପଚେଷ୍ଟାର ମୁଖ୍ୟ ଖଳନାୟକ ଥିଲା ସୁଲେମାନଙ୍କ ସେନାନାୟକ କଳାପାହାଡ଼ ।

କଳାପାହାଡ଼ । କିଏ ସେ ?

ଗୋଟେ ମୁସଲମାନ ସେନାପତିର ଏ କି ଅଦ୍ଭୁତ ନାଁ !

× × × × × × ×

**ବିଭୀଷିକାର କଳାବାଦଲ : କଳାପାହାଡ଼**

କଳାପାହାଡ଼ ।

କିଏ ଏମିତି ନାଁ ଦେଲା ତା'କୁ ?

କ'ଣ ତା' ଦେହର ରଙ୍ଗ କଳା ଥିଲା, ନା ମନର ?

ନା ସେ କଳା ଘୋଡ଼ା ଚଢ଼ି ଆସିଥିଲା ଓଡ଼ିଶା ଭୂଇଁକୁ ? ନା ସେ ଆମ କଳା-ଠାକୁରଙ୍କ ଉପରେ ଆଖି ପକେଇଲା ବୋଲି ତା' ନାଁ କଳାପାହାଡ଼ ?

ନା ସେ କଳା-ପାଗୋଡ଼ା ନାମରେ ଖ୍ୟାତ କୋଣାର୍କକୁ ଧ୍ୱଂସ କରିବାକୁ ଉଦ୍ୟମ କରିଥିବାରୁ ତା' ନାଁ କଳାପାହାଡ଼ ?

ନା ସେ ଘୃଣା ଓ ବିଦ୍ୱେଷର ଘୋଡ଼ାରେ ସବାର ହେଇ ପାହାଡ଼ ପରି ମାଡ଼ିଆସିଥିଲା ଓ ଧ୍ୱଂସର ତାଣ୍ଡବଲୀଳା ରଚିଥିଲା ବୋଲି ତା' ନାଁ କଳାପାହାଡ଼ ?

କିଏ ଦେବ ଉତ୍ତର ଏ ସବୁ ପ୍ରଶ୍ନର ।



ସେଇ କଳାପାହାଡ଼କୁ ନେଇ କେତେ କେତେ କାହାଣୀ ଓ କିମ୍ବଦନ୍ତୀ ।

କିଏ କହେ, କଳାପାହାଡ଼ ଥିଲା ଜଣେ ହିନ୍ଦୁ, କଳାଚନ୍ଦ ରାୟ । ହରେକୃଷ୍ଣ ମହତାବଙ୍କ ଅନୁସାରେ ବ୍ରାହ୍ମଣ କାଳିଦାସ ଗଜଦାନି । ବଙ୍ଗ ସୁଲତାନ ସୁଲେମାନ୍ କିର୍‌ରାନୀଙ୍କ ଝିଅକୁ ବାହା ହେବା ପାଇଁ ତାକୁ ମୁସଲମାନ ହେବାକୁ ପଡ଼ିଥିଲା । ହେଲେ ମନ ମାନିଲାନି । ପୁରୀ ଆସି ସେ ପୁଣି ଥରେ ହିନ୍ଦୁ ହେବା ପାଇଁ ଚାହିଁଲା । ଶ୍ରୀମନ୍ଦିରର ପଣ୍ଡା, ପଢ଼ିହାରୀ ଜୋରଦାର ବିରୋଧ କଲେ, ମୁକୁନ୍ଦଦେବ ବି ସାହାଯ୍ୟ କଲେ ନାହିଁ; ମୁସଲମାନରୁ ହିନ୍ଦୁ ହେବା ନୋହିଲା । ଏଣିକି କଳାଚନ୍ଦ ବା କାଳିଦାସ ପାଲଟିଗଲା ରକ୍ତମୁଖା କଳାପାହାଡ଼ । କାଫେର୍ ଓ କାଫେର୍ ଧର୍ମର ସବୁକିଛି ଜାଳିପୋଡ଼ି ଧ୍ୱଂସ କରିଦେବା ହେଲା ତା'ର ଏକମାତ୍ର ଲକ୍ଷ୍ୟ ।

ମୂର୍ତ୍ତି ରହିବନି କି ମନ୍ଦିର ରହିବନି ।

ମୂର୍ତ୍ତିପୂଜା ହୋଇପାରିବନି କଉଠି ବି ।

ନିରାକାର ଆଲ୍ଲାଙ୍କ ଛଡ଼ା ଆଉ କିଛି ବି ରହିବନି ଏ ସଂସାରରେ ।

କଳାଚନ୍ଦ ବା କାଳିଦାସରୁ କଳାପାହାଡ଼ ବନିଥିବା ଆଫଗାନ୍ ସେନାପତିଟି ବଡ଼ ନିଷ୍ଠାର ସହ ନିଜ ଧର୍ମର ସେବା କରିବାକୁ ଯାଇ ଭାଙ୍ଗିଚାଲିଲା ମୂର୍ତ୍ତି ଓ ମନ୍ଦିର ।

କେଜାଣି କାହିଁକି ଧର୍ମ ବଦଳେଇଥିବା ପ୍ରତ୍ୟେକଟି ମଣିଷ ନିଜ ପୁରୁଣା ଧର୍ମର ସବୁଠୁ ବଡ଼ ଶତ୍ରୁ ପାଲଟିଯାଏ । ସେ ପୁରୁଣା ଧର୍ମକୁ ଗାଳିଦିଏ, ଅପମାନ ଦିଏ; ସତେ ଅବା ଧର୍ମଟା ହିଁ ତା' ଜୀବନର ବାଟ ଓଗାଳି ବସିଥିଲା । ତ୍ୟାଗ କଲେ ବି, ସେ ମୁକୁଳି ପାରେନି ପୁରୁଣା ଧର୍ମ ଅର୍ଗଳି ଭିତରୁ । ଧର୍ମକୁ ଗାଳି ଦେଇ ଦେଇ, ସମୟକ୍ରମେ ସେ ମନୁଷ୍ୟ-ଧର୍ମକୁ ହିଁ ହରେଇବସେ, ଆଉ ଧର୍ମାନ୍ଧ ପାଲଟିଯାଏ ।

ଏଭଳି ଉଦାହରଣ ଅନେକ ।

କଳା ଓ ପାହାଡ଼, ଦୁଇଟି ଓଡ଼ିଆ ଶବ୍ଦକୁ ନେଇ କଳାପାହାଡ଼ । କୌଣସିମତେ ଏହା ମୁସଲମାନ ନାମ ନୁହେଁ । ଏବେ ବି ଖୋର୍ଦ୍ଧା ଅଞ୍ଚଳର ତାପଙ୍ଗ ଗ୍ରାମରେ କଳାପାହାଡ଼ ଉପାଧିଧାରୀ ଏକ ମୁସଲମାନ ପରିବାର ଥିବାବେଳେ ଜଙ୍କିଆ ପାଖ ବାଲିଗାଡ଼ିଆ ଗ୍ରାମରେ କଳାପାହାଡ଼ ଉପାଧିଧାରୀ ଏକ ହିନ୍ଦୁ ପରିବାର ଏବଂ ଛଣଗିରି ଗ୍ରାମରେ କଳାପାହାଡ଼ ସଂଜ୍ଞାଧାରୀ ମୁସଲମାନ ପରିବାର ମଧ୍ୟ ଥିବାର ଜଣାଯାଏ ।

× × × × × × ×

**ଦାରୁବ୍ରହ୍ମ : କେବଳ ବ୍ରହ୍ମ**

କଳାପାହାଡ଼ର କୋପରୁ କାଳିଆ ଠାକୁରଙ୍କୁ ରକ୍ଷା କରିବାକୁ ପଣ୍ଡାଏ ଦିଅଁଙ୍କୁ ଲୁଚେଇ ରଖିଥିଲେ ଚିଲିକାରେ । ହେଲେ, ସେଠି ବି ପହଞ୍ଚିଗଲା ପ୍ରତିହିଂସାରେ ଦଗ୍ଧ କଳାପାହାଡ଼ ।

ଦଉଡ଼ିରେ ମହାପ୍ରଭୁଙ୍କୁ ହାତୀ ଉପରେ ବାନ୍ଧି ଘୋଷାଡ଼ି ଘୋଷାଡ଼ି ଆଣି ଗଙ୍ଗାନଦୀ କୂଳରେ ଦାହ କଲା ।

ନିଆଁ ଲାଗିଲା ଓଡ଼ିଆଙ୍କ ଛାତିରେ, ଚେତନାରେ ।

ଗଙ୍ଗା ନଈକୂଳର ସେ ନିଆଁରେ ପୋଡ଼ି ହେଲେ ସବୁ ଓଡ଼ିଆଏ ।

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ,<br>
ନବାନି ଗୃହ୍ଣାତି ନରୋଽପରାଣି ।<br>
ତଥା ଶରୀରାଣି ବିହାୟ ଜୀର୍ଣ୍ଣାନି,<br>
ଅନ୍ୟାନି ସଂଯାତି ନବାନି ଦେହୀ ॥"

ମହାପ୍ରଭୁ ଆପାତ ଦୃଷ୍ଟିରେ ଜଳିଯାଉଥିଲେ । ଟୁକୁଡ଼ା ଟୁକୁଡ଼ା ପାଉଁଶ ହେଇ ମିଶିଯାଉଥିଲେ ମାଟିରେ । ହେଲେ, କିଛି ବି ଜଳିଲାନି । ଦାରୁ ହେଇ ଜଳିଗଲେ, ବ୍ରହ୍ମ ହେଇ ଝଟକୁଥିଲେ ।

କେଉଁ କଳାପାହାଡ଼ ପୋଡ଼ିପାରିବ ସେ ବ୍ରହ୍ମକୁ । କେଉଁ ନିଆଁ ଜାଳିପାରିବ ସେ ବ୍ରହ୍ମକୁ ।

ବିସର ମହାନ୍ତି ବୋଲି ଜଣେ ବୈଷ୍ଣବ ପାଉଁଶଗଦା ଭିତରୁ ପୋଡ଼ି ଯାଇଥବା ଦାରୁ ପ୍ରତିମାଙ୍କର ବ୍ରହ୍ମକୁ ଖୋଜି ବାହାର କରି ତାଙ୍କ ମୃଦଙ୍ଗ ଭିତରେ ଲୁଚେଇ ଫେରିଆସିଲେ ଓଡ଼ିଶା । ମହାପ୍ରଭୁ ଫେରିଲେ ତାଙ୍କ ପ୍ରିୟ ଭକ୍ତମାନଙ୍କ ପାଖକୁ । ବିସର ମହାନ୍ତି ଘରେ,

କୁଜଙ୍ଗରେ, ମହାପ୍ରଭୁ ରହିଲେ ପାଖାପାଖି ପନ୍ଦର ବର୍ଷ, ରାମଚନ୍ଦ୍ର ଦେବଙ୍କ ଦ୍ୱାରା ପୁନଃପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ । ସେ କଥା ପଛକୁ ।

ଏଇ ଘଟଣାକୁ ଚକଡ଼ା ପୋଥି ଲେଖିଲା – "ଓଡ଼ିଶା ରାଜ୍ୟ ଉତ୍କାଣ ହେଲା । ପୁରୁଷୋତ୍ତମ ରତ୍ନ ସିଂହାସନ ଶ୍ରୀଜଗନ୍ନାଥ ମହାପ୍ରଭୁ ଛାଡ଼ିଯାଇ ଦକ୍ଷିଣ ବଣଖଣ୍ଡକୁ ଗଲେ । ତାଙ୍କୁ ଖେପଲିଗଡ଼ରେ ନେଇ ବିଜେ କରାଇଲେ । ଏମନ୍ତ କଟକ କଳାପାହାଡ଼ ମାରି ବଡ଼ ଦେଉଳ ଭାଙ୍ଗି ଦକ୍ଷିଣ ମହିମ କଲେ । ଲକ୍ଷ୍ମୀଧର ପୁଅ ଦାନ ପାହାନ୍ତା ସିଂହ ତାଙ୍କଠାରେ ଜମିଦାର ହୋଇ ଭେଟିଲା । ତାକୁ କଳାପାହାଡ଼ ପଚାରିଲା – ଓଡ଼ିଶା ରାଜ୍ୟର ଦେବତା ଜଗଦୀଶ କାହିଁଗଲେ ? ସେ କହିଲା କି ଦକ୍ଷିଣ ବଣଖଣ୍ଡକୁ ଗଲେ । ତହୁଁ ସେ କହିଲା ମୁହାଣ ଦ୍ୱାର କିପରି ପାର ଉତାର ହେବା ?

ଦାନ ପାହାନ୍ତା ସିଂହ କହିଲା, ମୁଁ ମୁହାଣରେ ଅଚ୍ଛ ବାଟ ନେଇଯିବି । ତାଙ୍କୁ ଘୋଡ଼ା ଶିରପା ଓ ଚବିଶ କୁଦ ଓ ରାହାଙ୍ଗକୁ ଜାଗିର ଦେଇ ନାଆପାହାନ୍ତା ସିଂହ ପଦ୍ଧତି ଦେଲେ । ସେ ମୁଗଲଥାଟକୁ ଆଣି ଅଣ୍ଟାକ ପାଣିରେ ପାର କରିନେଲା । ଦକ୍ଷିଣ ରାଜ୍ୟ କଳାପାହାଡ଼ ମାରି ଖେପଲିଠାରୁ ପରମେଶ୍ୱରଙ୍କୁ ବନ୍ଦୀ କରି ଆଣି ଗଙ୍ଗାକୂଳ ପର୍ଯ୍ୟନ୍ତ ହାତୀ ଉପରେ ବିଜେ କରାଇନେଲା । ସେଠାରେ ଘୋର ଅଗ୍ନି ଦଣ୍ଡ ଦେଇ ଶାଳଗଙ୍ଗାରେ ମେଲିଦେଲା । ତାହା ବଡ଼ ପଦ୍ମନାଭ ପଟ୍ଟନାୟକେ ବୈରାଗୀ ହୋଇ ଆଣିଥିଲେ । କୁଜଙ୍ଗ ଗଡ଼ଠାରେ ମାଦଳରେ ପୂରାଇ ଚକା ଲାଗି କରିଥିଲେ ।"

ଏବେ ପଢ଼ନ୍ତୁ ମାଦଳା ପାଞ୍ଜି କ'ଣ ଲେଖିଛି – "ଏ ଗୋଳରେ ପରମେଶ୍ୱରଙ୍କୁ ଛପିଲି ହାଥୀପଡ଼ାରେ ପାତାଳି କରିଥିଲେ । ତହିଁକି ବୋଲି କଳାପାହାଡ଼ ଯାଇ ଠାବ କଲା, ମୁହାଣ ପାର ହୋଇଗଲା । ଭେଉଁଆ କଢ଼ାଇ ଅଣ୍ଟାକ ପାଣିରେ ନେଲା । ସେଠାରୁ ପରମେଶ୍ୱରଙ୍କୁ ହାଥୀରେ ପକାଇ ଆଣିଲା । ବାନ୍‌କୋଟି ଭଣ୍ଡାର ସେଠାରେ ଜୁରକଲା ବଡ଼ ଦେଉଳ ଅଇଁଳା ସରିଯାଏ ଭଙ୍ଗାଇଲା । ଯେତେ ଦେବତାମାନେ ପିତୁଳାମାନ ସବୁକୁ ହିଁ ଖୁଣ କଲା । କଳପବଟ ଖୋଳାଇ ପକାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଗଙ୍ଗାକୂଳ ତଣ୍ଡାଯାଏ ନେଲା । କାଠକୁଢ଼ାଇ ଅଗ୍ନିରେ ପୂରେଇ ଜାଳିଦେଲା । ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହେଇ ଫାଟିଲା । କାନ୍ଦି କହିଲା, ଓଡ଼ିଶାର ଦେବତା ଜଳାଇ ଦେଲୁ ତେଣୁ କରି ତୋର ଦେହ ଫାଟିଲା । ଏହା ଶୁଣି ତା'ର ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲିଦେଲା । ସେ ଦାରୁ ଭାସି ଆସନ୍ତେ ଅମୁରା ଗୋଟିଏ ଜାଳକାଠ ବୋଲି ଧରି ତାହା ବାରିରେ ପକାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନେବାବେଳେ ବିସର ମହାନ୍ତି ଯାଇଥିଲା । ବୈଷ୍ଣବ ହୋଇ ସାଙ୍ଗେ ଗୋଡ଼ାଇଥିଲା । ଆଠ ମାସ ରହି ବାଦ୍ୟପଣ କରି ଦାରୁ ମାଗିଲା । ବ୍ରହ୍ମଖୋଳ କରି ମୃଦଙ୍ଗେ ପୂରେଇ ଘେନି ଆଇଲା । କୁଜଙ୍ଗ ଗଡ଼ରେ ଆଣି ପ୍ରବେଶ କଲା । ଖଣ୍ଡାଇତ ଓଳିଆରେ ଉପରେ ଦୁଇ ଠାକୁରେ ରହିଲେ ।"

ମହାପ୍ରଭୁ ସିନା ଉଦ୍ଧାର ପାଇଗଲେ, କଳାପାହାଡ଼ର ବିଧ୍ୱଂସୀ ଆକ୍ରମଣରୁ ବର୍ତ୍ତିପାରିଲାନି କେତେ କେତେ ମଠ, ମନ୍ଦିର ଓ ଓଡ଼ିଆ କାରିଗରଙ୍କ ହାତରେ ଗଢ଼ା କେତେ କେତେ ଅପୂର୍ବ କଳା-ରାଜି ।

ଯାଜପୁରଠୁ ଆରମ୍ଭ କରି ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ଭଙ୍ଗା ମନ୍ଦିର ଓ ବିକଳାଙ୍ଗ ମୂର୍ତ୍ତିମାନଙ୍କୁ ଦେଖିଲେ, ଆଜି ବି ଛାତିରେ ଚିଆଁ ଲାଗେ, ଝୁଲୁସି ଉଠେ ଦେହ, ମନ ।

କେହି କେହି କହନ୍ତି, କଳାପାହାଡ଼ ଜଣେ ବିଶ୍ୱସ୍ତ ମୁସଲମ୍ ସେନାପତି ଭାବରେ ନିଜର କର୍ତ୍ତବ୍ୟ ପାଳନ କରୁଥିଲା; ତା' ଅଭିଯାନ ପଛରେ ପୁରୀ ଶ୍ରୀମନ୍ଦିର ଓ ଜଗନ୍ନାଥଙ୍କ ପ୍ରତି ବ୍ୟକ୍ତିଗତ ପ୍ରତିହିଂସାର କୌଣସି ଭୂମିକା ନଥିଲା । ସୈନିକମାନଙ୍କ ମଧ୍ୟରେ ଧାର୍ମିକ ଉତ୍ତେଜନା ସୃଷ୍ଟି କରି ଯୁଦ୍ଧ ଲଢ଼ିବା ଓ ରାଜ୍ୟ ବିସ୍ତାର ପାଇଁ ରାଜାନୁଗ୍ରହ ପ୍ରାପ୍ତ ମନ୍ଦିର ଲୁଟିବା ଓ ଧ୍ୱଂସ କରିବା ଥିଲା ଏକ ପ୍ରକାରେ ସାମରିକ ଆବଶ୍ୟକତା ଏବଂ ମୁସଲିମ ଶାସକମାନଙ୍କ ରାଜନୀତିର ଅଂଶ ।

ପ୍ରଶ୍ନ ଉଠୁଛି, କଳାପାହାଡ଼ର ସାମରିକ ଅଭିଯାନ ଏତେ ସଫଳ ହେଲା କେମିତି ? ଆମେ ଏଭଳି ଶୋଚନୀୟ ଭାବେ ପରାଜିତ ହେଲୁ କାହିଁକି ?

ଉତ୍ତର ହେଉଛି, କଳାପାହାଡ଼ ଏକୁଟିଆ ନଥିଲା । ତା' ସହ ହାତ ମିଳେଇଥିଲେ ଆମ ଭିତରେ ଥିବା ଛୋଟ ଛୋଟ କଳାପାହାଡ଼ମାନେ । ମୁକୁନ୍ଦଦେବଙ୍କର ଜଣେ ଅତି ବିଶ୍ୱସ୍ତ ସାମନ୍ତ ରାଜା ସାରଙ୍ଗଗଡ଼ର ରାମଚନ୍ଦ୍ର ଭଞ୍ଜ, ଶିଖି ମହାପାତ୍ର ଓ ମନାଇ ମହାପାତ୍ର ନାମକ ଦୁଇ ଜଣଙ୍କ ମାଧ୍ୟମରେ କଳାପାହାଡ଼ ସହିତ ମିଶି ଗୋହିରାଟିକିରି ଯୁଦ୍ଧରେ ମୁକୁନ୍ଦଦେବଙ୍କୁ ହତ୍ୟା କରିଥିଲେ, ଯଦିଓ ସେ ନିଜେ ମଧ୍ୟ ଯୁଦ୍ଧରେ ପ୍ରାଣ ହରେଇଥିଲେ ।

କଳାପାହାଡ଼ ଯେତିକି ନୁହେଁ, ଆମ ପରାଜୟ ପାଇଁ ତା'ଠୁ ଅଧିକ ଦାୟୀ ଥିଲା ଆଭ୍ୟନ୍ତରୀଣ ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତା ।

ଅନ୍ୟଥା ମୁକୁନ୍ଦଦେବ ଦୁର୍ବଳ ବା ଭୀରୁ ନଥିଲେ । ଯଦିଓ ସେ ବି ଷଡ଼ଯନ୍ତ୍ର



କରି, ଅନେକଙ୍କୁ ହତ୍ୟା କରି ରାଜପଦ ପାଇଥିଲେ, ହେଲେ ଶାସନର କଳା ଓ କୌଶଳ ଦୃଷ୍ଟିରୁ ସେ ନିଜ ପୂର୍ବସୁରୀମାନଙ୍କଠାରୁ କୌଣସି ଗୁଣରେ କମ୍ ନଥିଲେ । ଏକଦା ବଙ୍ଗ ସୁଲତାନଙ୍କୁ ଘଉଡ଼େଇ ହୁଗୁଳି ନଦୀଠାରେ ସେ ଓଡ଼ିଶାର ଉତ୍ତର ସୀମା ନିର୍ଦ୍ଧାରଣ କରିଥିଲେ ଓ ସେଇଠାରେ ତ୍ରିବେଣୀ ଘାଟ ପ୍ରତିଷ୍ଠା କରିଥିଲେ । ନିଜ ନାଁରେ ବସେଇଥିଲେ ଶାସନୀ ବ୍ରାହ୍ମଣୀ ଗାଁ ଦାନ ମୁକୁନ୍ଦପୁର (ଦାଣ୍ଡ ମୁକୁନ୍ଦପୁର) । ତାଙ୍କ ଜୋଇଁ ରଣପୁରର ରାଜା ପଦ୍ମନାଭ ସିଂ ନରେନ୍ଦ୍ର ପୁରୀରେ ପ୍ରସିଦ୍ଧ ନରେନ୍ଦ୍ର ପୋଖରୀ ଖୋଳେଇଥିଲେ । ପୂର୍ବରୁ ଗୁଣ୍ଡିଚାଘର ଓ ବଳଗଣ୍ଡି ମଝିରେ ବାଙ୍କିମୁହାଣ ନଈ ଥିବାରୁ ନଈର ଦି' ପାଖରେ ତିନି ତିନି ଗୋଟି ରଥ ତିଆରି ହୋଇ, ମୋଟ ଛଅଟି ରଥ ଦ୍ୱାରା ଘୋଷଯାତ୍ରା ହେଉଥିଲା । ମୁକୁନ୍ଦଦେବ ନଈକୁ ପୋତି ପ୍ରଥମ ଥର ପାଇଁ ତିନୋଟି ରଥରେ ଗୁଣ୍ଡିଚା ଯାତ୍ରା କରେଇଥିଲେ ।



ମୁକୁନ୍ଦଦେବଙ୍କ କୀର୍ତ୍ତି ଓ କୃତିତ୍ୱ ଯେତିକି ଥିଲା, ତା'ଠୁ ଅଧିକ ଥିଲେ ତାଙ୍କ ଶତ୍ରୁ । ରାମଚନ୍ଦ୍ରଙ୍କ ଭଳି ଗୃହଶତ୍ରୁଙ୍କ ପାଇଁ ହିଁ ମୁକୁନ୍ଦଦେବ ହାରିଲେ, ଓଡ଼ିଶା ହାରିଲା, ଓଡ଼ିଆଏ ହାରିଲେ ।

ତେଲେଙ୍ଗା ମୁକୁନ୍ଦଦେବ ଥିଲେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା । ତାଙ୍କ ମୃତ୍ୟୁରେ ଓଡ଼ିଶା ହରେଇଲା ରାଜ୍ୟ, ରାଜା, ସ୍ୱାଧୀନତା ଓ ସମ୍ମାନ । ସାମ୍ନା କରିବାକୁ ହେଲା କଳାପାହାଡ଼ ରୂପୀ ବିଭୀଷିକା ଓ ବିପର୍ଯ୍ୟୟକୁ ।

ଏବେ ବି ବିପଦ ଆସିଲେ, ଆମେ କହୁ କଳାପାହାଡ଼ ମାଡ଼ି ଆସୁଛି । ନିଷ୍ଠୁରତା, ଅତ୍ୟାଚାର, କ୍ରୁରତାକୁ ବଖାଣିବାକୁ ଯାଇ ଆମେ କହୁ କଳାପାହାଡ଼ । ସତେ ଅବା କଳାପାହାଡ଼ ଆମ ଛାତିରେ ଘର କରି ବସିଛି । ସେ ଦେଇଥିବା ଘା ଏଯାଏଁ ଶୁଖିନି । ରୁଗ୍ ରୁଗ୍ ହେଇ ପୋଡୁଛି । ସେ ଦେଇଥିବା ଲୁହ ଏଯାଏଁ ଶୁଖିନି ।

ସମୟ ଗର୍ଭରୁ ବେଳେବେଳେ ଜନ୍ମ ନିଏ ଗୋଟେ ଗୋଟେ ବିଲକ୍ଷଣ, ଗୋଟେ ଗୋଟେ ବିଡ଼ମ୍ବନା । ସେଇ ବିଲକ୍ଷଣ ବା ବିଡ଼ମ୍ବନା ଜାତି ଓ ରାଷ୍ଟ୍ର ପାଇଁ ବିପର୍ଯ୍ୟୟର କାରଣ ସାଜେ ।

କଳାପାହାଡ଼ ରୂପୀ ବିଲକ୍ଷଣ ଓ ବିଶ୍ୱାସଘାତକତାରୁ ଜନ୍ମ ନେଇଥିବା ବିଡ଼ମ୍ବନାରୁ ମୁକୁଳି ଆସିବା ପାଇଁ ଓଡ଼ିଶାକୁ ଲାଗିଗଲା ବହୁ ଯୁଗ ।

**(ଏ ଲେଖାରେ ପ୍ରତିଫଳିତ ତଥ୍ୟ, ସୂଚନା, ମତ ଓ ମନ୍ତବ୍ୟ ସଂପୃକ୍ତ ଲେଖକଙ୍କର ନିଜସ୍ୱ ଅଟେ । ଏହା 'ରେବତୀ ଆମ ମାଟିର ସ୍ୱର' ପତ୍ରିକାର ମତ ନୁହେଁ ବୋଲି ବିବେଚିତ ହେବ ।)**

---




- ପୁସ୍ତକର ନାମ: **ସିଂହାସନ**
- ଲେଖକଙ୍କ ନାମ : **ପ୍ରଭାକର ଶତପଥୀ**
- ପ୍ରକାଶକଙ୍କ ନାମ : **ପାଦଟୀକା, କଲ୍ୟାଣୀ ନଗର, କଟକ**
- ମୂଲ୍ୟ : **୧୦୦/-**, ପୃଷ୍ଠା : ୧୦୪

**ସାଂପ୍ରତିକ ଜନଜୀବନର ବିଶୃଙ୍ଖଳା ଓ ମୂଲ୍ୟବୋଧହୀନ ସାମାଜିକତା ମଣିଷର ସ୍ୱଚ୍ଛନ୍ଦ ଜୀବନ ନିର୍ବାହକୁ ଖଣ୍ଡ ଖଣ୍ଡ କରି ଚୂର୍ମାର୍ କରି ଦେଇଥିବା ବେଳେ ମଣିଷ ଆଜି ଶକ୍ତିହୀନ ହୋଇ ପଡ଼ିଛି । ଏଇ ଶକ୍ତିହୀନତାରୁ ନିଜର ସ୍ୱାର୍ଥ ହାସଲ କରନ୍ତି କିଛି ଚତୁର ମଣିଷ । ଦୁର୍ବଳ ଓ ଶକ୍ତିହୀନମାନଙ୍କ ଉପରେ ଶାସନ କରିବାର ଅଧିକାର ନେଇ ଯେଉଁମାନେ ଶୃଙ୍ଖଳା ଓ ଶାସନ ନିର୍ବାହ କରିବାର ବାହାନା ଖୋଜନ୍ତି, ପ୍ରକୃତରେ ସେମାନଙ୍କ ସାମ୍ନାରେ ଦିଶୁଥାଏ ଗୋଟେ ସିଂହାସନ । ସିଂହାସନକୁ ଅକ୍ତିଆର କରି ଶାସିତ କରିବାର ପ୍ରଥା ଭିତରେ ମଣିଷ କ'ଣ ପାଏ ପ୍ରକୃତ ଶୃଙ୍ଖଳା ନା ପ୍ରକୃତ ଶାସନ? ଏଇ ପ୍ରଶ୍ନବାଚୀକୁ ନେଇ ବିଚଳିତ କବିପ୍ରାଣରୁ ଝରି ଆସିଛି ଯେଉଁ କାବ୍ୟମାଳା, ସେସବୁର ଏକ ସଂକଳନ ହେଲା 'ସିଂହାସନ' । ବିଶିଷ୍ଟ କବି ପ୍ରଭାକର ଶତପଥୀ ତାଙ୍କର ଏହି କାବ୍ୟକୃତିରେ ଲୋକକାହାଣୀ, କିମ୍ବଦନ୍ତୀ, ପୁରାଣ, ଇତିହାସ ସହିତ ସାମ୍ପ୍ରତିକ ରାଜନୀତିକୁ ସମାନ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ପ୍ରତ୍ୟେକ କବିତା ଭିତରେ ଏକ ଅନ୍ତରୀଣ ପ୍ରବାହ ପାଠକକୁ ଯେଉଁ ଅର୍ଥଦ୍ୟୋତକ ଭୂମି ଆଡ଼କୁ ଘେନିଯାଏ, ସେଠି ପ୍ରାପ୍ତହୁଏ ଏକ ଚାପା ବିଦ୍ରୋହ । କବି, ଜୀବନର ନିଷ୍କର୍ଷ ଓ ଅସାରତାକୁ ସିଂହାସନୀୟ ପ୍ରବଣତା ମାଧ୍ୟମରେ ସ୍ଥାପିତ କରିବାକୁ ପ୍ରୟାସ କରି କହିଛନ୍ତି: "ଟିକିଏ ହଲେ ନାହିଁ ସିଂହାସନ / ଟିକିଏ ହଲନ୍ତି ନାହିଁ ସଭାଜନ / ଆଖି ପିଛଡ଼ାକେ କାଟି ପକାଏ / ସମାନ୍ତରାଳ ଭାବେ ତୀକ୍ଷ୍ଣ କରବାଳ / ସବୁ ମୁଣ୍ଡମାନ ।" ସଂପୂର୍ଣ୍ଣ 'ସିଂହାସନ' ଏକ ଅଲଗା ପୃଥିବୀର ଗାଥା । ପାଠକେ ଆଦରିବେ ।**



# ସୁନାଝିଅ କିଏ ?

କିଏ ଏଇ ସୁନାଝିଅ । କେମିତି ତା'ର ରୂପରଙ୍ଗ, ଚେହେରା । ସେ କୋଉଠି ରହେ । ସେ ଠିକ୍ କେମିତି ବଞ୍ଚେ । ମୁଁ ଜାଣେନି । ମୁଁ ତାକୁ କେବେ ଦେଖିନାହିଁ । ଖୁବ୍ ନିକଟରୁ ଅନୁଭବ କରିଛି । ଚିହ୍ନିଛି, ବୁଝିଛି । ତା ମନକୁ ମାପିଛି । ତା ନିରବତାକୁ ପଢ଼ିଛି । ହୃଦୟକୁ ଛୁଇଁଛି । ତା'ଏକ୍ଲାପଣକୁ ଆବୋରିଛି । ନିଃସଙ୍ଗତାକୁ ନିଜ ଭିତରେ ସାଇତିଛି । ତା ସହ ହସିଛି, କାନ୍ଦିଛି, ରୁଷିଛି, ମଜିଛି । ମୁଗ୍ଧ ହୋଇଛି, ଭଲ ପାଇଛି । ସୁନାଝିଅଟିଏ ହୋଇ ବଞ୍ଚିବାର କଳା ଟିକକ ଶିଖିଛି ।

ସୁନାଝିଅ ମୋ ଶିରାପ୍ରଶିରାରେ ରକ୍ତ ହୋଇ ମିଶି ଯାଇଛି, ମୋ ନିଶ୍ୱାସରେ ଟୋପେ ବିଶ୍ୱାସ ହୋଇ ରାସ୍ତା ଚାଲିବାର ଯୁ' ଭରି ଦେଇଛି, ମୋତେ ସ୍ୱପ୍ନ ମନସ୍କ କରିଛି, ହାରିବା ଭିତରେ ଜିତିବାର ପାଦଚିହ୍ନ ମାନଙ୍କୁ ଚିହ୍ନେଇ ଦେଇ ବିଲ୍‌କୁଲ୍ 'ସୁନାଝିଅ'ଟିଏ ହୋଇ ମୋ ଆତ୍ମାରେ ସଞ୍ଚରି ଯାଇଛି । ସୁନାଝିଅ, ସବୁ ପାଇବା ଓ ନପାଇବା, ସବୁ ପୂର୍ଣ୍ଣତା ଓ ଶୂନ୍ୟତା, ଆଲୋକ ଓ ଅନ୍ଧାର, କଳ୍ପନା ଓ ବାସ୍ତବତାର ଏକ ସବୁଜ ଶ୍ୟାମଳ ବିଭୋରପଣ । ସେ କେବେ ନଈଟିଏ, ଝିଅଟିଏ, ଧାରା ଶ୍ରାବଣର ରାତିଟିଏ, ଚଇତାଳିର ବାସ୍ନାରେ ବିଭୋର ସ୍ମୃତିଟିଏ, ଫୁଲ ଫଗୁଣର ମିଠା ଋତୁଟିଏ, ପଉଷ ରାତିର ଚିହ୍ନଟିଏ, ଶୀତର ଶୀତଳ ଛୁଆଁଟିଏ । ସେ ଫୁଲଟିଏ, ସ୍ୱପ୍ନଟିଏ ଝରଣାର କୁଳୁକୁଳୁ ସ୍ୱରଟିଏ ତମ କବିତାର ସବା ଶେଷଧାଡ଼ି ସେ । ଗପର ଗୁମର ବି ସେ । ତମେ ଅହରହ ଗୁଣୁଗୁଣାଉ ଥିବା ମିଠା ଗୀତର ରାଗିଣୀଟିଏ ।



କେତେ ସହସ୍ର ଯୁଗରୁ ଏଇ ସୁନାଝିଅ ସହ ମୋର ସମ୍ବନ୍ଧ ଜାଣେନି । କେଉଁ କଅଁଳ ବୟସରୁ ସିଏ ମୋ ଭିତରେ ଚକାପାରି ବସିଛି । ସେ ଗୋଟାପଣେ ମୋତେ ଆବୋରି ନେଇଛି । ତା ସହ ଗପିଛି ଜହ୍ନରାତିରେ, ସାରା ଦେହରେ ଅନ୍ଧାର ବୋଳିହୋଇ ତା' ସ୍ୱର ସହ ସ୍ୱର ମିଳେଇ କାନ୍ଦିଛି । ଦୁଃଖମାନଙ୍କୁ ଭୋଗିଛି । ସ୍ୱପ୍ନ ଖୋଜି ଖୋଜି କଣ୍ଟାରେ ଚାଲିଛି । ଶୀତଳ ଛାଇ ଟିକେ ଖୋଜିଛି । ନୀଳଜହ୍ନର ମୋହରେ ଉଡ଼ିଛି, ପଡ଼ିଛି ଓ ପୁନଶ୍ଚ ଉଡ଼ିଛି ଆକାଶରୁ ଆକାଶ ।

ପିଲାବେଳେ ଖୁବ୍ ନିରୀହ ଓ ଚୁପ୍‌ଚାପ୍ ସ୍ୱଭାବର ଥିଲି । ଦୁଷ୍ଟାମୀ ମୋର ନଥିଲା । ପରିବାର ସାଙ୍ଗସାଥି ସ୍କୁଲ୍‌ର ଗୁରୁଜୀ ଗୁରୁମା, ଆମ ଗାଁ ପାଖ ପଡ଼ୋଶୀ ସମସ୍ତେ କହୁଥିଲେ, ସୁନାଝିଅ ।

ସାଧାରଣ ଝିଅଟିଏରୁ 'ସୁନାଝିଅ' ପାଲଟି ଯିବାର ପ୍ରବଣତା ମୋତେ ବହୁ ଭାବରେ ପ୍ରଭାବିତ କଲା । ମୁଁ ସର୍ବଦା ନିଜକୁ 'ସୁନାଝିଅ' ଭାବି ଖୁସି ହେଲି । ନିଜ ଭିତରେ 'ସୁନାଝିଅ'ର ସବୁଗୁଣ ଧାରଣ କରି ବଞ୍ଚିବା ପାଇଁ ଖୁବ୍ ସତର୍କ ହୋଇଗଲି । ସେଇ କାମ କଲେ ଲୋକେ ମୋତେ ଖରାପ ଝିଅ କହିବେ, ଏଇ କାମ କଲେ ମୋତେ ସବୁ ସୁନାଝିଅ କହିବେ- ଏହି ଭାବଧାରାଟି ସବୁବେଳେ ମୋତେ ସଚେତନ କରି ରଖିଲା । 'ସୁନାଝିଅ'ର ମୋହର ବାଜିଗଲା ମୋ ପିଠିରେ । କେତେକେତେ ମୂଲ୍ୟବାନ ବିଶେଷଣ ସବୁ ଯୋଡ଼ି ହୋଇଗଲା ମୋ ନାଆଁ ସହ ।

ସୁନାଝିଅ ଶିଖିଗଲା ହାତେ ମାପି ଚାଖଣ୍ଡେ ଚାଲିବାର ସୂତ୍ର । ମଣିଚୁ ଭଲ ପାଇବା, ସ୍ୱପ୍ନ ଭିତରେ ବଞ୍ଚିବା, ସାରା ସଂସାରକୁ ଆପଣାର କରିବା, ପ୍ରକୃତିର ସ୍ୱର ସହ ସ୍ୱର ମିଳେଇ ଗୀତ ଗାଇବା, ନିଷ୍ପାପ ଶିଶୁର ସରଳତାରେ ଜୀବନ ଜିଇଁବା- ଏସବୁ ସେ ଶିଖିଲା ।

ସୁନାଝିଅ ବର୍ଷାରେ ଗାଧୋଇଲା, କାକରରେ ଭିଜିଲା, ଜହ୍ନରାତିରେ ପହଁରିଲା, ସୋରିଷ ଫୁଲର

## ସୁନାଝିଅ

**ସାବିତ୍ରୀ କବି**

ସୁନାଝିଅ ଯେମିତି ଥିଲା ଠିକ୍
ସେମିତି ଅଛି କାଲିପରି ଆଜି ବି ।

ସମସ୍ତେ ଶୋଇଯିବା ପରେ ସେ
ଏକ୍ଲା ଉଜାଗର ରହେ,
ନିଦ ଖୋଜେ, ଶବ୍ଦ ଖୋଜେ
ସ୍ୱପ୍ନ ଖୋଜେ, ସ୍ମୃତି ଖୋଜେ
ପୁରୁଣା ଚିଠିମାନଙ୍କୁ ଧିରେ ଆଉଁସି ଦିଏ
ପ୍ରିୟ ଗୀତମାନଙ୍କୁ ଗୁଣୁଗୁଣୁ ହୁଏ ଓ କାନ୍ଦେ
ପାଗଳୀଙ୍କ ଭଳି କେତେ ରାତିଯାଏଁ
ତା' ଆଖିକୁ ନିଦ ଆସେନି
ଲୁହ ସରେନି, କୋହ ଥମେନି
ସହି ପାରେନି ଆକାଶର ତାରା ହୋଇଯାଇଥିବା
ତା' ପ୍ରିୟ ମଣିଷମାନଙ୍କ ଅବର୍ତ୍ତମାନର ଦୁଃଖ ।

ସେ ଅଭିଶାପ ଦିଏ ଯମରାଜଙ୍କୁ, ଈଶ୍ୱରଙ୍କୁ
ତେତିଶି କୋଟି ଦେବାଦେବୀଙ୍କୁ
ଫେରେଇ ଦେବାକୁ କହେ ତା'ପ୍ରିୟ ଗାୟକ
ମହମ୍ମଦ ଅଜିଜ୍, ସ୍ୱପ୍ନ ହୋଇ ଯାଇଥିବା ତା' ବାପା
ଗାଁ ଦାଣ୍ଡ, ଧୂଳିଖେଳ, କଙ୍କିଧରା, ବୋହୂଚୋରି
ମେଘ ଡାହାଡ଼ରେ ଲୁଚିଥିବା ତା' ପିଲାଦିନର
ଅନେକ ସ୍ମୃତିକୁ ।

ସେ ବାୟାଣୀ, କିଛି ବୁଝେନି
ତମ ତଥାକଥିତ ସଂସାର, ବିଧିବିଧାନ, ସମ୍ବିଧାନ
ତମ ନିୟମ ବହିରେ ଥିବା ଧାରା, ଅନୁଚ୍ଛେଦ କଟକଣା
ତମେ ଟାଣିଥିବା ଲକ୍ଷ୍ମଣ ରେଖା, ମିଛ କାହାଣୀ
ଅସୁରୁଣୀର ନିରର୍ଥକ ଅଭିଶାପ
ତା ପିଠିରେ ଲେଖି ଦେଇଥିବା ପାପର ସଂଜ୍ଞା

ସୁନାଝିଅ ସମୁଦ୍ର କୂଳରେ ଏକୁଟିଆ ବସେ ଚୁପ୍‌ଚାପ୍
ବାଲି ଦେହରେ ଖୋଜୁଥାଏ ସମୟର ପାଦଚିହ୍ନ
ନିଜର ଅସ୍ତିତ୍ୱ, ସପନର ପଥେ ପଥେ ଚାଲୁଥିବା
ସେ ଚକୋଲେଟ୍ ହୀରୋର ଦୁଷ୍ଟାମୀକୁ
ମନେପକାଇ ହସିଦିଏ ଫିକ୍ କିନା ଓ
ମନେମନେ ଭାବେ ସମୁଦ୍ରକୁ କାହିଁକି ସେ ଏତେ ଭଲପାଏ
ତା ସହ ସମ୍ବନ୍ଧ ତାର କେତେ ଶହ ଜନ୍ମର
କାହିଁକି ତା ନୀଳରଙ୍ଗ ମୋହାବିଷ୍ଟ କରେ
କାହିଁକି ସେ ତା ପାଖକୁ ଆସୁଥାଏ,ଫେରୁଥାଏ
ବାରମ୍ବାର, କେହି ଜଣେ ନୂତନ ସନ୍ଦେଶ ନେଇ
ଆସିବ କି କୁହୁକ ଦ୍ୱୀପରୁ ।

ଶୀତର ଏ କୋହଲା ପବନ
ଅସୁମାରୀ ଢେଉକୁ ଆଡ଼େଇ ଯେବେ ଛୁଇଁଯାଏ
ଦୂର ଦିଗ୍‌ବଳୟ,
ସୁନାଝିଅ ଖୋଜୁଥାଏ ବର୍ଷ ବର୍ଷ, ଯୁଗଯୁଗ ଧରି

ଢେଉରେ ନାଚିଲା ତ କବିତା ଲେଖିଲା । ପାଲଟି ଗଲା କୋଉ ଗପର ପ୍ଲଟ୍, ଉପନ୍ୟାସର ନାୟିକା, ଅବା କବିତାର ଆତ୍ମିକ ଉଚ୍ଚାରଣ ।



ସୁନାଝିଅ ସମୁଦ୍ର କୂଳକୁ ଯାଏ, ଢେଉ ଗଣେ, ବାଲିଦେହରେ ଲେଖିଦିଏ କାହା ନାଁ । ଅଥଚ ସମୁଦ୍ର ବାରମ୍ବାର ଲିଭେଇ ଦିଏ ତା ହାତ ଅଙ୍କା ଛବି । ସୁନାଝିଅ, ସାତତାଳ ପଙ୍କ ଭିତରେ ଲୁଚିଥିବା ଅଫିଟା ଫଗୁଆ, କେଶବତୀ କନ୍ୟା, କୁହୁକ ଦ୍ୱୀପ, ଆଇବୁଢ଼ୀର କାହାଣୀ ପରି ସୁନ୍ଦର ଓ ଛଳଛଳ । କୋଳାହଳ ଭିତରେ ଏକ୍ଲାପଣକୁ ଆପଣେଇଛି, ସୁଖର ଠିକଣା ଖୋଜୁଖୋଜୁ ପହଁଞ୍ଚିଛି କେବେ ମନ୍ଦିରରେ, ମଶାଣିରେ । କେବେ ପୁଣି ମାୟା ନଗରୀରେ । ଭୁଲିଛି ଦେହ-ଦାହ-ଦହନ । ଭୁଲିଛି ବି ପରିଚିତ ରାସ୍ତା, ପ୍ରିୟ ଗୀତର ସ୍ୱର, ଅଧାଦେଖା ସ୍ୱପ୍ନ ଓ ଅଧାଲେଖା କବିତାର ଧାଡ଼ି । କସ୍ତୁରୀ ମୃଗ ପରି ଘୂରିଛି ବଣଖୁମାଣ, ଅରମାଅନ୍ଧାର, ଉଠାଣି ଗଡ଼ାଣି । ଶିଉଳି ଲଗା ପଥର ଉପରେ ପାଦ ଥାପିଛି । କେବେ ପୁଣି ସୁଅ ମୁହଁର ପତରଟିଏ ହୋଇ ଭାସି ଯାଇଛି ନଈ ମଝିରେ ।

ସୁନାଝିଅ କୋଟିଏରେ ଗୋଟିଏ । ସେ ଠାକୁରାଣୀ । ସେ ସାଆନ୍ତାଣୀ । ତା ଏକ୍ଲାପଣର ମହାରାଣୀ । ସେ ଖଣ୍ଡେ ମଣି । ମୁକ୍ତା ହୀରା । ସେ ସୁନ୍ଦରୀ, ସେ ଅପସରୀ । ସେ ଈଶ୍ୱରୀ । ସେ ମେଘବର୍ଣ୍ଣା, ମଧୁବର୍ଣ୍ଣା, ପ୍ରୀତିବର୍ଣ୍ଣା, ରତୁଲଗ୍ନା । ସେ ତୁମ ଓଠରେ ଖେଳୁଥିବା ନିର୍ମଳ ହସ, ଆଖି କୋଣରୁ ଝରି ଯାଉଥିବା ଟୋପେ ଲୁହ । ଦୁଃଖର ଦସ୍ତାବିଜ୍, କାରୁଣ୍ୟର କାରୁକାର୍ଯ୍ୟପୂର୍ଣ୍ଣ ଚିତ୍ରିତ କେଣାର୍କ ।

ଏ ସଂସାରର ସବୁଝିଅଙ୍କ ଭିତରେ 'ସୁନାଝିଅ' ଟିଏ ଲୁଚି ବସିଥାଏ । ପରିସ୍ଥିତିର ଦାୟରେ କେବେ ସେ ଦୁଷ୍ଟ ଝିଅ, ନଷ୍ଟ ଝିଅ, ବାଜେଝିଅ କି କାଳିଝିଅର ମାନ୍ୟତା ପାଇଥାଏ । ଅଥଚ 'ସୁନାଝିଅ'ର ଆତ୍ମାଟି ତା ଭିତରେ ଡହଳବିକଳ ହେଉଥାଏ । ମୁକୁଳିବାର ବାଟ ଖୋଜୁଥାଏ । ସ୍ନେହ ପ୍ରେମ ଓ ଭଲପାଇବାରେ ସେ ସାରା ସଂସାରକୁ ବାନ୍ଧି ରଖିବାକୁ ଚାହେଁ । ଟିକିଏ ଅଶ୍ୱାସନା, ପଦେ ମମତା ବୋଳା କଥା ପାଖରେ ବନ୍ଧା ପଡ଼ିଯାଏ ସେ । ସେ ସ୍ନେହ ରଙ୍କୁଣୀ, ଶ୍ରଦ୍ଧା କାଙ୍ଗାଲୁଣୀ, ବିଚିତ୍ର ବାୟାଣୀ ଝିଅଟିଏ । ଚିଲିକାରୁ ଚିନ୍, ପଞ୍ଜାବରୁ ପାକିସ୍ତାନ, ୟୁରୋପରୁ ସାଇବେରିଆ- ପ୍ରେମର ସନ୍ଦେଶ ନେଇ ଉଡ଼ି ବୁଲୁଥିବା ନୀଳପକ୍ଷୀଟିଏ । ଉଡ଼ିବା ତା'ର ଧର୍ମ । ତମ ଓଠରେ ଚେନାଏ ହସ ହୋଇ ଫୁଟିବା ହିଁ ତା'ର ପ୍ରିୟ ସ୍ୱପ୍ନ ।

୨୦୦୨ରେ ପ୍ରକାଶ ପାଏ ମୋର ପ୍ରଥମ କବିତା ସଂକଳନ 'ସୁନାଝିଅ' । ସଂକଳନର ନାଁଟି ଅଗ୍ରଜ କବି ଗିରିଜା କୁମାର ବଳୀୟାରସିଂହଙ୍କୁ ଅଭିଭୂତ କରିଥିଲା । ସେଦିନ ସେ କହିଥିଲେ, "ସାବିତ୍ରୀ, ସବୁଝିଅଙ୍କୁ ଟପିଗଲା ତୋ 'ସୁନାଝିଅ' ।" ପରେ ମୋର ଅନେକ ପ୍ରିୟ ପାଠକଙ୍କ ଓଠରେ ସୁନାଝିଅ ପାଲଟିଗଲା ଏକ ମୁଗ୍ଧ ଉଚ୍ଚାରଣ । ତାପରେ ଚିଠିଟିଏ ଆସିଲେ ଠିକଣାରେ ମୋ ନାଁ ପାଖରେ ଛୋଟ ଘର ଭିତରେ ଲେଖାଥାଏ 'ସୁନାଝିଅ' । ମୁଁ ଚହଲିଯାଏ । ମୋର ଶୁଭାକାଂକ୍ଷୀ ପାଠକମାନେ ଯେତେବେଳେ ମୋ ନାଁ ବଦଳରେ 'ସୁନାଝିଅ' ବୋଲି ମୋତେ ସମ୍ବୋଧନ ନକରନ୍ତି ସତରେ ସେଇଠି ମୁଁ ମରିଯାଏ ।

'ସୁନାଝିଅ' ଶୀର୍ଷକରେ କେହି ଯଦି କବିତାଟି ଲେଖେ ତାକୁ ମୁଁ ସତରେ ଈର୍ଷା କରେ । ମୋ ସୁନାଝିଅର ଦେହ ନାହିଁ । ଆତ୍ମା ଅଛି, ବିଷାଦ ଅଛି, ପ୍ରେମ ଅଛି । ସୁନାଝିଅ: ଅନନ୍ୟା ଅନୁପମା ଅସାମାନ୍ୟା ସୁନ୍ଦରୀ । ସେ ହେଇପାରେ କୋଉ ନିପଟ ଗାଁ ମାଟିର ଧାନ ବିଲରେ ମାଟି ସହ ଘାଣ୍ଟି ହୋଇ ସଂଘର୍ଷ କରି ଜୀବନ ଜିଉଁଥିବା ସରଳ ନିଷ୍ପାପ କିଶୋରୀ । କାର୍ତ୍ତିକ ମାସରେ ଚଉଁରା ମୂଳରେ ମୁରୁଜ ଆଙ୍କୁଥିବା କିମ୍ବା ମାର୍ଗଶରୀରରେ ମାଟି କାନ୍ଥରେ ଝୋଟି ଚିତା ସଜାଉଥିବା ଦେବୀ ମୂର୍ତ୍ତିଟିଏ ହୋଇପାରେ ସେ । କୋଟି ହୃଦୟକୁ କିଣି ନେଇଥିବା ସ୍ୱର୍ଗର ଅପ୍‌ସରୀ ହୋଇପାରେ ସୁନାଝିଅ ।




ଦେହର ଦେହଳି ଭିତରେ ବିଦେହର ବର୍ଣ୍ଣବୋଧ ଲେଖେ ସେ । ସମୟ ଅଟକିଯାଏ ତା ପାଖରେ । ବୟସ ମୁହଁ ଫେରେଇ ନିଏ । ଜନ୍ମ-ଜରା-ମୃତ୍ୟୁ କେହି ବି ଛୁଇଁ ପାରେନା ତାକୁ । ସୁନାଝିଅ ନିଆଁରେ ଚାଲେ, କଣ୍ଟାରେ ଚାଲେ, ଖଣ୍ଡାଧାରରେ ଚାଲେ । କଳଙ୍କର ପସରା ମୁଣ୍ଡେଇ, ଗୁଜବର ଗୈରିକ ବସନ ପିନ୍ଧି ନିଜ ଭିତରେ ମହକୁଥାଏ ସେ ।

ସୁନାଝିଅ ଗୋଟେ ସବୁଜ ମାୟା ହୋଇପାରେ । ତମ ଆଖିର ମୁନ୍ଦେ ସ୍ୱପ୍ନ ହୋଇପାରେ । ଯଦି ଜଣେ ଝିଅ ଭିତରେ ସୁନାଝିଅକୁ କେହିବି ଆବିଷ୍କାର କରିପାରନ୍ତି ମୁଁ କୃତାର୍ଥ ହେବି ।

ସୁନାଝିଅ ତୁମ କବିତାର ପ୍ରିୟ ଧାଡ଼ିଟିଏ ହୋଇ ବଞ୍ଚିଥାଉ ସାରାକାଳ । ସେ ହିଁ ସୁନାଝିଅ ।

**ବିଶ୍ୱନାଥପୁର, ରାହାଂଜ, ରାଣୀତାଲ, ଭଦ୍ରକ-୭୫୬୧୧୧**

ତା ଭିତରେ ଚକାପାରି ବସିଥିବା
ଥାକଥାକ ପ୍ରଶ୍ନଙ୍କ ଉତ୍ତର ।
ସୁନା ଝିଅ ଭଲପାଏ ଖୁବ୍ ଭଲପାଏ
ସମୁଦ୍ରକୁ, ଆକାଶକୁ, ମେଘ ମିଠାଗୀତକୁ
ସଂସାରକୁ, ନିଜର କରେ ତମ ଛାତି ତଳେ
ଛପି ରହିଥିବା ଅନେକ ଦୁଃଖଙ୍କୁ ।

ସୁନା ଝିଅ ମାୟା ବୁଝେନି, ମନ ବୁଝେ
ହୃଦୟ ବୁଝେ, କବିତା ବୁଝେ, ଜୀବନ ବୁଝେ
ଦୁଃଖମାନଙ୍କୁ ତାରାଫୁଲ କରି ସଜାଏ ତା ଆକାଶ
ଯନ୍ତ୍ରଣାମାନଙ୍କ ରଙ୍ଗ ବଦଳି ଯାଏ ତା ଚିତ୍ର ଖାତାରେ ।
ସେ ଏମିତି ଚାଲୁଥାଏ, ଝୁଣ୍ଟୁଥାଏ ଓ ପୁଣି ଚାଲୁଥାଏ
ରାସ୍ତା ସରେନି ।

ଖୋଲା ଆକାଶଟିଏ ଖୋଜି ଖୋଜି
ସେ ଫେରିଆସେ ନିଜ ପାଖକୁ
ସବୁ ନିନ୍ଦା, ଅପବାଦ, ଦହନ ଓ ଦୁର୍ଭାଗ୍ୟକୁ
ଗୋଟେଇ ସାଉଁଣ୍ଟି ବୁଜୁଳିଟିଏ କରି ଫୋପାଡ଼ି ଦିଏ
ନଈ ମଝିକୁ ଓ ଖୁବ୍ ବେପରବାୟ ଭାବରେ
ଜୀବନ ସହ ସାଲିସ୍ କରେ
ଛୁଆ ଚଢ଼େଇଙ୍କ ଆଖିରେ ମୁଠେ ସ୍ୱପ୍ନ ହୋଇ ବଂଚେ
ପ୍ରଜାପତିମାନଙ୍କ ପାଇଁ ଗୀତ ଲେଖେ
ତମେ ବୁଝ କି ନବୁଝ
ପଢ଼ କି ନ ପଢ଼, ମାନ କି ନ ମାନ,
ଚିହ୍ନ କି ନ ଚିହ୍ନ
ସେ ଏମିତି ଅନିଦ୍ରାରେ ଥିବ
ଯେଉଁ ଗୀତଟି ଗୁଣୁଗୁଣେଇଲେ
ତମ ଆଖି କୋଣରେ ଜକେଇ ଆସେ ଲୁହ
ସେଇ ଗୀତର ସୁମଧୁର ସ୍ୱରଟିଏ ହୋଇ
ରାତି ଶେଷ ଅନ୍ଧାରରେ
ସୁନାଝିଅ ହଜି ଯାଇଥିବ । ♥

ସମକାଳୀନ କବିତା

# ମୟୂରକଣ୍ଠି ରୁମାଲ୍ ଖଣ୍ଡେ, ବୋଉର...

**ଅଶ୍ୱିନୀ ଦାଶ**

ଡିଟର୍‌ଜେଣ୍ଟ୍ ସର୍ଫ ବି ଫେଲ୍ ମାରିଯାଏ
ବୋଉ ରୁମାଲ୍ ସଫା କରିବାକୁ
ୟାଡୁସ୍ୟାଡୁ ଗନ୍ଧିଆ । ଛୁଆଙ୍କ ଦର୍ଦରା ସିଂଘାଣି ।
ସତର ଛିଙ୍କ । ଦିଗ୍‌ଦାରିଆ ପାଇଟି ।
ବର୍ଷା ଦିନିଆ ବତୁରା ଲୁଣ ପରି ଜଡ଼ସଡ଼
ରୁମାଲ୍ ଖଣ୍ଡେ ତ, ଚଇତି ଉଡ଼ା ପବନ ପରି
ପଣତ ଖଣ୍ଡେ ବୋଉର
ଛୁଇଁ ଯାଉଥାଏ ଛୁଆଙ୍କ ଛାତିକି...

ଫର୍ଫରାରୁ ଶୁଭୁଥାଏ- ବୋଉ ବୋଉ...
ବସୁଥାଏ- ବୋଉ ବୋଉ...
ରସୁଣ ଛେଚା କଳମଖିଆ ପାଟିର ବାସ୍ନାରେ
ନକ୍ଷ୍ମୀପୁରାଣ ଦୀପରୁଖା ସଞ୍ଜ ପରି
ଚିକ୍ ଚିକ୍ ଖାଡ଼ିଏ ଆଲୁଅ
ପିପିଲି ଚାନ୍ଦୁଆ ଖଞ୍ଜା ଛାଇ ପରି ଜହ୍ନଉଦିଆ ପଣତ
ପ୍ରାରବ୍ଧ ଓ ପ୍ରାରବ୍ଧରୁ ପରାପତ ଅମୃତ ଅବଧି
ବୋଉ ଖଣ୍ଡେ ତ ....

ନାକ-ନୋଥ ପରି ନେଥେ କୁଞ୍ଚ କାଠିର ସଂସାର ।
ଖଟୁଲି ଘରଠୁ ସରଘର ଯାଏ ରୁଣୁଝୁଣୁ ଶବ୍ଦରେ
ଭରପୂର ମୁଠେଇଥାଏ ତ
ପୋଛି ହେଇ ଯାଉଥାଏ ବୁନ୍ଦାବୁନ୍ଦା ଝାଳ
କାନିଏ ପଣତ ବୋଲି ଯାହା କହୁ ରୁମାଲ୍ ଖଣ୍ଡେ
ବୋଉର....

ନୂଆବୋହୂର କଟାକ୍ଷ ବାଣ ସବୁ
ଗଣ୍ଠି ଗଣ୍ଠି ଫଳୁଥାଏ କାନିସାରା
ଦୀର୍ଘଶ୍ୱାସର ଧୂମାଳ ଖରାରେ ଶୁଖୁଥାଏ
ଲୁହଭିଜା କନାଖଣ୍ଡେ, ଯାହାକୁ ତମେ କୁହ
ମୟୂରକଣ୍ଠି ରୁମାଲ ଖଣ୍ଡେ, ବୋଉର । ♥

ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର-୭୫୬୦୧୯
ଫୋନ:୯୮୬୧୭୬୭୮୦୪



# କି'କାଳ ହେଲା

**ହୃଦାନନ୍ଦ ପାଣିଗ୍ରାହୀ**



ବେଙ୍ଗ କହେ ବେଙ୍ଗୁଲିଲୋ
ଉଚ୍ଛନ୍ନ ହେଲାଣି ଚାଷୀ ସଂସାର
ହାତୀ ଅହଂତାକୁ ଷଣ୍ଢ ପାହୁଲ,

ମାଙ୍କଡ଼ ପଲ
ଉଜାଡ଼ି ଦିଅନ୍ତି ଫଳଫସଲ
ନାକୁଆ କାଂଦୁଆ କେତେହବ ଚାଷୀ
ଚକ୍ରବ୍ୟୂହରେ ସେ ଫସି ଯାଇଅଛି
ଉଧୁରିବା ପାଇଁ ନାହିଁ ଅକଲ ।

ଗରିବ ଅଳିକି ପଶୁ ଅତାଡ଼ି
ସଜନାଡାଳକୁ ରଡମଡ଼ କରି
ମାଂକଡ଼ ଭାଂଗୁଚି,
ଉଜୁଡ଼ି ଯାଉଚି ଫଉଲ ଆଉ କଷି
ହୋ'ସ ତାହାର ଯାଉଚି ଉଡ଼ି ।

କି'କାଳ ହେଲା,
ଧରମ ନାବଟି ବୁଡ଼ି ବୁଡ଼ି ଯାଏ
ନାହିଁ ଆହୁଲା
ଝାଳ ପୋଷ ପୋଷ ଚାଷୀ ରକତ
ଆହାର ଯୋଗେଇ ପାହାର ଖାଉଚି
ଅନୁଦାନ ପାଇଁ ଲାଗିଚି ଗୋଳ
ନଦେଖିବା କଥା ଏ ଆଖି ଦେଖିଲା
ଦେଖରେ ଦେଖ ।

ରାଜନୀତିର ଏ ପଶାପାଲି ଖେଳ
ଝାଳବୁହା ଧନ, ପରଜାଟିକସ
ଏଇ ମଉକାରେ ଲାଗୁଚି ବାଜି,
ଅଲିକିତି କଥା ଏକାନ ଶୁଣିଲା
ଧାଇଁ ପଡ଼ ଭାଇ
ଦେଖିବ କେମିତି
ପଶୁ ମଣିଷର ପାଲା ଲାଗିଚି । ♥

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଝାଡ଼ପଟା,
ପୋ: ଦୋଳସାହି, ଜିଲ୍ଲା : ଭଦ୍ରକ-୭୫୬୧୨୭
ଫୋନ:୯୪୩୭୯୮୭୪୨୯

# ମୋ’ ପ୍ରେମିକାକୁ ଜାଣିବ ଆସ

## ଶଶାଙ୍କ ପ୍ରିୟସଖା

ତମ ପ୍ରେମିକାମାନଙ୍କୁ ମୁଁ ଜାଣେ

ଅପେକ୍ଷାକୁ ହଜମ୍ କରିପାରନ୍ତିନି ସେମାନେ
ରାଗିଗଲେ ମୋବାଇଲ୍‌କୁ କଚାଡ଼ି
ସ୍କ୍ରିନ୍‌ଗାର୍ଡ଼ ଫଟେଇ ଦିଅନ୍ତି

ତମକୁ ଦିନରେ ପଚାଶ୍ ଥର ଫୋନ୍ କରିକରି
ପାଗଳ କରିଦିଅନ୍ତି

ମୋ’ ପ୍ରେମିକାକୁ ଜାଣିବ ଆସ

ଅପେକ୍ଷାକୁ ସେ ନିରବତାର
ଭାଷାରେ ସହେ

ବଉଳଗଛ ମୂଳର ଚାନ୍ଦିନୀରେ ବସି
ସେ ପାଦର ବୁଢ଼ା ଆଙ୍ଗୁଳିରେ
ଧୂଳିରେ ଗାର ଟାଣେ
କାଣି ଆଙ୍ଗୁଳି ନଖକୁ
ଘଣ୍ଟା ଘଣ୍ଟା ଦାନ୍ତରେ କାମୁଡ଼େ

ତା’ ଫ୍ରକ୍‌ର ଦି’ଟା ଲେସ୍‌କୁ ଧରି
ଗଣ୍ଠି ପକଉଥାଏ, ଖୋଲୁଥାଏ

ଅପେକ୍ଷାକୁ ସେ ଏମିତି
ନିରବତାର ଭାଷାରେ ସହେ

ମୋବାଇଲ୍ ଯୁଗ ଆସିବାବେଳକୁ
ଆମେ ଦି’ ଜଣ ଅଲଗା ହେଇଯାଇଥିଲୁ

ଆଜି ମୋ’ର ମୋବାଇଲ୍ ଅଛି
ତା’ ନମ୍ବର ନାହିଁ
ତା’ର ମୋବାଇଲ୍ ଥିବ
ମୋ’ ନମ୍ବର ନଥିବ

ଅତି ବେଶୀରେ ସେ
ସାପ ପୋକ ଖାଉଥିବା ବାଲା
ଗେମ୍ ଖେଳୁଥିବ ମୋବାଇଲ୍‌ରେ
ପୋକ ଖାଇଖାଇ
ସାପ ଲମ୍ୱା ହେଇଯାଉଥିବ

ଅପେକ୍ଷାକୁ ସେ ଏମିତି
ନିରବତାର ଭାଷାରେ ସହି ଯାଉଥିବ ଆଜି ବି... ♥

ଦହିସଡ଼ା, ସୋର, ବାଲେଶ୍ୱର-୭୫୬୦୪୫
ଫୋନ୍ : ୯୪୩୪୦୯୬୦୦୯



◄ କବି ଶଶାଙ୍କ ପ୍ରିୟସଖା

# ପୁନଶ୍ଚ ପୂତନା

## ସେନାପତି ପ୍ରଦ୍ୟୁମ୍ନକେଶରୀ

ତୁମେ ପରା ସେଇ କାଠ ?
ଯିଏ ନିଜେଇ ନିଜକୁ
ବାରମ୍ବାର ହାଣୁଥାଏ
ନିଜେହୋଇ କୁରାଢ଼ୀର ବେଣ୍ଟ !

ଅସନା ବକଳଯାକ ଛେଲି ଛଡ଼େଇ
ଏ ଦିହକୁ କରିଦିଅ
ଘିଅ ପରି ସୁନ୍ଦର ଚିକ୍‌କଣ ।

ଦିନେ ଯୋଉ ବିଭତ୍ସତା ଥିଲା
ମୋର ଚର୍ମରେ ଲୋମରେ
ଯୋଉ ଲୋଲୁପତା ଥିଲା
ମୋର ଆଖିରେ ଓଠରେ
ଯୋଉ କଠୋରତା ଥିଲା
ମୋର ହସରେ ଭାଷାରେ
ସେସବୁ କୁଆଡ଼େ ଉଭେଇଗଲା କେଜାଣି ?

ଏବେ ଲାଗୁଚି
ଯେମିତି ମୁଁ ଗୋଟେ କାଠରେ
ତିଆରି ଫୁଲଦାନୀ
ଯଦିଓ
ବହୁତ ଫାଙ୍କା ମୋ’ ଭିତର !

କିନ୍ତୁ ତୁମେ
ପେନ୍ଥାଏ ଫୁଲ ପରି
ଯେତେବେଳେ ମୋ ଉପରେ
ସଜେଇ ହେଇ ବସିପଡ଼
କୁଆଡ଼େ ଲୁଚିଯାଏ
ଖାଁ ଖାଁ ଶୂନ୍ୟ ଖରାବେଳ !

ତୁମ ଛଡ଼ା
ଆଉ କାହାକୁ ଦେବି କୁହ ତ ?

ମୋ’ ଫୁଟାଚାଳରୁ ଝରୁଥିବା
ବର୍ଷାପାଣି
ମୋ’ ଫଟାକାନ୍ଥରୁ ଉଠିଥିବା
ଓସ୍ତଗଛ
ଦି’ଦିନ ହେଲା, ମୋ ଚୂଲିରୁ
କଢ଼ା ହେଇନଥିବା ପାଉଁଶ
କଣ୍ଟାବାଡ଼ରେ ଲାଖିଥିବା
ମୋର ଚିରା ପଣତ !

ଜହ୍ନ ବୁଡ଼ିବା ଆଗରୁ
ତୁମ ଛଡ଼ା କିଏ ବା ଫୁଟେଇ ପାରିବ
ମୋ’ ଟୁବିଗାଡ଼ିଆର ବନ୍ଧ୍ୟା କଇଁଫୁଲ ?

ତୁମେ କାଠ ହୁଅ କି ପଥର
ପାଉଁଶ ହୁଅ କି ଚନ୍ଦନ
ମୁଁ ଜାଣେ,
କେବେ କେବେ
ତୁମେଇ ମୋ’ ଘର ବାଟ ଦେଇ
ପଠାଅ ଫୁଲ ଶଗଡ଼ରେ
ଗୋଟେ ଅଧେ ଅଚିହ୍ନା ଫଗୁଣ !

ସେ ମୋ’ ଆଡ଼େ ଚାହୁଁ କି ନଚାହୁଁ
ମୁଁ ତାକୁ ଚାହିଁବା ମାତ୍ରକେ
ମୋ’ ଛାତିର ଶୂନ୍ୟ ଜାଗାସବୁ
ପାଲଟିଯାଏ ମହମହ ସୁଗନ୍ଧ ଅରଣ୍ୟ ! ♥

ଆସୋସିଏଟ୍ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ
ବିଭାଗ, ସାଲେପୁର ସ୍ୱୟଂଶାସିତ କଲେଜ
ଫୋନ : ୯୪୩୮୨୭୫୩୨୩

କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଏ କବିତାଟି ଡିସେମ୍ୱର ୨୦୧୮ ସଂଖ୍ୟା ‘ରେବତୀ’ରେ ଅସମ୍ପୂର୍ଣ୍ଣ ହୋଇ ପ୍ରକାଶ ପାଇଥିବାରୁ ପାଠକମାନଙ୍କ ପାଇଁ ସମ୍ପୂର୍ଣ୍ଣ କବିତାଟିକୁ ପୁନଃପ୍ରକାଶ କଲୁ ।



କବି ସେନାପତି ପ୍ରଦ୍ୟୁମ୍ନକେଶରୀ ►

# RAMARANI GROUP OF INSTITUTIONS

(An ISO - 9001 : 2015 Certified)

At : Tamulia, Dist : Balasore, Pin - 756056, Odisha




## HIGHLIGHTS

* Well Experienced Faculties
* Hostel for Boys & Girls
* Wi-Fi Campus with A.C. Classroom
* Well Stocked Library with Hi-Fi Reading Room
* Free Study Tour Facility
* Canteen Facilities
* Own Placement Cell
* Well Communicated by Bus & Train

## DISTANCE

* Rly. Stn. 3KM.
* Bus Stand 5KM.

## RAMARANI INSTITUTE OF TECHNOLOGY

(ENGINEERING SCHOOL)

Approved by : AICTE, New Delhi, Govt. of India & SCTE & VT, Govt. of Odisha

## RAMARANI COLLEGE OF SCIENCE & TECHNOLOGY

(+2 SCIENCE RESIDENTIAL)

Approved by : Higher Education Dept. & Affiliated to CHSE, Odisha

## RAMARANI PUBLIC SCHOOL

www.ritbls.com | E-mail : principalramarani@yahoo.in

Contact No. : 06782 - 256633

www.facebook.com/ramaranicampus

# ବିଭୂଷିତ ବାଟିକା



# ରାଉରକେଲାର
# ହନୁମାନ ବାଟିକା

**ଅଙ୍ଗୁରବାଳା ପରିଡ଼ା**

ଫଟୋ ସୌଜନ୍ୟ : ଲେଖିକା



ଆଧୁନିକ ରାଉରକେଲା । ସ୍ମାର୍ଟସିଟି ରାଉରକେଲା । ଆଃ...ସହରର ଚାକଚକ୍ୟ, ରାସ୍ତାଘାଟର ପରିଚ୍ଛନ୍ନତା ଦେଖିବା ଭଳି । ଶିଳ୍ପ ପ୍ରତିଷ୍ଠା ଯୋଗୁଁ ବିପଣୀ, ବ୍ୟବସାୟ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ସାହିତ୍ୟାନୁଷ୍ଠାନ, କଳାସଂସ୍କୃତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଚାର ଓ ପ୍ରସାର ଘଟିଛି । ସମସ୍ତ ସୁଯୋଗ ଉପଲବ୍ଧ 'ମିନି ଇଣ୍ଡିଆ' ବୋଲାଉଥିବା ଶିଳ୍ପ ସହର ରାଉରକଲାରେ । ସବୁଠି ଅତ୍ୟାଧୁନିକ କାରିଗରୀ ହାତର ସ୍ପର୍ଶ । ବେଶ୍ ବାରି ହୋଇପଡ଼େ ।

'ରାଉରକେଲା ଦିନରାତି
ଢାଳଇ ଲୁହା କେତେ ଜାତି ।'

ଜାତିଜାତିକା ଲୁହାର ଚମତ୍କାର ପ୍ରଦର୍ଶନରେ ବିଶ୍ୱ ଇସ୍ପାତ ବଜାରରେ ମହାରତ୍ନ କମ୍ପାନୀ, ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ଏକ ସ୍ୱତନ୍ତ୍ର ପରିଚୟ । ଓଡ଼ିଶାର ଆର୍ଥିକ ମାନଦଣ୍ଡକୁ ସହାୟତା କରିବାରେ ବହୁ ପରିମାଣରେ ଅଂଶୀ । ବହୁବର୍ଷ ତଳର ଏକ ପୁରୁଣା ଗୀତ ଅକ୍ଷୟ ମହାନ୍ତିଙ୍କର ମନେପଡ଼େ–

"ହେଲା ତ ହେଲା / ନହେଲେ ଚାଲ ରାଉରକେଲା ।"

କୋଉଠି କିଛି ଆତ୍ମନିଯୁକ୍ତିର ପନ୍ଥା ନ ମିଳିଲେ କର୍ମସଂସ୍ଥାନର ଅନ୍ୱେଷଣରେ କାହିଁ କେଉଁ ଦୂରଦୂରନ୍ତ ଗାଁ ଗହଳିରୁ ଲୋକମାନେ ରାଉରକେଲା ମୁହାଁ ହୋଇଥାନ୍ତି ଓ ଭୋକିଲା ଲୋକର ଭାତହାଣ୍ଡି ହୋଇ ଯିଏ ଭରିଥାଏ ପେଟ, ସିଏ ଏଇ ରାଉରକେଲା ।

ଆଜି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଜନସଂଖ୍ୟା ବିଶିଷ୍ଟ ସହର ରାଉରକେଲାର ଇତିବୃତ୍ତ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ଏକଦା ଘନ ଜଙ୍ଗଲ, ପାହାଡ଼ ଘେରା ଏଇ ବନଭୂଇଁରେ ଯେଉଁ ଆଦିମ ଅଧିବାସୀମାନେ ରହୁଥିଲେ ସେମାନେ ସମସ୍ତେ ଥିଲେ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର । ଠା' ଠା' ହୋଇ କେତେକ 'କେଲା' ଏଠାରେ ଥିଲା । ସାଦ୍ରୀ ଭାଷାରେ 'କେଲା'ର ଅର୍ଥ 'ଗାଁ' ବା 'ପଡ଼ା' । ରାଉରକେଲାର ଅସଲ ନାଁ 'ରାଉରକେଲା' । ମୁଖକୁ ମୁଖ ନିଃସୃତ ହୋଇ ତାହା ଏବେ ରାଉରକେଲା । ରାଉଳିଆ ସମ୍ପ୍ରଦାୟର ଭୂୟାଁମାନେ କାହିଁ କେଉଁ ଯୁଗରୁ ଏଠାରେ ବସବାସ କରି ଆସୁଥିଲେ । ସେମାନେ ତନ୍ତ୍ରସାଧକ ଥିଲେ । ୧୯୨୧ ଜନଗଣନା ଅନୁସାରେ ରାଉରକେଲାର ଜନସଂଖ୍ୟା ମାତ୍ର ୩୮୨ ଜଣ ଥିଲେ । ମାତ୍ର ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁଙ୍କ ଶିଳ୍ପସମୃଦ୍ଧ ରାଷ୍ଟ୍ର ଗଠନର ଉଦ୍ଦେଶ୍ୟ ନେଇ ଲୌହ ଇସ୍ପାତ କାରଖାନାଟିଏର ନିର୍ମାଣ ପାଇଁ ଖୋଜା ଚାଲିଲା ଜାଗା । ବଙ୍ଗ, ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶର ବହୁ ସୁବିଧା ସୁଯୋଗ ଥିବା ସ୍ଥାନ ନଜରକୁ ଆସିଥିଲେ ବି ଓଡ଼ିଶାର ଚିନ୍ତାନାୟକ ଶିଳ୍ପୋଦ୍ୟୋଗୀ ବିଜୁ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତନ ପାଇଁ ୧୯୫୨ ମସିହାରେ ବଣ, ପାହାଡ଼ ଘେରା ଏଇ ଅଗମ୍ୟ ଅଞ୍ଚଳଟି ସର୍ବୋତ୍କୃଷ୍ଟ ସ୍ଥାନ ଭାବେ ଚିହ୍ନଟ କରାଗଲା । ୧୯୫୪ ମସିହା ଫେବୃଆରୀ ୧୬ ତାରିଖରେ ଓଡ଼ିଶା ସରକାର ବିଜ୍ଞପ୍ତି ଜାରି କଲେ । ସେହି ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ଅଞ୍ଚଳକୁ କେନ୍ଦ୍ର କରି ୮୦ ବର୍ଗ ମାଇଲ ଭୂମିକୁ ସରକାର କାରଖାନା ଉଦ୍ଦେଶ୍ୟରେ ଅଧିଗ୍ରହଣ କଲେ । ଅବଶ୍ୟ





ପରବର୍ତ୍ତୀ ସମୟରେ ସମ୍ପ୍ରସାରଣ ପାଇଁ ଆଉ ୩୨ ବର୍ଗ ମାଇଲ୍ ଭୂମି ଅଧିଗ୍ରହଣ ହୋଇଥିଲା । ଏତଦ୍ ବ୍ୟତୀତ ଇସ୍ପାତ କାରଖାନା ଓ ସହର ସେବାକୁ ଜଳ ଯୋଗାଣ ପାଇଁ 'ମନ୍ଦିରା ଜଳଭଣ୍ଡାର' ନିର୍ମାଣ ଲାଗି ଆହୁରି ୧୧,୦୦୦ ଏକର ଜମି ସହ ହଟିଆ ଓ ବରସୁଆଁ ରେଳପଥ ନିର୍ମାଣ ପାଇଁ ଓ ବନ୍ଧମୁଣ୍ଡା ରେଳ ଜଙ୍କସନ୍ ପାଇଁ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଭୂମି ଅଧିଗ୍ରହଣ କରିବାକୁ ପଡ଼ିଥିଲା । ଇସ୍ପାତ କାରଖାନା ଓ ସହରର ସମ୍ପ୍ରସାରଣ ଫଳରେ ୧୯୮୧ ଜନଗଣନା ଅନୁସାରେ ରାଉରକେଲାର ଲୋକସଂଖ୍ୟା ୩,୨୨,୫୧୦ ଜଣ ଓ ୧୯୯୧ ଜନଗଣନା ବେଳକୁ ତାହା ବୃଦ୍ଧି ପାଇ ୩,୯୮,୮୬୪ ଜଣରେ ପହଞ୍ଚିଲା । ବର୍ତ୍ତମାନ ରାଉରକେଲାର ଜନସଂଖ୍ୟା ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ।

## ହନୁମାନ ବାଟିକାର ଜନ୍ମକଥା

ରାଉରକେଲା ଇସ୍ପାତ କାରଖାନାର ଆଧୁନିକୀକରଣ ସହ ଦ୍ରୁତ ବେଗରେ ବଢ଼ି ଚାଲିଛି ସହରୀକରଣ ବ୍ୟବସ୍ଥା । ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ଧର୍ମାନୁଷ୍ଠାନ, ପାଠାଗାର, ପାର୍କ, ନୃତ୍ୟ, ସଙ୍ଗୀତ, କଳା, କ୍ଲବ, କ୍ରୀଡ଼ା ସହିତ ରାଉରକେଲାର ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ମଧ୍ୟ ଅଧିକ ଆକର୍ଷଣୀୟ କରିବା ସହ ନୂତନ ପର୍ଯ୍ୟଟନସ୍ଥଳୀ ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସେଥିମଧ୍ୟରୁ 'ହନୁମାନ ବଟିକା' ଅନ୍ୟତମ । ଆଖିର ଭ୍ରୂଲତା ପରି ଦୁଇ ପାହାଡ଼ ମଝିରୁ ସକାଳର କମଳାରଙ୍ଗ ସୂର୍ଯ୍ୟ ଉଇଁ ଆସିଲା ପରି ପାଖାପାଖି ପଞ୍ଚସ୍ତରୀ ଫୁଟ୍ ଉଚ୍ଚର ମହାବୀର ହନୁମାନଙ୍କର ପୂର୍ଣ୍ଣ ଅବୟବଟିଏ ଆକାଶର ଛାତ ତଳେ ଅଭୟ ମୁଦ୍ରାରେ ଦଣ୍ଡାୟମାନ । ପର୍ଯ୍ୟଟନ ମାନ୍ୟତାରେ ରାଉରକେଲାର ସ୍ଥାନ: ଓଡ଼ିଶାର ଅନ୍ୟ ଜିଲ୍ଲାମାନଙ୍କ ଠାରୁ ଟିକିଏ ଅଲଗା । ଏଇ ଗଡ଼ଜାତ ଜିଲ୍ଲା ସୁନ୍ଦରଗଡ଼, ବଣ ପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସହର ଦେଶ ପାଇଁ ଏକ ଗର୍ବ ଓ ଗୌରବର ସ୍ଥଳୀ । ରାଉରକେଲା ତାର ଇସ୍ପାତ ଶିଳ୍ପ ପାଇଁ ଦେଶ ବିଦେଶରେ ଯେତିକି ଖ୍ୟାତି ଅର୍ଜନ କରିଛି ପର୍ଯ୍ୟଟନସ୍ଥଳୀ ଭାବେ ସେତିକି ପ୍ରସିଦ୍ଧି ପାଇଛି । ସୁନ୍ଦରଗଡ଼ ସମେତ ପ୍ରତିବେଶୀ ରାଜ୍ୟ ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡରୁ ବହୁ ପର୍ଯ୍ୟଟକ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ରାଉରକେଲା ଆସିଥାନ୍ତି । ଅନ୍ୟ ସମସ୍ତ ପର୍ଯ୍ୟଟନସ୍ଥଳୀ ସହ ରାଉରକେଲାର ମୁଖ୍ୟ ଦୁଇ ପର୍ଯ୍ୟଟନ ସ୍ଥଳୀ ହେଉଛି ରାଉରକେଲା ସନ୍ନିକଟସ୍ଥ ମହାଭାରତ ପ୍ରସିଦ୍ଧ ବ୍ୟାସଦେବଙ୍କ ଜନ୍ମସ୍ଥାନ 'ବେଦବ୍ୟାସ' ଓ ରାଉରକେଲା ସରକାରୀ ଡାକ୍ତରଖାନା ପଛପଟେ ଥିବା ସାଢ଼େ ତେର ଏକର ଜମି ପରିମିତି ଏକ ମନ୍ଦିର ମାଳିନୀ ପରିସର ଭିତରେ ଖୋଲା ଆକାଶ ତଳେ ଦଣ୍ଡାୟମାନ ସଙ୍କଟମୋଚନ ଶ୍ରୀ ହନୁମାନଜୀଙ୍କର ସୁଦୀର୍ଘ ପ୍ରତିମୂର୍ତ୍ତି । ଏଇ ପ୍ରତିମୂର୍ତ୍ତି ସହ ଏହି ଦୀର୍ଘ ପରିସର ଭିତରେ ଆହୁରି ଅନେକ ମନ୍ଦିର ଅଛି । ଏହି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀର ନାମ 'ହନୁମାନ ବାଟିକା' ।

## ହନୁମାନ ବାଟିକାର ବିଶେଷତ୍ୱ

ବହୁ ମନ୍ଦିର ନିର୍ମାଣ ସମୟରେ ବିଶେଷତଃ ରାସ୍ତାଘାଟର ସୁବିଧା ପାଇଁ ଗଛଲତାମାନଙ୍କୁ କାଟି ଦିଆଯାଇ ସେ ଜାଗାରେ କଂକ୍ରିଟ୍ ସୌନ୍ଦର୍ଯ୍ୟ ଭରି ଦିଆଯାଏ । ମାତ୍ର ହନୁମାନ ବାଟିକାର ବିଶେଷତ୍ୱ ହେଉଛି ଯଥାସମ୍ଭବ ସମ୍ପୂର୍ଣ୍ଣ ଜଙ୍ଗଲ ପରିବେଶକୁ ଅକ୍ଷୁର୍ଣ୍ଣ ରଖାଯାଇ ଏକ ପ୍ରାକୃତିକ ଶୋଭା ପରିବେଷ୍ଟିତ ଦିବ୍ୟ ଅନୁଭବର ବାତାବରଣ କାୟମ ରଖାଯାଇଛି । ଯାହାକି ରାଉରକେଲା ସ୍ମାର୍ଟସିଟିର ପରିସର ଭିତରେ ଏକ ସୁନ୍ଦର କଳ୍ପନାର ରୂପରେଖ । ପ୍ରତ୍ୟେକ ମନ୍ଦିର ସୁଦୀର୍ଘ ଓ ପ୍ରତ୍ୟେକ ମନ୍ଦିର ନିଜ ନିଜର ସ୍ୱତନ୍ତ୍ରତାରେ ବିମଣ୍ଡିତ । ହନୁମାନ ବାଟିକା ଏକ ମନ୍ଦିର ନୁହେଁ । ଏହା ମନ୍ଦିରମାନଙ୍କର ଏକ ସମାଗମ ସ୍ଥଳ । ପ୍ରତିଟି ମନ୍ଦିରରେ ଉଚ୍ଚମାନର ମାର୍ବଲ ବ୍ୟବହାର ହବା ସହ ମୂର୍ତ୍ତିମାନଙ୍କର ମୁହଁର ସୁନ୍ଦରତା ଓ ଉଜ୍ଜ୍ୱଳତା ଦର୍ଶକକୁ ବିମୋହିତ କରିବାରେ ସମର୍ଥ ।

## ହନୁମାନ ବାଟିକାର ସ୍ଥାପନା

ଓଡ଼ିଶାର ମହାନ ଚିନ୍ତାନାୟକ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଅବଦାନ ରାଉରକେଲା ପାଇଁ ଏକ ସ୍ୱର୍ଣ୍ଣାକ୍ଷର ଲିପିବଦ୍ଧ ନା । ୧୯୯୪ ମସିହା ଫେବୃଆରୀ ୨୩ ତାରିଖରେ ୭୪.୯ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ବପୁଧାରୀ ବିରାଟ ଶ୍ରୀ ହନୁମାନ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରି ଆଉ ଏକ ସ୍ମାରକୀର ସ୍ୱାକ୍ଷର ବହନ କରି ଯାଇଛନ୍ତି ସେ । ପ୍ରଥମ ପର୍ଯ୍ୟାୟରେ ଶ୍ରୀହନୁମାନ ଜୀଙ୍କର ପ୍ରତିମୂର୍ତ୍ତି ଉଦ୍‌ଘାଟନ ସହ ପ୍ରମୁଖ ନଅଟି ମନ୍ଦିରର ଉଦ୍‌ଘାଟନ ପର୍ବ ପୁରୁଷୋତ୍ତମ ଧାମ ପୁରୀରୁ ଆସିଥିବା ବିଜ୍ଞ ବିଶିଷ୍ଟ ବ୍ରାହ୍ମଣମାନଙ୍କ ଦ୍ୱାରା କରାଯାଇଥିଲା । ହନୁମାନ ଜୀଙ୍କ ପ୍ରତିମୂର୍ତ୍ତିର ଦୁଇପାର୍ଶ୍ୱରେ ଦୁଇଟି ଯଜ୍ଞକୁଣ୍ଡ ରହିଛି । ଗୋଟିଏ ଯଜ୍ଞକୁଣ୍ଡରେ ପୁରୀର ବ୍ରାହ୍ମଣମାନେ ଓ ଅନ୍ୟଟିରେ ରାଉରକେଲାର ଅଣଓଡ଼ିଆ ବ୍ରାହ୍ମଣମାନେ ଯଜ୍ଞାହୃତ କରିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର, ମା' ଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର, ବାଟମଙ୍ଗଳା ମନ୍ଦିର ଓ ଗଣେଷଙ୍କ ମନ୍ଦିରକୁ ପୁରୀରୁ ଆସିଥିବା ବ୍ରାହ୍ମଣମାନେ ଯଜ୍ଞାଦି କର୍ମକାଣ୍ଡରେ ସଂସ୍ଥାପିତ କରିଥିବା ବେଳେ ଶ୍ରୀରାମ ମନ୍ଦିର, ଶ୍ରୀ ହନୁମାନଜୀ ମନ୍ଦିର, ଶିବ ମନ୍ଦିର ଓ ବୈଷ୍ଣୋଦେବୀ ମନ୍ଦିରକୁ






ରାଉରକେଲାର ଅଣ ଓଡ଼ିଆ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞାଦି କର୍ମ ସମ୍ପାଦନରେ ସ୍ଥାପନା କରାଯାଇଥିଲା । ବର୍ତ୍ତମାନ ଏହି ମନ୍ଦିର ସଂଖ୍ୟା ଉଣେଇଶ୍‌ରେ ପହଞ୍ଚିଲାଣି । ସବୁ ମନ୍ଦିରର ଦାୟିତ୍ୱ ସେହି ମନ୍ଦିରର ସ୍ଥାପକଙ୍କ ଦ୍ୱାରା ଗଠିତ ପରିଚାଳନା କମିଟିର ।

## ହନୁମାନ ବାଟିକାର ପରିଚାଳନା

ହନୁମାନ ବାଟିକାର ମୁଖ୍ୟ ପୂଜକ ହେଉଛନ୍ତି ଅଜୟ କୁମାର ଶତପଥୀ । ପୂର୍ବତନ ସାଂସଦ ଦିଲ୍ଲୀପ ରାୟଙ୍କ ସମେତ କମିଟି ସମୁଦାୟ ଉଣେଇଶଟି ମନ୍ଦିର ପାଇଁ ୩୮ଜଣ ପୂଜକ ନିୟୋଜିତ କରିଛନ୍ତି । ଏତଦ୍ ବ୍ୟତୀତ ଅଫିସ୍ ପରିଚାଳନା ଦାୟିତ୍ୱରେ ସାତଜଣ ଓ ଆଉ ଛଅଜଣ ସୁରକ୍ଷା କର୍ମୀ ହନୁମାନ ବାଟିକାର ସୁରକ୍ଷା ପାଇଁ ନିୟୋଜିତ । ପରିଚାଳନା କମିଟିର ସଭାପତି ଅଛନ୍ତି ଦିଲୀପ ରାୟ । ଉପସଭାପତି ନିହାର ରାଏ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଯୁଗ୍ମ ସମ୍ପାଦକ ଏମ୍.ଦିନକରଙ୍କ ସମେତ ଏଗାର ଜଣ ଟ୍ରଷ୍ଟିଙ୍କ ସୁପରିଚାଳନାରେ ରାଉରକେଲା ମାନଚିତ୍ରରେ ହନୁମାନ ବାଟିକା ଏକ ବିଶେଷ ଦର୍ଶନୀୟ ସ୍ଥାନର ମାନ୍ୟତା ପାଇବା ସହ ଜନମୁଖରେ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ।

## ବିଭିନ୍ନ ମନ୍ଦିର ପ୍ରତିଷ୍ଠା

ହନୁମାନ ବାଟିକା ପରିସରରେ ଥିବା ସୁନ୍ଦର ସୁନ୍ଦର ସୁଉଚ୍ଚ ମନ୍ଦିର ସବୁର ସ୍ଥାପନା ଓ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ସହରର କେତେଜଣ ପ୍ରତିଷ୍ଠିତ ବଦାନ୍ୟ ବ୍ୟକ୍ତିଙ୍କ ନିଜସ୍ୱ ପାଣ୍ଠି ବ୍ୟୟରେ ନିର୍ମିତ ହୋଇଛି । ସେମାନଙ୍କ ମଧ୍ୟରେ ଅଛନ୍ତି ସାଂସଦ ଦିଲୀପ ରାଏ । ତାଙ୍କ ଦ୍ୱାରା ନିର୍ମିତ ହୋଇଛି କାରୁକାର୍ଯ୍ୟମୟ ବ୍ୟୟବହୁଳ ମାର୍ବଲ ଖଚିତ ଶ୍ରୀ ଜଗନ୍ନାଥ ମନ୍ଦିର । ସେହିପରି ଶ୍ରୀରାମ ମନ୍ଦିର ନିର୍ମିତ ହୋଇଛି ରାଜେନ୍ଦ୍ର ପ୍ରସାଦ ଗୁପ୍ତାଙ୍କ ଦ୍ୱାରା । ହନୁମାନ ମନ୍ଦିର ଏମ୍ ଦିନକରଙ୍କ ଦ୍ୱାରା ହୋଇଥିବା ବେଳେ ଶିବ ମନ୍ଦିର କେ.ସି. ସାହୁ, ବିମଳା ମନ୍ଦିର ସତ୍ୟାନନ୍ଦ ମହାନ୍ତି, କାଳୀମନ୍ଦିର ସୁନୀଲ ଚୌଧୁରୀ, ବୈଷ୍ଣୋଦେବୀ ମନ୍ଦିର ଶ୍ରୀଯୁକ୍ତ ବିହାର ରାୟ, ବାଟମଙ୍ଗଳାକ୍ଷୀର ନାୟକ, ସାଇବାବା ମନ୍ଦିର ପପୁ  ଅଗ୍ରୱାଲ, ଦ୍ୱାଦଶ ଶିବଲିଙ୍ଗ ହରିପ୍ରକାଶ ବାଗଡ଼ିଆ, ସନ୍ତୋଷୀମା ମନ୍ଦିର ବାବୁଲାଲ ଅଗ୍ରୱାଲ, ସାରଳା ମନ୍ଦିର ମହେଶ୍ୱର କର, ଗଣେଷ ମନ୍ଦିର  ସୁରେଶ ପ୍ରଧାନ ଓ ନିରାକାର ଲେଙ୍କା, ଲକ୍ଷ୍ମୀମନ୍ଦିର ଜହର ପଣ୍ଡା, ରାଧାକୃଷ୍ଣ ମନ୍ଦିର କେ.ସି.ସାହୁ, ସମଲାଇ ମନ୍ଦିର ପଦ୍ମିନୀ ପାଣିଗ୍ରାହୀ ପ୍ରମୁଖ ନିର୍ମାଣ କରିଛନ୍ତି ।

## ହନୁମାନ ବାଟିକାରେ ପୂଜାବିଧି

ହନୁମାନ ବାଟିକା ପରିସରସ୍ଥ ସମସ୍ତ ମନ୍ଦିରରେ ପ୍ରାତଃ ପାଞ୍ଚଟାରେ ପହଡ଼ ପଡେ । ପାଞ୍ଚଟା ପନ୍ଦରରେ ମଙ୍ଗଳ ଆଳତିର ଓଁକାର ବେଦଧ୍ୱନି ସହ ପ୍ରାତଃ ବନ୍ଦନାର ଗୁରୁଗମ୍ଭୀର ହୃଦୟସ୍ପର୍ଶୀ ଭାବାବେଶ ଭିତରେ ଫର୍ଚ୍ଚା ହୋଇଉଠେ ଆକାଶ । ସକାଳୁ ସକାଳୁ ହନୁମାନ ବାଟିକାର ସିଂହଦ୍ୱାର ରାସ୍ତା ଦେଇ ଏ' ସିଫ୍ଟ ଡ୍ୟୁଟି ଯାଉଥିବା ପ୍ଲାଣ୍ଟମୁଖୀ ଇସ୍ପାତ ସହରର କର୍ମଚାରୀଙ୍କ ହାତ ଗାଡ଼ିର ଷ୍ଟିଅରିଂ ଉପରେ ଥିଲେ ବି ମୁଣ୍ଡ ଈଶ୍ୱରଙ୍କୁ ପ୍ରଣିପାତ ଉଦ୍ଦେଶ୍ୟରେ ହାଲ୍‌କା ନଇଁଯାଏ । ଠିକ୍ ସକାଳ ନଅଟାରେ ଲାଗେ ମନ୍ଦିରମାନଙ୍କରେ ଖେଚୁଡ଼ିଭୋଗ । ବାରଟାରେ ମଧ୍ୟାହ୍ନ ଧୂପ ଲାଗି ଲାଗେ ଓ ପୁନଶ୍ଚ ରାତି ନଅଟାରେ ଅନ୍ନ ଧୂପ ଲାଗେ । ଏତଦ୍ ବ୍ୟତୀତ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ନିବେଦିତ ଭୋଗ ଲାଗି ରହିଥାଏ ଦିନସାରା । ମଧ୍ୟାହ୍ନ ବାରଟାରୁ ଗୋଟାଏ ପର୍ଯ୍ୟନ୍ତ ଠାକୁରମାନଙ୍କର ମଧ୍ୟାହ୍ନ ବିରତି ବା ପହଡ଼ ପଡ଼ିଥାଏ । ଏହି ସମୟରେ ମନ୍ଦିର ସବୁ ବନ୍ଦ ଥାଏ । ପ୍ରାତଃ ଆଳତି ପରି ସନ୍ଧ୍ୟା ପାଞ୍ଚଟା ପନ୍ଦରରେ ଅନୁଷ୍ଠିତ ହୋଇଥାଏ ସନ୍ଧ୍ୟା ଆଳତି ।

## ଅନ୍ୟାନ୍ୟ ସୁବିଧା

ହନୁମାନ ବାଟିକା ପରିସରରେ ଏକ ସୁଦୃଶ୍ୟ କଲ୍ୟାଣମଣ୍ଡପ ରହିଛି । ଯେଉଁଠି ସାରାବର୍ଷ ବିବାହ, ବ୍ରତୋପୟନ, ଜନ୍ମଦିନ ଆଦି ବିଭିନ୍ନ ଉତ୍ସବ ପାଳନ ପାଇଁ ଏହା ଉପଯୋଗୀ । ଏଥିସହ ଭୋଜିଭାତର ସମସ୍ତ ନିରାମିଷ ଶାକାହାରି ଭୋଜନ ପ୍ରସ୍ତୁତିର ବ୍ୟବସ୍ଥା ଏଠାରେ ରହିଛି ।

## ଆନନ୍ଦଭବନ

ଶ୍ରୀଯୁକ୍ତ ପୀତବାସ ଛୋଟରାୟଙ୍କ ଦ୍ୱାରା ନିର୍ମିତ ଏଠାରେ ଏକ ବିରାଟ ଭୋଜନ ଗ୍ରହଣ ଗୃହ ବା ଡାଇନିଂ ହଲ୍ ରହିଛି । ପ୍ରତିଦିନ ଶହ ଶହ ସଂଖ୍ୟାରେ ଦର୍ଶନାର୍ଥୀ ପାଇଁ ଏଠାରେ ମହାପ୍ରସାଦ ସେବନର ବ୍ୟବସ୍ଥା ରହିଛି । ଏହାକୁ ଆନନ୍ଦ ଭବନ କହନ୍ତି । ୨୦୧୬ ମସିହା ଅଗଷ୍ଟ ୪ ତାରିଖରୁ ପୁରୀରୁ ଆମନ୍ତ୍ରିତ ବ୍ରାହ୍ମଣଙ୍କ ଦ୍ୱାରା ଏଠାରେ 'ଅବଢ଼ା' ପ୍ରସ୍ତୁତ ଓ ବିତରଣ ଆରମ୍ଭ ହୋଇଛି । ଯଦ୍ୱାରା ପ୍ରତିଦିନ ଭକ୍ତ ଓ ପର୍ଯ୍ୟଟକଙ୍କୁ ସୁଲଭ ମୂଲ୍ୟରେ ମହାପ୍ରସାଦ ଯୋଗାଇ ଦବାର ବ୍ୟବସ୍ଥା ରହିଛି । ଆନନ୍ଦ ଭବନର ଠିକ୍ ସାମ୍ନାରେ ଭକ୍ତଙ୍କ ରହଣୀ ପାଇଁ ଅଠରଟି କୋଠରୀ ବିଶିଷ୍ଟ ସୁଦୃଶ୍ୟ, ପରିଚ୍ଛନ୍ନ 'ବୃଦ୍ଧାଶ୍ରମ'ଟିଏ ଅଛି । ଏହାର ସୁପରିଚାଳନା ଦାୟିତ୍ୱରେ ଅଛନ୍ତି ଶ୍ରୀଯୁକ୍ତ କରୁଣା ମାଝି ।

## ବିଭିନ୍ନ ପର୍ବପର୍ବାଣି

ଭାରତୀୟ ସଂସ୍କୃତିର ବିଶାଳ ସମାଗମ ଘଟେ ଏଠି । ମହାଶିବରାତ୍ରି ଠୁ ନବରାତ୍ରି, ହନୁମାନ ଜୟନ୍ତୀ ଠୁ ଶ୍ରୀରାମ ନବମୀ, ମାଆ କାଳୀଙ୍କ ଠୁ ବୈଷ୍ଣୋ ଦେବୀ ଯାଏଁ ଜନ୍ମାଷ୍ଟମୀ ଠୁଁ ରାଧାଷ୍ଟମୀ ଯାଏଁ, ମା ସନ୍ତୋଷୀ ପୂଜାଠୁ ସାଇବାବାଙ୍କ ପୂଜା ଯାଏ ସାରାବର୍ଷ ନାନା ପୂଜାବିଧି ବ୍ରତ ପାଳନରେ ଉତ୍ସବ ମୁଖର ଥାଏ ହନୁମାନ ବାଟିକା । ରଥଯାତ୍ରା ମହା ସମାରୋହରେ ପାଳିତ ହୁଏ । ଫେବୃଆରୀ ୨୩ରେ ପ୍ରତିବର୍ଷ ଏହାର ପ୍ରତିଷ୍ଠା ଦିବସ ମଧ୍ୟ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କାଯାଏ । ରାଉରକେଲା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଦର୍ଶନାର୍ଥି ପ୍ରତ୍ୟହ ହନୁମାନ ବାଟିକା ପରିଦର୍ଶନରେ ଆସିଥାନ୍ତି ।

## ଶେଷକଥା:

ଶେଷ କଥାରେ ଏତିକି କୁହାଯାଇପାରେ, ଯେଉଁ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଅକୁଣ୍ଠ ସହଯୋଗରେ ଏମିତି ଏକ ବିରଳ ସ୍ମାରକୀଟିଏ ଭାବଭକ୍ତିର ଫେଣ୍ଟାଫେଣ୍ଟି ଆବେଗ ଭିତରେ ରାଉରକେଲାର ଆକର୍ଷଣ ହୋଇ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇବାକୁ ସକ୍ଷମ ହୋଇଛି, ସେଇ ନିଷ୍ଠା ଓ ଭକ୍ତିପୂର୍ଣ୍ଣ ପରିଚାଳନା ସବୁଦିନ ଜାରି ରହିବାର ଆବଶ୍ୟକତା ଅଛି । ଆପଣ ବି ଥରେ ବୁଲି ଆସନ୍ତୁ ସେଇ ସଙ୍କଟମୋଚନଙ୍କ ଦର୍ଶନ ଲାଭ କରି ଫେରିଯାନ୍ତୁ ନିଜର ଦୁଃଖ, ଯନ୍ତ୍ରଣାର ଆଞ୍ଜୁଳା ଗୁହାରୀ କରି ।

ବି/୧୨, ସେକ୍ଟର-୧୮, ରାଉରକେଲା,
ଫୋନ: ୯୪୩୭୨୪୬୧୩୭/ ୯୪୩୮୦୫୭୫୭୮



# ଶୂନ୍ୟ ମଣ୍ଡପ

ମହାଶୂନ୍ୟରେ ବିଦ୍ୟମାନ ପରଂବ୍ରହ୍ମଙ୍କ ପାଦୁକା ପାନ କରି ବହୁ ଦୁରାରୋଗ୍ୟରୁ ନିରୋଗ ହେଉଥିବାର ପରମ ବିଶ୍ୱାସ ହିଁ 'ଶୂନ୍ୟ ମଣ୍ଡପ'କୁ କରିତୋଳିଛି ଭକ୍ତମାନଙ୍କ ପାଇଁ ପବିତ୍ର ପୀଠ । ପ୍ରଶାନ୍ତମୟ ପରିବେଶ ଭିତରେ ସବୁଜ ଶାଳବଣର ନିରବତା ଶୂନ୍ୟ ମଣ୍ଡପକୁ ଦେଇଥାଏ ଅନନ୍ୟତା । ବୁଲି ଆସନ୍ତୁ ଥରେ ।

# ଶୂନ୍ୟ ମଣ୍ଡପର ମହାତ୍ମ୍ୟ



**ଆଲୋକ କୁମାର ବାରିକ**

ଫଟୋ ସୌଜନ୍ୟ : ଲେଖକ

ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନସ୍ଥଳିଗୁଡ଼ିକ ମଧ୍ୟରୁ ଶୂନ୍ୟମଣ୍ଡପ ଅନ୍ୟତମ । ମହାଶୂନ୍ୟରେ ଥିବା ପରମବ୍ରହ୍ମଙ୍କ ପାଦୁକା ପାନ କରି ଭକ୍ତ ମାନେ ବିଭିନ୍ନ ଦୁରାରୋଗ୍ୟରୁ ମୁକ୍ତି ପାଉଥିବାରୁ ବର୍ଷସାରା ଏଠାରେ ଭକ୍ତ ମାନଙ୍କର ଭିଡ ପରିଲକ୍ଷିତ ହୋଇଥାଏ ।  ଏହା ବାଲେଶ୍ୱର ସଦର ମହକୁମା ଠାରୁ ମାତ୍ର ୮୦ କିମି ଦୂରରେ ଅବସ୍ଥିତ । ଏଠାକାର ଶାନ୍ତ ପରିବେଶ ସହିତ ବିସ୍ତୀର୍ଣ୍ଣ ଶାଳବଣର ମନୋରମ ବୃକ୍ଷରାଜିର ଦୃଶ୍ୟ ପର୍ଯ୍ୟଟକଙ୍କୁ ସବୁସମୟରେ ଆକୃଷ୍ଟ କରିଥାଏ । ଏହି ପବିତ୍ରପୀଠର କିମ୍ବଦନ୍ତୀ ବହୁ ପୁରଣା । ଓଡିଶାର ପୁରପଲ୍ଲୀରେ ବେଶ୍ ପରିଚିତ 'ଶିବକଳ୍ପ ସମୟ ନିର୍ଘଣ୍ଟ ମାଳିକା'ରେ ଏହି ପବିତ୍ର ପୀଠର ବର୍ଣ୍ଣନା କରାଯାଇଥିବା ଦେଖିବାକୁ ମିଳିଥାଏ । ଏହି ପବିତ୍ରପୀଠଟି ପ୍ରାୟ ୫ଶହ ବର୍ଷ ତଳର ବୋଲି ଜଣାଯାଏ । ପଞ୍ଚସଖାର ଅନ୍ୟତମ ଯୁଗଜନ୍ମା ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ନାମ ଅନୁସାରେ ମଧ୍ୟ ଏହି ପୀଠକୁ ଅଚ୍ୟୁତାନନ୍ଦ ଦାସଙ୍କ ପୀଠ ନାମରେ ଅଭିହିତ କରାଯାଏ । ଏହାର ଇତିହାସରୁ ଜଣାଯାଏ ଯେ, ଆଜକୁ ପ୍ରାୟ ୫ଶହ ବର୍ଷ ତଳେ ନିରାକାର ପରମବ୍ରହ୍ମଙ୍କ ନିର୍ଦ୍ଦେଶ ଅନୁସାରେ ଅଚ୍ୟୁତାନନ୍ଦ ଦାସ ଏଠାକୁ ଯୋଗ କରିବାକୁ ଆସିଥିଲେ । ତାଙ୍କର ରହଣି କାଳ ମଧ୍ୟରେ ସେ ଏଠାରେ ଯୋଗ ସାଧନା କରି ଯୋଗର ସିଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ । ଏଠାରେ ସିଦ୍ଧତ୍ୱ ପ୍ରାପ୍ତି ହେଲା ପରେ ପରବର୍ତ୍ତୀ ସମୟରେ ସେ ସାରା ଓଡିଶା ଭ୍ରମଣ କରି ନିଜର ଧର୍ମବାଣୀ ପ୍ରଚାର ପ୍ରସାର କରିଥିଲେ । ପରେ ତାଙ୍କର ଧର୍ମବାଣୀ ସାରା ଓଡିଶାରେ ପ୍ରସାରିତ ହୋଇଥିଲା । ତାଙ୍କର ରହଣିକାଳ ମଧ୍ୟରେ ସେ ଏଠାରେ ଅନେକ ଅଲୌକିକ ଶକ୍ତିର ଅଧିକାରୀ ହୋଇଥିବାର ସୂଚନା ମିଳିଥାଏ । ଏଠାରେ ରହଣିକାଳ ମଧ୍ୟରେ ଅଚ୍ୟୁତାନନ୍ଦ ଦାସ ଅନେକ କାବ୍ୟ, କବିତା ଓ ମାଳିକା ଆଦି ରଚନା କରିଥିଲେ । ଅତଏବ ଅଚ୍ୟୁତା ନନ୍ଦ ଦାସଙ୍କ ସିଦ୍ଧିତ୍ୱ ପ୍ରାପ୍ତି ପାଇଁ ପବିତ୍ରପୀଠଟି ବେଶ୍ ଉପଯୋଗୀ ଥିଲା ବୋଲି ଜଣାଯାଏ । ଅଚ୍ୟୁତାନନ୍ଦ ଦାସଙ୍କ ଜୀବନ୍ତ ଅବସ୍ଥାରେ ଏହି ପବିତ୍ରପୀଠଟି ସାରା ଓଡିଶାରେ ବେଶ୍ ପରିଚିତ ଥିଲା । ଅଚ୍ୟୁତାନନ୍ଦ ଦାସଙ୍କ ଦେହାବସାନ ପରେ ଏହି ପବିତ୍ର ପୀଠଟି ପୁନର୍ବାର ଲୋକ ଲୋଚନର ଆଢୁଆଳରେ ରହିଗଲା ।

ଏହି ପୀଠର ଇତିହାସରୁ ଜଣାଯାଏ ଯେ,ଅଚ୍ୟୁତାନନ୍ଦ ଦାସଙ୍କ ପ୍ରସ୍ଥାନ ପରେ ଏହି ପବିତ୍ର ପୀଠଟି ଲୋକଲୋଚନର ଆଢୁଆଳରେ ବେଶ୍ କିଛି ଦିନ ରହିଲା ମାତ୍ର ଶୂନ୍ୟବାସୀ ପରମବ୍ରହ୍ମଙ୍କ ନିର୍ଦ୍ଦେଶ ହେଲା ମହାରାଜା ପ୍ରଭାକର ଦାସଙ୍କୁ । ସେତେବେଳେ ତାଙ୍କୁ ୨୮ ବର୍ଷ ହୋଇଥାଏ । ସେ କଲିକତାର ଏକ କରତ କଳରେ କାମ କରୁଥିଲେ । ଶୂନ୍ୟ ମହାପ୍ରଭୁଙ୍କର ବାରମ୍ବାର ସ୍ୱପ୍ନାଦେଶ ଯୋଗୁଁ ପ୍ରଭାକର ଚାକିରୀ ଛାଡିଲେ ଏବଂ ପୂର୍ବରୁ ମିଳିଥିବା ନିର୍ଦ୍ଦେଶ ଅନୁସାରେ ସଠିକ ଜାଗାରେ ପହଁଚିଲେ । ସ୍ୱପ୍ନରେ ସେ ଯେଉଁ ଦୃଶ୍ୟ ଦେଖିଥିଲେ ତାହାକୁ ସେ ନିଜ ସ୍ୱଚକ୍ଷୁରେ ଦେଖି ହତବାକ୍ ହୋଇଗଲେ । ପରେ ଶୂନ୍ୟ ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଏହି ପୀଠକୁ ଲୋକଲୋଚନକୁ ଆଣିବାକୁ ସଂକଳ୍ପ ନେଲେ । ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ଥିଲା ଦୀର୍ଘ ୫ଶହ ବର୍ଷ ପୂର୍ବେ ଅଚ୍ୟୁତାନନ୍ଦ ଦାସ ଯେଉଁ ପାଦୁକା କୁଣ୍ଡକୁ ବ୍ୟବହାର କରୁଥିଲେ ତାହା ମଧ୍ୟ ସେହି ସମୟ ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ଥିଲା । ବିଭିନ୍ନ ଘାତପ୍ରତିଘାତ ଭିତରେ ପ୍ରଭାକରଙ୍କ ଅପ୍ରାଣ ଉଦ୍ୟମ ଯୋଗୁଁ ଏହି ଐତିହ ସଂପନ୍ନ ପୀଠଟି ୧୯୩୬ ମସିହାରେ ପୂନର୍ବାର ଲୋକ ଲୋଚନକୁ ଆସିଥିଲା ।

ଓଡିଶାର ଅନ୍ୟ ପର୍ଯ୍ୟଟନ ସ୍ଥଳୀ ପରି ଏଠାରେ କୌଣସି ଦେବଦେବୀଙ୍କ ମନ୍ଦିର ଏବଂ ମୂର୍ତ୍ତୀ ଦେଖିବାକୁ ମିଳେ ନାହିଁ । ଶୂନ୍ୟଶୂନ୍ୟ ମହାଶୂନ୍ୟରେ ବସବାସ କରୁଥିବା ନିରାକାର ପରମବ୍ରହ୍ମ ଶୂନ୍ୟବାସୀଙ୍କ ପାଇଁ ଏଠାରେ କେବଳ ଏକ ମଣ୍ଡପ ବ୍ୟତୀତ ଆଉ କିଛି ଦେଖିବାକୁ ମିଳେ ନାହିଁ । ସୂର୍ଯ୍ୟ ଉପାସକ ନିରାକାର ପନ୍ଥ ଉପରେ ଏହି ପବିତ୍ର ପୀଠଟି ପର୍ଯ୍ୟବେଷିତ । ଏଠାରେ ସମସ୍ତ ରିତିନୀତି କେବଳ ବିଶ୍ୱାସ ଦ୍ୱାରା ହିଁ ହୋଇଥାଏ । ଏଠାରେ କୌଣସି ଦେବଦେବୀଙ୍କ ପୂଜାର୍ଚ୍ଚନା କରାଯାଏ ନାହିଁ କି କୌଣସି କୁସଂସ୍କାର ଆଳରେ କୌଣସି ବଳି ପ୍ରଥାକୁ ପ୍ରଶୟ ଦିଆଯାଏ ନାହିଁ । ଏଠାରେ ପଞ୍ଚଭୂତ ଯଥା ପୃଥିବୀ,ଜଳ,ବାୟୁ,ଅଗ୍ନି ଓ ଆକାଶକୁ ପୂଜା କରାଯାଇଥାଏ । ଏଠାରେ କେବଳ ଦିନକୁ ୨ଥର ସକାଳୁ ଏବଂ ସଂଧ୍ୟାରେ ପରମ ପିତାଙ୍କ ଉଦ୍ଦେଶ୍ୟରେ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥାଏ ।

ଆଜି ବି ରାଜ୍ୟର କେତେକ ଅଞ୍ଚଳ ପାଇଁ ଲୋକ ଆଢୁଆଳରେ ଅଜଣା ହୋଇ ଏହି ପୀଠଟି ରହି ଯାଇଛି । ଏଠାରେ ଯେ ଐଶ୍ୱରୀୟ ଶକ୍ତି ରହିଛି ଏହାକୁ ଆଜିର ବିଜ୍ଞାନ ଯୁଗରେ ଫାଙ୍କି ଦେଇ ହେବନି ଯାହା ପ୍ରମାଣ କରୁଛି ପ୍ରତିଦିନ ଏଠାକୁ ଆସୁଥିବା ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡରୁ । ପ୍ରତିଦିନ ସକାଳ ୬ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଏଠାରେ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲିକ୍ଷିତ ହୋଇଥାଏ । ସବୁ ଶ୍ରଦ୍ଧାଳୁଙ୍କ








ମୁହଁରେ ବାବା ଶୂନ୍ୟମଣ୍ଡପଙ୍କର ଜୟଜୟକାର ଧ୍ୱନି ଉକ୍ତ ଅଞ୍ଚଳର ପରିବେଶକୁ ପ୍ରକମ୍ପିତ କରିଥାଏ । ରାଜ୍ୟ ତଥା ରାଜ୍ୟ ବାହାରୁ ବିଦେଶୀ ପର୍ଯ୍ୟଟକଙ୍କର ଭିଡ ମଧ୍ୟ ଦେଖିବାକୁ ମିଳିଥାଏ । ସଂପୂର୍ଣ୍ଣ ବିଶ୍ୱାସ ଉପରେ ପର୍ଯ୍ୟବେଶିତ ଏହି ପୀଠରେ ଅନେକ ଭକ୍ତ ସେମାନଙ୍କର ଦୂରାରୋଗ୍ୟର ଉପଶମ ପାଇଁ ଏଠାକୁ ଆସୁଥିବା ଦେଖିବାକୁ ମିଳେ । ଡାକ୍ତରମାନଙ୍କ ଠାରୁ ସଂପୂର୍ଣ୍ଣ ନିରାଶ ହୋଇ ଏଠାରେ କେତେକ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇ ଯାଉଥିବାର ଲୋକଶ୍ରୁତି ମଧ୍ୟ ଶୁଣିବାକୁ ମିଳେ । ବାବା ଶୂନ୍ୟମଣ୍ଡପଙ୍କର ଆଶୀର୍ବାଦରୁ ଆରୋଗ୍ୟ ହୋଇଥିବା କେତେଜଣ ଭକ୍ତଙ୍କ ଉଦାହରଣ ନିଆଯାଇ ପାରେ । ସଦ୍ୟତମ ଉଦାହରଣ ୨ଟି ହେଲା ତଳାଙ୍ଗ ଗ୍ରାମ ନିବାସୀ **ଶ୍ରୀଧର ମଲ୍ଲିକ୍** ଏବଂ କେନ୍ଦୁଝର ଜିଲ୍ଲା ବାଲିବରାଇର **ଫକୀର ସାମଲ** । ଶ୍ରୀଧର ପାରାଲିସିସ୍‌ରେ ପୀଡିତ ହୋଇଥିଲେ । ଡାକ୍ତରମାନେ ତାଙ୍କ ବଞ୍ଚିବାର ନାସ୍ତିବାଣୀ ଶୁଣାଇ ଦେଇଥିବାରୁ ପରିବାର ଲୋକେ ନିରାଶ ହୋଇଯାଇଥିବା ବେଳେ ଶ୍ରୀ ମଲ୍ଲିକ୍ ତାଙ୍କ ପରିବାର ଲୋକଙ୍କୁ ଇସାରାରେ ଏହି ପବିତ୍ର ପୀଠକୁ ଆଣିବାକୁ କହିଲେ । ଶେଷରେ ସମସ୍ତ ଆଶା ଛାଡି ତାଙ୍କ ପରିବାର ଲୋକେ ତାଙ୍କୁ ଏଠାକୁ ଆଣିଥିଲେ । ଶ୍ରୀ ମଲ୍ଲିକ୍ ଏଠାରେ କିଛି ଦିନ ବାବାଙ୍କ ପାଦୁକା ସେବନ କଲାପରେ ଧିରେଧିରେ ସଂପୂର୍ଣ୍ଣ ଆରୋଗ୍ୟ ହୋଇଯାଇଥିଲେ । ସେ ଏବେ ପୀଠରେ ଜଣେ ସକ୍ରୀୟ ସଦସ୍ୟ ଭାବେ ପ୍ରତିଦିନ ଆସୁଥିବା ଯାତ୍ରୀ ମାନଙ୍କ ଭଲମନ୍ଦ ବୁଝୁଛନ୍ତି । ସେହିପରି ଫକୀର ସାମଲ ବ୍ରେନ୍ ଟିୟୁମର୍ ଭଳି ଏକ ଦୁରାରୋଗ୍ୟରେ ପୀଡିତ ହୋଇଥିଲେ । ବଞ୍ଚିବାର କୌଣସି ଆଶା ନଥିବାରୁ ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର ପାଇଁ ପରିବାର ଲୋକଙ୍କୁ ବଣ୍ଡ୍ ସାଇନ୍ କରାଇ ନେଇଥିଲେ । ପରିବାର ଲୋକେ ଏକ ପ୍ରକାର ତାଙ୍କର ବଞ୍ଚିବାର ଆଶା ଛାଡି ଦେଇଥିଲେ । ମାତ୍ର ଶ୍ରୀ ସାମଲ ସମସ୍ତ ଡାକ୍ତରୀ ଚିକିତ୍ସାକୁ ଆଡେଇ ଦେଇ ବିଶ୍ୱାସର ସହିତ ଏଠାକୁ ଆସିଥିଲେ । ଏଠାରେ ମାତ୍ର ୨୧ ଦିନ ରହିଲା ଭିତରେ ବାବା ଶୂନ୍ୟ ମଣ୍ଡପଙ୍କ ପାଦୁକା ସେବନ କଲା ପରେ ସେ ସଂପୂର୍ଣ୍ଣ ସୁସ୍ଥ ହୋଇ ଗାଁକୁ ଫେରିଥିଲେ । ଏହି ୨ଟି ଘଟଣା ବେଶୀ ଦିନର ନୁହେଁ ମାତ୍ର ୨ ବର୍ଷ ପୂର୍ବର । ଏମିତି ବାବାଙ୍କ ଅନେକ ଅଲୌକିକ ଘଟଣା ମାନ ଅଛି । ଏଠାକୁ ଆସିଲେ ଆପଣ ମଧ୍ୟ ଏଠାକାର ଭକ୍ତମାନଙ୍କ ଠାରୁ ଆହୁରି ଅନେକ ଅଲୌକିକ ମହିମା ଶୁଣିବାକୁ ପାଇବେ ।

ଶୂନ୍ୟ ମଣ୍ଡପଙ୍କ ବ୍ୟତୀତ ଏଠାରେ ଅନତି ଦୂରରେ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଦେଖିବାକୁ ମିଳିଥାଏ । ଶୂନ୍ୟ ମଣ୍ଡପ ପୀଠର ଅଳ୍ପ ଦୂରରେ ଏଠାକାର ପ୍ରସିଦ୍ଧ ମା ଅମ୍ବିକାଙ୍କ ମନ୍ଦିର ଅବସ୍ଥିତ । ଏହି ମନ୍ଦିରର ସୁନ୍ଦର କାରୁକାର୍ଯ୍ୟ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ । ଏତଦ୍ ବ୍ୟତୀତ ଏଠାରେ ବାବା କୂପେଶ୍ୱର ମନ୍ଦିର ଏବଂ ବାବା ନୃସିଂହ ନାଥଙ୍କ ମନ୍ଦିର ଦେଖିବାକୁ ମିଳିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଜିଲ୍ଲାରେ ଏକ ବୌଦ୍ଧ କୀର୍ତ୍ତି ଉକ୍ତ ଅଞ୍ଚଳରେ ଦେଖିବାକୁ ମିଳେ ଯାହାକି ଏବେ ବି ଲୋକ ଆଢୁଆଳରେ ରହିଯାଇଛି । ଇତିହାସ ପୃଷ୍ଠାରେ ଏହି ବୌଦ୍ଧ କୀର୍ତ୍ତିର ନାମ ରହିଥିବା ବେଳେ ପ୍ରାୟତଃ ରାଜ୍ୟର ଅଧିକାଂଶ ଲୋକ ଏହା ବାଲେଶ୍ୱରର କେଉଁଠାରେ ଅବସ୍ଥିତ ସେ ବିଷୟରେ ଅଜ୍ଞ । ଆପଣ ଏଠାକୁ ଆସି ଏହି ସତ୍ୟତାକୁ ନିଜେ ମଧ୍ୟ ନିଜ ଆଖିରେ ଦେଖି ପାରିବେ । ଏଠାକାର ଶାନ୍ତ ପରିବେଶ ସହିତ ଏହାର ସନ୍ନିକଟ ଘଞ୍ଚ ଶାଳ ବନାନୀର ମନୋରମ ଦୃଶ୍ୟକୁ ଉପଭୋଗ କରି ପାରିବେ । ଏସବୁ ଛଡା ଏଠାରେ ଥିବା ୫ଶହ ବର୍ଷର ପାଦୂକା କୁଣ୍ଡକୁ ମଧ୍ୟ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇବେ ।

ଏହି ପୀଠରେ ବର୍ଷକୁ ପ୍ରାୟତଃ ୬ଟି ଉତ୍ସବକୁ ବେଶ୍ ଧୁମଧାମ୍‌ରେ ପାଳନ କରାଯାଇଥାଏ । ଏହି ସବୁ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଅହେତୁକ ଭିଡ ଦେଖିବାକୁ ମିଳିଥାଏ । ଅଗଷ୍ଟ ମାସରେ ଏହି ପୀଠରେ ପ୍ରଥମ ଉତ୍ସବ ଭାବେ ଭାଗବତ ଜନ୍ମ ପାଳନ କରାଯାଇଥାଏ । ଦ୍ୱିତୀୟରେ କୁମାର ଉତ୍ସବ, ୩ୟରେ ମାର୍ଗଶୀର ବଡ ଏକାଦଶୀ, ୪ର୍ଥରେ ରାହାସ ପୂର୍ଣ୍ଣିମା, ୫ମରେ ବାବାଙ୍କ ମହାପାରାୟଣ ଦିବସକୁ ପାଳନ କରାଯାଉଥିବା ବେଳେ ୬ଷ୍ଠ ଉତ୍ସବ ଭାବେ ଅଗ୍ନିଉତ୍ସବକୁ ବେଶ୍ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ । ଏହାକୁ ଆହୁରି ଲୋକାଭିମୁଖି କରିବା ପାଇଁ ବର୍ତ୍ତମାନ ଏହି ପୀଠର ଦାୟିତ୍ୱ ନେଇଥିବା ରାଜାବାବାଙ୍କ ଆପ୍ରାଣ ଉଦ୍ୟମ ନିଶ୍ଚୟ ଆଗାମୀ ଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ ।

ଏହି ପବିତ୍ର ପୀଠଟି ଉଭୟ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ମଧ୍ୟବର୍ତ୍ତୀ ସ୍ଥଳୀ ହୋଇଥିବାରୁ ଆପଣମାନେ ବସ୍ କିମ୍ବା ଟ୍ରେନ୍‌ରୁ ଓହ୍ଲାଇ ବସ୍ କିମ୍ବା ଟ୍ରେକର ଯୋଗେ ଆସି ପାରିବେ । ଭଦ୍ରକରୁ ଆଗରପଡା ଦେଇ ଏଠାକୁ ଆସିବା ପାଇଁ ସଡକ ସୁବିଧା ଥିବାବେଳେ ବାଲେଶ୍ୱରରୁ ସୋର ଦେଇ ଏଠାକୁ ଆସି ହେବ । ପ୍ରାୟତଃ ସବୁବେଳେ ବାଲେଶ୍ୱରରୁ କୁପାରୀ ପାଇଁ ବସ୍ ଯୋଗାଯୋଗ ଥିବାରୁ ଏହା ଆପଣମାନଙ୍କ ପାଇଁ ସର୍ବୋତ୍କୃଷ୍ଟ ହୋଇପାରେ ।



# ମାଟିର ନନ୍ଦିନୀ



# ମାଟିର ମଣିଷ

# ନନ୍ଦିନୀ ଶତପଥି




## ଡକ୍ଟର କବିତା ବାରିକ

ସହଯୋଗୀ ପ୍ରଫେସର୍, ସମ୍ପାଦିକା : 'ପୁନଶ୍ଚ ଉତ୍କଳପ୍ରଭା'
ଭଞ୍ଜପୁର, ବାରିପଦା-୭୫୭୦୦୨, ଫୋନ : ୯୪୩୭୧୧୭୬୨୭


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍



ସ୍ମୃତି ଏକ ଅଭୁଲା ମନର ଘର । ସେଥିପାଇଁ ତ ମଣିଷ ଅତୀତର ପୃଷ୍ଠା ଓଲଟାଏ । ଯେମିତି ମୁଁ । 'ମାଟିର ମଣିଷ' ହେଲା ହେଲା ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ପରର ସବୁଠୁ ଚର୍ଚ୍ଚିତ ଉପନ୍ୟାସ । ତା'ର ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ । ସ୍ୱାଧୀନତା ପୂର୍ବରୁ ମୁଖ୍ୟତଃ ଉପରୋକ୍ତ ଦୁଇଟି ଉପନ୍ୟାସ ହେଲା ସବୁଠୁ ଚର୍ଚ୍ଚିତ ଉପନ୍ୟାସ । 'ମାଟିର ମଣିଷ'ର ସ୍ରଷ୍ଟା କାଳିନ୍ଦୀଙ୍କ ଏହା ଏକ ଅମର ସୃଷ୍ଟିର ଆଖ୍ୟା ଲାଭ କରିଛି । ହେଲେ ଅନ୍ୟପକ୍ଷରେ ତାଙ୍କର ଆଉ ଏକ ଅମୃତ ସୃଷ୍ଟି ହେଲା ପ୍ରଚଣ୍ଡ ପ୍ରତିଭାର ଅଧିକାରିଣୀ, ବିଦ୍ରୋହୀ ଲେଖିକା, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ଏ ପର୍ଯ୍ୟନ୍ତ ପ୍ରଥମ ଓ ଶେଷ ମହିଳା ମୁଖ୍ୟମନ୍ତ୍ରୀ, ଗାଳ୍ପିକା, ସମ୍ପାଦିକା, ଅନୁବାଦିକା, ସର୍ବୋପରି ପ୍ରତିଭାମୟୀ ଅଗ୍ନିଶିଖା ଆଦରଣୀୟା କନ୍ୟା ନନ୍ଦିନୀ ପାଣିଗ୍ରାହୀ, ଯିଏ ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କଲାପରେ ନନ୍ଦିନୀ ଶତପଥୀ ଭାବରେ ପରିଚିତା ।

ମୋର ସୌଭାଗ୍ୟ ଯେ ତାଙ୍କ ସହ ମିଶିବାର, ସମୟ କଟାଇବାର, ଅନ୍ତରଙ୍ଗ ହେବାର ସୁଯୋଗ ପାଇଥିଲି । ବାରିପଦା ମାଟିର ଝିଅ ମୁଁ । ଯେଉଁ ମାଟି ଦିନେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତିର ପୀଠ ଥିଲା । ସୁଖର କଥା ହେଲା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ପିଲାଦିନ କଟିଥିଲା ବାରିପଦାରେ । ଆପଣ ଭାବିବେ କାହିଁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଯାହାଙ୍କ ଜନ୍ମ ପିଠାପୁର, କଟକରେ ସେ ମୟୂରଭଞ୍ଜ ଭଳି ଓଡ଼ିଶାର ଏକ ଉପାନ୍ତ ଜିଲ୍ଲାରେ କେମିତି ତାଙ୍କ ପିଲାଦିନ କଟାଇଥିଲେ ? ଏ ପ୍ରଶ୍ନର ଉତ୍ତର ପାଇଁ ଖେଳେଇବାକୁ ହେବ ଅତୀତର ପୃଷ୍ଠା । ନନ୍ଦିନୀଙ୍କ ଦଦେଇ ତଥା ଗାଳ୍ପିକ ଦିବ୍ୟସିଂହ ପାଣିଗ୍ରାହୀ ମୟୂରଭଞ୍ଜ ମହାରାଜାଙ୍କ ଅଦାଲତରେ ସରକାରୀ ଓକିଲ ଥା'ନ୍ତି ଓ ବାପା କାଳିନ୍ଦୀଚରଣ ମୟୂରଭଞ୍ଜ ମହାରାଜଙ୍କ ଦ୍ୱାରା ପ୍ରକାଶିତ 'ଭଞ୍ଜପ୍ରଦୀପ' ଓ 'ମୟୂରଭଞ୍ଜ କ୍ରୋନିକିଲ୍' ପତ୍ରିକାର ସମ୍ପାଦକ ଭାବେ ନିଯୁକ୍ତି ପାଇଥାନ୍ତି । ତେଣୁ ବାରିପଦାରେ ହିଁ ତାଙ୍କର ଶୈଶବ କଟିଥିଲା । ଭଂଜମାଟିରୁ ହିଁ ସେ ଆରମ୍ଭ କରିଥିଲେ ତାଙ୍କର ଖଡ଼ିପାଠ । ବୟସ ପାଞ୍ଚ କି ଛଅ । ସେତେବେଳେ ସ୍କୁଲ୍‌ରେ ପ୍ରାର୍ଥନା ବୋଲା ଯାଉଥିଲା 'ଏଇ ଆମ ଜନ୍ମଭୂମି, ଏଇ ଆମ ରଜା... ।' ନନ୍ଦିନୀ ଭାବିଲେ ରଜାକୁ ନେଇ କାହିଁକି ପ୍ରାର୍ଥନା ବୋଲା ହେବ ? ଏଇଠୁ ଆରମ୍ଭ ହୋଇଥିଲା ତାଙ୍କ ଭିତରେ ପ୍ରତିବାଦର ସ୍ୱର । ନନ୍ଦିନୀଙ୍କ ଭିତରେ ଥିଲା ଏକ

### ସଂକ୍ଷିପ୍ତରେ ନନ୍ଦିନୀ

- ଜନ୍ମ: ଜୁନ୍ ୯, ୧୯୩୧
- ପିତା : ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ
- ମାତା : ରତ୍ନମଣି ଦେବୀ
- ଜନ୍ମସ୍ଥାନ : ପିଠାପୁର, ଖ୍ରୀଷ୍ଟିୟାନସାହି, କଟକ
- ସ୍ୱାମୀ : ଦେବେନ୍ଦ୍ର ଶତପଥୀ
- ଦୁଇପୁଅ : ନଚିକେତା, ତଥାଗତ
- ତିରୋଧାନ : ଅଗଷ୍ଟ ୪, ୨୦୦୬





ପ୍ରଚଣ୍ଡ ବିଦ୍ରୋହିଣୀ ସ୍ୱଭାବ । ଯାହାର ଚାରା ରୋପଣ ହୋଇଥିଲା ବାରିପଦାରେ ଓ ପ୍ରେରଣା ଥିଲେ କକେଇ ପ୍ରଚଣ୍ଡ ମାର୍କସବାଦୀ ଭଗବତୀ ଚରଣ ପାଣିଗ୍ରାହୀ । 'ଶିକାର' ଗଳ୍ପର ଲେଖକ ।

ମୁଖ୍ୟମନ୍ତ୍ରୀ ହେବାପରେ ବି ସେ ବାରିପଦାକୁ ଭୁଲି ପାରିନଥିଲେ । ବାରିପଦା ଯେ ଥିଲା ତାଙ୍କର ଶୈଶବର ଲୀଳାଭୂମି, ସ୍ମୃତିର ଷଠିଘର, ଯେଉଁଠି ଲାଗିଥିଲା ଅନେକ ସ୍ମରଣୀୟ ସ୍ନେହବୋଳା ଦାଗ । ତାଙ୍କ ମତରେ ସେତେବେଳେ ବାରିପଦାରେ ଏକ ଚମତ୍କାର ପ୍ରାକୃତିକ, ସାଂସ୍କୃତିକ ପରିବେଶ ଥିଲା । ଘଞ୍ଚ ସବୁଜ ବନାନୀରେ ଭରପୂର । ତେଣୁ ସେ ଅଭିବ୍ୟକ୍ତି ରଖିଥିଲେ, "ମୁଁ କେବେ ବାରିପଦାକୁ ଭୁଲି ନଥିଲି । ତେଣୁ ମୁଖ୍ୟମନ୍ତ୍ରୀ ଥିଲାବେଳେ ସବୁବେଳେ ଚିନ୍ତା କରୁଥିଲି ବାରିପଦାକୁ ଯେମିତି ହେଲେ ଭଲ କଲେକ୍ଟର ଯାଆନ୍ତୁ । ମୋ ଚେଷ୍ଟାରେ ସରକାରୀ ମହିଳା ମହାବିଦ୍ୟାଳୟ ସ୍ଥାପିତ ହେଲା । ମୟୂରଭଞ୍ଜରେ ଲୋଧା ଏକ କ୍ରିମିନାଲ୍ ଟ୍ରାଇବ୍ ବା ଅପରାଧ ପ୍ରବଣ ଆଦିବାସୀ ସମ୍ପ୍ରଦାୟ ଥିଲେ । ମୁଁ ପ୍ରଥମେ ଲୋଧାମାନଙ୍କ ସାମାଜିକ ଜୀବନରେ ଉନ୍ନତି ଓ ସେମାନଙ୍କୁ ରୋଜଗାରକ୍ଷମ କରବା ପାଇଁ ଏକ ନୂତନ ଯୋଜନା ପ୍ରସ୍ତୁତ କରିଥିଲି । ମୟୂରଭଞ୍ଜର ଜଳସେଚନର ସୁବିଧା କରାଇ ଏହି ଅରଣ୍ୟ ପାହାଡ଼ିଆ ଅଞ୍ଚଳକୁ ଶସ୍ୟଶ୍ୟାମଳା କରିବା ପାଇଁ ବିରାଟ ସୁବର୍ଣ୍ଣରେଖା ପ୍ରକଳ୍ପ ମଧ୍ୟ ଆରମ୍ଭ କରିଥିଲି ।" **(ଚିରସବୁଜ ମୟୂରଭଞ୍ଜ-ପୃ.୧୫)**

ଏଠାରେ ଉଲ୍ଲେଖନୀୟ ଯେ ସେ ସମୟରେ ଯୁବ ଆଇ.ଏ.ଏସ୍. ସବୁଠୁ ସର୍ବୋଚ୍ଚ, କର୍ମଦକ୍ଷ ବିବେକାନନ୍ଦ ପଟ୍ଟନାୟକ ମୟୂରଭଞ୍ଜର ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ । ଲୋଧାମାନଙ୍କ ସହ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ପାଇଁ ବିଶିଷ୍ଟ ଗାଳ୍ପିକ ମହାପାତ୍ର ନୀଳମଣି ସାହୁଙ୍କୁ ନିଯୁକ୍ତ କରାଯାଇଥିଲା, ଯେମିତି ପ୍ରଖ୍ୟାତ ଗାଳ୍ପିକା ଇନ୍ଦିରା ଗୋସ୍ୱାମୀଙ୍କୁ ଆସାମର ବଡ଼ୋ ଉଗ୍ରପନ୍ଥୀଙ୍କ ସହିତ ଶାନ୍ତିର ଆଲୋଚନା ପାଇଁ ଆସାମ ସରକାର ନିଯୁକ୍ତି ଦେଇଥିଲେ । ଏଠାରେ ଲକ୍ଷ୍ୟ କରନ୍ତୁ ଦୁଇଟି ରାଜ୍ୟ ଉଗ୍ରପନ୍ଥୀ ହେଉ କି ଡକାୟତ ଆଲୋଚନା ପାଇଁ କୌଣସି ରାଜନୈତିକ ନେତାଙ୍କୁ ନିଯୁକ୍ତି ଦେଇ ନଥିଲେ କି କୌଣସି ଉଚ୍ଚାଧିକାରୀଙ୍କୁ ପଠାଇ ନଥିଲେ । ପଠାଇଥିଲେ ଲେଖକ/ ଲେଖିକାଙ୍କୁ । ପୁଣି ନନ୍ଦିନୀ ଶତପଥିଙ୍କ ମୁଖ୍ୟମନ୍ତ୍ରୀତ୍ୱ ତଥା ବିବେକାନନ୍ଦ ମୟୂରଭଞ୍ଜର ଜିଲ୍ଲାପାଳ ଥିଲା ବେଳେ ୧୯୭୫ରେ ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଠାରେ ପରୀକ୍ଷା ମୂଳକ ଭାବରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବାର ପ୍ରୟାସ ଆରମ୍ଭ ହୋଇଥିଲା, ଯେଉଁ ପରମ୍ପରା ଆଜିଯାଏଁ ଚାଲିଛି ।

ଆମର ପ୍ରଥମ ଦେଖା ୧୯୭୬ରେ । ମୁଁ ସେତେବେଳେ କମଳା ନେହେରୁ ବାଳିକା ସ୍କୁଲ୍‌ର ଛାତ୍ରୀ । ଜିଲ୍ଲାସ୍ତରୀୟ ତର୍କ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲି । ମହାରାଣୀ ପ୍ରେମକୁମାରୀ ବାଳିକା ସ୍କୁଲ୍‌ର ଫଙ୍କସନ୍‌ରେ ଯୋଗ ଦେବାକୁ ଆସିଥାନ୍ତି ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥି । ତାଙ୍କ ଠାରୁ ତର୍କ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଅଜନ୍ତା ଡିକ୍ସନେରୀ (ଯାହା ଏବେବି ଅଛି ମୋ ପାଖରେ ପ୍ରାୟ ୪୨ବର୍ଷ ତଳର) ଗ୍ରହଣ କଲାବେଳେ ଅତି ନିକଟରୁ ଦେଖିବାର ସୁଯୋଗ ପାଇଥିଲି । ଧଳାଶାଢ଼ି ପରିହିତା ପତଳା ମହିଳା ଜଣକ ଯେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ, ସେଇ ପ୍ରଥମ ଜାଣିଲି । ହସହସ ମୁହଁରେ ସେ ମୋ ପିଠି ଥାପୁଡ଼ାଇ ଦେଇଥିଲେ । ମୁଁ ଉତ୍ସାହିତ ହୋଇ ଯାଇଥିଲି । ଯେତେବେଳେ ଡିକ୍ସନେରିଟା ନେଇ ବାପାଙ୍କୁ ଦେଖାଇଥିଲି ବାପା ବି ସ୍ନେହରେ ମୁଣ୍ଡରେ ହାତ ବୁଲାଇ ଦେଇ କହିଥିଲେ, ମାଆରେ ତୁଚ ବି ନନ୍ଦିନୀଙ୍କ ଭଳି ନାଁ କର । ମୋ କହିବା କଥା ଥିଲା ସେତେବେଳେ ନନ୍ଦିନୀ ଓଡ଼ିଶାର ଘରେଘରେ ପରିଚିତା ଥିଲେ । ଅନେକ ବାପାମାଆ ତାଙ୍କୁ ଉଦାହରଣ / ଆଦର୍ଶ କରି ଝିଅର ନାଁ ମଧ୍ୟ 'ନନ୍ଦିନୀ' ରଖିଥିଲେ ।

କିଏ କହେ ତାଙ୍କୁ ଅନନ୍ୟା, କିଏ କହେ ସେ ବହ୍ନିକନ୍ୟା । ତେବେ ନନ୍ଦିନୀ ନାଁ ହିଁ ଯେମିତି ଏକ ସ୍ପର୍ଦ୍ଧିତ ଉଚ୍ଚାରଣ । ଓଡ଼ିଶାର ଏ ପର୍ଯ୍ୟନ୍ତ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ, ରାଜନୀତିରେ ଯେମିତି ଅପରାଜିତା, ସୃଜନଶୀଳତାରେ ସେମିତି ଅନୁପମା । ରାଜନୀତିର ବନ୍ଧୁର ରାସ୍ତାରେ ପାଦ ଦେଇଥିଲେ ହେଁ ହୃଦୟ ଥିଲା ସାହିତ୍ୟର ଛଳଛଳ ବାରିଧାରା । ବାପା ଦଦେଇଙ୍କ ପ୍ରେରଣା ଓ ସାହିତ୍ୟ କୃତି ହିଁ ତାଙ୍କୁ ଦେଇଥିଲା ଉତ୍ସାହ ସାହିତ୍ୟ ଜଗତରେ ପାଦ ଥାପିବାକୁ ।

ମୁଁ ସେତେବେଳେ ବାଣୀ ବିହାରରେ ଏମ୍.ଫିଲ୍ କରୁଥିଲି । ରହୁଥିଲି ଦ୍ୱିତୀୟ ଛାତ୍ରୀ ନିବାସରେ । ଜୀବିକା ଦାୟରେ ବର୍ଷେ ପାଖାପାଖି 'ସମ୍ବାଦ'ରେ ସହ-ସମ୍ପାଦକା ଭାବରେ କାମ କରି ବ୍ୟକ୍ତିଗତ କାରଣରୁ ଛାଡ଼ି ଦେଇଥାଏ । ବୋଧହୁଏ ୧୯୮୪-୮୫ ମସିହାର କଥା । 'ସମ୍ବାଦ' ପ୍ରଥମ କରି ସେତେବେଳେ ଏକ ସାପ୍ତାହିକୀ ରଙ୍ଗୀନ ପତ୍ରିକା ବାହାର କରୁଥାଏ । ଆମା ଅଫିସ ଥାଏ ସହୀଦ ନଗରରେ ତା'ର ଦାୟିତ୍ୱରେ ଆମେ କେତେଜଣ ଥାଉ । ଆମର ଟିମ୍ ନିର୍ଦ୍ଦେଶକ ଥାନ୍ତି ପ୍ରଖ୍ୟାତ











ଚିତ୍ରଶିଳ୍ପୀ ଅସିତ ମୁଖାର୍ଜୀ । ନାରୀପୃଷ୍ଠା ଶୋଭନା ପାଇଁ ମୁଁ ଓ ଜ୍ୟୋତ୍ସ୍ନା ରାଉତରାୟ ଫିଚର୍ ଲେଖୁଥିଲୁ । ଆମ ଟିମ୍‌ରେ ଶିଳ୍ପୀ ଛନ୍ଦା ଚରଣ ଆଚାର୍ଯ୍ୟ, ଏବେର 'ସମ୍ବାଦକଳିକା'ର ସମ୍ପାଦକ ଉମାପଦ ବୋଷ, ବରିଷ୍ଠ ସାମ୍ବାଦିକ ଜୀମୂତ ମଙ୍ଗରାଜ, କବି ସୁରେଶ ପରିଡ଼ା ପ୍ରଭୃତିଥାନ୍ତି । 'ସମ୍ବାଦ'ର ସମ୍ପାଦକ ଭାବରେ ଅବସ୍ଥାପିତ ହୋଇଥାନ୍ତି ବିଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି । ଇଂରାଜୀ ଦୈନିକ Estern Times ଦାୟିତ୍ୱରେ ଥାନ୍ତି ଚନ୍ଦ୍ରଶେଖର ରଥ ପ୍ରଭୃତି ।

'ସମ୍ବାଦ' ଛାଡ଼ିବାର କେଇଦିନ ହୋଇଥାଏ । ମୁଁ ଓ ମୋ ରୁମ୍‌ମେଟ୍ ସ୍ନେହ ପୃଷ୍ଟି ସନ୍ଧ୍ୟାବେଳେ ବାଣୀ ବିହାର କ୍ୟାମ୍ପସ୍ ବୁଲାବୁଲି କରି ସୁପର ମାର୍କେଟ୍‌ରୁ ସପିଂ କରି ଫେରିଲା ବେଳକୁ ହଷ୍ଟେଲର ୱାଚ୍‌ମ୍ୟାନ୍ ମଉସା କହିଲେ 'ଧରିତ୍ରୀ' ଅଫିସ୍‌ରୁ ଚନ୍ଦ୍ରିକା ମହାପାତ୍ର ଫୋନ୍ କରିଥିଲେ 'କାଲି ଧରିତ୍ରୀ' ଯାଇ ନନ୍ଦିନୀ ଶତପଥିଙ୍କୁ ଦେଖା କରିବ । ଏହା ଜରୁରୀ ବୋଲି ମଧ୍ୟ କହିଥିଲେ । ଆଶ୍ଚର୍ଯ୍ୟ ହେଲି, ନନ୍ଦିନୀ ଶତପଥି କାହିଁକି ମୋତେ ଦେଖା କରିବାକୁ ଚାହୁଁଛନ୍ତି ? ପୁଣି ଚନ୍ଦ୍ରିକା ମହାପାତ୍ର କିଏ, ତା' ବି ଜାଣି ନଥିଲି । ବୁଝିଲି, ଶ୍ରୀମତୀ ଚନ୍ଦ୍ରିକା ମହାପାତ୍ର ହେଲେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସୁକନ୍ୟା ଅର୍ଥାତ୍ ନନ୍ଦିନୀ ଶତପଥିଙ୍କ କକାଝିଅ ଭଉଣୀ ତଥା 'ସାବିତ୍ରୀ' ପତ୍ରିକାର ସମ୍ପାଦିକା ।

ଆଶାଆଶଙ୍କାରେ ରାତିଟା କଟିଥିଲା । କାହିଁକି ପୂର୍ବତନ ମୁଖ୍ୟମନ୍ତ୍ରୀ ମୋତେ ଡାକିଛନ୍ତି ଦିନସାରା ଭାବିହେଲି । କ୍ଲାସ୍ ସାରି ବାନ୍ଧବୀ ସ୍ନେହକୁ ଧରି ରିକ୍ସାରେ ବାହାରିଲି 'ଧରିତ୍ରୀ' ଅଫିସ୍ । ୱାଚ୍‌ମ୍ୟାନ୍ ମୋତେ ରାସ୍ତା କଡ଼ାଇ ନେଲା । ଭିତରେ ବସିଥିଲେ ନନ୍ଦିନୀ ମାଡାମ । ତାଙ୍କ ସହିତ ଜଣେ ଥିଲେ ଗୌରବର୍ଣ୍ଣା ମହିଳା । ସେ ହିଁ ଥିଲେ ଚନ୍ଦ୍ରିକା ମହାପାତ୍ର । ସଙ୍କୁଚିତ ଭାବେ ଡରିଡରି ଯାଇ ତାଙ୍କ ସାମ୍ନାରେ ବସିଲି । ତାଙ୍କର ପ୍ରଥମ ପ୍ରଶ୍ନ ଥିଲା: ତମେ ବାରିପଦାର ଝିଅ ?

ମୁଁ ମୁଣ୍ଡ ହଲାଇ ହଁ କହିଲି । ଚନ୍ଦ୍ରିକା ମହାପାତ୍ର କହିଲେ, "ତମେ 'ସମ୍ବାଦ'ରେ କାମ କରୁଥିଲି । ତମର କିଛି ଲେଖା ପଢ଼ିଛି । 'ଧରିତ୍ରୀ'ରେ କାମ କରିବ? ମୁଁ କହିଲି, "କାମ କ'ଣ ? ପୁଣି ଯେହେତୁ ମୁଁ ଏମ୍.ଫିଲ୍ କରୁଛି ତେଣୁ ପ୍ରତିଦିନ ଆସି ପାରିବିନି ।"

ଶ୍ରୀମତୀ ଶତପଥି କହିଲେ, "ତମର ପ୍ରତିଦିନ ଆସିବା ଦରକାର ନାହିଁ । ଆମେ ଏକ ନାରୀ ବିଭାଗ 'ଧରିତ୍ରୀ'ରେ ରଖିବାକୁ ଚାହୁଁଛୁ । ସପ୍ତାହରେ ଥରେ ବାହାରିବ । ସେ ପୃଷ୍ଠାର ସମ୍ପାଦନାର ଦାୟିତ୍ୱ ତୁମେ ନେବ । ତମେ ତମ ପଢ଼ା ସହିତ ସପ୍ତାହରେ ଦୁଇ ତିନି ଦିନ ଆସି ଯାହା ଲେଖା ଆସିଥିବ ଏଡ଼ିଟ୍ କରିବ । ହଷ୍ଟେଲ୍‌ରେ ଦେଖି, ଲେଖି ସଜାଡ଼ି ଆଣିବ । ତାହାପରେ କେମିତି ହେବ, କଣ କଣ ରହିବ ବୁଝାଇଲେ ଦୁଇ ଭଉଣୀ । ପଶି ଆସିଲେ ଦେବେନ୍ଦ୍ର ଶତପଥି । ସେ 'ଧରିତ୍ରୀ'ର ସମ୍ପାଦକ ଓ ନନ୍ଦିନୀ ଶତପଥିଙ୍କ ସ୍ୱାମୀ । କହିଲେ, "ରୋଷେଇ ବିଭାଗଟେ ରହିବ । ବିଭିନ୍ନ ପ୍ରକାର ଆଚାର, ଭିନ୍ନ ଭିନ୍ନ ରୋଷେଇ, ରୂପଚର୍ଯ୍ୟା ଇତ୍ୟାଦି । ପୃଷ୍ଠାଟିର ନାଁ କଣ ରଖାଯିବ ?" କହିଲି, "ସେହି 'ନାରୀ' ହିଁ ରଖନ୍ତୁ, ଯେଉଁ ନାରୀ ସ୍ୱୟଂସିଦ୍ଧା ।" ମୋ କଥାଟି ରହିଲା । ଏହା ଥିଲା ୧୯୮୫ ମସିହାର କଥା । ସୁଖର କଥା ଆଜି ବି 'ଧରିତ୍ରୀ'ର ନାରୀ ପୃଷ୍ଠା ବାହାରୁଛି ସେଇ ଶୀର୍ଷକରେ । 'ଧରିତ୍ରୀ'ର ନାରୀ ପୃଷ୍ଠା ଦେଖିଲେ ମୁଁ ଉଲ୍ଲସିତା ହୋଇଯାଏ ଏଇଥିପାଇଁ ଯେ ଏ ପୃଷ୍ଠା ଦିନେ ମୋ ହାତରେ ଶୁଭାରମ୍ଭ ହୋଇଥିଲା ।



ମୁଁ ଯୋଗ ଦେଇଥିଲି 'ଧରିତ୍ରୀ'ରେ । ପରଦିନ ଷ୍ଟାଫ୍‌ମାନଙ୍କ ସହ ପରିଚିତ ହୋଇଥିଲି । ସେତେବେଳେ ଗୋପାଳକୃଷ୍ଣ ମହାପାତ୍ର (ଅଧୁନା 'ପ୍ରମେୟ'ର ସମ୍ପାଦକ), ଉପେନ୍ଦ୍ର ମହଲା, ବନ୍ଧୁ ପ୍ରଦୀପ ଦାଶ (ଅଧୁନା ଗାଳ୍ପିକ ଓ ପ୍ରଶାସକ), ଗାଳ୍ପିକ ଭୀମ ପୃଷ୍ଟି, ବିଦ୍ୟୁତ୍‌ଲତା (ଶିଶୁ ବିଭାଗ ଦାୟିତ୍ୱରେ) ପ୍ରଭୃତି ଥିଲେ । ପୁଣି ପ୍ରକାଶକ ଦାୟିତ୍ୱରେ ଥିଲେ ଦଣ୍ଡପାଣି ମିଶ୍ର । ସବୁଠୁ ସ୍ମରଣୀୟ ସେତେବେଳେ ବରିଷ୍ଠ ସାମ୍ବାଦିକ ଥିଲେ ଭଗବାନ ନାୟକବର୍ମା ଓ ପ୍ରଖ୍ୟାତ ଗୀତିକାର ନରସିଂହ ମହାପାତ୍ର ।



ନନ୍ଦିନୀ କହିଲେ, "ତମର ଏକ ଧାରାବାହିକ କଲମ ରଖ । ଯେଉଁଠି ପ୍ରତି ସପ୍ତାହରେ ନାରୀମାନଙ୍କ ସମ୍ପର୍କରେ, ସେମାନଙ୍କ ସମସ୍ୟା, ସଂଘର୍ଷ, ସଙ୍କଟ ଆଲୋଚନା କରିବ ।" ମୁଁ କୃତକୃତ୍ୟ ହୋଇଗଲି । ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଲେଖିକାଙ୍କ ସହ କାମ କରିବା, ସଂସ୍ପର୍ଶରେ ଆସିବା ନିଜର ସୌଭାଗ୍ୟ ବୋଲି ମନେ କଲି । କାହିଁ ବାରିପଦା ଭଞ୍ଜପୁରର ୧୭ ନମ୍ବର ୱାର୍ଡ଼ର ଝିଅ ଇତିଲୀ (ମୋ ଡାକ ନାଁ) ଆଉ କାହିଁ ନନ୍ଦିନୀ ଶତପଥିଙ୍କ ପାଖରେ ବସିଥିବା ତରୁଣୀ କବିତା ବାରିକ । ମୋ ନିୟମିତ କଲମର ନାଁ ରଖିଲି 'ମୋ ଦୃଷ୍ଟିରେ ନାରୀ' । ଗୋଟେ କାଠ ଖୋଦେଇ ବ୍ଲକ୍ ତିଆରି ହେଲା । ଏହା ସହିତ ରୋଷେଇ, ସୌନ୍ଦର୍ଯ୍ୟ, ନାରୀକୈନ୍ଦ୍ରିକ କ୍ଷୁଦ୍ରଗଳ୍ପ, କବିତା ବି ରହିଲା । ଯେଉଁଦିନ 'ଧରିତ୍ରୀ'ର ନାରୀପୃଷ୍ଠା ବାହାରିଲା ତାହା ଥିଲା ମୋ ପାଇଁ ଏକ ସ୍ମରଣୀୟ ଦିନ । ଖୁସିରେ ଛଳଛଳ ହୋଇ ଯାଇଥିଲା ଆଖି । ଅଫିସ୍‌ରେ ପହଞ୍ଚିଲା ବେଳକୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ । ଉପରବେଳା ଶ୍ରୀମତୀ ଶତପଥି ପହଞ୍ଚି ମୋତେ ଶୁଭେଚ୍ଛା ଜଣାଇଥିଲେ । ସମ୍ପାଦକ ଦେବେନ୍ଦ୍ର ଶତପଥି ଥିଲେ ସ୍ନେହ ଓ ବାତ୍ସଲ୍ୟର ଏକ ଛଳଛଳ ବ୍ୟକ୍ତିତ୍ୱ ।

ଏହାପରେ ଦିନ, ମାସ ଗଡ଼ି ଚାଲେ । 'ନାରୀ' ପୃଷ୍ଠାକୁ ନେଇ ଚିଠି ଓ ଲେଖା ଆସେ । ନନ୍ଦିନୀ ମାଡାମ ଉପର ବେଳା ହିଁ 'ଧରିତ୍ରୀ' ଅଫିସ ଆସନ୍ତି । ଆସିଲେ ମୁଁ ଥିଲେ ଡାକନ୍ତି । ଆଲୋଚନା ହୁଏ । 'ମୋ ଦୃଷ୍ଟିରେ ନାରୀ'ରେ ଆଗାମୀ ସପ୍ତାହରେ କେଉଁ ପ୍ରସଙ୍ଗ ରହିବ ପରାମର୍ଶ ଦିଅନ୍ତି । ବିଭିନ୍ନ ଘଟଣା, ବିଷୟବସ୍ତୁର ସୂଚନା ମଧ୍ୟ ଦିଅନ୍ତି । ଏଇ ଯେମିତି କୁମାରୀ ମାତୃତ୍ୱ, କନ୍ୟାଭ୍ରୁଣ ହତ୍ୟା, ବିଧବା ବିବାହ ପ୍ରଚଳନ, ସତୀପ୍ରଥା, ଯୌତୁକ ପ୍ରଥା, ଘରୋଇ ନିର୍ଯାତନା, ନାରୀଶିକ୍ଷା, ଚାକିରିଆ ନାରୀର ସମସ୍ୟା ଇତ୍ୟାଦି । ପରବର୍ତ୍ତୀ ସମୟରେ 'ମୋ ଦୃଷ୍ଟିରେ ନାରୀ' ପୁସ୍ତକ ଆକାରରେ ଲାର୍କ ବୁକସ, ଭୁବନେଶ୍ୱର ଦ୍ୱାରା ୧୯୯୭ରେ ପ୍ରକାଶ ପାଇଲା । ଏହାର ମୁଖ୍ୟବନ୍ଧ ଲେଖିଥିଲେ ପ୍ରଖ୍ୟାତ କବି/ଗାଳ୍ପିକ, ଜ୍ଞାନପୀଠ ବିଜେତା ସଚ୍ଚିଦାନନ୍ଦ ରାଉତରାୟ । ଏଠାରେ ଉଲ୍ଲେଖନୀୟ ଯେ କଟକର ମିସନ୍ ରୋଡ଼ରେ ତାଙ୍କୁ ଦେଖା କରି 'ମୁଖବନ୍ଧ' ଲେଖିବା କଥା କହିବାରୁ ସଚ୍ଚି ରାଉତରାୟ



କହିଥିଲେ, "ତମେ ମୋ ଦ୍ୱାରା କାହିଁକି ମୁଖବନ୍ଧ ଲେଖିବା କଥା ଚିନ୍ତା କଲ ?" ଉତ୍ତରରେ କହିଲି, "ଦିନେ ଆପଣଙ୍କ ହାତରେ ଲେଖା ଯାଇଥିଲା ନାରୀ ସମସ୍ୟା, ସଂଘର୍ଷକୁ ନେଇ 'ପ୍ରତିମା ନାୟକ' 'ଅଳକା ସାନ୍ୟାଲ' ଭଳି କବିତା ଯାହା ପାଇଁ ପାଇକ 'ଭଞ୍ଜ'ଙ୍କ କାବ୍ୟର ନାରୀ କି ରାଧାନାଥଙ୍କ କାବ୍ୟର ନାରୀର ଚିତ୍ରପଟ ବଦଳାଇ ଦେଇଥିଲା ।"



ଧୀରେ ଧୀରେ ନନ୍ଦିନୀ ଶତପଥିଙ୍କ ସହିତ ମୁଁ କଥାବାର୍ତ୍ତାରେ ସହଜ ହୋଇ ଉଠିଲି । ତାଙ୍କର ପାରିବାରିକ ଜୀବନ, ବିଭିନ୍ନ ଘଟଣା ଆଲୋଚନାରେ ଭାଗ ନେଉଥିଲି । ସ୍ୱାମୀ ଦେବେନ୍ଦ୍ର ଶତପଥି ମୋତେ ଖୁବ୍ ସ୍ନେହ, ଆଦର କରୁଥିଲେ । ଦିନେ କହିଲେ, 'ତମ ନାରୀ ପୃଷ୍ଠାରେ ଯେଉଁ ଅଁଳା ଆଚାର କଥା ଲେଖିଛ ମୁଁ ଘରେ ବନାଇଛି । ହଷ୍ଟେଲ୍‌ରେ ରହୁଛ ନା । ତମ ପାଇଁ ଆଣିଦେବି । ଚାଖି କହିବ କେମିତି ହୋଇଛି ।" ତା' ପରଦିନ ସତକୁ ସତ ସେ ଛୋଟ କାଚ ବୋତଲରେ ଆଣି ଦେଇଥିଲେ ।

ମୋର ମନେ ଅଛି ନନ୍ଦିନୀ ଶତପଥି କୌଣସି ସାହିତ୍ୟ ସଭା କି ମିଟିଂକୁ ଗଲେ, ସାଙ୍ଗରେ ମୋତେ ଡାକୁଥିଲେ । ମୋର ସେତେବେଳେ ଲୋକାଲ୍ ଗାର୍ଡ଼ିୟାନ୍ ଥାନ୍ତି ମୋର ବଡ଼ବାପାଙ୍କ ପୁଅ ନିଶାକର ବାରିକ (କବି ସୌରୀନ୍ଦ୍ର ବାରିକଙ୍କ ଶାଳକ) ତାଙ୍କ କ୍ୱାର୍ଟର ଥାଏ ପୁରୁଣା ବସ୍‌ଷ୍ଟାଣ୍ଡ ପାଖ ଗଳିରେ, ମାର୍କେଟ୍ ବିଲଡିଂର ପଛପଟେ । ସେଥିପାଇଁ ତ ମାର୍କେଟ୍ ବିଲଡିଂରେ ବହିଦୋକାନ କରିଥିବା 'ନବ ପ୍ରଭାତ'ର ବାଦ୍‌ଶାହା ଦେବ୍ରାଜ୍ ଲେଙ୍କାଙ୍କ ସହ ମୋର ପରିଚୟ ହୋଇଥିଲା । ମୁଁ ପ୍ରାୟ ଚାଲି ଆସୁଥିଲି ବଡ଼ବାପାଙ୍କ ଘରକୁ । ତେଣୁ କୁଆଡ଼େ ଯିବାକୁ ହେଲେ ନିଶା ଭାଇଙ୍କ ଅନୁମତି ଦରକାର । ନନ୍ଦିନୀ ମାଡାମ୍ ଅଫିସ୍ ଆସିଲେ ମୋତେ ଡାକରା ପଡ଼େ । ମୁଁ ଯିବାକୁ ବାହାରିଲେ ବନ୍ଧୁ ପ୍ରଦୀପ ଦାଶ ଓ ଅନ୍ୟାନ୍ୟମାନେ ଥଟ୍ଟା କରନ୍ତି, ଚାଲିଲେ ଦ୍ୱିତୀୟ ନନ୍ଦିନୀ ଶତପଥି । ସେତେବେଳେ 'ଧରିତ୍ରୀ'ର ପରିବେଶ ବେଶ୍ ମଜାଳିଆ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଗୋପାଳ ମହାପାତ୍ରଙ୍କୁ ବୋଧହୁଏ 'ସବୁ ମାୟାରେ ବାୟା' ଚଳଚ୍ଚିତ୍ରରେ ଅଭିନୟର ସୁଯୋଗ ମିଳିଥିଲା । ଭୀମ, ପ୍ରଦୀପ ଓ ମୁଁ ପ୍ରଭୃତି ସଂଘର୍ଷ କରୁଥିଲୁ ଜୀବନ ଓ ଜୀବିକାକୁ ନେଇ ସେତେବେଳେ । ଯଦିଓ ପ୍ରଦୀପ ବିଭିନ୍ନ ନିଉଜ୍ ପେପର୍ ପଢ଼ିବା, ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିଲା, ଯାହା ତାଙ୍କୁ ଓ.ଏସ୍.ଏସ୍.ରେ ସାଫଲ୍ୟ ଆଣି ଦେଇଥିଲା ପରବର୍ତ୍ତୀ ସମୟରେ । ଆଜି ସେ ଜଣେ ଦକ୍ଷ ପ୍ରଶାସକ ।

ଥରେ କଟକର ବିଡ଼ାନାସୀରେ ଥିବା ଶୋଭନା ଆଶ୍ରମରେ ଆୟୋଜିତ ହୋଇଥିଲା ପ୍ରଥମ ଲେଖିକା ସମ୍ମିଳନୀ । ମୁଖ୍ୟ ଅତିଥି ଥିଲେ ଶ୍ରୀମତୀ ଶତପଥି । ସମ୍ମାନୀୟା ଅତିଥି ଥିଲୁ ଆମେ ତିନିଜଣ 'ସୁଚରିତା'ର ସମ୍ପାଦିକା ଶକୁନ୍ତଳା ପଣ୍ଡା, ଗାଳ୍ପିକା ସୁଧାଂଶୁବାଳା ପଣ୍ଡା ଓ ମୁଁ । ତେବେ ରାତିରେ କଟକ ଯାଇ ଫେରିବାଟାକୁ ନିଶା ଭାଇ ଗ୍ରହଣ କରିବେ କି ନାହିଁ ମୁଁ ସନ୍ଦେହରେ ଥାଏ । ନନ୍ଦିନୀ ମାଡାମ୍ କହିଲେ, "ତମେ ମୋତେ ତମ ଭାଇଙ୍କ ଟେଲିଫୋନ୍ ନମ୍ବର ଦିଅ । ମୁଁ କଥା ହେବି ।" ତାପରେ ସମ୍ମତି ପାଇଗଲି । ମୋ କ୍ୱାର୍ଟର ଠିକଣା ନେଇ ପାଞ୍ଚଟା ଭିତରେ ରେଡ଼ି ରହିବାକୁ କହିଲେ । ତଦନୁସାରେ ଠିକ୍ ସମୟରେ ଆମ କ୍ୱାର୍ଟର ସାମ୍ନାରେ ଲାଗିଲା ତାଙ୍କର ତଥାକଥିତ କଳା ରଙ୍ଗର କାର୍ । ନିଶା ଭାଇଙ୍କୁ କହିଲେ, "ଚିନ୍ତା କରନ୍ତୁନି । ରାତି ହେଲେ ବି ମୁଁ ତାକୁ ଆଣି ଘରେ ଛାଡ଼ିବି ।" ତାପରେ 'ସୁଚରିତା'ର ସମ୍ପାଦିକା, ସୁଧାଂଶୁବାଳା ସମସ୍ତେ ମିଶି ଗଲୁ ବିଡ଼ାନାସୀର ଶୋଭନା ଆଶ୍ରମ । ସେଇଠି ଦେଖିଥିଲି କୁମାର ଭାଇ ଓ ଅରୁନ୍ଧତୀ ଦେବୀଙ୍କୁ । ରାସ୍ତାସାରା ନନ୍ଦିନୀ ମାଡାମ ଗପୁଥାନ୍ତି, ସେ କେମିତି ଚଣ୍ଡୀ ଥିଲେ । କେମିତି ରେଭେନ୍ସାରେ ପଢୁଥିଲା ବେଳେ ସଭାପତି ପଦ ପାଇଁ ଲଢ଼ିଥିଲି । ଉପର କ୍ଲାସ୍‌ରେ ଥିଲେ ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ପ୍ରଭୃତି ।

'ଧରିତ୍ରୀ'ରେ ଥିଲାବେଳେ ମୋ ପାଇଁ ସବୁଠୁ ସ୍ମରଣୀୟ ଦିନ ଥିଲା ନନ୍ଦିନୀ ଶତପଥିଙ୍କ କଟକସ୍ଥିତ ପିଠାପୁର ଘରକୁ ଯାଇ ବାପା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ଭେଟିବା । ଆମର 'ମାଟିର ମଣିଷ' ଉପନ୍ୟାସ କୋର୍ସରେ ଥିଲା । ପ୍ରଚଣ୍ଡ ଆଗ୍ରହ ଥିଲା ଦେଖିବାକୁ । ମାଡାମ୍ ମୋତେ ଉପରକୁ ନେଇ ତାଙ୍କ ବାପାଙ୍କ ସହ ପରିଚିତ କରାଇ ତଳକୁ ଚାଲିଗଲେ ତାଙ୍କ ମାଆ, ଭାଇ ଭାଉଜଙ୍କୁ ଭେଟିବାକୁ । ଦୁଇ କପ୍ କଫି ବି ଉପରକୁ ପଠାଇ ଦେଇଥିଲେ । ଉପରେ ମୁଁ କାନ୍ଥରେ ଟଙ୍ଗା ହୋଇଥିବା ଫଟୋ ସବୁକୁ ଦେଖୁଥିଲି । ଦେବେନ୍ଦ୍ର ଶତପଥିଙ୍କ ସହ ବିବାହ ବେଳର ଫଟୋ । କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ହେବା ବେଳେ ଶପଥ ନେବାର ଫଟୋ । ଇନ୍ଦିରା ଗାନ୍ଧୀଙ୍କ ସହ ଫଟୋ । ପଣ୍ଡିଚେରୀରେ ଶ୍ରୀମାଙ୍କ ପାଦ ତଳେ ବସିବାର ଫଟୋ । ସ୍ୱାମୀ, ଦୁଇ ପୁଅ ସହ, ବାପଝିଅଙ୍କ ଫଟୋ, ଭଉଣୀ ଜୋଇଁ ପ୍ରଫେସର ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସହ ଫଟୋ, କକେଇ ଭଗବତୀ ଚରଣଙ୍କ ସହ ଇତ୍ୟାଦି ।

ଟେବୁଲ୍‌ରେ ଥାଏ ଗଦାଗଦା ବହି, ଫାଇଲ୍ । ତାରି କଡ଼ରେ ଚେୟାର୍‌ରେ ବସିଥାନ୍ତି ମୋର ଈପ୍‌ସିତ ବିଖ୍ୟାତ ଲେଖକ, 'ମାଟିର ମଣିଷ'ର ସ୍ରଷ୍ଟା । ପ୍ରଣାମ କଲି । ନନ୍ଦିନୀ ମାଡାମ୍ କହି ଯାଇଥିଲେ, ବାପାଙ୍କୁ ଭଲ ଶୁଭୁ ନାହିଁ । ଉଚ୍ଚସ୍ୱରରେ କଥାବାର୍ତ୍ତା କରିବ । ପ୍ରଣାମ କଲାବେଳକୁ 'କିଏ ମା' କହି ଚାହିଁଲେ । ମୁଁ 'ଧରିତ୍ରୀ'ର ଜଣେ ଷ୍ଟାଫ୍, ନାରୀପୃଷ୍ଠା ଦାୟିତ୍ୱରେ ଅଛି ସଂକ୍ଷିପ୍ତରେ କହିଲି । "ଓଃ, ମୋ ଦୃଷ୍ଟିରେ ନାରୀ ଲେଖୁଥିବା କବିତା ତମେ ? ବାଃ ଭଲ ଭଲ, ଲେଖ ।" ପୁଣି ଯେତେବେଳେ କହିଲି, "ବାରିପଦାରୁ ଆସିଛି" ସେତେବେଳେ ତାଙ୍କ ମୁହଁରେ ହସ ଓ ସ୍ମୃତି ଏକାଠି ହୋଇ ଯାଇଥିଲା



ପଚାରିଲି, 'ମାଟିର ମଣିଷ'ର କାହାଣୀ କଣ ସତ ? ବରଜୁ ଚରିତ୍ରଟି କଳ୍ପନା ନା ବାସ୍ତବ ? ଭେଟିଛନ୍ତି ତାକୁ ? ଏଥର ତାଙ୍କ ପାଟିରେ ବାଟୁଳି ନଥିଲା । ଯେମିତି



ବହୁଦିନ ପରେ ଜଣେ ଶ୍ରୋତା ମିଳି ଯାଇଛି ଓ ବକ୍ତା ଭାବରେ ମଲ୍ଲୀଫୁଲ ଭଳି ଝଡ଼ି ପଡୁଥିଲା ତାଙ୍କ ଓଠରୁ ଶବ୍ଦର ଧାଡ଼ିସବୁ । ଥରେ ଗାଁକୁ ଯିବା ପାଇଁ ରେଳଷ୍ଟେସନରେ ସଞ୍ଜ ସଞ୍ଜ ବେଳକୁ ଯୁବକ କାଳିନ୍ଦୀ ଓହ୍ଲାଇଲେ । ସେତେବେଳେ ଆଜି ଭଳି ରିକ୍ସା, ଅଟୋ ନଥିଲା । ପ୍ରାୟ କୁଲି ବା ମୋଟିଆ ଜିନିଷପତ୍ର ବୋହି ନେଇ ଯାଉଥିଲେ । ଥିଲା ବାଲାଙ୍କ ଶଗଡ଼ ଲାଗୁଥିଲା । ସେମିତି ଯେଉଁ କୁଲିଦ୍ୱାରା କାଳିନ୍ଦୀ ଚରଣ ଜିନିଷ ପତ୍ର ବୁହାଇ ଗାଁ ରାସ୍ତାରେ ଚାଲିଥିଲେ ସେହିଥିଲା ବରଜୁ ପଧାନ । ସେହି ଅବିକଳ ନାଁ, ସାଙ୍କା ସେ ଉପନ୍ୟାସରେ ରଖିଛନ୍ତି । ଷ୍ଟେସନରୁ ଗାଁକୁ ଯିବାର ପାଦଚଲା ରାସ୍ତାରେ ଗଲାବେଳେ ସେ ବରଜୁ ସହିତ ଗପି ଚାଲିଥିଲେ । ଏମିତି ତ ସେଥିଲେ ଗପୁଡ଼ି । ପୁଣି ଜଣେ ଲେଖକ । ଲେଖକଟିଏ ସବୁବେଳେ ସମ୍ବେଦନଶୀଳ । ସବୁ ସମୟରେ ଖୋଜୁଥାଏ ଘଟଣା ବା କାହାଣୀ । ଚରିତ୍ର, ପରିବେଶ । ବରଜୁର କାହାଣୀ ଏମିତି ଥିଲା, ଦିନେ ତାର ଚାଷଜମି, ଘରଦ୍ୱାର, ବାଡ଼ି ଥିଲା । ବାପକୁ ମଲା ବେଳେ କଥା ଦେଇଥିଲା ଭାଇ ଭାଇ କେବେ ଭିନ୍ନେ ହେବେ ନାହିଁ । ସେହି କଥା ରଖି ସବୁକିଛି ଭାଇକୁ ଦେଇ ଏବେ ପରିବାର ପୋଷିବା ପାଇଁ କୁଲି ପାଲଟିଛି । ଚାଷୀଟିଏ ଚାଷ ଛାଡ଼ି କୁଲି ପାଲଟିବା ଓ ରାମଚନ୍ଦ୍ର ଭଳି ବାପାଙ୍କର ଶପଥ ବା ଆଦେଶ ପାଳିବା ପାଇଁ ଦେଶାନ୍ତରୀ ହୋଇ ଭାଇ ଭାଗ କରିନାହିଁ, ବରଂ ବନବାସରେ କୁଲି ସାଜିଛି । ଏ କଥା କାଳିନ୍ଦୀଙ୍କ ସମ୍ବେଦନଶୀଳ ମନରେ ଗଭୀର ପ୍ରଭାବ ପକାଇଥିଲା । ମର୍ମରେ ଭେଦି ଯାଇଥିଲା । ବାସ୍, ଏଇଠୁ ଦାନା ବାନ୍ଧିଥିଲା 'ମାଟିର ମଣିଷ' ଉପନ୍ୟାସର ପଟ୍ଟଭୂମି । ତାପରେ





ବୀଜ ପୋତା ହେଲା, ପତ୍ର ମେଲିଲା ଓ ଜନ୍ମ ନେଲା 'ମାଟିର ମଣିଷ' ନାଁରେ ଓଡ଼ିଆ ସାହିତ୍ୟରେ ବଟବୃକ୍ଷ ଭଳି ଏକ କାଳଜୟୀ ଉପନ୍ୟାସ । ନିଜେ ଗାନ୍ଧୀବାଦୀ ଆଦର୍ଶରେ ବିଶ୍ୱାସ କରୁଥିବାରୁ ସେଠି ସେ ଯୋଡ଼ିଲେ ବରଜୁର ଅନଶନ, ଯାହା ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ଏକା ଅଂଶ ଥିଲା ।

ସେଇଠି କଥା ସରିଲା ନାହିଁ କାଳିନ୍ଦୀଚରଣଙ୍କ । ଆରମ୍ଭ ହୋଇଗଲା ତାଙ୍କର ରୁଷ୍ ଭ୍ରମଣର କେତେକେତେ ଅନୁଭୂତି । ଝିଅ ନନ୍ଦିନୀ ମୁଖ୍ୟମନ୍ତ୍ରୀ ଥିଲା ବେଳେ ତାଙ୍କ ସହ ଯାଇଥିଲେ ରୁଷିଆ । ସେଠି ମାଟିର ମଣିଷକୁ ନେଇ ଅନେକ ପ୍ରଶଂସକ ତାଙ୍କୁ ଆଦଣ ଓ ଶ୍ରଦ୍ଧାରେ ଘେରିଯାଇ କେମିତି ପ୍ରଶ୍ନ ସବୁ ପଚାରୁଥିଲେ ପାନ ଥଲଥଲ ପାଟିରେ ବର୍ଣ୍ଣନା କରୁଥିଲେ ସେ । ତାଙ୍କ ମୁହଁରେ ଖୁସି ଓ ଆନନ୍ଦର ଝଲକ ଦେଖି ମୋର ମନେ ହଲା କାଳିନ୍ଦୀ ଚରଣ ତାଙ୍କର ପିଠାପୁର, କଟକର ବାସଭବନରେ ନାହାନ୍ତି । ଅଛନ୍ତି ସୁଦୂର ରୁଷ୍ ମାଟିରେ । ଝିଅ ମୁଖ୍ୟମନ୍ତ୍ରୀ ହେବାର କଥା ଓ ତାର ପ୍ରଶଂସା କହିଲା ବେଳେ ଜଣେ ବାପାର ଆଖିରେ ପିତୃତ୍ୱ ବାତ୍ସଲ୍ୟ ଏତେ ଗଭୀର ଆଉ ସୁନ୍ଦର ହୋଇପାରେ, ଦେଖି ମୁଁ ଅଭିଭୂତ ହୋଇ ଯାଇଥିଲି । ଆଜି ଭଳି ମୋବାଇଲ କି ମୋ ପାଖରେ କ୍ୟାମେରା ଥିଲେ କିଛି ଫଟୋ ଉଠାଇଥାନ୍ତି । ଏମିତି କଥାବାର୍ତ୍ତା ଚାଲିଥିଲା ବେଳେ ନନ୍ଦିନୀ ମାଡାମ୍ ପହଞ୍ଚି ବାପାଙ୍କ କଥା ଶୁଣି ମୃଦୁ ହସି କହିଥିଲେ, ବାପା ଯିଏ ଆସନ୍ତି ଏମିତି ତାଙ୍କର ରୁଷ୍ ଭ୍ରମଣ ଓ ଝିଅ ମୁଖ୍ୟମନ୍ତ୍ରୀ ହେବାର କ୍ୟାସେଟ୍‌ଟି ବଜାନ୍ତି । କେତେ କେତେ ଥର ରିନ୍ୟୁ କଲେଣି କହିବାର ନାହିଁ । ଏଥର ଯିବା । ମୁଁ 'ମାଟିର ମଣିଷ'ର ସେହି ଅମର ସ୍ରଷ୍ଟାଙ୍କୁ ପ୍ରଣାମ କଲି । ଆଶୀର୍ବାଦ କରି ସେ ମୋ ମୁଣ୍ଡ ସାଉଁଳାଇ ଦେଇ କହିଥିଲେ, "ଲେଖ...ବହୁତ ଲେଖ ତମ ଦୃଷ୍ଟିରେ ନାରୀକୁ ନେଇ ।"

ମୁଁ ଧନ୍ୟ ହୋଇଗଲି । ସତେ କି ବୋହିଗଲି, ମିଳାଇଗଲି । ପକ୍ଷୀରାଜ ଘୋଡ଼ାରେ ବସି ଉଡୁଥିଲା ମୋର ପଣତ କାନି । ବାରିପଦାରେ ଛାଡ଼ି ଆସିଥିବା ମୋ ବାପା ରବୀନ୍ଦ୍ର ବାରିକଙ୍କୁ ମନେ ପକାଉଥିଲି । ପ୍ରତ୍ୟେକ ବାପାଙ୍କ ଭିତରେ ଯଦି ଝିଅ ପାଇଁ ଏମିତି ଆଦର, ବାତ୍ସଲ୍ୟ, ଗର୍ବ ରହନ୍ତା, ତାହାଲେ କନ୍ୟାଭ୍ରୂଣ ହତ୍ୟା, ପୁଅଝିଅ ଭିତରେ କରୁଥିବା ପାତର ଅନ୍ତର ଝିଅକୁ ଭାବୁଥିବା ବୋଝ ଭଳି ମାନସିକତାରେ ପରିବର୍ତ୍ତନ ଆସନ୍ତା । ପ୍ରତ୍ୟେକ ବାପା କହନ୍ତେ, ମୋର ନନ୍ଦିନୀଙ୍କ ଭଳି କନ୍ୟାଟିଏ ହୁଅନ୍ତା କି । କହିବା ବାହୁଲ୍ୟ ଓଡ଼ିଆ ଝିଅଟିଏ ଆଜିଯାଏଁ ତାଙ୍କର ସ୍ଥାନ ନେଇ ପାରିନାହାନ୍ତି ରାଜନୈତିକ ପଟ୍ଟଭୂମିରେ । ପୁଣି ସେ ଥିଲେ ବାପା, କକେଇଙ୍କ ଭଳି ପ୍ରତିଭାମୟୀ । ନନ୍ଦିନୀଙ୍କ ସମଗ୍ର ସୃଷ୍ଟି ସର୍ଜନା ଏକ ଉତ୍ତରିତ ଆତ୍ମାର ବଳିଷ୍ଠ ଉଚ୍ଚାରଣ । ସେଥିରେ ରାଜନୀତି ପ୍ରବୀଣା ନନ୍ଦିନୀ ନଥାନ୍ତି, ଥାଆନ୍ତି ନିଚ୍ଛକ ସାହିତ୍ୟିକା, ଅସାଧାରଣ ଗାଳ୍ପିକା । ରୁକ୍ଷ, ବନ୍ଧୁରେ ରାଜନୈତିକ ଜୀବନର ଧୂସରତା ତଳେ ଅନ୍ତଃସଲୀଳା ଫଲ୍‌ଗୁ ଭଳି ଛଳଛଳ ହେଉଥାଏ, ସାହିତ୍ୟର ଅମୃତ ଧାରା, ଯାହା ତାଙ୍କ ଉଷର-ମନୋଭୂମିରେ ଏକ ସୁନ୍ଦର, କୋମଳ, ଅପୂର୍ବ ଅଙ୍ଗୀକାର । ତାଙ୍କ ଗଳ୍ପରେ ପୁରୁଷର ସ୍ଥିତି, ନାରୀର ଗୁରୁତ୍ୱ ସମାନ ଭାବରେ ପର୍ଯ୍ୟବେସିତ । ନାରୀକୁ କେଉଁଠି ସେ ନ୍ୟୁନ କରି ନାହାନ୍ତି । ନାରୀ ତାଙ୍କ ଗଳ୍ପରେ ଯେମିତି ମହନୀୟା ତଥା ତ୍ୟାଗରେ ଜାଜ୍ୱଲ୍ୟମାନ, ସେମିତି ତା'ର ପୀଡ଼ା ଯନ୍ତ୍ରଣା ପ୍ରତି ମଧ୍ୟ



ସେ ସମ୍ବେଦନଶୀଳା ।

କଟକରୁ ଫେରିଲା ବେଳେ ନନ୍ଦିନୀ ମାଡାମ୍ ପ୍ରଗଳଭା ହୋଇ ଗପି ଚାଲିଥିଲେ ତାଙ୍କ ବାପାଙ୍କ, ଦଦେଇ ଭଗବତୀଚରଣ ପାଣିଗ୍ରାହୀଙ୍କ କଥା । ପିଲାଦିନେ ଏ ଦୁହେଁ ହିଁ ତାଙ୍କୁ ଲେଖିବା ପାଇଁ ଉଦ୍ଦୀପିତ କରିଥିଲେ । ଅଗ୍ନି ପୁରୁଷ ଭଗବତୀ ଚରଣ ପାଣିଗ୍ରାହୀ ହିଁ ତାଙ୍କୁ ରାଜନୈତିକ ଜୀବନର ପ୍ରେରଣା ଥିଲେ । ସେ ସବୁବେଳେ ସତ୍ୟବାଦୀ ଚିନ୍ତାଧାରା, କମ୍ୟୁନିଷ୍ଟ ଚେତନାକୁ ନେଇ ଏକ ଶୋଷଣ ବିହୀନ ସମାଜର ସ୍ୱପ୍ନ ଦେଖୁଥିଲେ । ସେଥିପାଇଁ ତ ଲେଖିଥିଲେ ହାତୁଡ଼ି ଓଦା ଶିକାର ଭଳି ଗଳ୍ପ । ପୁଣି କହି ଚାଲିଥିଲେ ସେ କେମିତି ଚଣ୍ଡୀଟେଥିଲେ । ବଡ଼ ଜିଦିଆ ମଧ୍ୟ । ରେଭେନ୍ସା ପଢ଼ିଲାବେଳେ ସଭାପତି ପଦ ପାଇଁ ପ୍ରାର୍ଥିନୀ ହେବାଟା ଥିଲା ଏକ ଇତିହାସ ସୃଷ୍ଟି କରିବାର କଥା । ସେ ପର୍ଯ୍ୟନ୍ତ କୌଣସି ଝିଅ କଲେଜ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ନଥିଲେ ।

କାଳିନ୍ଦୀଚରଣଙ୍କୁ ତାପରେ ମୁଁ ଦୁଇଥର ଭେଟିଥିଲି । ୨୪ ନଭେମ୍ବର, ୧୯୮୫ମସିହାରେ 'ଧରିତ୍ରୀ'ର ବାର୍ଷିକୀ ଉତ୍ସବରେ ଯୋଗଦେବାକୁ ଆସିଥାନ୍ତି ଭାରତ ବର୍ଷର ପ୍ରଖ୍ୟାତ ଲେଖିକା ଅମୃତା ପ୍ରୀତମ । ମଞ୍ଚରେ ମୁଖ ଅତିଥି ଅମୃତାଙ୍କ ସହ ମଞ୍ଚାସୀନ ଥିଲେ କାଳିନ୍ଦୀଚରଣ ଓ ମହାପାତ୍ର ନୀଳମଣି ସାହୁ । ସେମାନଙ୍କୁ ସଙ୍ଖୋଳିବାର ଦାୟିତ୍ୱ ଆମ କେତେଜଣଙ୍କ ଉପରେ ଥାଏ । ଏହି ମହାନ ସ୍ରଷ୍ଟାଙ୍କୁ ଦେଖି ଓ ତାଙ୍କ ସ୍ପର୍ଶରେ ଆସି ମୁଁ ନିଜକୁ ଧନ୍ୟ ମନେ କରିଥିଲି । ପୁଣି ଶେଷଥର ଦେଖା ହୋଇଥିଲା ତାଙ୍କ ସହ ନନ୍ଦିନୀଙ୍କ କ୍ୱାର୍ଟରରେ । ସେତେବେଳେ ତାଙ୍କର ସଂପୂର୍ଣ୍ଣ ସ୍ମୃତି-ବିଭ୍ରାଟ ଘଟିଲାଣି । ଝିଅଟିଏ ତାଙ୍କ ହାତ ଧରି ବଗିଚାରେ ବୁଲାଉଥିଲା । ନନ୍ଦିନୀ ମାଡାମ୍‌ଙ୍କ ସହ କଫି ପିଇଲା ବେଳେ ସେ କହୁଥିଲେ, "ଆଜିକାଲି ବାପା କାହକୁ ଚିହ୍ନି ପାରୁନାହାନ୍ତି । ହସୁଛନ୍ତି ତ ହସୁଛନ୍ତି । କେବେ ପିଲାଙ୍କ ଭଳି ରୁଷୁଛନ୍ତି, କାନ୍ଦୁଛନ୍ତି । ବାର୍ଦ୍ଧକ୍ୟ କେମିତି କରି ଦିଏ ମଣିଷକୁ ।" ମୁଁ ପଚାରିଲି, "ତାଙ୍କୁ ଭେଟି ପାରିବି ?" ସେ ଝିଅଟିକୁ ଡାକିଲେ । ମୁଁ ତାଙ୍କୁ ପ୍ରଣାମ ଜଣାଇଲି । କହିଲି, ମୁଁ କବିତା, ଚିହ୍ନି ପାରୁଛନ୍ତି ? 'ଧରିତ୍ରୀ'ର ନାରୀପୃଷ୍ଠା ଲେଖୁଥିଲି । ସେ ଅନାଇଲେ । ମୁଁ ଆଉ ଟିକେ ଉଚ୍ଚସ୍ୱରରେ କହିଲି, କଟକରେ ଭେଟିଥିଲି ମାଟିର ମଣିଷର ବରଜୁ.. । ଏଥର ସେ ଟହଟହ ହସିଲେ । ବିଡ଼ିବିଡ଼ି କହିଲେ, ହ୍ୟାପ୍, ମାଟିର ମଣିଷ...ସେଟା କଣ ? ମୁଁ କହିଲି, ଆପଣଙ୍କ ଲେଖା ଉପନ୍ୟାସ । ହାତ ଛିଣ୍ଡାଇ ସେ ଡଗଡଗ ଚାଲିବାକୁ ଆରମ୍ଭ କରିଥିଲେ । ହାୟ...ଏ କି ଅବସ୍ଥା । 'ମାଟିର ମଣିଷ'ର ସ୍ରଷ୍ଟାଙ୍କର । ମନେ ପଡ଼ିଲା ନନ୍ଦିନୀ ମାଡାମଙ୍କ କଥା, 'ବାର୍ଦ୍ଧକ୍ୟ କେମିତି କରିଦିଏ ମଣିଷକୁ ।' ତା'ର କିଛିଦିନ ପରେ ସେ ଚାଲିଗଲେ । 'ମାଟିର ମଣିଷ'ର ସ୍ରଷ୍ଟା ମାଟିରେ ମିଶିଗଲେ । ଛାଡ଼ି ଯାଇଥିଲେ ତାଙ୍କର ଅମର କୀର୍ତ୍ତି 'ମାଟିର ମଣିଷ' ଆତ୍ମଜୀବନୀ ଅଙ୍ଗେ ଯାହା ନିଭାଇଛନ୍ତି ଆଉ ତାଙ୍କର ଅମୃତ ସୃଷ୍ଟି ଅଗ୍ନିକନ୍ୟା ନନ୍ଦିନୀ ଶତପଥୀଙ୍କୁ ।

'ଧରିତ୍ରୀ'ରେ ଥିଲା ବେଳେ ମୋ ପାଇଁ ଆଉ ଏକ ସ୍ମରଣୀୟ ଦିନ ଥିଲା ଅମୃତା ପ୍ରୀତମଙ୍କ ସହ ସାକ୍ଷାତକାର ନେବା । ଚନ୍ଦ୍ରିକା ମହାପାତ୍ର ଫୋନ୍ କଲେ କାଲି ରେଡି ହୋଇ ଥିବ, ଯିବା କଳିଙ୍ଗା ଅଶୋକା ହୋଟେଲ । ଅମୃତା ପ୍ରୀତମଙ୍କର ସାକ୍ଷାତକାରଟିଏ ନେବ । ଗାଡ଼ି ହଷ୍ଟେଲରେ ପହଞ୍ଚିବ ନଅଟା ବେଳେ । ତାହା ଥିଲା ୧୯୮୫ର ନଭେମ୍ବର ୨୩ର ଶୀତୁଆ ସକାଳ । ସେଠାରେ ଉପରକୁ ଯାଇ ପହଞ୍ଚିଲା ବେଳକୁ ନନ୍ଦିନୀ ମାଡାମ୍ ପହଞ୍ଚି ସାରିଥାନ୍ତି । ଏକ କଳା ଏମ୍ବ୍ରୋଡ଼ରେ ସାଲଷ୍ଟି ଘୋଡ଼ାଇ ମୁଣ୍ଡରେ ଉଲେନ୍ ଟୋପିଟେ ଲଗାଇ ଏ ବୟସରେ ବି ଅମୃତା ଖୁବ୍ ସୁନ୍ଦର, ସ୍ମାର୍ଟ ଦିଶୁଥାନ୍ତି । ଏୟାରପୋର୍ଟରେ ତାଙ୍କୁ ସଙ୍ଖୋଳିଯିବା ବେଳେ ଅବଶ୍ୟ ଦେଖିଥିଲି । ସାଥୀରେ ଆସିଥାନ୍ତି ବନ୍ଧୁ, ଶିଳ୍ପୀ ଇମ୍ରଜ । ଅମୃତା ଗୋଟାଏ ପରେ ଗୋଟାଏ ସିଗାରେଟ୍ ଲଗାଉଥାନ୍ତି । ଜାଣିଲି ସେ ଜଣେ ଚେନ୍ ସ୍ମୋକର । ଉର୍ଦ୍ଦୁ, ହିନ୍ଦୀ ମିଶା ତାଙ୍କର ଉଚ୍ଚାରଣ ଥିଲା । ପଚାରିବା ଗୋଟେ ଦୁଇଟା ପ୍ରଶ୍ନ ଉତ୍‌ଥାପନ କରିବାର ଲୋଭ ସମ୍ବୋରଣ କରିପାରୁନି ।

ପଚାରିଥିଲି – ଆପ୍‌କା ଦୃଷ୍ଟିମେଁ ଜିନ୍ଦେଗୀ କ୍ୟା ହେ ?

ଉତ୍ତର – ଜିନ୍ଦେଗୀ ଏକ ବିଉଟିଫୁଲ୍ ଚାନ୍ସ୍ ହେ

ପ୍ରଶ୍ନ – ଆପ୍ ଜର୍ଣ୍ଣିକୋ ଲେକର୍ କ୍ୟୁଁ ଇତ୍‌ନା ଲିଖ୍‌ତୀ ହେଁ ?

ଉତ୍ତର: Because my entire life is a long journey.

ପ୍ରଶ୍ନ – ଔର୍ ପ୍ୟାର୍... ?

ଉତ୍ତର: ପ୍ୟାର୍ Means admire, admire the whole world. Put your heart and soul init. ପ୍ରେମ୍ ଏକ୍ ସମ୍ମୋହନ୍, ହର୍ ଇନ୍‌ସାନ୍ କୋ ନିଭାନା ଚାହିୟେ । ମତ୍‌ଲବ୍ ଏକ ଦିଲ୍- ଦୁସ୍‌ରେ ଦିଲ୍‌କୋ ଯାଡ୍‌ନା କଭି ନେହିଁ ଛୋଡ୍‌ନା ।

ସତରେ ଆଜି ଦୁଇ ହୃଦୟକୁ ଯୋଡ଼ିବାର କଥା କହୁଥିବା ଅମୃତା ପ୍ରୀତମ ନାହାନ୍ତି କି 'ମାଟିର ମଣିଷ'ର ସ୍ରଷ୍ଟା କାଳିନ୍ଦୀଚରଣ ନାହାନ୍ତି । ନାହାନ୍ତି ବି ତାଙ୍କ ତନୟା 'ନନ୍ଦିନୀ' । ଏ ମାଟିର ନନ୍ଦିନୀ । ଅଛି ଖାଲି ମୁଠା ମୁଠା ସ୍ମୃତି । ନନ୍ଦିନୀ କନ୍ୟା ଭାବେ କେବଳ ଗର୍ବିତ କରିନାହାନ୍ତି ପିତା କାଳିନ୍ଦୀଚରଣଙ୍କୁ ସେ ଅଧିକନ୍ତୁ ଧନ୍ୟ କରିଛନ୍ତି ଓଡ଼ିଶା ମାଟିକୁ । ତାଙ୍କୁ ଅତିକ୍ରମ କରି ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଜୁଟିନି ଆଉ କୋଉ ନାରୀର ଭାଗ୍ୟରେ ଏଯାଏଁ । ଉଭୟ ସାହିତ୍ୟ ଓ ରାଜନୀତିର ପଶାପାଲିରେ ସେ ଥିଲେ ନିପୁଣା । ନନ୍ଦିନୀଙ୍କ ରାଜନୀତି ଜୀବନ ଗୋଟେ ପଟେ ଆଉ ସର୍ଜନଶୀଳ ବ୍ୟକ୍ତିତ୍ୱ ଥିଲା ଅନ୍ୟପଟେ । କେହି କାହାର ପରିପୂରକ ନଥିଲେ । ପୁଣି ସେ ଥିଲେ ବଗିଚା ପ୍ରିୟ । ଭଳିକି ଭଳି ଫୁଲଗଛ ଲଗାଇବା ଓ ସେସବୁର ଯତ୍ନନେବା ଥିଲା ତାଙ୍କର ସଉକ । ସେ ବଢ଼ିଆ ଗାଜର ହାଲୁଆ ବନାଉଥିଲେ । ତାଙ୍କ କ୍ୱାର୍ଟରକୁ ଗଲେ ନିଶ୍ଚେ ଚା' ସହ ଗାଜର ହାଲୁଆ ମିଳିଥାଏ ।

ନନ୍ଦିନୀ ଶତପଥୀ ଏହାପରେ ଅମୃତା ପ୍ରୀତମଙ୍କର ଆତ୍ମଜୀବନୀ 'ରସିଦ୍ ଟିକଟ'ର ଅନୁବାଦ କରିଥିଲେ ଯାହା ଗ୍ରନ୍ଥ ମନ୍ଦିର ଦ୍ୱାରା 'ରେଭିନ୍ୟୁ ଟିକଟ' ନାଁରେ ପ୍ରକାଶିତ । ନନ୍ଦିନୀଙ୍କ ବ୍ୟକ୍ତିତ୍ୱ, ଉଦାତ୍ତ ସ୍ୱର ଓ ନାରୀକୁ ନେଇ ଘଟୁଥିବା ବିଭିନ୍ନ ଘଟଣାବଳୀ ନେଇ ବ୍ୟଥିତ ହେବାର ଦୃଶ୍ୟ ଏବେବି ମୁଁ ଭୁଲିପାରି ନାହିଁ । ନନ୍ଦିନୀଙ୍କ ସର୍ଜନା ଏକ ଉତ୍ତରିତ ଆତ୍ମାର ବଳିଷ୍ଠ ଉଚ୍ଚାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜର ପ୍ରତ୍ୟେକ ସ୍ତର ଓ ମଣିଷ ଚରିତ୍ରକୁ ନେଇ ଅନୁଶୀଳନ କରିଛନ୍ତି ସେ । ପ୍ରିଜମ୍‌ର ପ୍ରତ୍ୟେକ ଉଜ୍ଜ୍ୱଳ କାଚଖଣ୍ଡ ପରି ତାଙ୍କ ପ୍ରତିଭାର ଦୀପ୍ତି ସବୁ କ୍ଷେତ୍ରରେ ବିଚ୍ଛୁରିତ । ସେ ତାଙ୍କ 'ଜୀବନଦେବତା' ଗଳ୍ପରେ ମଣିଷର ସ୍ୱାର୍ଥପରତାକୁ ଲକ୍ଷ୍ୟ କରି ଲେଖିଛନ୍ତି, ଦିନକୁ ଦିନ ମଣିଷ ସାନ ହୋଇଯାଉଛି । ସେଇ ରୂପକଥାର ଏକୋଇଶ ହାତ ମଣିଷ, ଯିଏ କମି କମି ହେଲା ଚଉଦ ହାତ । ତା'ପରେ ସାତ ଓ ଶେଷରେ ସାଢ଼େ ତିନି ହାତ । ହୁଏତ ଆହୁରି ଛୋଟ ହୋଇଯିବ । ତାକୁ ସେତେବେଳେ ଇଞ୍ଚରେ ମପା ଯିବ । ସେମିତି ତାଙ୍କର 'ଭସାମେଘ' ଗଳ୍ପ । ସ୍ତ୍ରୀ ସ୍ୱାମୀ ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହୋଇ ମିଛରେ ପାଗେଳି ବୋଲି ପାଗଳ ଗାରଦରେ ପହଞ୍ଚାଇ ଦିଆ ଯାଇଛି । ସ୍ତ୍ରୀଟି ଅପେକ୍ଷା କରିଛି ପୁଅ ବଡ଼ ହେଲେ ମାଆର ଦୁଃଖ ବୁଝିବ ଓ ତାକୁ ଘରକୁ ନେଇଯିବ । ପୁଅ ବଡ଼ ହୋଇଛି । ବାହାହୋଇ ସ୍ତ୍ରୀ ସହ ମାଆକୁ ଦେଖିବାକୁ ଆସିଛି କନ୍ତୁ ଘରକୁ ନେବା କଥା ଉଠାଇନି । ମାଆ ବୋହୂକୁ ଆଉଁଷି ଦେଇ ପଚାରିଛି, ମୋ ପୁଅ ତୋତେ ମାରେନି ତ ? ବ୍ୟଥାତୁର ନାରୀ ହୃଦୟର ସମ୍ବେଦନଶୀଳ ପ୍ରଶ୍ନ ମନ୍ଥି ଦେବା ପାଇଁ ଯଥେଷ୍ଟ ଜଣେ ପାଠକର ସହାନୁଭୂତିଶୀଳ ମାନବିକ ହୃଦୟକୁ ।

ଏକଦା 'କ୍ରାନ୍ତିଧାରା' ପତ୍ରିକାର ସମ୍ପାଦକ ଥିବା ସଞ୍ଜୟ ଦାସବର୍ମା ଯଥାର୍ଥରେ ତାଙ୍କ ସମ୍ପର୍କରେ ଲେଖିଥିଲେ, "ଯେଉଁଠି ପଡ଼ିଛି ନନ୍ଦିନୀଙ୍କ ପାଦ ତାହା ପାଲଟିଛି ତାଙ୍କର ସାମ୍ରାଜ୍ୟ । ସୃଜନର ଅମୃତ ଫସଲ ଠାରୁ ରାଜନୀତିର ନିଆଁ ଖେଳ, ସ୍ୱାଧୀନତା ସଂଗ୍ରାମର ଚର୍ଚ୍ଚିତ କ୍ଷେତ୍ର ଠାରୁ ସେବାର ବୃହତ୍ତର ବୃତ୍ତ, ଜନଜାଗରଣର ମନ୍ତ୍ରୋଚ୍ଚାରଣରୁ ସାଫଲ୍ୟର ଶୀର୍ଷାରୋହଣ, ସବୁଠି ନନ୍ଦିନୀଙ୍କ ଉଜ୍ଜ୍ୱଳ ଚିହ୍ନ । ମାଟିର ମଣିଷ, କାଳିନ୍ଦୀ ପାଣିଗ୍ରାହୀଙ୍କ ଶ୍ରେଷ୍ଠତମ କୃତି: ନନ୍ଦିନୀ ଶତପଥୀ । (କ୍ରାନ୍ତିଧାରା/ ପୂଜାସଂଖ୍ୟା-୧୯୯୬)

ନନ୍ଦିନୀ : ତୁଳନାହୀନ ଏକ ପ୍ରଖର ତଟିନୀ ।

ଚିତ୍ରଶାଳା

# ଚିତ୍ରଶିଳ୍ପୀ ବିରେନ୍ଦ୍ର ପାଣି

ଏମିତି ଏକ ସମୟ ଆସିବ, ଯେତେବେଳେ ମଣିଷ ଇତିହାସର ଅମର କଳାକୁ ଆଉ କେହି ମନେ ପକାଇବ ନାହିଁ । ଚାରିଆଡ଼େ ଦୃଶ୍ୟମାନ ହେବ କେବଳ କଂକ୍ରିଟ୍‌ର ଜଙ୍ଗଲ । ଜଙ୍ଗଲରୁ ବିସ୍ଥାପିତ ଓ ବିଲୁପ୍ତ ହେବେ ଜଙ୍ଗଲି ପଶୁ, ପକ୍ଷୀ, ବୃକ୍ଷ ଓ ମାନବ । ମନୁଷ୍ୟକୃତ ଅଟ୍ଟାଳିକା ସେମାନଙ୍କ ସ୍ଥାନ କବ୍‌ଜା କରିନେବ । ଘରେ ଘରେ ପଶିଯିବ ପ୍ଲାଷ୍ଟିକ୍ ମଣିଷ, ପ୍ଲାଷ୍ଟିକ୍ ପରମ୍ପରା ଓ ପ୍ଲାଷ୍ଟିକ୍‌ର ପୋଷାକ । ସେଇ ମଣିଷମାନେ ପ୍ରଶ୍ନ କରିବେ– କୁଆଡ଼େ ଗଲା ଆମ ଇତିହାସର ଲିପିବଦ୍ଧ ଚିହ୍ନ ? ଖାରବେଳର ଖଣ୍ଡଗିରି ଓ ଧରମାର ଶେଷ ପଥର ଖଣ୍ଡ କୋଣାର୍କ... ! ! ! ଏପରି ଏକ ସମ୍ବେଦନଶୀଳ ଓ ଚିନ୍ତା ଉଦ୍ରେକକାରୀ ବିଷୟବସ୍ତୁ ଉପରେ ଆଧାରିତ ଥିଲା ଯୁବ କଳାକାର ବିରେନ୍ଦ୍ର ପାଣିଙ୍କର (The Re-Vision) 'ଦ ରି-ଭିଜନ୍' ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ । ନୂଆଦିଲ୍ଲୀର Gallery Espace, New Yorke, R.L.Fine Arts, Bangaloree Gallery Sumukha ଏବଂ Kolkatae, Gallery Akritiରେ ବିରେନ୍ଦ୍ର ପାଣିଙ୍କ ଏକକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

ସମସାମୟିକ ଚିତ୍ରକଳା ଜଗତରେ ଯେଉଁ କେତେଜଣ ଓଡ଼ିଆ ଯୁବ ଚିତ୍ରଶିଳ୍ପୀ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥିତି ଜାହିର କରିଛନ୍ତି, ସେମାନଙ୍କ ମଧ୍ୟରେ ବିରେନ୍ଦ୍ର ଏକ ସଫଳ ନାଁ । ଓଡ଼ିଶାର କଳା, ଭାସ୍କର୍ଯ୍ୟ ଓ ପରମ୍ପରା ତାଙ୍କ କଳାର ମୁଖ୍ୟ ମାଧ୍ୟମ ହୋଇଥିଲେ ମଧ୍ୟ ବସ୍ତୁବାଦୀ ଦୁନିଆଁରେ ବୁଡ଼ି ରହି ନିଜର ପରିଚୟ ଠୁ ଧୀରେ ଧୀରେ ଦୂରେଇ ଯାଉଛି ମଣିଷ, ଏସବୁ ଚିନ୍ତାକୁ ନିଜର କଳ୍ପନା ମାଧ୍ୟମରେ ସେ ଚମତ୍କାର ଭାବେ 'Re-Vision' ପ୍ରଦର୍ଶନୀରେ ପରିପ୍ରକାଶ କରିଛନ୍ତି ।

୧୯୬୮ରେ ଭଦ୍ରକର କଂଟାପଡ଼ା ଗ୍ରାମରେ ବିରେନ୍ଦ୍ରଙ୍କ ଜନ୍ମ । ପିଲାଦିନରୁ ସେ କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜର ସ୍ୱପ୍ନକୁ ନିଜେ ସାଉଁଟି ଧରି ବାହାରି ଯାଇଥିଲେ ଶାନ୍ତିନିକେତନ ଅଭିମୁଖେ କଳା ଅଧ୍ୟୟନ ପାଇଁ । କଳାଭବନ ଶାନ୍ତିନିକେତନରୁ ୧୯୯୭ରେ ସ୍ନାତକୋତ୍ତର ଉପାଧି ହାସଲ କରିବା ପରେ ୧୯୯୯ରେ M. S. University ରୁ MFA First Class Distinctionରେ ଉତ୍ତୀର୍ଣ୍ଣ ହୁଅନ୍ତି । ଜଣେ ସମସାମୟିକ ଚିତ୍ରକର ହେବାର ସ୍ୱପ୍ନ ଥାଏ ମନରେ । ତେଣୁ କିଛି ନଭାବି ୨୦୦୦ରେ ମୁମ୍ବାଇ ନଗରୀକୁ ଚାଲି ଆସନ୍ତି ବିରେନ୍ଦ୍ର । ଦୀର୍ଘ ସାତ ବର୍ଷ ମୁମ୍ବାଇ ନଗରୀରେ ରହିବା ସହ ସୁଇଜରଲାଣ୍ଡ, ଜାପାନ, ନ୍ୟୁୟର୍କ, ହଙ୍ଗ୍‌କଙ୍ଗ୍, ଲଣ୍ଡନ୍, ବ୍ୟାଙ୍ଗ୍‌କକ୍, ସିଙ୍ଗାପୁରରେ ନିଜର ଚିତ୍ର ପ୍ରଦର୍ଶନୀ କରି ୨୦୦୭ରେ ସେ ନୂଆଦିଲ୍ଲୀ ଆସନ୍ତି । ଜଣେ ଉଦୀୟମାନ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଯୁବ ଚିତ୍ରଶିଳ୍ପୀ ଭାବରେ ସେ ନିଜ ପାଇଁ ସ୍ଥାନଟିଏ ବାଛି ନେଇ ପାରଛନ୍ତି ।

ନୂଆଦିଲ୍ଲୀରେ ଅଛି ତାଙ୍କର ନିଜସ୍ୱ ଷ୍ଟୁଡ଼ିଓ । ୨୦୦୭ରୁ ଆଜି ପର୍ଯ୍ୟନ୍ତ ସେ କଳା ସାଧନା ଜାରି ରଖିଛନ୍ତି । ବିରେନ୍ଦ୍ରଙ୍କ ବାପା ପ୍ରହଲ୍ଲାଦ ପାଣି ମଧ୍ୟ ଜଣେ କଳାକାର । ପତ୍ନୀ ଡ଼କ୍ଟର ରାଜଶ୍ରୀ ବିଶ୍ୱାଳ JNUରୁ କୃତିତ୍ୱର ସହ ପି.ଏଚ୍‌ଡି. ଉପାଧିପ୍ରାପ୍ତ ଓଡ଼ିଶାର ପ୍ରଥମ କଳା ଇତିହାସବିତ୍ ଏବଂ କ୍ୟୁରେଟର୍ । ଶ୍ରୀ ପାଣି ଓ ପତ୍ନୀ ରାଜଶ୍ରୀ– ଦୁହେଁ ସମସାୟିକ କଳା ଜଗତରେ ବେଶ୍ ପ୍ରତିଷ୍ଠିତ ।

ଓଡ଼ିଶୀ ନୃତ୍ୟର ଆଦ୍ୟ-ପର୍ବ ଗୋଟିପୁଅ ନୃତ୍ୟ, ମୟୁରଭଂଜର ଛଉ ନୃତ୍ୟ ତଥା ଓଡ଼ିଶାର ପ୍ରାଚୀନ କଳା ଓ ସ୍ଥାପତ୍ୟର ଅବହେଳିତ ଅବସ୍ଥା ସମ୍ପର୍କରେ ଏକ ନୂତନ ସଚେତନତା ସୃଷ୍ଟି କରି ବିରେନ୍ଦ୍ର ସମସାମୟିକ କଳା ମାଧ୍ୟମରେ ଆନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ । କଳା ମାଧ୍ୟମରେ ସେ ଯୁବସମାଜକୁ ଆହ୍ୱାନ ଦିଅନ୍ତି : ଏବେ ସମଗ୍ର ମଣିଷ ସମାଜ ନିଜର କଳା ଓ ସଂସ୍କୃତି ପ୍ରତି ସଚେତନ ହେବାର ସମୟ ଆସିଛି ।



ବିରେନ୍ଦ୍ରଙ୍କ କଳାକୃତି









# କଥାକହେ
# କାଂଶବାଂଶ



# ଆମ କାଂଶବାଂଶ



**ସସ୍ମିତା ରାଉତ**

**ଫଟୋ ସୌଜନ୍ୟ : ଲେଖିକା ଓ ପ୍ରଦୀପ୍ତ ମହାନ୍ତି**

ନଦନଦୀର ଦେଶ ଭାରତବର୍ଷ । ଆମ ସଭ୍ୟତା ଓ ସଂସ୍କୃତିରେ ନଦୀ ମାତୃସ୍ଥାନୀୟା । ନଦୀ ପୂଜିତା ଓ ବନ୍ଦନୀୟା ବି । ବାସ୍ତବରେ ନଦୀ କେବଳ ଜଳର ଏକ ଧାରା ନୁହେଁ, ସେ ଅମୃତର ଧାରା । ସେ ଗଙ୍ଗା ହେଉ ଅବା ନର୍ମଦା, ଯମୁନା, କୃଷ୍ଣା, କାବେରୀ, ସରସ୍ୱତୀ ଅବା ଗୋଦାବରୀ ହେଉ, ସର୍ବତ୍ର ପୂଜିତା ସେ । ଭାରତବର୍ଷରେ ତେଣୁ ପ୍ରତ୍ୟେକ ମାଙ୍ଗଳିକ କର୍ମରେ ନଦୀକୁ କରାଯାଏ ଆବାହନ:

"ଗଙ୍ଗେଚ ଯମୁନେଚୈବ ଗୋଦାବରୀ ସରସ୍ୱତୀ
ନର୍ମଦେ ସିନ୍ଧୁକାବେରୀ ଜଳେ ସ୍ମିନ ସନ୍ନିଧି ଭବ ।"

ଚିରସ୍ରୋତା ନଦୀ ହିଁ ତ ଶସ୍ୟଶ୍ୟାମଳା କରିତୋଳେ ସବୁଜ ବନାନୀ ଠୁ ଆରମ୍ଭ କରି ବିଲପ୍ରାନ୍ତର । ନଦୀ ଉପତ୍ୟକାରେ ଗଢି ଉଠେ ସଭ୍ୟତା ସମାଜ । ଭାବୁକର କଳ୍ପନାରେ ପୂଣ୍ୟତୋୟା ନଦୀ ହିଁ ଭରେ କାବ୍ୟକବିତାର ଉଚ୍ଛ୍ୱାସ । ଏ ମାଟିରେ ଅନେକ ଏମିତି ନଦୀ ଅଛି, ଯାହା ସଭ୍ୟତା ଓ ସଂସ୍କୃତିର ସେତୁବନ୍ଧକୁ ଗଢ଼ି ତୋଳିବାରେ ସହାୟକର ଭୂମିକା ନିଭାଇଛି । ସେମିତି ଏକ ଛୋଟ ନଦୀ ଆମ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ । ନାଁ ତାର 'କାଂଶବାଂଶ' । କ୍ଷୀଣାଙ୍ଗୀ ଅଥଚ ରୂପସୀ ।

## ଜନ୍ମଜାତକର ଇତିକଥା

ଭାରତର ଦାକ୍ଷିଣାତ୍ୟ ମାଳଭୂମିର ପୂର୍ବସୀମାରେ ବିଖଣ୍ଡିତ ପୂର୍ବଘାଟ ପର୍ବତମାଳା ଦକ୍ଷିଣରେ ତାମିଲନାଡୁର ନୀଳଗିରି ପର୍ବତମାଳାରୁ ଆରମ୍ଭ ହୋଇ ଉତ୍ତରରେ ଆମ ବାଲେଶ୍ୱର ଜିଲ୍ଲାର ନୀଳଗିରି ପାହାଡ଼ମାଳା ପର୍ଯ୍ୟନ୍ତ ପ୍ରଲମ୍ବିତ । ନୀଳଗିରି ଦକ୍ଷିଣକୁ ଦେବଗିରି ପାହାଡ଼ମାଳା ଯାହାକି ସୋରର ପଶ୍ଚିମାଂଶ, ଖଇରାର ଉତ୍ତରାଂଶ ଓ ଔପଦାର ଦକ୍ଷିଣାଂଶକୁ ଆବୋରିଛି । ଦେବଗିରି ପାହାଡ଼ମାଳାର ଦକ୍ଷିଣରେ ଛୋଟ ପାହାଡ଼ ଶାରୀଶୁଆ', ଖଇରାର କୁପାରୀ ଠାରେ ଅବସ୍ଥିତ । ଏହି ପାହାଡ଼ର ଦକ୍ଷିଣକୁ ପଥୁରିଆ ଟାଙ୍ଗରା ଭୂଇଁ ନାମ ତାର ସରହାର । ଏଇଠି ଗାଁଟିଏ 'ବାଉଁଶବଣିଆ' । ବାଉଁଶ ବଣରେ ପୂର୍ଣ୍ଣ । ଏହି ବାଉଁଶ ବଣରୁ ପଥର ଫଟେଇ ଛୋଟ ଝରଣାଟିଏ ପୂର୍ବାଭିମୁଖୀ ହୋଇ ବହି ଆସିଛି । ଯାହାର ନାମ ଢେଇ । ଶିଳାଶଯ୍ୟାରେ ଡେଇଁ ଡେଇଁ ଅତିକ୍ରମ କରିଛି ତିନୋଟି ବିଶାଳ ଶିଳାଗାତ ଯାହାକି ମୁନସିଗଣ୍ଡ, ଜମାଦାର ଗଣ୍ଡ, ଛାଞ୍ଚୁଣିଆ ଗଣ୍ଡ ନାମରେ ଖ୍ୟାତ । ଏହି ଗଣ୍ଡ ପାରି ହେଲା ପରେ ଢଢଇ ନାମିତ ହୋଇଛି 'ବାଉଁଶ ନଈ' ନାମରେ । ଔପଦାର ଦକ୍ଷିଣାଂଶରୁ ଅନେକ ପାହାଡ଼ୀ ଝରଣାର ସମିଶ୍ରଣରେ ବର୍ତ୍ତନା ପାଖ ଦେଇ ବହି ଆସିଛି ନଈଟିଏ । ନାଁ ତାର କହ୍ନେଇ, ଖଇରାର ଡୁଙ୍ଗୁରା ଠାରେ ମିଳିଛନ୍ତି ଦୁଇ ନଈ । ଜନଶ୍ରୁତିରୁ ଜଣାଯାଏ ବାଉଁଶ ନଈର ଉତ୍ପତ୍ତି ସ୍ଥାନ ବାଉଁଶ ବଣ ଥିବା ସ୍ଥଳେ କହ୍ନେଇର ଉତ୍ପତ୍ତି ସ୍ଥଳରେ ରହିଛି ବେଣା । ବେଣା ଦଣ୍ଡ ଓ ଫୁଲକୁ କାଇଁଶ ବୋଲି କୁହାଯାଏ । ତେଣୁ କାଇଁଶ ଓ ବାଉଁଶ ଶବ୍ଦର ମିଶ୍ରଣରୁ ନାମ ହୋଇଛି କାଇଁଶ ବାଉଁଶ, ଯାହାକି କାଳକ୍ରମେ 'କାଂଶବାଂଶ' ହୋଇଛି ।

'କାଂଶବାଂଶ'ର ଦୁଇ କୂଳ ଉତ୍ପତ୍ତି ସ୍ଥଳ ପାହାଡ଼ ଠାରୁ ସମୁଦ୍ରରେ ମିଶିବା ପର୍ଯ୍ୟନ୍ତ ଜାତିଜାତିକା ବୃକ୍ଷ, ବାଉଁଶ ବଣ, କାଶତଣ୍ଡି, କୁଶ ଆଉ ବେଣାର ପାଟରେ ସୁସଜ୍ଜିତ । ତାର ମଝିରେ ଲାଜେଇ ଲାଜେଇ ଗାଉଁଲି ଝିଅଟିଏ ଭୋଗି ଲୁଚିଛପି ବହି ଯାଇଛି ସାଗରର ସରାଗ ଡାକରେ ତା ସହ ସମାହିତ ହେବା ପାଇଁ । ଡୁଙ୍ଗୁରା ଠାରେ ସମତଳ ଭୂଇଁ ଛୁଇଁବା ପରେ ସେ ତାର ପ୍ରକୃତ ଯାତ୍ରା ଆରମ୍ଭ କରିଛି ଚୁଶାଙ୍ଗୀ, ମାଳଭୂମିର ପାହାଡ଼ି ରାସ୍ତା ଅତିକ୍ରମ କରିବା ପରେ କ୍ରମେ ତାର ଶଯ୍ୟା ଗଭୀର ଓ ପ୍ରଶସ୍ତ ହୋଇଛି ।

## ମୁଖ୍ୟ ଉପନଦୀ

୧. **ପଥରକଟା** : ଔପଦାର ପାହାଡ଼ ତଳ ଅଞ୍ଚଳରୁ ଅନେକ ଛୋଟ ଝରଣାର ମିଶ୍ରଣରେ ଏହାର ସୃଷ୍ଟି । ଦକ୍ଷିଣ ଦିଗାମୁଖୀ ହୋଇ ରାଇକୁଳା ଠାରେ ମିଶିଛି କାଂଶବାଂଶରେ ।

୨. **ପିତାକାଳିଆ** : ମୁଖ୍ୟ ସ୍ରୋତଟି ଔପଦାର ପହାଡ଼ ତଳି ଅଞ୍ଚଳରୁ ବାହାରି ପୂର୍ବଦିଗକୁ ବୋହୁଥିବା ବେଳେ ଆଉ ଦୁଇଟି ଝର ମଙ୍ଗଳପୁର ପାହାଡ଼ରୁ ଆସି ତୋଡ଼ିଗଡ଼ିଆ ଠାରେ ମିଶି ପିଉକାଳିଆ ନାମରେ ଗତିକରି ଅସ୍ତବାଙ୍କ ଅତିକ୍ରମ କଲା ପରେ ଚପରପଦା ଠାରେ କାଂଶବାଂଶରେ ସମାହିତ ହୋଇଛି ।

୩. **ବାରଗୋଡ଼ିଆ:** ଏହି ନଈଟି ଦକ୍ଷିଣ ଦିଗରୁ ଆସି ପୁରୁଣା ଜାତୀୟ ରାଜପଥର ପୂର୍ବପାର୍ଶ୍ୱରେ ଶଙ୍ଖପୋଲର ନିମ୍ନାଂଶରେ କାଂଶବାଂଶରେ ମିଶିଛି । ଏହାର ଉତ୍ପତ୍ତି ସ୍ଥଳ ସିମୁଳିଆର ବାଲିହାତୀ ଅଞ୍ଚଳ ଏହା କାଂଶବାଂଶର ଏକ ମୁଖ୍ୟ ଉପନଦୀ ।

ଉତ୍ତରରେ ପିତାକାଳିଆ ଓ ଦକ୍ଷିଣରୁ ବାରଗୋଡ଼ିଆ ଆସି ଅଳ୍ପ ବ୍ୟବଧାନରେ କାଂଶବାଂଶରେ ମିଶିଥିବା ଜାତୀୟ ରାଜପଥ ଧାରର ଏହି ଅଂଶକୁ ସୋରଗଙ୍ଗା ବା ତ୍ରିବେଣୀ ସଙ୍ଗମ ବୋଲି କୁହାଯାଏ ।

ଏହିଠାରୁ ସମୁଦ୍ର ଯାଏଁ ଆଉ ଉପନଦୀ ମିଶିନଥିଲେ ମଧ୍ୟ ଅନେକ ଯୋଡ଼ ଜଳଯୋଗାଣ କରି କାଂଶବାଂଶକୁ ପୁଷ୍ଟ କରିଛି । କେତେକେ ଯୋଡ଼ କାଂଶବାଂଶର ଗତିପଥର ପରିବର୍ତ୍ତନ ହେତୁ ସୃଷ୍ଟି । ଏଗୁଡ଼ିକ ଗ୍ରୀଷ୍ମ ଋତୁରେ ପାଣି ଶୁଖିଯିବା ହେତୁ ହ୍ରଦର ଭ୍ରମ ସୃଷ୍ଟି କରିଥାଏ । ପ୍ରମୁଖ ଯୋଡ଼ଗୁଡ଼ିକ ହେଲା- ୧. ଆମ୍ବଯୋଡ଼, ୨.ସୁଲଗିରି ଯୋଡ଼, ୩. କାନଗିରି ଯୋଡ଼, ୪.ପାଟଣା ଯୋଡ଼ ଇତ୍ୟାଦି ।

## କାଂଶବାଂଶର ପ୍ରମୁଖ ଘାଟ

୧. **ବାଲିଛନ୍ଦା ଘାଟ** : ଅନନ୍ତପୁରର ଦକ୍ଷିଣକୁ, ବାଲେଶ୍ୱରରୁ ବାସୁଦେବପୁର ସଲଟ୍ ରୋଡ଼କୁ ସଂଯୋଗ କରିବା ସହ ଇରମ୍-ସୋରକୁ ମଧ୍ୟ ସଂଯୋଗ କରୁଛି ।

୨. **ବବୁରୀ ଘାଟ** : ଅଙ୍ଗାରୀଗୁଡ଼ ରାସ୍ତାରେ କାଂଶବାଂଶର ଏ ଘାଟ ମୁଖ୍ୟତଃ ତେଣ୍ଟେଇ ମତ୍ସ୍ୟଜୀବୀ ଏବଂ ଗୁଡ଼ ବଳଭଦ୍ର ଜିଉ ମନ୍ଦିର ଦର୍ଶନ ପାଇଁ ଆସୁଥିବା ଯାତ୍ରୀ ଏହା ଉପରେ ନିର୍ଭର କରିଥାନ୍ତି ।

୩. **ଗେଙ୍ଗୁଟିଘାଟ** : ଏଠାରେ ପ୍ରଚୁର ଗେଙ୍ଗୁଟି ଥିବାରୁ ହୁଏତ ଏହାର ନାମକରଣ ଏପରି ହୋଇଛି । ବଳରାମପୁର ଠାରେ ଏହା ସିମୁଳିଆକୁ ପାଖର ସହ ଯୋଗ କରୁଛି ।

୪. **ଶାଶୁ ଭୁଆସୁଣୀ ଘାଟ** : ବାସୁଦେବପୁର-ଇରମ୍ ରାସ୍ତାରେ ଏ ଘାଟ, ଏହାର ଅନ୍ୟନାମ ଶାଶୁବୋହୂ ଘାଟ, ଚୂଡ଼ାମଣି ଘାଟ ବା ଚୁଡ଼ାମଣି ଖଟି ମଧ୍ୟ । ଏହା ସମୁଦ୍ର ମାଛ ବ୍ୟବସାୟର ଏକ ପ୍ରମୁଖ ପେଣ୍ଠସ୍ଥଳ ।

୫. **ଖରାଟିଆ ଘାଟ**: ସୋର-ବେତଡ଼ା ରାସ୍ତାରେ ସୋର ଠାରୁ ୮ କି.ମି. ଦୂରରେ ବନ୍ତଡ଼ା ଓ ଘାସୁଆ ସୀମାରେ ଅବସ୍ଥିତ । ଖରାଦିନେ ପାଣି କମିଯିବାରୁ

ନାଆ ଚାଲେ ନାହିଁ ।

୬. **ଭୈରବପୁର ଘାଟ** : ଭୈରବପୁର ଠାରୁ ଅଳ୍ପ ଦୂରରେ ବାସୁଦେବପୁର ବାଲେଶ୍ୱରର ସଲ୍ଟ୍ ରୋଡ଼କୁ ସଂଯୋଗ କରେ ଏ ଘାଟ ।

୭. **ପଣ୍ଡାଶୁଣୀ ଘାଟ** : ସୁଆଁ ଓ ବରଣ୍ଡୁଆକୁ ଯୋଗ କରୁଛି ଏ ଘାଟ । ତଥା ପ୍ରଧାନ ବ୍ୟବସାୟ ସ୍ଥଳ ବେତଡ଼ା ସହ ଯୋଗସୂତ୍ର ପାଇଁ ଏହା ସାହାଯ୍ୟ କରେ ।

୮. **ବାଲିଛନ୍ଦା ଘାଟ** : ଅନନ୍ତପୁରର ମୂଳକାୟଦା ଗ୍ରାମ ଠାରେ ନିର୍ମିତ ପକ୍କାପୋଲକୁ ନେଇ ଏହି ଘାଟ । ଏହି ଘାଟ ଦେଇ ଲବଣ ସତ୍ୟାଗ୍ରହ ସମୟରେ ମହାତ୍ମାଗାନ୍ଧୀ ଇରମ୍‌କୁ ଯାଇଥିଲେ ।

୯. ବଙ୍ଗାଳୀ ଘାଟ : ଏହାର ଅନ୍ୟନାମ ପୁହାଣ ଘାଟ । ବଙ୍ଗାଳୀ ପରିବାରଟିଏ ଘାଟ ଦାୟିତ୍ୱରେ ଥିବାରୁ ଏହାର ନାମ ଲୋକମୁଖରେ କ୍ରମେ ବଙ୍ଗାଳୀ ଘାଟ ନାମିତ ହୋଇଛି ।

୧. **ଉପର ଭାଗ ବା ମାଳାଞ୍ଚଳ**– ଖଇରା ଏବଂ ସୋରର ପଶ୍ଚିମାଞ୍ଚଳକୁ ନେଇ ଗଠିତ । ପୂର୍ବେ ଏ ଅଞ୍ଚଳ ଜଙ୍ଗଲରେ ପୂର୍ଣ୍ଣ ଥିଲା । ଏହାର ପଥୁରିଆ ଭୂଇଁରେ ଶାଳ, ପିଆଶାଳ, ଅଶନ, କେନ୍ଦୁ, ପଳାଶ, ମହୁଲ ଆଦି ବୃକ୍ଷମାନ ବହୁଳ ପରିମାଣରେ ଦେଖିବାକୁ ମିଳେ । ଏବେ ଏସବୁ ଜଙ୍ଗଲ ପ୍ରାୟତଃ ଉଜୁଡ଼ି ଗଲାଣି ।

୨. **ମଧ୍ୟଭାଗ**– ସିମୁଳିଆର ଉତ୍ତରାଂଶ ଓ ସୋରର ଦକ୍ଷିଣାଂଶକୁ ନେଇ ଏହା । ପଶ୍ଚିମରେ ଡୁଙ୍ଗୁରା ଠାରୁ ପୂର୍ବରେ ପଢୁଆଁ ଯାଏ ଏହା ବ୍ୟାପ୍ତ । ଏହି ଅଞ୍ଚଳରେ ଆମ୍ବ, ନିମ୍ବ, ତାଳ, ଖୋଜୁରୀ ଗଛ ସହ ବେଣା, କାଶ, କୁଶର ପାଟ ଦେଖିବାକୁ ମିଳିବା ସହ କିଆକେତକୀର ବଣ ମଧ୍ୟ ଦେଖାଯାଏ ।

୩.**ନିମ୍ନଭାଗ**– ଏହି ଅଂଶକୁ ସମୁଦ୍ର ପନ୍ତା ବା ଆଡ଼ିଆ କୁହାଯାଏ । ଏହା କ୍ଷୁଦ୍ର ଅଞ୍ଚଳରେ ବ୍ୟାପ୍ତ । ଲୁଣିପବନ ହେତୁ ଏ ଅଞ୍ଚଳରେ ଝାଉଁ, କାଜୁ, ନଡ଼ିଆ ଗଛ ସହ କିଆ କେତକୀର ବଣ ମଧ୍ୟ ଦେଖିବାକୁ ମିଳେ ।

## କାଂଶବାଂଶର ସମ୍ପଦ

କାଂଶବାଂଶର ଉର୍ବର ମୃତ୍ତିକା ଏବଂ ଜଳ ଧାରଣର କ୍ଷମତା କୃଷି ପାଇଁ ଅତ୍ୟନ୍ତ ଉପଯୋଗୀ । ପଟୁ ମିଶ୍ରିତ ମଟାଳ ମାଟିରେ ଉଭୟ ଖରିଫ୍ ଓ ରବି ଋତୁରେ ମୁଖ୍ୟତଃ ଧାନଚାଷ କରାଯାଇଥାଏ । ଏହା ସହ ପରିବା ଚାଷ ପାଇଁ ଏହାର ମାଟି ଖୁବ୍ ଉପଯୋଗୀ । ଏହାର ଉପକୂଳବର୍ତ୍ତୀ କୁପାରୀ ବାଇଗଣ ସାରା ଓଡ଼ିଶା ପ୍ରସିଦ୍ଧ । ଏହା ସହ କଖାରୁ, ପୋଇ, ଭେଣ୍ଡି, ଛଚିନ୍ଦ୍ରା, ବରଗୋଡ଼ି ଆଦି ଜାତି ଜାତି ପରିବା ପାଖ ହାଟ ବଜାରରେ ବିକ୍ରି ହୁଏ ।

ଚାରଣ ଭୂମି ଯଥେଷ୍ଟ ଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଗୋ-ପାଳନ ସହ ଛେଳି, ମେଣ୍ଢା ମଧ୍ୟ ପାଳନ କରାଯାଏ । ସମୁଦ୍ର କୂଳ ଆଡ଼ିଆ ଅଞ୍ଚଳରେ ମଇଁଷି ପାଳନ କରୁଥିବା ବେଳେ ଘୁଷୁରୀ ମଧ୍ୟ ପାଳନ କରିଥାନ୍ତି କେତେକ ଜନଜାତି ସମୁଦାୟ । ଆଜିକାଲି ଜଙ୍ଗଲ କ୍ଷୟ ହୋଇଯିବା ହେତୁ ଅନେକ ବଣ୍ୟପ୍ରାଣୀ ଲୋପ ପାଇ ଗଲେଣି । ତଥାପି ଏହାର ମାଳ ଅଞ୍ଚଳକୁ ଲାଗିଥିବା ଜଙ୍ଗଲମାନଙ୍କରେ ଭାଲୁ, ହୁଣ୍ଡାବାଘ, ଶିଆଳ, ବରାହ, ବିଷଧର ସର୍ପ ତଥା ଗଧି ଆଦି ଉଗରମୁଣ୍ଡା ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ଦେଖାଯାନ୍ତି । ମୁହାଗ ଅଞ୍ଚଳରେ କଇଁଚ, ଗୋଧି ଓ ଅନେକ ପ୍ରଜାତିର ସାପ ଦେଖାଯାଏ । କାଂଶବାଂଶ ମାଛର ରହିଛି ସ୍ୱତନ୍ତ୍ର ସୁଆଦ । ବାଇକଣ୍ଟିଆ, ଚିଙ୍ଗଳ, ସାଆଁଳ, ବଡ଼ଭେକିଟି, କଳା ବଇଁଶାଫଳି, ବାଲିକିରା, ସେରଣ, ଶଙ୍ଖାମୁଠିଆ ଭଳି ଜାତିଜାତିକା ମାଛସାଙ୍ଗକୁ ଚିଙ୍ଗୋର, କଙ୍କଡ଼ା, ଚିଙ୍ଗୁଡ଼ିର ମଜା ନିଆରା । ଭଳିକି ଭଳି ମାଛ ଦେଖି ଖାଇବା ଲୋକ ବାଉଳା ହୁଅନ୍ତି । ସବୁ ଋତୁରେ ମାଛ ହାଉଯାଉ । ଖାଲି ଯାହା ଋତୁ ଅନୁସାରେ ମାଛ ଧରିବାର କୌଶଳ ବଦଳି ଥାଏ ।









ଯେଉଁ ମହାମହିମ ମାନେ କାଂଶବାଂଶ କୂଳବାସୀଙ୍କୁ ତାଙ୍କର ନିଷ୍ଠା, ଚେଷ୍ଟା, ପ୍ରତିଭା ବଳରେ ଗର୍ବିତ କରିଛନ୍ତି ସେମାନଙ୍କ ସମ୍ପର୍କରେ କହିଲେ ସରିବନି ।

**କବିବର ରାଧାନାଥ ରାୟ-** କାଂଶବାଂଶ ଉପକୂଳବର୍ତ୍ତୀ ଅଞ୍ଚଳ ସୋରର କେଦାରପୁରରେ ଜନ୍ମ । ଓଡ଼ିଶାର ଭୌଗୋଳିକ ପରିବେଶ ନିଜର ସୃଷ୍ଟି ସମ୍ଭାରରେ ଦର୍ଶେଇବା ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଜାତୀୟତା ପାଇଁ ଅହରହ ଉଦ୍ୟମ କରିଛନ୍ତି । 'ଉଷା' କାବ୍ୟରେ ନିଜ ଜନ୍ମମାଟିର ବିଭିନ୍ନ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଭୌଗୋଳିକ ଗରିମାକୁ ସ୍ଥାନିତ କରିଥିବା ବେଳେ କାଂଶବାଂଶ ସୃଷ୍ଟି ବିଷୟରେ ମଧ୍ୟ ବର୍ଣ୍ଣନା ଅଛି : *"ସରହାର' ଯାର ଟଙ୍କୁ ଝରିଅଛି ରଜ ଓ ଧାର / କାଂଶବାଂଶ ନାମେ ସୋର କଣ୍ଠଗଜ ମୁକୁତା ହାର ।"*

ସୋରର ଗଜମୁକ୍ତା ହାର ପରି ଶୋଭିତ ହୋଇଛି କାଂଶବାଂଶ ନଦୀ । ତାର ଉତ୍ପତ୍ତିସ୍ଥଳ ଏହି 'ସରହାର' ନାମକ ଅଞ୍ଚଳରୁ ରାଜକୁମାର ଉଷାର ସ୍ୱୟମ୍ବରକୁ ଆସିଥିଲେ ବୋଲି ଏଠାରେ ବର୍ଣ୍ଣିତ ହୋଇଛି । ମୁଖ୍ୟତଃ ଉଷା କାବ୍ୟରେ ଉଷା ରାଜଜେମାଙ୍କର ସ୍ୱୟମ୍ବର ପରି ଉପ-ବିଷୟରେ ପ୍ରାସଙ୍ଗିକ କରି କାଂଶବାଂଶ ଉପକୂଳବର୍ତ୍ତୀ ଅନେକ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଭୌଗୋଳିକ ସ୍ଥିତି ସ୍ଥାନିତ କରିଛନ୍ତି ।

**ବାଞ୍ଛାନିଧି ବେହେରା** : ଶିକ୍ଷାବିତ୍, ସୁଶାସକ, ସୁସଙ୍ଗଠକ ସାହିତ୍ୟପ୍ରେମୀ ବ୍ୟକ୍ତିତ୍ୱ । ତାଙ୍କ କାବ୍ୟକବିତାରେ କାଂଶବାଂଶ ସୌନ୍ଦର୍ଯ୍ୟ ଓ ଲାବଣ୍ୟ ପ୍ରସ୍ଫୁଟିତ । କାଂଶବାଂଶ ଉପତ୍ୟକା ଅଞ୍ଚଳ କୋଚିଆ କୋଇଲିରେ ତାଙ୍କର ଜନ୍ମ, ତାଙ୍କର 'ବରଭୂମି-ସୋର' କାବ୍ୟରେ ଲେଖନୀରୁ ଝରିପଡ଼ିଛି ।

**ଉପେନ୍ଦ୍ରନାଥ ପ୍ରଧାନ:** କାଂଶବାଂଶ ନଦୀ ଉପତ୍ୟକାରେ ଛୋଟ ଗାଁଟିଏ ଘାସୁଆ । ଘାସୁଆ ଗାଁରେ ୧୮୯୨ ମସିହା ଜନ୍ମ । ଶିକ୍ଷାସାରଥି, କୀର୍ତ୍ତିକୋଣାର୍କର ବିଶୁ ମହାରଣା ସଦୃଶ କାଂଶବାଂଶ ଉପତ୍ୟକାରେ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ ଗଢ଼ିଛନ୍ତି ।

ଅନେକ ବୀରପୁତ୍ର ଓ ବରପୁତ୍ରର ଜନନୀ ଏହି ମାଟିମା ଆମର କାଂଶବାଂଶ । ଏହାର ଇତିହାସ ଖୁବ୍ ସମୃଦ୍ଧ । ଉତ୍ତରରେ ବାଲେଶ୍ୱର ଓ ଦକ୍ଷିଣରେ ଭଦ୍ରକ ଜିଲ୍ଲା ଅବସ୍ଥିତ । ଏହାର ପାଣିପବନ, ମାଟିରେ ଦେଶପ୍ରୀତି, ଭକ୍ତିର କୁହୁକ ଥିଲା । ଏହାର ଉପକୂଳରେ ସ୍ୱାଧୀନତା ସମୟରେ ବାଜି ଉଠିଥିଲା ଅହିଂସା ଆନ୍ଦୋଳନର ସମର ରଣଭେରୀ । ଜଳି ଉଠିଥିଲା ଦେଶପ୍ରୀତିର ଲେଲିହାନ ଅଗ୍ନିଶିଖା । ସତ୍ୟାଗ୍ରହ ସମୟରେ ଏହାର ଉପକୂଳବର୍ତ୍ତୀ ଅଞ୍ଚଳରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ । ଏହାର ତଟଦେଶ ଇରମ ଭୂଇଁରେ ଇଂରେଜଙ୍କ ଦ୍ୱାରା ଜଳି ଉଠିଥିଲା ହିଂସାର ବହ୍ନି । ଇରମ ମେଲଣ ପଡ଼ିଆର ସଭାମଞ୍ଚରେ ୧୯୨୧ ଜୁନ ୧୪ରଜ ସଂକ୍ରାନ୍ତି ଦିନ ନିଜ ରଚନାରୁ ଆବୃତ୍ତ କରିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ କାଂଶବାଂଶ ତଟଦେଶ ଇରମ ଭୂଇଁକୁ ନେଇ:

"ଦେଖ ଜାତି-ପ୍ରୀତି-ସରସତୀ-ନଦୀ
ବହୁଛି ଇରମେ ସଶତ-ମାର୍ଗ ଭେଦି
ଦେଶାତ୍ମ ବୋଧର ଚାରୁ-ଗନ୍ତାଘର
ଇରମ ସୁରମ୍ୟ- ଜାତୀୟ-ନଗର ।"

ଆମ କାଂଶବାଂଶ ଦେଖିଛି ହୃଦୟ ବିଦାରକ ଦାରୁଣ ଦୃଶ୍ୟପଟ । ଅଙ୍ଗେ ଲିଭାଇଛି ରକ୍ତର କାହାଣୀ । ତା କୂଳରେ ଭେଟିଛି ଅନେକ ଚରିତ୍ରକୁ । ସେ ଦେଖିଛି ୧୯୪୭ ଅଗଷ୍ଟ ୧୫ର ଆନନ୍ଦ ଉଦ୍ଦୀପନା, ହର୍ଷୋତ୍‌ଫୁଲ୍ଲିତ ଜନତାଙ୍କୁ । ତାଳ ଦେଇ ଢେଉ ତୋଳି ବହେ ନାଚିଥିବ ଆମ କାଂଶବାଂଶ, ବାଢ଼ିଥିବ ପ୍ରଣତିଟିଏ ତ୍ରିରଙ୍ଗା ଉଦ୍ଦେଶ୍ୟରେ ।

କାଂଶବାଂଶ ମମତାମୟୀ ମାତୃମୂର୍ତ୍ତିଟିଏ ତା ବାତ୍ସଲ୍ୟ ମମତାର ପଟାନ୍ତର ନାହିଁ । ତାର ମହାଦାନରେ ଶହ ଶହ ଜୀବ-ଜଗତ, ଜନ-ଜୀବନ ପରିପୁଷ୍ଟ । ସେ ଦେଖିଛି ମହାବାତ୍ୟା ପ୍ରଳୟଙ୍କରୀ ବନ୍ୟା, କେତେ ଉଠାଣ, ପତନ ଦେଇ ଗତି କରିଛି ଆମ କାଂଶବାଂଶ । ତାର ଶୋଭିତ ଭଣ୍ଡାର ପ୍ରକୃତିର ଗନ୍ତାଘର ଜଙ୍ଗଲ, ଚାରଣ ଭୂଇଁ ଆଜି ଉଜୁଡ଼ି ଯାଇଛି । ଏତେ ଦୁଃଖ ଦୁର୍ଦ୍ଦଶା ଭିତରେ ମଧ୍ୟ ସେ ଆମ ପାଇଁ ସାଉଁଟି ଚାଲିଛି ଆଞ୍ଜୁଳା, ଆଞ୍ଜୁଳା ସୁନା ସପନ । ଶେଷରେ ଏତିକି କହିବି

"ବନ୍ଦେ ମାତା କାଂଶବାଂଶ ମୋର ଭୂମି ବରପ୍ରଦେ
ସରହାର ସୁତେ ଦେବୀ ଗୌରୀ ଗଙ୍ଗେ ନମୋସ୍ତୁତେ ।"

**ସୋର, ବାଲେଶ୍ୱର,**
**ଫୋନ : ୭୮୯୪୭୨୨୬୪୩**

ଶିକ୍ଷାୟତନ




# ରତ୍ନର ନାଁ ରେଭେନ୍ସା

# ଓଡ଼ିଶାର ଅକ୍ସଫୋର୍ଡ଼ ରେଭେନ୍ସା



**ଡକ୍ଟର ବିଜୟଲକ୍ଷ୍ମୀ ଦାଶ**

ଫଟୋ ସୌଜନ୍ୟ : ଲେଖିକା ଓ ରଂଜନ କୁମାର ଖଣ୍ଡା

ପ୍ରେରଣାର ପୁଣ୍ୟଭୂମି 'ରେଭେନ୍ସା' । ଯେଉଁଠି ମହତ୍ୱାକାଂକ୍ଷା ବଦଳାଇ ଦିଏ ସୀମା-ସରହଦକୁ । ଜ୍ଞାନର ଗରିମା ଯେଉଁଠି ସ୍ପର୍ଶ କରୁଥାଏ ଭୂମି ଓ ଭୂମାକୁ । ସେମିତି ଏକ ଜ୍ଞାନଭୂମି ହିଁ ରେଭେନ୍ସା । ମହାବିଦ୍ୟାଳୟରୁ ଆଜି ବିଶ୍ୱବିଦ୍ୟାଳୟ । ବଦଳିଛି ପରିଚୟ । ବଦଳିନି କିନ୍ତୁ ରଙ୍ଗରୂପରସ । ସେଇ ରାଗିଣୀରେ ଏବେ ବି ଋତୁ ଆସେ, ଋତୁ ଯାଏ । ଆହୁରି ପ୍ରଗାଢ ହୁଏ ରେଭେନ୍ସାର ଲାଲ୍‌ରଙ୍ଗ । ଆହୁରି ତାରାମାନେ ଖେଳନ୍ତି ରେଭେନ୍ସାର ଆକାଶରେ । ବିଂଚି ହୋଇ ପଡ଼େ ଅସରନ୍ତି ସ୍ୱପ୍ନ ରେଭେନ୍ସା ମାଟିରେ । ଯିଏ ବି ଯେତେବେଳେ ଥାପିଛି ପାଦ, ସେ ତାକୁ ଆପଣେଇ ନେଇଛି । ଖୋଜି ବସିଲେ ସେସବୁ ଏବେ ବି ଅପାସୋରା । ଅଲିଭା । ଅକ୍ଷୁର୍ଣ୍ଣ । ଏବେ ବି ପ୍ରତିଧ୍ୱନିତ ତାର ଈଷତ୍ ଲାଲ୍‌କାନ୍ଥରେ ଭାବନାର କେତେ ଶବ୍ଦାବଳୀ । ରକ୍ତ ହୋଇ ରେଭେନ୍ସା  ବହି ଯାଉଛି ପ୍ରତିଟି ଅଧ୍ୟାୟୀର ଧମନୀରେ । କେତେ ଦୁଃଖ ହଜିଯାଇଛି ସମୟର ସୁଅରେ । ମାତ୍ର ଆର୍ନ୍ତଃଅବୟବ ଯେମିତି ଥିଲା ସେମିତି ଅଛି । ୧୫୧ ବର୍ଷର ଅସରନ୍ତି କାହାଣୀ ତାର ପ୍ରତିଟି ଶିରାପ୍ରଶିରାରେ ଆଜି ବି ପ୍ରବାହିତ । ଯିଏ ଯେବେବି ଫେରିଛି ରେଭେନ୍ସାର କୋଳକୁ ଛୁଇଁଛି ତା'ର ପବିତ୍ର ମାଟିକୁ ମନେହୋଇଛି ସତେ ଯେମିତି ଫେରି ଆସିଛି ଜୀବନ ଓ ଯୌବନର ଅଫେରା କାହାଣୀ ପାଖକୁ । ପୃଷ୍ଠା ପରେ ପୃଷ୍ଠା ଓଲଟିଛି ସବୁଜ ଦେବଦାରୁର ଦଲକାଏ ପବନରେ । କିନ୍ତୁ ଲିଭେଇ ପାରିନି ରେଭେନ୍ସାର ଛାତିରେ ବିତିଯାଇଥିବା ଯୌବନର ପୂର୍ବଦୃଶ୍ୟ ସମାରୋହକୁ । ବଦଳିଛି ସମୟ । ବଢ଼ିଛି ବୟସ । ବଢ଼ିଛି କୋଳାହଳ । ରେଭେନ୍ସା କିନ୍ତୁ ଚଳଚଞ୍ଚଳ । ପାଲଟିଛି ମିଶ୍ରରାଗର ଗୀତ । ଉଲ୍ଲସିତ କରିଛି ଜୀବନକୁ ଯୌବନକୁ । ପୁଲକିତ କରିଛି ସର୍ଜନଶୀଳ ଭାବନାକୁ । ସକଳ ସୌଭାଗ୍ୟକୁ ଓ ପ୍ରାପ୍ତିର ପରିସୀମାକୁ । ରେଭେନ୍ସା ରୂପକ ବୋଧିଦ୍ରୁମର ଶୀତଳଛାଇ ସକଳ ପ୍ରାରମ୍ଭର ପରିସମାପ୍ତିକୁ ସମନ୍ୱିତ କରିଦେଇଛି । ଆଶା ଓ ସ୍ୱପ୍ନର ମୋହମୁଗ୍ଧ ବାସ୍ନାରେ ବାସ୍ନାୟିତ ହୋଇ କଂଚାବୟସର ସ୍ମୃତିକୁ ରେଭେନ୍ସାର ହେପାଜତ୍‌ରେ ସଭିଏଁ ଛାଡ଼ିଦେଇଯାଆନ୍ତି । ରେଭେନ୍ସା ଉପରେ ଅଗାଧ ଆତ୍ମବିଶ୍ୱାସ । କାରଣ ରେଭେନ୍ସା ହିଁ ଶିଖାଇଛି ଜିଇଁବାର କଳା, ମରଣ ପର୍ଯ୍ୟନ୍ତ । ଆଜି ବି ସେଇ ଗୋଟିଏ ବିଶ୍ୱାସ ଓ ଭରସାରେ ସଭିଏଁ କହନ୍ତି: ରଖିଦେଲି ମୋ ଅଫେରା ଯୌବନ । ପୁଣି ଥରେ ତୋ କୋଳକୁ ଫେରିବା ପର୍ଯ୍ୟନ୍ତ । ଅଜସ୍ର



ଅନୁଭୂତିର ପେଡ଼ିଭରା ସିନ୍ଦୁକରେ ସାଇତା କିଛି ସ୍ମୃତିକୁ ନେଇ ଶହେ ଏକାବନ ବର୍ଷୀୟ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆମର ସ୍ୱତନ୍ତ୍ର ଆଲେଖ୍ୟ ।

## ଶିକ୍ଷାର ଆଦ୍ୟ ଓଁକାର

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗ । ୧୮୬୬ ମସିହାରେ ଦେଖାଦେଲା ଦାରୁଣ ବିପର୍ଯ୍ୟୟ ନ'ଅଂକ ଦୁର୍ଭିକ୍ଷ । ଓଡ଼ିଆ ଜାତିର ମଂଜ ଥରେଇ ଦେଲା । ଖସାଇ ଦେଲା ପାଦତଳୁ ମାଟି । ଭାଂଗିଦେଲା ମେରୁଦଣ୍ଡ । ୩୦ଲକ୍ଷ ଲୋକଙ୍କର ଜୀବନ ନେଲା । ବ୍ରିଟିଶ୍ ଶାସନ ପାଇଁ ପାଲଟିଲା କଳଂକିତ ଅଧ୍ୟାୟ । ସେ ସମୟରେ ଓଡ଼ିଆ ଡିଭିଜନ୍‌ର କମିଶନର ଥାଆନ୍ତି ଟି.ଇ. ରେଭେନ୍ସା । ଓଡ଼ିଶା କହିଲେ ଯେଉଁଠାରେ ଶିକ୍ଷା ନାହିଁ । ସ୍କୁଲ ନାହିଁ । ଗମନାଗମନର ସୁବିଧା ନାହିଁ । ପାଠ କହିଲେ ବୁଝାଯାଏ ଚାଟଶାଳୀ ପାଠ । ଭଜନ, ଛାନ୍ଦ, ଚଂପୂ, ଚଉପଦୀ, ରାମାୟଣ, ଭାଗବତ, ମହାଭାରତ, ସଂସ୍କୃତ କାବ୍ୟଖଣ୍ଡ, ପଣିକିଆ, କଡ଼ାଗଣ୍ଡା ହିସାବ । ସକାଳେ ସଂଜେ ଚାଟଶାଳୀରେ ପୁରାଣ ପଢ଼ା । ପିଢି ପରେ ପିଢି ସାଇତା ହୋଇରହିଥିବା ତାଳପତ୍ର ପୋଥି । ଏହାରି ଭିତରେ ବଂଧା ଓଡ଼ିଆମାନଙ୍କର ବିଦ୍ୟାରତ୍ନ । ଏହି ରତ୍ନ ପୁଣି ଠାକୁର ଭାବେ ପୂଜା ପାଉଥିଲା । ପୂଜକ ଥିଲେ ସମାଜର ଉଚ୍ଚବର୍ଗର ପଣ୍ଡିତମାନେ । ସାଧାରଣ ଜନତା ପାଖରେ ଏହା ପହଂଚି ପାରୁନଥିଲା । ବ୍ରିଟିଶ୍‌ମାନେ ପ୍ରଥମେ ଉପଲବ୍ଧି କଲେ ଓଡ଼ିଶାରେ ଶିକ୍ଷାର ବିକାଶ ଘଟିଲେ ହିଁ ଜନଜୀବନର ବିକାଶ ଘଟିପାରିବ । ତେଣୁ ୧୮୨୨ ମସିହା ଅପ୍ରେଲ ମାସ ୨୨ ତାରିଖରେ ଖ୍ରୀଷ୍ଟିୟାନ୍‌ମିଶନାରୀ ରେଭରେଣ୍ଡ ୱିଲିୟମ୍ ବ୍ୟାମ୍ପଟସ୍‌ଙ୍କ ଉଦ୍ୟମରେ ପ୍ରଥମେ କଟକି ସ୍କୁଲ ଖୋଲାଗଲା । ଏହା ମିଶନାରୀମାନଙ୍କ ଦ୍ୱାରା ପରିଚାଳିତ ହେଲା । ୧୮୪୧ ମସିହାରେ ବ୍ରିଟିଶ୍ ସରକାର ଏହାର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଲେ । ୧୮୫୧ ମସିହାରେ ଏହା ହାଇସ୍କୁଲ୍‌ର ମର୍ଯ୍ୟାଦା ପାଇଲା । କଟକ ଜିଲ୍ଲା ସ୍କୁଲ ହେଲା ରାଜ୍ୟର ପ୍ରଥମ ହାଇସ୍କୁଲ । ୧୮୬୭ରେ ଏହି ସ୍କୁଲରେ ଉଚ୍ଚମାଧ୍ୟମିକ ଶ୍ରେଣୀ ଖୋଲାଗଲା ଏବଂ ୧୮୬୮ ମସିହାରେ ଏଠାରେ ଆଇନ୍ ପାଠ୍ୟକ୍ରମର ପ୍ରଚଳନ ଆରମ୍ଭ ହେଲା । ୧୮୭୫ ମସିହାରେ ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରଚାର ଓ ପ୍ରସାର ନିମିତ୍ତ କଟକ ଜିଲ୍ଲାସ୍କୁଲକୁ ରେଭେନ୍ସା କଲିଜିଏଟ୍ ସ୍କୁଲ ନାମରେ ନାମିତ କରାଗଲା ।

## ଇତିହାସର ପୃଷ୍ଠାରେ ରେଭେନ୍ସା

ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ସେ ସମୟରେ 'ଭାଷା'ର ସ୍ଥିତି ଦୟନୀୟ । ଓଡ଼ିଆ ଭାଷାରେ ପତ୍ରପତ୍ରିକା ନାହିଁ । ସମ୍ବାଦପତ୍ର ନାହିଁ କି ପାଠ୍ୟପୁସ୍ତକ ନାହିଁ । ଭାଷା ବଂଚିବ କେମିତି ? ଭାଷା ଭିତରେ ହିଁ ଜାତିର ପରିଚୟ ସୂତ୍ରାୟିତ । ଭାଷା ବଂଚିଲେ ତ ଜାତି ବଂଚିବ । ଏହିଭଳି ଏକ ସମୟରେ ଓଡ଼ିଶାରୁ ଓଡ଼ିଆ ଭାଷାକୁ ବଦଳାଇ ବଂଗଳା ଭାଷାର ପ୍ରଚଳନ କରିବାକୁ ଉଦ୍ୟମ ଆରମ୍ଭ ହେଲା । ମାତ୍ର ଉଦ୍ୟମ ଫଳପ୍ରସୂ ହୋଇପାରିଲା ନାହିଁ । ରାଧାନାଥ-ମଧୁସୂଦନ ଓ ସର୍ବୋପରି ଫକୀରମୋହନଙ୍କ ଉଦ୍ୟମ ଭାଷାକୁ ବଂଚାଇଲା । ଓଡ଼ିଆ ଭାଷାସାହିତ୍ୟ ଓ ସଂସ୍କୃତିକୁ ବଂଗାଳୀମାନଙ୍କ ଠାରୁ ନିୟନ୍ତ୍ରଣମୁକ୍ତ କରି ଜାତିକୁ ନିଜ ଗୋଡ଼ରେ ଠିଆ ହେବାର ସାମର୍ଥ୍ୟ ପ୍ରଦାନ କଲେ । ଏଥିସହିତ ଶିକ୍ଷାର ବିକାଶ ନିମିତ୍ତ ଆଉ ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତମୂଳକ ପଦକ୍ଷେପ ମଧ୍ୟ ଯୋଡ଼ି ହୋଇଗଲା । ତାହା ହେଉଛି ନ'ଅଂକ ଦୁର୍ଭିକ୍ଷ ସମୟରେ ବ୍ରିଟିଶ ଶାସନରେ ଲାଗିଥିବା କଳାଦାଗକୁ ଲିଭାଇବା ପାଇଁ ।

ଶିକ୍ଷାର ବିକାଶ ହେଲା ମୂଳ ଲକ୍ଷ୍ୟ । ଶିକ୍ଷା, ଭାଷା, ସାହିତ୍ୟର ଦଶାକୁ ଅନୁଭବ କରି କଟକ ଜିଲ୍ଲାସ୍କୁଲରେ ଉଚ୍ଚ ମାଧ୍ୟମିକ କ୍ଲାସ୍ ଆରମ୍ଭ କରିବାକୁ ଅନୁମତି ଦେଲେ ବ୍ରିଟିଶ ସରକାର । ଏହା ବ୍ୟତୀତ ଓଡ଼ିଶାରେ ଯେ କଲେଜ ଶିକ୍ଷାର ଆବଶ୍ୟକତା ରହିଛି ଏହା ମର୍ମେ ମର୍ମେ ଅନୁଭବ କଲେ । ଓଡ଼ିଶା ଡିଭିଜନ୍‌ର ତତ୍‌କାଳୀନ ଭାରପ୍ରାପ୍ତ କମିଶନ୍‌ର ଥୋମାସ୍ ଏଡୱାର୍ଡ଼ ରେଭେନ୍ସା ଓଡ଼ିଶାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମସ୍ୟା ବିଷୟରେ ବେଂଗଲ ସରକାରଙ୍କୁ ଅବଗତ କରାଇଲେ । କିଛିଦିନ ପରେ ବେଂଗଲ ସରକାର କଟକ ଜିଲ୍ଲାସ୍କୁଲରେ କଲେଜ ପାଠ୍ୟକ୍ରମ ଆରମ୍ଭ କରିବାକୁ ମଂଜୁରି ପ୍ରଦାନ କଲେ । ଏହାପରେ ରେଭେନ୍ସା ସାହେବ ଏହାକୁ ସ୍କୁଲରୁ ପୂର୍ଣ୍ଣାଂଗ

## କୁଳପତି ପ୍ରଫେସର ଇଶାନ୍ ପାତ୍ର ଯାହା କହନ୍ତି...



**● ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ୨୦୧୭, ଡିସେମ୍ବରରେ ଆପଣ ଦାୟିତ୍ୱ ଗ୍ରହଣ ପରେ କିପରି ଅନୁଭବ କରୁଛନ୍ତି ?**

▶ ଓଡ଼ିଶାର ପ୍ରଥମ ଶିକ୍ଷାୟତନର କୁଳପତି ଭାବେ ଯୋଗଦେବା ପାଇଁ ପରମ ସୌଭାଗ୍ୟ । ଓଡ଼ିଶାର ଉଚ୍ଚଶିକ୍ଷାକୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶନ କରାଇବାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକା ଗ୍ରହଣ କରିବ ଏହା ନିଃସନ୍ଦେହରେ କୁହାଯାଇପାରେ । ଏହି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ପ୍ରାଧ୍ୟାପକ, ପ୍ରଫେସରମାନେ ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ ସଂପନ୍ନ କରୁଛନ୍ତି ।

**● ଗବେଷଣା ଓ ଉଚ୍ଚମାନର ଉଚ୍ଚଶିକ୍ଷା ପ୍ରଦାନକ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟକୁ ଏକ ଆନ୍ତର୍ଜାତୀୟ ପରିଚିତି ଦେବା ପାଇଁ କଣ କରାଯିବା ଉଚିତ ?**

▶ ହଁ, ଆମ ଅଧ୍ୟାୟୀମାନେ ସଦା ଜାଗ୍ରତ । ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ସେମାନେ ଆଶାବାଦୀ । ମାତ୍ର ସଚେତନତାର ଅଭାବ ରହିଛି । ଶିକ୍ଷକ ଓ ଅଧ୍ୟାୟୀମାନଙ୍କର ଉପଯୁକ୍ତ ସଂପର୍କର ସହବନ୍ଧନ ହିଁ ଏ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣି ପାରିବ ଓ ପ୍ରଚଳିତ ବିଧିବ୍ୟବସ୍ଥାକୁ ସୁଧାରି ପାରିବ ବୋଲି ମୁଁ ମନେକରେ । ଆମ ଅଧ୍ୟାୟୀମାନଙ୍କୁ ଏପରି ଶିକ୍ଷା ଦେବା ଦରକାର ଯେମିତି ସେମାନେ ଜୀବନରେ ସକଳ ପ୍ରକାର ଆହ୍ୱାନକୁ ସାମ୍ନା କରିବା ସହ ନିଜ ଚିନ୍ତାଧାରାକୁ ଉନ୍ନତ ଓ ପରିମାର୍ଜିତ କରିପାରିବେ ।

**● ରେଭେନ୍ସାର ଭିତ୍ତିଭୂମି ବିକାଶ ପାଇଁ ଆପଣଙ୍କ କିଛି ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଇଛି କି ?**

▶ ରେଭେନ୍ସା ଶିକ୍ଷାକ୍ଷେତ୍ରରେ ଉତ୍କର୍ଷର କେନ୍ଦ୍ର । ରେଭେନ୍ସା ଅତୁଳନୀୟ । ଅନ୍ୟ କୌଣସି ଶିକ୍ଷାକେନ୍ଦ୍ର ଏହା ସହ ତୁଳନୀୟ ହୋଇପାରିବ ନାହିଁ । ସଂପ୍ରତି ଅଧିକାଂଶ ବୁଦ୍ଧିଜୀବୀ ଭାବନ୍ତି ବିଶ୍ୱବିଦ୍ୟାଳୟ ହେବା ପରେ ରେଭେନ୍ସାର ମାନ କମିଛି । ବିଶ୍ୱ ବିଦ୍ୟାଳୟର ବାର୍ଷିକ ରିପୋର୍ଟ ଦେଖିଲେ ଏହା ସ୍ପଷ୍ଟ ହୋଇଥାଏ ଯେ, ବିଶ୍ୱ ବିଦ୍ୟାଳୟ ଉନ୍ନତିର ପଥରେ କେମିତି ଆଗେଇ ଚାଲିଛି । ଦେଶର ଉଚ୍ଚଶିକ୍ଷାର ସାଧାରଣ ନିୟମକୁ ବିଶ୍ୱବିଦ୍ୟାଳୟ ମାନିବାକୁ ବାଧ୍ୟ । ଆମେ ମଧ୍ୟ କେତେକ କ୍ଷେତ୍ରରେ ସଂସ୍କାର ଆଣିବାକୁ ଚାହୁଁଛୁ । ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଭାବ ସଂପ୍ରତି ଏକ ବଡ଼ ସମସ୍ୟା କହିଲେ ଭୁଲ ହେବ ନାହିଁ । ବହୁ ନ୍ୟସ୍ତସ୍ୱାର୍ଥ ପ୍ରବଣ ବ୍ୟକ୍ତି ଆଜି ମଧ୍ୟ ରେଭେନ୍ସାର ଐତିହ୍ୟ ପ୍ରତି ଦୃଷ୍ଟି ନଦେଇ ନିଜ ସ୍ୱାର୍ଥ କଥା ଚିନ୍ତା କରି ଆସିଛନ୍ତି । ସ୍ୱାର୍ଥ ସାଧନ ପାଇଁ ବିରାଟ ଅନୁଷ୍ଠାନର ଗୌରବ, ଆମ ଜାତିର ଅସ୍ମିତାକୁ ତଳିତଳାନ୍ତ କରିବାକୁ ମଧ୍ୟ ପଛାଉ ନାହାନ୍ତି । ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆମ ଅଧ୍ୟାପକମାନେ ଓ ଅଧ୍ୟାୟୀମାନେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଆଗକୁ ଆଗେଇ ନେବା ପାଇଁ ସଦା ସଂକଳ୍ପବଦ୍ଧ । ବହୁ ଛାତ୍ରଛାତ୍ରୀ ଆଜି ନେଟ୍, ଗେଟ୍, କ୍ୟାଟ୍ ସହିତ ଭାରତୀୟ ପ୍ରଶାସନିକ ସେବା ଓ ଓଡ଼ିଶା ପ୍ରଶାସନିକ ସେବାରେ ଉଚ୍ଚ ପଦବୀରେ ଅଭିଷିକ୍ତ ହୋଇଛନ୍ତି । ଅଧ୍ୟାପକ ଚୟନ ପ୍ରକ୍ରିୟା ସଂପନ୍ନ କରିବା, ବିଶ୍ୱବିଦ୍ୟାଳୟର ଆର୍ଥିକ ସ୍ଥିତି, ନରାଜ ଠାରେ ହେବାକୁ ଥିବା ଦ୍ୱିତୀୟ ପରିସରର ନିର୍ମାଣ ପରିବର୍ତ୍ତନ କରିବା ମୋର ମୁଖ୍ୟ ଲକ୍ଷ୍ୟ । ପ୍ରତିବର୍ଷ ଅନ୍ୟାନ୍ୟ ରାଜ୍ୟରୁ ଶତକଡ଼ା ୩୦ ଭାଗ ଅଧ୍ୟାୟୀ ଏଠାକୁ ଅଧ୍ୟୟନ ନିମନ୍ତେ ଆସୁଛନ୍ତି । ଏହାଦ୍ୱାରା ରାଜ୍ୟ ରାଜ୍ୟ ମଧ୍ୟରେ ଶୈକ୍ଷିକ, ସାଂସ୍କୃତିକ ସର୍ବୋପରି

ସଂପୂର୍ଣ୍ଣ ମହାବିଦ୍ୟାଳୟରେ ପରିଣତ କରିବାକୁ ନିଷ୍ପତ୍ତି ନେଲେ । ଏଥିରେ ରେଭେନ୍‌ସାଙ୍କୁ ସହଯୋଗ କରିଥିଲେ ତତ୍‌କାଳୀନ ବେଂଗଲ୍‌ର ଡିପିଆଇ ଏଚ୍. ଉଡ୍ରୁ । କଟକ ଜିଲ୍ଲା ସ୍କୁଲ୍‌ରେ ଉଚ୍ଚ ମାଧ୍ୟମିକ କଲିଜିଏଟ୍ କ୍ଲାସ ଆରମ୍ଭ ହେଲା । ୧୮୬୮ ମସିହା ଜାନୁୟାରୀ ମାସରେ ଜନ୍ମନେଲା ଓଡ଼ିଶାର ପ୍ରଥମ କଲେଜ 'କଟକ କଲେଜ । ପ୍ରଥମ କଲେଜରେ ଛାତ୍ର ସଂଖ୍ୟା ଥିଲା ମାତ୍ର ଛ'ଅ । କଟକ କଲେକ୍ଟରେଟ୍ ନିକଟରେ ପାଂଚ ଏକର ଜାଗାରେ ଇଂଟରମିଡ଼ିଏଟ୍ କ୍ଲାସ୍ ଆରମ୍ଭ ହେଲା । କଟକ କଲେଜ୍‌ରେ ଏଫ୍.ଏ. ପରୀକ୍ଷା ଫଳର ରେକର୍ଡରୁ ଜଣାଯାଏ ଯେ, ୧୮୭୦ରେ ଯଦୁମଣି ଘୋଷ ଓ ୧୮୭୧ରେ ଆଠଜଣ ଛାତ୍ର ଏଫ୍.ଏ. ପରୀକ୍ଷା ଦେଇଥିଲେ । ସେମାନଂକ ମଧ୍ୟରୁ ଛ'ଅ ଜଣ କୃତକାର୍ଯ୍ୟ ହୋଇଥିଲେ । ସେମାନେ ହେଉଛନ୍ତି- ଚତୁର୍ଭୁଜ ପଟ୍ଟନାୟକ, ସାମ୍‌ସନ୍ ରାଉତ, ବଳରାମ ଦାସ, ମଧୁସୂଦନ ରାଓ ଓ ଦୁଇଜଣ ବଂଗାଳୀ ଛାତ୍ର ୨ୟ ଶ୍ରେଣୀରେ ପାସ୍ କରିଥିଲେ । ୧୮୭୫ ମସିହାରେ ୪ଜଣ ଛାତ୍ର ଏମ୍.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ।

୧୮୭୫ ମସିହାରେ ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ରେଭେନ୍‌ସା ସାହେବ ବେଂଗଲ୍ ସରକାରଙ୍କ ସଚିବଙ୍କୁ ଯେଉଁ ଚିଠି ଲେଖିଥିଲେ ତାହା ଏଠାରେ ଉଲ୍ଲେଖ କରୁଛି । "ମୁଁ କଟକରେ ଡିଗ୍ରୀ କଲେଜ ସ୍ଥାପନ ପାଇଁ ତିରିଶ ହଜାର ଟଂକା ସଂଗ୍ରହ କରିବାକୁ ନିଜର ପ୍ରତିଶ୍ରୁତି ଦେଉଛି ଓ ଦାବି କରୁଛି ଯେ ସରକାର ତାଂକର ପ୍ରତିଶ୍ରୁତି ମୁତାବକ ପାଂଚବର୍ଷ ନିମିତ୍ତ ମାସିକ ପାଂଚଶହ ଟଂକା ପ୍ରଦାନ କରନ୍ତୁ । କଟକରେ କଲେଜ ସ୍ଥାପନ ମୋ ପାଇଁ ବ୍ୟକ୍ତିଗତ ସମ୍ମାନର ପ୍ରଶ୍ନ ।" ସର୍ତ୍ତ ପୂରଣ ନିମିତ୍ତ ରେଭେନ୍‌ସା ସାହେବ ଅର୍ଥ ଯୋଗାଡ଼ରେ ଲାଗିପଡ଼ିଲେ । ବନାରସରେ ରହୁଥିବା ତତ୍‌କାଳୀନ ବିଜୟନଗରମ୍ ମହାରାଜା ଛଅ ହଜାର ଟଂକା, ବର୍ଦ୍ଧମାନ ମହାରାଜା ଛଅ ହଜାର ଟଂକା, ମହାରାଣୀ ସ୍ୱର୍ଣ୍ଣମୟୀ ଦେବୀ ଦୁଇହଜାର ଟଂକା, ଦେବେନ୍ଦ୍ରନାଥ ଟାଗୋର୍ ଅଢେଇ ହଜାର ଟଂକା, ଢେଙ୍କାନାଳ ମହାରାଜା ବାର ଶହ ପଚାଶ ଟଂକା, ବଳରାମପୁର ମହାରାଜା ଏକହଜାର ଟଂକା, ଚୌଧୁରୀ ବିଶ୍ୱନାଥ ଦାସ ଏକ ଶହ ଟଂକା ଏହିପରି ସର୍ବମୋଟ ଅଠରହଜାର ଆଠଶହ ପଚାଶ ଟଂକା କଲେଜ ପାଣ୍ଠିକୁ ଦାନ ସୂତ୍ରରେ ମିଳିଲା ।

୧୮୭୭ ମସିହାରେ କଟକ କଲେଜ୍‌ର ଶ୍ୟାମାନନ୍ଦ ଦେ' ନାମକ ଜଣେ ଛାତ୍ର 'ପ୍ରିନ୍‌ସ ଅଫ୍ ୱେଲ୍‌ସ୍ ସ୍କଲାରସିପ୍' ନାମକ ଦୁଇଟି ଛାତ୍ରବୃତ୍ତି ପାଇଥିଲେ । ପ୍ରତ୍ୟେକ ବୃତ୍ତିର ମୂଲ୍ୟ ଥିଲା ଏକ ଶହ ଟଂକା । ପ୍ରଥମ ଅଧକ୍ଷ ଭାବେ ସାମୁଏଲ ଏଗର୍ ୧୮୭୬ ମସିହା ଫେବୃୟାରୀ ମାସ ୨୩ ତାରିଖରେ ଦାୟିତ୍ୱ ଗ୍ରହଣ କଲେ । ଅଧକ୍ଷ ଥିବା ସମୟରେ ରେଭେନ୍‌ସା କଲେଜ ପାଇଁ ତାଂକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ସବୁ ସମୟରେ ମୁଣ୍ଡ ଉପରେ ଝୁଲୁଥିଲା ସରକାରୀ ଖଣ୍ଡା । କଲେଜର ପରୀକ୍ଷା ଫଳ ସନ୍ତୋଷଜନକ ନହେଲେ ସ୍ୱୀକୃତି ପ୍ରତ୍ୟାହାର ସହିତ କଲେଜ ବନ୍ଦ କରିଦେବାର ଭୟ ଭିତରେ ସର୍ବଦା ଏଗର୍ ସାହେବ୍ ବୁଡ଼ି ରହୁଥିଲେ । ଫଳ ମଧ ଆଶାନୁରୂପ ହେଲା ନାହିଁ । ୧୮୭୮ ମସିହାରେ ବି.ଏ. ପରୀକ୍ଷାରେ କୌଣସି ଛାତ୍ର ପାଶ୍ କରିପାରିଲେ ନାହିଁ । ଏହାକୁ ଆଖିରେ ରଖି 'ଉତ୍କଳ ଦୀପିକା' ଓ 'ବାଲେଶ୍ୱର ସମ୍ବାଦବାହିକା' କଲେଜ୍ ସଂପର୍କରେ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିଥିଲେ । 'ବାଲେଶ୍ୱର ସମ୍ବାଦ ବାହିକା'ର ୧୧/୬ ତା. ୭/୧/୧୮୭୮ ପୃଷ୍ଠା ୨/୩ ରେ ନିମ୍ନ ତଥ୍ୟ ପ୍ରକାଶ ପାଇଥିଲା । "ଗତବର୍ଷରେ କଲେଜ କ୍ଲାସ୍‌ରୁ ଏଫ୍.ଏ. ପରୀକ୍ଷାରେ ଯୋଡ଼ିଏ ମାତ୍ର ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ଏ ବର୍ଷ ଯୋଡ଼ିଏ ମାତ୍ର ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ତାହା ପାଠକମାନଂକ ଠାରେ ଅପ୍ରକାଶିତ ନାହିଁ । ବି.ଏ. କ୍ଲାସ୍‌ରୁ ଯେଉଁ ପାଂଚଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ, ସେମାନେ ସମସ୍ତେ ହାରି ଯାଇଛନ୍ତି । 'ଦୀପିକା'ରୁ ଅବଗତ ହେଲୁ ଯେ, ପରୀକ୍ଷାର୍ଥୀମାନେ ପରୀକ୍ଷାରୁ ଯେଉଁ ନମ୍ବର ପାଇଥିଲେ, ସେଥିରୁ ସର୍ବୋଚ୍ଚ ନମ୍ବର ୧୨ରୁ ଅଧିକ ନଥିଲା । ପାଠକେ ଏଥିରୁ ବିଚାର କରିବେ ଯେ ଅନ୍ୟାନ୍ୟ ଶାଖାମାନଂକରେ ପରୀକ୍ଷାର୍ଥୀମାନେ କିପରି ନମ୍ବର ପାଇଥିବେ । ଏଥିନିମନ୍ତେ ଆମ୍ଭେମାନେ ପରୀକ୍ଷାର୍ଥୀମାନଂକୁ କୌଣସି ରୂପେ ଦୋଷ ଦେବୁ ନାହିଁ । ବରଂ ସେମାନଂକୁ ପ୍ରଶଂସା ଦେଉଅଛୁ । କାରଣ

ସାମାଜିକ ସହବନ୍ଧନ ସୃଷ୍ଟି ହୋଇପାରୁଛି । ଆନ୍ତର୍ଜାତିକ ସ୍ତରର କ୍ୟାମ୍ପସ୍, ନିଯୁକ୍ତି ସୁଯୋଗକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରଚଳନ, ଅଧ୍ୟାପକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସଂସ୍ଥାର ସହବନ୍ଧନରେ ପ୍ରକଳ୍ପ, ବହୁ ଗବେଷଣାଧର୍ମୀ ତଥ୍ୟ ଉନ୍ମୋଚନର ପଥ ପରିଷ୍କାର କରିଛି । ଏଥିସହିତ ଅଧ୍ୟାୟୀମାନଙ୍କ ସୁସ୍ଥ ସୁନ୍ଦର ପରିବେଶ ମଧ୍ୟରେ ରହିବାର ସୁଯୋଗ ଉପରେ ମଧ୍ୟ ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ଦେଇଛି । କାରଣ ସୁସ୍ଥ ସୁନ୍ଦର ପରିବେଶ ନୂଆ ଆବିଷ୍କାରଣର ମାର୍ଗ ଉନ୍ମୁକ୍ତ କରେ ।

**● ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ବିକାଶ ନିମିତ୍ତ ନରାଜ ଠାରେ ୧୬୪ ଏକର ପରିମିତ ଜାଗାରେ ହେବାକୁ ଥିବା ନୂତନ ପରିସରର ଭବିଷ୍ୟତ କ'ଣ ?**

▶ ନୂତନ କ୍ୟାମ୍ପସ୍ ନିର୍ମାଣ ସାଙ୍ଗକୁ ବର୍ତ୍ତମାନ କ୍ୟାମ୍ପସ୍‌ର ମୌଳିକ ଅଭିବୃଦ୍ଧି ନିମନ୍ତେ ସରକାରୀ ଅନୁଦାନର ଯେତିକି ଆବଶ୍ୟକତା ରହିଛି ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟାୟୀମାନଙ୍କର ମଧ୍ୟ ସେତିକି ସହଯୋଗ ମୁଁ ଆଶା କରୁଛି । କିନ୍ତୁ ଓଡ଼ିଶାରେ ଦେଖାଯାଏ କେହି ପ୍ରତିକୂଳ ପରିସ୍ଥିତିର ଆହ୍ୱାନକୁ ଜୀବନରେ ବା କର୍ମକ୍ଷେତ୍ରରେ ସାମ୍ନା କରିବାକୁ ଆଗ୍ରହ ଦେଖାନ୍ତି ନାହିଁ । ସରକାରୀ ଅନୁଦାନ ପାଇଲେ ଏହା ସମ୍ଭବ ହୋଇପାରିବ । ଏଥିନିମନ୍ତେ ସରକାରଙ୍କ ସହଯୋଗ ଆଶା କରୁଛି ।

**● ସ୍ନାୟୁ ବିଜ୍ଞାନର ଜଣେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଗବେଷକ ଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯେଉଁ ସଂକଳ୍ପ ନେଇ ରେଭେନ୍‌ସାରେ ପଦାର୍ପଣ କରିଥିଲେ, ତାହାକୁ ଫଳପ୍ରସୂ କରିବାରେ କୌଣସି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡୁଛି କି ?**

▶ ଜିୱାଜୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର୍ ଥିବା ସମୟରେ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ନିର୍ବାହ କରିଛି । ଜଣେ ପ୍ରଫେସର୍ ହିଁ ଶୈକ୍ଷିକ ବାତାବରଣକୁ ପରିମାର୍ଜିତ କରିବା ସହିତ ଯୁବ ଅଧ୍ୟାପକମାନଙ୍କ ପାଇଁ ମାର୍ଗ ଦେଖାଇଥାଏ । ଦୀର୍ଘଦିନ ଧରି ପ୍ରସ୍ତୁତ କରୁଥିବା ସ୍ନାୟୁବିଜ୍ଞାନ କେନ୍ଦ୍ର, ଗବେଷଣାଗାର ଓ ଗବେଷକ ଛାତ୍ରଛାତ୍ରୀମାନଙ୍କୁ ଆଜି ବି ମନେ ପକାଉଛି । ଯଦିଓ ରେଭେନ୍‌ସାର କୁଳପତି ଭାବେ ଯୋଗ ଦେବା ପରେ ମୋର ଗବେଷଣା କାର୍ଯ୍ୟ ପ୍ରଭାବିତ ହୋଇନାହିଁ ତଥାପି ଗବେଷଣାରେ ଐକ୍ୟବଦ୍ଧ କାର୍ଯ୍ୟ ଉପରେ ମୁଁ ବିଶ୍ୱାସ କରେ । ଏକାଠି ମିଶି କାମ କରିବା ଗବେଷଣାର ନୂଆ ନୂଆ ତଥ୍ୟକୁ ସାମ୍ନାକୁ ଆଣେ । ଗୋୱାଲିଅରରେ କାର୍ଯ୍ୟ କରୁଥିବା ଗବେଷଣା କେନ୍ଦ୍ରର ସୁପରିଚାଳନା ଦାୟିତ୍ୱ ବର୍ତ୍ତମାନ ନିର୍ବାହ କରୁଛନ୍ତି ସହଧର୍ମିଣୀ ଓ ସହକର୍ମିଣୀ ପ୍ରଫେସର୍ ନିଶା ପାତ୍ର । ଯେଉଁ ସମୟରେ ଯେଉଁ ତଥ୍ୟ ଆବଶ୍ୟକ ହେଉଛି ମୁଁ ମଧ୍ୟ ଏଠାରେ ରହି ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଯୋଗାଇ ପାରୁଛି । ଗବେଷଣାକୁ ମୋ ଜୀବନରେ ସର୍ବସ୍ୱ ବୋଲି ଭାବି ନେଇଛି । ରେଭେନ୍ସାରେ ଗବେଷଣା ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗକୁ ପ୍ରୋତ୍ସାହନ ଦିଆଯାଉଛି ।

**● ପରିଶେଷରେ ରେଭେନ୍‌ସାର ଅଧ୍ୟାୟୀମାନଙ୍କ ପାଇଁ ଆପଣ କଣ କହିବେ ?**

▶ ଏହା ସତ୍ୟ ଯେ ଛାତ୍ର ଆନ୍ଦୋଳନ ଗୋଟିଏ ଅନୁଷ୍ଠାନକୁ ଗଢ଼ିବାରେ, ଶୈକ୍ଷିକ ପରିମଣ୍ଡଳକୁ ପ୍ରଭାବିତ କରିଥାଏ । ଏହା ମୂଳରେ ବାହ୍ୟ ପ୍ରଭାବ ହିଁ କେତେକାଂଶରେ ଦାୟୀ । ଅଧ୍ୟାୟୀମାନଙ୍କୁ ବହୁ ସମୟରେ ଉପଯୁକ୍ତ ମାର୍ଗଦର୍ଶନର ଅଭାବ ରହିଛି । କୌଣସି କଥାକୁ ସଠିକ୍ ଭାବରେ ସେମାନେ ଗ୍ରହଣ କରିପାରୁ ନାହାନ୍ତି । ଏଥି ନିମିତ୍ତ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ରହିଛି । ତେଣୁ ଶିକ୍ଷକମାନେ ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ପାଖରେ ପହଂଚିବା ଦରକାର । ସେମାନଙ୍କ କଥା ଶୁଣିବା ଦରକାର । ଶିକ୍ଷକର କାର୍ଯ୍ୟ କେବଳ ଶ୍ରେଣୀଗୃହ ମଧ୍ୟରେ ସୀମିତ ନୁହେଁ । ବରଂ ଶିକ୍ଷକ ଓ ଅଧ୍ୟାୟୀମାନଙ୍କର ସୁସମ୍ପର୍କ ଅନୁଷ୍ଠାନର ବହୁ ସମସ୍ୟାକୁ ସମାଧାନ କରିବା ସହିତ ଛାତ୍ର ଆନ୍ଦୋଳନକୁ ମଧ୍ୟ ଦୂରେଇ ଦେଇପାରିବ । ଅଧ୍ୟାୟୀମାନଙ୍କର ଉତ୍ତରୋତ୍ତର ବିକାଶ କାମନା କରୁଛି ।









ସେମାନେ ସଂସାର ସୁଖରେ ଜଳାଂଜଳି ଦେଇ ଦୁଇବର୍ଷ କାଳ କଷ୍ଟ ସହି କଲେଜରେ ପଢ଼ି କଲେଜକୁ ବଂଚାଇ ରଖିଲେ । କଲେଜର ଅଧକ୍ଷ ଓ ଅଧ୍ୟାପକମାନଂକୁ ସୁଦ୍ଧା ଦୋଷ ଦେଇନପାରୁ । 'ଯେତେ ଚୁନା, ସେତେ ପିଠା' – ଏହା ସାଧାରଣଙ୍କ ଛଟା । ଅଧକ୍ଷ ଓ ଅଧ୍ୟାପକମାନେ ଯେବେ ଅନ୍ୟାନ୍ୟ କଲେଜର ଅଧକ୍ଷ ଓ ଅଧ୍ୟାପକମାନଂକ ପରି ଯୁଗ୍ମବେତନ ପାଇଥାନ୍ତେ ତେବେ କଲେଜ୍‌ର ଫଳ ମନ୍ଦ ହେଲା ବୋଲି ଦୋଷ ଦିଆ ଯାଇନଥାନ୍ତା । ତେବେ ଏ ଦୋଷ କାହାର ? ସହଜ ବିବେଚନାରେ ଜଣା ଯାଉଅଛି ଯେ, ଏ ଦୋଷ ଶିକ୍ଷକ ଓ ଶିଷ୍ୟଙ୍କର ନୋହେ, ସରକାର ବାହାଦୂରଙ୍କର । ସରକାର ବାହାଦୂର ଆମମାନଂକ ନାଆଁକୁ ଗୋଟିଏ କଲେଜ ଦେଇ ଆମ୍ଭମାନଂକ ମନରେ ଦୁଃଖ ଦେଇଅଛନ୍ତି ।"

ଏ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ଏଗର୍ ସାହେବ୍ ବ୍ୟତିବ୍ୟସ୍ତ ନହୋଇ ଧୈର୍ଯ୍ୟ ସହକାରେ ୧୮୮୦ ମସିହାର ପରୀକ୍ଷା ଫଳକୁ ଅପେକ୍ଷା କଲେ । ଦୁର୍ଗାଚରଣ ସାହୁ ନାମକ ଜଣେ ଛାତ୍ର ପ୍ରଥମେ ବି.ଏ. ପରୀକ୍ଷାରେ ପାସ୍ କରିବା ସହ ସେ ହେଲେ କଲେଜ୍‌ର ପ୍ରଥମ ଗ୍ରାଜୁଏଟ୍ ।

୧୮୭୮ ମସିହାରେ ମୟୂରଭଂଜ ରାଜା କିଶୋର ଚନ୍ଦ୍ର ଭଂଜଦେଓ କଲେଜ ପାଣ୍ଠିକୁ ୨୦,୦୦୦/– ଓ କଟକ କଲେଜ୍ ଏବଂ ମେଡ଼ିକାଲ କଲେଜ୍‌ରେ ଛାତ୍ରବୃତ୍ତି ପାଣ୍ଠି ଗଠନ ପାଇଁ ପାଂଚ ହଜାର ଟଂକା କରି ଦାନ କରିଥିଲେ । ଜନସାଧାରଣଙ୍କ ପାଖରୁ ପଚିଶ ହଜାର ଟଂକା ସଂଗ୍ରହ କରାଯାଇଥିଲା । ୧୮୭୮ ଡିସେମ୍ବର ମାସରେ କଟକ କଲେଜର ସ୍ଥାୟୀଗୃହ ନିର୍ମାଣ ନିମିତ୍ତ ନିଷ୍ପତ୍ତି ନିଆଗଲା । ଏହି ନିଷ୍ପତ୍ତିର ପୂର୍ବରୁ (ମାର୍ଚ୍ଚ ମାସ ୩୧ ତାରିଖରୁ) ରେଭେନ୍‌ସା ସାହେବ ବର୍ଦ୍ଧମାନ ଡିଭିଜନ୍‌ର କମିଶନର୍ ଭାବେ ବଦଳି ହୋଇ ଯୋଗ ଦେଲେ । ସେଠାରେ ସେ ୧୮୮୧ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରି ଅବସର ଗ୍ରହଣ କଲେ । ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ଭିତ୍ତିପ୍ରବକ୍ତା ରେଭେନ୍‌ସା ସାହେବଙ୍କର ଓଡ଼ିଶା ପ୍ରତି ଥିବା ମମତ୍ୱବୋଧକୁ ଲକ୍ଷ୍ୟ କରି ମୟୂରଭଂଜର ମହାରାଜା କଟକ କଲେଜର ନାମ 'ରେଭେନ୍‌ସା କଲେଜ' ରଖିବାକୁ ପ୍ରସ୍ତାବ ଦେଇଥିଲେ । ୧୮୭୬ ମସିହାରେ କଟକ କଲେଜର ନାମକରଣ କରାଗଲା– 'ରେଭେନ୍‌ସା କଲେଜ' ।

୧୮୭୮ ମସିହାରେ ପାଂଚଜଣ ଓ ୧୮୭୯ ମସିହାରେ ଚାରିଜଣ ଛାତ୍ର ସ୍ନାତକ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେମାନଂକୁ କଲିକତାରେ ପରୀକ୍ଷା ଦେବାକୁ ପଡ଼ିଥିଲା । ମାତ୍ର ଦୁର୍ଭାଗ୍ୟର ବିଷୟ ସେମାନେ ସମସ୍ତେ ଅକୃତକାର୍ଯ୍ୟ ହୋଇଥିଲେ । ୧୮୮୦ ମସିହାରେ ଦୁର୍ଗାଚରଣ ସାହୁ ଓ ୧୮୮୧ରେ ଜାନକୀବଲ୍ଲଭ ଘୋଷ ତୃତୀୟ ଶ୍ରେଣୀରେ ସ୍ନାତକ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିଲେ । ୧୮୮୧ ମସିହାରେ ରେଭେନ୍‌ସା କଲେଜ ନିମିତ୍ତ ଦେଢଲକ୍ଷ ଟଂକା ବ୍ୟୟରେ ସ୍ଥାୟୀକୋଠା ରେଭେନ୍‌ସା କଲିଜିଏଟ୍ ସ୍କୁଲର ଉତ୍ତର ପାର୍ଶ୍ୱକୁ ତିଆରି କରାଗଲା । ୧୮୮୨ ମସିହା ବେଳକୁ ରେଭେନ୍‌ସାର ଅଧ୍ୟାୟୀମାନଂକ ସଂଖ୍ୟା ଉଣେଇଶିରେ ପହଂଚିଥିଲା । ୧୮୮୩ ମସିହାରେ ତିନିଜଣ ଓଡ଼ିଆ ଛାତ୍ର ବ୍ରହ୍ମାନନ୍ଦ ଦାସ, ଗୋକୁଳାନନ୍ଦ ଚୌଧୁରୀ, ଗୋପାଳବଲ୍ଲଭ ଦାସ ଓ ଦୁଇଜଣ ବଂଗାଳୀ ଛାତ୍ର ବି.ଏ. ପାଶ୍ କରିଥିଲେ । ତତ୍‌ପରେ ଗୋଟିକ ପରେ ଗୋଟିଏ ସଫଳତାର ପୃଷ୍ଠା ଯୋଡ଼ି ହୋଇ ଯାଉଥିଲା ରେଭେନ୍‌ସା ସହିତ ।

୧୮୮୩ ମସିହାରେ କେନ୍ଦୁଝର ରାଜା ରେଭେନ୍‌ସା କଲେଜ୍ ଛାତ୍ରାବାସ ନିର୍ମାଣ ପାଇଁ ପାଂଚ ହଜାର ଟଂକା ଦାନ କଲେ । ୧୮୯୭ ମସିହା ରେଭେନ୍‌ସା ପାଇଁ ସ୍ମରଣୀୟ ବର୍ଷ । ଏହି ବର୍ଷ ବିଜ୍ଞାନ ଶିକ୍ଷାଦାନର ଆରମ୍ଭ ହେବା ସହ ବି.ଏସ୍.ସି. ଖୋଲିଲା । ୧୮୯୯ ମସିହାବେଳକୁ ଛାତ୍ରସଂଖ୍ୟା ୯୭ରେ ପହଂଚିଥିଲା । କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ରେଭେନ୍‌ସାରେ ଆଇନ୍ ଶିକ୍ଷାଦାନର ବ୍ୟବସ୍ଥା କରାଗଲା । ୧୯୧୨ ମସିହାରେ ବେଂଗଲ୍ ଠାରୁ ଓଡ଼ିଶା ଅଲଗା ହେବା ପରେ ୧୯୧୨ରେ କଲିଜିଏଟ୍ ସ୍କୁଲ୍ ଓ ୧୯୧୬ରେ ସର୍ଭେ ସ୍କୁଲ୍ ପୃଥକ ହେଲା । ରେଭେନ୍‌ସାର ଦୀର୍ଘ ଯାତ୍ରାପଥରେ ଗୋଟିଏ ମାତ୍ର ଅଭାବ ରହି ଯାଇଥିଲା, ତାହା ହେଉଛି 'ମୁଖପତ୍ର ପ୍ରକାଶନ' । ଅଧ୍ୟାୟୀମାନଂକର ସ୍ମୃତି ଓ ଅନୁଭୂତିରେ ଯେଉଁ ମୁଖପତ୍ର ବିମଣ୍ଡିତ ହୋଇଥାଏ । ଶେଷକୁ ଏ ଅଭାବଟି ମଧ୍ୟ ପୂରଣ ହେଲା । ୧୯୧୬ ମସିହାରେ

ରେଭେନ୍‌ସା କଲେଜ୍‌ର ମୁଖପତ୍ର 'ରେଭେନ୍‌ସାଭିଆନ୍' ପ୍ରକାଶ ପାଇଲା । ବର୍ଷ ପରେ ବର୍ଷ ଗଡ଼ି ଚାଲିଲା । ସମୟ ସହିତ ତାଳ ଦେଇ ଉନ୍ନତି ଓ ସଫଳତାର ଗୋଟିଏ ଗୋଟିଏ ସୋପାନ ମଧ୍ୟ ରେଭେନ୍‌ସା ଅତିକ୍ରମ କରିଚାଲିଲା ।

୧୯୧୭ ମସିହାରେ ପାଟ୍‌ନା ବିଶ୍ୱବିଦ୍ୟାଳୟ ସହ ରେଭେନ୍‌ସା କଲେଜ ସହବଂଧନରେ ଅନୁବଂଧିତ ହେଲା । ୧୯୧୯ ମସିହାରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ସମାଜ ସେବା ନିମିତ୍ତ 'ସୋସିଆଲ୍ ସର୍ଭିସ୍ ଗିଲ୍' ଗଠନ କରିଥିଲେ । ୧୯୨୦ ମସିହାରେ ପୁଣି ଆଇନ ଶିକ୍ଷାଦାନ ବ୍ୟବସ୍ଥାକୁ ଚାଲୁ କରାଗଲା । ଶିକ୍ଷାବ୍ୟବସ୍ଥା ସୁଧାରିବା ସହିତ ଭାରତୀୟ ଶିକ୍ଷା ସେବାରେ ନିୟୋଜିତ ପ୍ରଫେସର୍‌ମାନଂକୁ ଶିକ୍ଷକ ଭାବରେ ରେଭେନ୍‌ସାରେ ନିଯୁକ୍ତ କରାଗଲା । ଇତିହାସ, ରାଜନୀତି ବିଜ୍ଞାନ, ଦର୍ଶନ, ପର୍ସିଆନ୍ ଷ୍ଟଡ଼ିଜ୍ ଇତ୍ୟାଦି ବିଷୟରେ ସ୍ନାତକ ଶ୍ରେଣୀରେ ପାଠ୍ୟକ୍ରମ ଆରମ୍ଭ କରାଗଲା । ଧୀରେ ଧୀରେ ଛାତ୍ରସଂଖ୍ୟା ବଢ଼ିବାରେ ଲାଗିଲା । ୧୯୧୨ ମସିହାରେ ୨୮୦ ଜଣ ଛାତ୍ର ଥିବା ବେଳେ ୧୯୧୫ ମସିହାରେ ଛାତ୍ରସଂଖ୍ୟା ବଢ଼ି ୩୭୫ରେ ପହଂଚିଲା । ମହାବିଦ୍ୟାଳୟର ମୌଳିକ ଗଢ଼ଣ ନିମନ୍ତେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ନିମିତ୍ତ ସରକାର ଚିନ୍ତା କଲେ । ତତ୍‌କାଳୀନ ବିହାର-ଓଡ଼ିଶା ଗଭର୍ଣ୍ଣର ସାର୍ ଏଡଓ୍ୱାର୍ଡ.ଗେଟ୍. ୧୯୧୯ ମସିହା ନଭେମ୍ବର ମାସ ୧୧ ତାରିଖରେ ରେଭେନ୍‌ସା କଲେଜ୍‌ର ସ୍ଥାୟୀଗୃହ ନିର୍ମାଣ ନିମିତ୍ତ ଭିତ୍ତିପ୍ରସ୍ତର ସ୍ଥାପନ କଲେ । ଏଥିନିମିତ୍ତ ସ୍ଥାନ ବାଛିଲେ 'ଚକରଚାନ୍ଦ ପଡ଼ିଆ' । ସେ ସମୟରେ 'ଚକରଚାନ୍ଦ ପଡ଼ିଆ' ଚୋରଡକାୟତଙ୍କ ଆଡ୍ଡାସ୍ଥଳୀ ଥିଲା । ଘଂଚ ଜଂଗଲରେ ପରିପୂର୍ଣ୍ଣ ୮୭.୪ଏକର ପରିମିତି ଏହି ଜାଗାରେ ରେଭେନ୍‌ସାର ସ୍ଥାୟୀଗୃହ ସବୁ ତିଆରି ହେଲା । ୧୯୨୧ ମସିହା ଅପ୍ରେଲ ମାସ ୫ ତାରିଖରେ ଏହି ସୌଧର ଉଦ୍‌ଘାଟନ କରାଗଲା । ସେହିବର୍ଷ ଜୁଲାଇ ମାସରେ ରେଭେନ୍‌ସା କଲେଜ ନିର୍ମିତ ହୋଇଥିବା ନୂଆ ସୌଧକୁ ସ୍ଥାନାନ୍ତରିତ ହେଲା । ସେହିବର୍ଷ ମଧ୍ୟ ପୂର୍ବ ଛାତ୍ରାବାସ ଓ ପଶ୍ଚିମ ଛାତ୍ରାବାସର ଶୁଭ ଉଦ୍‌ଘାଟନ କରାଯାଇଥିଲା । ୧୯୨୨ ମସିହା ସୁଦ୍ଧା ଏଠାରେ ପଢ଼ାଉଥିବା ଅଧ୍ୟାପକମାନଂକ ସଂଖ୍ୟା ଥିଲା ୩୧ । ୨ଜଣ ୟୁରୋପିଆନ୍ ଶିକ୍ଷକ, ୧୩ ଜଣ ଭାରତୀୟ ଶିକ୍ଷା ବିଭାଗର ଓ ଅନ୍ୟାନ୍ୟ ପ୍ରାନ୍ତୀୟ ରାଜ୍ୟର ଅଧ୍ୟାପକମାନେ ପାଠ ପଢାଉଥିଲେ । ୧୯୨୨ ମସିହାରେ ସୋନପୁରର ମହାରାଜା ସାର୍ ବୀର ସିଦ୍ଧାଦେବଙ୍କ ପତ୍ନୀ ଧର୍ମ ମହାରାଣୀ ସାହେବ ପାର୍ବତୀ ଦେବୀଙ୍କ ସ୍ମୃତି ଉପଲକ୍ଷେ ଏକ ଲକ୍ଷ ଏକସ୍ତରୀ ହଜାର ପାଂଚଶହ ଟଂକା ଦାନ କରିଥିଲେ । ଯାହାଫଳରେ ୧୯୨୨ ମସିହା ଜୁଲାଇ ମାସରେ ସ୍ନାତକୋତ୍ତର ଇଂରାଜୀ ବିଭାଗ ଖୋଲିବା ସହିତ ସୋନପୁର 'ଚେୟାର୍ ଅଫ୍ ଇଂଲିଶ୍' ପଦବୀ ସୃଷ୍ଟି ହେଲା ।

୧୯୨୪ ମସିହାରେ ମୟୂରଭଂଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଂଜଦେଓ ରେଭେନ୍‌ସା କଲେଜ୍‌ର ପାଓ୍ୱାର ପ୍ଲାଂଟ୍ ଓ୧ ଟ୍ୟାପ୍‌ଓ୍ୱାଟର୍ ବ୍ୟବସ୍ଥା ପାଇଁ ଏକ ଲକ୍ଷ ଟଂକା ଦାନ କରିଥିଲେ । ଏସବୁ କାର୍ଯ୍ୟ ୧୯୨୬ ମସିହାରେ ସମାପନ ହେଲା । ୧୯୨୫ ମସିହାରେ ରେଭେନ୍‌ସା କଲେଜ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କଲା । ସେ ସମୟରେ କଲେଜର ଅଧ୍ୟକ୍ଷ ଥିଲେ ଏଚ୍. ଲାମ୍ବାଟ୍ । ୧୯୨୫ ମସିହାରେ ମାତ୍ର ଜଣେ ଛାତ୍ରୀ ଏମ୍.ଏ.ରେ ଆଡ଼ମିସନ ନେଇଥିଲେ । ଏହାପରେ ୧୯୨୮ରେ ଜଣେ ଓ ୧୯୩୦ ମସିହାରେ ଜଣେ ଛାତ୍ରୀ ପ୍ରଥମ ବର୍ଷ ବିଜ୍ଞାନରେ ଆଡ଼ମିସନ ନେଇଥିଲେ । ୧୯୨୯ ମସିହାରେ ବେଲା ମୁଖାର୍ଜୀ ଓ ବିନୋଦିନୀ ମହାନ୍ତି ନାମକ ଦୁଇଜଣ ଛାତ୍ରୀ ପ୍ରଥମେ କଳା ସ୍ନାତକ ଶ୍ରେଣୀରେ ନାମ ଲେଖାଇଥିଲେ । ୧୯୨୬ରୁ ୧୯୩୦ ମସିହା ମଧ୍ୟରେ ରେଭେନ୍‌ସାରେ ଛାତ୍ରୀ ସଂଖ୍ୟା ଥିଲା ପାଂଚ । ୧୯୩୨ ମସିହାରେ ଏହି ସଂଖ୍ୟା ନଅରେ ପହଂଚିଲା । ସ୍ନାତକରେ ତିନିଜଣ ଓ ସ୍ନାତକୋତ୍ତର ଶ୍ରେଣୀରେ ଛଅ ଜଣ ଛାତ୍ରୀ ନାମ ଲେଖାଇଲେ । ଚାରିଜଣ ଏମ୍.ଏ. ପରୀକ୍ଷା ଦେଲେ ମାତ୍ର ଅକୃତକାର୍ଯ୍ୟ ହେଲେ । ୧୯୩୪ ମସିହାରେ କଲେଜର ବାର୍ଷିକ ଉତ୍ସବ ବେଶ୍ ସ୍ମରଣୀୟ ଥିଲା । ଏହି ଉତ୍ସବରେ ବୈଜ୍ଞାନିକ ସି.ଭି. ରମଣ ଯୋଗ ଦେଇଥିଲେ । ୧୯୩୬ ମସିହାରେ ରେଭେନ୍‌ସା ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ କରିଥିଲା । ଏହି ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ ଏଚ୍.ଆର.ବାଥେଜା । ୧୯୪୦ ମସିହା ଜୁଲାଇ ମାସରେ ରେଭେନ୍‌ସା







ମହାବିଦ୍ୟାଳୟ ପ୍ରଥମେ କ୍ୟାଲେଣ୍ଡର୍ ପ୍ରକାଶ କରିଥିଲା । ସଫଳତାର ଫର୍ଦ୍ଦ ଗୋଟିକ ପରେ ଗୋଟିଏ ଯୋଡ଼ି ହୋଇଯାଉଥିଲା ରେଭେନ୍‌ସା ସହିତ । ଈଷତ୍ ଲାଲ୍‌ରଂଗର ପ୍ରାସାଦ ଭିତରେ ଲୁଚି ରହିଥିଲା ସତେ ଯେମିତି ଶତାବ୍ଦୀର ଆଭିଜାତ୍ୟ । ସତେଯେମିତି ଏଇ ରେଭେନ୍‌ସା ଦଣ୍ଡାୟମାନ ଆଉ ଏକ ଶତାବ୍ଦୀ ସର୍ଜିବା ପାଇଁ, ଇତିହାସର ଅଗଣିତ ଶବ୍ଦ ମହାଶବ୍ଦକୁ ଲିପିବଦ୍ଧ କରିବା ପାଇଁ । ଜାତିର ଇତିହାସ, ଭୂଗୋଳ ଠାରୁ ଯାବତୀୟ ନୂଆ କଥା .... ସବୁକିଛି ଲେଖି ଦେଇଯିବ ପୃଥ୍ୱୀର ଛାତିରେ ।

ଦିନକୁ ଦିନ ଅଧ୍ୟାପକ ଓ ଅଧ୍ୟାୟୀମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ୧୯୩୬ ମସିହାରେ ଓଡ଼ିଶା ବିହାର ଠାରୁ ଅଲଗା ହେଲାପରେ ମଧ ରେଭେନ୍‌ସା ମହାବିଦ୍ୟାଳୟ ପାଟ୍‌ନା ବିଶ୍ୱବିଦ୍ୟାଳୟ ସହବଂଧନରେ ରହିଥିଲା । ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ପରେ ରେଭେନ୍‌ସା ସହବଂଧନରେ ଯୋଡ଼ି ହୋଇଗଲା ଉତ୍କଳ ବିଶ୍ୱବିଦ୍ୟାଳୟ ସହ । ରେଭେନ୍‌ସା ମହାବିଦ୍ୟାଳୟର ପରିସରରୁ ହିଁ ଜନ୍ମ ନେଲା ଉତ୍କଳ ବିଶ୍ୱବିଦ୍ୟାଳୟ । ରେଭେନ୍ସାର ପ୍ରାଣୀବିଜ୍ଞାନ ପ୍ରକୋଷ୍ଠ ସୌଧରେ ଦୀର୍ଘଦିନ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିଥିଲା । ଏହାପରେ ରେଭେନ୍‌ସା କଲେଜର ଆଇନ୍ ବିଭାଗକୁ ସ୍ୱତନ୍ତ୍ର କରିଦିଆଗଲା । ଏହି ସ୍ୱତନ୍ତ୍ର ବିଭାଗରୁ ଜନ୍ମ ନେଲା ମଧୁସୂଦନ ଆଇନ୍ ମହାବିଦ୍ୟାଳୟ । ସମୟକ୍ରମେ ଓଡ଼ିଶାରେ ଶିକ୍ଷାର ପ୍ରଚାର ଓ ପ୍ରସାର ଘଟିଲା । ୧୯୪୪ ମସିହା ବେଳକୁ ଓଡ଼ିଶାରେ ଛଅଟି ନୂଆ କଲେଜ ଓ ଏକ ମହିଳା କଲେଜରେ ସ୍ନାତକ ଶିକ୍ଷାର ପ୍ରଚଳନ ଆରମ୍ଭ ହେଲା । ଯେଉଁ ସ୍ଥାନରେ ଏସବୁ କଲେଜ୍‌ମାନ ଖୋଲିଲା ସେ ଅଂଚଳର ଛାତ୍ରଛାତ୍ରୀ ସେଠାରେ ନାମ ଲେଖାଇଲେ ।

୧୯୪୬ ମସିହାରେ ସରକାର ରେଭେନ୍‌ସା କଲେଜ୍‌ରେ ବହୁ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିଲେ । ତନ୍ମଧ୍ୟରୁ ଓଡ଼ିଆ ବିଭାଗ ଅନ୍ୟତମ । ୧୯୩୬ ମସିହା ଅପ୍ରେଲ ପହିଲା ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇବାର ଛ'ବର୍ଷ ପରେ ଓଡ଼ିଆ ସ୍ନାତକ ଶ୍ରେଣୀରେ ପାଠ୍ୟକ୍ରମ ଆରମ୍ଭ ହେଲା । ଏହାର ଚାରିବର୍ଷ ପରେ ଅର୍ଥାତ୍ ୧୯୪୬-୪୭ ମସିହାରେ ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଚଳନ ହେଲା । ତା ପୂର୍ବରୁ ପର୍ଯ୍ୟାୟକ୍ରମେ ପ୍ରଥମେ ଆଇ.ଏ. ଓ ପରେ ବି.ଏ. ପାଠ୍ୟକ୍ରମରେ ବାଧ୍ୟତାମୂଳକ ଓଡ଼ିଆ ବିଷୟ ପଢ଼ା ଯାଉଥିଲା । ଏହି ପର୍ଯ୍ୟାୟରେ କାଶୀନାଥ ଦାସ, ଆର୍ତ୍ତବଲ୍ଲଭ ମହାନ୍ତି, ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରାଥମିକ ପର୍ଯ୍ୟାୟରେ ସଂସ୍କୃତ ଓ ଓଡ଼ିଆ ବିଭାଗ ଯୁଗ୍ମବିଭାଗ ଭାବରେ କାର୍ଯ୍ୟ କରୁଥିଲା । ସେଥିପାଇଁ ଡକ୍ଟର କରୁଣାକର କର ଓ ଡକ୍ଟର କୁଂଜ ବିହାରୀ ତ୍ରିପାଠୀ ସଂସ୍କୃତ-ଓଡ଼ିଆ ବିଭାଗରେ ଅଧ୍ୟାପନା ଆରମ୍ଭ କରିଥିଲେ । ସଂସ୍କୃତ ଅଧ୍ୟାପକ ଶ୍ରୀଯୁକ୍ତ କାଶୀନାଥ ଦାସ ୧୯୩୮ ମସିହା ଜୁଲାଇ ୧ ତାରିଖରେ ଅବସର ଗ୍ରହଣ କଲେ । କୁଂଜବିହାରୀ ତ୍ରିପାଠୀ ୬ମାସ ପାଇଁ ସଂସ୍କୃତରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ । ସେ ସମୟରେ କୁଂଜବିହାରୀ ତ୍ରିପାଠୀ ଗୁରୁ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଓ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ସହକର୍ମୀଭାବେ କାର୍ଯ୍ୟ କରିଥିଲେ । ସଂସ୍କୃତ ଅଧ୍ୟାପକ ସତ ମାତ୍ର ଓଡ଼ିଆ (MIL) ପଢ଼ାଇବାକୁ ହେଉଥିଲା । ଆର୍ତ୍ତବଲ୍ଲଭ ଥିଲେ ବିଭାଗ ମୁଖ୍ୟ । ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ମୃତ୍ୟୁପରେ ପୁରୀ ସଂସ୍କୃତ ମହାବିଦ୍ୟାଳୟରୁ ଶ୍ରୀଯୁକ୍ତ କରୁଣାକର କର ରେଭେନ୍‌ସା ଓଡ଼ିଆ ବିଭାଗରେ ଯୋଗଦେଲେ । ଏହିପରି ସ୍ନାତକୋତ୍ତର ପାଠ୍ୟକ୍ରମ ଗୋଟିକ ପରେ ଗୋଟିଏ ରେଭେନ୍‌ସାରେ ଆରମ୍ଭ ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୁର୍ନଗଠନ ଯୋଜନାରେ ବହୁ ଅଧ୍ୟାପକ ବୃତ୍ତି ପାଇ ଉଚ୍ଚତର ଗବେଷଣା ପାଇଁ ବିଦେଶ ଗଲେ । ବିଦେଶରୁ ଫେରିବା ପରେ ସ୍ନାତକୋତ୍ତର ଶିକ୍ଷାଦାନର ଦାୟିତ୍ୱ ନେଲେ । ଅଧ୍ୟାପନା ସାଂଗକୁ ଗବେଷଣାର ମାନବୃଦ୍ଧି ଘଟିଲା । ଅଧ୍ୟାୟୀମାନେ ମଧ ଦେଶବିଦେଶରେ ବିଭିନ୍ନ ଉଚ୍ଚ ପଦପଦବୀରେ ରହି ଏହାର ଗୌରବ ବଢ଼ାଇଲେ । ରେଭେନ୍‌ସା ପାଲଟିଗଲା ଓଡ଼ିଶାର ଅକ୍ସଫୋର୍ଡ । ଦେଶବିଦେଶରେ ସର୍ବତ୍ର ରେଭେନ୍‌ସାଭିଆନ୍ ମାନଂକର ଆଧିପତ୍ୟ ଓ ପ୍ରତିପତ୍ତି । ସର୍ବଭାରତୀୟ ସେବା ପରୀକ୍ଷାରେ ମଧ ରେଭେନ୍‌ସାଭିଆନ୍ ମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଥିଲେ ।

## ରେଭେନ୍‌ସାର ମୁଖ୍ୟ ଆକର୍ଷଣ 'କ୍ୱାଡ୍ରାଙ୍ଗଲ୍'

୧୯୩୬-୩୭ ମସିହା କଥା । ସେ ସମୟରେ ରେଭେନ୍‌ସାର ଅଧ୍ୟକ୍ଷ ଥାଆନ୍ତି ଶ୍ୟାମଚନ୍ଦ୍ର ତ୍ରିପାଠୀ । ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର୍ । ରୁକ୍ଷ ଶ୍ରୀହୀନ କ୍ୱାଡ୍ରାଙ୍ଗଲ୍‌କୁ ଅପରୂପ ସୌନ୍ଦର୍ଯ୍ୟମୟୀ କରାଇବାରେ ତାଂକ ଅବଦାନ ଅବିସ୍ମରଣୀୟ । ଏଥିରେ ତାଂକୁ ସହଯୋଗ କରିଥିଲେ ଇଷ୍ଟ ଓ ୱେଷ୍ଟ ହଷ୍ଟେଲର ଅନ୍ତେବାସୀ, ତତ୍ତ୍ୱାବଧାରକ ଓ ସହ ତତ୍ତ୍ୱାବଧାରକ । ଦୁଇଟି ହଷ୍ଟେଲର କମନରୁମ୍‌ରେ ସଭା କରାଗଲା । ନିଷ୍ପତ୍ତି ହେଲା ଯେ, ଭୋର୍ ୬ଟା ସମୟରେ ହଷ୍ଟେଲରେ ଘଂଟି ବାଜିବ । ସମସ୍ତ ଅନ୍ତେବାସୀ ଏକତ୍ରିତ ହେବେ । ସଭିଏଁ ଏକାଠି ହୋଇ କାଠଯୋଡ଼ି ନଦୀପାଖ ଖାନନଗରରେ ପହଂଚିବେ । ନଦୀଶଯ୍ୟାରୁ ପଟୁମାଟି ଅଣାହେବ । ଶେଷରେ ଏହି ଅଭିଯାନରେ ସମସ୍ତ ଅଧ୍ୟାୟୀ, ଅଧ୍ୟାପକ, ଅନ୍ତେବାସୀ, ସ୍ୱୟଂ ଅଧ୍ୟକ୍ଷ ନିଜେ ସାମିଲ୍ ହେଲେ । କପଡ଼ାଥଳି, ବଡ଼ବଡ଼ ଖବରକାଗଜରେ ପିଲାମାନେ ମାଟି ବୋହିଆଣିଲେ । ଏହାପରେ ଟ୍ରକ୍ ଟ୍ରକ୍ ପଟୁମାଟି ବୁହା ହୋଇ କ୍ୱାଡ୍ରାଙ୍ଗଲରେ ପକାଯାଇ ଘାସ ଲଗା ହେଲା । ୱାଟର୍ ସ୍ପିନ୍ କଲ୍‌ର ଖଂଜାଯାଇ ପାଣି ଦିଆଯିବାର ବ୍ୟବସ୍ଥା କରାଗଲା । ମାସେ ଭିତରେ ସାରା ପଡ଼ିଆଟା ସବୁଜିମାରେ ଭରିଗଲା । ମନେହେଲା ଯେପରି କ୍ୱାଡ୍ରାଙ୍ଗଲ୍‌ର ଚାରିଭାଗରେ ଚାରିଖଣ୍ଡି ସବୁଜରଂଗର ଚାଦର ବିଛା ହୋଇଛି ।

ଏହାପରେ ଅଧ୍ୟକ୍ଷ ତ୍ରିପାଠୀ ସାହେବ ଓ ସହକର୍ମୀ ଅଧ୍ୟାପକମାନେ ବାର୍ଷିକ ପରୀକ୍ଷା ସରିବା ପରେ ଏକ Home partyର ଆୟୋଜନ କଲେ । ନିର୍ଦ୍ଧାରିତ ଦିନ ସଂନ୍ଧ୍ୟା ସମୟରେ ଅଧ୍ୟାୟୀମାନେ ମେନ୍ ପୋର୍ଟିକୋ ବାଟେ ଦଳଦଳ ହୋଇ ଯାଇ କ୍ୱାଡ୍ରାଙ୍ଗଲ୍ ପାଖରେ ପହଂଚିଲେ । କ୍ୱାଡ୍ରାଙ୍ଗଲ୍‌ଟି ଅର୍ଦ୍ଧଚନ୍ଦ୍ରାକାର ଭାବେ ସଫେଦ୍ କପଡ଼ାରେ ଆଚ୍ଛାଦିତ ହୋଇଥିବା ଟେବୁଲ ଚେୟାର୍ ପକାଯାଇଥାଏ । ସେ ସମୟରେ ସମସ୍ତ ଅଧ୍ୟାପକ ପିଲାମାନଂକୁ ସ୍ୱାଗତ କରିବା ସହିତ ଖାଦ୍ୟ ପରିବେଷଣ ଆରମ୍ଭ କଲେ । କ୍ୱାଡ୍ରାଙ୍ଗଲ୍ ଅପରପାର୍ଶ୍ୱରେ ସିନେମା ସୋ' ଚାଲିଥାଏ । ଏକାଠି ଅଧ୍ୟାପକ ଓ ଅଧ୍ୟାୟୀମାନେ ଖାଇବାର ମଜା ନେଉଥାଆନ୍ତି । ଅଧ୍ୟକ୍ଷ ତ୍ରିପାଠୀ ସାହେବଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଚାଲିଥାଏ । ଅଧ୍ୟାୟୀମାନଂକର ମନୋରଂଜନ ପାଇଁ ମୟୂରଭଂଜ ଓ ଗଡ଼ଜାତରୁ ସଜା ହୋଇଥିବା ହାତୀ, ଘୋଡ଼ା ଆସିଥାଆନ୍ତି । ଘୋଡ଼ା ସବାରମାନେ ଉପଯୁକ୍ତ ବେଶପୋଷାକରେ ସଜେଇହୋଇ ଆସିଥାଆନ୍ତି । ଫ୍ଲଡ୍ ଲାଇଟ୍‌ରେ ପଡ଼ିଆକୁ ଆଲୋକିତ କରାଯାଇଥାଏ । ମୟୂରଭଂଜର ଶ୍ରୀରାମଚନ୍ଦ୍ର ଦାସ (ଛଉନୃତ୍ୟର ବିଶିଷ୍ଟ ପରିଚାଳକ ଓ ପରବର୍ତ୍ତୀ ସମୟରେ ଓଡ଼ିଶାର ଆଇ.ଜି. ପୋଲିସ ପାହ୍ୟାରୁ ଅବସର ନେଇଥିଲେ) ଏହି ଶୋ' ଦାୟିତ୍ୱରେ ଥା'ନ୍ତି । ଏହି ମହୋତ୍ସବରେ ବହୁ ଉଚ୍ଚ ପଦାଧିକାରୀମାନେ ମଧ ଯୋଗ ଦେଇଥିଲେ ।

ରେଭେନ୍‌ସାର କ୍ୱାଡ୍ରାଙ୍ଗଲ୍ ଅନନ୍ୟ ସୌନ୍ଦର୍ଯ୍ୟର ଅଧିକାରୀ । ତାର ସୌନ୍ଦର୍ଯ୍ୟ ସଂପର୍କରେ କେବଳ ଏତିକି କୁହାଯାଇପାରେ: ଆଶ୍ୱିନର ଛୁଂଚିଫୁଟା ଖରା, କ୍ୱାଡ୍ରାଂଗଲ୍‌ର ବଢ଼ିଥିବା ସାବ୍‌ଜାପତ୍ର ସୂର୍ଯ୍ୟଠାରୁ ଚୋରି କରେ ଜୀବନାଗ୍ନି । ପବନ ଠାରୁ ମାଦକଭରା ସ୍ପର୍ଶ...ଧାଡ଼ି ଧାଡ଼ି ଗୋଲାପର ପାଖୁଡ଼ାରେ, ସଂଚିତ ମହୁରେ, କୋମଳ ଘାସର କାଉଁରୀ ଛୁଆଁରେ, ଅଜସ୍ର ସମ୍ଭବନାକୁ ନେଇ ପାଦଦେଇଥିବା ତରୁଣତରୁଣୀ ଖୋଜି ବସନ୍ତି ନିଜର ଅସ୍ତିତ୍ୱକୁ । କୁହନ୍ତି, "ଆମେ ହିଁ ତୁମର ଜୀବନ୍ତ ଛାଇ... ଏଇଠି ଅଛି ପୁଣି ଏଇଠି ନାହିଁ ।"

## କନିକା ପାଠାଗାର

ଓଡ଼ିଶାରେ ଶିକ୍ଷାର ପ୍ରାଣକେନ୍ଦ୍ର ବୋଲାଉଥିବା ଜ୍ଞାନଭୂମି ରେଭେନ୍‌ସା ମହାବିଦ୍ୟାଳୟର 'କନିକା ପାଠାଗାର' ଜନସଚେତନା ଓ ଶିକ୍ଷାର ଅଭ୍ୟୁଦୟ ଓ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଓଡ଼ିଶାର ସର୍ବବୃହତ୍ ପାଠାଗାର କହିଲେ କନିକା ପାଠାଗାରକୁ ବୁଝାଯାଏ । ରେଭେନ୍‌ସା କଲେଜ ବର୍ତ୍ତମାନର କୋଠୀକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ରେଭେନ୍‌ସା ଲାଇବ୍ରେରୀ କଟକ କଲେକ୍ଟୋରେଟ୍ ନିକଟରେ ଏକ ଚାଳଘରେ କାର୍ଯ୍ୟ କରୁଥିଲା । ଦୁଃଖର ବିଷୟ ଅଗ୍ନିକାଣ୍ଡ ଘଟି ସମସ୍ତ ସଂଗୃହୀତ ପୁସ୍ତକ ନଷ୍ଟ ହୋଇ ଯାଇଥିଲା । ଗ୍ରନ୍ଥାଗାରରେ ପୁସ୍ତକ ସଂଖ୍ୟା ଥିଲା ଏଗାର ହଜାର । ୧୯୨୨ ମସିହାରେ ତତ୍‌କାଳୀନ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେଓ ଏଇ ଲାଇବ୍ରେରୀର ପୁର୍ନଗଠନ ନିମିତ୍ତ ୫୫ ହଜାର ଟଂକା ଦାନ କରିଥିଲେ । ମୟୂରଭଂଜର ମହାରାଜା କୃଷ୍ଣଚନ୍ଦ୍ର ଭଂଜଦେଓ ମଧ ୨୨ହଜାର

**ରେଭେନ୍ସାର କୁଳପତିଗଣ**

| | |
|---|---|
| ୧. ଦେବଦାସ ଛୋଟରାୟ (ଆଇ.ଏ.ଏସ୍) | ତା.୧୫.୧୧.୦୬-୨୪.୧୧.୧୧ |
| ୨. ପ୍ରଫେସର ବୈଷ୍ଣବ ଚରଣ ତ୍ରିପାଠୀ | ତା.୨୫.୧୧.୧୧-୨୪.୧୧.୧୪ |
| ୩. ଗଗନକୁମାର ଧଳ(ଆଇ.ଏ.ଏସ୍) | ତା. ୨୫.୧୧.୧୪-୩୧.୧୨.୧୫ |
| ୪. ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ | ତା. ୦୧.୦୧.୧୫-୩୧.୧୨.୧୭ |
| ୫. ପ୍ରଫେସର ଇଶାନ କୁମାର ପାତ୍ର | ତା.୩୧.୧୨.୧୭- |

ଟଂକା ଦାନ କରିଥିଲେ । ଏହି ଅର୍ଥ ଲାଇବ୍ରେରୀର ଉନ୍ନତି ନିମନ୍ତ ଖର୍ଚ୍ଚ କରା ଯାଇଥିଲା । କନିକା ରାଜାଙ୍କର ନାମାନୁସାରେ ଲାଇବ୍ରେରୀର ନାମ ଦିଆଗଲା 'କନିକା ଲାଇବ୍ରେରୀ' । କନିକା ଲାଇବ୍ରେରୀ ନଅ ହଜାର ବର୍ଗଫୁଟ କ୍ଷେତ୍ରଫଳ ପରିମିତ ଜାଗା ଉପରେ ଦଣ୍ଡାୟମାନ । ୧୯୪୧ ମସିହା ଅଗଷ୍ଟ ମାସ ୧୦ ତାରିଖରେ କଲେଜର ପୁରାତନ ଛାତ୍ର ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ କନିକା ଲାଇବ୍ରେରୀକୁ ୧୬୮୪ଖଣ୍ଡ ପୁସ୍ତକ ଦାନ କରିଥିଲେ । ୧୯୬୮ ମସିହାରେ ରେଭେନ୍ସା କଲେଜର ଶତବାର୍ଷିକୀ ସମାରୋହ ପାଳନ ଅବସରରେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡାକ୍ତର ତ୍ରିଗୁଣା ସେନ୍ଙ୍କ ଦ୍ୱାରା ନୂଆ ଲାଇବ୍ରେରୀ କୋଠୀର ଶୁଭ ଦିଆଯାଇଥିଲା । ୧୯୭୫ ମସିହା ଡିସେମ୍ବର ୬ ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଅଧ୍ୟାୟୀମାନଂକ ନିମିତ୍ତ ଉପଲବ୍ଧ ହୋଇଥିଲା ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରସ୍ଥ ଶିଳାଲେଖ

ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏକ ପ୍ରାଚୀନ ଶିଳାଲେଖ ୧୯୬୦ ମସିହାରେ ପ୍ରଫେସର କୁଂଜବିହାରୀ ତ୍ରିପାଠୀଙ୍କ ଦ୍ୱାରା ଆବିଷ୍କୃତ ହୁଏ । ଶିଳାଲେଖଟି ବର୍ତ୍ତମାନ କୁଳପତିଙ୍କ କାର୍ଯ୍ୟାଳୟର ବାମପାର୍ଶ୍ୱରେ ଥିବା ଏକ ବଉଳ ଗଛ ନିକଟରେ ବିଦ୍ୟମାନ । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ରୁ ପ୍ରାପ୍ତ ବୋଲି ପ୍ରଫେସର ତ୍ରିପାଠୀ 'ଝଂକାର' ୧୧ଶ ବର୍ଷ ୩ୟ ସଂଖ୍ୟା ୨୬୫ପୃଷ୍ଠାର ପାଦଟୀକାରେ ଉଲ୍ଲେଖ କରିଥିଲେ । ଶିଳାଲେଖର ସମ୍ମୁଖଭାଗରେ ଜଣେ ଯୁଦ୍ଧାଭିଳାଷୀ ସୈନିକର ମୂର୍ତ୍ତି ଖୋଦିତ । ଏହି ସୈନିକର ବାମହସ୍ତରେ ଢାଲ ଓ ଦକ୍ଷିଣହସ୍ତରେ ଗୋଟିଏ ଖଣ୍ଡା । ମସ୍ତକର ପଛରେ କୁଂଚିତ କେଶପାଶ । ମୂର୍ତ୍ତିର ଉପରେ ଚାରୋଟି ଧାଡ଼ିର ଲେଖା-

୧ମ ଧାଡ଼ି - ସ୍ୱସ୍ତି ଦାଣ୍ଡନାୟକ ଗୋସ
୨ୟ ଧାଡ଼ି - ରଣ ସାମୀ ଅରୀକାଲ
୩ୟ ଧାଡ଼ି - ଲ ବିଝରୀ ଗଣ୍ଡର
୪ର୍ଥ ଧାଡ଼ି - ଭୟବଲ ମାସ୍ଥିସା

ଲେଖାକୁ ସଜାଇଲେ ଏହିପରି ହେବ ।

ସ୍ୱସ୍ତି ଦଣ୍ଡନାୟକ ଗୋସରଣ ସାମୀ ଅରୀକାଲ ଗଣ୍ଡର ଭୟାବହ ମା ଭିସଃ । ଏହାର ଅର୍ଥ ହେବ- ମଙ୍ଗଳ ହେଉ (ସ୍ୱସ୍ତି) ସେନା ନାୟକ (ଦାଣ୍ଡ ନାୟକ) ଶରଣ, ସେ ପ୍ରଭୁ (ସାମୀ), ରାଜା ଶତ୍ରୁମାନଙ୍କ କାଳ ସ୍ୱରୂପ (ଅରୀକାଲ) । ଏଣୁ ହେ ବିଝଲ ଓ ଗଣ୍ଡ (ବିଝରିଗଣ୍ଡ)! ସ ସୈନ୍ୟ (ଉଭୟ ଦଳ) ଭୟ କରନାହିଁ (ସାଭିସଃ) ଲେଖାଟିରେ ନାନା ବନନା ତ୍ରୁଟି ଅଛି ଯେପରି ଶରଣ, ସାମୀ, ଅରୀ ।



ଶିଳାଲେଖାଟି ପ୍ରନ୍ ଉତ୍କଳୀୟ ଲିପିରେ ଖୋଦିତ । ଏହି ଲିପିକୁ ଡଃ ହେରାଲଡ୍ ପ୍ରଭୃତିଙ୍କର ଅନୁସରଣରେ ସାଧାରଣତଃ ଲିପି ତତ୍ତ୍ୱବିତ୍ମାନେ ପ୍ରନ୍ ବଂଶୀୟ ବୋଲି କହିଥାନ୍ତି । ମାଧ୍ୟଯୁଗୀନ ଓ ଆଧୁନିକ ଓଡ଼ିଆ ଲିପି ଏହି ଲିପିରୁ ବିବର୍ତ୍ତିତ ହୋଇଅଛି । ଡକ୍ଟର ଡି. ସରକାରଙ୍କ ଲେଖା ଅନୁଯାୟୀ ଗୌଡ଼ ଲିପି ବୋଲି ମଧ୍ୟ କହନ୍ତି । ଏହି ଲେଖାରେ ବ୍ୟବହୃତ ହୋଇଥିବା ଅ, ଶ, ଝ, ର, ମ, ସ, ପ୍ରକୃତ ଅକ୍ଷର ଠାରୁ ଭିନ୍ନ ।

ଏହି ଲେଖର ଭାଷା ଓଡ଼ିଆ କିନ୍ତୁ ଏଥିରେ ବ୍ୟବହୃତ 'ମ' ଭିସଃ' ପ୍ରୟୋଗ ସଂସ୍କୃତ ଭାଷାର ଲୁଙ୍ ପ୍ରୟୋଗ 'ମା ଭୈଷୀଃ ରଃ କରନାହିଁ, (ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ ୧ମ ସଂସ୍କରଣ-ପୃ-୬୩ରୁ ଅପଭ୍ରଷ୍ଟ / ଅତୁଳନୀୟ / ରୁଦ୍ର ସୁଧାନିଧିର 'ମାଭିଏ - ମାଭୈ' (ସଂସ୍କୃତ) ।

## ପ୍ରଥମ ବିଧାନସଭା ଓ ରେଭେନ୍ସା କଲେଜ ହଲ୍

ଓଡ଼ିଶା ବିଧାନସଭା ପାଇଁ କୌଣସି ସ୍ୱତନ୍ତ୍ର ହଲ୍ ସେ ସମୟରେ ନଥିଲା । ଅସ୍ଥାୟୀ ଭାବରେ ବିଧାନସଭା ବୈଠକ ବସୁଥିଲା ରେଭେନ୍ସା କଲେଜ ହଲ୍ରେ । ପ୍ରକୃତପକ୍ଷେ ଏହି ହଲ୍ଟି ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ନିମିତ୍ତ ଉଦ୍ଦିଷ୍ଟ ଥିଲା । କଲେଜ୍ ହଲ୍ଟି ଯେତେବେଳେ ବିଧାନସଭାରେ ପରିଣତ ହେଉଥିଲା କିଛି ସମୟ ପାଇଁ ପିଲାମାନଂକୁ ରାଜନୈତିକ ଚେତନାର ପରିସର ମଧ୍ୟକୁ ନେଇ ଯାଉଥିଲା । ବିଧାନସଭା ଚାଲିଥିବା ସମୟରେ ଦର୍ଶକ ଗ୍ୟାଲେରୀ ଛାତ୍ରମାନଂକ ଦ୍ୱାରା ପରିପୂର୍ଣ୍ଣ ହୋଇ ଉଠୁଥିଲା । ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନଂକୁ ଦେଖିବା ପାଇଁ ମଧ୍ୟ ଦର୍ଶକ ଗ୍ୟାଲେରୀ ଭରପୂର ହୋଇଯାଉଥିଲା । ଓଡ଼ିଶା ବିଧାନସଭାର ପ୍ରଥମ ବୈଠକ ୧୯୩୭ ମସିହା ଜୁଲାଇ ୨୮ ତାରିଖରେ ଏହି ହଲ୍ରେ ବସିଥିଲା । ବୈଠକ ଠିକ୍ ୧୧ଟା ସମୟରେ ଆରମ୍ଭ ହୋଇଥିଲା । ଅଫିସର୍ ଗ୍ୟାଲେରୀରେ ଚିଫ୍ ସେକ୍ରେଟାରୀ ମିଷ୍ଟର ପି.ଟି. ମାନସଫିଲଡ୍ ଓ ଆଉ ଜଣେ ଇଂରେଜ ଅଫିସର ବସି ଥାଆନ୍ତି । ସେଦିନ ସ୍ୱାମୀ ବିଚିତ୍ରାନନ୍ଦ ଦାସ କାମଚଳା ବାଚସ୍ପତି ଭାବରେ ମନୋନୀତ ହୋଇଥାଆନ୍ତି । ସେହିଦିନ ମୁକୁନ୍ଦ ପ୍ରସାଦ ଦାସଙ୍କୁ ବାଚସ୍ପତି ରୂପେ ନିର୍ବାଚିତ କରାଗଲା । ସେ ବ୍ୟବସ୍ଥା ସଭାର କାର୍ଯ୍ୟ ତୁଲାଇଲେ ବିଧାନସଭା ବୈଠକ ବସିବା ପୂର୍ବରୁ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳଗଠିତ ହୋଇସାରିଥାଏ । ବିଶ୍ୱନାଥ ଦାସଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରୀ ନିତ୍ୟାନନ୍ଦ କାନୁନଗୋ ଓ ସ୍ୱର୍ଗୀୟ ବୋଧିରାମ ଦୁବେ ମନ୍ତ୍ରୀ ଥିଲେ । ସର୍ବଶ୍ରୀ ରାଜକୃଷ୍ଣ ବୋଷ, ଜଗନ୍ନାଥ ମିଶ୍ର ଓ ଯଦୁମଣି ମଂଗରାଜ ପାର୍ଲିଆମେଂଟାରୀ ସେକ୍ରେଟାରୀ ନିଯୁକ୍ତ ହୋଇଥାଆନ୍ତି । ସେ ସମୟର ବିଧାନସଭା ଚାଲିଥିବା ସମୟର ଦୃଶ୍ୟ ସଂପର୍କରେ ୰ନୀଳମଣି ରାଉତରାୟ ତାଂକ 'ସ୍ମୃତି ଓ ଅନୁଭୂତି' ପୁସ୍ତକରେ ଲେଖିଛନ୍ତି- "ଏବେ ମଧ୍ୟ ସେହି ବୈଠକର ସମସ୍ତ ଦୃଶ୍ୟ ମୋର ସ୍ପଷ୍ଟ ମନେଅଛି । କଲେଜହଲ୍ ପାଖ ଲୋକାରଣ୍ୟ । କଲେଜ ପାଖ ପଡ଼ିଆରେ ବହୁ ଛାତ୍ର ଉପସ୍ଥିତ ହୋଇ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କୁ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ସମେତ ବ୍ୟବସ୍ଥା ସଭାର ସଭ୍ୟମାନଂକୁ ଆଗ୍ରହରେ ଦେଖୁଥାଆନ୍ତି । ମନ୍ତ୍ରୀମାନେ ମଟରଗାଡ଼ିରେ ଆସିଲେ । ରାଜକୃଷ୍ଣ ବୋଷ ଆସିଲେ ଘୋଡ଼ା ଉପରେ ଚଢ଼ି । ଘୋଡ଼ାଟାପୁର ଟପର୍ ଟପର୍ ଶବ୍ଦ, ତା'ଉପରେ ସବାର ରାଜକୃଷ୍ଣ ବୋଷଙ୍କର ଚୋଗା-ଚୌକନ୍ ପୋଷକ । ସମସ୍ତେ ଆଗ୍ରହରେ ଦେଖୁଥାଆନ୍ତି । ରାଜକୃଷ୍ଣ ବାବୁ ପ୍ରତିଦିନ ଘୋଡ଼ାରେ ବସି ବ୍ୟବସ୍ଥାସଭାକୁ ଆସୁଥିଲେ । ସେ ଥିଲେ ଜଣେ ଟାଣୁଆ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଜସ୍ୱିନୀ ବକ୍ତା । ବିରୋଧୀଦଳ ସଭ୍ୟ ମାନ୍ଧାତା ଗୋରାଚନ୍ଦ୍ ପଟ୍ଟନାୟକ ମହାଶୟଙ୍କର ପଗଡ଼ି ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଥିଲା ।

## ରେଭେନ୍ସା ମହାବିଦ୍ୟାଳୟ : ଅଧ୍ୟକ୍ଷ ବୃନ୍ଦ

| | | |
|---|---|---|
| ୧. | ଏସ୍.ଅଗର୍ | ୧୮୭୬ |
| ୨. | ନୀଳକଂଠ ମଜୁମ୍‌ଦାର | ୧୮୯୬ |
| ୩. | ଏନ୍.ଏଲ୍.ହଲୱାର୍ଡ୍ | ୧୮୯୭ |
| ୪. | କେ. ରାୟଚୌଧୁରୀ | ୧୯୦୦ |
| ୫. | ରାୟ ବାହାଦୁର ବି.ଭି. ଗୁପ୍ତା | ୧୯୦୧ |
| ୬. | ଉପେନ୍ଦ୍ରନାଥ ମିତ୍ର | ୧୯୦୯ |
| ୭. | ରାୟ ବାହାଦୁର ଜେ.ସି. ରାୟ | ୧୯୦୯ |
| ୮. | ଆର୍.ଡବ୍ଲ୍ୟୁ.ଏଫ୍. ଶ' | ୧୯୦୯ |
| ୯. | ଏଚ୍ ଲାମ୍ବର୍ଟ | ୧୯୧୫ |
| ୧୦. | ଯଦୁନାଥ ସରକାର | ୧୯୨୦ |
| ୧୧. | ପି.ଓ.ହ୍ୱିଟ୍‌ଲକ୍ | ୧୯୨୦ |
| ୧୨. | ଏଚ୍. ଲାମ୍ବାର୍ଟ | ୧୯୨୧ |
| ୧୩. | ପି.ଓ.ହ୍ୱିଟ୍‌ଲକ୍ | ୧୯୨୩ |
| ୧୪. | ଡବ୍ଲୁ ଓସ୍‌ଟନ୍ ସ୍ମିଥ୍ | ୧୯୨୩ |
| ୧୫. | ଏଚ୍. ଲାମ୍ବର୍ଟ | ୧୯୨୪ |
| ୧୬. | ପି.ଓ.ହ୍ୱିଟ୍‌ଲକ୍ | ୧୯୨୬ |
| ୧୭. | ଏଚ୍. ଲାମ୍ବାଟ | ୧୯୨୬ |
| ୧୮. | ପି.ଓ.ହ୍ୱିଟ୍‌ଲକ୍ | ୧୯୨୮ |
| ୧୯. | ଟି.ସି. ଅର୍ଜିଲ୍ | ୧୯୨୮ |
| ୨୦. | ଡବ୍ଲୁ.ଭି. ଡ୍ୟୁକ୍ | ୧୯୩୧ |
| ୨୧. | ଏଚ.ଆର.ବାଥେଜ | ୧୯୩୧ |
| ୨୨. | ବି.କେ.ସିଂହ | ୧୯୩୧ |
| ୨୩. | ଶ୍ୟାମାଚରଣ ତ୍ରିପାଠୀ | ୧୯୩୬ |
| ୨୪. | ପ୍ରାଣକୃଷ୍ଣ ପରିଜା | ୧୯୩୮ |
| ୨୫. | ବଳଭଦ୍ର ପ୍ରସାଦ | ୧୯୪୧ |
| ୨୬. | ପ୍ରାଣକୃଷ୍ଣ ପରିଜା | ୧୯୪୧ |
| ୨୭. | ସଚ୍ଚିଦାନନ୍ଦ ରାୟ | ୧୯୪୫ |
| ୨୮. | ମହେଶ ଚନ୍ଦ୍ର ପ୍ରଧାନ | ୦୩.୦୬.୪୮ ରୁ ୨୮.୦୧.୪୯ |
| ୨୯. | ଗୋଲକ ବିହାରୀ ବାନାର୍ଜୀ | ୨୯.୦୧.୪୯ ରୁ ୦୨.୧୨.୫୩ |
| ୩୦. | ବାମାଚରଣ ଦାସ | ୦୩.୧୨.୫୩ ରୁ ୧୮.୦୩.୫୭ |
| ୩୧. | ସଦାଶିବ ମିଶ୍ର | ୧୯.୦୩.୫୭ ରୁ ୧୯.୧୨.୬୧ |
| ୩୨. | ବଂଶୀଧର ସାମନ୍ତରାୟ | ୨୦.୧୨.୬୧ ରୁ ୧୫.୦୨.୬୬ |
| ୩୩. | ରମାନାଥ ମହାନ୍ତି | ୧୬.୦୨.୬୬ ରୁ ୦୧.୦୩.୬୮ |
| ୩୪. | ଦେବେନ୍ଦ୍ର ଚନ୍ଦ୍ର ମିଶ୍ର | ୦୨.୦୩.୬୮ ରୁ ୦୯.୦୬.୬୮ |
| ୩୫. | ବିଧୁଭୂଷଣ ଦାସ | ୧୦.୦୬.୬୮ ରୁ ୩୧.୦୭.୬୮ |
| ୩୬. | ଦେବେନ୍ଦ୍ର ଚନ୍ଦ୍ର ମିଶ୍ର | ୦୧.୦୮.୬୮ ରୁ ୧୬.୦୨.୭୧ |
| ୩୭. | କେ.ଏସ୍.ଆର୍.ମୂର୍ତ୍ତି | ୧୭.୦୨.୭୧ ରୁ ୧୮.୦୭ ୭୧ |
| ୩୮. | ମହେନ୍ଦ୍ର କୁମାର ରାଉତ | ୧୯.୦୭.୭୧ ରୁ ୦୩.୦୪.୭୭ |
| ୩୯. | ମଦନମୋହନ ନନ୍ଦ | ୦୪.୦୪.୭୭ ରୁ ୧୪.୦୬.୭୭ |
| ୪୦. | ମହେନ୍ଦ କୁମାର ରାଉତ | ୧୫.୦୬.୭୭ ରୁ ୩୦.୦୪.୮୦ |
| ୪୧. | କ୍ଷେତ୍ରମୋହନ ପଟ୍ଟନାୟକ | ୦୧.୦୫.୮୦ ରୁ ୧୯.୦୮.୮୧ |
| ୪୨. | ବଟକୃଷ୍ଣ ମହାନ୍ତି | ୨୦.୦୮.୮୧ ରୁ ୦୪.୦୮.୮୨ |
| ୪୩. | କ୍ଷୀରୋଦ କୁମାର ପଟ୍ଟନାୟକ | ୦୫.୦୮.୮୨ ରୁ ୨୦.୦୭.୮୩ |
| ୪୪. | ଦୀନବନ୍ଧୁ ମିଶ୍ର | ୨୧.୦୭.୮୩ ରୁ ୦୮.୦୧.୮୬ |
| ୪୫. | ଉମାକାନ୍ତ ମହାପାତ୍ର | ୦୮.୦୧.୮୬ ରୁ ୨୬.୦୯.୮୮ |

ବିଧାନସଭା ବୈଠକ ଚାଲିଥିବା ସମୟରେ ପ୍ରାୟ ସମସ୍ତ ଛାତ୍ର ସେଠାରେ ଉପସ୍ଥିତ ରହି ବିଧାନସଭାର ଦୈନନ୍ଦୀନ କାର୍ଯ୍ୟାବଳୀ ଲକ୍ଷ୍ୟ କରନ୍ତି । ବିଧାନସଭା ବୈଠକ ଭଳି 'ନକଲ ବୈଠକ' (Mock Assembly) ର ଆୟୋଜନ ମଧ୍ୟ ସେ ସମୟରେ ଛାତ୍ରମାନେ କରିଥିଲେ । ସେ ସଂପର୍କରେ ଶ୍ରୀଯୁକ୍ତ ରାଉତରାୟ ଲେଖିଛନ୍ତି, "ବିଧାନସଭାର ବହୁ କଂଗ୍ରେସ ସଦସ୍ୟଙ୍କ ସହ ମୋର ସଂପର୍କ ଥାଏ । ସମୟ ସମୟରେ କେତେକ ସଦସ୍ୟ ମୋର ଅତିଥି ହୋଇ ହଷ୍ଟେଲରେ ରହନ୍ତି । ବିଧାନସଭା କାର୍ଯ୍ୟାବଳୀ ଦ୍ୱାରା ପ୍ରଭାବିତ ହୋଇ କଲେଜରେ ମଝିରେ ମଝିରେ ଛାତ୍ରମାନଂକ ଦ୍ୱାରା ବିଧାନସଭା ବୈଠକର ନକଲ ବୈଠକ ଅନୁଷ୍ଠିତ ହେଲା । ବୈଠକରେ ଛାତ୍ରମାନେ ଆଲୋଚନା କଲାବେଳେ ମନ୍ତ୍ରୀ ଓ ସଦସ୍ୟମାନଂକୁ ଅନୁକରଣ କରନ୍ତି । ଦିନେ ଏଭଳି ଗୋଟିଏ ନକଲ ସଂସଦର ବୈଠକରେ ଟ୍ରେଜରୀ ବେଂଚ୍‌ରେ ପ୍ରଧାନମନ୍ତ୍ରୀ ତଥା ଦଳପତି ଆସନରେ ମୁଁ ବସିଥାଏ । ବିଧାନସଭା ଆଲୋଚନା ଓ ବକ୍ତୃତା କଲାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ କେତେକ ଶବ୍ଦର ଅନୁନାସିକ ଉଚ୍ଚାରଣ କରିବାର ଲକ୍ଷ୍ୟ କରାଯାଏ । ତାକୁ ନକଲ କରି ଅନୁନାସିକ ଉଚ୍ଚାରଣ କରି ବକ୍ତୃତା ଦେଇ ସମସ୍ତଙ୍କର ଚିତ୍ତ ବିନୋଦନ କରିଥିଲି । ଆଇନ୍ କ୍ଲାସ୍‌ର ମୁଟ୍ କୋର୍ଟ ଭଳି ଆମ କଲେଜରେ'ମକ୍ ଆସେମ୍ବ୍ଲି' ପିଲାମାନଂକୁ ବାସ୍ତବ ଶିକ୍ଷା ଦେବାରେ ସହାୟକ ହେଉଥିଲା ।"

### ଚର୍ଚ୍ଚିତ ରାଜନେତା

ରେଭେନ୍‌ସାର ଚର୍ଚ୍ଚିତ ରାଜନେତାମାନଂକ ମଧ୍ୟରୁ ବୀରେନ୍ ମିତ୍ର, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ, ନନ୍ଦିନୀ ଶତପଥୀ, ବିଜୁ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ବସନ୍ତ ବିଶ୍ୱାଳ ଅନ୍ୟତମ ।

ବୀରେନ୍ ମିତ୍ର ରେଭେନ୍‌ସା କଲେଜ୍‌ର ଆଇନ୍ ବିଭାଗରେ ପଢୁଥିବା ସମୟରେ ସର୍ବଦା ଛାତ୍ର ଆନ୍ଦୋଳନରେ ଜଡ଼ିତ ରହୁଥିଲେ । ସେଥିପାଇଁ ୧୯୩୯ରେ ତାଂକୁ ମେଡ଼ିକାଲ ଷ୍ଟୁଡ଼େଂଟ ଆନ୍ଦୋଳନ ପାଇଁ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା । ବିଧାନସଭାକୁ ସେ ଚାରିଥର ନିର୍ବାଚିତ ହୋଇଥିଲେ । ୨.୧୦.୧୯୬୩ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଓଡ଼ିଶାର ଅନ୍ୟତମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୨୧ ମସିହାରେ ରେଭେନ୍‌ସାରେ ସ୍ନାତକ କଳାଶ୍ରେଣୀରେ ଆଡ଼ମିସନ ନେବାପରେ ଅସହଯୋଗ ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ୧୯୩୦ ମସିହା ଲବଣ ସତ୍ୟାଗ୍ରହ, ଗଡ଼ଜାତ ଆନ୍ଦୋଳନ ଓ ଭାରତଛାଡ଼ ଆନ୍ଦୋଳନରେ ସେ ଯୋଗ ଦେଇଥିଲେ । ୧୯୪୭-୪୮ ମସିହାରେ ସେ ଆୟ ଓ ପରିବହନ ମନ୍ତ୍ରୀଭାବେ ଯୋଗଦେବା ପରେ ୧୯୫୦ ମସିହାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର କଲେଜ ପାଠପଢ଼ା ରେଭେନ୍‌ସାରୁ ହିଁ ଆରମ୍ଭ ହୋଇଥିଲା । ବିମାନ ଉଡ଼ାଣରେ ସ୍ୱତନ୍ତ୍ର ରୁଚି ରଖିଥିବା 'ବିଜୁ' ଅଧାରୁ କଲେଜ ଛାଡ଼ି ପାଇଲଟ୍ ଟ୍ରେନିଂ ନେବାପାଇଁ ଚାଲିଯାଇଥିଲେ । ୧୯୬୧ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କଂଗ୍ରେସର ଅନ୍ୟତମ ପୁରୁଖାନେତା ଜାନକୀବଲ୍ଲଭ ରେଭେନ୍‌ସା କଲେଜର ୱେଷ୍ଟ ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ । ଛାତ୍ର ଜୀବନରେ ୟୁନିଅନ୍ ଜ୍ୟାକ୍‌କୁ ଓହ୍ଲାଇ ତ୍ରିରଂଗା ପତାକା ଲଗାଇଥିଲେ । କୈଶୋରରୁ ଛାତ୍ର ରାଜନୀତି ସହ ଜଡ଼ିତ ଥିବା ଜାନକୀବଲ୍ଲଭ ୧୯୮୦ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ;ହୋଇଥିଲେ । ୨୦୦୯-୨୦୧୪ ପର୍ଯ୍ୟନ୍ତ ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ନେଇଥିଲେ । ଠିକ୍ ସେମିତି ନିଜର କଲେଜ ଜୀବନ ରେଭେନ୍‌ସାରେ ଆରମ୍ଭ କରିଥିବା ବିଶ୍ୱନାଥ ଦାସ ୧୯୨୦-୧୯୨୯ ମଧ୍ୟରେ ୩ଥର ମାଡ୍ରାସ କାଉନ୍‌ସିଲକୁ ନିର୍ବାଚିତ ହୋଇଥିଲେ । ୧୯୩୭-୧୯୩୯ ମଧ୍ୟରେ ଆଧୁନିକ ଓଡ଼ିଶାର ପରିକଳ୍ପନା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ରେଭେନ୍‌ସା ମହାବିଦ୍ୟାଳୟର ଛାତ୍ରୀ ନନ୍ଦିନୀ ଶତପଥୀ ଦୁଇଥର ୧୯୭୨-୧୯୭୩, ୧୯୭୪-୭୬ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ନବ ଉତ୍କଳର ନିର୍ମାତା ପୁରୁଷ ବସନ୍ତ ବିଶ୍ୱାଳ ରେଭେନ୍‌ସା କଲେଜରେ ପାଠପଢ଼ା ଆରମ୍ଭ କରିଥିଲେ । ୧୯୮୦, ୧୯୮୫ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ୧୯୯୫-୨୦୦୦ ମସିହା ଯାଏଁ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ

| | |
|---|---|
| ୪୬. ଲକ୍ଷ୍ମୀକାନ୍ତ ଦାସ | ୨୬.୦୯.୮୮ ରୁ ୦୪.୦୧.୯୦ |
| ୪୭. ଅନନ୍ତ ଚରଣ ସାହୁ | ୦୫.୦୧.୯୦ ରୁ ୩୧.୧୨.୯୦ |
| ୪୮. ଗୋରାଚାନ୍ଦ ପଟ୍ଟନାୟକ | ୩୧.୧୨.୯୦ ରୁ ୦୫.୦୮.୯୨ |
| ୪୯. ପ୍ରଭାତ କୁମାର ମିଶ୍ର | ୦୫.୦୮.୯୨ ରୁ ୩୦.୦୧.୯୪ |
| ୫୦. ପ୍ରଫୁଲ୍ଲ କୁମାର ମହାନ୍ତି | ୩୧.୦୧.୯୪ ରୁ ୦୬.୧୨.୯୫ |
| ୫୧. ଅମୂଲ୍ୟ କୁମାର ପଣ୍ଡା | ୦୬.୧୨.୯୫ ରୁ ୩୦.୦୬.୯୬ |
| ୫୨. ଗିରିଜା ପ୍ରସାଦ ଆଚାର୍ଯ୍ୟ | ୩୦.୦୬.୯୬ ରୁ ୩୧.୦୧.୯୮ |
| ୫୩. ପଦ୍ମଚରଣ ମହାପାତ୍ର | ୦୧.୦୨.୯୮ ରୁ ୩୧.୦୩.୯୮ |
| ୫୪. ପ୍ରିୟତମା ଦେଓ | ୩୧.୦୩.୯୮ ରୁ ୩୦.୦୬.୯୯ |
| ୫୫. ରାମକୃଷ୍ଣ କର | ୩୦.୦୬.୯୯ ରୁ ୦୧.୦୮.୦୬ |
| ୫୬. ସଚ୍ଚିଦ୍ର ନାରାୟଣ ପଟ୍ଟନାୟକ | ୦୨.୦୮.୦୬ ରୁ ୨୬.୦୯.୦୬ |
| ୫୭. ରାମକୃଷ୍ଣ କର | ୨୭.୦୯.୦୬ ରୁ ୩୧.୧୦.୦୬ |
| ୫୮. ବିଜୟ କୁମାର ବଳ | ୩୧.୧୦.୦୬ ରୁ ୧୫.୧୧.୦୬ |

ହୋଇଥିଲେ । ଏହିପରି ଅନେକ ମହାନ୍ ଓ ପବିତ୍ର ପୁରୁଷ ସୃଷ୍ଟି କରିଛି 'ରେଭେନ୍ସା' । ସେମାନଂକ ମଧ୍ୟରେ ମଧୁସୂଦନ ଦାସ, ଗୋପବଂଧୁ, ଆଚାର୍ଯ୍ୟ ହରିହର, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଭୁବନାନନ୍ଦ ଦାଶଙ୍କ ପରି ବରିଷ୍ଠ ବ୍ୟକ୍ତିବିଶେଷ ଅନ୍ୟତମ ।

## ଯୁଗାନ୍ତକାରୀ ସାରସ୍ୱତ ପ୍ରତିଭାମାନଙ୍କର ସ୍ମୃତିରେ ରେଭେନ୍ସା

### ହରେକୃଷ୍ଣ ମହାତାବ

କଲେଜରେ ସେକେଣ୍ଡ୍ ଇୟରରେ ପଢ଼ିବାବେଳେ ନବକୃଷ୍ଣ ଚୌଧୁରୀ, ପ୍ରହ୍ଲାଦ ସାହୁ ଏମାନଙ୍କ ସହିତ ଆଳାପ ପରିଚୟ ହୁଏ । ପ୍ରହ୍ଲାଦ ସାହୁ ଆମ ମେସ୍‌ରେ ରହି କଲେଜରେ ପଢୁଥିଲେ । ନବକୃଷ୍ଣ ଚୌଧୁରୀ ଆମ ମେସ୍‌ରେ ଅଧିକାଂଶ ସମୟ କଟାଉଥିଲେ । ସାଧାରଣ ଜୀବନର ବାହାରେ କିଛି କରିବାକୁ ହେବ, ଏହା ହିଁ ଆମର ଧ୍ୟେୟ ଥିଲା । କଲେଜରେ ଆମେ ପଢୁଥିଲେ ମଧ୍ୟ କଲେଜ ଜୀବନ ସହିତ ଆମର ସଂପର୍କ ନଥିଲା କହିଲେ ଚଳେ । ଆମ ନିଜ ନିଜ ଭିତରେ ଆମେ ନାନାପ୍ରକାର ରାଜନୀତିକ ଓ ଅନ୍ୟ ଉଚ୍ଚ ଆଲୋଚନା କରୁଥିଲୁ । ସେତେବେଳେ ଏନି ବେସାନ୍ତଙ୍କ ଦ୍ୱାରା ସମ୍ପାଦିତ 'ନିଉ ଇଣ୍ଡିଆ' ନାମକ ଦୈନିକ କାଗଜର ଗ୍ରାହକ ହୋଇ ତାକୁ ନିୟମିତ ଭାବରେ ପଢୁଥିଲୁ । ମୋର ଯେତେଦୂର ଧାରଣା, କଲେଜରେ ଏ କାଗଜ କେହି ତ ପଢୁ ନଥିଲେ, ବାହାରେ ମଧ୍ୟ ଏହାର ଆଲୋଚନା ଖୁବ୍ କମ୍ ଥିଲା । କଲେଜ ଲାଇବ୍ରେରୀରୁ ନାନାପ୍ରକାର ବହି ଆଣି ପଢୁଥିଲୁ । ଆମ୍ଭେମାନେ ନିଜକୁ ନିଜେ ଫ୍ରି ଥିଙ୍କର୍ସ ବା ସ୍ୱାଧୀନ ଚିନ୍ତା କରୁଥିବା ବ୍ୟକ୍ତି ବୋଲି ଭାବୁଥିଲୁ ଓ କହୁଥିଲୁ । ସାଧାରଣଙ୍କ ମତ ଅନୁସାରେ ଚାଳିବା ଏକ ପ୍ରକାର ଦୁର୍ବଳତା, ନିଜେ ଯାହା ଠିକ୍ ଭାବିବ ତଦନୁସାରେ ଚାଳିବା ଏକ ପ୍ରକାର ଦୁର୍ବଳତା, ନିଜେ ଯାହା ଠିକ୍ ଭାବିବ ତଦନୁସାରେ ସାଧାରଣଙ୍କ ମତ ଗଠନ କରିବା ହେଉଛି ସାମର୍ଥ୍ୟ- ଏହା ଆମର ସିଦ୍ଧାନ୍ତ ଥିଲା ଓ ଏହି ଅନୁସାରେ ଆମେ ମଧ୍ୟ ଚଳୁଥିଲୁ ।

### କାଳିନ୍ଦୀଚରଣ ପାଣିଗ୍ରାହୀ

ରେଭେନ୍ସା କଲେଜ ପୂର୍ବ ଛାତ୍ରାବାସ ବହୁ ବିଚିତ୍ର ସ୍ମୃତିରେ ଭରା । ସ୍ୱଦେଶ ବିଦେଶରେ ସମୁଦାୟ ସାହିତ୍ୟ ସଂସ୍କୃତି ଅବା ଝଲସି ଉଠେ ପ୍ରାଚୀଦିଗନ୍ତର ଅରୁଣ ଆଭା ଲଭି ଏହି ଛାତ୍ରାବାସରେ । ମହାତ୍ମା ଗାନ୍ଧୀ, ଶ୍ରୀ ଅରବିନ୍ଦ, ପୁଣି ରବୀନ୍ଦ୍ରନାଥଙ୍କ ପରି ଜୀବିତ ମଣିଷମାନଙ୍କ ଜୀବନୀ ବିଶ୍ଳେଷଣ ସହିତ ବିଶ୍ୱ ସାହିତ୍ୟର ମୃତ ଓ ମନୀଷୀ ଟଲଷ୍ଟୟ, ଇବସେନ୍, ରୋମାଁରୋଲାଁ, ବର୍ଣ୍ଣାଡଶ ପ୍ରମୁଖ ମନୀଷୀ ତଥା ଲେଖକମାନଙ୍କ ସଂପର୍କରେ କେତେ ଆଲୋଚନା, ତର୍କ ବିତର୍କ ।

ପୂର୍ବ ପଶ୍ଚିମ ଉଭୟ ପାର୍ଶ୍ୱରେ ଦୁଇ ବିରାଟ ଛାତ୍ରାବାସ ମଝିରେ ପ୍ରଶସ୍ତ ପ୍ରାଙ୍ଗଣ- ଗୋଟିଏ ଛାତ୍ରାବାସର ପିଲାମାନଙ୍କୁ ଅନ୍ୟ ଛାତ୍ରାବାସ ପିଣ୍ଡାରେ ଠିଆହୋଇ ଚିହ୍ନିବା ଇଚ୍ଛା ହେଲେ ବି ଉପାୟ ନାହିଁ । ମଧ୍ୟସ୍ଥଳରେ କନିକା ଲାଇବ୍ରେରୀର ଗୋଲ୍ କୋଠା । କୋଠାଟି ଥାଏ ଜାତୀୟ, ଅନ୍ତର୍ଜାତୀୟ ସବୁ ଶ୍ରେଷ୍ଠ ସାହିତ୍ୟର ଗନ୍ତାଘର, ବିଶ୍ରାମ ଘଂଟାରେ ସେଇଠି କଟେ ସମୟ ଆମର, ଲାଇବ୍ରେରୀରୁ ଅତି ପ୍ରାଚୀନ ପୁଣି ଅତି ଆଧୁନିକ ବହି ଆଣିବା, ପଢ଼ିସାରି ପରସ୍ପର ମଧ୍ୟରେ ଲେଖା ଓ ଚରିତ୍ର ଚିତ୍ରଣ ସଂପର୍କରେ ଆଲୋଚନା କରିବା ଥିଲା ସେତେବେଳେ ଏକ ଶ୍ରେଷ୍ଠ ବିଳାସ ।

### ଗୋପିନାଥ ମହାନ୍ତି

ପୂର୍ବକାଳରେ ଘୋଡ଼ା ଦଉଡ଼ ଲାଗି ବ୍ୟବହୃତ ହେଉଥିବା 'ଚକ୍କର ପଡ଼ିଆ'ର ପଶ୍ଚିମ ପଟର ସାମାନ୍ୟ ଅଂଚଳ ଦଖଲ କରି ରେଭେନ୍ସା କଲେଜ ଓ ତା' କୋଠାଗୁଡ଼ିକ ଠିଆ ହୋଇଥାଏ ।

ସାମ୍ନାରେ ଦୋମହଲା ଧାଉଡ଼ି ଆର୍ଟସ୍ ବ୍ଲକ୍, ଏବେ ବି ସେମିତି ଅଛି, ତା' ଡାହାଣ ପଟେ ଇଷ୍ଟ ହଷ୍ଟେଲ୍ । ବାଁ ପଟେ ଓ୍ୱେଷ୍ଟ୍ ହଷ୍ଟେଲ, ପଛ ଧାଡ଼ିରେ ମଝିରେ କନିକା ଲାଇବ୍ରେରୀ, ତା' ଦୁଇ ପଟେ ଅରାଏ ଅରାଏ ଖୋଲା ପଡ଼ିଆ ଥାଇ, ବାଁକୁ କେମିଷ୍ଟ୍ରି ବ୍ଲକ୍, ଡାହାଣକୁ ଫିଜିକ୍ସ ବ୍ଲକ୍, ପଶ୍ଚିମ ଛାତ୍ରାବାସର ଲାଞ୍ଜରେ କେମିଷ୍ଟ୍ରି ଧାଡ଼ି ଟପି ବଟାନି ବିଭାଗ, ସେସବୁ ସେହିପରି ଅଛି । ପୂର୍ବ ଛାତ୍ରାବାସ ଠୁଁ ଷ୍ଟେସନ ଆଡ଼କୁ ତିନୋଟି ଯାକ ବଡ଼ ବଡ଼ କ୍ୱାର୍ଟର୍ସ ଥାଏ, ସେଥିରେ କେତେଜଣ ବଡ଼ବଡ଼ ଅଧ୍ୟାପକ ଥାଆନ୍ତି, ପଡ଼ିଆ ଭିତରେ ଛତ୍ରବଜାର ଆଡ଼କୁ ଥିବା ପାଚିରି ଠୁଁ ଖଣ୍ଡେ ଦୂରରେ ପ୍ରିନ୍ସପାଲ୍‌ଙ୍କ ବଙ୍ଗଳା, ଚାରିପଟ ତାଙ୍କୁ ସମ୍ମାନ ଦେଖାଇ ଖାଲି ପଡ଼ିଥାଏ, ସେଠୁ ପଶ୍ଚିମ ଛାତ୍ରାବାସ ଆଡ଼କୁ ଖଣ୍ଡେ ଛାଡ଼ି ଆଉ କେତୋଟି କ୍ୱାର୍ଟର୍ସର, ବାକି ସବୁ ଅଧ୍ୟାପକ ସହରରେ ଯେ ଯେଉଁଠି ରହନ୍ତି ।

ତଥାପି ସେତେବେଳର ବିରାଟ କୋଠା ବିରାଟ ଅନୁଷ୍ଠାନ ରେଭେନ୍ସା କଲେଜ । କଟକ ସହରରେ ସଡ଼କରେ ଥାଏ ମ୍ୟୁନିସିପାଲିଟିର କିରାସିନି ଲଣ୍ଠନ, କେଉଁଠି ତା' ବି ନଥାଏ, ସେହି ମିଟିମିଟିକା ଆଲୁଅ ଆଡ଼କୁ ଅବଜ୍ଞାରେ ଅନାଇ ଦାଉ ଦାଉ ଜଳେ ରେଭେନ୍ସା କଲେଜ ହଷ୍ଟେଲ ଯୋଡ଼ିକର ବିଜୁଳି ଆଲୁଅ, ଦୂରରୁ ଅନ୍ଧାର ଭିତରେ ଭାରି ସୁନ୍ଦର ଦିଶେ । ସହରରେ ଘରେ ଘରେ କୂଅ, ଲୋକ କୂଅପାଣି ପିଅନ୍ତି । କିନ୍ତୁ ରେଭେନ୍ସା କଲେଜର ନିଜର ବିଜୁଳି ପରି ନିଜର ପାଣିକଳ ଥାଏ । ସହରରେ ବାଲ୍ଟି ବା ହାଣ୍ଡି ପାଇଖାନା, କେତୋଟି ଛିଣ୍ଡା ଅଖାର



## ରେଭେନ୍‌ସା ପାଠ୍ୟ ବିଭାଗ

**୧. ଭାଷା ଓ ସାହିତ୍ୟ ସ୍କୁଲ**
(କ) ଓଡ଼ିଆ
(ଖ) ହିନ୍ଦୀ
(ଗ) ସଂସ୍କୃତ
(ଘ) ଇଂରାଜୀ

**୨. ଆଂଚଳିକ ବିଦ୍ୟା ଓ ଭୂ-ବିଜ୍ଞାନ ସ୍କୁଲ**
(କ) ଭୂ-ତତ୍ତ୍ୱ
(ଖ) ପ୍ରାୟୋଗିକ ଭୂଗୋଳ

**୩. ସାମାଜିକ ବିଜ୍ଞାନ ସ୍କୁଲ**
(କ) ଅର୍ଥନୀତି
(ଖ) ଇତିହାସ
(ଗ) ଦର୍ଶନ
(ଘ) ରାଜନୀତି ବିଜ୍ଞାନ
(ଙ) ସମାଜ ବିଜ୍ଞାନ
(ଚ) ଆନ୍ତର୍ଜାତିକ ବିଦ୍ୟା
(ଛ) ଗ୍ରାମୀଣ ବିକାଶ
(ଜ) ଶିକ୍ଷା
(ଝ) ସାମ୍ବାଦିକତା ଓ ଗଣଯୋଗାଯୋଗ
(ଞ) ବି.ଏଡ୍.

**୪. ଜୀବବିଜ୍ଞାନ ସ୍କୁଲ**
(କ) ଉଦ୍ଭିଦ ବିଜ୍ଞାନ
(ଖ) ଜୈବ ପ୍ରଯୁକ୍ତି
(ଗ) ପ୍ରାଣୀ ବିଜ୍ଞାନ

**୫. ଗଣିତ ସ୍କୁଲ**
(କ) ଗଣିତ ବିଭାଗ
(ଖ) ପରିସଂଖ୍ୟାନ ବିଭାଗ

**୬. ସୂଚନା ଓ ସଂଚାର ପ୍ରଯୁକ୍ତି ସ୍କୁଲ**
(କ) ଇଟିସି
(ଖ) ଆଇଏସ୍‌ଟି
(ଗ) ଆଇଟିଏମ୍
(ଘ) କମ୍ପ୍ୟୁଟର ସାଇନ୍‌ସ
(ଙ) ଏମ୍‌ସିଏ

**୭. ପଦାର୍ଥ ବିଦ୍ୟା ସ୍କୁଲ**
(କ) ରସାୟନ ବିଜ୍ଞାନ
(ଖ) ପଦାର୍ଥ ବିଜ୍ଞାନ

**୮. ବାଣିଜ୍ୟ ସ୍କୁଲ**
(କ) ବାଣିଜ୍ୟ ବିଭାଗ

**୯. ମ୍ୟାନେଜ୍‌ମେଂଟ ସ୍କୁଲ**
(କ) ବିବିଏ
(ଖ) ଏମ୍‌ବିଏ
(ଗ) ଏଚ୍‌ଏଚ୍‌ଏ
(ଘ) ଆଇଏମ୍‌ବିଏ

ପର୍ଦ୍ଦା ସେପଟେ ମାଟି ଉପରେ ଯୋଡ଼ି ଯୋଡ଼ି ହୋଇ ଇଟା ବା ପଥର । କଲେଜ ହଷ୍ଟେଲମାନଙ୍କରେ ସେପ୍‌ଟିକ୍ ଲ୍ୟାଟ୍ରିନ୍, ଫ୍ଲସିଂ ସିଷ୍ଟମ୍ । ଏସବୁ ଇନ୍ଦ୍ରଜାଲ କାରକାର ଆଶ୍ଚର୍ଯ୍ୟ ଲାଗୁଥାଏ, ପୁଣି ତା' ସହିତ ଏତେ ଗହଳି ।

ଘୋଡ଼ାଗାଡ଼ି ଚଢ଼ି ଅଧ୍ୟାପକମାନେ ଆସନ୍ତି, ଛାତ୍ରଛାତ୍ରୀମାନେ ଆସନ୍ତି, ଖୁବ୍ ଅଳ୍ପ ସେମାନେ, ଧନୀ ପିଲାଏ ବି ଘୋଡ଼ାଗାଡ଼ିରେ ଆସନ୍ତି । ଅଳ୍ପ କେତେଖଣ୍ଡ ମଟର ଗାଡ଼ି ବି ଆସେ । ଅନ୍ୟମାନେ ସାଇକେଲରେ ବା ଚାଲିଚାଲି ।

ସମୁଦାୟ ଆଠ ଶହ ପିଲା ଥିବେ, ଓଡ଼ିଶାରେ ସେ ଏକମାତ୍ର କଲେଜ ମତେ ଲାଗୁଥାଏ ଖୁବ୍ ବଡ଼, ଏତେ ପିଲା ! ଅଥଚ ସମସ୍ତେ ଅଚିହ୍ନା ଏକା ଦି'ତିନି ଜଣଙ୍କୁ ଛାଡ଼ି ।

ସେମାନଙ୍କର ନିଜ ନିଜର ଅନେକ ପିଲା, ନିଜ ସହରର ବା ଅଂଚଳର ପିଲା । ଖାଲି ବ୍ରିଟିଶ୍ ଓଡ଼ିଶାର ନୁହନ୍ତି, ବିଭିନ୍ନ ଗଡ଼ଜାତର, ସିଂଭୂମ୍ ଖର୍ସୁଆଁ ଷଢ଼େଇକଳାର, ଗଞ୍ଜାମର । ତା'ଛଡ଼ା ଆଇନ ପଢ଼ିବାକୁ ଆନ୍ଧ୍ରପ୍ରଦେଶରୁ ବି ପିଲାଏ ଆସିଥାନ୍ତି, ଆଇନ ଛାତ୍ରମାନେ ବୟସରେ ବଡ଼ !

**ସଚ୍ଚିଦାନନ୍ଦ ରାଉତରାୟ**

୧୯୩୭ ମସିହା ଜୁଲାଇ ଆଡ଼କୁ କଟକ ରେଭେନ୍‌ସା କଲେଜରେ ତୃତୀୟ ବାର୍ଷିକ କଳା ଶ୍ରେଣୀରେ ନାମ ଲେଖାଇଲି । ତିଥି ଲଗ୍ନ ଶୁଭ ଥିଲା କି ଅଶୁଭ ଥିଲା ଜାଣେ ନାହିଁ । ମାତ୍ର ଓଡ଼ିଶାର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନରେ ମୋର ଯେଉଁ ଦୁଇ ବର୍ଷ ବିତିଥିଲା, ତାହା ଘୋର ଅଶାନ୍ତି, ଆନ୍ଦୋଳନ, ଧର୍ମଘଟ ଏବଂ ଜେଲ୍ ଜୋରିମାନା ଆଦି ଦଣ୍ଡବିଧାନ ଭିତରେ ହିଁ କଟିଥିଲା । ମୁଁ ଏଠାରୁ ବି.ଏ. ପାସ୍ କରିବା ଯାଏଁ କେବଳ ଝଡ଼ଝଞ୍ଜା ଭିତରେ ହିଁ କଟାଇଛି ।

ପ୍ରିନ୍ସିପାଲ୍ ତ୍ରିପାଠୀ ସାହେବ ଅଳ୍ପଦିନ ପରେ କାର୍ଯ୍ୟରୁ ଅବସର ନିଅନ୍ତି । ତାଙ୍କ ସ୍ଥାନରେ ପ୍ରିନ୍ସିପାଲ୍ ହୋଇ ଆସନ୍ତି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡଃ ପ୍ରାଣକୃଷ୍ଣ ପରିଜା ସାହେବ । ଓଡ଼ିଶାର ପ୍ରାଣକେନ୍ଦ୍ର ଏବଂ ଶିକ୍ଷା ସଂସ୍କୃତିର ପୀଠସ୍ଥଳି କଟକ ନଗରୀରେ ରହିବାର ମୋତେ ସୁଯୋଗ ମିଳେ ।

**ସୁରେନ୍ଦ୍ର ମହାନ୍ତି**

ସେତେବେଳେ ଆମ ଇଂରାଜୀ ଲେକ୍‌ଚରର୍ ବା ଅଧ୍ୟାପକମାନେ ସେକ୍‌ସପିଅର୍‌ଙ୍କ 'Mid-Summer Night's Dream' ବା ମାଥ୍ୟୁ ଆର୍‌ନୋଲଡ଼ଙ୍କ 'ସୋରବ ଆଣ୍ଡ୍ ରୋସ୍ତମ୍' ବା କେଉଁ ଔପନ୍ୟାସିକଙ୍କ 'ଲୋର୍‌ନାଡୁନ୍' ଉପନ୍ୟାସକୁ କ୍ଲାସରେ ପଢ଼ାଇବାକୁ ଯାଇ ସେସବୁକୁ ଏପରି ତିକ୍ତ କରିଦେଉଥିଲେ ଯେ ମୁଁ ଷ୍ଟେସନରେ ହୁଇଲାର୍ ବହି ଦୋକାନରୁ ଇଂରାଜୀ ଡିଟେକ୍‌ଟିଭ୍ ଉପନ୍ୟାସ ସବୁ ଆଣି କ୍ଲାସର ପଛ ବେଂଚରେ ବସି ପଢୁଥିଲେ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଆଖିବୁଜି ଯେପରି ତଦ୍‌ଗତ ଭାବରେ ପଂଚସଖା ସାହିତ୍ୟର ଇଡ଼ା-ପିଙ୍ଗଳା-ସୁଷୁମ୍ନା ଇତ୍ୟାଦି ବୁଝାଉଥିଲେ ତାହା ମୋତେ ଓଡ଼ିଆ ସାହିତ୍ୟ ପ୍ରତି ସମ୍ପୂର୍ଣ୍ଣ ବିମୁଖ କରିଦେଇଥିଲା । ଡକ୍ଟର ସଦାଶିବ ମିଶ୍ର ଥିଲେ ଆମର ଇକୋନମିକ୍ସର ଅଧ୍ୟାପକ । ସେ ପଢ଼ାଉଥିଲେ ଥିଓରୀ ପେପର । ତାଙ୍କରି କ୍ଲାସ୍‌ଟିରେ ମୁଁ ବରାବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯୋଗ ଦେଉଥିଲି । ଇକୋନମିକ୍ସ ବିଷୟଟି ମୋ ପକ୍ଷରେ ଥିଲା ସଂପୂର୍ଣ୍ଣ ନୂଆ । ତେଣୁ ଏଥିରେ ଥିଲା ମୋର ପ୍ରବଳ ଆଗ୍ରହ । ସଦାଶିବ ବାବୁ କ୍ଲାସ୍‌ରେ ଦିନେ ବୁଝାଇଥିଲେ Theory of Equi-Marginal Returns । ଏ ତତ୍ତ୍ୱଟି ହେଲା ଜିନିଷର କିଣାବିକା ଓ ତାହାର ମୂଲ୍ୟତତ୍ତ୍ୱ । ଉଦାହରଣ ସ୍ୱରୂପ ବାଟା ଜୋତାର ଦାମ ରଖାଯାଏ ଟ ୯.୯୦ ପଇସା, କିନ୍ତୁ ଦଶ ଟଙ୍କା ନୁହେଁ । କାହିଁକି ? ଏଇ ତତ୍ତ୍ୱ ଅନୁସାରେ ଜୋତା କିଣାଳି ପକେଟ୍‌ରୁ ଟ ୧୦.୦୦ କାଢ଼ିବାକୁ କୁନ୍ଥ କୁନ୍ଥ ହୁଏ । ଦଶ ଟଙ୍କା ବିନିମୟରେ ଜୋତା କିଣି ସେ ଯେଉଁ ସନ୍ତୋଷ ପାଇବ, ତା' ହୁଏତ ଟ୧୦.୦୦ର ସମକକ୍ଷ ନୁହେଁ । ସେଥିପାଇଁ ଟ. ୯.୯୦ ପଇସା ରଖିଲେ ତା' ମନରେ ସେପରି କୁନ୍ଥ କୁନ୍ଥ ରହିବ ନାହିଁ । ଦ୍ରବ୍ୟମୂଲ୍ୟ ଆତ୍ମସନ୍ତୋଷ ସହିତ ସମୀକୃତ ହେବାରେ ପ୍ରକୃତ ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ । ଏ ତତ୍ତ୍ୱ ଅନୁସାରେ ବହୁତ ହିସାବକିତାବ କରି ଖର୍ଚ୍ଚ କରିବା କଥା । କେତେ ଲାଭ ମିଳିବ, ସବୁ ଖର୍ଚ୍ଚ ତାହା ହିଁ ନିୟାମକ ହେବା ଆବଶ୍ୟକ । ମୁଁ ତ କ୍ଲାସରେ ପଚାରି ନାହିଁ । କିନ୍ତୁ ମୋର ବେହିସାବୀ ମନକୁ ଏତତ୍ତ୍ୱ ଆଦୌ ପାଉ ନଥିଲା । ମନୁଷ୍ୟ କ'ଣ ସବୁବେଳେ ହିସାବୀ ? ହିସାବର ସୀମାବଦ୍ଧତା ଭିତରେ ଜୀବନକୁ ସେ କେବେ ଉପଭୋଗ କରିପାରିବ ? ଏହି ତତ୍ତ୍ୱ କ'ଣ ବିରୋଧରେ ମୁଁ ବିଦ୍ରୋହ ଘୋଷଣା କରି କେତେ ବର୍ଷ ପରେ ଲେଖିଥିଲି ମୋର ଆଦ୍ୟଦିନର ଗଳ୍ପ 'ମଣିଷ ଓ ଅର୍ଥନୀତି' ।

**ରେଭେନ୍‌ସାର ସ୍ଥାପତ୍ୟ**

୮୭.୪. ଏକର (୩୫୪,୦୦୦ବର୍ଗ) କ୍ଷେତ୍ରରେ ଏହି ସୁନ୍ଦର ଭବ୍ୟ-ମହାବିଦ୍ୟାଳୟ ନିର୍ମିତ । ଲାଲ୍‌ଇଟାରେ ପ୍ରସ୍ତୁତ ସୁଉଚ୍ଚ ସୁନ୍ଦର ଅଟ୍ଟାଳିକା । ଗୋଦକ୍ ବା ଆର୍କିଟେକ୍ଚର ବା ଜର୍ମାନୀୟ ଗଥ୍ ଜାତି ସହିତ ରେଭେନ୍‌ସାର କଳା ସ୍ଥାପତ୍ୟର ସାମଂଜସ୍ୟ ଥିବା ଦେଖାଯାଏ ।

**ରେଭେନ୍‌ସାର ଉଲ୍ଲେଖନୀୟ ଅବଦାନ ଓ ଚର୍ଚ୍ଚିତ ବ୍ୟକ୍ତିତ୍ୱ**

ରାଜନୀତି, କଳା, ସାହିତ୍ୟ, ଅଧ୍ୟାପନା ପ୍ରତିଟି କ୍ଷେତ୍ରରେ ରେଭେନ୍‌ସା ମହାବିଦ୍ୟାଳୟ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଆସିଛି । ରେଭେନ୍‌ସାରେ ଏପରି ଅଧ୍ୟାପକ ଥିଲେ ଯେଉଁମାନେ ସାରା ପୃଥିବୀରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ

ଥିଲେ । ସେମାନେ ପ୍ରତ୍ୟେକ ସ୍ୱତନ୍ତ୍ର । ସେମାନଙ୍କ ମଧ୍ୟରୁ ପ୍ରାଣକୃଷ୍ଣ ପରିଜା, ଆର୍ତ୍ତବଲ୍ଲଭ ମହାନ୍ତି, ଯଦୁନାଥ ସରକାର, ବଳଭଦ୍ର ପ୍ରସାଦ, ଆଚାର୍ଯ୍ୟ ଯୋଗେଶ୍ଚନ୍ଦ୍ର ବିଦ୍ୟାନିଧି, ମହେନ୍ଦ୍ର ରାଉତ, ବାବା କର୍ତ୍ତାର୍ ସିଂ, ଗୋଲୋକ ବିହାରୀ ଧଳ, ପ୍ରମୁଖ ଅନ୍ୟତମ । ଓଡ଼ିଆ ସାହିତ୍ୟକୁ ମଧ୍ୟ ରେଭେନ୍ସାର ଅବଦାନ ସ୍ମରଣୀୟ । ରେଭେନ୍ସା ପରିସର ବହୁ କବି ସାହିତ୍ୟିକଙ୍କୁ ତିଆରି କରିଛି । ଐତିହାସିକ ରେଭେନ୍ସା ଦିନେ ସାହିତ୍ୟ ସଂସ୍କୃତିର ମୂଳପୀଠ ଥିଲା । ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ଉଭୟ ଛାତ୍ର ଓ ଶିକ୍ଷକମାନେ ସାହିତ୍ୟପ୍ରେମୀ ଓ ସଂସ୍କୃତପ୍ରେମୀ ଥିଲେ । ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗ, ସବୁଜ ଯୁଗ, ପ୍ରଗତିବାଦୀ ଯୁଗ, ସ୍ୱାଧୀନତା ପରବର୍ତ୍ତୀ ସାହିତ୍ୟର କର୍ଣ୍ଣଧାରମାନେ ସମସ୍ତେ ରେଭେନ୍ସା ମହାବିଦ୍ୟାଳୟର ଛାତ୍ର । ୧୯୨୧ ମସିହାରେ ରେଭେନ୍ସା ମହାବିଦ୍ୟାଳୟର ଇଷ୍ଟ ହଷ୍ଟେଲରେ ଆରମ୍ଭ ହୋଇଥିଲା ସବୁଜ ସାହିତ୍ୟ ସମିତି । ଚାରିଜଣ ତରୁଣ ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଶରତଚନ୍ଦ୍ର ମୁଖାର୍ଜୀଙ୍କର ନାମର ମୂଳ ଅକ୍ଷରକୁ ନେଇ ପ୍ରକାଶ ପାଇଲା 'ଅବକାଶ' ହାତଲେଖା ପତ୍ରିକା । ୧୯୨୧ରୁ ୨୦୧୮ ବହୁ ଛୋଟବଡ଼ ସାହିତ୍ୟିକ କାର୍ଯ୍ୟକ୍ରମ ରେଭେନ୍ସା ପରିସରରେ ଅନୁଷ୍ଠିତ ହେଉଛି । ୧୯୯୭ ମସିହାରେ ଅରବିନ୍ଦ ଦାସ, ଗଗନ ସ୍ୱାଇଁ, ଜିତୁ ସାବତ ପ୍ରମୁଖଙ୍କ ଉଦ୍ୟମରେ ରେଭେନ୍ସା ସାହିତ୍ୟ ସଂସଦ ଗଠନ କରାଯାଇଥିଲା । ସେମାନଂକ ପ୍ରଚେଷ୍ଟାରେ ୪ପୃଷ୍ଠା ସମ୍ବଳିତ 'ଯୁବନାଦ' ନାମକ ଏକ ପତ୍ରିକା ପ୍ରକାଶ ପାଉଥିଲା । ସଂପ୍ରତି ଇଷ୍ଟ ହଷ୍ଟେଲର ଅନ୍ତେବାସୀ ଓ ଅଧ୍ୟାପକ ମାନଂକର ମିଳିତ ସହଯୋଗରେ ସବୁଜ ସାହିତ୍ୟ ସମିତିର ପୁନରୁଦ୍ଧାର କରାଯାଇଛି । ମାସିକ ସାହିତ୍ୟ ସଭା, ଆଲୋଚନାଚକ୍ର, କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହେଉଛି । ସେହିପରି କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ରେଭେନ୍ସାର ଅବଦାନ ଉଲ୍ଲେଖନୀୟ । ସେକ୍ ମଜିଦ୍, ନନ୍ଦକ୍ରିଷ୍ଟ ଦାସ, ଭାରତୀ ମିଶ୍ର, ସଂଜୟ ରାଉଳ, ସନତ ମିଶ୍ର, ଗୋପାଳ ଦାସ, ସାମସୁର ଆଲମ, ପ୍ରଭାତ କୁମାର ମିଶ୍ର, ମଦନ ମହାନ୍ତି ପ୍ରମୁଖ କ୍ରୀଡ଼ାବିତ୍ କ୍ରୀଡ଼ାକ୍ଷେତ୍ରରେ ଯଥେଷ୍ଟ ନାମ କମାଇଥିଲେ ।

୧୯୬୨ ମସିହାରେ ରେଭେନ୍ସା ମହାବିଦ୍ୟାଳୟରେ ଭାରତୀୟ ବିଜ୍ଞାନ କଂଗ୍ରେସର ପ୍ରଥମ ସମ୍ମିଳନୀ ଆୟୋଜିତ ହୋଇଥିଲା । ୧୯୭୮ ମସିହାରେ ଭାରତ ସରକାର ଦେଶର ମାତ୍ର ତିନୋଟି କଲେଜର ଐତିହାସିକ ଅବଦାନକୁ ସ୍ୱୀକୃତି ଜଣାଇ ସମ୍ମାନସୂଚକ ଡାକଟିକଟ ପ୍ରଚଳନ କରିଥିଲେ । ରେଭେନ୍ସାର ଇତିହାସ ଆଧୁନିକ ଓଡ଼ିଶାର ଇତିହାସ । ଓଡ଼ିଆ ଜାତିର ସ୍ୱାଭିମାନ ଓ ଜନଯାତ୍ରାର ଇତିହାସ । ଇତିହାସ ପାଖରେ ବୟସର ବାଛ ବିଚାର ନଥାଏ । ଇତିହାସ ଦୂରତ୍ୱହ୍ରାସକାରୀ । ରେଭେନ୍ସାର ସ୍ଥାପତ୍ୟ ଆଜିବି ସଜୀବ । ଏହି ସଜୀବତା ଭିତରେ ଆଜିବି ଝୁଲି ରହିଛି ଶତାବ୍ଦୀର କଳା ଆଉ ଇତିହାସ । ଅତୀତ ଜୀବନ୍ନ୍ୟାସ ପାଇଛି ଇତିହାସର ପୁନରାବୃତ୍ତି ମଧ୍ୟରେ । ଆଜି ବି ସତେଜ ରେଭେନ୍ସାକୁ ଦେଖିଦେଲେ ମନେହୁଏ ସତେଯେମିତି ସ୍ଥାପତ୍ୟର କଠିଣ ଅଥଚ କୋମଳ ଅଂଗପ୍ରତ୍ୟଂଗରେ ପ୍ରତ୍ୟହ ଉପୋଦ୍ଘାତ ଲେଖିବାକୁ ଆଜିବି ଅପେକ୍ଷା କରିଛି.. । ଶତାବ୍ଦୀ ଘୁଂଚିଯାଇଛି ଅନେକ... ପଛକୁ ... ।

### ସଂପ୍ରତି ରେଭେନ୍ସା

୧୯୮୯ ମସିହାରେ ରେଭେନ୍ସା ମହାବିଦ୍ୟାଳୟ ସ୍ୱୟଂଶାସିତ ମାନ୍ୟତା ପାଇଲା । ୧୫ ନଭେମ୍ବର ୨୦୦୬ ମସିହାରେ ଓଡ଼ିଶା ସରକାର ରେଭେନ୍ସା ୟୁନିଭରସିଟି ଆକ୍ଟକୁ ପାଶ୍ କରି ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କଲେ । କିଛିଦିନ ପରେ ୟୁଜିସି ସରକାରୀ ସ୍ୱୀକୃତିପ୍ରାପ୍ତ ୟୁନିଭରସିଟି ଗ୍ରାଂଟ୍ କମିଶନ୍ ଅଧୀନରେ ଏହାକୁ ସରକାରୀ ସ୍ୱୀକୃତିପ୍ରାପ୍ତ କଲେଜର ମାନ୍ୟତା ଦିଆ ଯାଇଥିଲା । ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଦେବଦାସ ଛୋଟରାୟ ପ୍ରଥମ କୁଳପତି ଭାବେ ୧୫.୧୧.୨୦୦୬ ମସିହାରୁ ୨୪.୧୧.୨୦୧୬ ଯାଏ ଦାୟିତ୍ୱ ନିର୍ବାହ କରନ୍ତି । ତାଂକ ପରେ ବୈଜ୍ଞାନିକ ବୈଷ୍ଣବ ଚରଣ ତ୍ରିପାଠୀ, ଗଗନ କୁମାର ଧଳ, ପ୍ରଫେସର୍ ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରନ୍ତି । ବର୍ତ୍ତମାନ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସ୍ନାୟୁବିଜ୍ଞାନୀ ପ୍ରଫେସର୍ ଇଶାନ୍ କୁମାର ପ୍ରାତ୍ର କୁଳପତି



ଭାବେ କାର୍ଯ୍ୟ କରୁଛନ୍ତି । ବିଶ୍ୱବିଦ୍ୟାଳୟରେ ଗବେଷଣାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ଅଧ୍ୟାପକ-କର୍ମଚାରୀ-ଅଧ୍ୟାୟୀମାନଂକ ମଧ୍ୟରେ ସୁସଂପର୍କ ସ୍ଥାପନ କରି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିବା କ୍ଷେତ୍ରରେ ତାଂକର ଅବଦାନ ଅତୁଳନୀୟ । ସମୁଦାୟ ୯ଟି ସ୍କୁଲ ଅଧିନରେ ୩୩ଟି ବିଭାଗରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ଓ ୧୪ଟି ବିଭାଗରେ ଏମ୍‌ଫିଲ୍ ଓ ପି.ଏଚ୍.ଡ଼ି. ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଉଛି । ଅଧ୍ୟାୟୀମାନଂକର ରହିବା ନିମନ୍ତେ ୧୩ଟି ହଷ୍ଟେଲ୍ ରହିଛି । ଯାହାମଧ୍ୟରୁ ୧୨ଟି ପରିସର ମଧ୍ୟରେ ଓ ଗୋଟିଏ ପରିସର ବାହାରେ ଅଛି । ଏଥିରେ ସମୁଦାୟ ଚାରି ହଜାର ଛାତ୍ରଛାତ୍ରୀ ରହୁଛନ୍ତି । ବର୍ତ୍ତମାନ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଏକ ଡାକଘର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ଶାଖା, ଡିସ୍‌ପେନ୍‌ସାରୀ, ପାଓ୍ୱାର ହାଉସ୍, ଖେଳପଡ଼ିଆ, ଯୋଗକେନ୍ଦ୍ର, ଇତ୍ୟାଦି ରହିଛି । ଦିବ୍ୟାଂଗ ଛାତ୍ରଛାତ୍ରୀଙ୍କ ନିମିତ୍ତ ୩୦୦ ବ୍ରେଲି ପୁସ୍ତକ, ୧୨୭୩୦ ଅଡ଼ିଓ ପୁସ୍ତକ, ବ୍ରେଲୀ ସ୍କାନ୍‌ର ଓ ପ୍ରିଂଟରର ବ୍ୟବସ୍ଥା କରାଯାଇଛି । ଅଧ୍ୟାୟୀମାନଙ୍କର ପଠନଗୃହରେ ୫୦ଟି କଂପ୍ୟୁଟରର ବ୍ୟବସ୍ଥା ରହିଛି । ଦିବ୍ୟାଂଗ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୬ଟି କଂପ୍ୟୁଟର ଉଦ୍ଦିଷ୍ଟ ଥିଲାବେଳେ 'ରୁସା' ପ୍ରଦତ୍ତ ଅର୍ଥରୁ ଅତିରିକ୍ତ ୨୦୦ କଂପ୍ୟୁଟର ଇ-ରିସୋର୍ସ ଲାଇବ୍ରେରୀ ନିମିତ୍ତ ଅନୁମୋଦନ କରାଯାଇଛି । ୨ଲକ୍ଷ ୬୦ହଜାର ପାଠ୍ୟପୁସ୍ତକ, ୧୨,୭୯୩ ସହାୟକ ଗ୍ରନ୍ଥ,୧୩୦ଟି ଜର୍ଣ୍ଣାଲ୍, ୬୯,୭୨୪ ଇ-ଜର୍ଣ୍ଣାଲ, ସହିତ ବିଶ୍ୱର ବିଭିନ୍ନ ଭାଷାର ଶାସ୍ତ୍ରୀୟ ସଂଗୀତର ସିଡ଼ି ଓ ଡିଭିଡ଼ି ଏବଂ ମହାତ୍ମାଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋରେଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ମାନଂକର ଅଭିଭାଷଣ ଉପଲବ୍ଧ ହୋଇପାରୁଛି ।

ଓଡ଼ିଶାର ଅକ୍ସଫୋର୍ଡ ଭାବେ ପରିଚିତ ରେଭେନ୍ସାରେ ଅଧ୍ୟାୟୀମାନେ ପାଠପଢ଼ାରେ ଯେମିତି ପାରଦର୍ଶିତା ଦେଖାଇଛନ୍ତି; ଖେଳକୁଦରେ ମଧ୍ୟ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଖେଳାଳିମାନଂକ ନିମିତ୍ତ ଆନ୍ତର୍ଜାତୀୟ ମାନର ସାଜସରଂଜାମ, ଉନ୍ନତମାନର ଜିମ୍, ଖେଳପଡ଼ିଆ, ଇଣ୍ଡୋର ହଲ୍, କ୍ରିକେଟ୍, ଲନ୍‌ଟେନିସ୍, ଟେବୁଲ୍ ଟେନିସ୍, ବାସ୍କେଟବଲ୍, ବ୍ୟାଡ଼ମିଂଟନ, ଭଲିବଲ, ଫୁଟବଲ, ଚେସ୍, ଆଥ୍‌ଲେଟିକ୍ସ ଓ ଯୋଗରେ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନଂକ ଦ୍ୱାରା ୟୁ.ଜି.ସି., ଡି.ଏସ୍.ଟି, ଏସ୍.ଇ.ଆର୍.ବି, ଡ଼ି.ଏସ୍.ଟି(ଓଡ଼ିଶା), ଇସ୍‌ରୋ, ଡ଼ିଆରଡ଼ି.ଓ, ଡ଼ିବିଟି, ସିଏସ୍‌ଆର୍‌ଆର୍ ପ୍ରମୁଖ ସଂସ୍ଥା ଦ୍ୱାରା ପ୍ରଦତ୍ତ ୧୬ଗୋଟି ବୃହତ୍ ଗବେଷଣା ପ୍ରକଳ୍ପର କାର୍ଯ୍ୟ ସମାପନ ହୋଇଛି । ପ୍ରତିବର୍ଷ ୟୁଜିସି, ଆଇସିଏସ୍‌ଏସ୍‌ଆର୍, କେନ୍ଦ୍ରସାହିତ୍ୟ ଏକାଡ଼େମୀ, କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଇସିସିଆର୍, ଡିଏସ୍‌ଟି, ଡିବିଟି, ଭାରତୀୟ ଇତିହାସ କଂଗ୍ରେସ, ଭାରତୀୟ ସମାଜବିଜ୍ଞାନ କଂଗ୍ରେସ, ଆନ୍ତର୍ଜାତୀୟ ସ୍ନାୟୁବିଜ୍ଞାନ କର୍ମଶାଳା ମାନ ପ୍ରତିବର୍ଷ ଆୟୋଜନ କରାଯାଉଅଛି । ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ଭାରତ ଓ ଭାରତ ବାହାରେ ବିଭିନ୍ନ ସଂପାନରେ ଅଂଶ ଗ୍ରହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ବିଶ୍ୱବିଦ୍ୟାଳୟର ସୁନାମ ବୃଦ୍ଧି କରିବାରେ ସହାୟକ ହୋଇଛନ୍ତି । ଗବେଷଣାର ମାନବୃଦ୍ଧି କରିବା ସହିତ ଅଧ୍ୟାୟୀମାନଂକର ଉପଯୋଗିତାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ପୁସ୍ତକ ପ୍ରକାଶନ ଓ ଗବେଷଣାଧର୍ମୀ ପ୍ରବଂଧ ଲିଖନ ଉପରେ ଗୁରୁତ୍ୱ ଦେଇଛନ୍ତି । ଜାତୀୟ ଏବଂ ଆନ୍ତର୍ଜାତୀୟ ପ୍ରକାଶନ ସଂସ୍ଥାରେ ଶିକ୍ଷକ ମାନଂକର ପୁସ୍ତକ ଓ ପ୍ରବଂଧ ପ୍ରକାଶ ପାଇ ବିଶ୍ୱସ୍ତରୀୟ ଗବେଷଣା ପାଇଁ ପଥ ଉନ୍ମୁକ୍ତ କରିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାୟୀମାନେ ମଧ୍ୟ ଟିସିଏସ୍, ଓ୍ୱିପ୍ରୋ, ଇନ୍‌ଫୋସିସ୍, ଟେକ୍‌ମହିନ୍ଦ୍ରା, ସାପ୍, ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ, ତାଜ୍ ହୋଟେଲ, ରାମୋଜୀ ଫିଲ୍ମସିଟି, ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍, ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ପ୍ରବେଶିକା ପରୀକ୍ଷା, ନେଟ୍, ଗେଟ୍, ଜାମ୍, ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇ ରେଭେନ୍ସାର ସ୍ୱାତନ୍ତ୍ର୍ୟ ପ୍ରମାଣ କରିଛନ୍ତି ।

ଏବର କୁଳପତି ଓ ପରିସର ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେଭେନ୍ସାରେ ସବୁଜିମା ବଳୟ ସୃଷ୍ଟି କରାଯିବା ସହ ବଗିଚାର ନବୀକରଣ ଓ ରାସ୍ତାଘାଟର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଛି । ରେଗୁଲାର୍ କୋର୍ସ ବ୍ୟତୀତ ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟ ଓ ଇଗ୍‌ନୋ ଆନୁକୂଲ୍ୟରେ ଦୂରସଂଚାର ନିରନ୍ତର ପାଠ୍ୟକ୍ରମର ଶାଖା ବିଶ୍ୱବିଦ୍ୟାଳୟ ପରିସରରେ ସଫଳ ଭାବେ କାର୍ଯ୍ୟ କରୁଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଫିସ ପରିଚାଳନାରେ କର୍ମଚାରୀ ମାନଂକର ଏକାଗ୍ରତା ଅନନ୍ୟ । କୁଳସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରାଯାଉଅଛି । ପରୀକ୍ଷା ପରିଚାଳନାରେ ନୂତନତ୍ୱ ଓ ସମୟାନୁବର୍ତ୍ତିତା ମଧ୍ୟ ଦେଖିବାକୁ ମିଳିଛି । ପରୀକ୍ଷା ନିୟନ୍ତ୍ରକଙ୍କ ସମୟାନୁପଯୋଗୀ ପଦକ୍ଷେପ ବହୁ ଅଧ୍ୟାୟୀଙ୍କୁ ଉପକୃତ କରିପାରିଛି । ପରିସରରେ ଥିବା ଛାତ୍ରାବାସ ଓ ଛାତ୍ରୀନିବାସର ମଧ୍ୟ ନବୀକରଣ କରାଯାଇଛି । ସ୍ୱଚ୍ଛ ପରିବେଶରେ ଅନ୍ତେବାସୀମାନେ କିପରି ରହିବେ ସେଥିପ୍ରତି ହଷ୍ଟେଲ ସମୂହର ପ୍ରମୁଖ ତତ୍ତ୍ୱାବଧାରିକା ଓ ପ୍ରତ୍ୟେକ ହଷ୍ଟେଲର ତତ୍ତ୍ୱାବଧାରକ ଓ କର୍ମଚାରୀମାନେ ସର୍ବଦା ଧ୍ୟାନ ଦେଇଆସିଛନ୍ତି । ରେଭେନ୍ସାର ଗୌରବ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ସରକାର କଟକ ନିକଟବର୍ତ୍ତୀ ନରାଜ୍ ଅଂଚଳରେ ୧୪୦ ଏକର ବିଶିଷ୍ଟ ସ୍ଥାନରେ ଅନ୍ୟ ଏକ ନୂତନ କ୍ୟାମ୍ପସ୍ ନିର୍ମାଣ ପାଇଁ ଜାଗା ଯୋଗାଇ ଦେଇଛନ୍ତି । ଏହି ସ୍ଥାନର ଚତୁଃପାର୍ଶ୍ୱକୁ ପ୍ରାଚୀର ଦ୍ୱାରା ଆବଦ୍ଧ କରାଯାଇଛି । ନିକଟ ଅତୀତରେ କୁଳପତି, ଅଧ୍ୟାପକ ଓ ଅଧ୍ୟାପିକାମାନଂକ ଦ୍ୱାରା ବନମହୋତ୍ସବ କାର୍ଯ୍ୟକ୍ରମ ମଧ୍ୟ ନରାଜଠାରେ କରାଯାଇଛି । ଏହି ନୂତନ କ୍ୟାମ୍ପସରେ ଇଂଟିଗ୍ରେଟେଡ଼୍ ବାୟୋଲୋଜି, ଅଷ୍ଟ୍ରୋଫିଜିକ୍ସ୍, ଆଟ୍‌ମୋସ୍ପେରିକ୍ ଏବଂ ସମୁଦ୍ର ବିଜ୍ଞାନ, ପବ୍ଲିକ ପଲିସି, କ୍ରିଏଟିଭ୍ ଏବଂ ପରଫର୍ମିଂଗ ଆର୍ଟ, ଆନ୍ତର୍ଜାତିକ ଅଧ୍ୟୟନ, ସ୍ନାୟୁବିଜ୍ଞାନ, ଗଣଯୋଗାଯୋଗ, ଡିଜାଷ୍ଟର୍ ମ୍ୟାନେଜ୍‌ମେଂଟ, କଲଚରାଲ୍‌ଟେକ୍‌ସଟ୍ ଏବଂ ଡିଜିଟାଲ ହ୍ୟୁମାନିଟିଜ୍ ଭଳି ନୂତନ ବିଭାଗ ଖୋଲାଯିବାର କାର୍ଯ୍ୟକ୍ରମ ରହିଛି । ସମୟାନୁପଯୋଗୀ ସରକାରୀ ସାହାଯ୍ୟ ଓ ଅନୁମୋଦନ ହିଁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବ । ରେଭେନ୍ସାର ଭିତ୍ତିଭୂମିର ବିକାଶ, ୨୪ ଘଂଟିଆ ବିଜୁଳି ଓ ଜଳଯୋଗାଣ, ଡ୍ରେନେଜ୍ ସିଷ୍ଟମ, ପ୍ରତ୍ୟେକଟି ସ୍କୁଲ ପାଇଁ ୮ଟି ସ୍ୱତନ୍ତ୍ର ସୌଧ, ସ୍ମାର୍ଟ କ୍ଲାସ୍‌ରୁମ୍, ଇ.କ୍ୟାମ୍ପସ, ସିସିଟିଭି ସୁବିଧା, ନୂତନ ପରୀକ୍ଷାଗାର, କ୍ରୀଡ଼ା ଉପକରଣ, କମ୍ୟୁନିଟି ସେଂଟର, ଅଧ୍ୟାପକ ଅଧ୍ୟାପିକା ମାନଂକ ନିମନ୍ତେ କ୍ୱାଟର୍ସ, ବଟାନିକାଲ୍ ଗାର୍ଡେନ, ସମ୍ମୁଖରେ ଥିବା ସବୁଜ ଲନ୍‌ର ସୌନ୍ଦର୍ଯ୍ୟ ଓ ନବୀକରଣ ନିମନ୍ତେ ୧୩୦କୋଟି ଓ ନୂତନ କ୍ୟାଂପସ ପାଇଁ ୪୫୬ କୋଟି ଟଂକାର ଆର୍ଥିକ ଅନୁଦାନର ଆବଶ୍ୟକତା ରହିଛି ।

ଆମ ସ୍ୱାଭିମାନ ଓ ଜାତୀୟତାର ପରିଚୟ ବହନକାରୀ ରେଭେନ୍ସା । ଏହାର ସାମଗ୍ରିକ ବିକାଶ ଆମ ସମସ୍ତଙ୍କର କାମ୍ୟ । ରେଭେନ୍ସାର ଈଷତ୍ ଲାଲ୍ ଅଟ୍ଟାଳିକା ଭିତରେ ଲୁଚିରହିଛି ଶତାବ୍ଦୀର ଆଭିଜାତ୍ୟ, ଇତିହାସର ଅଗଣିତ ଶବ୍ଦ ଓ ମହାଶବ୍ଦ । ପୃଥ୍ୱୀର ଛାତିରେ ଜାତିର ଇତିହାସ ଓ ଭୂଗୋଳର ପୁନର୍ଲିଖନ ପାଇଁ ସତେଯେମିତି ଆଜିବି ସଂକଳ୍ପବଦ୍ଧ ଆମ ରେଭେନ୍ସା ବିଶ୍ୱବିଦ୍ୟାଳୟ । କୌଣସି ଏକ ଶିକ୍ଷାୟତନର ସଂପଦ ହେଉଛି ଅଧ୍ୟାୟୀ, ଅଧ୍ୟାପକ/ଅଧ୍ୟାପିକା, ପାଠାଗାର, ଶିକ୍ଷଣୀୟ କାର୍ଯ୍ୟପନ୍ଥା, ସମ୍ମାନ ଓ ଗବେଷଣା । ସୁଦୀର୍ଘ ଯାତ୍ରାପଥରେ ରେଭେନ୍ସା ଆପଣା ସଂପଦର ସ୍ୱାତନ୍ତ୍ର୍ୟ ପ୍ରମାଣ କରିଛି । ଆଧୁନିକ ଓଡ଼ିଆ ଜାତି ଗଢଣ ଓ ପରିଚୟର ପୀଠ ହେଉଛି ରେଭେନ୍ସା । ମେଧା, ସର୍ଜନ ଓ ବିତରଣର ଭୂମି । ଆମ ଜ୍ଞାନଚର୍ଚ୍ଚାର ପ୍ରଥମ ପାଦ ରେଭେନ୍ସା । ଏଇଠୁ ହିଁ ଶୁଭାରମ୍ଭ । ଆମ ଜ୍ଞାନଭୂମି, କର୍ମଭୂମି ରେଭେନ୍ସା ବିଦ୍ୟାଚର୍ଚ୍ଚାର ଉଦ୍‌ବ୍ୟପୀଠ । ସମୟର ସୁଅରୁ ମିଳିଥିବା ଆବିଷ୍କୃତ ସଂପଦକୁ ବିସ୍ମୃତିର ଗର୍ଭରେ ହଜିବାକୁ ଦେଇନାହିଁ । ୧୫୧ ବର୍ଷର ଅବଧିରେ ପୁନଃପ୍ରକାଶ କରିବାର ଉଦ୍ୟମ କରିଛି । ତେଣୁ ଏହି ଆଲେଖ୍ୟ ରେଭେନ୍ସାର ଆତ୍ମା ପ୍ରତି ନୁହେଁ ଓଡ଼ିଆ ଜାତିର ଅସ୍ମିତା ପ୍ରତି ମୋର ଏକ ଶ୍ରଦ୍ଧାଶୀଳ ସମର୍ପଣ ।

**ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,**
**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**
**ଫୋନ୍ : ୯୭୭୮୫୨୫୬୦୦**

গৃহ ସମସ୍ୟା

# ହସଖୁସିର ପରିବାର - ୨

**ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି । ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

**ସମସ୍ୟା -୧**

ମୁଁ ବାପା ମାଆଙ୍କର ବଡ ପୁଅ । ଦୁଇ ବର୍ଷ ହେଲା ଇଞ୍ଜିନିୟରିଂ ପାସ୍ କରି ଘରେ ବସିଛି । ଚାକିରି ପାଇଁ ବହୁତ ଇଂଟରଭ୍ୟୁ ଦେଇ ସାରିଲିଣି । କିନ୍ତୁ ଏ ପର୍ଯ୍ୟନ୍ତ ମତେ ଚାକିରିଟିଏ ମିଳିନି । ସରକାରୀ ଅଫିସ୍‌ରେ ଚାକିରିଟିଏ ମିଳିବା ତ ଦୂରକଥା, ବେସରକାରୀ ସଂସ୍ଥାମାନଙ୍କରେ ବି ମିଳିବା ସ୍ୱପ୍ନ ହୋଇଯାଉଛି । ବାପା ଗାଁରେ ରହି ଚାଷ କରନ୍ତି । ମୋର ଗୋଟିଏ ସାନ ଭଉଣୀ ଅଛି । ସେ ଏବେ ଗାଁ ପାଖ କଲେଜ୍‌ରେ ପଢୁଛି । ବାପା କଷ୍ଟ କରି ଯାହା ରୋଜଗାର କରିଛନ୍ତି ସବୁ ଟଙ୍କା ମୋ ପାଠ ପଢାରେ ଖର୍ଚ୍ଚ କରିଛନ୍ତି । ମୁଁ ରୋଜଗାର କରି ତାଙ୍କୁ ସାହାଯ୍ୟ କରିବା କଥା । ଏପରିକି ସାନ ଭଉଣୀକୁ ବି ପାଠ ପଢାଇବାର ଦାୟିତ୍ୱ ମୋର ନେବାକଥା । କିନ୍ତୁ ମୁଁ ଆଜିଯାଏ ନିଜ ଗୋଡରେ ବି ଛିଡା ହୋଇ ପାରିନି । ଓଡିଶା ବାହାରକୁ ଯାଇ ଚାକିରି ଖୋଜିବା ପାଇଁ ଅର୍ଥବଳ ବି ମୋ ପାଖରେ ନାହିଁ । ବାପାଙ୍କୁ ମାଗିବା ପାଇଁ ଇଚ୍ଛା ହେଉନାହିଁ । ଧୀରେ ଧୀରେ ମାନସିକ ଅବସାଦରେ ମୁଁ ଭାଙ୍ଗି ପଡୁଛି । ନିରୁତ୍ସାହିତ ହୋଇଯାଉଛି । ଏ ପରିସ୍ଥିତିରେ ମୁଁ କଣ କରିବି ?

**ଅଶୋକ ମିଶ୍ର, ଭୁବନେଶ୍ୱର**

**ସମାଧାନର ସୂତ୍ର**

ଏଭଳି ଅବସ୍ଥା କେବଳ ତୁମର ନୁହେଁ । ଆମ ରାଜ୍ୟ ତଥା ଆମ ଦେଶର ଅନେକ ଯୁବକ ଓ ଯୁବତୀଙ୍କର ଅବସ୍ଥା ଏପରି ରହିଛି । ମଧ୍ୟବିତ୍ତ ତଥା ଗରୀବ ପରିବାରରେ ବାପାମାନେ କଷ୍ଟ କରି ପୁଅକୁ ପାଠ ପଢାଇ ଶିକ୍ଷିତ କରାଉଛନ୍ତି ଆଶା ମଧ୍ୟ ରଖୁଛନ୍ତି ଯେ ପୁଅ ରୋଜଗାର କରି ସେମାନଙ୍କୁ ସାହାଯ୍ୟ କରିବ । କିନ୍ତୁ ଆମ ଦେଶରେ ଶିକ୍ଷିତ ଯୁବକ ଯୁବତୀଙ୍କ ତୁଳନାରେ ଚାକିରିର ପରିମାଣ ବହୁତ କମ୍ । ସବୁଠି ଚାକିରି ପାଇଁ ରହିଛି ରାଜ୍ୟସ୍ତରୀୟ ତଥା ଜାତୀୟ ସ୍ତରରେ ପ୍ରତିଯୋଗିତା । ସେ ପ୍ରତିଯୋଗିତାର ପ୍ରସ୍ତୁତି ପାଇଁ ତାଲିମ୍ ନେବା ଆବଶ୍ୟକ । ସେଥିପାଇଁ ଟଙ୍କା ଦରକାର । ଏଣୁ ତୁମେ ନିଜର ଏପରି ପରିସ୍ଥିତି ପାଇଁ ଆଦୌ ମନଦୁଃଖ କର ନାହିଁ । ଥରେ ମନ ଭାଙ୍ଗିଗଲେ ଅବା ମୁଣ୍ଡରେ ନକରାତ୍ମକ ଚିନ୍ତା ପଶିଗଲେ ତୁମେ ନିଜର ଆତ୍ମବିଶ୍ୱାସ ହରାଇ ବସିବ । ବାରମ୍ବାର ଚେଷ୍ଟା କରିବାକୁ ସାହାସ ବି ରହିବ ନାହିଁ ।

ଏଣୁ ନିଜ ମୁଣ୍ଡକୁ ସ୍ଥିର କର । ଥଣ୍ଡା ମୁଣ୍ଡରେ ସକରାତ୍ମକ ମନୋଭାବ ନେଇ ନିଜର ଭବିଷ୍ୟତ ପାଇଁ ଯୋଜନା କର । ଇଞ୍ଜିନିୟରିଂ ପଢିଛ ବୋଲି ଯେ ସେହି ଅନୁଯାୟୀ କାମଟି ତୁମକୁ ମଳିବ ସେ କଥା ଭାବିବା ଆଦୌ ଠିକ୍ ନୁହେଁ । ତୁମେ ନିଜେ ଥରେ ଏ ବିଷୟରେ ଅନୁଧ୍ୟାନ କଲେ ଜାଣିପାରିବ ଯେ ଏପରି ଅନେକ ଇଞ୍ଜିନିୟର ନିଜକୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ପ୍ରକାର ପେଷା ଆପଣାଇ ନେଇଛନ୍ତି । ତେଣୁ ତୁମେ ମୁଣ୍ଡରୁ କେବଳ ଇଞ୍ଜିନିୟରିଂ ଚାକିରି କରିବାର ଭାବନାଟା କାଢିଦେଇ ଅନ୍ୟ ଚାକିରି ପାଇଁ ଚେଷ୍ଟା କର । ନିଜ ଭିତରେ ଥିବା ଦକ୍ଷତାଗୁଡିକୁ ଚିହ୍ନି ସେହି ଅନୁସାରେ ଯେଉଁ କାମଟି ତୁମେ କରି ପାରିବ ବୋଲି ଭାବୁଛ, ସେଇ କାମଟି କର । ଯଦି ଚାକିରି କରିବା ପାଇଁ ଇଚ୍ଛା ତେବେ ଛୋଟ ବଡ ବିଚାର ନକରି ଯାହା ସୁଯୋଗ ମିଳୁଛି ତାକୁ ଗ୍ରହଣ କରି ଆଗେଇ ଯାଅ । କିଛି ନହେଲେ ସ୍କୁଲ୍ ଅବା କଲେଜ୍ ପିଲାଙ୍କୁ ଟ୍ୟୁସନ୍ କରି ନିଜେ ନିଜର ଖର୍ଚ୍ଚ ତୁଲାଇବାକୁ ଚେଷ୍ଟା କର । ଯଦି ପାରୁଛ କେହି ଜଣେ ବିଜ୍ଞ ବ୍ୟକ୍ତିଙ୍କର ପରାମର୍ଶ ନିଅ । ଯଦି ବ୍ୟବସାୟ କରିବାକୁ ଇଚ୍ଛା ତେବେ ସେଥିପାଇଁ ମଧ୍ୟ ସଠିକ ଯୋଜନାଟିଏ କରି କାମ କରିପାରିବ । ପ୍ରଥମେ ଛୋଟ ଆକାରରେ ବ୍ୟବସାୟକୁ ଆରମ୍ଭ କରି ଧୀରେ ଧୀରେ ତାକୁ ଆଗକୁ ବୃଦ୍ଧି କରିପାରିବ । ଏଥିପାଇଁ ଏକ ସ୍ୱତନ୍ତ୍ର ସକରାତ୍ମକ ମନୋବୃତ୍ତିଟିଏ ଦରକାର । ଅଯଥା କଥା ମୁଣ୍ଡରେ ପୁରାଇ ନିରୁତ୍ସାହିତ ହୁଅ ନାହିଁ । ଏଥିରେ କିଛିହେଲେ ସୁଫଳ ମିଳିବ ନାହିଁ । ଥରେ ନିଜ ସହିତ ବସି କଥା ହୁଅ । ତୁମକୁ ସମାଧାନର ସୂତ୍ର ନିଶ୍ଚୟ ମିଳିଯିବ ।

**ସମସ୍ୟା -୨**

ମୁଁ ଜଣେ ବିବାହିତା ମହିଳା । ବାହାଘରର ତିନିବର୍ଷ ପରେ ମୋ ସ୍ୱାମୀଙ୍କର ଦେହାନ୍ତ ହୋଇଗଲା । ସେତେବେଳକୁ ମୋ



**ଡକ୍ଟର ହରପ୍ରସନ୍ନ ଦାସ**

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**


ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସହଯୋଗୀ ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ପୁଅ ମାତ୍ର ବର୍ଷକର ହୋଇଥିଲା । ଏବେ ମୋ ପୁଅକୁ ପାଂଚ ବର୍ଷ ବୟସ । ମୁଁ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଛି । ପୁଅ ମୋର ସ୍କୁଲ୍ ଯାଉଛି । ମୁଁ ଶାଶୁ ଶ୍ୱଶୁରଙ୍କ ପାଖରେ ରହୁଛି । ମୋର ଦେଢଶୁର ଓ ଯାଆ ଏହି ସହରରେ ଅନ୍ୟ ଜାଗାରେ ରହୁଛନ୍ତି । ଯେତେ ଦୁଃଖକଷ୍ଟ ହେଉ ପଛେ ଭଗବାନଙ୍କ ଆଶୀର୍ବାଦରୁ ମୁଁ ମୋର ସଂସାର ଠିକ୍ ବାଟରେ ଚଳାଇ ନେଉଛି । ଶାଶୁ ଶ୍ୱଶୁର ମୋର ବହୁତ ଭଲ ଲୋକ । କିନ୍ତୁ ଏବେ ଦେଢଶୂର ଓ ଯାଆ ଦୁଇଜଣଯାକ ସମ୍ପତ୍ତି ଲୋଭରେ ଆସି ମୋ ବିରୁଦ୍ଧରେ ଶାଶୁଶ୍ୱଶୁରଙ୍କୁ ଏଣୁତେଣୁ କଥା କହୁଛନ୍ତି । ଏପରିକି ସେମାନେ ମୋର ଚରିତ୍ର ବିଷୟକୁ ନେଇ ବି ବହୁତ କଥା କହୁଛନ୍ତି । ଏସବୁ ଶୁଣି ମୋର ମନ ଭିତରେ ଅନେକ ଯନ୍ତ୍ରଣା ହେଉଛି । ମୋ ଯାଆ ଦେଢ଼ଶୁରଙ୍କର ଉଦ୍ଦେଶ୍ୟ ହେଲା ମୋ ପ୍ରତି ଶାଶୁ ଶ୍ୱଶୁରଙ୍କ ମନକୁ ବିଷାକ୍ତ କରି ମତେ ସେ ଘରୁ ବାହାର କରିଦେବେ । ଫଳରେ ସବୁ ସମ୍ପତ୍ତି ସେମାନେ ନେଇ ଯିବାର ସୁଯୋଗ ପାଇବେ । ଏବେ ଭାବୁଛି ମୋ ପୁଅକୁ ନେଇ ବାପଘରକୁ ପଳାଇବି । କିନ୍ତୁ ସେଠାରେ ମଧ୍ୟ ମୁଁ ତାଙ୍କ ଉପରେ ବୋଝ ହେବାକୁ ଚାହୁଁନି । କଣ କରିବି ଜାଣିପାରୁ ନାହିଁ । ଆପଣଙ୍କର ପରାମର୍ଶ ଦରକାର ।

**ରେଣୁକା ମେହେର,ସମ୍ବଲପୁର**

## ସମାଧାନର ସୂତ୍ର

ପ୍ରଥମ କଥା ହେଲା ଯେ, ଏହାକୁ ଏକ ସମସ୍ୟା ବୋଲି ଭାବନ୍ତୁ ନାହିଁ । ଜୀବନରେ ଅନେକ ଘଟଣା ଭିତରୁ ଏହା ବି ଏକ ଘଟଣା । ସ୍ୱାମୀଙ୍କୁ ହରାଇ ଜୀବନରେ ଆପଣ ଏକ ବଡ ଧକ୍କା ଖାଇ ସାରିଛନ୍ତି । ସେଭଳି ଦୁଃଖକୁ ମନରେ ଚାପି ରଖି ଆପଣ ନିଜେ ଚାକିରୀ କରି ନିଜକୁ ରୋଜଗାରକ୍ଷମ କରି ପାରିଛନ୍ତି । ନିଜ ପୁଅକୁ ପାଠ ପଢାଇ ମଣିଷ କରିବାର ଲକ୍ଷ୍ୟ ତ ନିଶ୍ଚିତ ରଖିଥିବେ । ଶାଶୁଶ୍ୱଶୁରଙ୍କର ଦାୟିତ୍ୱ ବି ଆପଣ ନେଉଛନ୍ତି । ଏଣୁ ଆପଣଙ୍କ ପଛରେ କିଏ କଣ କହିଲା ସେଥିପ୍ରତି ଆଦୌ କାନ ଦିଅନ୍ତୁ ନାହିଁ । କାରଣ ଆପଣ ସେସବୁ କଥା ନିଜେ ଶୁଣି ନାହାନ୍ତି ବା ଦେଖି ନାହାନ୍ତି ବା ସେମାନେ ଆପଣଙ୍କୁ ମଧ୍ୟ ସିଧାସଳଖ ଭାବରେ ସେସବୁ କଥା କହିନାହାନ୍ତି । ଅନ୍ୟମାନଙ୍କ ପାଖରୁ ଶୁଣି ନିଜ ମନକୁ ବିଷାକ୍ତ କଲେ ଯନ୍ତ୍ରଣା କେବଳ ନିଜେ ହିଁ ପାଇବେ । ଏବଂ ଆପଣଙ୍କର ଏହିପରି ଦୁର୍ବଳ ମନର ଫାଇଦା ବି ଅନ୍ୟମାନେ ଉଠାଇବେ । ଏଣୁ ଆପଣ ନିଜ ମନ ଭିତରେ କୌଣସି ଭୟ ବା ଆଶଙ୍କା ନରଖି ନିଜର କର୍ତବ୍ୟ କରି ଚାଲନ୍ତୁ ।

ଏ ସମୟରେ ଆପଣ ତିନୋଟି କାମ ଉପରେ ନିଜର ଧ୍ୟାନ ରଖିବା ଉଚିତ୍ । ପ୍ରଥମଟି ହେଲା, ଆପଣଙ୍କ କର୍ମ କ୍ଷେତ୍ରରେ ନିଷ୍ଠାର ସହିତ କାମ କରିବେ ଯେପରିକି ଅଫିସରେ ସମସ୍ତେ ଆପଣଙ୍କ ଉପରେ ଖୁସି ରହିବେ ଓ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବେ । ଆପଣଙ୍କର କର୍ମକ୍ଷେତ୍ର ହିଁ ରୋଜଗାରର ଏକମାତ୍ର ମାଧ୍ୟମ । ଦ୍ୱିତୀୟଟି ହେଲା, ପୁଅର ପାଠ ପଢା ସହିତ ତାର ଉପଯୁକ୍ତ ଲାଳନପାଳନ ପ୍ରତି ସଜାଗ ରହିବେ । ତୃତୀୟଟି ହେଲା, ଯାହା ବି ହେଉ ପଛେ ନିଜ ଶାଶୁ ଶ୍ୱଶୁରଙ୍କ ପ୍ରତି ଭଲ ବ୍ୟବହାର କରି ଘରେ ଏକ ଶାନ୍ତିଶୃଙ୍ଖଳାର ବାତାବରଣଟିଏ ସୃଷ୍ଟି କରିବେ । ଆପଣ ନିଜ ସ୍ୱାମୀଙ୍କୁ ହରାଇଛନ୍ତି କିନ୍ତୁ ମନେ ରଖନ୍ତୁ ସେମାନେ ବି ନିଜର ପୁଅକୁ ହରାଇଛନ୍ତି । ଆପଣଙ୍କ ଅପେକ୍ଷା ସେମାନଙ୍କର ଦୁଃଖ ବେଶୀ, ଏଣୁ କେବେ ଯଦି ସେମାନଙ୍କର କଥା ଆପଣଙ୍କ ମନକୁ କଷ୍ଟ ଦିଏ, ସେଥିପାଇଁ ସେମାନଙ୍କୁ କ୍ଷମା କରିଦେଇ ନିଜ ବାପା ମା ପରି ଭକ୍ତି କରିବେ । ଆପଣଙ୍କର ପରିସ୍ଥିତିରେ ଯିଏ ବି ଥାଉ ନା କାହିଁକି ଲୋକମାନେ ତାଙ୍କ ବିରୁଦ୍ଧରେ ନିଶ୍ଚୟ ଚକ୍ରାନ୍ତ କରିବେ । ଏହା ଆମ ସମାଜରେ ଏକ ନିହାତି ସାଧାରଣ କଥା । କିଏ କଣ କହିଲା ସେଥିରେ ବିଚଳିତ ନହୋଇ ଆପଣ ନିଜର ଦାୟୀତ୍ୱ ତୁଲାଇ ଚାଲନ୍ତୁ । ସେଥିପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଦେଲେ ହିଁ ଅନ୍ୟ କଥା ଭାବିବା ପାଇଁ ସମୟ ମିଳିବ ନାହିଁ ।

## ସମସ୍ୟା – ୩

ମୁଁ ବେସରକାରୀ ସଂସ୍ଥାରେ ଚାକିରି କରୁଛି । ମୋର ଆଗରୁ ନିଜର ବ୍ୟବସାୟ ଥିଲା । ସେଥିରେ ବହୁ କ୍ଷତି ହେବାରୁ ତଥା ପରିବାର ତରଫରୁ କୌଣସି ସହାୟତା ନ ମିଳିବାରୁ ମୁଁ ଚାକିରି କରିଲି । ହେଲେ ମୁଁ ଖୁସି ନାହିଁ । ମୋ ପରିବାର, ବ୍ୟବସାୟ ଓ ଚାକିରିକୁ ନେଇ ମୋ ମନରେ ବହୁ ନକରାତ୍ମକ ଭାବନା ଆସୁଛି । ମୋ ସ୍ତ୍ରୀ ଓ ମୁଁ ଭଲ ପାଇ ବିବାହ କରିଥିଲୁ । ସେତେବେଳେ ମୁଁ ପାର୍ଟନର୍ ସହିତ ମିଶି ବ୍ୟବସାୟ କରୁଥିଲି । ଆମର ଝିଅଟିଏ ମଧ୍ୟ ହେଲା । ଏବେ ଝିଅକୁ ୧୦ ବର୍ଷ ବୟସ । ସବୁକିଛି ଠିକ୍ ଠାକ୍ ଚାଲିଥିଲା । କିନ୍ତୁ କଳହର ସୂତ୍ରପାତ ହେଲା ଯେତେବେଳେ ମୋ ପାର୍ଟନର ବିବାହ କରି ତାର ନିଜର ପରିବାର ଆରମ୍ଭ କଲା । ମୋ ଶ୍ୱଶୁର ଘର ଲୋକମାନେ ଘରର ଯାବତୀୟ କଥାରେ ମୁଣ୍ଡ ପୁରାଇଲେ । ମୋ ପାର୍ଟନର ଓ ତା ପରିବାର ସହିତ ଖରାପ୍ ବ୍ୟବହାର ମଧ୍ୟ କରିଲେ । ଫଳରେ ମୋ ପାର୍ଟନର୍ ମତେ ଛାଡି ଚାଲିଗଲା । ତା ପରେ ମୋ ବ୍ୟବସାୟରେ ବହୁତ କ୍ଷତି ହେଲା । ସ୍ତ୍ରୀ ମଧ୍ୟ ନିଜ ନାମରେ ଥିବା ପଇସା ସାହାଯ୍ୟ ଆକାରରେ ଦେବାକୁ ମନା କରିଦେଲେ । ହଠାତ୍ ଦିନେ ତାଙ୍କ ମୋବାଇଲରୁ ମୋର ଜଣେ ନିକଟତମ ବନ୍ଧୁଙ୍କ ସହିତ ଅନ୍ତରଙ୍ଗ ଆଳାପ ବିଷୟରେ ଜାଣି ପାରିଲି । ଏହାକୁ ନେଇ ମଧ୍ୟ ଆମ ଦୁଇଜଣଙ୍କ ମଧ୍ୟରେ ବହୁ କଳହ ହୋଇ ଥିଲା । ଯଦିଚ ଏବେ ସେସବୁ କିଛି ନାହିଁ, କିନ୍ତୁ ମୁଁ ମୋ



ଫଟୋ : ଅର୍ପିତା ଦାସ

ଫଟୋ : ତାପସ ଦାଶ



ମନରେ ଆଉ ସେ ବିଶ୍ୱାସ ଆଣି ପାରୁନି କି ନିଜ ମୁଣ୍ଡକୁ ସ୍ଥିର ରଖି ପାରୁନି । ଜାଣି ପାରୁନି କଣ କରିବି । ଏହାର ସମାଧାନର ସୂତ୍ର କହିବାକୁ ଅନୁରୋଧ ।

**ରାଜେଶ ସାହୁ,** କୋରାପୁଟ

**ସମାଧାନର ସୂତ୍ର**

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କର ବିଭିନ୍ନ ପ୍ରକାର ସମସ୍ୟା ରହିଛି । ପ୍ରଥମଟି ହେଲା ବ୍ୟବସାୟରେ, ଦ୍ୱିତୀୟଟି ହେଲା ଆପଣଙ୍କର ପରିବାର ଲୋକଙ୍କର ବ୍ୟବହାର, ତୃତୀୟରେ ଆପଣଙ୍କର ସ୍ତ୍ରୀଙ୍କର ଅନ୍ୟବନ୍ଧୁ ସହ ଅନ୍ତରଙ୍ଗ ଆଳାପ । ଚତୁର୍ଥରେ ବ୍ୟବସାୟରେ ଆର୍ଥିକ ସାହାଯ୍ୟ ଦେବାକୁ ଆପଣଙ୍କ ସ୍ତ୍ରୀଙ୍କର ଅରାଜି । ଏଭଳି ପରିସ୍ଥିତିରେ ଆପଣଙ୍କର ମୁଣ୍ଡ ନିଶ୍ଚିତ ରୂପେ ସ୍ଥିର ରହିବ ନାହିଁ । ଆପଣ ନିଜେ ବି ମାନୁଛନ୍ତ ଯେ ଆପଣଙ୍କର ମନରେ ସ୍ତ୍ରୀଙ୍କ ପ୍ରତି ଆଉ ବିଶ୍ୱାସ ଆସୁନି । ଆପଣ ନିଜେ ଥଣ୍ଡା ମୁଣ୍ଡରେ ଭାବନ୍ତୁ ଯେ ଏସବୁ ପରିସ୍ଥିତି ପାଇଁ ଆପଣ ନିଜେ କେତେଦୁର ଦାୟୀ ।

ଗୋଟିଏ ହାତରେ କେବେ ତାଳି ବାଜେ ନାହିଁ । ଅସୁବିଧା ସମୟ ଆସିଲେ ମଣିଷ ସଦାବେଳେ ଅନ୍ୟର ଭୁଲ କାଢିଥାଏ । ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ କି ନିଜର ଭୁଲକୁ ଚିହ୍ନଟ କରି ପ୍ରଥମେ ତାର ସଂଶୋଧନ କରିବାକୁ ଚେଷ୍ଟା କରିଥାନ୍ତି । ଅନ୍ୟର ଭୁଲଟା କାଢିବା ଅତି ସହଜ କିନ୍ତୁ ଅନ୍ୟକୁ ପରିବର୍ତ୍ତନ କରିବାଟା ଅତି କଷ୍ଟକର । ଆପଣଙ୍କ ପରିସ୍ଥିତିରୁ ଜଣାପଡୁଛି ଯେ ଆପଣଙ୍କ ପ୍ରତି ଆପଣଙ୍କ ପରିବାରରେ ତଥା ଆପଣଙ୍କ ସ୍ତ୍ରୀଙ୍କର କୌଣସି ସହଯୋଗ ନାହିଁ । ସ୍ତ୍ରୀ ତଥା ନିଜ ପରିବାରର ସହେଯାଗ ନ ମିଳିଲେ କେହି ବି ଜୀବନରେ ସଫଳତା ପାଇ ପାରିବେ ନାହିଁ । ଆପଣଙ୍କର ବନ୍ଧୁ ମଧ୍ୟ ଆପଣଙ୍କୁ ଛାଡି ଚାଲିଗଲା । ଏଣୁ ସମୟ ଆସିଛି ଆପଣ ଆତ୍ମସମୀକ୍ଷା କରନ୍ତୁ ଓ ନିଜର କେଉଁଠି ଭୁଲ ରହିଛି ତାହା ଚିହ୍ନଟ କରନ୍ତୁ । ଧିରେ ଧିରେ ସେହି ଭୁଲ ଗୁଡିକୁ ସଜାଡିବା ପାଇଁ ଚେଷ୍ଟା କରନ୍ତୁ । ଏଥିପାଇଁ ମାନସିକ ସ୍ଥିରତା ସହିତ ସକାରାତ୍ମକ ମନୋଭାବ ଦରକାର । ଏବେ ଆପଣ ଯେଉଁ ଅଫିସରେ କାମ କରୁଛନ୍ତି ସେଠାରେ ନିଷ୍ଠାର ସହିତ ଭଲକାମ କରିବାକୁ ହେଲେ ମୁଣ୍ଡକୁ ସୁସ୍ଥ ରଖିବାକୁ ହେବ । ନଚେତ୍ ସେ ଚାକିରୀ ବି ଆପଣଙ୍କ ହାତରୁ ଯିବ । ମନେ ରଖନ୍ତୁ ଏକାଥରକେ ସବୁ ସମସ୍ୟାର ସମାଧାନ ହୁଏ ନାହିଁ । ନିଜ ଉପରେ ବିଶ୍ୱାସ ରଖି ପଛ କଥା ଭୁଲି ଯାଇ ନିଜେ ନିଜକୁ ସଂଶୋଧନ କରିବାକୁ ଚେଷ୍ଟା କରନ୍ତୁ ।

**ସମସ୍ୟା -୪**

ମୁଁ ଏକ ଗୃହିଣୀ । ମୋ ସ୍ୱାମୀ ଏକ ବଡ କମ୍ପାନୀରେ କାମ କରନ୍ତି । ମୁଁ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସହିତ କମ୍ପ୍ୟୁଟର୍ ଶିକ୍ଷା ବି କରିଛି । ଆମେ ଦୁହେଁ ଦୁହିଁଙ୍କୁ ଭଲପାଇ ବିବାହ କରିଥିଲୁ । ଆମର ଦୁଇଟି ସନ୍ତାନ । ବିବାହର କିଛିଦିନ ଯାଏ ସବୁ ଠିକ୍ ଠାକ୍ ଥିଲା । କିନ୍ତୁ ହଠାତ୍ ସ୍ୱାମୀଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଗଲା । ସେ କଥାକଥାରେ ଗାଳି ଗୁଲଜ କରିବା ସହିତ ମାର୍‌ପିଟ୍ ମଧ୍ୟ କଲେ । ଘରର ଦାମୀ ଜିନିଷ ପତ୍ର ମଧ୍ୟ ଭଙ୍ଗାରୁଜା କଲେ । ଛୋଟ ଛୋଟ ଘରୋଇ ଝଗଡାରେ ମତେ ମାରପିଟ କରି ଲହୁଲୁହାଣ କଲେ । ଭଲପାଇ ବିବାହ କଲେ ବି ଆମର ବିବାହ ଯଥାରୀତି ହୋଇଥିଲା । ତେଣୁ ମୁଁ ଏ ସବୁ ବିଷୟରେ ଘରେ କହିଲି । ହେଲେ ଘରେ କେହି ବି ମତେ ସାହାଯ୍ୟ କରିବାକୁ ମନା କରିଲେ । ଆମର ଘରୋଇ ପାରିବାରିକ କଥାରେ ସେମାନେ ମୁଣ୍ଡ ପୁରାଇବେ ନାହିଁ ବୋଲି ମତେ ସ୍ପଷ୍ଟ କରିଦେଲେ । ତେଣୁ ମୁଁ କାହା ଆଗରେ ଏସବୁ କଥା କହି ପାରୁନି । ଧିରେ ଧିରେ ପିଲାମାନେ ବଡ ହେଉଛନ୍ତି । ମୋ ସ୍ୱାମୀ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି, କେବେ ସେମାନଙ୍କୁ ହାତ ଉଠାଇ ନାହାନ୍ତି । କିନ୍ତୁ ପିଲାମାନେ ତାଙ୍କ ବାପାଙ୍କର ମୋ ପ୍ରତି ଏପରି ବ୍ୟବହାରକୁ ଦେଖୁଛନ୍ତି । ତେଣୁ ମତେ ଡର ଲାଗୁଛି କି ସେମାନଙ୍କ ଉପରେ ଏହାର କିଛି ଖରାପ୍ ପ୍ରଭାବ ପଡିପାରେ । ମୋ ପ୍ରତି ତାଙ୍କର ଏପରି ବ୍ୟବହାରର କାରଣ ମୁଁ ସହି ପାରୁନି କି ବୁଝି ମଧ୍ୟ ପାରୁନି । ମୋତେ ସଠିକ ବାଟ ବତାନ୍ତୁ ।

**ରୀତା ନାୟକ,** ଭଦ୍ରକ

**ସମାଧାନର ସୂତ୍ର**

ମୁଁ ବୁଝିପାରୁଛି ଯେ ଆପଣଙ୍କ ମନରେ କିଭଳି ଅଶାନ୍ତି ବା ଯନ୍ତ୍ରଣା ରହିଛି । ଆପଣଙ୍କ ଜୀବନରେ ସବୁକିଛି ଠିକ୍ ଥିଲା, କିନ୍ତୁ ହଠାତ୍ ସ୍ୱାମୀଙ୍କର ବ୍ୟବହାର କେବଳ ଆପଣଙ୍କ ପାଇଁ ବଦଳିଗଲା । ଖାଲି ଗାଳିଗୁଲଜ ନୁହେଁ ସେ ଆପଣଙ୍କୁ ମାରପିଟ କରି ରକ୍ତାକ୍ତ କଲେ । ଏଥିରୁ ଜଣାପଡୁଛି ଯେ ଘଟଣାଟା ସେହିଭଳି ଜଟିଳ ହୋଇଥିବ ଯେଉଁଥିପାଇଁ କି ଆପଣଙ୍କ ସ୍ୱାମୀଙ୍କର ଆପଣଙ୍କ ପ୍ରତି ଘୃଣାଭାବ ସୃଷ୍ଟି ହେଲା । ଜଣାପଡୁଛି ଯେ ଆପଣ ଦୁହିଁଙ୍କ ମଧ୍ୟରେ ଆଉ ସେ ସ୍ନେହ ଓ ଭଲପାଇବାର ସମ୍ପର୍କ ନାହିଁ । ଆପଣ ଭଲ ପାଇ ବାହା ହୋଇଥିଲେ, ଏଣୁ ଆପଣଙ୍କ ଘର ଲୋକ ଆପଣଙ୍କର ଦାମ୍ପତ୍ୟ ଜୀବନ ବିଷୟରେ ମୁଣ୍ଡ ପୁରାଉନାହାନ୍ତି । ଗୋଟେ ଦୃଷ୍ଟିରୁ ଦେଖିଲେ ତାହା ବି ଠିକ୍ କଥା । ଆପଣଙ୍କ ସ୍ୱାମୀ ପିଲାମାନଙ୍କୁ ଭଲ ପାଉଛନ୍ତି । କିନ୍ତୁ ଆପଣଙ୍କୁ ଖରାପ୍ ବ୍ୟବହାର କରୁଛନ୍ତି । ଏହା ଏକ ଗଣ୍ଡଗୋଳିଆ ପରିସ୍ଥିତି । ଆପଣ ଦୁହିଁଙ୍କ ମଧ୍ୟରେ କେଉଁ କାରଣ ପାଇଁ ଏପରି ଘଟୁଛି ବା ହେଉଛି ତାହା ଆପଣ କିମ୍ବା ଆପଣଙ୍କ ସ୍ୱାମୀହିଁ କହିପାରିବେ । ଏଥିରେ ତୃତୀୟ ଲୋକର କିଛି ଭୂମିକା ନାହିଁ । ଏଣୁ ଆପଣ ଅନ୍ୟର ଦୋଷ ନ ଦେଇ ନିଜର ଆତ୍ମ ସମୀକ୍ଷା କରନ୍ତୁ । କେଉଁଠି ଦୋଷ ତୃଟି ରହିଛି ତାହା ଖୋଜି ବାହାର କରନ୍ତୁ । ଯଦି ଭାବୁଥିବେ ଆପଣଙ୍କର କିଛି ଦୋଷ ନାହିଁ ବୋଲି ତାହା ନିହାତି ଭୁଲ କଥା । ଆପଣ ସ୍ୱାମୀଙ୍କ ପାଖରେ ତାହା ସ୍ୱୀକାର କରି ଭୁଲ ମାଗିପାରିବେ । ଅଥବା ସ୍ୱାମୀଙ୍କୁ ନରମ ଭାବରେ ଆପଣଙ୍କ ଦୋଷ ବିଷୟରେ ପଚାରି ପାରିବେ । ମନେ ରଖନ୍ତୁ ରାଗ ବା ଯୁକ୍ତିରେ ସମସ୍ୟାର ସମାଧାନ ହୁଏ ନାହିଁ । ବିନମ୍ରତାର ସହିତ ସମର୍ପଣ ଭାବ ରଖିଲେ ଭଗବାନଙ୍କର ଆଶୀର୍ବାଦ ମିଳିବ । ଅନ୍ଧାର ଭିତରେ ଆଲୋକ ଦେଖାଯିବ । ଆଶା କରୁଛି ଆପଣ ନିଜକୁ ବୁଝିବାକୁ ଚେଷ୍ଟା କରିବେ ।

ପ୍ରତ୍ୟେକ ପରିବାରରେ କିଛି ନା କିଛି ସମସ୍ୟା ରହିଛି । ପ୍ରତ୍ୟେକ ସମସ୍ୟାର ବି ସମାଧାନ ଅଛି । ଯଦି ଆପଣଙ୍କ ସମସ୍ୟାର ସମାଧାନ ଚାହାନ୍ତି ତେବେ ବିଶଦ ଭାବରେ ସମସ୍ୟା ଲେଖି ଆମକୁ ପଠାନ୍ତୁ । ପରବର୍ତ୍ତୀ ସଂଖ୍ୟାରେ ଆମେ ତାର ସମାଧାନର ସୂତ୍ର ଜଣାଇବୁ । ଫୋନ କରନ୍ତୁ : ୯୪୩୭୦୧୧୦୨୨, ଇ-ମେଲ୍ : rebati.rebati2018@gmail.com




# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।**



# ସ୍ତନକର୍କଟ ରୋଗ
## ତା'ର ନିରାକରଣ ଓ ଚିକିତ୍ସା



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍




ମହିଳାମାନଙ୍କର ସ୍ତନ କର୍କଟ ରୋଗ ଏକ ମାରାତ୍ମକ ରୋଗ । ପାଶ୍ଚାତ୍ୟ ଦେଶ ଭଳି ଏବେ ମଧ୍ୟ ଭାରତର ଅନେକ ମହିଳାଙ୍କର ସ୍ତନ କର୍କଟ ରୋଗ ଯୋଗୁଁ ମୃତ୍ୟୁ ଘଟୁଛି । ସ୍ତନରେ ଅନିୟମିତ କୋଷବୃଦ୍ଧି ହେଲେ ତାକୁ 'ସ୍ତନକର୍କଟ ରୋଗ' କୁହାଯାଇଥାଏ । ଅନ୍ୟ କର୍କଟ ରୋଗ ଭଳି ସ୍ତନକର୍କଟ ରୋଗ ମଧ ଗୋଟିଏ ସ୍ତନରୁ ଅନ୍ୟ ସ୍ତନକୁ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟାପି ଯାଇଥାଏ । ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୯ ଲକ୍ଷ ମହିଳାଙ୍କର ସ୍ତନକର୍କଟ ରୋଗ ଚିହ୍ନଟ କରାଯାଇଥାଏ ।

### ସ୍ତନ କର୍କଟ ରୋଗ ବିଷୟରେ କେତୋଟି ଜାଣିବା କଥା

ପ୍ରତି ତିନି ମିନିଟ୍‌ରେ ଗୋଟିଏ ଲେଖାଁଏ ମହିଳାଙ୍କର ସ୍ତନ କର୍କଟ ରୋଗ ଚିହ୍ନଟ ହୋଇଥାଏ, ପ୍ରତି ୧୩ ମିନିଟ୍‌ରେ ଗୋଟିଏ ମହିଳା ସ୍ତନ କର୍କଟ ରୋଗରେ ମୃତ୍ୟୁ ମୁଖରେ ପଡିଥାନ୍ତି, ସଂପୂର୍ଣ୍ଣ ଜୀବନ କାଳ ମଧ୍ୟରେ ୮ଜଣ ମଧ୍ୟରୁ ଅନ୍ତତଃ ଗୋଟିଏ ମହିଳା ସ୍ତନକର୍କଟ ରୋଗରେ ପୀଡିତ ହେବାର ଆଶଂକା ଥାଏ । ସ୍ତନ କର୍କଟ ରୋଗ ଗୋଟିଏ ସ୍ତନ ମଧ୍ୟରେ ସୀମିତ ଥିଲେ, ଏବଂ ଯେଉଁ ମହିଳା ମାନଙ୍କର ପ୍ରାଥମିକ ପର୍ଯ୍ୟାୟରେ ସ୍ତନ କର୍କଟ ରୋଗର ଚିହ୍ନଟ ହୋଇ ପାରିଥାଏ, ସେମାନେ ୫ ବର୍ଷ ଠାରୁ ବେଶୀ ସମୟ ବଂଚନ୍ତି ।

ତେଣୁ ସ୍ତନ କର୍କଟ ରୋଗର ପ୍ରାଥମିକ ଲକ୍ଷଣ ସବୁ ଜାଣି ପାରିଲେ କିମ୍ବା ନିଜେ ନିଜର ସ୍ତନ ପରୀକ୍ଷା କରି ( ବ୍ରେଷ୍ଟ୍ ସେଲ୍‌ଫ୍ ପଲ୍‌ପେସନ୍ ) ଅର୍ବୁଦ ଥିବା ଜାଣିଲେ, ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ୍ ।

### ରିସ୍କ୍ ଫେକ୍ଟର୍



- **ବୟସ ସୀମା** : ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ତନକର୍କଟ ରୋଗ ହେବାର ବିପଦ ବଢ଼ି ଯାଇଥାଏ । ଏହା ୫୦ବର୍ଷ ବା ତଦୁର୍ଦ୍ଧ୍ୱ ମହିଳାମାନଙ୍କୁ ବେଶୀ ପରିମାଣରେ ହୋଇଥାଏ । ସ୍ତନକର୍କଟ ରୋଗ ହେବାର ହାରାହାରି ବୟସ ହେଉଛି ୬୩ ।
- **ପ୍ରଥମ ରୁତୁସ୍ରାବର ବୟସ** : ଯେଉଁ ମହିଳାମାନଙ୍କର ପ୍ରଥମ ରୁତୁସ୍ରାବ (ଏଜ୍ ଏଟ୍ ମେନାର୍କି) ୧୨ ବର୍ଷ ଆଗରୁ ଆରମ୍ଭ ହୋଇଥାଏ ସେମାନଙ୍କର ସ୍ତନକର୍କଟ ରୋଗ ହେବାର ଆଶଂଙ୍କା ଅଧିକ ଥାଏ । କାରଣ ସେମାନଙ୍କର ମାସିକ ରୁତୁସ୍ରାବ ବେଶୀ ଥର ହୋଇଥାଏ ଏବଂ ସେମାନଙ୍କର ଇଷ୍ଟ୍ରୋଜେନ୍‌ର ପରିମାଣ ଅଧିକ ହୋଇଥାଏ । ଏହି ହର୍‌ମୋନ୍ ବେଶୀ ହେଲେ ସ୍ତନକର୍କଟ ରୋଗ ହେବାର ଚାନ୍‌ସ୍ ବଢ଼ି ଯାଇଥାଏ ।
- **ପ୍ରଥମ ସନ୍ତାନ ଜନ୍ମ ହେବାର ବୟସ:** ଯେଉଁ ମହିଳାମାନଙ୍କର ପ୍ରଥମ ସନ୍ତାନ ଡ଼େରିରେ ଜନ୍ମ ହୋଇଥାଏ (୩୦ବର୍ଷରୁ ଉର୍ଦ୍ଧ୍ୱ) ସେମାନଙ୍କର ଅଳ୍ପ ବୟସ୍କା ଜନନୀଙ୍କ ଠାରୁ ସ୍ତନକର୍କଟ ରୋଗ ହେବାର ଆଶଙ୍କା ବେଶୀ ଥାଏ । ଏହାଛଡ଼ା ଯେଉଁ ମହିଳାମାନଙ୍କର ଆଦୌ ସନ୍ତାନସନ୍ତତି ନଥାଏ, ସେମାନଙ୍କର ସ୍ତନକର୍କଟ ହେବାର ଆଶଂଙ୍କା ସବୁଠାରୁ ବେଶୀ ଥାଏ ।
- ଯଦି ଗୋଟିଏ ମହିଳାଙ୍କର ଗୋଟିଏ ସ୍ତନରେ ଅର୍ବୁଦ ଥାଏ ତେବେ ସେହି ମହିଳାମାନଙ୍କର ଗୋଟିଏ ବା ଦୁଇଟି ସ୍ତନରେ କର୍କଟ ରୋଗ ହେବାର ଆଶଙ୍କା ବେଶୀ ଥାଏ ।
- **ପରିବାରର ଇତିହାସ** : ଯଦି ଜଣେ ମହିଳାଙ୍କର ମା' ବା ଭଉଣୀଙ୍କର

# ସ୍ତନ କର୍କଟର ଲକ୍ଷଣ



## ମୁଖ୍ୟ ଲକ୍ଷଣ

ସ୍ତନକର୍କଟ ରୋଗର ସବୁଠାରୁ ମୁଖ୍ୟ ଲକ୍ଷଣ ହେଉଛି ସ୍ତନରେ ଅର୍ବୁଦ । ଏଥିରେ ଆଦୌ ବ୍ୟଥା ବା ଦରଜ ହୁଏ ନାହିଁ ।

## ଅନ୍ୟ ଲକ୍ଷଣ

- ସ୍ତନ ବା କାଖରେ ଏକ ନୂତନ ବା ଅସ୍ୱାଭାବିକ ଅର୍ବୁଦ କିମ୍ବା ଲିମ୍ଫନୋଡ୍ ଏନ୍‌ଲାର୍ଜମେଣ୍ଟ୍ ବା କାଖ ଗୁଲି ବଢ଼ିଯିବା ।
- ସ୍ତନର ଆକାର ବା ଆକୃତିରେ ଅସ୍ୱାଭାବିକ ପରିବର୍ତ୍ତନ
- ସ୍ତନର ଉପର ଭାଗରେ ଥିବା ଚର୍ମରେ ଗାତ ସୃଷ୍ଟି ହୋଇଯିବା ବା ନାଲି ହୋଇଯିବା 'ଅରେଞ୍ଜ ଆପିଅରେନ୍ସ'।
- ସ୍ତନର ନିପଲ୍ ବା ଭୁଣ୍ଡିରୁ ପାଣି ବା ରକ୍ତ ବାହାରିବା ।
- ସ୍ତନଭୁଣ୍ଡି ଭିତର ପଟକୁ ମୋଡ଼ି ହୋଇଯିବା ବା' ପଶିଯିବା 'ରିଟ୍ରାକ୍ଟେଡ୍ ନିପଲ୍'
- ସ୍ତନରେ କଷ୍ଟ ହେବା ।

ସ୍ତନକର୍କଟ ରୋଗ ହୋଇଥାଏ, ସେମାନଙ୍କର ୧ଗୁଣ ରୁ ୩ଗୁଣ ସ୍ତନକର୍କଟ ରୋଗ ହେବାର ଆଶଙ୍କା ଥାଏ ।

- ❖ ଯେଉଁ ମହିଳାଙ୍କର ଋତୁସ୍ରାବର ବିରତି (ମେନୋପଜ୍) ବେଶୀ ବୟସରେ ହୋଇଥାଏ ।
- ❖ ଯେଉଁ ମହିଳାମାନଙ୍କର ଡ଼ିମ୍ବକୋଷର କର୍କଟରୋଗ ହୋଇଥାଏ ସେମାନଙ୍କର ସ୍ତନ କର୍କଟରୋଗ ହେବାର ଚାନ୍ସ ବେଶୀ ଥାଏ ।
- ❖ ଯେଉଁ ମହିଳାମାନଙ୍କର ଶରୀରର ବାରଂବାର ଏକ୍ସରେ କରା ହୋଇଥାଏ ।
- ❖ ଅତ୍ୟଧିକ ଓଜନ ବୃଦ୍ଧି
- ❖ ଅତ୍ୟଧିକ ଚର୍ବି ମିଶ୍ରିତ ଖାଦ୍ୟ ଖାଇବା ।

## ହର୍‌ମୋନ୍ ରିପ୍ଲେସ୍‌ମେଣ୍ଟ ଥେରାପି

ମାସିକ ଋତୁସ୍ରାବର ବିରତି ପରେ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ହର୍‌ମୋନ୍ ବ୍ୟବହାର କଲେ ସ୍ତନକର୍କଟ ରୋଗ ହେବାର ଆଶଙ୍କା ଶତକଡ଼ା ୨୬ ପ୍ରତିଶତ ବଢ଼ିଥାଏ ।

## ଜେନେଟିକ୍ ଫେକ୍ଟର୍‌ସ୍ (ବଂଶଗତ ଦୋଷ)

ବି.ଆର୍.ସି.ଏ.୧ ଓ ବି.ଆର୍.ସି.ଏ.୨ ସ୍ତନକର୍କଟ ରୋଗ ପାଇଁ ମୁଖ୍ୟ ରିସ୍କଫେକ୍ଟର୍ । ଯେଉଁ ପରିବାରରେ ଅତି ଅଳ୍ପ ବୟସରେ ଅନେକ ମହିଳାଙ୍କର ସ୍ତନ କର୍କଟ ରୋଗ ବା ଡ଼ିମ୍ବକୋଷରେ କର୍କଟ ରୋଗ ହୋଇଥାଏ ସେମାନଙ୍କର ଏହି ଦୋଷଯୁକ୍ତ ଜିନ୍‌ଟି ଥାଏ ବୋଲି ଅନୁମାନ କରାଯାଏ । ପ୍ରାୟ ଶତକଡ଼ା ୫ରୁ୧୦ ଭାଗ ସ୍ତନକର୍କଟ ରୋଗ ବଂଶଗତ କାରଣରୁ ହୋଇଥାଏ । ଯେଉଁ ମହିଳାମାନଙ୍କର ଜିନ୍‌ଗତ ଦୋଷ ଥାଏ, ସେମାନଙ୍କର ଶତକଡ଼ା ୮୦ ଭାଗରୁ ଅଧିକ ସ୍ତନକର୍କଟ ରୋଗ ଏବଂ ଶତକଡ଼ା ୪୦ଭାଗ ଡ଼ିମ୍ବକୋଷର କର୍କଟ ରୋଗ ହୋଇଥାଏ । କେତେକ ପରୀକ୍ଷାରୁ ଅସ୍ୱାଭାବିକ ଜିନ୍ ମଧ୍ୟ ଧରା ପଡ଼ିଯାଏ । ଯେଉଁ ପରିବାରରେ ସ୍ତନକର୍କଟ ଓ ଡ଼ିମ୍ବକୋଷ କର୍କଟ ରୋଗ ହେବାର ରିସ୍କ ଅଧିକ ଥାଏ କେବଳ ସେହି ପରିବାରର ମହିଳା ସଦସ୍ୟମାନଙ୍କର ଏହିଦୋଷ ଦେଖା ଦେଇଥାଏ ।

## ମଦ୍ୟପାନ

ଯେଉଁ ମହିଳାମାନେ ମଦ୍ୟପାନ କରନ୍ତି, ସେମାନଙ୍କର ସ୍ତନକର୍କଟ ରୋଗ ହେବାର ଆଶଂକା ଅଧିକ ଥାଏ ।

## ଖାଦ୍ୟ ଓ ବ୍ୟାୟାମ୍

ଖାଦ୍ୟରେ ଚର୍ବି କମ୍ ଖାଇଲେ ଓ ନିୟମିତ ବ୍ୟାୟାମ୍ କଲେ, ସ୍ତନକର୍କଟ ରୋଗ ହେବାର ରିସ୍କ କମିଯାଏ ଏବଂ ଯେଉଁମାନଙ୍କର ପରିବାରରେ ସ୍ତନକର୍କଟ ରୋଗ ହେବାର ଇତିହାସ ଥାଏ ସେମାନଙ୍କର ମଧ୍ୟ ଜୀବନଧାରଣ ସମୟ ବଢ଼ିଯାଏ ।

## ସ୍ତନକର୍କଟ ରୋଗର ଚିହ୍ନଟ

ମହିଳାମାନେ ନିଜ ହାତରେ ନିଜ ସ୍ତନର ପରୀକ୍ଷା କରିବା ଦ୍ୱାରା ଏହି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବେ । ଏହାଛଡ଼ା ଡ଼ାକ୍ତରଙ୍କ ଦ୍ୱରା ସ୍ତନ ପରୀକ୍ଷା, ଫାଇନ୍‌ନିଡ଼ଲ୍ ଆସ୍‌ପିରେସନ୍ ସାଇଟୋଲୋଜି, ସ୍ତନର ଅଲ୍‌ଟ୍ରା ସାଉଣ୍ଡ୍ ଓ ମାମୋଗ୍ରାଫି ଦ୍ୱାରା ସ୍କ୍ରିନିଂ କଲେ ଏହିରୋଗ ଚିହ୍ନଟ ହୋଇ ପାରିବ । ଯେଉଁ ରୋଗୀମାନେ 'ହାଇରିକ୍ସ କେସ୍' ହୋଇଥିବେ ସେମାନେ ନିଜେ ନିଜର ସ୍ତନ ପରୀକ୍ଷା କରିବା ପଦ୍ଧତି ଜାଣିବା ଜରୁରୀ ।




## ଚିକିତ୍ସା

ସ୍ତନକର୍କଟ ରୋଗର ଷ୍ଟେଜିଂ ଓ ବିସ୍ତାରକୁ ନେଇ ଅସ୍ତ୍ରୋପଚାର କରାଯାଏ । ଲମ୍ପେକ୍ଟୋମି ବା ସଂପୂର୍ଣ୍ଣ ସ୍ତନର ଅପସାରଣ ( ରାଡ଼ିକାଲ୍ ମାଷ୍ଟେକ୍ଟୋମି ) କରି, ପରେ କେମୋଥେରାପି ଦିଆଯାଏ, ଏବଂ ଏଥିରେ ମଧ୍ୟ ବହୁବର୍ଷ ଧରି ରୋଗୀମାନେ ଆରୋଗ୍ୟ ହୁଅନ୍ତି । ତେଣୁ କର୍କଟ ରୋଗର ସଚେତନତା, ପ୍ରତିଷେଧକ ବ୍ୟବସ୍ଥା, ପ୍ରାଥମିକ ସ୍ତରରୁ ଚିହ୍ନଟ ଓ ଶୀଘ୍ର ଚିକିତ୍ସା ହିଁ ଏହି ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରିପାରିବ ।

ପ୍ରାଥମିକ ପର୍ଯ୍ୟାୟରୁ ସଚେତନତା ହିଁ ଏହି ରୋଗର ଉପଶମ ଓ ଆରୋଗ୍ୟ ହେବାରେ ସହାୟକ ହୋଇ ପାରିବ । ଏବେ ମଧ୍ୟ ଅନେକ ସ୍ତନ କର୍କଟ ରୋଗରୁ ଆରୋଗ୍ୟ ଲାଭ କରି ଏକ ସାଧାରଣ ଜୀବନ ଜିଉଁଛନ୍ତି । ସେଥିପାଇଁ କେତେକ ରୋଗୀ ଏଠାରେ କେତୋଟି ପ୍ରଶ୍ନ ପଚାରିଛନ୍ତି । ତାହା ରୋଗ ଚିହ୍ନଟ କରିବାରେ ନିଶ୍ଚୟ ସାହାଯ୍ୟ କରିବ ।

ପ୍ରଶ୍ନ ଓ ଉତ୍ତର

**ପ୍ରଶ୍ନ : ମ୍ୟାଡାମ୍, ମୋର ଦୁଇମାସ ହେଲା ବାମପଟ ସ୍ତନ ଦରଜ ଲାଗୁଛି ଏବଂ ଗୋଟିଏ ଟାଣ ଆବୁ ଭଳି ହାତକୁ ଲାଗୁଛି । ଏହା କ'ଣ ସ୍ତନ କର୍କଟ ରୋଗ ? କିପରି ଏହାର ଚିକିତ୍ସା ହେବ, ବୁଝାଇ କୁହନ୍ତୁ ।**

**ଉତ୍ତର** : ଅନିତା, ବାମ ସ୍ତନରେ ଯେଉଁ ଆବୁ ହୋଇଛି, ତାହାକୁ ଯେ' ଆପଣ ନିଜ ହାତ ଦ୍ୱାରା ନିଜ ସ୍ତନ ପରୀକ୍ଷା (ସେଲ୍‌ଫ୍ ବ୍ରେଷ୍ଟ୍ ପାଲ୍‌ପେସନ୍) କରି ଜାଣି ପାରିଛନ୍ତି, ଏହା ଅତି ଭଲକଥା । ତେବେ ଏଥିପାଇଁ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ ବା' ଶଲ୍ୟ ବିଶେଷଜ୍ଞଙ୍କର ପରାମର୍ଶ ନିଅନ୍ତୁ । ସ୍ତନର ଅଲଟ୍ରାସୋନୋଗ୍ରାମ୍, ମାମୋଗ୍ରାମ୍, ଫାଇନ୍ ନିଡିଲ୍ ଆସ୍‌ପିରେସନ୍ ସାଇଟୋଲୋଜି ତଥା କିଛି ରକ୍ତ ପରୀକ୍ଷା କରି ଚିହ୍ନଟ କରିହେବ ଏବଂ ତାର ଷ୍ଟେଜିଂ କରି ଏହାର ଚିକିତ୍ସା କରିଯାଇ ପାରିବ । ସର୍ଜରୀ ପରେ ଦରକାର ହେଲେ କେମୋ ଓ ରେଡିଓଥେରାପି ଦେବା ଉଚିତ୍ । ଯଦି ଅଳ୍ପ ବୟସରେ ଏମିତି ଟ୍ୟୁମର୍ ବାହାରିଥାଏ ତାହା ଫାଇବ୍ରୋଆଡିନୋସିସ୍ ଏବଂ ଫାଇବ୍ରୋଆଡିନୋମା ହୋଇପାରେ । ଫାଇବ୍ରୋଆଡିନୋସିସ୍ ଔଷଧ ଦ୍ୱାରା ଭଲ ହୋଇଯାଉଥିବା ବେଳେ ଫାଇବ୍ରୋଆଡିନୋମାକୁ ଅପରେସନ୍ ଦ୍ୱାରା କାଢି ଦେବାକୁ ପଡିଥାଏ ।

**ଅନିତା ଦାସ୍**, ବୟସ ୪୮, ନୟାଗଡ

# ମହାରାଷ୍ଟ୍ରିଆନ୍‌ଙ୍କ ଖାଦ୍ୟ



ଲେଖିକା : ପାରମିତା ଷଡ଼ଙ୍ଗୀ

# ଦୁଇଟି ବ୍ୟଞ୍ଜନ



**ପାରମିତା ଷଡ଼ଙ୍ଗୀ**

ଫଟୋ ସୌଜନ୍ୟ : ଲେଖିକା



## ସାଗୁ ଦାନାର ଖିଚୁଡ଼ି

**ସାମଗ୍ରୀ:** ଗୋଟେ କପ ସାଗୁ, ଦୁଇଟି ଛୋଟ ଆଳୁ, ଅଧା କପ୍ ଚିନାବାଦାମ୍, ତିନୋଟି କଞ୍ଚାଲଙ୍କା, ଦୁଇ ଚାମଚ ଘିଅ, ଲୁଣ ସ୍ୱାଦ ଅନୁସାରେ, ଗୋଟେ ଛୋଟ ଚାମଚ ଲେମ୍ବୁରସ, କଟା ହୋଇଥିବା ଧନିଆପତ୍ର, ଦେଢ଼ କପ୍ ପାଣି ।

### ବିଧି

-ପ୍ରଥମେ ସାଗୁକୁ ଭଲ କରି ଧୋଇ ବତୁରାଇବେ । ଧ୍ୟାନ ରଖିବେ ଯେ ସାଗୁ ଠାରୁ ପାଣିର ମାତ୍ରା ଅଧିକ ନହୁଏ । ସାଗୁ ତିନିରୁ ଚାରି ଘଣ୍ଟା ବତୁରିବା ଉଚିତ୍ ।

-ଆଳୁକୁ ଛୋଟ ଛୋଟ କରି କଟାଯିବା ଆବଶ୍ୟକ ।

-ଅଧା କପ୍ ଚିନା ବାଦାମ୍‌କୁ ଭାଜି ଅଲଗା ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ସେଥିରୁ ଅଧା ମିକ୍ସରରେ ଦରଚୁନା କରି ଦିଅନ୍ତୁ ।

-ବତୁରି ଥିବା ସାଗୁଦାନାରେ ବାଦାମ ଚୁନା, ଲୁଣ ଗୋଳାଇ ଅଲଗା ପ୍ଲେଟ୍‌ରେ ରଖି ଦିଅନ୍ତୁ ।

-ଗ୍ୟାସ୍‌ରେ ମଧ୍ୟମ ଆଞ୍ଚ ରଖି କରେଇରେ ଘିଅ ପକାନ୍ତୁ । ଘିଅ ଗରମ ହେଲା ପରେ ଜିରା, ଭୃଶୁଙ୍ଗା ଠାରୁ ଓ କଞ୍ଚାଲଙ୍କା ଛୁଙ୍କ ପକେଇ କଟା ହୋଇଥିବା ଆଳୁ ପକାନ୍ତୁ । ଆଳୁ ଭାଜି ହୋଇଗଲେ ବଳିଥିବା ଭଜା ବାଦାମ ପକାଇ ବତୁରି ଥିବା ସାଗୁକୁ କରେଇରେ ପକାନ୍ତୁ ।

-ଧିମା ଆଞ୍ଚରେ ସାଗୁକୁ ୨/୩ ମିନିଟ୍ ଆନୁମାନିକ ଭାଜନ୍ତୁ ଓ ପୁଣି ଘୋଡ଼ାଇ ଦିଅନ୍ତୁ । ସାଗୁର ରଙ୍ଗ ବଦଳି ଯିବାଯାଏଁ ଭାଜନ୍ତୁ । ତା' ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ ।

-ପ୍ଲେଟ୍‌ରେ ପରଷିଲା ପରେ ସାଗୁ ଉପରେ ଲେମ୍ବୁ ରସ ଓ ଧନିଆପତ୍ର ପକାଇ ସଜାଇ ଦିଅନ୍ତୁ ।

ସାଗୁଦାନାର ଖିଚୁଡ଼ି ମହାରାଷ୍ଟ୍ର ଲୋକଙ୍କର ଏକ ପ୍ରିୟ ଖାଦ୍ୟ, ଯାହାକି ବ୍ରତ ଓ ଉପବାସରେ ସ୍ତ୍ରୀ ଲୋକମାନେ ଆଗ୍ରହର ସହ ରୋଷେଇ କରନ୍ତି, ଖାଆନ୍ତି ଓ ଖୁଆନ୍ତି ମଧ୍ୟ ।

## ପାଓଭାଜି

**ଆବଶ୍ୟକୀୟ ସାମଗ୍ରୀ:** ୨ଟା ବଡ଼ ଶିଝା ଆଳୁ, ଅଧା କପ୍ ଗ୍ରୀନ୍‌ମଟର, ଦୁଇଟି ବଡ଼ ଶିମିଳା ଲଙ୍କା(ଛୋଟ ଛୋଟ କରି କଟା ହୋଇଥିବା), ଅଧା ଫୁଲକୋବି, ଗୋଟେ ଗାଜର, ୨ଟା କଟା ହୋଇଥିବା ପିଆଜ, ଗୋଟେ ଚାମଚ ଅଦାରସୁଣ ପେଷ୍ଟ, ୨ଟା ଟମାଟୋ, ୧/୪ ଶୁଖିଲା ଲଙ୍କା ଗୁଣ୍ଡ, ହଳଦି ଓ ଲୁଣ ସ୍ୱାଦାନୁସାରେ, ଏକ ଚାମଚ ଧନିଆ, ଜିରା ପାଉଡ଼ର, ଏକ ଚାମଚ ପାଓଭାଜି ମସଲା, ଏକ ଚାମଚ ଲେମ୍ବୁରସ, ତେଲ, ବଟର, ଧନିଆପତ୍ର ଓ ପାଓ ବନ୍‌ସ୍ ।

**ବିଧି:** ଫୁଲକୋବି, ଗାଜରକୁ ପ୍ରେସର୍ କୁକୁର୍‌ରେ ସିଝାଇ, ସିଝା ଆଳୁ ସହ ଚକଟି ଦିଅନ୍ତୁ ।

- ଗ୍ୟାସ୍‌ରେ କରେଇ ବସାନ୍ତୁ । କରେଇ ଗରମ ହେଲା ପରେ ତେଲ ପକାନ୍ତୁ । ତେଲ ଗରମ ହେଲା ପରେ ଅଦାରସୁଣ ପେଷ୍ଟ ପକାନ୍ତୁ । ତାପରେ ପିଆଜ ପକାଇ କିଛି ସମୟ ଭାଜନ୍ତୁ । ପିଆଜର ରଙ୍ଗ ବଦଳିଲା ପରେ ସେଥିରେ ମଟର ଏବଂ କଟାଯାଇଥିବା ଶିମିଳା ଲଙ୍କା ପକାଇ ଭାଜନ୍ତୁ । ପ୍ରାୟ ୨ ମିନିଟ୍ ଧିମା ଆଞ୍ଚରେ ଭାଜିଲା ପରେ ବଟା ଯାଇଥିବା ୨ଟା ଟମାଟୋ, ଜିରା, ଧନିଆ ଓ ଲଙ୍କା ପାଉଡ଼ର, ପାଓଭାଜି ମସଲା ପକାନ୍ତୁ । ଏହି ମସଲା କଷି ହୋଇଗଲା ପରେ ଏଥିରେ ସିଝା ପରିବା ପକାଇବା ସହ ଦୁଇକପ୍ ପାଣି ପକାଇବ । ଏହି ମିଶ୍ରଣଟି ଫୁଟିଲା ପରେ ସେଥିରେ ଆଉ ଗୋଟେ ଚାମଚ ପାଓଭାଜି ମସଲା ପକାଇ ଗ୍ୟାସ୍ ପ୍ରାୟ ୨ମିନିଟ୍ ପରେ ବନ୍ଦ କରିଦିଅନ୍ତୁ ।

**ପାଓ:** ପାଓ ବନ୍‌ସ୍‌କୁ ମଝିରୁ ଦୁଇଫାଳ କରି ବଟରରେ ଭାଜିବାକୁ ହେବ । ପରଷିଲା ବେଳେ ଭାଜିରେ କିଛି ବଟର, ଧନିଆ ପତ୍ର ଓ ଲେମ୍ବୁରସ ପକାଇ ତା ଉପରେ କଟା ହୋଇଥିବା ପିଆଜରେ ସଜାଇବେ । ପ୍ଲେଟ୍‌ରେ ପାଓ ଓ ଗିନାରେ ଭାଜିକୁ ପରଷିବେ । ସ୍ୱାଦାନୁସାରେ ଫୁଲକୋବି ଓ ଗାଜର ସହ ଚାହିଁଲେ ବିନ୍‌ସ୍ ଓ ବିଟ୍ ରୁଟ୍ ମଧ୍ୟ ସିଝାଇ ପକେଇ ପାରିବେ, କିନ୍ତୁ ବିଟ୍ ଓ ଗାଜରର ଅତ୍ୟଧିକ ମାତ୍ରା ଭାଜିକୁ ମିଠା କରିପାରେ ।



୨-ଡ଼ି, ସନ୍‌ସିଟି ୭୦୪, ମୁମ୍ବାଇ - ୪୦୦୧୦୧,
ଫୋନ : ୯୮୬୭୧୧୩୧୧୩





# ଖାଦ୍ୟ ସତେଜ ରଖିବାର ସହଜ ଉପାୟ

**ଆପଣଙ୍କ ଘରେ ସବୁଦିନ କିଛି ନା କିଛି ଖାଦ୍ୟ ନଷ୍ଟ ହେଉଥିବ । ତାହା ହୁଏତ ବଳକା ହେଉଥିବ ବା ଅଧିକ ଦିନ ରହିପାରୁ ନଥିବ । ତେଣୁ ଖାଦ୍ୟକୁ ସତେଜ ରଖିବା ପାଇଁ ରହିଛି କିଛି ସହଜ ଉପାୟ ଯାହାଦ୍ୱାରା ନା ଖାଦ୍ୟ ନଷ୍ଟ ହେବ ନା ବଳକା ହେବ ।**

### ମାଛ
ଯେତେବେଳେ ଆପଣ ତରକାରୀ ପାଇଁ ଫ୍ରିଜ୍‌ରେ ମାଛ ରଖୁଛନ୍ତି, ସେତେବେଳେ ମାଛରେ କିଛି ଲୁଣ ଓ ହଳଦୀ ଗୋଳାଇ ଦିଅନ୍ତୁ । ଏହାଦ୍ୱାରା ମାଛର ସ୍ୱାଦ ସେମିତି ରହିବା ସହିତ ଅଧିକ ଦିନଯାଏଁ ତାଜା ରହିଥାଏ ।

### ଡାଲି
ଡାଲି ରଖୁଥିବା ଡବାରେ ୪-୫ଟି ଶୁଖିଲା ଲଙ୍କା ରଖିଲେ ଡାଲିରେ ପୋକ ଲାଗେ ନାହିଁ । ଡାଲି ରଖିବା ପାଇଁ ବାୟୁରୋଧୀ ଡବା ବ୍ୟବହାର କରନ୍ତୁ । ଯେକୌଣସି ଡାଲି ଚଣା ଡାଲି ବା କାବୁଲି ଚଣା ରାନ୍ଧିବା ପୂର୍ବରୁ ଅନ୍ତତଃ ୪ଘଣ୍ଟା ପୂର୍ବରୁ ପାଣିରେ ଭିଜାଇବା ଦରକାର । ଏହାଦ୍ୱାରା ଡାଲି ଅଧିକ ସୁସ୍ୱାଦୁ ଲାଗିଥାଏ । ଆପଣ ଚାହିଁଲେ ସେହି ଡାଲି ପାଣିକୁ ତରକାରୀରେ ପକେଇ ପାରିବେ ।

### ରସୁଣ
ରସୁଣକୁ ଅଧିକ ଦିନ ସତେଜ ରଖିବାକୁ ଚାହୁଁଛନ୍ତି କି ? ରସୁଣର ଚୋପା ଛଡ଼ାଇ ଗୋଟେ ବାୟୁରୋଧୀ ଡବାରେ ରଖି ଫ୍ରିଜରେ ରଖି ଦିଅନ୍ତୁ । ଏମିତି କରି ରଖିଲେ ରସୁଣ ଗୋଟିଏ ସପ୍ତାହରୁ ଅଧିକ ଦିନ ରହିଥାଏ ।

### ମସଲା
ଯେତେବେଳେ ଆପଣ ଘରେ ମସଲା ପ୍ରସ୍ତୁତ କରୁଛନ୍ତି ତା'ହେଲେ କିଛିଟା ଧ୍ୟାନ ଦିଅନ୍ତୁ । ଅଦା ରସୁଣ ମସଲା, ଲଙ୍କା ମସଲା ବା ଖାଲି ରସୁଣ ମସଲା ଗ୍ରାଇଡିଙ୍ଗ୍ କରୁଛନ୍ତି ସେତେବେଳେ କିଛି ଲୁଣ ଓ ଏକ ଚାମଚ ତେଲ ଦେଲେ ତାହା ଅଧିକ ଦିନ ଫ୍ରିଜରେ ରହିପାରିବ । ଏମିତିକି କଡ଼େଇରେ ମସଲା କଷିଲା ବେଳେ ଆପଣ ତେଲରେ ଟିକେ ଲୁଣ ପକେଇ ଦେଲେ ତାହା ଆଉ କଡ଼େଇରେ ଲାଗେ ନାହିଁ ।

### ରୁଟି
ରୁଟି ଓ ଚପାତି କରୁକରୁ ଆପଣଙ୍କ ଅଟା ବଳକା ହୋଇପଡ଼ିଛି କି ? ତାହେଲେ ସେହି ବଳକା ଅଟାକୁ ରଖିବା ପାଇଁ ଗୋଟେ ପାତ୍ରରେ ତେଲ ଲଗାଇ ଅଟାକୁ ରଖନ୍ତୁ । ଦେଖିବେ ତାହା ୪/୫ଦିନ ଯାଏ ରହିବ । ଯେତେବେଳେ ଆପଣ ରୁଟି, ପରଟା ବା ଚପାତି କରିବା ପାଇଁ ଅଟା ଦଳୁଛନ୍ତି ସେତେବେଳେ ଥଣ୍ଡା ପାଣି ପରିବର୍ତ୍ତେ ଅଳ୍ପ ଉଷୁମ ପାଣି ଦେଇ ଦଳିଲେ ରୁଟି ବହୁତ ନରମ ହୋଇଥାଏ । ଆପଣ ଚାହିଁଲେ ଛୋଟ ଛୋଟ ଖଣ୍ଡ ଘରେ ପ୍ରସ୍ତୁତ ହୋଇଥିବା ପନୀର ବି ପକାଇ ପାରିବେ । ଏହାଦ୍ୱାରା ଚପାତି, ରୁଟି ବା ପରଟାର ସ୍ୱାଦ ଦି'ଗୁଣ ବଢ଼ିଯାଏ ।

### ଚାଉଳ
ଚାଉଳରେ ଅଧିକାଂଶ ସମୟରେ ପୋକ ଲାଗିଯାଏ । ତେଣୁ ଚାଉଳକୁ ସେତେବେଳେ ସେହି ଡବାରେ ଶୁଖିଲା ନିମ୍ବ ପତ୍ର ରଖନ୍ତୁ । ଦେଖିବେ ଚାଉଳରେ ଆଉ ପୋକ ଲାଗିବ ନାହିଁ । ଶୁଖିଲା ନିମ୍ବପତ୍ର ହେଉଛି ପ୍ରାକୃତିକ କୀଟନାଶକ । ଯାହାଦ୍ୱାରା ଚାଉଳରୁ ପୋକ ଓ କୀଟ ଦୂର ହୋଇଥାଏ ।

### ପାମ୍ପଡ଼
ପାମ୍ପଡ଼କୁ ଅନିଷ୍ଟକାରୀ ପୋକରୁ ସୁରକ୍ଷା ରଖିବା ପାଇଁ ସେଥିରେ କିଛି ଲଙ୍କା ଗୁଣ୍ଡ ଛିଞ୍ଚି ଦେଇ ରଖନ୍ତୁ, ଦେଖିବେ ଆଉ ପୋକ ଲାଗିବ ନାହିଁ ।

### ତେନ୍ତୁଳି
ତେନ୍ତୁଳିକୁ ଅଧିକ ଦିନ ରଖିବାକୁ ଚାହୁଛନ୍ତି କି ? ତାହେଲେ ତେନ୍ତୁଳିରୁ ମଞ୍ଜି ବାହାର କରି ଖରାରେ ଶୁଖାଇ ଦିଅନ୍ତୁ । ତା'ପରେ ସେଥିରେ କିଛି ପରିମାଣରେ ଲୁଣ ମିଶାଇ ଗୋଟେ ମାଟି ପାତ୍ରରେ ରଖି ଦିଅନ୍ତୁ ।

### ପନୀର
ପନୀରକୁ ସତେଜ ରଖିବା ପାଇଁ ଗୋଟେ ପାତ୍ରରେ ପାଣି ନେଇ ସେଥିରେ ପନୀର୍ ରଖି ଫ୍ରିଜରେ ରଖନ୍ତୁ ଏବଂ ସେହି ପାଣିକୁ କିଛି ଦିନ ଅନ୍ତରରେ ପରିବର୍ତ୍ତନ କରନ୍ତୁ; ଦେଖିବେ ପନୀର୍ ଗୋଟେ ସପ୍ତାହରୁ ଅଧିକ ଦିନ ସତେଜ ରହିବ ।

### ଅଣ୍ଡା
ଅଣ୍ଡାକୁ କେବେବି ଫ୍ରିଜ୍‌ରେ କବାଟ ଥାକରେ ରଖିବେ ନାହିଁ । ବାରମ୍ବାର ଫ୍ରିଜ୍ ଖୋଲିବା ବନ୍ଦ କରିବା ଦ୍ୱାରା ଅଣ୍ଡା ଜଲଦି ନଷ୍ଟ ହୋଇଥାଏ । ଯଦି ଆପଣ ଅଣ୍ଡାକୁ ଗୋଟେ ଅଲଗା ପାତ୍ରରେ ଫ୍ରିଜ୍ ଥାକରେ ରଖିବେ ତା'ହେଲେ ଅଣ୍ଡା ଅଧିକ ଦିନ ରହିବ ।

### ସୁଜି
ସୁଜିକୁ ସାମାନ୍ୟ ଆଞ୍ଚରେ ଭାଜି ଥଣ୍ଡା କରି ଗୋଟେ ବାୟୁରୋଧୀ ପାତ୍ରରେ ରଖିଲେ ତାହା ଅଧିକ ଦିନ ରହିବ । ନହେଲେ ଆପଣ ଏକ ଜିପ୍‌ଲକ୍ ବ୍ୟାଗରେ ରଖି ଫ୍ରିଜରେ ମଧ୍ୟ ରଖିପାରିବେ ।

### ପିଆଜ ଓ ଆଳୁ
ପିଆଜ ଓ ଆଳୁକୁ ଅଧିକ ଦିନ ସତେଜ ରଖିବା ପାଇଁ ସେଗୁଡ଼ିକୁ ଅଲଗା ଅଲଗା ହିଁ ରଖନ୍ତୁ । ଆଳୁ ଓ ପିଆଜକୁ ଏକାଠି ରଖିଲେ ତାହା ଜଲଦି ଖରାପ ହବାର ସମ୍ଭାବନା ଥାଏ । ଏହାକୁ ଥଣ୍ଡା ଓ ପରିଷ୍କାର ଜାଗାରେ ରଖନ୍ତୁ ଏବଂ ସୂର୍ଯ୍ୟ କିରଣ ଠାରୁ ଦୂରେଇ ରଖନ୍ତୁ । ଏମିତି କରିବା ଦ୍ୱାରା ଆଳୁ ଓ ପିଆଜ ଅଧିକ ଦିନ ଯାଏ ସତେଜ ରହିଥାଏ ।

### କଞ୍ଚାଲଙ୍କା
କଞ୍ଚାଲଙ୍କାକୁ ସତେଜ ରଖିବା ପାଇଁ ତାହାର ଡେମ୍ଫକୁ ଛିଡ଼ାଇ ଗୋଟେ ପେପର୍ ବ୍ୟାଗ୍‌ରେ ରଖି ଫ୍ରିଜରେ ରଖନ୍ତୁ । ତାହା ଅଧିକ ଦିନ ଯାଏ ରହିଥାଏ ।

• ପ୍ରତ୍ୟାଶା ପ୍ରିୟମ୍ବଦା



# ସୁନାପୁଅ ସବ୍ୟସାଚୀ



# ମୋ ଅଭିନୟରେ ଏଯାଏଁ ମୁଁ ଆତ୍ମସନ୍ତୋଷ ପାଇନାହିଁ

# ସବ୍ୟସାଚୀ






ସାକ୍ଷାତ୍‌କାର :

**କୃଷ୍ଣ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ସୁଷମା ମିଶ୍ର ଓ ଗୁଗୁଲ୍






ଓଡ଼ିଆ ସିନେମାର ସୁନାପୁଅ ସେ । ସୁଷମା-ନନ୍ଦନ । ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁରେନ୍ଦ୍ର ପ୍ରସାଦ ମିଶ୍ର ଓ ସୁଲେଖିକା ଡକ୍ଟର ସୁଷମା ମିଶ୍ରଙ୍କର ସୁପୁତ୍ର ସେ । ମୁହଁରେ ମୁଠାଏ ମିଠା ହସ ହିଁ ତାଙ୍କ ହଲ୍‌ମାର୍କ । ହୃଦୟ ସଫା । ମନ ବି । କେବେ ସେ ପାଗଳ ପ୍ରେମୀ ତ ଆଉ କେବେ ଜୀବନ ସଂଗ୍ରାମୀ । କାମ ଓ କାମରେ ମନ । ସେ ହେଲେ ସବ୍ୟସାଚୀ । ଆମ ହୀରୋ ସବ୍ୟସାଚୀ ମିଶ୍ର । ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପ୍ରତିଦ୍ୱନ୍ଦ୍ୱୀ ନାୟକ । ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍‌ରେ ବି.ଟେକ୍. କରିଥିବା ସବ୍ୟସାଚୀ ଭଲ ଅଭିନେତାଟେ ହୋଇପାରିବେ, ଏ କଥା ହର ପଟ୍ଟନାୟକ ଜାଣି ପାରିଥିଲେ । ତେଣୁ ୨୦୦୭ରେ ତାଙ୍କର 'ପାଗଳ ପ୍ରେମୀ' ଫିଲ୍ମ ମାଧ୍ୟମରେ ସେ ତାଙ୍କୁ ବ୍ରେକ୍ ଦେଲେ । ତାପରେ ଆଉ ପଛକୁ ଫେରି ଚାହିଁବାର ଅବକାଶ ଆସିନି ତାଙ୍କର । ଚଳଚ୍ଚିତ୍ରରେ ପ୍ରବେଶ ପୂର୍ବରୁ ସେ ମଞ୍ଚ କଳାକାର ଭାବରେ ଓ ଆଲ୍‌ବମ୍ ଗାୟକ ଭାବେ ପରିଚୟ ତିଆରି କରି ପାରିଥିଲେ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚଳଚ୍ଚିତ୍ରରେ ସବ୍ୟସାଚୀ କେବଳ ଯେ ହୀରୋ ହୋଇଛନ୍ତି, ତାହା ନୁହେଁ, ବିଭିନ୍ନ ଚ୍ୟାଲେଞ୍ଜିଂ ଚରିତ୍ରରେ ନିଜର ଦକ୍ଷତା ଦେଖାଇ ଦର୍ଶକଙ୍କ ପ୍ରିୟ ହୋଇଛନ୍ତି । 'ମୁଁ ସପନର ସୌଦାଗର'ରେ ଆଣ୍ଟି-ହୀରୋ ହୋଇଥିବା ବେଳେ 'କେଉଁ ଦୁନିଆରୁ ଆସିଲ ବନ୍ଧୁ'ରେ ସେ ଜଣେ ଦିବ୍ୟାଙ୍ଗ ଭାବେ ସୁନ୍ଦର ଅଭିନୟ କରିଥିଲେ । ତାଙ୍କ ଅଭିନୀତ 'ପିଲାଟା ବିଗିଡ଼ିଗଲା' ଚଳଚ୍ଚିତ୍ର ବ୍ଲକ୍‌ବଷ୍ଟର୍ ହୋଇପାରିଥିଲା । ସବ୍ୟସାଚୀ ମଧ୍ୟ ତେଲୁଗୁ ଏବଂ ବଙ୍ଗଳା ଭାଷାର ଚଳଚ୍ଚିତ କରିଛନ୍ତି । ବାପା, ମାଆ ଓ ଏକମାତ୍ର ଭାଇ ଟେଲିକମ୍ ଇଞ୍ଜିନିୟର୍ ସୌମ୍ୟକାନ୍ତଙ୍କୁ ନେଇ ହସଖୁସିର ପରିବାର ତାଙ୍କର । ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଅନେକ ସଫଳ ଚଳଚ୍ଚିତ୍ର ଭେଟି ଦେଇଥିବା କର୍ମନିଷ୍ଠ ଏହି ଅଭିନେତା ଜଣକ ଅଭିନୟ କରିବାର କଳା ଓ କୌଶଳରେ ବେଶ୍ ମାହିର୍ । ତାଙ୍କର ଓ ଅର୍ଚ୍ଚିତାଙ୍କ ଯୋଡ଼ି ଫିଲ୍ମ ଇଣ୍ଡଷ୍ଟ୍ରିର ସଫଳ ଯୋଡ଼ି । ଅପ୍‌କମିଂ ଫିଲ୍ମ 'ମାଲ୍ ମହୁ ଜୀବନ ମାଟି' ପାଇଁ ପ୍ରଚୁର ବ୍ୟସ୍ତ ଥିବା ସବ୍ୟସାଚୀ 'ରେବତୀ' ପାଇଁ କିନ୍ତୁ ଖୋଲି ଦେଇଛନ୍ତି ତାଙ୍କ ସମୟର ଝର୍କା-କବାଟ ।

**● ଆଜିର ସମୟରେ ମନୋରଂଜନର ଅନେକ ମାଧ୍ୟମ ଆବିଷ୍କୃତ ହେବା ପରେ, ଫିଲ୍ମହଲ୍‌ରେ ଦୁଇ ତିନି ଘଣ୍ଟା ବସି ଓଡ଼ିଆ ଚଳଚ୍ଚିତ୍ରକୁ ଉପଭୋଗ କରିବା ଭଳି ମାନସିକତା ଲୋକଙ୍କ ଭିତରେ ସେମିତି ଅଛି ନା ହ୍ରାସ ପାଇଛି ? ଆପଣଙ୍କର ଦୀର୍ଘ ଫିଲ୍ମ କ୍ୟାରିୟର୍‌ରେ ଆପଣ କ'ଣ ଲକ୍ଷ୍ୟ କରନ୍ତି ?**

▶ ଫିଲ୍ମ ଲାଇନ୍‌ରେ ଦୁଇ ତିନିଘଣ୍ଟା ବସି ଓଡ଼ିଆ ଚଳଚ୍ଚିତ୍ରକୁ ଉପଭୋଗ କରିବାର ମାନସିକତା ଆଗ ଅପେକ୍ଷା ହ୍ରାସ ପାଇଛି । ଏହାର କାରଣ ଅନେକ । ଆଜି ଲୋକେ ଅଣନିଃଶ୍ୱାସୀ ଦୌଡ଼ରେ ଜୀବନ ଜିଉଁଛନ୍ତି । ଅର୍ଥ ଓ ସ୍ୱାର୍ଥରେ ଯେଉଁମାନେ ବଳି ପଡ଼ିଛନ୍ତି ସେମାନେ ମନୋରଞ୍ଜନର କୌଣସି ସାଧନକୁ ଆଡ଼ ଆଖିରେ ଚାହାନ୍ତି ନାହିଁ । କଳାବିମୁଖ ତଥା ଭାଷାସଂସ୍କୃତି ପ୍ରତି ଅନ୍ଧ ସାଜିଥିବା ବ୍ୟକ୍ତିବୃନ୍ଦଙ୍କର ଓଡ଼ିଆ ଚଳଚ୍ଚିତ୍ର ସହିତ ସମ୍ପର୍କ ନାହିଁ । ଯେଉଁମାନେ କଳାର ଆଦର କରନ୍ତି, ଯେଉଁମାନଙ୍କର ଶୟନେ ସପନେ ଜାଗରଣେ ଅଭିନୟ ଏକ ଅଲଂଘ୍ୟ ନିଶା, ସେମାନେ ଆଜି ବି ଆଗ ପରି ହଲ୍‌ରେ ସିନେମା ଦେଖନ୍ତି ।

**● ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଦର୍ଶକଙ୍କ ଆଗ୍ରହ କମିଯିବା କଥାଟି କେତେଦୂର ଯୁକ୍ତିସମ୍ମତ ? ଆପଣ ଅଭିନେତା ଭାବରେ ଦର୍ଶକଙ୍କ ଆଗ୍ରହ କମିଯିବାର କାରଣ କ'ଣ ବୋଲି କହିବେ ଏବଂ ଆଗ୍ରହ ବୃଦ୍ଧି ଦିଗରେ କ'ଣ କରାଯିବା ଉଚିତ୍ ବୋଲି ପରାମର୍ଶ ଦେବେ ?**

▶ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଦର୍ଶକଙ୍କ ଆଗ୍ରହ କିପରି ବୃଦ୍ଧି ପାଇବ ଏହା ଚଳଚ୍ଚିତ୍ର ଶିଳ୍ପର ଭିତ୍ତି ସ୍ୱରୂପ । ଭରପୂର ମନୋରଞ୍ଜନ, ଗଠନାତ୍ମକ ଚିନ୍ତନ, ଶାଳୀନ ଅଭିବ୍ୟକ୍ତି, ସର୍ବୋପରି ନିଜ ମାଟିର ବାସ୍ନା ଚଳଚ୍ଚିତ୍ରକୁ ସର୍ବଗ୍ରାହ୍ୟ କରିପାରିବ । ପ୍ରେକ୍ଷାଳୟର ଅଭାବ ଚଳଚ୍ଚିତ୍ର ଶିଳ୍ପର ଘୋର ସଙ୍କଟ । ଏହା ହିଁ ଦର୍ଶକମାନଙ୍କ ଆଗ୍ରହ ଅଭିବୃଦ୍ଧିରେ ଅନ୍ତରାୟ ।

**● ଆପଣ ୨୦୦୭ରେ ଫିଲ୍ମ 'ପାଗଳ ପ୍ରେମୀ' ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କଲେ ଓ ଦର୍ଶକଙ୍କ ମନ ଜିତିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଆପଣ ଅଭିନୟ କରିଥିବା ଚଳଚ୍ଚିତ୍ରମାନଙ୍କ ମଧ୍ୟରୁ କେଉଁଟି ଆପଣଙ୍କୁ ଆତ୍ମସନ୍ତୋଷ ଦେଇଛି ଓ କାହିଁକି ?**

▶ 'ପାଗଳପ୍ରେମୀ'ରୁ ଏଯାବତ୍ ଯେତେ ଚଳଚ୍ଚିତ୍ରରେ ମୁଁ ମୋର ଭୂମିକା ନିର୍ବାହ



କରିଛି କେମିତି ନିଖୁଣ ଅଭିନୟ କରି ପାରିବି ସେଇ ପ୍ରୟାସ ଜାରି ରଖିଛି । ପରିପୂର୍ଣ୍ଣ ଆତ୍ମସନ୍ତୋଷ କେଉଁଥିରେ ବି ପାଇନି । ସବୁବେଳେ ମତେ ଲାଗେ ମୁଁ ଯାଠୁ ଅଧିକ କିଛି କରିପାରିବି ।

**● ଏ ଚଳଚ୍ଚିତ୍ର ପାଇଁ ଆପଣଙ୍କୁ ହର ପଟ୍ଟନାୟକ ବାଛିଥିଲେ । କେମିତି ଥିଲା ସେଦିନର କଥା । ପାଠକ ଓ ଦର୍ଶକ ମାନଙ୍କ ସହିତ ଶେୟାର୍ କରିବେ ? ହର ପଟ୍ଟନାୟକ କାହିଁକି ବାଛିଲେ, କେମିତି ଜାଣିଲେ ଆପଣଙ୍କୁ ଏସବୁ କୁହନ୍ତୁ ଟିକିଏ ।**

▶ ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠାପର ଉଦ୍ୟମ, ନିରନ୍ତର ସ୍ୱପ୍ନ ସହ ଭଗବତ୍ କୃପା ଥିଲେ ଆକାଂକ୍ଷିତ ପଥ ଉନ୍ମୋଚିତ ହୋଇଯାଏ ନିଶ୍ଚୟ । କଟକର ପୋଲିସ୍ ହାଇସ୍କୁଲ୍‌ର ମଞ୍ଚରେ ନୃତ୍ୟ ପ୍ରଦର୍ଶନରେ ମଗ୍ନ ଥିଲାବେଳେ ମତେ ଜଣା ନଥିଲା ଯେ ଓଡ଼ିଶାର ପ୍ରଖ୍ୟାତ କଳାକାର ଶ୍ରୀଯୁକ୍ତ ହରପଟ୍ଟନାୟକ ଦର୍ଶକ ଭୂମିକାରେ ରହି ନାୟକ ନିର୍ବାଚନ ପାଇଁ ମୋରି ପରୀକ୍ଷା ନେଇଛନ୍ତି ।

ମୋ ପ୍ରୋଗ୍ରାମ୍ ସରିବା ପରେ ହର ଭାଇ ଆସି ମତେ କୁଣ୍ଢାଇ ପକାଇଲେ । ମତେ ଚମ୍‌କାଇ ଦେଇ ପଚାରିଲେ, "ସିନେମାରେ ଅଭିନୟ କରିବ ?" ଭଗବାନଙ୍କର ବରଦାନ ପରି ଲାଗିଥିଲା ସେହି ମୁହୂର୍ତ୍ତ । ଅଭୁଲା ।

**● ଆଜି ଜଣେ ସଫଳ ଅଭିନେତା ଏବଂ ଓଡ଼ିଆ ଚଳଚ୍ଚିତ୍ରର ଆଦରଣୀୟ ହୀରୋ ଭାବରେ ନିଜକୁ ପ୍ରତିଷ୍ଠିତ କରିବା ପରେ, ହର ପଟ୍ଟନାୟକଙ୍କୁ**



## ସବ୍ୟସାଚୀ : ଜଣା ଅଜଣା



| | |
|---|---|
| ଜନ୍ମସ୍ଥାନ | : ଭଞ୍ଜନଗର |
| ଜନ୍ମ ତାରିଖ: | ଅକ୍ଟୋବର ୬ |
| ପ୍ରିୟ ଖାଦ୍ୟ | : ଆଈ ହାତ ତିଆରି ଚୁଡ଼ାଘଷା ଓ ବୋଉ ହାତରନ୍ଧା ଚିକେନ ବିରିୟାନୀ |
| ଆଦର୍ଶ ମଣିଷ | : ଅଜା, ହର ପଟ୍ଟନାୟକ |
| ପ୍ରିୟ ହବି | : ପଢ଼ିବା, ଗୀତ ଗାଇବା |
| ପ୍ରିୟ ରଙ୍ଗ | : ଆକାଶୀ , ଗୋଲାପୀ |
| ପ୍ରିୟ ପୁସ୍ତକ | : ବିଶ୍ୱସାହିତ୍ୟ ଗ୍ରନ୍ଥମାଳା |
| ପ୍ରିୟ ଦେବତା | : ଶ୍ରୀଜଗନ୍ନାଥ |
| ପ୍ରିୟ ଶବ୍ଦ | : ବୋଉ |
| ପ୍ରିୟ ଦିବସ | : କୁମାର ପୂର୍ଣ୍ଣମୀ |
| କେତେବେଳେ କାନ୍ଦ ଆସେ | : ଦୋଷ ନଥାଇ କେହି ଭୁଲ୍ ବୁଝିଲେ |
| ସ୍ମରଣୀୟ ମୁହୂର୍ତ୍ତ | : 'ପାଗଳପ୍ରେମୀ' ଚଳଚ୍ଚିତ୍ରର ମହୁରତ୍ |

**କିପରି ଓ କେଉଁ ଶବ୍ଦରେ କୃତଜ୍ଞତା ଜଣାଇବେ ? ଆପଣଙ୍କ ପଛରେ ଥିବା ଏ ମହାନ୍ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ନେଇ ଏକ ଅଭୁଲା ସ୍ମୃତି କହିପାରନ୍ତି ।**

▶ ମୋ ଅଭିନୟ ଜୀବନରେ ଦିଗ୍‌ଦର୍ଶକ ହରଭାଇଙ୍କୁ କୃତଜ୍ଞତା ଜଣାଇବା ପାଇଁ ମୋ ପାଖରେ ଶବ୍ଦ ନାହିଁ । ପ୍ରଥମ ଦେଖାରେ ମୋ କୃତଜ୍ଞତା ଥିଲା ଆନନ୍ଦର ଦୁଇଟୋପା ଲୁହ । ଆଉ ଭାଇଙ୍କ ଅବର୍ତ୍ତମାନରେ ତାଙ୍କୁ ଭାବିଦେଲେ ମୋ ଆଖିରୁ ଅନ୍ତର ଯାଏଁ ଲୋତକରେ ଆପ୍ଲୁତ ହୁଏ । ହର ଭାଇ ମୋ ପାଇଁ ସ୍ମୃତିର ଗନ୍ତାଘର । ମନେପଡୁଚି, ମୁଁ ଯେତେବେଳେ ପ୍ରଥମ କ୍ୟାମେରାକୁ ସାମ୍ନା କଲି ମନେମନେ ଡରୁଥିଲି, ଥରୁଥିଲି । ହରଭାଇ ଅନ୍ତର୍ଯ୍ୟାମୀ ଯେପରି । ସେ ଜାଣି ପାରିଲେ । ମୋ ପାଖକୁ ଆସି ମୋ ହାତ ଦୁଇଟିକୁ ତାଙ୍କ ଦୁଇ ହାତରେ ଜାବୁଡ଼ି ଧରିଲେ । ତାଙ୍କର ସେହି ନୀରବତା ମତେ ଦେଇଥିଲା ଅୟମାରମ୍ଭର ଦମ୍ଭ । ତାଙ୍କର ସେହି ସ୍ପର୍ଶ ମୋ ପାଇଁ ଥିଲା ଦିବ୍ୟ ସ୍ପର୍ଶ ।

**● ଆପଣ ସ୍ୱଭାବତଃ ଲାଜକୁଳା, ମିତଭାଷୀ । ଏହା ଲକ୍ଷ୍ୟ କରି ବା ଆପଣଙ୍କ Characteristicକୁ ମାନ୍ୟତା ଦେଇ ନିର୍ମାତା ବା ନିର୍ଦ୍ଦେଶକ ଭୂମିକା ଦିଅନ୍ତି ନା ସବୁ ଭୂମିକାରେ ଆପଣ ନିଜକୁ ଫିଟ୍ କରେଇ ନିଅନ୍ତି ?**

▶ ନା, ମୋ ସ୍ୱଭାବକୁ ଆଖିରେ ରଖି ମତେ ଚରିତ୍ର ଦିଅନ୍ତି ନାହିଁ ନିର୍ଦ୍ଦେଶକ । ମତେ ଯେଉଁ ଭୂମିକା ଦିଆଯାଏ ମୁଁ ସେହି ଭୂମିକା ନେଇ ଭିନ୍ନ ଚରିତ୍ରଟି ସହିତ ଅଭିନ୍ନ ହେବାରେ ନିଜକୁ ଅତିକ୍ରମ କରିଯାଏ ।

**● ଆପଣଙ୍କର ଏକ ଅସଫଳ ଚଳଚ୍ଚିତ୍ରର ନାମ କୁହନ୍ତୁ, ଯାହାକୁ ନେଇ ଆପଣଙ୍କର ଉଚ୍ଚାଶା ଥିଲା, ଅଥଚ ଦର୍ଶକ ସମର୍ଥନ ମିଳିଲା ନାହିଁ । ଏହାର କାରଣ କ'ଣ ?**

▶ କିଛି ଚଳଚ୍ଚିତ୍ର ହୁଏତ ବ୍ୟବସାୟିକ ସଫଳତା ପାଇନି । କିନ୍ତୁ ମୋର ସୌଭାଗ୍ୟ, ଦର୍ଶକ ସମର୍ଥକ ମୋ ଉପରେ ସଦାସର୍ବଦା ଈଶ୍ୱରଙ୍କ ଆଶିଷ ପରି ବର୍ଷିଯାଏ ।

**● ଆପଣ ପ୍ରାୟତଃ ବିଭିନ୍ନ ନାୟିକାଙ୍କ ସହିତ ଅଭିନୟ କରିଥିଲେ ମଧ୍ୟ ଅର୍ଚ୍ଚିତାଙ୍କ ସହିତ ଆପଣଙ୍କ ଯୋଡ଼ିକୁ ଓଡ଼ିଆ ଦର୍ଶକ ଗ୍ରହଣ କରିଛନ୍ତି ବେଶୀ । ଆପଣ ଜଣେ ସହ-କଳାକାର ଭାବେ ଅର୍ଚ୍ଚିତାଙ୍କୁ କେତେ ନମ୍ବର ଦେବେ ? ଆପଣଙ୍କୁ ତାଙ୍କ ସହ ଅଭିନୟ କରିବାକୁ କମ୍ଫୋର୍ଟ ଲାଗେ କାହିଁକି ?**

▶ ସହକଳାକାର ଭାବରେ ଅଭିନୟ, ଅର୍ଚ୍ଚିତାଙ୍କର ଦର୍ଶକମାନେ ଖୁବ୍ ସମର୍ଥନ କରନ୍ତି । ପୁଣି ଅର୍ଚ୍ଚିତାଙ୍କର ଅଭିନୟ ସାମର୍ଥ୍ୟ ରହିଛି । ହୁଏତ ଏଇଥିପାଇଁ, ତାଙ୍କ ସହିତ ଅଭିନୟ କରିବାରେ କଳାନୈପୁଣ୍ୟର ପ୍ରଦର୍ଶନ, ଅଭିନୀତ ଚଳଚ୍ଚିତ୍ରକୁ ଦର୍ଶକମାନଙ୍କର ପସନ୍ଦଯୋଗ୍ୟ କରୁଛି । ଜଣେ କଳାକାର ଭାବରେ ଯେକୌଣସି ନାୟିକାଙ୍କ ସହିତ ଅଭିନୟ କରିବାରେ ମତେ ନିହାତି କମ୍ଫୋର୍ଟ ଲାଗେ ।

**● 'ମୁଁ ଏକା ତୁମର' ଚଳଚ୍ଚିତ୍ରରେ ଆପଣ ଜଣେ ମୂକ ବାଳକର**

▼ ସବ୍ୟସାଚୀଙ୍କ ପରିବାର : ବାପା, ମାଆ ଓ ସାନ ଭାଇ ସହ ସେ ନିଜେ



## ପୁରସ୍କାର

| | | |
|---|---|---|
| ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର | ୨୦୦୭ | ପାଗଳ ପ୍ରେମୀ |
| ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର | ୨୦୧୨ | ଏମିତି ବି ପ୍ରେମ ହୁଏ |
| ଫିଲ୍ମଫେୟାର୍ ଆୱାର୍ଡ଼ ଇଷ୍ଟ୍ | ୨୦୧୩ | ମୁଁ ଏକା ତୁମର |
| ଓଡ଼ିଆ ଫିଲ୍ମଫେୟାର୍ ଆୱାର୍ଡ଼ | ୨୦୧୪ | ସ୍ମାଇଲ୍ ପ୍ଲିଜ୍ |
| ତରଙ୍ଗ ସିନେ ଆୱାର୍ଡ଼ | ୨୦୧୬ | ପିଲାଟା ବିଗିଡ଼ି ଗଲା |
| ଚଳଚ୍ଚିତ୍ର ଜଗତ ଓ ବାଣୀଚିତ୍ର ପୁରସ୍କାର | | ୨୦୧୭/୨୦୧୮ |

| ବର୍ଷ | ଅଭିନୀତ ଚଳଚ୍ଚିତ୍ର |
|---|---|
| ୨୦୦୭ | :ପାଗଳ ପ୍ରେମୀ |
| ୨୦୦୮ | :ବନ୍ଦେ ଉତ୍କଳ ଜନନୀ, ତୋ ବିନା ଭଲ ଲାଗେନା, ମୁଁ ସପନର ସୌଦାଗର, ମୋତେ ଆଣିଦେଲ ଲକ୍ଷେ ଫଗୁଣ |
| ୨୦୦୯ | :ଧୀରେ ଧୀରେ ପ୍ରେମ ହେଲା, କୋଉ ଦୁନିଆରୁ ଆସିଲ ବନ୍ଧୁ, ତୁ ମୋରି ପାଇଁ, ଡ୍ରିମ୍ ଗାର୍ଲ, ଲଭ୍ ଡଟ୍ କମ୍, ପ୍ରେମରୋଗୀ(ଅତିଥି କଳାକାର), ପାଗଳ କରିଛି ପାଉଁଜି ତୋର |
| ୨୦୧୦ | :ଆଖି ପଲକରେ ତୁ, ଦିଲ୍ ତତେ ଦେଇଛି, ଶ୍ୱଶୁର ଘର ଜିନ୍ଦାବାଦ ମେଘ ସବାରିରେ ଆସିବ ଫେରି, ତୋର ମୋର ଯୋଡ଼ି ସୁନ୍ଦର |
| ୨୦୧୧ | :ଚିଠିରେ ଲେଖିଛି ତୋର ନାଁ, ଚାନ୍ଦିନୀ ଆଇ ମିସ୍ ୟୁ |
| ୨୦୧୨ | :ଓମ୍ ସାଇରାମ୍, କେବେ ତୁମେ ନାହଁ କେବେ ମୁଁ ନାହିଁ ଏମିତି ବି ପ୍ରେମ ହୁଏ, କେମିତି ଏ ବନ୍ଧନ |
| ୨୦୧୩ | :ମୁଁ ଏକା ତୁମର |
| ୨୦୧୪ | :ସ୍ମାଇଲ୍ ପ୍ଲିଜ୍ |
| ୨୦୧୫ | :ପିଲାଟା ବିଗିଡ଼ିଗଲା |
| ୨୦୧୬ | :ହେଲା ମୋତେ ପ୍ରେମ ଜ୍ୱର, ବାଏ ବାଏ ଦୁବାଇ ଛାତି ତଳେ ଡିଙ୍ଗ୍ ଡଙ୍ଗ୍ |
| ୨୦୧୭ | :ନିରାଜନାମ୍(ତେଲୁଗୁ), ସିତାରାମୁଲା କଲ୍ୟାନମ୍ ଚୁଥାମୁ ରାରାଣ୍ଡି(ତେଲୁଗୁ), ସୀତାରାମଙ୍କ ବାହାଘର କଳିଯୁଗରେ |
| ୨୦୧୮ | :ଫୋର୍ ଇଡିଏଟ୍‌ସ୍, ଟୋକାଟା ଫସିଗଲା (ଓଡ଼ିଆ ଏବଂ ବଙ୍ଗଳା ଦ୍ୱିଭାଷୀ) |
| ୨୦୧୯ | :ମାଲ୍ ମହୁ ଜୀବନ ମାଟି |






**ଚରିତ୍ରରେ ଅଭିନୟ କରିଥିଲେ । କାହିଁକି ଏପରି ଏକ କଷ୍ଟକର ଓ ଚ୍ୟାଲେଞ୍ଜିଂ ରୋଲ୍‌ରେ ଅଭିନୟ କରିବାକୁ ଚାହିଁଲେ ?**

▶ ମୂକ ଚରିତ୍ରର ଅଭିନୟକୁ ଫୁଟେଇବାରେ ମତେ ଅଧିକ କଷ୍ଟସ୍ୱୀକାର କରିବାକୁ ହୋଇଥିଲେ ମଧ୍ୟ ଦର୍ଶକ ସ୍ୱୀକୃତି ସାମ୍ନାରେ ସେହି କଷ୍ଟ ହୋଇଯାଇଛି ଅବର୍ଣ୍ଣନୀୟ ଆନନ୍ଦ । ଜଣେ କଳାକାର ଭାବରେ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରିବା ପାଇଁ ମୁଁ ସବୁବେଳେ ଅପେକ୍ଷାରେ ଥାଏ ।

● **ଅନେକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଭେଟି ଦେଇଥିବା ସବ୍ୟସାଚୀ ଫିଲ୍ମ ହିରୋର ଖୋଳପାରୁ ବାହାରି ଆସିଲେ, ଜଣେ ସୁନାପୁଅ, ତାଙ୍କ ଲେଖିକା ମାଆ ସୁଷମା ମିଶ୍ରଙ୍କ ପାଖରେ- ଏହା ଆମେ ଜାଣୁ । ଜୀବନରେ ମାଆଙ୍କୁ ଓ ମାଆର ଭୂମିକାକୁ କେମିତି ଅନୁଭବିଛନ୍ତି ?**

▶ମାଆ ହେଉଛି ମୋର ଜୀବନ । ମୋ ବୋଉର ଗେହ୍ଲାରେ ଆରମ୍ଭ ହୁଏ ମୋ ସକାଳ । ମୁଁ ନକହିଲେ ବି ଯିଏ ଜାଣିପାରେ ମୋର ସବୁ କଥା, ସେ ମୋ ମାଆ । ଯାହାର ଆଉଁଷାରେ ଦୂର ହୋଇଯାଏ ମୋର ଯେତେ ଅସୁବିଧା ସିଏ ମୋର ମାଆ । ମୁଁ 'ଭଲ ମଣିଷଟେ' ହେବା ପାଇଁ ଏବେ ବି ବୋଉ ମୋ ପଛରେ ପଡ଼ିଛି । ମା'କୁ କ'ଣ ବର୍ଣ୍ଣିହୁଏ ଶବ୍ଦରେ ! ସେ ତ ଅନୁଭବର ନିତ୍ୟ ପ୍ରବାହ ଅହରହ ମୋ ଭିତରେ ।



ସୃଜନର ଶିଖର ପୁରୁଷ
ଔପନ୍ୟାସିକ ଓ ଗାଳ୍ପିକ
ବିଭୂତି ପଟ୍ଟନାୟକ
ଛୋଟବର୍ତ୍ତୀ ପାଇଁ
ସ୍ୱତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : ରଂଜନ ଭଟ୍ଟ

ଶୁଭେଚ୍ଛା ସହ...

# ସାହିତ୍ୟିକ ପୁରସ୍କାର ଓ ବିଚାରକ ଚୟନ

ସାହିତ୍ୟ ସାଧନାରେ ସିଦ୍ଧିଲାଭ କରି ସମ୍ମାନିତ ହେବାର ପରମ୍ପରା ପ୍ରାଚୀନ । ପ୍ରତ୍ୟେକ ସର୍ଜନଶୀଳ ବ୍ୟକ୍ତି ତା'ର ଲେଖା ମାଧ୍ୟମରେ ପ୍ରସିଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ସମ୍ମାନ ଗ୍ରହଣ କରିବା ପାଇଁ ନିଜକୁ ଯୋଗ୍ୟତମ କରି ତୋଳିଥାଏ । କୁହାଯାଏ, ସମ୍ମାନିତ କରିବା ଅବା ପୁରସ୍କୃତ କରିବା କାର୍ଯ୍ୟଟି ସାହିତ୍ୟର ସାଧକଙ୍କୁ କେବଳ ପ୍ରୋତ୍ସାହିତ କରେନାହିଁ, ଅଧିକନ୍ତୁ ଆହୁରି ଭଲ ଲେଖିବା ପାଇଁ ଅନୁପ୍ରେରିତ କରିଥାଏ । ସୁତରାଂ ସାହିତ୍ୟରେ ପୁରସ୍କାର ପ୍ରଦାନ ପ୍ରକ୍ରିୟାଟି ଏକ ସାଧୁ ଉଦ୍ୟମ ବୋଲି ବିବେଚନା କରାଯାଇଥାଏ । ସେଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଲେଖକୀୟ ପୁରସ୍କାରର ବ୍ୟବସ୍ଥା ଅଛି ।

ପୁରସ୍କାର ପ୍ରଚଳନ ସାହିତ୍ୟ-ସମାଜକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ହୋଇଥିଲେ ମଧ୍ୟ ଅଧୁନା ପୁରସ୍କାର ସହ ଯୋଡ଼ି ହୋଇଯାଇଛି ବିବାଦ । ପୁରସ୍କାର ପାଇବା ପରର ପୀଡ଼ା ଅନେକ ସମୟର ଲେଖକଟିକୁ ସୃଜନ-ମନସ୍କ କରିବା ବଦଳରେ ତାକୁ ସୃଜନ-ବନ୍ଧ୍ୟା କରିଦେଉଛି । ତେଣୁ ପୁରସ୍କାର ସହିତ ଯେଉଁ ମହତ ଲକ୍ଷ୍ୟଟି ନିହିତ ଥିଲା ତାହା ଏବେ ଦୂଷିତ ହୋଇଯାଇଛି କହିଲେ ଭୁଲ୍ ହେବ ନାହିଁ ।

ସାହିତ୍ୟ କ୍ଷେତ୍ରରେ ପ୍ରଦତ୍ତ ପୁରସ୍କାର ଗୁଡ଼ିକ ଏବେ ବିବାଦମୁକ୍ତ ହୋଇନଥିବା ସ୍ଥଳେ ପୁରସ୍କାର ପ୍ରଦାନ ଓ ପ୍ରତ୍ୟେହ ନୂଆ ନୂଆ ପୁରସ୍କାର ପ୍ରବର୍ତ୍ତନର ମାତ୍ରା କିନ୍ତୁ କମୁ ନାହିଁ । ଏ ଅସଂଖ୍ୟ ପୁରସ୍କାର ସବୁ ନେଉଛନ୍ତି କେଉଁମାନେ ?

ସାଧାରଣତଃ ଏହାର ଉତ୍ତରରେ ଆମେ କହିବୁ, କିଛି ଅଯୋଗ୍ୟ ବିଚାରକଙ୍କ ଚୟନିତ କିଛି ଅଯୋଗ୍ୟ ସାହିତ୍ୟିକ ହିଁ ଏ ପୁରସ୍କାର ମାନ ହାତେଇ ନେଉଛନ୍ତି । ପ୍ରକୃତରେ କ'ଣ ଏହା ସତ୍ୟ ? ନା, ଏହା ସଂପୂର୍ଣ୍ଣ ସତ୍ୟ ନୁହଁ । ଆଂଶିକ ସତ୍ୟ । କିଛି ଯୋଗ୍ୟ ବ୍ୟକ୍ତି ଯେ ଚୟନିତ ହୁଅନ୍ତି ନାହିଁ, ଏହା ଭାବିବା ଭୁଲ୍ । କିନ୍ତୁ ମୂଳକଥାଟି ହେଲା, ଯୋଗ୍ୟ ବ୍ୟକ୍ତିଙ୍କ ଗହଣରେ ଅଯୋଗ୍ୟ ଓ ଆଶାୟୀଙ୍କର ଭିଡ଼ ଏତେ ପ୍ରବଳ ଯେ, ଆମକୁ ଲାଗେ ଧୁଆ ମୂଳା ଅଧୁଆ ମୂଳା, ସବୁ ସମାନ ।

ଆଜିର ସମୟରେ, ସାହିତ୍ୟିକଟିଏ ଲେଖୁନଲେଖୁଣୁ ପୁରସ୍କାର ପାଇଯାଉଛି । ପୁରସ୍କାର ଦୋକାନରେ ବିକ୍ରି ହେବା ପରି ଜିନିଷ ହେଇ ସାରିଲାଣି । କିଛି ସଂସ୍ଥା ଏବଂ କିଛି ସଂଗଠକ ପୁରସ୍କାରକୁ ନେଇ ବେପାର ଖୋଲି ସାରିଲେଣି । ତେଣୁ ଲେଖା ଆରମ୍ଭ କରୁକରୁ ପୁରସ୍କାର ପାଇ ଯାଉଥିବା ଲେଖକଟି ଆଉ ନିଜ ଲେଖା ପ୍ରତି ସିରିୟସ୍ ହେଉନାହିଁ ? ସେ ତ ଆଗକୁ ଆଗ ଭଲ କିଛି ପୁରସ୍କାର ଗୋଟେଇ ନେବାର ରାସ୍ତା ତିଆରିରେ ବ୍ୟସ୍ତ ରହୁଛି । ଏମିତି ହିଁ ହେଉଛି ଆଜିର ଦିନରେ । ଯେଉଁମାନେ ପୁରସ୍କାର ପାଇଲେ, ତା'ପରଠୁ ସେମାନଙ୍କ ଲେଖାର ଉତ୍ତରଣ ତ ଚୁଲିକୁ ଗଲା, ସେମାନେ ଧରାକୁ ସରା ମଣୁଛନ୍ତି । ଆଉ ଥୋକେ ପୁରସ୍କାର ପାଇବା ପରେପରେ ସାକ୍ଷାତ୍‌କାର ଦେଇ କହୁଛନ୍ତି, "ଏ ପୁରସ୍କାର ମୋତେ ଆହୁରି ଦାୟିତ୍ୱଶୀଳ କରିଦେଲା ।" ପ୍ରକୃତ ଅର୍ଥରେ ଦାୟିତ୍ୱଫାୟିତ୍ୱ କିଛି ନୁହେଁ, ଫମ୍ପା ଆବାଜ୍ କରି ବାହାବା ନେବା ସେମାନଙ୍କ କାମ ।

ପୁରସ୍କାର ଲାଳସା ରଖି କେହି କେବେ ଲେଖେନାହିଁ ଏହା ସତ୍ୟ । କିନ୍ତୁ ଅଧୁନା ପୁରସ୍କାର ପ୍ରାପ୍ତିର ପ୍ରଲୋଭନ ସିଂହଭାଗ ଲେଖକଙ୍କୁ ଦିଗ୍‌ଭ୍ରଷ୍ଟ କରିଛି କହିଲେ କିଛି ଭୁଲ୍ ହେବନାହିଁ । ଫକୀରମୋହନ ସେନାପତି କେଉଁ ପୁରସ୍କାର ପାଇଥିଲେ ଆମେ ଜାଣୁନା । କିନ୍ତୁ କାଳଜୟୀ 'ରେବତୀ'ର ସ୍ରଷ୍ଟା ଭାବେ ସେ ବିଦିତ । ପୁରସ୍କାର ଲେଖକକୁ କେବେ ହେଲେ ପ୍ରସିଦ୍ଧି ଦିଏ ନାହିଁ, ଦିଏ ତାଙ୍କ ଲେଖା । ଏଣୁ ନିଜ ଲେଖା ପ୍ରତି ଅଧିକ ଯତ୍ନଶୀଳ ହୋଇପାରିଲେ ଲେଖକଟିଏ ନିଶ୍ଚୟ ଯଶ ଓ ଖ୍ୟାତି ଅର୍ଜନ କରିପାରିବେ, ଏଥିରେ ସନ୍ଦେହ ନାହିଁ ।

ପୁରସ୍କାରର ଅନିବାର୍ଯ୍ୟତାକୁ ଏଡ଼େଇ ଦେଇ ହେବ ନାହିଁ ସତ, କିନ୍ତୁ ଏ ପ୍ରସଙ୍ଗରେ ଆଉ ଗୋଟେ ସମସ୍ୟା ଏବେ ଉତ୍କଟ ହୋଇପଡ଼ିଛି । ବଡ଼ବଡ଼ ସବୁ ପୁରସ୍କାର ତଥା ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ପ୍ରଦତ୍ତ ପୁରସ୍କାର ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ଏକ ବିଚାରକ ମଣ୍ଡଳୀ ଗଠନ କରାଯାଏ । କିନ୍ତୁ ବର୍ତ୍ତମାନ ଯୋଗ୍ୟ ବିଚାରକ ଚୟନ ପ୍ରକ୍ରିୟାରେ ବିଭ୍ରାଟ ଦେଖା ଯାଉଛି । ଅର୍ଥାତ୍ ଯୋଗ୍ୟ ବିଚାରକ ନହେଲେ ଯୋଗ୍ୟ ବ୍ୟକ୍ତି କିଏ ଚୟନ କରିବ ! ସାଧାରଣତଃ ସାହିତ୍ୟ ପୁରସ୍କାରଗୁଡ଼ିକ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ଦିଆ ଯାଇଥିବାରୁ ଉକ୍ତ ସରକାରୀ ସଂସ୍ଥାର ମୁଖ୍ୟ ବା ସଂପୃକ୍ତ ଅଧିକାରୀମାନେ ବିଚାରକ ଚୟନ କରିଥାନ୍ତି । ଏଇଠି ହିଁ ବିଭ୍ରାଟ ହୁଏ । ଯେଉଁ ଲେଖକଙ୍କ ତୁଷ୍ଟିକରଣରେ ମୁଖ୍ୟଜଣକ ସନ୍ତୁଷ୍ଟ ଥିବେ, ତାଙ୍କୁ ହିଁ ଚୟନ କରିବା ପାଇଁ ତାଙ୍କ ସପକ୍ଷବାଦୀ ବିଚାରକ ବା ମୁଖ୍ୟଙ୍କ ବୋଲକରା ବିଚାରକଙ୍କୁ ସେ ବାଛିବେ, ଏହା ସ୍ୱାଭାବିକ । ଫଳରେ ଯେଉଁ ଲେଖକଟି ଚାହିଁବ ସେ ଲେଖକ ଅକ୍ଳେଶରେ ପୁରସ୍କାର ହାତେଇ ନେଇପାରିବ । ଅଥଚ ଯୋଗ୍ୟ ଲେଖକ ଜଣକ ଏସବୁ ଠାରୁ ଦୂରରେ ଥାଇ ଅବହେଳିତ ହେବା ହିଁ ସାର ହେବ । ଏ ପ୍ରକାର ଦୃଷ୍ଟାନ୍ତ ଆମ ଓଡ଼ିଆ ସାହିତ୍ୟରେ ଏବେ ବିରଳ ନୁହେଁ ।

ଅଥଚ ଏହାର ପ୍ରତିକାର କ'ଣ- ସେ ବିଷୟରେ ନା ଆମ ଲେଖକ ସମାଜ ନା ସରକାରୀ ସଂସ୍ଥାର ବିଭାଗୀୟ ପଦାଧିକାରୀ, କେହି ବି ଚିନ୍ତା ପ୍ରକଟ କରୁନାହାନ୍ତି । ଫଳରେ ପୁରସ୍କାର ଏକ କଳଙ୍କିତ ଅଧ୍ୟାୟ ହେବାକୁ ବସିଲାଣି । ଏପରି ହେଲେ ଦିନ ଆସିବ ଯୋଗ୍ୟ ଲେଖକଟେ ପୁରସ୍କାର ନେବାକୁ ଭୟ କରିବ । ପୁରସ୍କାର ଆଉ ପ୍ରୋତ୍ସାହନର ବିଷୟ ନହୋଇ ହେବ ଆତଙ୍କର ଜପାମାଳି । 'ଭଲ ବିଚାରକ' ଚୟନ ପ୍ରକ୍ରିୟାଟିକୁ ସୁଦୃଢ଼ କଲେ ଠିକ୍ ପ୍ରତିଭାଟି ଯୋଗ୍ୟ ବିବେଚିତ ହୋଇପାରିବ । ଅନ୍ୟଥା ପୁରସ୍କାର ଓ ବିଚାରକଙ୍କ ଲୁଚକାଳି ଖେଳ ଭିତରେ ବିଚରା ସ୍ୱାଭିମାନୀ ଯୋଗ୍ୟ ଲେଖକଟି ଉପେକ୍ଷିତ ହେବା ଛଡ଼ା ଉପାୟ କିଛି ନଥିବ । ଆସନ୍ତୁ ଆମେ ପୁରସ୍କାର ମନସ୍କ ନହୋଇ ଉତ୍କୃଷ୍ଟ ସର୍ଜନାରେ ମନୋନିବେଶ କରିବା ଓ ଆମ ସାରସ୍ୱତ ଭଣ୍ଡାରର ଶ୍ରୀବୃଦ୍ଧି ଦିଗରେ ଲାଗିବା ।




श्रीhari Inn
Live the life, the right way.
Luxurious Hospitality at a New Address
FACILITIES
• Travel Desk
• Multi Cuisine Family Restaurant
• 24 Hrs. Room Service Facilities
• Express Check in / Check out
• Wi-Fi Internet Connectivity
• All Major Cards Accepted
• Car Parking Facilities in front of Hotel
• Conference Hall to Accommodates 50 Pax
HOTEL & RESTAURANT
Station Road, Balasore, Mob : 9861036571, 7894544906
www.shreehariinn.com
facebook.com/shreehariinn

The **REBATI AMA MATIRA SWARA** • January 2019 Vol - 1 Issue - 4 • R.N.I. Title Code : ODIODI 07916 • Rs. 30
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**